As Per Model CBCS Syllabus , Odisha

+୩

ପ୍ରାଚୀନ ବିଶ୍ୱ ଇତିହାସର ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପଦ୍ଧତି

Social Formations and Cultural Patterns of Ancient World History

Semester- I

Core Course - II



ଶଶାଙ୍କ ଶେଖର ସାମଲ

କିତାବ ମହଲ

Sonali Maharana (Lipi)

+୩

ପ୍ରାଚୀନ ବିଶ୍ୱ ଇତିହାସର
ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପଦ୍ଧତି

KM KITAB MAHAL
College Square
Cuttack-75300

As Per Model C B C S Syllabus, Odisha

+୩

ପ୍ରାଚୀନ ବିଶ୍ୱ ଇତିହାସର ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପଦ୍ଧତି

Social Formations and Cultural Patterns of the Ancient World History

Semester – I
Core Course – II

ଡକ୍ଟର ଶଶାଙ୍କ ଶେଖର ସାମଲ

ଏମ୍.ଏ., ଏମ୍.ଫିଲ୍, ପିଏଚ୍.ଡି. (ଉତ୍କଳ), ଏଲ୍.ଏଲ୍.ବି, କୋବିଦ(ହିନ୍ଦୀ)

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇତିହାସ ବିଭାଗ

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ

କିତାବ ମହଲ

କଲେଜ ସ୍କୋୟାର୍

କଟକ-୭୫୩୦୦୩

+୩ ପ୍ରାଚୀନ ବିଶ୍ୱ ଇତିହାସର ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପଦ୍ଧତି
Social Formations and Cultural Patterns of the Ancient World History
+୩ ପ୍ରଥମ ବର୍ଷ ଦ୍ୱିତୀୟ ପତ୍ର (ସମ୍ମାନ) ଛାତ୍ରଛାତ୍ରୀଙ୍କ ନିମନ୍ତେ

ଲେଖକ :
ଡକ୍ଟର ଶଶାଙ୍କ ଶେଖର ସାମଲ (ତରଣି)

ପ୍ରକାଶକ :
କିତାବ ମହଲ
ଜେସିକେ ଟାୱାର, କଲେଜ ସ୍କୋୟାର, କଟକ-୭୫୩୦୦୩
ଫୋନ୍ : (୦୬୭୧) ୨୫୪୮୩୩୩, ୨୫୪୮୩୦୧
e-mail : mail@kitabmahal.in

ପ୍ରଥମ ସଂସ୍କରଣ - ୨୦୧୬
ଦ୍ୱିତୀୟ ପରିମାର୍ଜିତ ସଂସ୍କରଣ - ୨୦୧୯

© ଶ୍ରୀମତୀ ସୁନନ୍ଦା ସାମଲ

We are committed to serve students with best of our knowledge and resources. We have taken utmost care and attention while preparing this book but we would beg to state that Authors and Publishers should not be held responsible for unintentional mistakes that might have crept in. However, errors brought to our notice, shall be gratefully acknowledged and attended to.

ମୁଦ୍ରଣ :
ଶକୁନ୍ତଳା ପ୍ରିଣ୍ଟର୍ସ
ବିଡାନାସି, କଟକ-୧୪

ଉତ୍ସର୍ଗ

ଅଜ୍ଞାନ ତିମିରରେ ଉବୁଟୁବୁ
+୩ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ହାତରେ
ଧରେଇ ଦେଉଛି ଏହି ପୁସ୍ତକରୂପୀ
ଜ୍ଞାନାଲୋକର ଦିହୁଡି
ଆଶା, ମନ ଓ ହୃଦୟରେ
ଜ୍ଞାନାଲୋକ ପ୍ରଜ୍ଜ୍ୱଳିତ କରି
ଫୁଟେଇ ଦେବ ଓଠରେ
ବିଜୟୋଲ୍ଲାସର ସରୁ ହସଧାରଟିଏ ।

ଶଶାଙ୍କ

ମୁଖବନ୍ଧ

"+୩ ପ୍ରାଚୀନ ବିଶ୍ୱ ଇତିହାସର ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପଦ୍ଧତି" ପୁସ୍ତକଟି ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ (ସମ୍ମାନ) ଛାତ୍ରଛାତ୍ରୀଙ୍କ ଦ୍ୱିତୀୟପତ୍ର ପାଇଁ ଉଦ୍ଦିଷ୍ଟ । ଉଚ୍ଚଶିକ୍ଷା ବିଭାଗଦ୍ୱାରା ନୂତନ ଭାବେ ପ୍ରବର୍ତ୍ତିତ ପାଠ୍ୟଖସଡା (ସି.ବି.ସି.ଏସ୍.) ଅନୁଯାୟୀ ପୁସ୍ତକଟି ପ୍ରସ୍ତୁତ । ବିଷୟଗୁଡ଼ିକ ଯେପରି ସହଜରେ ବୋଧଗମ୍ୟ ହୋଇପାରିବ, ସେଥିପାଇଁ ସରଳ ଓ ସାବଲୀଳ ଭାଷାରେ ବିଷୟଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ଉକ୍ତ ପୁସ୍ତକରେ ପ୍ରସ୍ଫୁଟିତ ବିଷୟଗୁଡ଼ିକ ଯଥା- ପୃଥିବୀପୃଷ୍ଠରେ ମାନବ ସଭ୍ୟତାର ଆବିର୍ଭାବ ଓ କ୍ରମବିକାଶ, ନୂତନ ପ୍ରସ୍ତର ଯୁଗର ସଂସ୍କୃତି (ଖାଦ୍ୟ ଉତ୍ପାଦନ, କୃଷି ଓ ପଶୁପାଳନର ଆରମ୍ଭ), କାଂସ୍ୟଯୁଗୀୟ ସଭ୍ୟତା, ମଧ୍ୟ ଓ ପଶ୍ଚିମ ଏସିଆର ଯାଯାବର ଗୋଷ୍ଠୀ (ଲୌହଯୁଗର ଆରମ୍ଭ ଏବଂ ପ୍ରଭାବ) ଓ ପ୍ରାଚୀନ ଗ୍ରୀସ୍‌ର ସଭ୍ୟତାକୁ ନେଇ ପୁସ୍ତକଟି ଆତ୍ମପ୍ରକାଶ କରୁଛି ।

ପୁସ୍ତକଟିରେ ଅନିଚ୍ଛାକୃତ ତ୍ରୁଟି ରହିଥାଇପାରେ; ମାତ୍ର ଏଥି ନିମନ୍ତେ ମୂଲ୍ୟବାନ୍ ପରାମର୍ଶ ଓ ସଂଶୋଧନୀ ପ୍ରସ୍ତାବ ସର୍ବଦା ସ୍ୱାଗତଯୋଗ୍ୟ, ଯାହାକି ପରବର୍ତ୍ତୀ ସଂସ୍କରଣରେ ସ୍ଥାନିତ ହେବ ।

ପୁସ୍ତକଟି ରଚନା କରିବା ପାଇଁ ମୋତେ ବିଶେଷ ରୂପରେ ପ୍ରୋତ୍ସାହିତ ଏବଂ ଦିଗ୍‌ଦର୍ଶନ କରିଥିବା ଶ୍ରୀଯୁକ୍ତ ମଦନ ମୋହନ ମହାପାତ୍ର, ଶ୍ରୀମତୀ ଦିଗମ୍ବରୀ ମହାପାତ୍ର, ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ଏବଂ ପ୍ରାଧ୍ୟାପିକା, ବିବେକାନନ୍ଦ ଆପାର୍ଟମେଣ୍ଟ, ବ୍ରହ୍ମପୁର, ଗଞ୍ଜାମ ଏବଂ ଧର୍ମପତ୍ନୀ ଶ୍ରୀମତୀ ସୁନନ୍ଦା ସାମଲଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଅର୍ପଣ କରୁଛି । ଜିଜ୍ଞାସାବଶତଃ ବାରମ୍ବାର ମୋତେ ପୁସ୍ତକ ସମ୍ପୂର୍ଣ୍ଣ କରିବା ପାଇଁ ଉତ୍ସାହିତ କରିଥିବା ଯୋଗୁଁ ଝିଅ ସୋନି, ପୁଅ ସୋନୁ, ଭ୍ରାତୃପ୍ରତିମ ଡ଼ଃ ପ୍ରଦୀପ୍ତ କୁମାର ଗାହାଣ, ପ୍ରାଧ୍ୟାପକ, ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ, ଜୟଦେବ ବିହାର, ଭୁବନେଶ୍ୱର, ମୋର ପ୍ରିୟ ଛାତ୍ର ଶ୍ରୀଯୁକ୍ତ ବିଜୟ କୁମାର ପ୍ରଧାନ, ଅତିଥି ଅଧ୍ୟାପକ, ଶଶୀଭୂଷଣ ରଥ, ମହିଳା ମହାବିଦ୍ୟାଳୟ ବ୍ରହ୍ମପୁର ଏବଂ ପ୍ରିୟ ଛାତ୍ରୀ ଶ୍ରୀମତୀ ସ୍ୱାତୀ ଦୀପା ସ୍ୱାଇଁ, ଅତିଥି ଅଧ୍ୟାପିକା, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମଙ୍କୁ ହୃଦୟର ସହିତ ଧନ୍ୟବାଦ ଅର୍ପଣ କରୁଛି । କିତାବ ମହଲ ପ୍ରତିଷ୍ଠାନର ସମସ୍ତ ସଦସ୍ୟ ଏବଂ ଏହି ବହିର ପ୍ରକାଶକ ତଥା କିତାବ ମହଲ, କଟକର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ଖଣ୍ଡାୟୀ ଭାଇଙ୍କ ଉତ୍କଣ୍ଠା, ବାରମ୍ବାର ପ୍ରରୋଚନା, ପ୍ରୋତ୍ସାହନ ଏବଂ ତାଗିଦ୍ ଯୋଗୁଁ ପୁସ୍ତକ ଲିଖନରେ କ୍ଷିପ୍ରତା ଆସିଥିଲା । ସେମାନଙ୍କଦ୍ୱାରା ବିଶେଷ ରୂପରେ ଉତ୍ସାହିତ ହୋଇ ଏହି ପୁସ୍ତକ ରଚନା କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ପରିଶେଷରେ ଏହି ପୁସ୍ତକଟି ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତା ପୂରଣ ପୂର୍ବକ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଦ୍ୱାରା ସମାଦୃତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଶ୍ରୀପୁଷ୍ପିତା, ୨୦୧୯

ଡକ୍ଟର ଶଶାଙ୍କ ଶେଖର ସାମଲ

MODEL SYLLABUS
HISTORY (Core Course - II)

SOCIAL FORMATIONS AND CULTURAL PATTERNS OF THE ANCIENT WORLD

UNIT – 1 : **Evolution of Humankind :**

1. Evolution of Man
2. Paleolithic cultures
3. Mesolithic cultures

UNIT – 2 : **Neolithic Culture :**

1. Food Production
2. Development of Agriculture
3. Animal Husbandry

UNIT – 3 : **Bronze Age Civilizations :**

1. Egypt
2. Mesopotamia (Sumeria and Babylonia)
3. China (Shang)

UNIT – 4 : **Ancient Greece :**

1. Athens and Sparta
2. Politics, Economic
3. Culture

❑❑❑

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
	ପ୍ରଥମ ଏକକ (UNIT – I)	
୧ ।	**ପୃଥିବୀପୃଷ୍ଠରେ ମାନବ ସଭ୍ୟତାର ଆବିର୍ଭାବ ଓ କ୍ରମବିକାଶ** **(କ) ପୃଥିବୀପୃଷ୍ଠରେ ମଣିଷର କ୍ରମବିକାଶ (ବିବର୍ତ୍ତନ); ପୃଥିବୀପୃଷ୍ଠରେ ମଣିଷର କ୍ରମବିକାଶ (ବିବର୍ତ୍ତନ);** ମଣିଷ ଏବଂ ବିବର୍ତ୍ତନ, ସୃଷ୍ଟି ତତ୍ତ୍ୱ ସମ୍ବନ୍ଧିତ ପ୍ରାଚୀନତମ କାହାଣୀ, ବୈଜ୍ଞାନିକ ସିଦ୍ଧାନ୍ତ ଏବଂ ଅବତାରଣା, ଆମୋଇବାଠାରୁ ମଣିଷ ପର୍ଯ୍ୟନ୍ତ ବିବର୍ତ୍ତନର ସ୍ୱରୂପ, ଉଚ୍ଚ ବିକଶିତ ସ୍ତରର ସ୍ତନ୍ୟପାୟୀ ଜୀବ, ମନୁଷ୍ୟ ସଦୃଶ ପଶୁ (ହୋମିନିଡ୍), ଜାଭା ମଣିଷ, ପେକିଂ ମାନବ, ଆଧୁନିକ ମଣିଷର ବିବର୍ତ୍ତନ; **(ଖ) ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି :** ସଂପ୍ରଦାୟ ଗଠନ, ଉପାଦାନ; **ନିମ୍ନ (ଅନୁନ୍ନତ) ପ୍ରସ୍ତର ଯୁଗ ଅଥବା ଶିକାରୀ-ସଂଗ୍ରହକାରୀ ସଂସ୍କୃତି ଓ ସଭ୍ୟତା :** ଆବ୍‌ବେଭିଲୀୟ ସଂସ୍କୃତି, ଆଚେଉଲୀୟ ସଂସ୍କୃତି, କ୍ଲାକ୍‌ଟୋନୀୟ ସଂସ୍କୃତି, ଲେଭାଲ୍ଲୋଇସୀୟ ସଂସ୍କୃତି, ପୁରାତନ ପ୍ରସ୍ତର ଯୁଗର ଅନ୍ୟାନ୍ୟ ଯନ୍ତ୍ରପାତି; **ଭାରତର ପୁରାତନ ପ୍ରସ୍ତର ଯୁଗୀୟ ସଭ୍ୟତା; ପୃଥିବୀପୃଷ୍ଠରେ ବିକଶିତ ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତାର ବୈଶିଷ୍ଟ୍ୟ :** ସାମାଜିକ ଜୀବନ, ଅର୍ଥନୈତିକ ଜୀବନ, କାରିଗରି ଜ୍ଞାନକୌଶଳ ଏବଂ ଚିତ୍ରକଳା, ଧର୍ମବିଶ୍ୱାସ, ନିଆଁର ଉଦ୍ଭାବନ, ଭାଷାର ଉଦ୍ଭାବନ; **(ଗ) ମଧ୍ୟ-ପ୍ରସ୍ତର ଯୁଗର ସଂସ୍କୃତି :** ମଧ୍ୟ-ପ୍ରସ୍ତର ଯୁଗର ସ୍ଥାନ ଓ ସମୟ, ମଧ୍ୟ-ପ୍ରସ୍ତର ଯୁଗର ସ୍ଥାନ ଓ ଯନ୍ତ୍ରପାତି; ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତିଗୁଡ଼ିକର ପ୍ରକାରଭେଦ : ଅର୍ଦ୍ଧଚନ୍ଦ୍ରାକୃତି କିମ୍ବା ବକ୍ରାକୃତି ଯନ୍ତ୍ରପାତି, ତ୍ରିକୋଣି ଯନ୍ତ୍ରପାତି, ଟ୍ରାପେଜ୍ ଯନ୍ତ୍ରପାତି, ପୋଡାଯାଇଥିବା ଯନ୍ତ୍ରପାତି, ଅଗ୍ରଭାଗ କଟାଯାଇଥିବା ଛୁରୀ, ରାମ୍ପିବା ଯନ୍ତ୍ରପାତି, ଅତିକ୍ଷୁଦ୍ର ଖୋଦନକାରୀ ଯନ୍ତ୍ର, ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତିଗୁଡ଼ିକର ଶ୍ରେଣୀବିଭାଗ; **ମଧ୍ୟ-ପ୍ରସ୍ତର ଯୁଗର ସ୍ଥାନ ଏବଂ ସଂସ୍କୃତି :** ଆଜିଲୀୟ ସଂସ୍କୃତି, ଟୋର୍‌ଡେନୋଇସୀୟ ସଂସ୍କୃତି, ଅସ୍ତୁରୀୟ ସଂସ୍କୃତି, ଲାର୍‌ନୀୟ ସଂସ୍କୃତି, କିଚେନ୍ ମିଡ୍ଡେନ୍ ସଂସ୍କୃତି, ମାଗ୍ଲେମୋସୀୟ ସଂସ୍କୃତି, ଆର୍ଟେବୋଲେ ସଂସ୍କୃତି; **ଭାରତୀୟ ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତା; ମଧ୍ୟ-ପ୍ରସ୍ତରଯୁଗୀୟ ସଂସ୍କୃତିର ବୈଶିଷ୍ଟ୍ୟ:** ଅର୍ଥନୈତିକ ଜୀବନ, ସାମାଜିକ ଜୀବନ, ମାଟିପାତ୍ର, ଅଳଙ୍କାର ଓ ପ୍ରସାଧନ, ଧର୍ମବିଶ୍ୱାସ, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ କାରିଗରି ଜ୍ଞାନକୌଶଳ ଏବଂ **ଆଦର୍ଶ ପ୍ରଶ୍ନାବଳୀ ।**	୧-୨୪
	ଦ୍ୱିତୀୟ ଏକକ (UNIT – II)	
୨ ।	**ନୂତନ ପ୍ରସ୍ତର ଯୁଗର ସଂସ୍କୃତି** ପୁରାତନ ଏବଂ ମଧ୍ୟ ପ୍ରସ୍ତର ଯୁଗର ସଂସ୍କୃତି ଓ ସଭ୍ୟତା; ଭାରତର ନୂତନ ପ୍ରସ୍ତରଯୁଗୀୟ ସଂସ୍କୃତି; ନୂତନ ପ୍ରସ୍ତର ଯୁଗରେ ସାଂସ୍କୃତିକ ଜୀବନର ବିକାଶ; ଯନ୍ତ୍ରପାତି ନିର୍ମାଣ, ମାଟିପାତ୍ର	୨୫-୪୮

ଅଧ୍ୟାୟ	ବିଷୟ	ପୃଷ୍ଠା
	ନିର୍ମାଣ, କୃଷି, ପଶୁପାଳନ, ବୟନ ଶିଳ୍ପ, ବେତ ଓ ବାଉଁଶ କାମ, ବାସଗୃହ ନିର୍ମାଣ, ଗୋଷ୍ଠୀଗତ ଜୀବନ, ଦଳପତିର ଆବିର୍ଭାବ, ଖାଦ୍ୟ ଏବଂ ପରିଧେୟ, ଚକର ଉଦ୍ଭାବନ, ବିନିମୟ ପଦ୍ଧତି, ଧାତୁର ବ୍ୟବହାର, ଧାର୍ମିକ ବିଶ୍ୱାସ; **(କ) ଖାଦ୍ୟ ଉତ୍ପାଦନ; ପୃଥିବୀର ଅନ୍ୟାନ୍ୟ କେତେକ ସ୍ଥାନରେ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟା;** ଆନାତୋଲିଆ, ଇଉରୋପ, ଭୂମଧ୍ୟସାଗରୀୟ ଅଞ୍ଚଳ, ମେସୋ-ଆମେରିକା, ଚୀନ, **(ଖ) କୃଷିର ବିକାଶ; କୃଷିକାର୍ଯ୍ୟର** ଆରମ୍ଭ ସମ୍ପର୍କରେ ବିଭିନ୍ନ ମତବାଦ ଏବଂ ପ୍ରତିକୃତି, ମରୁଦ୍ୟାନ ମତବାଦ, ଜନସଂଖ୍ୟା ସମ୍ବନ୍ଧୀୟ ପ୍ରତିକୃତି, ପଦ୍ଧତି ସମ୍ବନ୍ଧୀୟ ମତବାଦ, ଗଛଲତା ପୋଷଣ ଏବଂ ଜୀବଜନ୍ତୁ ପାଳନ, ଗୃହପୋଷଣ ବୃକ୍ଷଲତା, ଗୃହପାଳିତ ପଶୁ, ପ୍ରାଥମିକ ପର୍ଯ୍ୟାୟର କୃଷିସ୍ଥଳ, **(ଗ) ପଶୁପାଳନ;** ଗୃହପାଳିତ ପଶୁ (ପଶୁପାଳନ), ପଶୁପାଳନ ସମ୍ପର୍କିତ ଯାଯାବର ଜୀବନ, ପଶୁପାଳନ ସମ୍ପର୍କିତ ଯାଯାବର ଧର୍ମ-ଏକ ସର୍ବେକ୍ଷଣ, ବିଭିନ୍ନ ଅଞ୍ଚଳ, ଗତିଶୀଳତାର ବିସ୍ତୃତି, ସାମାଜିକ ଏବଂ ଅର୍ଥନୈତିକ ଜୀବନ ଏବଂ **ଆଦର୍ଶ ପ୍ରଶ୍ନାବଳୀ ।**	

ତୃତୀୟ ଏକକ (UNIT - III)

୩ ।	**କାଂସ୍ୟଯୁଗୀୟ ସଭ୍ୟତା**	**୫୯-୧୨୨**
	ପ୍ରାଚୀନ ସଭ୍ୟତା - (କ) ମିଶର ଦେଶ (ଇଜିପ୍ଟ)ର ସଭ୍ୟତା ଅଥବା ନୀଳନଦୀ ଉପତ୍ୟକାର ସଭ୍ୟତା : କାଂସ୍ୟଯୁଗୀୟ ସଭ୍ୟତା, ଆମ୍ରି ସଂସ୍କୃତି, ଗାର୍ଜି ସଂସ୍କୃତି, **ପୁରାତନ** ମିଶରୀୟ ସଭ୍ୟତାର ଚାରିତ୍ରିକ ବୈଶିଷ୍ଟ୍ୟ (ଖ୍ରୀ.ପୂ. ୫୦୦୦ ରୁ ଖ୍ରୀ.ପୂ. ୨୯୦୦ ପର୍ଯ୍ୟନ୍ତ), ଉପର ମିଶର ରାଜ୍ୟ, ତଳ ମିଶର ରାଜ୍ୟ, ପୁରାତନ ମିଶର ରାଜ୍ୟ; **ପୁରାତନ ରାଜ୍ୟ, ମିଶରର ପିରାମିଡ ଯୁଗ-ପୁରୁଣା ରାଜ୍ୟ :** ଜୋସର, ଫାରୋ, ଖୁଫୁ, ଖାଫ୍ରେ, ପ୍ରଥମ ସାମୟିକ ଅଥବା ମଧ୍ୟବର୍ତ୍ତୀ ସମୟ (ଖ୍ରୀ.ପୂ. ୨୨୦୦ ରୁ ୧୯୮୯ ପର୍ଯ୍ୟନ୍ତ), ମଧ୍ୟବର୍ତ୍ତୀ ରାଜ୍ୟ, ସମ୍ଭ୍ରାନ୍ତ ଗୋଷ୍ଠୀର ଅଭ୍ୟୁଦୟ, ଆମେନେମ୍ ହିଟ୍ ୧ମ, ସୋନୁଶ୍ରେଟ-୧ମ, ସୋନୁଶ୍ରେଟ୍-୨ୟ ଏବଂ ୩ୟ, ମିଶର ଉପରେ ହ୍ୟାକୋ ଆକ୍ରମଣ, ନୂତନ ରାଜ୍ୟ ଏବଂ ମିଶରୀୟ ସାମ୍ରାଜ୍ୟ ସ୍ଥାପନ, ଅହମୋସ୍, ନୂତନ ରାଜ୍ୟର ରାଜାମାନଙ୍କର କୃତିତ୍ୱ, ଆମେନ୍‌ହୋଟିପ୍-୧ମ, ତୁତ୍‌ମୋସ୍-୧ମ, ରାଜା ତୁତ୍‌ମୋସ୍-୨ୟ ଏବଂ ରାଣୀ ହାତ୍‌ଶେପ୍‌ସୁତ୍, ତୁତ୍‌ମୋସ୍-୩ୟ, ଆମେନ୍‌ହୋଟିପ୍-୨ୟ, ତୁତ୍‌ମୋସ୍-୪ର୍ଥ, ଆମେନ୍‌ହୋଟିପ୍-୪ର୍ଥ (ଆଖନାଟନ), ତୁତାନ୍‌ଖାମେନ୍, ହାର୍‌ମାହାବ ରାମସେସ୍-୧ମ, ରାମସେସ୍-୨ୟ, ମାରେନ୍ ପିତୋଃ, ମିଶରୀୟ ସାମ୍ରାଜ୍ୟର ପତନ, ରାମସେସ୍-୩ୟ, **ମିଶରୀୟ ସଭ୍ୟତା ଓ ସଂସ୍କୃତି :** ରାଜନୈତିକ ଜୀବନ, ରାଜା ଓ ସମ୍ରାଟ୍, ସାମାଜିକ ଜୀବନ, ସମାଜରେ ନାରୀର ସ୍ଥାନ, ଗୃହ ନିର୍ମାଣ, ଖାଦ୍ୟ, ପୋଷାକ ପରିଚ୍ଛଦ ଓ ଅଳଙ୍କାର,	

ଅଧ୍ୟାୟ	ବିଷୟ	ପୃଷ୍ଠା
	ବିବାହ, ଅର୍ଥନୈତିକ ଜୀବନ, କୃଷି, ହସ୍ତଶିଳ୍ପ ଓ କାରିଗରି କାମ, ବ୍ୟବସାୟ ବାଣିଜ୍ୟ, ବାଣିଜ୍ୟପଥ, ଧାର୍ମିକ ବିଶ୍ୱାସ, ଶିକ୍ଷା ଓ ସାହିତ୍ୟ, ଶିକ୍ଷା, କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସ୍ଫିଙ୍କସ୍, ରଞ୍ଜିତ ଚିତ୍ର, ବିଜ୍ଞାନ କ୍ଷେତ୍ରରେ ଉନ୍ନତି, ଗଣିତ, ଗଣିତ ଜ୍ୟୋତିଷ (ଜ୍ୟୋତିର୍ବିଜ୍ଞାନ), ରସାୟନ ବିଦ୍ୟା, ମହୌଷଧି ଓ ଚିକିତ୍ସା, ଗୃହ ସରଞ୍ଜାମ, **(ଖ) ମେସୋପୋଟାମିଆର ସଭ୍ୟତା** (ଖ୍ରୀ.ପୂ. ୩୦୦୦- ଖ୍ରୀ.ପୂ. ୨୦୦୦), ମେସୋପୋଟାମୀୟ ସଭ୍ୟତାର ପ୍ରାକ୍-ଐତିହାସିକ ସ୍ଥିତି, **ସୁମେରୀୟ ସଭ୍ୟତା :** ରାଜନୈତିକ ଇତିହାସ, ଉରୁକ୍ ବଂଶ, ଉରୁ ରାଜବଂଶ, ଲାଗାଶ ରାଜବଂଶ, ଲୁଗାଲ୍‌ଯାଗେସି ରାଜବଂଶ, **ପ୍ରାଚୀନ ଆକ୍କାଦୀୟ ରାଜବଂଶ (ଖ୍ରୀ.ପୂ.୨୩୬୦-ଖ୍ରୀ.ପୂ.୨୧୮୦) :** ସାରାଗନ୍, **ନୂତନ ସୁମେରୀୟ ସମୟକାଳ (ଖ୍ରୀ.ପୂ. ୨୦୭୦-ଖ୍ରୀ.ପୂ. ୧୯୬୦) :** ଗୁଡ଼େଆ, ଉର୍-ନାମ୍ମୁ ଏବଂ ତାଙ୍କ ବଂଶଧର, ସୁମେରୀୟ ସଂସ୍କୃତି, ସାମାଜିକ ଜୀବନ, ଅର୍ଥନୀତି, ଧର୍ମଧାରା, ଲିଖନ ପଦ୍ଧତି, କଳାସ୍ଥାପତ୍ୟ, ଫଳିତ ଜ୍ୟୋତିଷ ଏବଂ ଗଣିତ ଜ୍ୟୋତିଷର ବିକାଶ, ଗିଲଗାମେଶ କାହାଣୀ, ବ୍ୟବସାୟ ବାଣିଜ୍ୟ, ସୁମେରୀୟ ସଭ୍ୟତାର ପତନ, **ବେବିଲୋନୀୟ ସଭ୍ୟତା :** ହାମ୍ମୁରାବୀ, ହାମ୍ମୁରାବୀଙ୍କ ସରକାର ଏବଂ ଆଇନ ସଂହିତା, କାସିତେ ରାଜବଂଶ, ପାଶେ ରାଜବଂଶ, ସାମାଜିକ ଜୀବନ, ଅର୍ଥନୈତିକ ଜୀବନ, **ବ୍ୟବସାୟ ବାଣିଜ୍ୟ,** ବିଜ୍ଞାନ, ଚାରୁକଳା ଏବଂ ସାହିତ୍ୟ, ଶିକ୍ଷା, ଧର୍ମ ଓ ଦର୍ଶନ, ବେବିଲୋନୀୟ ସଭ୍ୟତାର ପତନ, **ଆସିରୀୟ ସଭ୍ୟତା :** ଅସୁର-ଇବାଲ୍ଲିତି-୧ମ, ତିଗ୍ଲାଥ-ପିଲେସାର-୧ମ, ଅସୁର-ନାସିର୍-ପାଲ୍-୨ୟ, ସାଲ୍‌ମାନେସେର୍-୩ୟ, ତିଗ୍ଲାଥ ପିଲେସର୍-୩ୟ (ଖ୍ରୀ.ପୂ. ୭୪୪- ଖ୍ରୀ.ପୂ.୭୨୭), ସାରଗନ୍-୨ୟ (ଖ୍ରୀ.ପୂ. ୭୨୧- ଖ୍ରୀ.ପୂ. ୭୦୫), ଅସୁର ବନିପାଲ (ଖ୍ରୀ.ପୂ. ୬୬୯- ଖ୍ରୀ.ପୂ. ୬୩୩), ଆସିରୀୟ ସଭ୍ୟତା କାଳରେ ଲୋକଙ୍କ ଜୀବନଶୈଳୀ, ରାଜନୈତିକ ବିଚାରଧାରା ଏବଂ ସଂଗଠନ, ସାମାଜିକ ଜୀବନ, ଅର୍ଥନୈତିକ ଜୀବନ, ବିଜ୍ଞାନ ଏବଂ କାରିଗରି ଜ୍ଞାନକୌଶଳ, ଧାର୍ମିକ ଜୀବନ, ଶିକ୍ଷା ଓ ସାହିତ୍ୟ, କଳା ସ୍ଥାପତ୍ୟ, **(ଗ) ଚୀନ୍ ସଭ୍ୟତା :** ଭୌଗୋଳିକ ଅବସ୍ଥିତି ଏବଂ ସ୍ଥଳାକୃତି, ଚୀନ୍ ସଭ୍ୟତାର ପ୍ରାକ୍-ଐତିହାସିକ ପୃଷ୍ଠଭୂମି, ପୁରାତନ ଏବଂ ମଧ୍ୟପ୍ରସ୍ତର ଯୁଗୀୟ ସଭ୍ୟତା, ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା, ଚୀନ୍‌ରେ ରାଜନୈତିକ ବିକାଶ-ଶାଙ୍ଗ ରାଜବଂଶ, ଶାଙ୍ଗ ରାଜବଂଶ (ଖ୍ରୀ.ପୂ. ୧୭୬୬ ରୁ ୧୧୨୨), ଝଓ ରାଜବଂଶ (ଖ୍ରୀ.ପୂ. ୧୧୨୨ ରୁ ୨୫୬), ଗୃହଯୁଦ୍ଧ ଏବଂ ଝଓ ବଂଶର ପତନ, ଚିନ୍-ସି-ହ୍ୱାଂତି, ହାନ୍ ରାଜବଂଶ (ଖ୍ରୀ.ପୂ. ୨୦୨ - ୦୯), ଓ୍ୱୁ ତି, ରାଜନୈତିକ ପ୍ରତିଷ୍ଠାନ ଏବଂ ବିଚାରଧାରା, ବିଚାରଧାରା, ଭଗବାନଙ୍କ ବୈଧାନିକ ଆଦେଶ, ପୂର୍ବପୁରୁଷଙ୍କ ଉପାସନା, ସାମନ୍ତବାଦ, ରାଜନୈତିକ ଅନୁଷ୍ଠାନ, ଶାସନ ବିଧି, ଚୀନ୍ ସଭ୍ୟତାରେ ସାମାଜିକ ଜୀବନ, ଅର୍ଥନୈତିକ ଜୀବନ, **ଚୀନ୍ ସଭ୍ୟତାର ଅବଦାନ :** ଲିଖନ ପ୍ରଣାଳୀ, କଲମ, କାଳି ଓ ଦୁଆତ, କାଗଜ,	

ଅଧ୍ୟାୟ	ବିଷୟ	ପୃଷ୍ଠା
	ସାହିତ୍ୟ, ଇତିହାସ, ଶିକ୍ଷା, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, କାଚପାତ୍ର, ମାଟିପାତ୍ର ଏବଂ ରେଶମବସ୍ତ୍ର, ନାବିକ କମ୍ପାସ୍, ବାରୁଦ ଓ ଚା, ବ୍ୟବସାୟ ବାଣିଜ୍ୟ, ଶାସନ ପଦ୍ଧତି, ବିଜ୍ଞାନ, ମୁଦ୍ରଣ ଯନ୍ତ୍ର, ଭେଷଜ ଓ ଶଲ୍ୟ ବିଜ୍ଞାନ, ଧର୍ମ ଓ ଦର୍ଶନ, ଲାଓ-ସି, କନ୍‌ଫୁସିଅସ୍, ମେନ୍‌ସିଅସ୍ ଏବଂ **ଆଦର୍ଶ ପ୍ରଶ୍ନାବଳୀ ।**	

ଚତୁର୍ଥ ଏକକ (UNIT – IV)

୪ ।	**ପ୍ରାଚୀନ ଗ୍ରୀସ୍‌ର ସଭ୍ୟତା**	୧୨୩-୧୫୬
	ଗ୍ରୀସ୍‌ର ଭୌଗୋଳିକ ଅବସ୍ଥିତି ଏବଂ ସ୍ଥଳାକୃତି : ଜଳବାୟୁ, ଜନସାଧାରଣ; **(କ) ଏଥେନ୍‌ସ ଏବଂ ସ୍ପାର୍ଟା :** ରାଜତନ୍ତ୍ର, ଜମିଦାରୀ, ଡ୍ରାକୋ, ସୋଲେନ୍, ପିସିଷ୍ଟ୍ରାଟସ୍, କ୍ଲେଇସ୍ଥେନିସ୍, ନାଗରିକମାନଙ୍କର କର୍ତ୍ତବ୍ୟ, ପାରସ୍ୟର ଏଥେନ୍‌ସ ଆକ୍ରମଣ, ପେରିକ୍ଲିସ୍ ଯୁଗ, ପେଲୋପୋନେସୀୟ ଯୁଦ୍ଧ ଅଥବା ଏଥେନ୍‌ସ ଏବଂ ସ୍ପାର୍ଟା ମଧ୍ୟରେ ଯୁଦ୍ଧ, **ସ୍ପାର୍ଟା -** ରାଜନୈତିକ ସଂଗଠନ, ସମାଜ ବ୍ୟବସ୍ଥା, ମାସିଡୋନୀୟମାନଙ୍କର ଗ୍ରୀସ୍ ଆକ୍ରମଣ **(ଖ) ରାଜନୀତି :** ମିନୋଆନୀୟ ଏବଂ ମୈସେନୀୟ ସଂସ୍କୃତିର ଉତ୍ପତ୍ତି, ଆକିଆନ୍ ଡୋରୀୟ ଏବଂ ଅନ୍ୟାନ୍ୟ ପ୍ରାଚୀନତମ ନଗର ରାଜ୍ୟ, ମିନୋଆନୀୟ ମୈସେନୀୟ ସଭ୍ୟତା, ଲୌହ ଯୁଗରେ ପ୍ରାଥମିକ ପର୍ଯ୍ୟାୟର ଡୋରୀୟ ସଭ୍ୟତା, ନଗରରାଜ୍ୟ, ଅର୍ଥନୀତି **(ଗ) ସଂସ୍କୃତି :** ଗ୍ରୀସୀର ରାଜନୈତିକ ସଂଗଠନ ଏବଂ ଦର୍ଶନ, ରାଜନୈତିକ ସିଦ୍ଧାନ୍ତ କଳାସ୍ଥାପତ୍ୟ, ପାର୍ଥେନନ୍ ମନ୍ଦିର, ଇରେକ୍‌ଥେଅସ୍ ମନ୍ଦିର, ଭାସ୍କର୍ଯ୍ୟ, ରଞ୍ଜନ ଚିତ୍ର, ସଂଗୀତ, ସାହିତ୍ୟ, ଶିକ୍ଷା, ବିଜ୍ଞାନ, ଧର୍ମ ଓ ଦର୍ଶନ, ସକ୍ରେଟିସ୍, ପ୍ଲାଟୋ, ଆରିଷ୍ଟଟଲ୍ ଏବଂ **ଆଦର୍ଶ ପ୍ରଶ୍ନାବଳୀ ।**	

ପ୍ରଥମ ଏକକ
UNIT - I

ପୃଥିବୀପୃଷ୍ଠରେ ମାନବ ସଭ୍ୟତାର ଆବିର୍ଭାବ ଓ କ୍ରମବିକାଶ
(Evolution of Humankind)

(କ) ପୃଥିବୀପୃଷ୍ଠରେ ମଣିଷର କ୍ରମବିକାଶ (ବିବର୍ତ୍ତନ)

(ଖ) ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି

(ଗ) ମଧ୍ୟ ପ୍ରସ୍ତର ଯୁଗର ସଂସ୍କୃତି

ପୃଥିବୀ ପୃଷ୍ଠରେ ମାନବ ସଭ୍ୟତାର ଆର୍ବିଭାବ ଓ କ୍ରମବିକାଶ
(Evolution of Humankind)

(କ) ପୃଥିବୀପୃଷ୍ଠରେ ମଣିଷର କ୍ରମବିକାଶ (ବିବର୍ତ୍ତନ)

ଆମର ଏଇ ସବୁଜ ସୁନ୍ଦର ଆହ୍ଲାଦ ଦାୟିନୀ ପୃଥିବୀ ମାଆର ଜନ୍ମ ପ୍ରାୟତଃ ୫୦୦ ନିୟୁତ ବର୍ଷଠାରୁ ୪୬୦ ନିୟୁତ ବର୍ଷ ପୂର୍ବରୁ ହୋଇଥିଲା । ଏକ ପ୍ରାକୃତିକ ବିପର୍ଯ୍ୟୟ ଫଳରେ ସୂର୍ଯ୍ୟଙ୍କଠାରୁ ଏକ ଜ୍ୱଳନ୍ତ ବାଷ୍ପ ପିଣ୍ଡୁଳା ପୃଥକ୍ ହୋଇ ସୌରମଣ୍ଡଳର ଅନ୍ୟାନ୍ୟ ଗ୍ରହଗୁଡ଼ିକ ପରି ଏହା ମଧ୍ୟ ସୂର୍ଯ୍ୟଙ୍କ ଚାରିପଟରେ ଘୂରିବାକୁ ଲାଗିଲା । ସମୟକ୍ରମେ ଏହା ଥଣ୍ଡାହୋଇ କଠିନ ହୋଇଥିଲା ଏବଂ ବର୍ତ୍ତମାନ ଆମେ ରହୁଥିବା ପୃଥିବୀର ସୃଷ୍ଟି ହୋଇଥିଲା । ବର୍ତ୍ତମାନର ସ୍ୱରୂପ ଗ୍ରହଣ କରିବା ପୂର୍ବରୁ ଆଭ୍ୟନ୍ତରୀଣ ବିବଦମାନ ଶକ୍ତିଗୁଡ଼ିକ ଯୋଗୁଁ ପୃଥିବୀର ଅନେକ ପରିବର୍ତ୍ତନ ହୋଇଥିଲା । ସ୍ୱପୃଷ୍ଠସ୍ଥିତ ସାଗର ଏବଂ ବରଫ ଯୋଗୁଁ ପୃଥିବୀ ବାରମ୍ବାର ଅଶାନ୍ତ ଓ ବିପର୍ଯ୍ୟସ୍ତ ହୋଇଛି । ପୃଥିବୀର ଗୋଲାର୍ଦ୍ଧଗୁଡ଼ିକ ପ୍ରାୟତଃ ତୁଷାରାଚ୍ଛନ୍ନ ଅଟନ୍ତି ।

ପୃଥିବୀପୃଷ୍ଠରେ ମଣିଷର ସୃଷ୍ଟି ଏବଂ ପରବର୍ତ୍ତୀ ସମୟରେ ତା' ହୃଦୟରେ ଧାର୍ମିକ ଭାବନାର ଉଦ୍ରେକ ଯୋଗୁଁ ଧାର୍ମିକ ଦୃଷ୍ଟିକୋଣରୁ ସେ ପୃଥିବୀର ସୃଷ୍ଟି ସମ୍ବନ୍ଧରେ ଧାରଣା କରିନେଇଥିଲା; ଯଥା- ଉଭୟ ମଣିଷ ଓ ପୃଥିବୀ ସମକାଳରେ ଆଶ୍ଚର୍ଯ୍ୟଜନକ ଅଥବା ସ୍ୱତଃପ୍ରବୃତ୍ତ ଭାବରେ ସୃଷ୍ଟି ହୋଇଥିଲେ । ସୃଷ୍ଟି ସର୍ଜନା ସମ୍ବନ୍ଧରେ ସେମାନଙ୍କ ମନ ହୃଦୟରେ ସ୍ୱତଃପ୍ରବୃତ୍ତ ଭାବରେ ଜାଗ୍ରତ ହୋଇଥିଲା ଅନେକ ଅସମାହିତ ପ୍ରଶ୍ନରାଜି; ଯଥା- ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଆଲୁଅ କିଏ ଦେଲା ? ଚନ୍ଦ୍ରଗ୍ରହଣ ଓ କ୍ଷୟ କିଏ କରାଉଛି ? ବୃକ୍ଷଲତା ଓ ଜୀବଜନ୍ତୁ କିଏ ସୃଷ୍ଟି କରିଛି ? ଜଳ, ନିଆଁ, ମେଘ ଆଦିର ସୃଷ୍ଟିକର୍ତ୍ତା କିଏ ? ଇତ୍ୟାଦି ।

ପୃଥିବୀର ସୃଷ୍ଟି ସମ୍ବନ୍ଧରେ ବାଇବେଲ୍‌ର ବିଭିନ୍ନ ସମୟକାଳର ଭିନ୍ନ ଭିନ୍ନ କାହାଣୀ ଉପରେ ଖ୍ରୀଷ୍ଟିଆନମାନେ ବିଶ୍ୱାସ କରନ୍ତି । ଏ ସମ୍ବନ୍ଧରେ ବୈଜ୍ଞାନିକ ପ୍ରକୃତିର ଅନେକ ମତବାଦ ମଧ୍ୟ ରହିଛି; ଯଥା- ଆରିଷ୍ଟଟଲ୍ (୩୮୪-୩୨୨ ଖ୍ରୀ:ପୂ:)ଙ୍କ ପୃଥିବୀ ସର୍ଜନା ଉପରେ ପ୍ରାଚୀନ ଧାରଣା ଯେପରିକି, "ସୂର୍ଯ୍ୟ ଏକ ରଥ ଅଟନ୍ତି, ଯାହାଙ୍କୁ ନଭ ମଧ୍ୟରେ ଜଣେ ଦେବତା ଟାଣନ୍ତି ।" ତାଙ୍କ ମତରେ ପୃଥିବୀର ୫୫ ଗୋଟି ସମକୈନ୍ଦ୍ରିକ ମଣ୍ଡଳ ରହିଛି, ଯାହାକି ପ୍ରାକୃତିକ ନିୟମାନୁଯାୟୀ ସମାନ ଭାବରେ ଭାରସାମ୍ୟ ଓ ଦୂରତା ରକ୍ଷାକରି ଘୂରୁଛି । ଟଲେମି (ଖ୍ରୀ.ପୂ. ୨ୟ ଶତାବ୍ଦୀ)ଙ୍କ ମତରେ ପୃଥିବୀ ସ୍ଥିର ଅଛି ଏବଂ କେନ୍ଦ୍ରସ୍ଥଳ ଅଟେ, ଯାହାର ଚାରିପଟରେ ଗ୍ରହଗୁଡ଼ିକ ଘୂରୁଛନ୍ତି । କୋପରନିକସ୍ ୧୪୭୩-୧୫୪୩ ଖ୍ରୀ:ଅ:)ଙ୍କ ମତରେ ଏହି ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର ହେଉଛନ୍ତି ସୂର୍ଯ୍ୟ ଏବଂ ତାଙ୍କ ଚାରିପଟେ ଅର୍ଦ୍ଧ

ବୃତ୍ତାକାର ଭାବରେ ସମସ୍ତ ଗ୍ରହ ଘୂରୁଛନ୍ତି । ନିଉଟନ୍ (୧୬୪୨-୧୭୨୭ ଖ୍ରୀ:ଅ:)ଙ୍କ ମତରେ ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ସମସ୍ତ ଗ୍ରହନକ୍ଷତ୍ର ଟଣାଓଟରା ହୋଇ ଶୂନ୍ୟମଣ୍ଡଳରେ ଘୂରି ବୁଲୁଛନ୍ତି । ତେଣୁ କେହି କାହାରି ସହିତ ଧକ୍କା ହେଉନାହାନ୍ତି କିମ୍ବା ପଡ଼ିଯାଉ ନାହାନ୍ତି । ଆଇନ୍‌ଷ୍ଟାଇନ୍‌ଙ୍କ ମତରେ ସବୁ ଗତି ଆପେକ୍ଷିକ । ଆଲୋକର ଗତି ଅପରିବର୍ତ୍ତନୀୟ ଓ ସମୟ ସ୍ଥୂଳଜଗତର ଏକ ଚତୁର୍ଥ ବିମିତି (ଡାଇମେନ୍‌ସନ) ଅର୍ଥାତ୍ ସମସ୍ତ ଗ୍ରହନକ୍ଷତ୍ର ନିଜନିଜର ଆପେକ୍ଷିକ ଗତିରେ ପରିଚାଳିତ ଏବଂ ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ନିୟନ୍ତ୍ରିତ ଅଟନ୍ତି । ଏହିପରି ଭାବରେ ଆରିଷ୍ଟୋଟଲଙ୍କଠାରୁ ଆଇନ୍‌ଷ୍ଟାଇନ୍‌ଙ୍କ ପର୍ଯ୍ୟନ୍ତ ବିଗତ ସୁଦୀର୍ଘ ୨୦୦୦ ବର୍ଷ ମଧ୍ୟରେ ସୃଷ୍ଟି ସର୍ଜନାର ଗୂଢ଼ ରହସ୍ୟ କେବଳ ମାତ୍ର ଆଂଶିକ ଭାବରେ ବ୍ୟାଖ୍ୟା କରାଯାଇପାରିଛି ।

ଆଦିମ କାଳ ବାବଦରେ ବହୁତ କମ୍ ଜଣାଯାଏ, କାରଣ ପ୍ରମାଣ ପାଇଁ ଉଦ୍ଦିଷ୍ଟ ତଦାନୀନ୍ତନ ପ୍ରସ୍ତର ଖଣ୍ଡଗୁଡ଼ିକ ନୂତନ ପ୍ରସ୍ତର ଖଣ୍ଡଦ୍ୱାରା ପୋତି ହୋଇ ସ୍ଥିତି ହରେଇ ସାରିଛି । ଏହି ପ୍ରାଥମିକ ପର୍ଯ୍ୟାୟ ଥିଲା ପୃଥିବୀର ଗଠନ ସମୟ । ସେତେବେଳେ ପୃଥିବୀପୃଷ୍ଠରେ ଜୀବସତ୍ତା ବିଦ୍ୟମାନ ନ ଥିଲେ । ପ୍ରତ୍ନତାତ୍ତ୍ୱିକ ବ୍ୟାଖ୍ୟାରୁ ଆମେ ପ୍ରାଚୀନତମ ସମୟର ଭୂତତ୍ତ୍ୱ ଅର୍ଥାତ୍ ଜଳବାୟୁ ଓ ପର୍ଯ୍ୟାବରଣ ସମ୍ବନ୍ଧରେ ସମ୍ୟକ୍ ଭାବରେ ଜାଣିଥାଉ । ପ୍ରାଥମିକ ପର୍ଯ୍ୟାୟରେ ପୃଥିବୀପୃଷ୍ଠରେ ଅନେକଗୁଡ଼ିଏ ଆଗ୍ନେୟଗିରିର ଜନ୍ମହୋଇ ବିଶେଷ ରୂପରେ କ୍ଷୟକ୍ଷତି ଓ ପରିବର୍ତ୍ତନ କରିଥିଲା । ଏହାକୁ ଆର୍ଚ୍ଚେଇଓଜୋଇକ୍ ସମୟକାଳ କୁହାଯାଏ ଏବଂ ଏହା ଅନେକ ଶହ ନିୟୁତ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ପ୍ରାକ୍ କାମ୍ବ୍ରିଆନ୍ ଯୁଗର ଶେଷକାଳ ଅଥବା ପ୍ରୋଟେରେଜୋଇକ୍ କାଳ ମଧ୍ୟ ଆର୍ଚ୍ଚେଇଓଜୋଇକ୍ ସମୟ ପରି ଅନେକ ଶହ ନିୟୁତ ବର୍ଷ ପରିବ୍ୟାପ୍ତ ଥିଲା । ଏହାର ବିଶେଷତ୍ୱ ହେଉଛି ଯେ, ଏହି ସମୟ ମଧ୍ୟରେ ଅନେକ ପାହାଡ଼, ପର୍ବତ ସୃଷ୍ଟି ହୋଇଥିଲା । ସମ୍ଭବତଃ ପୃଥିବୀରେ ମାଟିର ମଧ୍ୟ ଗଠନ ହୋଇଥିଲା ଏବଂ ଜୀବସତ୍ତାର ସୃଷ୍ଟି ହୋଇଥିଲା । ଏହି ସମୟରେ ଠେକୁଆ, କୋକିଶିଆଳି ଆଦି ଜୀବଙ୍କର ପାଦଚିହ୍ନ ଓ ରହିବା ଗର୍ତ୍ତ, କ୍ଷୁଦ୍ର ମେରୁଦଣ୍ଡବିହୀନ କୀଟ ଯଥା- କୃମି, ଜିଆ ଆଦି ଖୋଳିଥିବା ଗାତ ଆଦିର ସନ୍ଧାନ ଅନେକ ସ୍ଥାନରୁ ମିଳିଛି । ଗ୍ରାଣ୍ଡ କେନୟନ୍ ଏବଂ ବ୍ରିଟିଶ୍ କଲମ୍ବିଆ ଆଦି ସ୍ଥାନରେ ଜୀବସତ୍ତାର ପ୍ରତିନିଧିତ୍ୱ କରୁଥିବା ଅନେକ ଜୀବାଶ୍ମର ସନ୍ଧାନ ମଧ୍ୟ ମିଳିଛି ।

ତା'ପରେ ଆରମ୍ଭ ହୋଇଥିଲା ଉଦ୍ଭିଦ ଓ ଅମେରୁଦଣ୍ଡୀ ଭୂତାତ୍ତ୍ୱିକ ଯୁଗ । ଏହି କାଳର ଅନେକ ଜୀବାଶ୍ମ ଆମର ହସ୍ତଗତ ହୋଇଛି । ଅନେକ ପ୍ରକାରର ଜୀବଜନ୍ତୁ, ଯଥା- ମଧୁର ଜଳର ମାଛ, କଙ୍କଡ଼ାବିଛା, ସରୀସୃପ, କୀଟପତଙ୍ଗ ଆଦିଙ୍କ ସୃଷ୍ଟି ହୋଇଥିବା ପ୍ରମାଣ ମଧ୍ୟ ମିଳୁଛି । ପୁନଶ୍ଚ ମଧ୍ୟ ଜୀବ ଭୂକାଳ ଅଥବା ମେସୋଜୋଇକ୍ ଯୁଗ ଯାହାକି ପ୍ରାୟତଃ ୨୨୦ ରୁ ୭୦ ନିୟୁତ ବର୍ଷ ପୂର୍ବେ ବିଦ୍ୟମାନ ତୃତୀୟ ଭୂତାତ୍ତ୍ୱିକ ଯୁଗ ସମୟରେ ଡାଇନୋସର, ସ୍ତନ୍ୟପାୟୀ ଜୀବ, ପକ୍ଷୀ ଓ ଫୁଲ ଫୁଟୁଥିବା ବୃକ୍ଷର ସୃଷ୍ଟି ହୋଇଥିଲା ।

ଭୂତତ୍ତ୍ୱ ପରିବର୍ତ୍ତନ ଯୁଗ ଅଥବା ସେନାଜୋଇକ୍ ଯୁଗରେ ପୃଥିବୀର ଭୂଭାଗରେ ବିଶେଷ ପରିବର୍ତ୍ତନ ହୋଇ ଅଧୁନା ସମୟରେ ବିଦ୍ୟମାନ ନଦୀ, ପର୍ବତ, ମୃତ୍ତିକା ଆଦିର ସୃଷ୍ଟି ହୋଇଥିଲା । ମିସିସିପି ଆଦି ନଦୀ, ଆଲପ୍ସ ଓ ହିମାଳୟ ଆଦି ପର୍ବତମାଳାର ସୃଷ୍ଟି ହୋଇଥିଲା । ଏହି ସମୟରେ ସ୍ତନ୍ୟପାୟୀ ଜନ୍ତୁ ସମଗ୍ର ପୃଥିବୀରେ ବ୍ୟାପୀ ଯାଇଥିଲେ । ଏହି ପ୍ରସ୍ତରୀଭୂତ ଜୀବାଶ୍ମ ଯୁଗରେ ପୁନଶ୍ଚ ବୃହତ୍ତମ ତୁଷାର ଯୁଗର ଆରମ୍ଭ ହୋଇଥିଲା । ପୃଥିବୀର ୮୦,୦୦,୦୦୦ ବର୍ଗ ମାଇଲ୍ ଅଞ୍ଚଳ ତୁଷାରାଚ୍ଛନ୍ନ ହୋଇ ରହିଥିଲା । ତୁଷାର ଯୁଗକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି; ଯଥା- ଅଙ୍ଗାରୋତ୍ପାଦକ ତୁଷାର ଯୁଗ ଏବଂ ବୃହତ୍ତମ ତୁଷାର ଯୁଗ ।

ଚାରିଆଡ଼େ ବରଫ ଢାଙ୍କି ହେବାରୁ ପର୍ଯ୍ୟାବରଣରେ ବିଶେଷ ଧରଣର ପରିବର୍ତ୍ତନ ହୋଇଥିଲା ତଥା ବରଫାଚ୍ଛନ୍ନ ନଦୀ ସବୁର ସୃଷ୍ଟି ହୋଇଥିଲା । ସମଗ୍ର ତୁଷାର ଯୁଗ ପ୍ରାୟ ୨୪,୬୦,୦୦୦ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ମଧ୍ୟ

ତୁଷାର ଯୁଗରେ ପର୍ଯ୍ୟାବରଣରେ ଉଷ୍ଣତା ସୃଷ୍ଟି ହେବାଯୋଗୁଁ ବରଫ ତରଳିବା ଆରମ୍ଭ ହୋଇଥିଲା ଏବଂ ପୃଥିବୀର ସ୍ୱରୂପରେ ପରିବର୍ତ୍ତନ ଘଟିଥିଲା । ଅନେକ ପର୍ବତ ସମତଳ ଭୂମିରେ ପରିଣତ ହୋଇଥିବା ବେଳେ ବରଫ ତରଳିବା ଯୋଗୁଁ ପୃଥିବୀପୃଷ୍ଠରେ ବିଶାଳ ଗର୍ତ୍ତ, ହ୍ରଦ ଓ ସମୁଦ୍ରର ସୃଷ୍ଟି ହୋଇଥିଲା । ତୁଷାର ଯୁଗ କେବଳ ପୃଥିବୀର ସ୍ୱରୂପରେ ପରିବର୍ତ୍ତନ କରି ନ ଥିଲା ଆହୁରି ମଧ୍ୟ ତୁଷାରାଚ୍ଛନ୍ନ ଅଞ୍ଚଳର ବୃକ୍ଷ ଓ ପଶୁପକ୍ଷୀଙ୍କ ଜୀବନରେ ମଧ୍ୟ ବିଶେଷ ପରିବର୍ତ୍ତନ ସଂଘଟିତ କରିଥିଲା । ଅନେକ ବୃକ୍ଷ ଓ ପଶୁ ଧ୍ୱଂସପାଇ ଯାଇଥିବା ବେଳେ ଅନେକ ନୂତନ ପ୍ରଜାତିର ସୃଷ୍ଟି ହୋଇଥିଲା । ପୃଥିବୀପୃଷ୍ଠରେ ଜୀବସତ୍ତାର ସୃଷ୍ଟି ଏବଂ ମାନବ ସଭ୍ୟତାର ଅଗ୍ରମାରମ୍ଭ ସମ୍ବନ୍ଧରେ ଆମେ ବିଶେଷ ଅନୁସନ୍ଧାନ, ପ୍ରତ୍ନତାତ୍ତ୍ୱିକ ଖନନ ଆଦିରୁ ଆବିଷ୍କୃତ ତଦାନୀନ୍ତନ ମଣିଷଦ୍ୱାରା ବ୍ୟବହୃତ ଯନ୍ତ୍ରପାତିରୁ ଜାଣିଥାଉ । ଯନ୍ତ୍ରପାତିଗୁଡ଼ିକ ପ୍ରସ୍ତରନିର୍ମିତ ହୋଇଥିବାରୁ ଏହି ଯୁଗକୁ ପ୍ରସ୍ତର ଯୁଗ ବୋଲି ନାମିତ କରାଯାଇଛି ।

ପୃଥିବୀପୃଷ୍ଠରେ ମଣିଷର ଜନ୍ମ (ଆବିର୍ଭାବ) ଏବଂ କ୍ରମବିକାଶ (ବିବର୍ତ୍ତନ)

ବିଶେଷଜ୍ଞମାନଙ୍କ ଗଣନା ଅନୁଯାୟୀ ପୃଥିବୀପୃଷ୍ଠରେ ବୃହତ୍ତମ ତୁଷାର ଯୁଗ ଖ୍ରୀ:ପୂ: ୧୨,୦୦୦ ବର୍ଷ ଯାଏଁ ରହିଥିଲା । ପରବର୍ତ୍ତୀ ତୁଷାର ଯୁଗ ଅଥବା ହୋଲୋସେନେ ଖ୍ରୀ:ପୂ:୧୨,୦୦୦ ବର୍ଷରୁ ଆରମ୍ଭ ହୋଇ ଅଦ୍ୟାବଧି ପ୍ରଚଳିତ ହୋଇ ଆସୁଛି । ପ୍ରାୟ ୩୫୦୦ ନିୟୁତ ବର୍ଷ ପୂର୍ବେ ପୃଥିବୀପୃଷ୍ଠରେ ସର୍ବପ୍ରଥମେ ଜୀବସତ୍ତାର ଆରମ୍ଭ ହୋଇଥିଲା । ଅନେକ ଶତ ନିୟୁତ ବର୍ଷ ପୂର୍ବ ପର୍ଯ୍ୟନ୍ତ ଜୀବସତ୍ତା କେବଳ ଗଛ ଓ ପଶୁପକ୍ଷୀଙ୍କଠାରେ ସୀମିତ ଥିଲା । ତୁଷାର ଯୁଗ ପୂର୍ବରୁ ଏବଂ ପୁଣି ତୁଷାର ଯୁଗ ପରେ ପୃଥିବୀପୃଷ୍ଠରେ ମଣିଷର ଆବିର୍ଭାବ ହୋଇଥିଲା ।

ମଣିଷ ଏବଂ ବିବର୍ତ୍ତନ

ପୃଥିବୀପୃଷ୍ଠରେ ଜୀବସତ୍ତା ଉତ୍ପତ୍ତିର ବ୍ୟାଖ୍ୟା କରିବା ମାନବ ଇତିହାସ ଅଧ୍ୟୟନର ଏକ ଜଟିଳ ଏବଂ ତାର୍କିକ ସମସ୍ୟା ଅଟେ । ମଣିଷର ଆବିର୍ଭାବ ଏବଂ ବିବର୍ତ୍ତନର ଗୂଢ଼ ରହସ୍ୟ ଉନ୍ମୋଚନ କରିବା ପାଇଁ ଯୁଗ ଯୁଗ ଧରି ମଣିଷ ନିଷ୍ଫଳ ପ୍ରୟାସ ହିଁ କରି ଆସୁଛି । ଏହି ସମସ୍ୟାର ସମାଧାନ ପାଇଁ ବିଜ୍ଞାନ ଓ ଧର୍ମ ମଧ୍ୟରେ ଦ୍ୱନ୍ଦ୍ୱ ଚାଲି ଆସୁଛି ।

ସୃଷ୍ଟି ତତ୍ତ୍ୱ ସମ୍ବନ୍ଧିତ ପ୍ରାଚୀନତମ କାହାଣୀ

ସୃଷ୍ଟିତତ୍ତ୍ୱ ସମ୍ବନ୍ଧୀୟ ପ୍ରଚଳିତ ପ୍ରାଚୀନତମ କାହାଣୀଗୁଡ଼ିକରେ ଅନ୍ୟାନ୍ୟ ଜୀବଙ୍କ ଉପରେ ମଣିଷର ଶ୍ରେଷ୍ଠତ୍ୱ ପ୍ରମାଣ କରିବା ଏବଂ ତା'ର ଅମରତ୍ୱକୁ ପ୍ରତିଷ୍ଠିତ କରିବା ପ୍ରୟାସ କରାଯାଇଛି । ପ୍ରାଚୀନତମ ସୃଷ୍ଟିତତ୍ତ୍ୱ ଶାସ୍ତ୍ରଗୁଡ଼ିକରେ କୁହାଯାଇଛି ଯେ, ଭଗବାନ୍ ମାଟିର ପିତୁଳାଟିଏ ଗଢ଼ି ଜୀବନ୍ୟାସ ଦେଇଥିଲେ ଏବଂ ସେ ହିଁ ହେଉଛି ମଣିଷ । ବାଇବେଲ୍ ଅନୁସାରେ ମାଟିର ପିତୁଳାଟିଏ ଗଢ଼ି ତା' ନାକପୁଡ଼ାରେ ଭଗବାନ୍ ନିଜ ନାକ ସାହାଯ୍ୟରେ ଜୀବନରୂପୀ ପ୍ରଶ୍ୱାସ ଭରି ଦେଇଥିଲେ । ଗ୍ରୀକ୍ ପୁରାଣ ଅନୁଯାୟୀ ଗ୍ରୀକ୍ ଭଗବାନ୍ ପ୍ରୋମେଥେୟସ୍ ହେଉଛନ୍ତି ମଣିଷ ଏବଂ ସମସ୍ତ ଜୀବଜନ୍ତୁଙ୍କ ସ୍ରଷ୍ଟା । ବୈଦିକ ଧର୍ମର ଉପନିଷଦ କୁହନ୍ତି ଯେ, ପ୍ରାକୃତିକ ପ୍ରକ୍ରିୟାରେ ପ୍ରଜନନକାରୀ ଭେରିଲି କେବେ ଆନନ୍ଦିତ ହୋଇ ପାରୁନଥିଲେ । ତେଣୁ ସିଏ ସାଥୀଟିଏ ପାଇଁ ନିଜକୁ ଦୁଇଖଣ୍ଡ କରି କାଟିଦେଇ ଜୀବନ୍ୟାସ ଦେବା ଫଳରେ ସ୍ତ୍ରୀ ଏବଂ ପୁରୁଷର ସୃଷ୍ଟି ହୋଇଥିଲା । ଏହିପରି କାହାଣୀ ଅନେକ ଦେଶରେ ପ୍ରଚଳିତ ଥିଲା ।

ବୈଜ୍ଞାନିକ ସିଦ୍ଧାନ୍ତ ଏବଂ ଅବତାରଣା

ଆମେ ନିଶ୍ଚିତ ରୂପରେ ଗ୍ରହଣ କରିବା ଯେ, ବୈଜ୍ଞାନିକମାନେ ଅଦ୍ୟାବଧି ଜୀବନ ବିକାଶର ଗୂଢ଼ ତତ୍ତ୍ୱକୁ ଉନ୍ମୋଚନ କରିପାରି ନାହାନ୍ତି । ଜୀବସୃଷ୍ଟି ନିମନ୍ତେ ପୃଥିବୀ ଉପରେ ସ୍ଥିତ କେତେକ ପ୍ରାକୃତିକ ଅବସ୍ଥା ମଧ୍ୟରେ କ୍ରିୟା

ପ୍ରତିକ୍ରିୟା ସଂଘଟିତ ହେବାରୁ ମଣିଷର ସୃଷ୍ଟି ହୋଇପାରିଛି, ଯେପରିକି ଅଧିକ ପରିମାଣର ଜଳ, ଜୀବନଧାରଣ ପାଇଁ ଉପଯୁକ୍ତ ପାଣିପାଗ ଓ ପର୍ଯ୍ୟାବରଣ ଏବଂ ଉପଲବ୍ଧ ଖାଦ୍ୟର ସୁଷମ ବଣ୍ଟନ ।

ପୃଥିବୀପୃଷ୍ଠରେ ମଣିଷ ସୃଷ୍ଟି ସମ୍ବନ୍ଧରେ ସମ୍ଭାବନାଯୁକ୍ତ ଦୁଇଗୋଟି ମତବାଦ ପ୍ରଚଳିତ ଅଛି । ପ୍ରଥମ ମତବାଦ ଯଥା- ଜୀବସତ୍ତା ପାଇଁ ଅତ୍ୟାବଶ୍ୟକ ମତବାଦ ଅନୁସାରେ ପୃଥିବୀପୃଷ୍ଠରେ ଜୀବନର ସୃଷ୍ଟି ହୋଇନାହିଁ । ଏହା ବାହାର ଜଗତରୁ ପୃଥିବୀକୁ ଆସିଛି । ଅନେକ ବୈଜ୍ଞାନିକ ମାନ୍ୟତା ଦେଇଥିବା ଦ୍ୱିତୀୟ ସୂତ୍ରଟି ହେଉଛି ଯାନ୍ତ୍ରିକ ମତବାଦ । ଏହି ସୂତ୍ର ଅନୁଯାୟୀ କେତେକ ଉପାଦାନର ପ୍ରାକୃତିକ ମିଳନ ଯୋଗୁଁ ଜୀବସତ୍ତାର ସୃଷ୍ଟି ହୋଇଛି ।

ଡାରୱିନ୍‌ଙ୍କ ମତରେ, ମଣିଷ ହେଉଛି ବାନର ବଂଶଜ ଏବଂ ଉତ୍ତରାଧିକାରୀ । ସମଗ୍ର ଜୀବନଚକ୍ରର ଏକ ବିସ୍ତାରିତ ବ୍ୟାଖ୍ୟା ହେଉଛି ବିବର୍ତ୍ତନ, ଯାହାର ମାତ୍ର ଏକ ଅଂଶ ଅଟେ ମଣିଷ ।

ଅଗଷ୍ଟାଇନ୍‌ଙ୍କ ମତରେ, ପୃଥିବୀପୃଷ୍ଠରେ ଦୁଇପ୍ରକାରର ଜୀବନ୍ତ ଉପାଦାନ ବିଦ୍ୟମାନ ଅଟନ୍ତି । ଗୋଟିକର ସୃଷ୍ଟିକର୍ତ୍ତା ସ୍ୱୟଂ ଭଗବାନ୍ ହୋଇଥିବା ବେଳେ ଅନ୍ୟଟି ପ୍ରାଥମିକ ପର୍ଯ୍ୟାୟରେ ନିଷ୍କ୍ରିୟ ହୋଇଥିଲେ ମଧ୍ୟ ପ୍ରାକୃତିକ ପର୍ଯ୍ୟାବରଣ ସଂସ୍ପର୍ଶରେ ଆସି କ୍ରମାନ୍ୱୟରେ ବିକଶିତ ହୋଇଥାଏ ।

ମୌପେର୍‌ଟୁଇସ୍‌ଙ୍କ ମତରେ, କେତେକ ଉପାଦାନର ବଂଶାନୁକ୍ରମିକ ଭାବରେ ଆକସ୍ମିକ ସଂଯୋଗ ନୂତନ ଉପାଦାନ ଅଥବା ଜୀବସତ୍ତା ସୃଷ୍ଟି କରିଥାଏ ।

ଆମୋଇବାଠାରୁ ମଣିଷ ପର୍ଯ୍ୟନ୍ତ ବିବର୍ତ୍ତନର ସ୍ୱରୂପ

ଶରୀରଭିତ୍ତିକ ଜୀବନର ଅୟମାରମ୍ଭ ଏକକୋଷୀ ପ୍ରାଣୀଠାରୁ ହୋଇଥିଲା ଏବଂ ବିବର୍ତ୍ତନ ପଥରେ ଆଗକୁ ଆଗକୁ ଅଗ୍ରସର ହୋଇ ନୂତନ ରୂପରେ ବିକାଶଲାଭ କରିଥିଲା । ପ୍ରଥମ ଜୀବସତ୍ତା ପାଣିରେ ସୂକ୍ଷ୍ମ ଏକକୋଷୀ ଜୀବାଣୁ ଅଥବା ଆମୋଇବାର ସ୍ୱରୂପ ଗ୍ରହଣ କରିଥିଲା । ଏହା ଆଦିଜୀବକ (ପ୍ରୋଟୋପ୍ଲାଜମ୍) ଅର୍ଥାତ୍ ଜେଲି ଅଥବା ଏକକୋଷୀ ଲିଙ୍ଗବିହୀନ ଥଲଥଲିଆ ଜୀବନ୍ତ ପଦାର୍ଥ, ଯାହାକି ପ୍ରାଣୀ ଓ ଉଦ୍ଭିଦ ଜୀବନର ଉତ୍ସ ଅଟେ । ଆଦିଜୀବକର ଚରିତ୍ରରେ ଆଠଗୋଟି ବିଶେଷ ଗୁଣ ରହିଛି; ଯଥା- ରାସାୟନିକ ଗଠନ, ଶାରୀରିକ ପଦାର୍ଥ, ଖାଦ୍ୟର ପ୍ରକ୍ରିୟାକରଣ, ଶାରୀରିକ ବୃଦ୍ଧି, ପୁନଃ ପ୍ରଜନନ, ନିୟମିତ ଭାବରେ ପୁନରାବୃତ୍ତି ହେଉଥିବା ଲୟ, ଆକାର ସମ୍ବନ୍ଧରେ ପରିବର୍ତ୍ତନଶୀଳ ଏବଂ ସହଯୋଗୀ ତଥା ନୂତନ ଅବସ୍ଥାକୁ ଗ୍ରହଣ କରି ଚଳିପାରିବା କ୍ଷମତା । ପ୍ରାଥମିକ ପର୍ଯ୍ୟାୟରେ ବିକଶିତ ଜୀବଗୁଡ଼ିକର ତଳ ଓ ଉପର ପାଟିରେ ହାଡ଼ ନ ଥିଲା ତଥା ସେମାନେ ଅବୟବବିହୀନ ଥିଲେ । ସେମାନଙ୍କର ହାଡ଼ ପରିବର୍ତ୍ତେ କଙ୍କାଳ ହେବାପାଇଁ କୋମଳ ଅସ୍ଥି ରହିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଯାଇଥିଲା ଅସ୍ଥି କଙ୍କାଳ, ଦୁଇଗୋଟି ଡେଣା ଏବଂ ଉପର ଓ ତଳ ପାଟିରେ ଦାନ୍ତ ରହିଥିବା ମାଛ । ତା'ପରେ ସୃଷ୍ଟି ହୋଇଥିଲେ ଉଭୟଚର ପ୍ରାଣୀ । ସେମାନେ ପେଟରେ ଭରାଦେଇ ଚାଲୁଥିବା ସରୀସୃପ ଜାତୀୟ ପ୍ରାଣୀ ଯଥା- କୁମ୍ଭୀର, ଝିଟିପିଟି ଆଦି । ସେମାନେ ଭୂଇଁରେ ଅଣ୍ଡା ଦେଉଥିଲେ ।

ତା'ପରବର୍ତ୍ତୀ ପର୍ଯ୍ୟାୟରେ ସୃଷ୍ଟି ହୋଇଥିଲେ ସ୍ତନ୍ୟପାୟୀ ଜୀବ ଏବଂ ପଶୁଜଗତରେ ସଂପୂର୍ଣ୍ଣ ବ୍ୟାପୀ ଯାଇଥିଲେ । ସେମାନେ ଲୋମଶ ଏବଂ ଉଷ୍ମ ରକ୍ତବିଶିଷ୍ଟ ଥିଲେ । ସେମାନେ ଛୁଆ ଜନ୍ମ କରୁଥିଲେ, ଛୁଆଙ୍କୁ ଲାଳନପାଳନ କରୁଥିଲେ ଏବଂ ଅଧିକ ବୁଦ୍ଧିମନ୍ତ ଥିଲେ । ଏହି ପ୍ରାଚୀନତମ ଗୋଷ୍ଠୀ ଗଛଗୁଡ଼ିକରେ ରହୁଥିଲେ । ଏହା ସେମାନଙ୍କ ଭିତରେ କ୍ଷିପ୍ରତା ଏବଂ ସହାୟତା ଭାବନା ବୃଦ୍ଧି କରିଥିଲା । ଅନେକ କ୍ଷେତ୍ରରେ ପରସ୍ପର ମଧ୍ୟରେ ଉତ୍ତେଜନା ଓ ଗଣ୍ଡଗୋଳ ମଧ୍ୟ ସୃଷ୍ଟି ହେଉଥିଲା । ଗଛ ଡାଳକୁ ସୁବିଧାରେ ଆଙ୍ଗୁଠିଗୁଡ଼ିକ ଦ୍ୱାରା ଧରିବା ପାଇଁ

ସେମାନଙ୍କର ଆଙ୍ଗୁଠି ଚଟକା ଏବଂ ମୁନିଆ ନଖଯୁକ୍ତ ହୋଇଥିଲା । ସେମାନଙ୍କ ଆଖିର ସ୍ଥିତି ଏପରି ଥିଲା ଯେ, କେବଳ ସିଧା ଦେଖିପାରୁଥିଲେ । ତା'ପରେ ସେମାନଙ୍କର ଗାଲ, ମାଢ଼ି ଏବଂ ନାକର ଆକାର ପରିବର୍ତ୍ତନ ହୋଇ ମୁହଁର ବିକାଶ ହୋଇଥିଲା । ଏହିପରି ଅବସ୍ଥାରୁ ଅନେକ ବର୍ଷ ପରେ ବିକଶିତ ହୋଇଥିବା ବାନର ଭାବଭଙ୍ଗୀରେ ତା' ପୂର୍ବପୁରୁଷଙ୍କ ଅପେକ୍ଷା ଅଧିକ ଉନ୍ନତ ଥିଲା । ଏହି ଲାଙ୍ଗୁଳବିହୀନ ବାନର (ଏପ୍)ମାନେ ମଣିଷର ପୂର୍ବଜ ଥିଲେ । ପ୍ରଥମେ ଚାରିପ୍ରକାର ପ୍ରାଗ୍‌ମାନବ (ବାନର) ଦେଖାଦେଇଥିଲେ; ଯଥା- ଗରିଲା, ସିମ୍ପାଞ୍ଜି, ଓରାଂଉଟାନ୍ ଏବଂ ଗିବନ୍ । ଏହି ମନୁଷ୍ୟ ସଦୃଶ ପଶୁ ଅଥବା ବାନରମାନେ ୬୫ ନିୟୁତ ବର୍ଷ ପୂର୍ବେ ପୃଥିବୀରେ ବିକାଶଲାଭ କରିଥିଲେ ।

ଉଚ୍ଚ ବିକଶିତ ସ୍ତରର ସ୍ତନ୍ୟପାୟୀ ଜୀବ

ଗଛରେ ଚଢ଼ିପାରୁଥିବା, ବିଶାଳ ଆଖିବିଶିଷ୍ଟ, ରାତିରେ ଚରାବୁଲା କରିପାରୁଥିବା ସ୍ତନ୍ୟପାୟୀ ଜୀବଙ୍କୁ ଆରଚୋନ୍ତା କୁହାଯାଏ । ସେମାନଙ୍କପରେ ପୃଥିବୀପୃଷ୍ଠରେ ଦେଖାଦେଇଥିଲେ ଉଚ୍ଚ ବିକଶିତ ସ୍ତରର ସ୍ତନ୍ୟପାୟୀ ଜୀବ, ଯଥା- ବାନର ଓ ମଣିଷସଦୃଶ ଜୀବ । ଏମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଏ; ଯଥା- ବାନର ସଦୃଶ ଜୀବ, ଯାହାକୁ ପ୍ରୋଜିମିଆନ୍ କୁହାଯାଏ ଏବଂ ମନୁଷ୍ୟ ସଦୃଶ ଜୀବ, ଯାହାଙ୍କୁ ଆନ୍ଥ୍ରୋପୋଏଡ଼ କୁହାଯାଏ । ଏମାନେ ଦିନବେଳେ କାର୍ଯ୍ୟକ୍ଷମ ଥିଲେ ତଥା ଫଳମୂଳ ଆଦି ଖାଉଥିଲେ । ଏହି ପ୍ରକାର ମଣିଷ ପ୍ରଥମେ ଆଫ୍ରିକା ମହାଦେଶରେ ୪୦ ନିୟୁତ ବର୍ଷ ପୂର୍ବେ ବିକାଶଲାଭ କରିଥିଲେ ।

ମନୁଷ୍ୟ ସଦୃଶ ପଶୁ (ହୋମିନିଡ୍)

୩୦ ନିୟୁତ ବର୍ଷ ପୂର୍ବେ ମନୁଷ୍ୟ ଆକାରର ବାନର ଗୋଷ୍ଠୀ ଦକ୍ଷିଣ ଆମେରିକାକୁ ଚାଲିଯାଇ ନିର୍ଜନ ଭାବରେ ରହୁଥିଲେ । ସେମାନଙ୍କୁ ନୂତନ ପୃଥିବୀର ବାନର କୁହାଯାଏ । ସେମାନଙ୍କର ଲାଙ୍ଗୁଡ଼ ବହୁତ ଲମ୍ବା ଥିଲା । ପ୍ରାୟ ୨୫ ନିୟୁତ ବର୍ଷ ପୂର୍ବେ ଆଫ୍ରିକାରେ ରହୁଥିବା ଏହି ମନୁଷ୍ୟ ଆକାରର ବାନରମାନେ ଦୁଇଗୋଟି ବଂଶାନୁକ୍ରମରେ ବିଭାଜିତ ହୋଇଥିଲେ; ଯଥା- ପୁରାତନ ପୃଥିବୀର ବାନର ଏବଂ ମନୁଷ୍ୟ ସଦୃଶ ପଶୁ ଅଥବା ପୃଥିବୀର ଆଦିମତମ ମାନବ । ପୁରାତନ ପୃଥିବୀର ବାନରମାନେ ଗଛରେ ଚଢ଼ୁଥିଲେ ତଥା ଅନେକେ ଭୂମି ଉପରେ ରହୁଥିଲେ । ସେମାନଙ୍କର ଉଭୟ ନାକପୁଡ଼ା ଲାଗିକରି ରହିଥିଲା ଏବଂ ଲାଙ୍ଗୁଡ଼ ଅଧିକ ଲମ୍ବା ଥିଲା ।

ମନୁଷ୍ୟ ସଦୃଶ ପଶୁ ଥିଲେ ପୃଥିବୀର ଆଦିମତମ ମନୁଷ୍ୟର ପୂର୍ବଜ । ଆଫ୍ରିକାରୁ ମିଳିଥିବା ଏହି ମଣିଷର ଜୀବାଶ୍ମ ୫ରୁ ୧୦ ନିୟୁତ ବର୍ଷ ପୁରୁଣା ଅଟେ । ବୈଜ୍ଞାନିକ ପଦ୍ଧତିରେ ଜୀବାଶ୍ମର ବିଶେଷ ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ, ମଣିଷ ହେଉଛି ସିମ୍ପାଞ୍ଜିର ବଂଶଧର । ସର୍ବପ୍ରଥମ ପ୍ରାଚୀନତମ ମଣିଷର ଜୀବାଶ୍ମ ୧୯୨୪ ମସିହାରେ ଆବିଷ୍କାର କରିଥିଲେ ଜୋହାନସବର୍ଗ (ଆଫ୍ରିକା)ର ପ୍ରଫେସର ରେମଣ୍ଡ ଡାର୍ଟ । ପ୍ରାଚୀନତମ ମଣିଷ (ହୋମିନିଡ୍)ମାନେ ଦୁଇଗୋଡ଼ ସାହାଯ୍ୟରେ ଚାଲୁଥିଲେ । ସେମାନେ ପ୍ରାୟ ତିନି ନିୟୁତରୁ ଅଧିକ ବର୍ଷ ପୂର୍ବେ ଆଫ୍ରିକା ମହାଦେଶରେ ବସବାସ କରୁଥିଲେ ।

ଜାଭା ମଣିଷ

ଇତିହାସ ଅଧ୍ୟୟନ, ଆବିଷ୍କୃତ ଜୀବାଶ୍ମଗୁଡ଼ିକର ନମୁନା ଉପରେ ଆଧାରିତ ଅଟେ । 'ଚାର୍ଲସ୍ ଡାରୱିନ୍‌ଙ୍କ ଲିଖିତ 'ଅନ୍ ଦ ଅରିଜିନ୍ ଅଫ୍ ସ୍ପେସିଜ୍' (୧୮୫୯) ପୁସ୍ତକ ପ୍ରକାଶିତ ହେବାପରେ ପୂର୍ବାପର ଘଟଣାଗୁଡ଼ିକୁ ସଂଯୋଗ କରୁଥିବା କଡ଼ିର କେତେକ ଅଂଶ ଉହ୍ୟ ହୋଇଯାଇଥିବା ବିଷୟ ଉପରେ ଲୋକଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା ।

ଏହି ପ୍ରଶ୍ନର ସମାଧାନ ପାଇଁ ଚେଷ୍ଟା କରିଥିଲେ ଡେନମାର୍କର ଜଣେ ଚିକିତ୍ସକ ଏବଂ ମଣିଷ ଶରୀର ଗଠନ ବିଜ୍ଞାନ ବିଶାରଦ ଇଉଗେନେ ଦୁବୋଇଜ୍ । ସେ ଜାଭା ଦ୍ୱୀପର ଏକ ପାହାଡ଼ ପାଖରେ ୧୮୯୧ ଖ୍ରୀ:ଅ:ରେ ପ୍ରତ୍ନତାତ୍ତ୍ୱିକ ଖନନ କରି ମଣିଷର ଖପୁରି ହାଡ଼ ଏବଂ ଜଙ୍ଘର ଏକ ହାଡ଼ ଆବିଷ୍କାର କରିଥିଲେ । ଜଙ୍ଘ ହାଡ଼ର ଆକାରରୁ ଜଣାପଡୁଛି ଯେ, ସେ ମଣିଷର ଗୋଡ଼ ସିଧା ଏବଂ ଲମ୍ବ ଥିଲା । ଖପୁରି ହାଡ଼ରୁ ଜଣାଯାଇଛି ଯେ, ସେ ମଣିଷର ଏକ ବଡ଼ ମସ୍ତିଷ୍କ ଥିଲା । ହାଡ଼ଗୁଡ଼ିକ ପ୍ରାୟ ୫୦ ନିୟୁତ ବର୍ଷ ପ୍ରାଚୀନ ଅଟନ୍ତି । ପୁନଶ୍ଚ ଏହା ହେଉଛି ସର୍ବପୁରାତନ ମଣିଷ ହାଡ଼ର ନମୁନା ।

ପେକିଂ ମାନବ

୧୯୨୦ ମସିହାରେ ଚୀନର ରାଜଧାନୀ ପେକିଂ (ବର୍ତ୍ତମାନର ବେଜିଂ)ଠାରୁ ମଣିଷର ଏକ ଖପୁରି ହାଡ଼ ଆବିଷ୍କାର କରାଯାଇଛି, ଯାହାର ସାମଞ୍ଜସ୍ୟ ଜାଭାଠାରୁ ମିଳିଥିବା ଖପୁରି ହାଡ଼ ସହିତ ରହିଛି । ଏହି କ୍ଷେତ୍ରରେ ପୁନଶ୍ଚ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ୧୪ଗୋଟି ଖପୁରି ହାଡ଼ ଏବଂ ପ୍ରସ୍ତରନିର୍ମିତ ବନ୍ଧୁର ଯନ୍ତ୍ରପାତି ଆବିଷ୍କାର କରାଯାଇଛି । ପେକିଂରୁ ଆବିଷ୍କୃତ ଏହି ଖପୁରି ହାଡ଼କୁ ପେକିଂ ମଣିଷର ବୋଲି ଆଖ୍ୟାୟିତ କରାଯାଇଛି । ଏଥିରୁ ଜଣାଯାଏ ଯେ, ପ୍ରାଚୀନତମ ମଣିଷ ବିକାଶଲାଭ କଲାପରେ ଇଉରୋପ, ଏସିଆ ଆଦି ମହାଦେଶକୁ ସ୍ଥାନାନ୍ତରିତ ହୋଇଥିଲେ ।

ଆଧୁନିକ ମଣିଷର ବିବର୍ତ୍ତନ

ମଣିଷର ବିବର୍ତ୍ତନବାଦର ଯାତ୍ରା ୬,୦୦,୦୦୦ ବର୍ଷ ପୂର୍ବେ ସଂପୂର୍ଣ୍ଣ ହୋଇଥିଲା, ଯେତେବେଳେ କି ଆଧୁନିକ ମଣିଷ ସର୍ବପ୍ରଥମେ ଆଫ୍ରିକା ମହାଦେଶରେ ପ୍ରତୀୟମାନ ହୋଇଥିଲା । ସର୍ବପୁରାତନ, ଆଧୁନିକ ମଣିଷ (ହୋମୋବେଡ଼େଲ୍‌ବରଜେନ୍‌ସିସ୍) ସମ୍ବନ୍ଧରେ ଇଥିଓପିଆରୁ ଆବିଷ୍କୃତ ୬,୦୦,୦୦୦ ବର୍ଷର ପୁରୁଣା ଏକ ଜୀବାଶ୍ମରୁ ଆମେ ଜାଣିପାରୁ । ଆହୁରି ମଧ୍ୟ ଆଫ୍ରିକାରୁ ପ୍ରାପ୍ତ ହୋମୋନିଣ୍ଡାରଥାଲେନ୍‌ସିସ୍ ମଣିଷର ଜୀବାଶ୍ମ ଆଧୁନିକ ମଣିଷର ସୃଷ୍ଟିକୁ ପ୍ରାୟ ୫,୦୦,୦୦୦ ବର୍ଷ ତଳକୁ ନେଇଯାଏ । ନିଣ୍ଡାର୍ଥେଲ୍ ମଣିଷମାନେ ଖର୍ବକାୟ ଏବଂ ବଳୁଆ ଥିଲେ । ଜର୍ମାନୀର ନିଣ୍ଡର ନଦୀ ଉପତ୍ୟକାରୁ ୧୮୫୬ ଖ୍ରୀ:ଅ:ରେ ସର୍ବପ୍ରଥମେ ଆବିଷ୍କୃତ ଜୀବାଶ୍ମକୁ ନିଣ୍ଡର ନଦୀର ନାମାନୁଯାୟୀ ନିଣ୍ଡାର୍ଥେଲ୍ ମଣିଷ ବୋଲି କୁହାଯାଏ । ନିଣ୍ଡାର୍ଥେଲ୍ ମଣିଷମାନେ ପ୍ରାୟ ୭୦,୦୦୦ ବର୍ଷ ପୂର୍ବେ ଆଫ୍ରିକା, ଇଉରୋପ ଏବଂ ଏସିଆରେ ବ୍ୟାପକ ଭାବରେ ବସବାସ କରୁଥିଲେ । ପୃଥିବୀରେ ଆଜିକାଲି ରହୁଥିବା ମଣିଷଙ୍କ ପୂର୍ବପୁରୁଷଙ୍କ ବିକାଶ ହୋଇଥିଲା ୩୦,୦୦୦ ବର୍ଷ ପୂର୍ବେ ।

ବାସ୍ତବରେ ଆମେ ମଣିଷମାନେ ବିବର୍ତ୍ତନସମ୍ଭୂତ ଅଟୁ । ପ୍ରାଚୀନ କାଳରେ ଆମର ପୂର୍ବପୁରୁଷମାନେ ବିଜ୍ଞତାର ଛଳନାକାରକ ଥିଲେ । ମାନସିକ ଅଥବା ବୌଦ୍ଧିକ ଶକ୍ତିର ଉନ୍ନତି ହେଉଛି ବିବର୍ତ୍ତନର ପ୍ରତୀକ । ମସ୍ତିଷ୍କର ଆକାର ବୃଦ୍ଧି ଆମକୁ ଅନେକ ପ୍ରକାରେ ଅନ୍ୟ ଜୀବଠାରୁ ପୃଥକ୍ କରିଥାଏ । ମଣିଷ ପ୍ରଥମେ ଯନ୍ତ୍ରପାତି, ଅସ୍ତ୍ରଶସ୍ତ୍ର ଆଦି ପ୍ରସ୍ତରରେ ନିର୍ମାଣ କରି ବ୍ୟବହାର କରିଥିଲା; ଫଳରେ ତା'ର ଶକ୍ତିରେ ଅହେତୁକ ବୃଦ୍ଧି ହୋଇଥିଲା ତଥା ସେ ଜୀବଜଗତରେ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ହୋଇପାରିଥିଲା । ସେ ପ୍ରତୀକାତ୍ମକ ଭାଷା ମଧ୍ୟ ବ୍ୟବହାର କରିପାରୁଥିଲା, ଯାହାକି ବଂଶାନୁକ୍ରମରେ ପ୍ରଚଳିତ ହୋଇଆସୁଥିଲା । ମଣିଷର ସାଂସ୍କୃତିକ କାର୍ଯ୍ୟକଳାପର ବିବର୍ତ୍ତନ ପରିବ୍ୟାପ୍ତ ହୋଇଥିଲା । ମଣିଷ ଭାବନାରେ ସର୍ବଦା ନୂତନତାର ଉଦ୍ରେକ ହେବା ଫଳରେ ସେ ସର୍ବୋତ୍କୃଷ୍ଟ ହୋଇପାରିଥିଲା, ଯାହାକି ଅଦ୍ୟାବଧି ଗତି କରି ଚାଲିଛି । ଏହିପରି ଭାବରେ ମଣିଷ ଉନ୍ନତ ସଭ୍ୟତା ଆଡ଼କୁ ଆଗେଇ ଚାଲିଥିଲା ତଥା ସର୍ବପ୍ରଥମେ ପ୍ରସ୍ତର ଉପକରଣ ବ୍ୟବହାର କରୁଥିବାରୁ ମଣିଷ ଦ୍ୱାରା ବିକଶିତ ସର୍ବପ୍ରଥମ ସଭ୍ୟତାକୁ ପ୍ରସ୍ତରଯୁଗୀୟ ସଭ୍ୟତା କୁହାଯାଏ ।

(ଖ) ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି

ସମଗ୍ର ମାନବ ଇତିହାସକୁ ସାଧାରଣତଃ ଦୁଇଗୋଟି କାଳରେ ବିଭକ୍ତ କରାଯାଇପାରିବ; ଯଥା- ପ୍ରସ୍ତର ଯୁଗ ଏବଂ ଧାତବ ଯୁଗ । ପ୍ରସ୍ତର ଯୁଗ ସାଧାରଣତଃ ଲିଖନ ପଠନ ଆରମ୍ଭର ପୂର୍ବବର୍ତ୍ତୀ କାଳ ଆଧାରିତ ହୋଇଥିବା ବେଳେ ଧାତବ ଯୁଗ, ଲିଖିତ ଦଲିଲ ଉପରେ ପର୍ଯ୍ୟବସିତ ଅଟେ । ପ୍ରସ୍ତର ଯୁଗ ତିନି ଭାଗରେ ବିଭକ୍ତ ଅଟେ; ଯଥା- ପୁରାତନ ପ୍ରସ୍ତର ଯୁଗ, ମଧ୍ୟ-ପ୍ରସ୍ତର ଯୁଗ ଏବଂ ନୂତନ ପ୍ରସ୍ତର ଯୁଗ ।

ପୁରାତନ ପ୍ରସ୍ତର ଯୁଗ ଅନ୍ୟାନ୍ୟ ସମସ୍ତ କାଳ ଅପେକ୍ଷା ଦୀର୍ଘତମ ଅଟେ । ଏହି ଯୁଗ ପ୍ରାୟ ଖ୍ରୀ.ପୂ. ୨୦,୦୦,୦୦୦ ଠାରୁ ଖ୍ରୀ ପୂ. ୧୦,୦୦୦ ବର୍ଷ ମଧ୍ୟରେ ପୃଥିବୀପୃଷ୍ଠରେ ବିଦ୍ୟମାନ ଥିଲା । ଉକ୍ତ କାଳଗୁଡ଼ିକରେ ନିର୍ମାଣ କରାଯାଇଥିବା ପ୍ରସ୍ତର ଉପକରଣ, ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ରର ପ୍ରକାରଭେଦ ଅନୁଯାୟୀ ପ୍ରସ୍ତର ଯୁଗଗୁଡ଼ିକୁ ନାମିତ କରାଯାଇଛି । ପୁରାତନ ପ୍ରସ୍ତର ଯୁଗର ଯନ୍ତ୍ରପାତି ଆଦି ବନ୍ଧୁର ଥିଲା ଏବଂ ଆକାର ପ୍ରକାରରେ ମଧ୍ୟ ସଂପୂର୍ଣ୍ଣ ଠିକ୍ ନ ଥିଲା । ପ୍ରସ୍ତର ଯୁଗର ଶେଷସୁଦ୍ଧା ଆଣ୍ଟାର୍କଟିକା ବ୍ୟତୀତ ଅନ୍ୟାନ୍ୟ ସମସ୍ତ ମହାଦେଶରେ ମଣିଷ ବସବାସ କରୁଥିଲା । ଏହି କାଳରେ ଜୀବନ ସଂଗ୍ରାମ ଅତୀବ କଠିନ ଥିଲା ତଥା ଖାଦ୍ୟାଭାବ ପ୍ରାୟତଃ ଲାଗି ରହୁଥିଲା । ନିମ୍ନସ୍ତରୀୟ ପ୍ରସ୍ତର ଯୁଗର ପୂର୍ବ ସମୟକୁ ଆଦିମ ପ୍ରସ୍ତର ଯୁଗ ଅଥବା ଇଓଲିଥିକ୍ ଯୁଗ କୁହାଯାଏ । ଏହି ସମୟରେ ପୃଥିବୀରେ ପ୍ରଥମ ମଣିଷର ଆବିର୍ଭାବ ହୋଇଥିଲା, ଯିଏକି ପ୍ରସ୍ତର ଯନ୍ତ୍ରପାତି ବ୍ୟବହାର କରିବା ଶିଖି ନ ଥିଲା ।

ଅତ୍ୟଧିକ ଥଣ୍ଡା, ବର୍ଷା, ବନ୍ୟା, ବାତ୍ୟା, ଜଙ୍ଗଲି ନିଆଁ ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ନିଜେ ବଞ୍ଚାଉଥିଲା । ଏତଦ୍‌ଭିନ୍ନ ହିଂସ୍ରଜନ୍ତୁଙ୍କଠାରୁ ମଧ୍ୟ ନିଜସ୍ୱ ସୁରକ୍ଷା ନିଜେ କରୁଥିଲା । ସେ ନିଆଁର ବ୍ୟବହାର ଅଥବା ଖାଦ୍ୟ ଉତ୍ପାଦନ କରିବା ଜାଣିନଥିଲା । ସେ ଜୀବଜନ୍ତୁ ଓ ମାଛ ଶିକାର କରି, ବନ୍ୟ ଫଳମୂଳ ସଂଗ୍ରହ କରି କଞ୍ଚା ଖାଉଥିଲା । ସେ ସମୟର ମଣିଷ ଗୁମ୍ଫା, ପଥର ଓ ଗଛର ଖୋପ, ନଈକୂଳ, ପାହାଡ଼ର ଢାଲୁ ଅଞ୍ଚଳ ଆଦିରେ ରହୁଥିବାର ଜଣାଯାଏ, କାରଣ ଏହିସବୁ ଅଞ୍ଚଳରୁ ଜୀବାଶ୍ମଗୁଡ଼ିକର ସନ୍ଧାନ ମିଳିଛି ।

ସଂପ୍ରଦାୟ ଗଠନ

କ୍ରମେ କ୍ରମେ ମଣିଷ ନିଜର ସୁରକ୍ଷା ପାଇଁ ଦଳବଦ୍ଧ ହୋଇ ଅବସ୍ଥାନ କରିବା ଆରମ୍ଭ କରିଥିଲା । ଏହାହିଁ ଥିଲା ତା'ର ସାମାଜିକ ଜୀବନର ଅୟମାରମ୍ଭ । ନିଜସ୍ୱ ସୁରକ୍ଷା ବ୍ୟତୀତ ବିଶେଷ ରୂପରେ ଗୋଷ୍ଠୀଗୁଡ଼ିକ ଶିକାର କରିବା ପାଇଁ ଗଠନ କରାଯାଇଥିଲା । ଗୋଟିଏ ଗୋଟିଏ ଗୋଷ୍ଠୀରେ ୨୫ ଜଣ ଲେଖାଏଁ ରହୁଥିଲେ । ପାରସ୍ପରିକ ସହଯୋଗ ପାଇଁ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଆପୋଷ ବୁଝାମଣା ମଧ୍ୟ ସଂପାଦିତ ହେଉଥିଲା । ଏହିପରି ଏକ ବିଶାଳ ଗୋଷ୍ଠୀର ସଦସ୍ୟ ସଂଖ୍ୟା ୫୦୦ଜଣ ମଣିଷରୁ ଅଧିକ ହେଉ ନ ଥିଲା । ପାରସ୍ପରିକ ସହଯୋଗିତା ପାଇଁ କରାଯାଉଥିବା ଚୁକ୍ତିକୁ ସ୍ୱୀକୃତି ଦେବାପାଇଁ ଜାକଜମକିଆ ସମାରୋହର ଆୟୋଜନ କରାଯାଇଥିବା ସମ୍ଭାବନା ରହିଛି । ନୂତନ ପ୍ରସ୍ତର ଯୁଗ ବେଳକୁ ଏହି ଗୋଷ୍ଠୀ ଏକ ସଂପ୍ରଦାୟରେ ପରିବର୍ତ୍ତିତ ହୋଇଯାଇଥିଲା । ଗୋଟିଏ ସଂପ୍ରଦାୟର ଲୋକେ ସର୍ବଦା ଅନ୍ୟ ସଂପ୍ରଦାୟରେ ବିବାହ କରୁଥିଲେ । ତା'ପରେ ଲୋକେ କରିଥିବା ଶିକାର ଏବଂ ସଂଗୃହୀତ ଫଳମୂଳକୁ ସମଗ୍ର ସଂପ୍ରଦାୟର ସଂପତ୍ତି ରୂପରେ ବିବେଚନା କରି ସମାନ ପରିମାଣରେ ଭାଗବଣ୍ଟା କରୁଥିଲେ । ଯାହା ଜଣାଯାଏ ଯେ, ନୂତନ ପ୍ରସ୍ତର ଯୁଗ ବେଳକୁ ସଂପ୍ରଦାୟ ଗଠନ କରିବା ପାଇଁ ଭାଷା ହିଁ ସହାୟକ ହୋଇଥିଲା । ଏହିପରି ଭାବରେ ମଣିଷ ପାରିବାରିକ, ସାମାଜିକ ଏବଂ ସାଂପ୍ରଦାୟିକ ଜୀବନ ଆରମ୍ଭ କରିଥିଲା ।

ଉପାଦାନ

ନୃତତ୍ତ୍ୱ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ସାମାଜିକ ବିଜ୍ଞାନ, ଚିକିତ୍ସା ବିଜ୍ଞାନ, ଭାଷାତତ୍ତ୍ୱ, ପ୍ରତ୍ନତତ୍ତ୍ୱ, ଚାରୁକଳା ଆଦି ସମସ୍ତ ବିଷୟ ଏବଂ ବିଜ୍ଞାନ ତଥା ବୈଜ୍ଞାନିକ ପଦ୍ଧତିର ଉପଯୋଗ କରି ଆଧୁନିକ ମଣିଷ ପ୍ରାଚୀନ ମଣିଷର ବିବର୍ତ୍ତନ, ବିକାଶ ଏବଂ ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଇତିହାସର ପୁନର୍ଗଠନ କରିପାରିଛି । ଐତିହାସିକମାନେ କିନ୍ତୁ ଆଦିମ ମଣିଷର ଇତିହାସ ଖୋଜିବା ପାଇଁ ବିଶେଷତଃ ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଭୂତତ୍ତ୍ୱ ଏବଂ ଅନୁବଂଶ ବିଜ୍ଞାନ ଉପରେ ନିର୍ଭର କରିଥାନ୍ତି । ପ୍ରତ୍ନତାତ୍ତ୍ୱିକ ଖନନରୁ ଆମେ ପ୍ରାଚୀନ ମଣିଷ ବ୍ୟବହାର କରୁଥିବା ଯନ୍ତ୍ରପାତି ଆଦି ସମ୍ବନ୍ଧରେ ଅଧ୍ୟୟନ କରିଥାଉ । ସେଗୁଡ଼ିକର ରାସାୟନିକ, ଅଙ୍ଗାରକ ଆଦି ବିଭିନ୍ନ ପ୍ରକାର ପରୀକ୍ଷାକରି ଏକ ସିଦ୍ଧାନ୍ତରେ ଉପନୀତ ହୋଇଥାଉ । ଏହିପରି ଭାବରେ ପ୍ରତ୍ନତାତ୍ତ୍ୱିକ ଅବଶେଷଗୁଡ଼ିକ ପୃଥିବୀର ବିଭିନ୍ନ ଅଞ୍ଚଳରେ ବସତି ସ୍ଥାପନ କରିଥିବା ପ୍ରାକ୍-ଐତିହାସିକ, ଶିକାରୀ-ସଂଗ୍ରହକାରୀ ମଣିଷଙ୍କର ଜୀବନ ଓ ଜୀବନୀ ତଥା କାର୍ଯ୍ୟକଳାପର ସମସ୍ତ ଦିଗକୁ ଅଧ୍ୟୟନ ଓ ବ୍ୟାଖ୍ୟା କରିବା ପାଇଁ ସହାୟକ ହୋଇଥାଏ । କୌଣସି ଗୋଟିଏ ସ୍ଥାନର ବିଭିନ୍ନ ସ୍ତରରୁ ଭିନ୍ନ ଭିନ୍ନ ସାମଗ୍ରୀ ମିଳିବା ଅର୍ଥ ହେଉଛି ଯେ, ସେହି ସ୍ଥାନରେ ଗୋଟିଏ ବଂଶର ଉତ୍ତରାଧିକାରୀମାନେ ବାରମ୍ବାର ଯୁଗଯୁଗ ଧରି ବସବାସ କରି ଆସିଥିଲେ । ପ୍ରାଚୀନତମ ଯୁଗରେ ମଣିଷର ଅବସ୍ଥିତି ଓ କାର୍ଯ୍ୟକଳାପ ସମ୍ବନ୍ଧରେ ପ୍ରମାଣ ସଂଗ୍ରହ କରିବା ପାଇଁ ଅଧୁନା ସମୟରେ ବିଭିନ୍ନ ପ୍ରକାରର ବୈଜ୍ଞାନିକ ପଦ୍ଧତି ଉପଯୋଗ କରାଯାଉଛି । ନିମ୍ନରେ କେତୋଟି ବୈଜ୍ଞାନିକ ପଦ୍ଧତି ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ।

(କ) ବେତାର ଚିତ୍ର ଗ୍ରହଣ, ଯାହାକି ଭୂମିତଳର ସମସ୍ତ ସ୍ତରର ସ୍ପଷ୍ଟ ଚିତ୍ର ଗ୍ରହଣ କରି ସ୍ଥାୟୀ ରୂପରେ ସଂରକ୍ଷିତ କରି ରଖେ ।

(ଖ) ପାଣି ତଳ ଜିନିଷର ଚିତ୍ର ଉତ୍ତୋଳନକାରୀ ଟେଲିଭିଜନ୍ କ୍ୟାମେରା ।

(ଗ) ଧାତବ ଜିନିଷଗୁଡ଼ିକର ଚୁମ୍ବକୀୟ ଅନ୍ୱେଷଣ । ମାଟିତଳେ ପୋତି ହୋଇ ପଡ଼ିଥିବା ଧାତବ ଜିନିଷଗୁଡ଼ିକ ସମ୍ବନ୍ଧରେ ଚୁମ୍ବକୀୟ ଶକ୍ତି ପ୍ରୟୋଗ କରି ଆମେ ଜାଣିଥାଉ ।

(ଘ) ପୋଟେନସିଓ ମିଟର ସାହାଯ୍ୟରେ ଆମେ ଭୂମିତଳର ବୈଦ୍ୟୁତିକ ପ୍ରତିରୋଧକ ଶକ୍ତି ମାପିଥାଉ ଯାହାଦ୍ୱାରା ମଣିଷ ସଭ୍ୟତା ଗଢ଼ି ଉଠିପାରିବା ସମ୍ବନ୍ଧରେ ଜାଣିହୁଏ ।

(ଙ) ମାଟିର ରାସାୟନିକ ପରୀକ୍ଷଣ ଦ୍ୱାରା ମାଟିର ରହିଥିବା ଗନ୍ଧକ, ପୋଟାସିୟମ୍ ଆଦିର ପରିମାଣ ସମ୍ବନ୍ଧରେ ଜାଣିଥାଉ ।

(ଚ) ଅଙ୍ଗାରକ ପରୀକ୍ଷଣଦ୍ୱାରା ଆମେ ଆବିଷ୍କୃତ ଜିନିଷଗୁଡ଼ିକର ବୟସ ଓ ଉପଯୋଗ କରାଯାଇଥିବା ପଥରର ବୟସ ଆଦି ଜାଣିଥାଉ ।

ଉପରୋକ୍ତ ପରୀକ୍ଷଣ ଆଦିରୁ କୌଣସି ଏକ ସ୍ଥାନରେ ପ୍ରାଚୀନ ସଭ୍ୟତାର ଉପସ୍ଥିତି ସମ୍ବନ୍ଧରେ ଜାଣିବା ପରେ ପ୍ରତ୍ନତାତ୍ତ୍ୱିକମାନେ ସେହି ସ୍ଥାନକୁ ଯାଇ ବିଶେଷ ପରୀକ୍ଷଣ ପରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯିବା କିମ୍ବା କରା ନ ଯିବା ସମ୍ବନ୍ଧରେ ସିଦ୍ଧାନ୍ତ ନେଇଥାନ୍ତି ।

ପ୍ରାଚୀନ ମଣିଷଙ୍କ ପ୍ରାଚୀନତା, ସଂପ୍ରଦାୟ, ବଂଶ ଆଦି ସମ୍ବନ୍ଧରେ ବାସ୍ତବିକତା ଆମେ ଜାଣିଥାଉ ଜୀବାଶ୍ମ ଏବଂ କଙ୍କାଳଗୁଡ଼ିକର ଡି.ଏନ୍.ଏ. ପରୀକ୍ଷଣ ଦ୍ୱାରା, ଯାହାକି ଆମକୁ ବାସ୍ତବ ସତ୍ୟ ସମ୍ବନ୍ଧରେ ଅବଗତ କରାଇଥାଏ ।

ନିମ୍ନ (ଅନୁନ୍ନତ) ପ୍ରସ୍ତର ଯୁଗ ଅଥବା ଶିକାରୀ-ସଂଗ୍ରହକାରୀ ସଂସ୍କୃତି ଓ ସଭ୍ୟତା

ପୁରାତନ ପ୍ରସ୍ତର ଯୁଗର ପ୍ରାଚୀନତମ କାଳକୁ ନିମ୍ନ ଅଥବା ଅନୁନ୍ନତ ପ୍ରସ୍ତର ଯୁଗ କୁହାଯାଏ । ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ ଶିଖିବା ପରେ ମଣିଷ ପୁରାତନ ପ୍ରସ୍ତର ଯୁଗରେ ପଦାର୍ପଣ କରିଥିଲା । ଏହି ଯୁଗ ପ୍ରାୟ ୫,୦୦,୦୦୦ ବର୍ଷ ପୂର୍ବରୁ ଆରମ୍ଭ ହୋଇ ପ୍ରାୟ ୧୨,୦୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଏକ ସୁଦୀର୍ଘ କାଳ ମଧ୍ୟରେ ପରିବ୍ୟାପ୍ତ ଥିଲା । ପୃଥିବୀର ବିଭିନ୍ନ ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ନିମ୍ନସ୍ତରରୁ ପ୍ରାପ୍ତ ଯନ୍ତ୍ରପାତି, ହତିଆର ଆଦିର ଭିତ୍ତିରେ ପ୍ରତ୍ନତାତ୍ତ୍ୱିକମାନେ ଏହି ଯୁଗକୁ ଚାରିଗୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି ।

ଆବ୍‌ବେଭିଲୀୟ ସଂସ୍କୃତି

ପୁରାତନ ପ୍ରସ୍ତର ଯୁଗର ସର୍ବପ୍ରାଚୀନ ଯନ୍ତ୍ରପାତି ନିର୍ମାଣ ପରମ୍ପରା ହେଉଛି ଆବ୍‌ବେଭିଲୀୟ ସଂସ୍କୃତି । ଉତ୍ତର ଫ୍ରାନ୍ସର ଆବ୍‌ବେଭିଲ୍ଲେର ନାମ ଅନୁସାରେ ଏହି ନାମକରଣ କରାଯାଇଛି । ଏହି ସ୍ଥାନରୁ ପ୍ରତ୍ନତାତ୍ତ୍ୱିକମାନେ ଖ୍ରୀ.ଅ. ୧୮୭୫ ରୁ ୧୮୯୬ ମଧ୍ୟରେ ଅନେକ ପ୍ରକାରର ପୁରାତନ ପ୍ରସ୍ତରଯୁଗୀୟ ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ଆବିଷ୍କାର କରିଥିଲେ । ଖ୍ରୀ:ଅ: ୧୯୩୯ରେ ଶ୍ରୀଯୁକ୍ତ ବ୍ରୁୟାଲ୍ ଦୁଇମୁହଁବିଶିଷ୍ଟ ଅସ୍ତ୍ରଶସ୍ତ୍ର, ପଶୁ ଓ ମଣିଷଙ୍କ କଙ୍କାଳ, ହାଡ଼ ଆଦିର ଅବଶେଷାଂଶ ପାଇଥିଲେ । ସେଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଥିଲା ହସ୍ତକୁଠାର, ଫଳ କାଟିବା ଯନ୍ତ୍ର, ଯାହାକି ବନ୍ଧୁର ଥିଲା ଏବଂ ପ୍ରସ୍ତର ହାତୁଡ଼ି ସାହାଯ୍ୟରେ ନିର୍ମାଣ କରାଯାଇଥିଲା । ଏହି ଯନ୍ତ୍ରପାତିଗୁଡ଼ିକ ଦ୍ୱିତୀୟ ମଧ୍ୟ-ତୁଷାର ଯୁଗରେ ନିର୍ମାଣ କରାଯାଇଥିବାର ବିଶେଷ ସମ୍ଭାବନା ଅଟେ ।

ଆଚେଉଲୀୟ ସଂସ୍କୃତି

ଆଚେଉଲୀୟ ସଂସ୍କୃତିର ପ୍ରସ୍ତରନିର୍ମିତ ଯନ୍ତ୍ରପାତି, ଫ୍ରାନ୍ସର ସୋମନଦୀ ଉପତ୍ୟକା ଏବଂ ଇଂଲଣ୍ଡର ଥେମସ୍ ନଦୀ ଉପତ୍ୟକାଞ୍ଚଳରୁ ଆବିଷ୍କାର କରାଯାଇଛି । ଏହି ସଭ୍ୟତାର ମୁଖ୍ୟ କେନ୍ଦ୍ର ଥିଲା ସୋମ୍ ନଦୀ ଉପତ୍ୟକାର ସେଣ୍ଟ ଆଚେଉଲ୍ । ତେଣୁକରି ଏହାକୁ 'ଆଚେଉଲୀୟ' ସଭ୍ୟତା କୁହାଯାଏ । ଏହି ସଭ୍ୟତା ଦ୍ୱିତୀୟ ମଧ୍ୟ-ତୁଷାର ଯୁଗରୁ ତୃତୀୟ ମଧ୍ୟ-ତୁଷାର ଯୁଗ ଯାଏଁ ପରିବ୍ୟାପ୍ତ ଥିଲା । ଏହି ସଂସ୍କୃତିର ସରଞ୍ଜାମ ଏବଂ ଅସ୍ତ୍ରଶସ୍ତ୍ର ଉନ୍ନତ ଏବଂ ସଠିକ୍ ଆକାରଯୁକ୍ତ ଥିଲା । ହସ୍ତକୁଠାରଗୁଡ଼ିକର ଦୁଇପଟରେ ଧାର ଥିଲା । ଏହି ସଂସ୍କୃତି ମଧ୍ୟ ତିନିଗୋଟି ଶ୍ରେଣୀରେ ବିଭକ୍ତ ଅଟେ; ଯଥା- ନିମ୍ନ, ମଧ୍ୟ ଏବଂ ଉପର ସ୍ତର । ସ୍ପେନ୍‌ର ଆମ୍ବୋନା ଓ ଯେରାଲାକାଠାରୁ ଖ୍ରୀ:ଅ: ୧୯୬୯ରେ ଶ୍ରୀଯୁକ୍ତ କ୍ଲାର୍କ ହାଭେଲ୍ ନିମ୍ନସ୍ତରୀୟ ଯନ୍ତ୍ରପାତି ଆବିଷ୍କାର କରିଥିଲେ । ଇଂଲଣ୍ଡର ଥେମ୍‌ସ ନଦୀ ଉପତ୍ୟକା ଅଞ୍ଚଳରୁ ଖ୍ରୀ.ଅ. ୧୯୬୯ରେ ଶ୍ରୀଯୁକ୍ତ ଓ୍ୱାଇମର୍ ମଧ୍ୟସ୍ତରୀୟ ଯନ୍ତ୍ରପାତି ଆବିଷ୍କାର କରିଥିଲେ । ଏହି ଯନ୍ତ୍ରପାତିଗୁଡ଼ିକ ମଧ୍ୟରେ ରହିଛି କ୍ଷୁଦ୍ର କୁଠାର, ହାତଟାଙ୍ଗିଆ ଆଦି, ଯାହାକି ଗୋଲାକାର ଭାବରେ ଲାବୋଚିନୀୟ କାରିଗରି କୌଶଳରେ ନିର୍ମାଣ କରାଯାଇଛି । ସୋମ୍ ଏବଂ ଥେମ୍‌ସ ନଦୀ ଉପତ୍ୟକା ଅଞ୍ଚଳରୁ ଉପରସ୍ତରୀୟ ଯନ୍ତ୍ରପାତି ଆବିଷ୍କୃତ ହୋଇଛି । ଏଗୁଡ଼ିକ ମଧ୍ୟରେ ରହିଛି ଦୁଇମୁହଁବିଶିଷ୍ଟ ବର୍ଚ୍ଛା । ଉପରସ୍ତରୀୟ ସଂସ୍କୃତିକୁ ମକୋକ୍ୱୀୟ ମଧ୍ୟ କୁହାଯାଏ । ଏହାର ନାମ ମଧ୍ୟ-ଫ୍ରାନ୍ସର ଲାମକ୍ୱୋକ ଅନୁସାରେ ଦିଆଯାଇଛି । ଏଠାରୁ ପ୍ରାପ୍ତ ହାତଟାଙ୍ଗିଆ ଶଙ୍କୁ ଆକୃତିର ଅଟେ, ଅର୍ଥାତ୍ ଗୋଟିଏ ପଟ ବୃତ୍ତାକାର ଏବଂ ଆରପଟ କ୍ରମଶଃ ସରୁ ହୋଇ ମୁନିଆ ହୋଇଯାଇଛି । ଏହି ପ୍ରକାରର ଯନ୍ତ୍ରପାତି ଆମେରିକା, ଫ୍ରାନ୍ସ, ଚୀନ, ଗ୍ରୀନଲ୍ୟାଣ୍ଡ, ଭାରତଠାରୁ ମିଳିଅଛି ।

କ୍ଲାକ୍‌ଟୋନୀୟ ସଂସ୍କୃତି

ଆଚେଉଲୀୟ ସଂସ୍କୃତି ପରବର୍ତ୍ତୀ ସମୟର ଯନ୍ତ୍ରପାତି, ଇଂଲଣ୍ଡର ସମୁଦ୍ର ମଧ୍ୟସ୍ଥିତ କ୍ଲାକ୍‌ଟୋନ୍‌ଠାରୁ ମିଳିଛି ଏବଂ ଏହି ସଂସ୍କୃତିକୁ ପ୍ରାପ୍ତି ସ୍ଥାନର ନାମାନୁସାରେ କ୍ଲାକ୍‌ଟୋନୀୟ ସଂସ୍କୃତି ନାମ ଦିଆଯାଇଛି । ଖ୍ରୀ:ଅ: ୧୯୩୨ରେ

ଯନ୍ତ୍ରପାତି ଆବିଷ୍କାର କରି ଶ୍ରୀଯୁକ୍ତ ବୃୟାଲ୍ କହିଛନ୍ତି ଯେ, ସେଗୁଡ଼ିକ ଛୁରି, ଖଣ୍ଡା ଏବଂ ଦୁଇଧାରବିଶିଷ୍ଟ ପାତ, ସୂତାକଟା ଯନ୍ତ୍ର (ଅରଟ) ଆଦି ଅଟନ୍ତି । ଏଠାରୁ ପ୍ରାପ୍ତ ଯନ୍ତ୍ରପାତିଗୁଡ଼ିକ ସ୍ଫଟିକ ପ୍ରସ୍ତରରେ ନିର୍ମିତ ।

ଲେଭାଲ୍ଲୋଇସୀୟ ସଂସ୍କୃତି

କେତେକ ଯନ୍ତ୍ରପାତି ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ନିକଟସ୍ଥ ଲେଭାଲ୍ଲୋଇସ୍ ନାମକ ସ୍ଥାନରୁ ଆବିଷ୍କୃତ ହୋଇଥିବାରୁ ଏହାକୁ ଲେଭାଲ୍ଲୋଇସୀୟ ସଂସ୍କୃତି ଭାବରେ ନାମିତ କରାଯାଇଛି । ଏହି ସଭ୍ୟତାର ଯନ୍ତ୍ରପାତି ଏକ ଭିନ୍ନ ପ୍ରକାରର କାରିଗରି କୌଶଳ ପ୍ରୟୋଗପୂର୍ବକ ନିର୍ମାଣ କରାଯାଇଛି, ଯେପରିକି ଗୋଟିଏ ପ୍ରସ୍ତର ଦେହରେ ଏକ ସରଞ୍ଜାମର ନକ୍ସା ତିଆରି କରାଯାଇ ତାକୁ ଛେଚିକରି ପତଳା ଛୋଟ ଛୋଟ ଖଣ୍ଡରେ ପରିଣତ କରାଯାଇଛି । ଏହି ପ୍ରକାରର ଉପକରଣ ସୋମ ଏବଂ ଥେମ୍‌ସ ନଦୀ ଉପତ୍ୟକାରୁ ମଧ୍ୟ ଉପଲବ୍ଧ ହୋଇଛି । ଏଠାରୁ ପ୍ରାପ୍ତ ଅଧିକାଂଶ ଯନ୍ତ୍ରପାତି ତୀକ୍ଷ୍ଣ ମୁନ ଓ ଧାରଯୁକ୍ତ ହାତଟାଙ୍ଗିଆ, ତ୍ରିଶୂଳ ଆକାରର ଅସ୍ତ୍ରଶସ୍ତ୍ର ଅଟନ୍ତି ।

ପୁରାତନ ପ୍ରସ୍ତର ଯୁଗର ଅନ୍ୟାନ୍ୟ ଯନ୍ତ୍ରପାତି

ଯନ୍ତ୍ରପାତି ହେଉଛି ଶରୀରର ଅଙ୍ଗପ୍ରତ୍ୟଙ୍ଗ ଭିନ୍ନ ଏପରି ଉପକରଣ ଯାହାଦ୍ୱାରା ମଣିଷ ବାସ୍ତବ କାର୍ଯ୍ୟ କରିପାରେ । ସିମ୍ପାଞ୍ଜିମାନେ କେତେକ ପ୍ରାକୃତିକ ଜିନିଷ ଯଥା- ବାଡ଼ି ବା ଦଣ୍ଡ ସାହାଯ୍ୟରେ ମାଟିଖୋଳି କୀଟପତଙ୍ଗଗୁଡ଼ିକୁ ବାହାର କରି ଖାଇଥାନ୍ତି ତଥା ବିଭିନ୍ନ ପ୍ରକାରର ଟାଣ ଫଳ ଓ ମଞ୍ଜିକୁ ପଥରରେ ଛେଚି ଭିତର ଶସ ବାହାର କରି ଖାଇଥାନ୍ତି । ଠିକ୍ ସେହିପ୍ରକାରେ ଅତି ପ୍ରାଚୀନ କାଳରେ ଖାଦ୍ୟକୁ ପାଇବା ପାଇଁ ମଣିଷ ମଧ୍ୟ ନିଶ୍ଚିତ ରୂପରେ ସିମ୍ପାଞ୍ଜି ପରି ପ୍ରାକୃତିକ ଉପକରଣଗୁଡ଼ିକୁ ବ୍ୟବହାର କରିଥିବ । ଏହି ପ୍ରକ୍ରିୟା ଚାଲିଥିବା କାଳ ପର୍ଯ୍ୟନ୍ତ ମଣିଷ ଯନ୍ତ୍ରପାତି ବ୍ୟବହାରକାରୀ ଥିଲା; ହେଲେ ନିର୍ମାଣକାରୀ ନ ଥିଲା । ମଣିଷ ନିଜସ୍ୱ ବୁଦ୍ଧି ପ୍ରୟୋଗପୂର୍ବକ ପରବର୍ତ୍ତୀ ସମୟରେ କାଠ ଓ ପଥର ସାହାଯ୍ୟରେ ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲା, ଯାହାକି ଅନ୍ୟାନ୍ୟ ଜୀବଜନ୍ତୁଙ୍କଠାରୁ ତାକୁ ଏକ ଭିନ୍ନ ପରିଚୟ ପ୍ରଦାନ କରିଥିଲା । ସେ ଏକ ଉନ୍ନତ ଜୀବରେ ପରିଣତ ହୋଇପାରିଥିଲା । ତା'ପରେ ସେ ଯନ୍ତ୍ରପାତି ନିର୍ମାଣ ଓ ବ୍ୟବହାର ଉଭୟ ଶିଖିଯାଇଥିଲା । ମଣିଷ ମସ୍ତିଷ୍କରେ ବିଶେଷ କାର୍ଯ୍ୟପାଇଁ ଅସ୍ତ୍ରଶସ୍ତ୍ରର ବ୍ୟବହାର ସମ୍ବନ୍ଧୀୟ ବିଚାରଧାରା ଜାଗ୍ରତ ହେଲା ଏବଂ ତଦନୁରୂପେ ସେ ପ୍ରସ୍ତର ଓ କାଠକୁ ଆକାର ପ୍ରଦାନ କଲା । ପ୍ରାଥମିକ ପର୍ଯ୍ୟାୟରେ ସେ ଛେଚିବା, କାଟିବା ଏବଂ ଭାଙ୍ଗିବା ସମ୍ବନ୍ଧୀୟ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲା, ଯାହାକି ମଣିଷକୁ ଏକ ସାମାଜିକ ମହତ୍ତ୍ୱ ଏବଂ ଉନ୍ନତ ପରିଚୟ ପ୍ରଦାନ କରିଥିଲା । ତା'ପରଠାରୁ ପର୍ଯ୍ୟାୟକ୍ରମେ ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ଆକାର ପ୍ରକାରରେ ଉନ୍ନତି ହୋଇ ଆସୁଛି ।

ସର୍ବପୁରାତନ ଯନ୍ତ୍ରପାତି ଆବିଷ୍କୃତ ହୋଇଛି ଉତ୍ତର ତାଞ୍ଜାନିଆସ୍ଥିତ ଓଲ୍‌ଦୁବାଇ ଏବଂ ଇଥିଓପିଆସ୍ଥିତ ମେଲ୍‌କା କୁନ୍ତୁରେଠାରୁ, ଯାହାକି ପ୍ରାୟ ୧.୮ ନିୟୁତଠାରୁ ୧.୬ ନିୟୁତ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ଏଗୁଡ଼ିକୁ ଓଲଦୋବୀୟ ଯନ୍ତ୍ରପାତି କୁହାଯାଏ । ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଫଳପାଇଁ ଗଛ କାଟିବା, କନ୍ଦମୂଳ ପାଇଁ ମାଟି ଖୋଳିବା ଏବଂ ଛୋଟ ଜୀବଗୁଡ଼ିକର ଚମଡ଼ା ବାହାର କରିବା ଆଦି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା । ବଡ଼ ଜନ୍ତୁଙ୍କୁ ମାରିବା ପ୍ରମାଣ ମିଳୁନାହିଁ; ହେଲେ ସେମାନେ ମୃତ ବଡ଼ ଜୀବର ମାଂସ ଖାଉଥିବା ଜଣାଯାଏ । ଏହି ସ୍ଥାନଦ୍ୱୟରୁ ଛେଚିବା ଯନ୍ତ୍ର ମିଳିଛି ତଥା କେତେକ ପଥରର ଗୋଟିଏ ପଟକୁ ପତଳା କରି କାଟିବା ପାଇଁ ବ୍ୟବହାର କରାଯାଉଥିବାର ଜଣାଯାଏ । ସେ ସମୟରେ ମଣିଷ, ଆଖପାଖ ଅଞ୍ଚଳରେ ମିଳୁଥିବା ଟାଣ ପଥରର ପ୍ରାକୃତିକ ସ୍ୱରୂପରେ ସାମାନ୍ୟ ପରିବର୍ତ୍ତନ କରି ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲା । ଯାହା ଜଣାଯାଏ ଯେ, ପତଳା ଧାରଯୁକ୍ତ ପଥରରେ ଯନ୍ତ୍ରପାତିଗୁଡ଼ିକୁ ରାମ୍ପିକରି ମସୃଣ କରିବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଥିଲା ।

ତଦାନୀନ୍ତନ ମଣିଷମାନେ କେତେକ ବିଶେଷ ପ୍ରକାରର ପଥରକୁ ଯନ୍ତ୍ରପାତି ନିର୍ମାଣ ପାଇଁ ପସନ୍ଦ କରୁଥିଲେ ଏବଂ ଦୂର ସ୍ଥାନରେ ମିଳୁଥିଲେ ମଧ୍ୟ ଆଣିବାର ବ୍ୟବସ୍ଥା କରୁଥିଲେ । କେତେକ ପଥରକୁ ପୁନଶ୍ଚ ଅନ୍ୟ ଟାଣ ପଥରରେ ଘଷି ପତଳାଖଣ୍ଡ ବାହାର କରୁଥିଲେ, ଯାହାକି କାଟିବା କାର୍ଯ୍ୟରେ ଲାଗୁଥିଲା । ସେମାନେ ବାଲିଗରଡ଼ା, ସ୍ଫଟିକ ଆଦି ପଥରରେ କ୍ଷୁଦ୍ର ଯନ୍ତ୍ରପାତି ନିର୍ମାଣ କରୁଥିବା ବେଳେ ଚୂନ ପଥରରେ ବଡ଼ ବଡ଼ ଯନ୍ତ୍ରପାତି ନିର୍ମାଣ କରୁଥିଲେ । ଏହି ସମୟରେ ବ୍ୟବହାର କରାଯାଉଥିବା ହାଡ଼ ଏବଂ ହାତୀଦାନ୍ତନିର୍ମିତ ଅସ୍ତ୍ରଶସ୍ତ୍ର ମଧ୍ୟ ଆବିଷ୍କାର କରାଯାଇଛି ।

ଭାରତର ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତା

ପ୍ରତ୍ନତାତ୍ତ୍ୱିକମାନଙ୍କ ମତରେ ଭାରତରେ ପ୍ରାୟ ୫,୦୦,୦୦୦ ବର୍ଷ ପୂର୍ବେ ପ୍ରାଚୀନତମ ମଣିଷର ଆବିର୍ଭାବ ହୋଇଥିଲା । ତା'ପରେ ପ୍ରାଚୀନତମ ମାନବ ସଂସ୍କୃତି ପ୍ଲେଇଷ୍ଟୋସିନ୍ ଯୁଗରୁ ଆରମ୍ଭ ହୋଇଥିଲା । ଏହି କାଳରେ ପ୍ରାଚୀନତମ ମଣିଷ ଶିକାର କରିବା ପାଇଁ ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ ଆରମ୍ଭ କରିଥିଲା । ଏହି ସଭ୍ୟତା ଗଢ଼ି ଉଠିଥିବା ସ୍ଥାନଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ଭୂମିର ସର୍ବନିମ୍ନ ସ୍ତରରେ ଏହି ଯନ୍ତ୍ରପାତିଗୁଡ଼ିକ ଉପଲବ୍ଧ ହେଉଛି । ଭାରତର କାଶ୍ମୀର ଉପତ୍ୟକା, ସୋହନ ନଦୀ ଉପତ୍ୟକା, ରାଜସ୍ଥାନ, ତାମିଲନାଡ୍ରୁ, ନର୍ମଦାନଦୀ ଉପତ୍ୟକା, ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ଆଦି ଅନେକ ସ୍ଥାନରୁ ପୁରାତନ ପ୍ରସ୍ତର ଯୁଗର ସଭ୍ୟତା ଆବିଷ୍କୃତ ହୋଇଛି । ଏହି ସବୁ ସ୍ଥାନରୁ ଆମେ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଯଥା- ବର୍ଛା, ତୀର, ହାତଟାଙ୍ଗିଆ, ଖଣତି, ଗଛକାଟିବା ଯନ୍ତ୍ର, ଛୁରୀ, ହାତୁଡ଼ି ଆଦି ପାଇପାରିଛୁ ।

ପୃଥିବୀପୃଷ୍ଠରେ ବିକଶିତ ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତାର ବୈଶିଷ୍ଟ୍ୟ

ଯନ୍ତ୍ରପାତି ନିର୍ମାଣ ପରମ୍ପରା ଆଧାରରେ ପୁରାତନ ପ୍ରସ୍ତର ଯୁଗର ସଭ୍ୟତାକୁ ଆମେ ନିମ୍ନ ପ୍ରକାରେ ବ୍ୟାଖ୍ୟା କରିପାରିବା ।

ସାମାଜିକ ଜୀବନ

ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ, ପୃଥିବୀର ବିଭିନ୍ନ ଅଞ୍ଚଳରେ ପୁରାତନ ପ୍ରସ୍ତର ଯୁଗର ସଭ୍ୟତା ଗଢ଼ି ଉଠିଥିଲା । ଏହି ସଭ୍ୟତାସ୍ଥଳଗୁଡ଼ିକ ନଦୀ ଉପତ୍ୟକା, ପାହାଡ଼ର ଢାଲୁ ଅଞ୍ଚଳ, ଗୁମ୍ଫା ଆଦିରେ ପର୍ଯ୍ୟବସିତ ଥିଲା । ଏହି ଯୁଗର ମଣିଷ ଘର ତିଆରି କରିବା ଶିଖି ନ ଥିଲା, ତେଣୁ ପାଣି ଏବଂ ସୁରକ୍ଷାର ସୁବିଧା ଉପଲବ୍ଧ ହେଉଥିବା ସ୍ଥାନଗୁଡ଼ିକରେ ଦଳବଦ୍ଧ ହୋଇ ରହୁଥିଲା । ଫଳମୂଳ ଏବଂ ଜୀବଜନ୍ତୁ ଉପଲବ୍ଧ ହେଉଥିବା ଜଙ୍ଗଲଗୁଡ଼ିକ ନିକଟରେ ପ୍ରାୟତଃ ରହୁଥିଲା । ଏହି ଯୁଗର ମଣିଷ ନିଆଁର ବ୍ୟବହାର ଜାଣି ନ ଥିଲା ତେଣୁ କଞ୍ଚାମାଂସ ଓ ଫଳମୂଳ ଖାଉଥିଲା । ଶିକାର କରିବା ପାଇଁ ସେ ଆବଶ୍ୟକୀୟ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲା ।

ସମୟକ୍ରମେ ଦଳ ମଧ୍ୟରେ ମଣିଷର ପାରିବାରିକ ଜୀବନର ଆରମ୍ଭ ହୋଇଥିଲା । ଜଳବାୟୁର ପରିବର୍ତ୍ତନ ସହିତ ସେମାନେ ମଧ୍ୟ ସ୍ଥାନ ପରିବର୍ତ୍ତନ କରୁଥିଲେ । ଇଉରୋପୀୟ ଏବଂ ଭାରତୀୟ ଯନ୍ତ୍ରପାତି ନିର୍ମାଣରେ ରହିଥିବା ସାମଞ୍ଜସ୍ୟତା ପ୍ରମାଣ କରେ ଯେ, ପୁରାତନ ପ୍ରସ୍ତର ଯୁଗର ମଣିଷ ସାରାବିଶ୍ୱରେ ପରିବ୍ୟାପ୍ତ ହୋଇ ରହୁଥିଲେ ତଥା ସ୍ଥାନାନ୍ତରିତ ମଧ୍ୟ ହେଉଥିଲେ ।

ଏହି ସମୟରେ ଶବ ବ୍ୟବଚ୍ଛେଦ ସମ୍ବନ୍ଧିତ କୌଣସି ପ୍ରମାଣ ଆମର ହସ୍ତଗତ ହୋଇନାହିଁ । ଯାହା ଜଣାଯାଏ ଯେ, ସେମାନେ ଶବକୁ ପଶୁଗୁଡ଼ିକର ଆହାର ନିମନ୍ତେ ଖୋଲାପଡ଼ିଆରେ ପକାଇ ଦେଉଥିଲେ । ସେମାନେ ପ୍ରାୟତଃ ଉଲଗ୍ନ ରହୁଥିଲେ ।

ଅର୍ଥନୈତିକ ଜୀବନ

ପୁରାତନ ପ୍ରସ୍ତର ଯୁଗରେ ଅର୍ଥନୈତିକ ଜୀବନର ପରିଭାଷା ଥିଲା ଫଳମୂଳ ସଂଗ୍ରହ ଏବଂ ପଶୁଶିକାର । ସେମାନେ ହରିଣ, ଠେକୁଆ, ଘୋଡ଼ା ଆଦିର ଶିକାର କରୁଥିଲେ ଏବଂ ମାଛ ଧରୁଥିଲେ । ମାଛ ମାରିବା ପାଇଁ ହାଡ଼ ଓ କାଠନିର୍ମିତ ତେଣ୍ଟା ବ୍ୟବହାର କରୁଥିଲେ । ସେମାନେ ପୁନଶ୍ଚ ଦଳବଦ୍ଧ ଭାବରେ ହିଂସ୍ରଜନ୍ତୁ ଏବଂ ହାତୀ ଆଦିର ମଧ୍ୟ ଶିକାର କରୁଥିଲେ । ଅନେକ ସମୟରେ ଶିକାର କରାଯାଇଥିବା ପଶୁର ମାଂସକୁ ଏକତ୍ର ବସି ଖାଉଥିଲେ ।

କାରିଗରି ଜ୍ଞାନକୌଶଳ ଏବଂ ଚିତ୍ରକଳା

ପୁରାତନ ପ୍ରସ୍ତର ଯୁଗର ମଣିଷମାନେ ହାଡ଼, ପଥର ଏବଂ କାଠରେ ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରପାତି ଯଥା- ବର୍ଛା, ତୀର, ହାତଟାଙ୍ଗିଆ, ଖଣତି, ଛୁରୀ ଆଦି ନିର୍ମାଣ କରୁଥିଲେ । ସେମାନେ ଆବଶ୍ୟକୀୟ ବିଭିନ୍ନ କାର୍ଯ୍ୟପାଇଁ ଏହିସବୁ ଯନ୍ତ୍ରପାତିର ଉଦ୍ଭାବନ କରି ନିର୍ମାଣ ଓ ବ୍ୟବହାର କରୁଥିଲେ ତଥା ସେଗୁଡ଼ିକର ବିକାଶ ସାଧନ କରୁଥିଲେ । ଏଥିରୁ ସେମାନଙ୍କର କାରିଗରି ଜ୍ଞାନକୌଶଳର ପ୍ରମାଣ ମିଳିଥାଏ ।

ମଣିଷ ରହୁଥିବା ଗୁମ୍ଫା ଅଥବା ଅନ୍ୟାନ୍ୟ ପ୍ରସ୍ତର ଦେହରେ ଅବସର ସମୟରେ ସେ ଶିକାର କରୁଥିବା ପଶୁ, ଉଲଗ୍ନ ମଣିଷ, ଚମଡ଼ା ପରିହିତା ସ୍ତ୍ରୀ ଆଦିଙ୍କର ନକ୍ସା ଖୋଦନ କରୁଥିଲା । ଏହି ନକ୍ସାଗୁଡ଼ିକକୁ ପୁନଶ୍ଚ ସେ ନାଲି, ହଳଦିଆ, କଳା ଓ ଧୂସର ଆଦି ରଙ୍ଗରେ ଚିତ୍ରିତ କରୁଥିଲା । ଏଥିରୁ ଜଣାଯାଏ ଯେ, ପୁରାତନ ପ୍ରସ୍ତର ଯୁଗରୁ ମଣିଷ ଚିତ୍ରକଳା ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲା, ପୁନଶ୍ଚ ରଙ୍ଗ ବାବଦରେ ମଧ୍ୟ ଜ୍ଞାନ ଆହରଣ କରିଥିଲା, ତେଣୁକରି ଚିତ୍ରଗୁଡ଼ିକରେ ସେ ରଙ୍ଗ ଦେଉଥିଲା । ସ୍ପେନ୍‌ର ଆଲ୍ଟିମିରା ଗୁମ୍ଫା ଏବଂ ଫ୍ରାନ୍ସ ଓ ଇଟାଲୀର ଅନେକ ଗୁମ୍ଫାରୁ ଆମେ ଗୁମ୍ଫା ଚିତ୍ର ପାଇପାରିଛୁ ।

ଧର୍ମବିଶ୍ୱାସ

ଅଦ୍ୟାବଧି ପୁରାତନ ଯୁଗର ଧର୍ମବିଶ୍ୱାସ ସଂପର୍କିତ କୌଣସି ପ୍ରମାଣ ଆମର ହସ୍ତଗତ ହୋଇନାହିଁ । କେତେକ ସ୍ଥାନରୁ ମିଳିଥିବା ମଣିଷ କଙ୍କାଳ ସହିତ ପଶୁହାଡ଼ରୁ ଜଣାଯାଏ ଯେ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ଶକ୍ତିଗୁଡ଼ିକୁ ଶାନ୍ତ କରିବା ପାଇଁ ମଣିଷ ଓ ପଶୁଙ୍କୁ ବଳି ଦିଆଯାଉଥିଲା । ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ଭୟ ହିଁ ଥିଲା ମଣିଷର ଧର୍ମବିଶ୍ୱାସର ମୌଳିକ ଆଧାର । ପ୍ରକୃତିର ପ୍ରତ୍ୟେକ ସ୍ୱରୂପକୁ ସେମାନେ ଭୟଜନିତ ଭକ୍ତି କରୁଥିଲେ ତଥା ସୁରକ୍ଷା ପାଇଁ ନିବେଦନ କରୁଥିଲେ । ମଣିଷର କଙ୍କାଳ ସହିତ କେତେକ ସ୍ଥାନରୁ ମିଳୁଥିବା ଯନ୍ତ୍ରପାତିରୁ ଜଣାଯାଏ ଯେ, ସେମାନେ ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ ।

ନିଆଁର ଉଦ୍ଭାବନ

ବାଉଁଶ ଦେହରେ ବାଉଁଶ ଅଥବା ଦୁଇଖଣ୍ଡ କାଠ ଘଷିହୋଇ ନିଆଁ ବାହାରି ବଣରେ ଲାଗୁଥିବା ପ୍ରକ୍ରିୟା ମଣିଷ ବର୍ଷ ବର୍ଷ ଧରି ଦେଖି ଆସୁଥିଲା । ପୁରାତନ ପ୍ରସ୍ତର ଯୁଗର ଶେଷଭାଗରେ ମଣିଷ ମଧ୍ୟ କାଠ ବାଉଁଶ ଆଦିକୁ ଘର୍ଷଣ କରି ନିଆଁ ବାହାର କରିଥିଲା । ତା'ପରେ ସେ ନିଆଁକୁ ଖାଦ୍ୟ ରାନ୍ଧିବା, ପରିବେଶକୁ ଆଲୋକିତ କରିବା,

ବନ୍ୟଜନ୍ତୁଙ୍କୁ ଡରେଇବା ଆଦି କାର୍ଯ୍ୟପାଇଁ ବ୍ୟବହାର କରିଥିଲା । ଏହି ପ୍ରକାରେ ମଣିଷ ନିଆଁର ଉଦ୍ଭାବନ କରିଥିଲା, ଯାହାକି ମାନବ ସଂସ୍କୃତିର ବିକାଶ ପାଇଁ ଯୁଗାନ୍ତକାରୀ ଥିଲା ।

ଭାଷାର ଉଦ୍ଭାବନ

ପ୍ରଥମେ ପ୍ରଥମେ ଠାରଦ୍ୱାରା ମଣିଷ କଥାବାର୍ତ୍ତା କରୁଥିଲା । କ୍ରମେ ଭାବ ବିନିମୟ ପାଇଁ ମଣିଷ ଭାଷାର ଉଦ୍ଭାବନ କରିଥିଲା; ଫଳରେ ଉଚ୍ଚାରିତ ଭାଷାଦ୍ୱାରା ଭାବ ବିନିମୟ କରିପାରିଥିଲା । ସମ୍ଭବତଃ ଏହା ମଣିଷର ସାମାଜିକ ଓ ପାରିବାରିକ ଜୀବନରେ ଅଭିବୃଦ୍ଧିର ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ ।

ଏହିପରି ଭାବରେ ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତା ସାରା ବିଶ୍ୱରେ ପରିବ୍ୟାପ୍ତ ଥିଲା । ଜୀବନ ସଂଗ୍ରାମରେ ଆଗେଇବା ପାଇଁ ମଣିଷ ଅନେକ ଯନ୍ତ୍ରପାତିର ଉଦ୍ଭାବନ କରିଥିଲା । ସେ ଭାଷା ଓ ନିଆଁର ମଧ୍ୟ ଉଦ୍ଭାବନ କରି ଉପଯୋଗ କରିବା ଆରମ୍ଭ କରିଦେଇଥିଲା । ଅନେକ ପ୍ରକାରର ନୂତନ ଏବଂ ବିକାଶଶୀଳ କାର୍ଯ୍ୟର ଆରମ୍ଭ କରି ମଣିଷ ସଭ୍ୟତାକୁ ଉନ୍ନତି ଆଡ଼କୁ ଆଗେଇ ନେଇଥିଲା ।

(ଗ) ମଧ୍ୟ-ପ୍ରସ୍ତର ଯୁଗ

ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତା ପ୍ରତିଷ୍ଠିତ ଥିବା ସ୍ଥାନଗୁଡ଼ିକର ମଧ୍ୟମ ସ୍ତରରୁ ମିଳୁଥିବା ଯନ୍ତ୍ରପାତିଗୁଡ଼ିକୁ ମଧ୍ୟ-ପ୍ରସ୍ତର ଯୁଗରେ ସ୍ଥାନିତ କରାଯାଏ । ଅନ୍ୟାନ୍ୟ ସ୍ତରରୁ ଉପଲବ୍ଧ ଯନ୍ତ୍ରପାତିଠାରୁ ମଧ୍ୟମ ସ୍ତରରୁ ମିଳୁଥିବା ଯନ୍ତ୍ରପାତି ଭିନ୍ନ ଅଟେ । ତେଣୁ ମଧ୍ୟ ଏହାକୁ ଏକ ପୃଥକ୍ ନାମ ଯଥା ମଧ୍ୟ-ପ୍ରସ୍ତର ଯୁଗ କୁହାଯାଏ । ଏହାକୁ ମେସୋଲିଥିକ ଯୁଗ ମଧ୍ୟ କୁହାଯାଏ । ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତି ଆମେ ମୁଖ୍ୟତଃ ଇଉରୋପ ଏବଂ ଏସିଆ ମହାଦେଶରୁ ପାଇଥାଉ । ଏହି ଯନ୍ତ୍ରପାତିଗୁଡ଼ିକୁ ବିଭିନ୍ନ ପ୍ରଜାତିର ହୋମୋସାପିଏନ ମଣିଷ ଏବଂ ବିଶେଷତଃ ନିଣ୍ଡାର୍ଥେଲ୍ ମଣିଷମାନେ ବ୍ୟବହାର କରୁଥିଲେ । ଏହି ସଭ୍ୟତା ସମୟର ବହୁତ ପ୍ରକାର ପ୍ରସ୍ତରନିର୍ମିତ ଭିନ୍ନ ଭିନ୍ନ ଅସ୍ତ୍ରଶସ୍ତ୍ର ଆମର ହସ୍ତଗତ ହୋଇସାରିଛି ।

ମଧ୍ୟ-ପ୍ରସ୍ତର ଯୁଗର ସମୟ

ମଧ୍ୟ-ପ୍ରସ୍ତରଯୁଗୀୟ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ପାଇଁ ପୃଥିବୀର ଅନେକ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ ଚାଲୁ ରହିଛି । ମଧ୍ୟ-ପ୍ରସ୍ତରଯୁଗୀୟ ପ୍ରସ୍ତରନିର୍ମିତ ଅସ୍ତ୍ରଶସ୍ତ୍ର ମଧ୍ୟରେ ପତଳା ଏବଂ ଧାରଯୁକ୍ତ ରାମ୍ପଣା, ଛୁରୀ, ଧାରଯୁକ୍ତ ପାତ, ଶାବଳ, ହାତଟାଙ୍ଗିଆ ଆଦି ପ୍ରଧାନ ଅଟେ । ମଧ୍ୟ-ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରଗୁଡ଼ିକ ସିରିଆ, ଇସ୍ରାଏଲ, ଫ୍ରାନ୍ସ ଆଦି ଦେଶରୁ ବହୁ ପରିମାଣରେ ମିଳିଛି ।

ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତି

ଯନ୍ତ୍ରପାତିଗୁଡ଼ିକ ଉନ୍ନତ ଥିବାରୁ ମଧ୍ୟ-ପ୍ରସ୍ତର ଯୁଗକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରେ । ମଧ୍ୟ-ପ୍ରସ୍ତର ଯୁଗ ପୁରାତନ ପ୍ରସ୍ତର ଯୁଗ ଏବଂ ନୂତନ ପ୍ରସ୍ତର ଯୁଗ ମଧ୍ୟରେ ଏକ ସେତୁ ଥିଲା । ଏହା ଏକ ସାମୟିକ ସଭ୍ୟତା ଥିଲା ଏବଂ ପୁରାତନ ଓ ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା ମଧ୍ୟରେ ସଂଯୋଗକାରୀ ଥିଲା । ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତିଗୁଡ଼ିକ କ୍ଷୁଦ୍ର ଏବଂ ଜ୍ୟାମିତିକ ଆକାର ପ୍ରକାର ବିଶିଷ୍ଟ ଥିଲା । ସେଗୁଡ଼ିକ ଅତି କଠିନ ପ୍ରସ୍ତରରେ ଏପରି ଭାବରେ ନିର୍ମିତ ହୋଇଥିଲା ଯେ, ହାଡ଼ ଅଥବା କାଠ ଅଥବା ବାଉଁଶର ବେଣ୍ଟ ଲଗାଯାଇ ବ୍ୟବହାର କରାଯାଇ ପାରୁଥିଲା ।

ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତିଗୁଡ଼ିକର ପ୍ରକାରଭେଦ

ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତିଗୁଡ଼ିକର ପ୍ରକାରଭେଦ ନିମ୍ନରେ ପ୍ରଦତ୍ତ ହୋଇଛି ।

ଅର୍ଦ୍ଧଚନ୍ଦ୍ରାକୃତି କିମ୍ବା ବକ୍ରାକୃତି ଯନ୍ତ୍ରପାତି

ଅର୍ଦ୍ଧଚନ୍ଦ୍ରାକୃତି ଅଥବା ବକ୍ରାକୃତି ଯନ୍ତ୍ରପାତି ପ୍ରାଚୀନ ପ୍ରସ୍ତର ଯୁଗର ପ୍ରସ୍ତରନିର୍ମିତ କ୍ଷୁଦ୍ର ଉପକରଣ ଥିଲା । ଏହିଗୁଡ଼ିକର ଉଭୟ ପଟରେ ପତଳା ଧାର ରହିଥିଲା । ତନ୍ମଧ୍ୟରୁ ଗୋଟିଏ ପଟର ଧାରକୁ ମୋଟାଳିଆ କରି ବେଣ୍ଟ ଲଗେଇବା ବ୍ୟବସ୍ଥା କରାଯାଉଥିଲା । ଫଳସ୍ୱରୂପ ବେଣ୍ଟକୁ ଧରି ବ୍ୟବହାର କରାଯାଉଥିଲା । ଏହାର ଧାର ପଟଟି ମୁନିଆ ଓ ପତଳା ରହୁଥିଲା । ଏଗୁଡ଼ିକ ମଧ୍ୟରୁ ଅନେକ ସରଞ୍ଜାମର ଭାଗମାପ ଯଥାଯଥ ନ ଥିଲା ।

ତ୍ରିକୋଣି ଯନ୍ତ୍ରପାତି

ତ୍ରିକୋଣି ଯନ୍ତ୍ରପାତିଗୁଡ଼ିକ ପତଳା ଭଙ୍ଗା ପ୍ରସ୍ତର ଖଣ୍ଡ ସାହାଯ୍ୟରେ ନିର୍ମାଣ କରାଯାଉଥିଲା । ଏଗୁଡ଼ିକର ମୂଳ ତୀକ୍ଷ୍ଣ ହେଉଥିବା ବେଳେ ଅନ୍ୟ ଦୁଇପାର୍ଶ୍ୱ ଦନ୍ତୁର କରାଯାଉଥିଲା । ସମାନ ପାର୍ଶ୍ୱବିଶିଷ୍ଟ ଶୀର୍ଷକୋଣି ଅସ୍ତ୍ରକୁ ଆର୍ସୋଷ୍ଟାଇନ୍ ଏବଂ ବିଷମ ପାର୍ଶ୍ୱବିଶିଷ୍ଟ ଶୀର୍ଷକୋଣି ଅସ୍ତ୍ରକୁ ସ୍କେଲାଇନ୍ କୁହାଯାଏ । ତ୍ରିକୋଣି ଯନ୍ତ୍ରପାତିଗୁଡ଼ିକୁ ଶୀର୍ଷକୋଣ ଆଧାରରେ ଦୁଇଭାଗରେ ବିଭକ୍ତ କରାଯାଏ ।

ଟ୍ରାପେଜ୍ ଯନ୍ତ୍ରପାତି

ଟ୍ରାପେଜ୍ ଯନ୍ତ୍ରପାତିଗୁଡ଼ିକ ଚତୁର୍ଭୁଜବିଶିଷ୍ଟ ଜ୍ୟାମିତିକ ଭାଗମାପ ଅନୁଯାୟୀ ନିର୍ମାଣ କରାଯାଇଛି । ଏଗୁଡ଼ିକର ଉପର ଏବଂ ତଳପାର୍ଶ୍ୱ ସମାନ୍ତରାଳ ଅଟେ । ଉପରପାର୍ଶ୍ୱ ଅପେକ୍ଷା ତଳପାର୍ଶ୍ୱ ଛୋଟ ଅଟେ । ଏଗୁଡ଼ିକର ତିନି ଛୋଟପାର୍ଶ୍ୱ ଗୁଡ଼ିକ ଦନ୍ତୁର କରାଯାଇଥିବା ବେଳେ ଅଧିକ ଲମ୍ବ ଥିବା ପାର୍ଶ୍ୱ ତୀକ୍ଷ୍ଣ ଅଟେ । ଏଗୁଡ଼ିକର ଅନ୍ୟ ଦୁଇପାର୍ଶ୍ୱ କିନ୍ତୁ ସମାନ୍ତରାଳ ନ ଥାଏ ।

ପୋଡ଼ାଯାଇଥିବା ଯନ୍ତ୍ରପାତି

ଚତୁଷ୍କୋଣି ଏବଂ ସମାନ୍ତରାଳ ପାର୍ଶ୍ୱବିଶିଷ୍ଟ ପାତ ପରି ପତଳା ପ୍ରକାରର ଯନ୍ତ୍ରପାତିଗୁଡ଼ିକର ଉଭୟ ପାର୍ଶ୍ୱକୁ ପୋଡ଼ାଯାଇ କାଟିବା ପାଇଁ ପ୍ରସ୍ତୁତ କରାଯାଇଛି । ଏଗୁଡ଼ିକର ପାର୍ଶ୍ୱଗୁଡ଼ିକ ଅତୀବ ତୀକ୍ଷ୍ଣ ଅଟେ ।

ଅଗ୍ରଭାଗ କଟାଯାଇଥିବା ଛୁରୀ

ଅଗ୍ରଭାଗ କାଟି ଛୋଟ କରାଯାଇଥିବା ଯନ୍ତ୍ରପାତିଗୁଡ଼ିକ ପାତପରି ହୋଇଥିବା ଛୁରୀ ଅଟେ । ଏହାର ଅଗ୍ରଭାଗକୁ ଏପରି ଭାବରେ ଛେଚାଯାଇଛି ଯେ, ତାହାର ଭୂସମାନ୍ତରାଳ ଅଥବା ଆନୁଭୂମିକ ଏବଂ ତେରଛା ଦାନ୍ତଗୁଡ଼ିକୁ ରାମ୍ପିବା (ଚୋପା, ଚମଡ଼ା ଆଦି ଛଡ଼େଇବା) ପାଇଁ ବ୍ୟବହାର କରାଯାଇପାରିବ । ଏଗୁଡ଼ିକର ଗୋଟିଏ ଅଥବା ଉଭୟ ପାର୍ଶ୍ୱକୁ ଭଙ୍ଗାଯାଇ ଦାନ୍ତପରି କରାଯାଇଛି ।

ରାମ୍ପିବା ଯନ୍ତ୍ରପାତି

ପୁରାତନ ଯୁଗର ରାମ୍ପିବା ଯନ୍ତ୍ର ସହିତ ଏହାର ସାମଞ୍ଜସ୍ୟ ରହିଛି । ଏହା କ୍ଷୁଦ୍ର ଏବଂ ବୁଢ଼ା ଆଙ୍ଗୁଠି ଆକାରର ଅଟେ । ପ୍ରସ୍ତରର ପତଳା ଅଂଶକୁ ଭାଙ୍ଗିକରି ଏହି ଯନ୍ତ୍ର ତିଆରି କରାଯାଇଛି ।

ଅତି କ୍ଷୁଦ୍ର ଖୋଦନକାରୀ ଯନ୍ତ୍ର

ଅତି କ୍ଷୁଦ୍ର ଖୋଦନକାରୀ ଯନ୍ତ୍ର ଲମ୍ବାଳିଆ, ନଳାକାର ଅଥବା ବର୍ତ୍ତୁଳାକାର ଏବଂ ଗୋଟିଏ ପଟ ମୁନିଆ ହୋଇଥାଏ । ଏକ ବଡ଼ ପଥର ଦେହରେ ପ୍ରଥମେ ଏକ ଗଭୀର ନକ୍ସା କରାଯାଏ । ତା'ପରେ ନକ୍ସା ବାହାର ଅଂଶଗୁଡ଼ିକୁ ବାଡ଼େଇ କରି ଭଙ୍ଗାଯାଏ । ଭାଙ୍ଗିବା ପରେ ଯେଉଁ କ୍ଷୁଦ୍ର ଅଂଶଟି ରହିଯାଏ ତାକୁ ବରିନ୍ କୁହାଯାଏ । ଏହି କ୍ଷୁଦ୍ର ଯନ୍ତ୍ରଟିରେ କୋମଳ ପ୍ରସ୍ତର ଦେହରେ ଚିତ୍ରଆଦି ଖୋଦନ କରାଯାଏ । ଏହି ପ୍ରକାରର ଯନ୍ତ୍ରକୁ 'କ୍ଷୁଦ୍ର ବରିନ୍' ମଧ୍ୟ କୁହାଯାଏ ।

ଅତି କ୍ଷୁଦ୍ର ଖୋଦନକାରୀ ଯନ୍ତ୍ର (ମାଇକ୍ରୋ ବରିନ୍) ସ୍ୱାଧୀନତା ପୂର୍ବ ଭାରତର ଜମାଲଗଡ଼୍ହି (ଜି. ପେଶାୱାର୍)ଠାରୁ, ସୟାରେପୁରମ୍ (ଜି. ଟିନ୍ନେଭେଲି) ଏବଂ କରାଚୀଠାରୁ, ସରାଇକଲା (ବିହାର) ମଧ୍ୟରେ ଉପଲବ୍ଧ ହୋଇଛି । ଅତି କ୍ଷୁଦ୍ର ଖୋଦନକାରୀ ଯନ୍ତ୍ରର ନିର୍ମାଣ ମଧ୍ୟ-ପ୍ରସ୍ତର ଯୁଗରୁ ଆରମ୍ଭ ହୋଇ ଐତିହାସିକ ସମୟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତିଗୁଡ଼ିକର ଶ୍ରେଣୀବିଭାଗ

ଶ୍ରୀଯୁକ୍ତ ବିନ୍‌ଫୋର୍ଡ଼ ସିରିଆ, ଇସ୍ରାଏଲ୍ ଏବଂ ଫ୍ରାନ୍ସ ଆଦି ସ୍ଥାନରୁ ଆବିଷ୍କୃତ ଯନ୍ତ୍ରପାତିଗୁଡ଼ିକର ପରୀକ୍ଷା ଏବଂ ବ୍ୟାଖ୍ୟା କରି ପାଞ୍ଚଗୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି, ଯାହାକି ନିମ୍ନରେ ପ୍ରଦତ୍ତ ହେଲା ।

(କ) **ଯନ୍ତ୍ରପାତି ଥଳି-୧ :** ଏହି ବିଭାଗରେ ରହିଛି ୧୨ ପ୍ରକାରର ଯନ୍ତ୍ରପାତି । ଏହି ୧୨ ପ୍ରକାରର ଯନ୍ତ୍ରପାତି ମଧ୍ୟରେ ରହିଛି ଘୂର୍ଣ୍ଣାୟମାନ ଛିଦ୍ରକାରୀ ଯନ୍ତ୍ର, ଛୁରୀ, ରାମ୍ପିବା ଏବଂ କୋରିବା ଯନ୍ତ୍ର ଆଦି । ହାଡ଼ କିମ୍ବା କାଠର ଲମ୍ବଦଣ୍ଡବିଶିଷ୍ଟ ବେଣ୍ଟଯୁକ୍ତ ଅସ୍ତ୍ରରେ ଆଦିମ ମଣିଷ ପଶୁ ଚମଡ଼ାକୁ ସରୁ ଓ ଲମ୍ବ ଭାବରେ କାଟି ଦଉଡ଼ି ତିଆରି କରୁଥିଲା । ଏହି ଯନ୍ତ୍ରପାତି ସାହାଯ୍ୟରେ ମଣିଷ ଅନ୍ୟାନ୍ୟ ଯନ୍ତ୍ରପାତି ନିର୍ମାଣ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ କରୁଥିଲା ।

(ଖ) **ଯନ୍ତ୍ରପାତି ଥଳି- ୨ :** ଏହି ବିଭାଗରେ ୧୨ ପ୍ରକାରର ଯନ୍ତ୍ରପାତି ରହିଛି । ଏହି ୧୨ ପ୍ରକାରର ଯନ୍ତ୍ରପାତି ମଧ୍ୟରେ ରହିଛି ତିନିପ୍ରକାରର ଗୋଜିଆ ମୁନଯୁକ୍ତ ଯନ୍ତ୍ରପାତି, ରାମ୍ପିବା ଯନ୍ତ୍ର ଏବଂ ଖୋଦନକାରୀ ଯନ୍ତ୍ର । ଏଗୁଡ଼ିକୁ ମଣିଷ ଶିକାର କରିବା ଏବଂ ପଶୁଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟିବା ପାଇଁ ବ୍ୟବହାର କରୁଥିଲା ।

(ଗ) **ଯନ୍ତ୍ରପାତି ଥଳି-୩ :** ଏହି ବିଭାଗରେ ରହିଛି ୭ ପ୍ରକାରର ସରଞ୍ଜାମ । ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ପତଳା ଏବଂ ତୀକ୍ଷ୍ଣ ଧାରଯୁକ୍ତ ଯନ୍ତ୍ରପାତି, ଛୁରୀ ଆଦି । ଏହି ଯନ୍ତ୍ରପାତି ସାହାଯ୍ୟରେ ମଣିଷ ଶିକାର କରାଯାଇଥିବା ପଶୁକୁ ଖଣ୍ଡ ଖଣ୍ଡ କରି କାଟୁଥିଲା ।

(ଘ) **ଯନ୍ତ୍ରପାତି ଥଳି-୪ :** ଏହି ବିଭାଗରେ ରହିଛି ୪ ପ୍ରକାରର ଉପକରଣ । ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ତୀକ୍ଷ୍ଣ ଧାରଯୁକ୍ତ ପତଳା ପାତ ଅଥବା ଛୁରୀ, ରାମ୍ପିବା ଯନ୍ତ୍ର ଆଦି । ଏହି ଯନ୍ତ୍ରପାତିଗୁଡ଼ିକର କାର୍ଯ୍ୟଥିଲା ଫଳମୂଳକୁ କାଟିକରି ଖାଇବା ଉପଯୋଗୀ କରିବା । ଆହୁରି ମଧ୍ୟ ଏହି ଯନ୍ତ୍ରପାତି ସାହାଯ୍ୟରେ ମଣିଷ ହାଡ଼କୁ ରାମ୍ପୁଡ଼ି ଅଥବା କୋରି କରି ଖାଉଥିଲା ।

(ଙ) **ଯନ୍ତ୍ରପାତି ଥଳି-୫ :** ଏହି ବିଭାଗରେ ୬ ପ୍ରକାର ଯନ୍ତ୍ରପାତି ରହିଛି । ଏହି ଯନ୍ତ୍ରପାତି ସହିତ ମିଶିକରି ରହିଛି ମୁନିଆ ଯନ୍ତ୍ରପାତି, ଚକ୍ରାକାର ଯନ୍ତ୍ର, ରାମ୍ପିବା ଯନ୍ତ୍ର ଓ ଛୁରୀ ଆଦି । ଶିକାର କରିବା, ପଶୁର ମାଂସକୁ ଖଣ୍ଡ ଖଣ୍ଡ କରି କାଟିବା ଆଦି କାର୍ଯ୍ୟରେ ଏହି ଯନ୍ତ୍ରପାତିଗୁଡ଼ିକ ବ୍ୟବହୃତ ହେଉଥିଲା ।

ମଧ୍ୟ-ପ୍ରସ୍ତର ଯୁଗର ବିଶେଷତ୍ୱ ଅଟେ ଯେ, ସେ କାଳରେ ମଣିଷ ହାଡ଼, ପଶୁର ଶିଙ୍ଗ, ହାତୀଦାନ୍ତ, କାଠ ଓ ପ୍ରସ୍ତର ଆଦି ଉପଯୋଗ କରି ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲା । କାଠକୁ ଗୋଜିଆ କରି ତୀକ୍ଷ୍ଣ କରିବା ଏବଂ ନିଆଁରେ ପୋଡ଼ି ଟାଣ କରିବା ଆଦି ପଦ୍ଧତି ବ୍ୟବହାର କରାଯାଉଥିଲା । ବର୍ଚ୍ଛାର ଉପସ୍ଥିତି ବଡ଼ ବଡ଼ ଜୀବଙ୍କୁ ଶିକାର କରାଯାଉଥିବାର ସୂଚନା ପ୍ରଦାନ କରେ ।

ମଧ୍ୟ-ପ୍ରସ୍ତର ଯୁଗର ସ୍ଥାନ ଏବଂ ସଂସ୍କୃତି

ଇଉରୋପରେ ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତାକୁ ଆବିଷ୍କୃତ ହୋଇଥିବା ସ୍ଥାନଗୁଡ଼ିକର ନାମାନୁସାରେ ନାମିତ କରାଯାଇଛି ।

ଆଜିଲୀୟ ସଂସ୍କୃତି

ଆଜିଲୀୟ ସଂସ୍କୃତିର ନାମ ଫ୍ରାନ୍ସର ମାସ୍‌ଦେ ଆଜିଲ୍ ଅନୁଯାୟୀ ରଖାଯାଇଛି । ଏହି ସ୍ଥାନରେ ସଭ୍ୟତାର ସ୍ତରଗୁଡ଼ିକ ତଳ ଉପର ହୋଇ ରହିଛି । ସଭ୍ୟତା ଗଢ଼ି ଉଠିଥିବା ସମୟରେ ଏହି ସ୍ଥାନର ଜଳବାୟୁ ଏବଂ ଆଜିକାଲିକାର ଜଳବାୟୁ ମଧ୍ୟରେ କିଛି ପରିବର୍ତ୍ତନ ଘଟିନାହିଁ, ସମାନ ରହିଛି । ଉପଲବ୍ଧ ତଥ୍ୟ ପ୍ରମାଣରୁ ଜଣାଯାଏ ଯେ, ଏହି କ୍ଷେତ୍ରରେ ମଣିଷ ବସତି ସ୍ଥାପନ କରିବା ସମୟରେ ନିଘଞ୍ଚ ଜଙ୍ଗଲ ତଥା ଜଳବାୟୁ ଆର୍ଦ୍ର ଥିଲା । ଯଦିଓ ପଶୁପାଳନ ସମ୍ବନ୍ଧିତ କିଛି ପ୍ରମାଣ ଆମର ହସ୍ତଗତ ହୋଇନାହିଁ ତଥାପି ମଧ୍ୟ କୁକୁରଗୁଡ଼ିକର ଜୀବାଶ୍ମ ପ୍ରାପ୍ତି ସ୍ଥାନରୁ ଜଣାଯାଇଛି ଯେ, କୁକୁର ଏକ ଗୃହପାଳିତ ପଶୁ ଥିଲା ।

ଆଜିଲୀୟ ପ୍ରସ୍ତର ଯନ୍ତ୍ରପାତିଗୁଡ଼ିକ ମଧ୍ୟରେ ବେଶି ପରିମାଣରେ ଗୋଲାକାର ରାମ୍ପିବା ଯନ୍ତ୍ର, ନିହାଣ (ଖୋଦନକାରୀ ଯନ୍ତ୍ର), ଛୁରୀ ଏବଂ ପତଳା ଧାରଯୁକ୍ତ ଉପକରଣ ଉପଲବ୍ଧ ହୋଇଛି । ଅନ୍ୟ ଯନ୍ତ୍ରପାତିଗୁଡ଼ିକ ମଧ୍ୟରେ ରହିଛି ହରିଣ ଏବଂ ସମ୍ବର ଆଦି ଜୀବଙ୍କ ହାଡ଼ରୁ ତିଆରି ମାଛ ମାରିବା ବର୍ଚ୍ଛା । ଏହି ବର୍ଚ୍ଛାର ଉପର ମୁଣ୍ଡରେ ପ୍ରସ୍ତର ନିର୍ମିତ ନିହାଣ ଦ୍ୱାରା କଣା କରାଯାଇ କାଠର ଲମ୍ବା ବେଣ୍ଟ ଲଗାଯାଇଛି । ଏହି ସଭ୍ୟତାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ରଙ୍ଗକରା ବାଲି ଗରଡ଼ା ଅଥବା ସ୍ଫଟିକ ପ୍ରସ୍ତର । ରଙ୍ଗର ଛିଟା ଏବଂ ଧାଡ଼ିଗୁଡ଼ିକର ଅବସ୍ଥିତି ଲୋକଙ୍କ ମଧ୍ୟରେ ଯାଦୁବିଦ୍ୟା ପ୍ରତି ବିଶ୍ୱାସ ରହିଥିବାର ସୂଚନା ଦିଏ । ଏହି ସଂସ୍କୃତି ଫ୍ରାନ୍ସ, ଉତ୍ତର ସ୍ପେନ୍, ସୁଇଜରଲ୍ୟାଣ୍ଡ, ବେଲ୍‌ଜିୟମ୍ ଓ ଭାରତ ଆଦି ଦେଶରେ ପରିବ୍ୟାପ୍ତ ଥିଲା ।

ଟୋର୍‌ଡେନୋଇସୀୟ ସଂସ୍କୃତି

ଟୋର୍‌ଡେନୋଇସୀୟ ସଂସ୍କୃତିର ନାମକରଣ ଫ୍ରାନ୍ସର 'ଫ୍ରେରିନ୍ ଟୋର୍‌ଡେନୟାସ୍ ଆନେ' ଅନୁଯାୟୀ କରାଯାଇଛି । ଏହି ସଂସ୍କୃତିର ପ୍ରମାଣ ଇଟାଲୀ, ବଲ୍‌କାନ୍, ଉତ୍ତର ରୁଷିଆ ଏବଂ ସ୍କାଣ୍ଡିନାଭିଆ ବ୍ୟତୀତ ଇଉରୋପର ଅନ୍ୟାନ୍ୟ ସମଗ୍ର ଅଞ୍ଚଳରେ ମିଳିଛି । ଏହି ସମୟର ମଣିଷ ଗୁମ୍ଫା ପରିବର୍ତ୍ତେ ସମତଳ ଅଞ୍ଚଳରେ ବସବାସ କରୁଥିଲେ । ଏହି ସଂସ୍କୃତିର ଯନ୍ତ୍ରପାତିଗୁଡ଼ିକ ଅତି କଠିନ ପ୍ରସ୍ତରରେ ନିର୍ମିତ ହୋଇଛି । ସେଗୁଡ଼ିକ ତ୍ରିକୋଣି, ଅର୍ଦ୍ଧବକ୍ର ଏବଂ ତୀର ମୁନ ଆକୃତିବିଶିଷ୍ଟ ଅଟେ । ଜ୍ୟାମିତିକ ଆକାରବିଶିଷ୍ଟ ଏହି କ୍ଷୁଦ୍ର ଯନ୍ତ୍ରପାତିଗୁଡ଼ିକରେ ବେଣ୍ଟ ଲଗାଯାଇଛି ।

ଅଷ୍ଟୁରୀୟ ସଂସ୍କୃତି

ମଧ୍ୟ-ପ୍ରସ୍ତରଯୁଗୀୟ ସଂସ୍କୃତିର କେତେକ ପ୍ରମାଣ ଆମକୁ ଉତ୍ତର ସ୍ପେନ୍‌ର ଅଷ୍ଟୁରୀୟ ଏବଂ ପର୍ତ୍ତୁଗାଲ୍‌ର ସମୁଦ୍ରକୂଳଠାରୁ ମିଳିଛି । ଶଙ୍ଖ ଖୋଳପା ଗଦା ମଧ୍ୟରୁ ମିଳିଛି କେତେକ ସ୍ଫଟିକ ପ୍ରସ୍ତରନିର୍ମିତ ହସ୍ତକୁଠାର ଏବଂ ରାମ୍ପିବା ଯନ୍ତ୍ର (କୋରଣା) । ଏହା ଟୋରଡ଼େନୋ ଇସୀୟ ସଭ୍ୟତାର ସମସାମୟିକ ଅଟେ । ଏଠାରୁ ମିଳିଥିବା ଅଧିକାଂଶ ଯନ୍ତ୍ରପାତି ଛୋଟ ବାଲିଗରଡ଼ାରେ ନିର୍ମିତ ଏବଂ ତଳପଟଗୁଡ଼ିକ ଅସଂପୂର୍ଣ୍ଣ ଅଟେ । ଆବିଷ୍କୃତ କେତେକ ଉପକରଣ ପ୍ରାପ୍ତ ବୟସ୍କ ଅଣ୍ଡିରା ହରିଣ ହାଡ଼ରୁ ତିଆରି କରାଯାଇଛି ।

ଲାରନୀୟ ସଂସ୍କୃତି

ଉତ୍ତର ଆୟରଲ୍ୟାଣ୍ଡସ୍ଥିତ ଲାରନେ ସମୁଦ୍ରକୂଳର ନାମ ଅନୁସାରେ ଏହି ସଂସ୍କୃତିର ନାମ ଲାରନୀୟ ରଖାଯାଇଛି । ମୁନିଆ ଯନ୍ତ୍ର, ଛୁରୀ ଏବଂ କୋରଣା ଆଦି ଏହି ସଂସ୍କୃତିର ମୌଳିକ ଅସ୍ତ୍ର ଅଟେ । ଏଠାରୁ ଉପଲବ୍ଧ ହାଡ଼ନିର୍ମିତ ଯନ୍ତ୍ରପାତି ପରବର୍ତ୍ତୀ ସମୟରେ ନିର୍ମିତ ହୋଇଥିବାର ଧାରଣା ହୋଇଥାଏ । ସମୟକ୍ରମେ ଗଛ କାଟିବା ପାଇଁ ଏହି କ୍ଷେତ୍ରରେ ବଡ଼ ଆକାରର ହସ୍ତକୁଠାର ନିର୍ମାଣ କରାଯାଇଥିଲା ।

କିଚେନ୍ ମିଡ୍ଡେନ୍ ସଂସ୍କୃତି

ବାଲ୍‌ଟିକ୍ ସାଗର ଏବଂ ଇଉରୋପର ଉତ୍ତର ସାଗର କୂଳରେ କିଚେନ୍ ମିଡ୍ଡେନ୍ ମଧ୍ୟଯୁଗୀୟ ସଂସ୍କୃତି ବିକାଶଲାଭ କରିଥିଲା । ଏହି ସଭ୍ୟତା ସଂପର୍କିତ ଯନ୍ତ୍ରପାତି ଫ୍ରାନ୍‌ସ, ସାର୍ଡିନିଆ, ପର୍ତ୍ତୁଗାଲ୍, ବ୍ରାଜିଲ୍, ଜାପାନ, ମାଞ୍ଚୁରୀଆ ଏବଂ ଡେନ୍‌ମାର୍କ ଆଦି ସ୍ଥାନରୁ ଆବିଷ୍କାର କରାଯାଇଛି । ହାଡ଼ରୁ ତିଆରି ଅସ୍ତ୍ରଗୁଡ଼ିକରେ ଏହି ସଭ୍ୟତାର ଲୋକେ ସମୁଦ୍ରରୁ ମାଛ, କଙ୍କଡ଼ା ଆଦି ଶିକାର କରୁଥିଲେ । ସର୍ବପ୍ରଥମ ମାଟିପାତ୍ର ଏହି ଅଞ୍ଚଳରୁ ଆବିଷ୍କାର କରାଯାଇଛି । ମାଟିପାତ୍ରଗୁଡ଼ିକ ହାତ ତିଆରି, ଅସମାନ, ବନ୍ଧୁର ଏବଂ ମୋଟା ଅଟେ । ମାଟିପାତ୍ରଗୁଡ଼ିକର ଆକାର ବର୍ତ୍ତୁଳାକାର ଅଥବା ବର୍ଚ୍ଛାପରି ଥିଲା । ସେଗୁଡ଼ିକ ଅସମାପ୍ତ ଥିଲା । ହାଡ଼ନିର୍ମିତ ଅସ୍ତ୍ରଗୁଡ଼ିକରେ ଖୋଦେଇ କରାଯାଇଥିଲା । ଏହି କ୍ଷେତ୍ରର ଗୃହପାଳିତ ପଶୁ ହେଉଛି କୁକୁର ।

ମାଗ୍ଲେମୋସୀୟ ସଂସ୍କୃତି

ମାଗ୍ଲେମୋସୀୟ ସଂସ୍କୃତିର ପ୍ରମାଣ ଆମେ ଡେନ୍‌ମାର୍କ, ସ୍ୱିଡେନ୍, ପୋଲାଣ୍ଡ, ଫିନ୍‌ଲ୍ୟାଣ୍ଡ, ଉତ୍ତର ଜର୍ମାନୀ, ବେଲଜିୟମ୍, ଫ୍ରାନ୍‌ସ ଆଦି ଦେଶରୁ ପାଉଛୁ । ଏହି ସଂସ୍କୃତିର ଯନ୍ତ୍ରପାତିଗୁଡ଼ିକ ଅତି କଠିନ ପ୍ରସ୍ତର, କାଠ ଏବଂ ଶିଙ୍ଗରେ ନିର୍ମିତ । ଯନ୍ତ୍ରପାତିଗୁଡ଼ିକ ମଧ୍ୟରେ ରହିଛି କୋରଣା, ଛୁରୀ, ପାତ, ଇଂରାଜୀର 'ଭି' ଅକ୍ଷର ପରି ବନଶୀ କଣ୍ଟା ଓ ବର୍ଚ୍ଛା ଆଦି । ପ୍ରତ୍ୟେକ ଯନ୍ତ୍ରପାତିରେ କାଠ ଓ ହାଡ଼ର ବେଣ୍ଟ ଲଗାଯାଇଛି । ଉପଲବ୍ଧ ଜିନିଷଗୁଡ଼ିକରୁ ଜଣାଯାଏ ଯେ, ଏହି ସଭ୍ୟତାର ଲୋକେ ଜୀବନଧାରଣ ପାଇଁ ପକ୍ଷୀ ଶିକାର ଏବଂ ମାଛ ମାରିବା ଉପରେ ପ୍ରାୟତଃ ନିର୍ଭରଶୀଳ ଥିଲେ ।

ଆର୍ଟେବୋଲେ ସଂସ୍କୃତି

ଉତ୍ତର ଜର୍ମାନୀ, ବ୍ରିଟେନ୍, ଜୁଟଲ୍ୟାଣ୍ଡ, ପୂର୍ବ ବାଲଟିକ୍ ଏବଂ ସ୍କାଣ୍ଡିନାଭିଆ ଆଦି ଅଞ୍ଚଳରେ ଆର୍ଟେବୋଲେ ସଂସ୍କୃତି ବିକାଶଲାଭ କରିଥିଲା । ଏହି ଅଞ୍ଚଳଗୁଡ଼ିକରୁ ଆବିଷ୍କୃତ ଯନ୍ତ୍ରପାତି ମଧ୍ୟରେ ରହିଛି ଛୁରୀ, ପାତ, ବର୍ଚ୍ଛା, କୋରଣା, ହସ୍ତକୁଠାର ଆଦି । ହାଡ଼ରେ ନିର୍ମିତ ପାନିଆ ଏବଂ ଅଧା ପୋଡ଼ା ହାତ ତିଆରି ମାଟିପାତ୍ର ହେଉଛି ଏହି ସଭ୍ୟତାର ଚାରିତ୍ରିକ ବୈଶିଷ୍ଟ୍ୟ । ଏହା ପରଠାରୁ ମାଟିପାତ୍ରର ବ୍ୟବହାର ବଢ଼ି ଚାଲିଥିଲା ।

ଭାରତୀୟ ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତା

ମାତ୍ର ଅଳ୍ପ ବର୍ଷ ତଳେ ୧୯୬୭ ଖ୍ରୀ.ଅ.ରେ ଭାରତରେ ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତାର ଆବିଷ୍କାର କରାଯାଇଛି । ଶ୍ରୀଯୁକ୍ତ ଏ.ସି.ଏଲ୍. କାର୍ଲିଲେ ସର୍ବପ୍ରଥମେ ମିର୍ଜାପୁର (ଉତ୍ତରପ୍ରଦେଶ) ଏବଂ ରେଓ୍ୱା (ମଧ୍ୟପ୍ରଦେଶ)ଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରି ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତାର ଯନ୍ତ୍ରପାତି ଆବିଷ୍କାର କରିଥିଲେ । ଏହି ଖନନରୁ ପ୍ରମାଣିତ ହୋଇଛି ଯେ, ଭାରତରେ ମଧ୍ୟ-ପ୍ରସ୍ତର ଯୁଗର ସଭ୍ୟତା ଖ୍ରୀ:ପୂ: ୧୦,୦୦୦ ବର୍ଷରୁ ଖ୍ରୀ:ପୂ: ୪୦୦୦ ବର୍ଷ ମଧ୍ୟରେ ପରିବ୍ୟାପ୍ତ ଥିଲା । ବର୍ତ୍ତମାନ ସୁଦ୍ଧା ଭାରତରେ ୩୦୦୦ ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତାର ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ମାତ୍ର ୨୪ ଗୋଟି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇଛି । ଭାରତର ଅନେକ ପ୍ରଦେଶ ଯଥା- ପଶ୍ଚିମବଙ୍ଗ, ଗୁଜୁରାଟ, ରାଜସ୍ଥାନ, ତାମିଲନାଡ଼ୁ, ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରୁ ଏହି ସଭ୍ୟତାର ପ୍ରମାଣ ମିଳିସାରିଛି । ରାଜସ୍ଥାନର ଆରାବଳି ପାର୍ବତ୍ୟାଞ୍ଚଳ, ତିଲୱାରା, ଧାନେରି, ବାମ୍ବୁ, ଲୋର୍ଡ଼ିଆ, ବାଘୋର ଅଞ୍ଚଳ; ମହାରାଷ୍ଟ୍ରର କାଜିବଲି ଓ ନାସିକ ଆଦି ଅଞ୍ଚଳ; କର୍ଣ୍ଣାଟକର ବେଲଗାଁ, ଗୁଲବର୍ଗା; ଆନ୍ଧ୍ରପ୍ରଦେଶର ନାଗାର୍ଜୁନକୋଣ୍ଡା, ଗୁଣ୍ଟୁର; ଓଡ଼ିଶାର ଢେଙ୍କାନାଳ, ସୁନ୍ଦରଗଡ଼, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଆଦି ସ୍ଥାନ; ତାମିଲନାଡୁର ଟିନ୍ନେଲଭେଲି, ମାଡ୍ରାସ୍; ମଧ୍ୟପ୍ରଦେଶର ଜବଲପୁର, ସାଗର ଆଦି; ପଶ୍ଚିମବଙ୍ଗର ବୀରଭୂମ, ମିଦିନାପୁର; ଉତ୍ତରପ୍ରଦେଶର ଆଲ୍ଲାହାବାଦ, ବାରାଣସୀ ଆଦି ଅଞ୍ଚଳରୁ ଅନେକଗୁଡ଼ିଏ ମଧ୍ୟ-ପ୍ରସ୍ତରଯୁଗୀୟ ସଂସ୍କୃତି ବିକାଶଲାଭ କରିଥିବା ପ୍ରମାଣ ମିଳିସାରିଛି ।

ବେଲାଙ୍ଗଘାଟି, ଭୀମବେଠକା ଏବଂ ବାଘୋର ଆଦି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ, ଏହି ଅଞ୍ଚଳଗୁଡ଼ିକରେ ମଧ୍ୟ-ପ୍ରସ୍ତର ଯୁଗର ମଣିଷମାନେ ଗୋଲାକାର ଅଥବା ଅଣ୍ଡାକୃତି କୁଡ଼ିଆ ନିର୍ମାଣ କରି ରହୁଥିଲେ ।

ଭାରତର ବିଭିନ୍ନ ସ୍ଥାନରୁ ଅନେକ ପ୍ରକାରର ମଧ୍ୟ-ପ୍ରସ୍ତରଯୁଗୀୟ ଯନ୍ତ୍ରପାତି ଆବିଷ୍କାର କରାଯାଇସାରିଛି । ବାଘୋରଠାରୁ ଅତି କଠିନ ପ୍ରସ୍ତରନିର୍ମିତ ଅତି କ୍ଷୁଦ୍ର ଛୁରୀ, ପାତ, କୋରଣା, ହାତ ତିଆରି ମାଟିପାତ୍ର ମିଳିଛି । ଲେଧରାଜଠାରୁ ମିଳିଥିବା ଅର୍ଦ୍ଧଚନ୍ଦ୍ରାକୃତି ଅସ୍ତ୍ର, ବର୍ଗାକାର ଏବଂ ଗୋଲାକାର ତୀକ୍ଷଣ ଧାରବିଶିଷ୍ଟ ପତଳା ସରଞ୍ଜାମ ସ୍ଫଟିକ ପ୍ରସ୍ତରରେ ନିର୍ମିତ ହୋଇଛି । ଆନ୍ଧ୍ରପ୍ରଦେଶରୁ ଦାନ୍ତୁରା ଛୁରୀ, ତ୍ରିକୋଣି ସରଞ୍ଜାମ, କୋରଣା ଆଦି ଆବିଷ୍କାର କରାଯାଇଛି । ଆଜମଗଡ଼ଠାରୁ କୋରଣା, ଛୁରୀ, ହାତଟାଙ୍ଗିଆ, ଗୋଜିଆ ମୁନଥିବା ଯନ୍ତ୍ର ସହିତ ପଶୁର ହାଡ଼ ଉପଲବ୍ଧ ହୋଇଛି, ଯାହାକି ପଶୁପାଳନ କରାଯାଉଥିବାର ପ୍ରମାଣ କରୁଛି । ମୟୂରଭଞ୍ଜରୁ ତୀକ୍ଷଣଧାରଯୁକ୍ତ ପାତ୍ର, ତ୍ରିକୋଣି ସରଞ୍ଜାମ, ହାତଟାଙ୍ଗିଆ ଆଦି ଆବିଷ୍କାର କରାଯାଇଛି । ଏହା ବିଶେଷ ଦ୍ରଷ୍ଟବ୍ୟ ଅଟେ ଯେ, ଆଲ୍ଲାହାବାଦ ଖନନରୁ ସାମୂହିକ ରୋଷେଇଶାଳ, ଚୁଲିର ଅବଶେଷାଂଶ, ପଶୁହାଡ଼ନିର୍ମିତ ଉପକରଣ, ହାତତିଆରି ମାଟିପାତ୍ର ଆଦି ମିଳିଛି । ଚୁଲି ପାଖରୁ ମିଳିଥିବା ପଶୁଙ୍କ ହାଡ଼ରୁ ଜଣାଯାଏ ଯେ, ସେ ସମୟରେ ମଣିଷମାନେ ମାଂସାହାରୀ ଥିଲେ ।

ମଧ୍ୟ-ପ୍ରସ୍ତରଯୁଗୀୟ ସଂସ୍କୃତିର ବୈଶିଷ୍ଟ୍ୟ

ମଧ୍ୟ-ପ୍ରସ୍ତର ଯୁଗରେ ସାରା ପୃଥିବୀରେ ଏକ ଉନ୍ନତ ସଭ୍ୟତା ଓ ସଂସ୍କୃତି ବିସ୍ତାରଲାଭ କରିଥିଲା । ବିଭିନ୍ନ ପ୍ରସ୍ତରଯୁଗୀୟ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ ଏହି ଯୁଗର ମଣିଷମାନେ ଗୋଲାକାର ଅଥବା ଅଣ୍ଡାକୃତି କୁଡ଼ିଆ ନିର୍ମାଣ କରି ରହୁଥିଲେ । ଘରଗୁଡ଼ିକର ଚଟାଣ ସାଧାରଣତଃ ଚଟକା ପ୍ରସ୍ତର ଖଣ୍ଡଗୁଡ଼ିକ ସାହାଯ୍ୟରେ ନିର୍ମାଣ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ଗୁମ୍ଫାରେ ମଧ୍ୟ ରହୁଥିଲେ । ଘରର ଚୁଲି ଏବଂ ସାମୂହିକ ରୋଷେଇଶାଳଗୁଡ଼ିକରୁ ଜଣାଯାଏ ଯେ, ସେମାନେ ନିଆଁର ବ୍ୟବହାର ଜାଣିଥିଲେ ଏବଂ ମାଂସ ଆଦି ରାନ୍ଧିକରି ଖାଉଥିଲେ । ଚୁଲି ପାଖରେ ପଡ଼ିଥିବା ହାଡ଼ଗୁଡ଼ିକରୁ ଜଣାଯାଏ ଯେ, ସେମାନେ ମାଂସାଶୀ ଥିଲେ ।

ଅର୍ଥନୈତିକ ଜୀବନ

ମଧ୍ୟ-ପ୍ରସ୍ତର ଯୁଗର ଅର୍ଥନୀତି ସାଧାରଣତଃ ଶିକାର କରିବା, ମାଛ ଧରିବା, ଫଳମୂଳ ସଂଗ୍ରହ କରିବା, ପଶୁପାଳନ କରିବା ଆଦିରେ ପର୍ଯ୍ୟବସିତ ଥିଲା । ଅନେକ କ୍ଷେତ୍ରରୁ ମିଳୁଥିବା କନ୍ଦମୂଳ ଏବଂ ହାଡ଼ରୁ ଏହା ଜଣାଯାଇଥାଏ । କେତେକ ସ୍ଥାନରୁ ମିଳିଥିବା ଜିନିଷରୁ ଜଣାଯାଏ ଯେ, ସେମାନେ ଫଳମୂଳ ସଂଗ୍ରହକରି ଜମାକରି ଭବିଷ୍ୟତ ପାଇଁ ରଖୁଥିଲେ । ଜିନିଷ ବଦଳରେ ଜିନିଷ ନେଣଦେଣ କିମ୍ବା ଫଳମୂଳ ମାଂସ ଆଦି ଅଭାବ ସମୟରେ ନେଇ ପୁଣି ପରେ ଫେରେଇବା ଆଦି ପ୍ରକାରର ପ୍ରାକ୍-ବ୍ୟବସାୟିକ ଅବସ୍ଥାର ସମ୍ଭାବନାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏହି ନେଣଦେଣରୁ ହିଁ ପରବର୍ତ୍ତୀ ବ୍ୟବସାୟିକ ବିନିମୟ (ବାର୍ଟର) ପଦ୍ଧତିର ସୃଷ୍ଟି ହୋଇଥିଲା ।

ସାମାଜିକ ଜୀବନ

ଗୋଟିଏ ସ୍ଥାନରେ ଅନେକଗୁଡ଼ିଏ କୁଡ଼ିଆର ଅବଶେଷାଂଶ ମିଳିବା ସେମାନଙ୍କ ସାମାଜିକ ଜୀବନଯାପନର ପ୍ରମାଣ ବହନ କରେ । ଅନେକଗୁଡ଼ିଏ ପରିବାର ଏକତ୍ର ବସବାସ କରୁଥିଲେ ତଥା ସମସ୍ତେ ସମସ୍ତଙ୍କର ସୁରକ୍ଷା ବାବଦରେ ଚିନ୍ତା କରୁଥିଲେ । ସେମାନେ ଦଳବଦ୍ଧ ଭାବରେ ଶିକାର ମଧ୍ୟ କରୁଥିଲେ । ସାର୍ବଜନୀନ ରୋଷେଇଶାଳ ପ୍ରମାଣ କରୁଛି ଯେ, ଶିକାର କରିଥିବା ଜୀବକୁ ଏକତ୍ର ରୋଷେଇ କରି ସମସ୍ତେ ବାଣ୍ଟିକରି ଖାଉଥିଲେ । ଏହା ଆହୁରି ପ୍ରମାଣିତ କରେ ଯେ, ଆନନ୍ଦ ଉତ୍ସବ ଆଧାରିତ ପର୍ବପର୍ବାଣିରେ ମଧ୍ୟ ମାଂସକୁ ଏକତ୍ର ରାନ୍ଧି ସମସ୍ତେ ଖାଉଥିଲେ । କେତେକ କ୍ଷେତ୍ରରୁ ମିଳିଥିବା ଅବଶେଷାଂଶ ଏବଂ ଗୁମ୍ଫାଚିତ୍ର ଆଦିରୁ ଜଣାଯାଏ ଯେ, ସେମାନେ ଉଲଗ୍ନ ରହୁ ନ ଥିଲେ, ବରଂ ଅଣ୍ଟାଠାରୁ ତଳକୁ ଗଛର ଛେଲି, ପତ୍ର ଅଥବା ପଶୁ ଚମଡ଼ା ପିନ୍ଧୁଥିଲେ ।

ମାଟିପାତ୍ର

ଆର୍ଚେବୋଲେ, ବାଘୋର ଆଦି ସ୍ଥାନରୁ ଆବିଷ୍କୃତ ମାଟିପାତ୍ରର ଅବଶେଷାଂଶ ପ୍ରମାଣ କରେ ଯେ, ମଧ୍ୟ-ପ୍ରସ୍ତର ଯୁଗ ସୁଦ୍ଧା ମଣିଷ ମାଟିପାତ୍ର ନିର୍ମାଣ କରିବା କୌଶଳ ଶିକ୍ଷା କରିଥିଲା । ସେମାନେ ହାତରେ ମାଟିପାତ୍ର ନିର୍ମାଣ କରୁଥିଲେ । ସେଗୁଡ଼ିକ ବନ୍ଧୁର, ମୋଟାଳିଆ ଏବଂ କେତେକ କ୍ଷେତ୍ରରେ ବିଷମ ଆକାରବିଶିଷ୍ଟ ଥିଲା । ପୁନଶ୍ଚ ଆର୍ଚେବୋଲେରୁ ମିଳିଥିବା ଅଧାପୋଡ଼ା ମାଟିପାତ୍ରରୁ ଜଣାଯାଏ ଯେ, ମାଟିପାତ୍ରକୁ ଦୀର୍ଘସ୍ଥାୟୀ ଏବଂ ଶକ୍ତ କରିବା ପାଇଁ ନିଆଁରେ ପୋଡ଼ିବା ମଧ୍ୟ ଆରମ୍ଭ ହୋଇଯାଇଥିଲା । ମାଟିପାତ୍ରକୁ ରଙ୍ଗ କରିବା ମଧ୍ୟ ମଣିଷ ଶିକ୍ଷା କରିଥିଲା ।

ଅଳଙ୍କାର ଓ ପ୍ରସାଧନ

ମିଳିଥିବା ହାଡ଼ନିର୍ମିତ ପାନିଆ ପ୍ରମାଣ କରେ ଯେ, ସେମାନେ ମୁଣ୍ଡ କୁଣ୍ଡେଇବା ଆଦି ପ୍ରସାଧନ କରୁଥିଲେ । ଉଭୟ ପୁରୁଷ ଓ ସ୍ତ୍ରୀ ବେକରେ ଗୋଟିମାଳି, କାନରେ କର୍ଣ୍ଣବଳୟ, ହାତରେ ବଳା ଆଦି ପିନ୍ଧୁଥିଲେ । ଏହି ଅଳଙ୍କାର ଗୁଡ଼ିକ ସାଧାରଣତଃ ପ୍ରସ୍ତର ଓ ହାଡ଼ରେ ନିର୍ମାଣ କରାଯାଉଥିଲା ।

ଧର୍ମବିଶ୍ୱାସ

ପୃଥିବୀର କେତେକ ସ୍ଥାନ ତଥା ଭାରତର ଉତ୍ତରପ୍ରଦେଶର କବରଗୁଡ଼ିକରୁ ଆବିଷ୍କୃତ ମଣିଷ କଙ୍କାଳ ଏବଂ ତା'ପାଖରେ ରହିଥିବା ଯନ୍ତ୍ରପାତିରୁ ଜଣାଯାଏ ଯେ ମଧ୍ୟ-ପ୍ରସ୍ତରଯୁଗୀୟ ମଣିଷମାନେ ମୃତ୍ୟୁ ପରେ ଜୀବନରେ (ଅର୍ଥାତ୍ ପୁନର୍ଜନ୍ମ) ବିଶ୍ୱାସ କରୁଥିଲେ । ମୃତ ମଣିଷକୁ କବର ଦେବାବେଳେ ତା'ର ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗ ଆଡ଼କୁ ରଖିବା, କେତେକ ସ୍ଥାନରେ ମଣିଷର କଙ୍କାଳ ସହିତ ଘୋଡ଼ାର କଙ୍କାଳ ରହିଥିବା ଆଦିରୁ ଜଣାଯାଏ ଯେ, ସେମାନେ ମୃତ୍ୟୁ ସମ୍ବନ୍ଧିତ କେତେକ ରୀତିନୀତି ଅଥବା ପ୍ରଥାର ପାଳନ କରୁଥିଲେ । କୌଣସି ଧାର୍ମିକ ବିଶ୍ୱାସ ଯୋଗୁଁ ସେମାନେ

ମଣିଷ ସହିତ ଘୋଡ଼ାକୁ କବର ଦେଉଥିଲେ । ଅନ୍ୟ ଏକ ସ୍ଥାନରୁ ଏକ ବୟସ୍କ ମାନବର କଙ୍କାଳ ପାଖରେ ଦୁଇଗୋଟି ଶିଶୁଙ୍କର କଙ୍କାଳ ମିଳିଛି, ଏଥିରୁ ପାରିବାରିକ ଜୀବନର ବିକାଶ ସମ୍ବନ୍ଧରେ ଜଣାଯାଏ ।

କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ କାରିଗରି ଜ୍ଞାନକୌଶଳ

ମଧ୍ୟ-ପ୍ରସ୍ତରଯୁଗୀୟ ସଭ୍ୟତାର ପ୍ରାୟ ସମସ୍ତ ସ୍ଥାନରୁ ଆମେ ଯନ୍ତ୍ରପାତି ପାଇପାରିଛୁ । ତନ୍ମଧ୍ୟରେ ରହିଛି ଅତି କ୍ଷୁଦ୍ର ଉପକରଣ । ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ରର ନିର୍ମାଣ, ମାଟିପାତ୍ର ନିର୍ମାଣ, ଅଳଙ୍କାର ନିର୍ମାଣ ଆଦି ସେମାନଙ୍କ କାରିଗରି ଜ୍ଞାନକୌଶଳର ପ୍ରମାଣ ଦେଇଥାଏ ।

ସେମାନେ ନିର୍ମାଣ କରିଥିବା ଗୋଲେଇ ଅଥବା ଅଣ୍ଡାକୃତି ଘର, ପଥର, ଚଟାଣ ଆଦିରୁ ସେମାନଙ୍କର ସ୍ଥାପତ୍ୟ ବିଦ୍ୟା ଉପରେ ଜ୍ଞାନର ପ୍ରମାଣ ମିଳିଥାଏ ।

ଗୁମ୍ଫାଗୁଡ଼ିକରେ ଏବଂ ଅନ୍ୟାନ୍ୟ ପ୍ରସ୍ତରରେ ସେମାନେ ଖୋଦେଇ କରି ତିଆରି କରିଥିବା ଦଳବଦ୍ଧ ପଶୁ ଏବଂ ମଣିଷର ଚିତ୍ର, ଗଛଲତା ଆଦିର ନକ୍‌ସା ଏବଂ ଅଦ୍ୟାବଧି ଆବିଷ୍କୃତ ପ୍ରସ୍ତର ଦେହରେ ଖୋଦିତ ପଶୁପକ୍ଷୀ ଆଦିର ଚିତ୍ରରାଜି ଯାହାକୁ ଆମେ ଗୁମ୍ଫାଚିତ୍ର ଏବଂ ଶୈଳଚିତ୍ର ଆଖ୍ୟା ଦେଇଛୁ, ସେଗୁଡ଼ିକ ସେମାନଙ୍କର ଚିତ୍ରକଳା ଏବଂ ଭାସ୍କର୍ଯ୍ୟ କଳା ଜ୍ଞାନର ପ୍ରମାଣ ପ୍ରଦାନ କରେ । ରଙ୍ଗକରା ମାଟିପାତ୍ର, ବାଲିଗରଡ଼ା ତଥା ଚିତ୍ରିତ ବାଲିଗରଡ଼ା ସେମାନଙ୍କର ରଙ୍ଗ ଏବଂ ରଙ୍ଗ କରିବା ଜ୍ଞାନର ପରିଚୟ ପ୍ରଦାନ କରେ ।

ଏହି ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପୁଷ୍ଟିକରେ ଯେ, ମଧ୍ୟ-ପ୍ରସ୍ତର ଯୁଗରୁ ମାନବ ସଭ୍ୟତା ବିକାଶୋନ୍ମୁଖୀ ହୋଇ ପୃଥିବୀପୃଷ୍ଠରେ ପରବର୍ତ୍ତୀ ବିକଶିତ ମହାନ୍ ସଭ୍ୟତାଗୁଡ଼ିକର ସୃଷ୍ଟି ହୋଇଥିଲା ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ମଧ୍ୟ-ପ୍ରସ୍ତର ଯୁଗର ଲୋକେ କବର ଦେବାବେଳେ ଶବର ମୁଣ୍ଡକୁ ______ କିମ୍ବା ______ ଦିଗକୁ ରଖୁଥିଲେ ।

୨ । ଫ୍ରାନ୍‌ସର ମାସ୍‌ଦେ ଆଜିଲ ଅନୁଯାୟୀ ______ ସଂସ୍କୃତିର ନାମକରଣ କରାଯାଇଛି ।

୩ । ଓଡ଼ିଶାର ______ ଏବଂ ______ ଜିଲ୍ଲା ଆଦି ଅନେକ ସ୍ଥାନରୁ ପୁରାତନ ପ୍ରସ୍ତର ଯୁଗର ସଭ୍ୟତା ଆବିଷ୍କୃତ ହୋଇଛି ।

୪ । ପ୍ରତ୍ନତାତ୍ତ୍ୱିକ ଖନନରୁ ଆମେ ପ୍ରାଚୀନ ମଣିଷ ବ୍ୟବହାର କରୁଥିବା ______ ସମ୍ବନ୍ଧରେ ଅଧ୍ୟୟନ କରିଥାଉ ।

୫ । ______ ବର୍ଷ ପୂର୍ବେ ପୃଥିବୀରେ ଆଜିକାଲି ରହୁଥିବା ମଣିଷଙ୍କ ପୂର୍ବପୁରୁଷଙ୍କ ବିକାଶ ହୋଇଥିଲା ।

ଉତ୍ତରମାଳା

(୧) ପୂର୍ବ, ପଶ୍ଚିମ (୨) ଆଜିଲୀୟ ସଂସ୍କୃତି, (୩) କେନ୍ଦୁଝର, ମୟୂରଭଞ୍ଜ, (୪) ଯନ୍ତ୍ରପାତି, (୫) ୩୦,୦୦୦ ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ଆରିଷ୍ଟୋଟଲଙ୍କ ମତରେ ପୃଥିବୀର କେତେଗୋଟି ସମକେନ୍ଦ୍ରିକ ମଣ୍ଡଳ ରହିଛି ?

୨ । ଟଲେମିଙ୍କ ମତରେ ପୃଥିବୀ ସ୍ଥିର ଅଛି ଏବଂ କେନ୍ଦ୍ରସ୍ଥଳ ଅଟେ, ଯାହାର ଚାରିପଟରେ କେଉଁଗୁଡ଼ିକ ଘୂରୁଛନ୍ତି ?

୩ । କୋପର୍ନିକସ୍‌ଙ୍କ ମତରେ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର କ'ଣ ଅଟେ ?

୪ । ପ୍ରତ୍ନତାତ୍ତ୍ୱିକ ବ୍ୟାଖ୍ୟାରୁ ଆମେ ପ୍ରାଚୀନତମ କ'ଣ ସମ୍ବନ୍ଧରେ ସମ୍ୟକ୍ ଭାବରେ ଜାଣିଥାଉ ?

୫ । ସମଗ୍ର ତୁଷାର ଯୁଗ ପ୍ରାୟ କେତେବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ?

୬ । କେଉଁ ଯୁଗରେ ସ୍ତନ୍ୟପାୟୀ ଜୀବ ସମଗ୍ର ପୃଥିବୀରେ ବ୍ୟାପୀ ଯାଇଥିଲେ ?

୭ । କେତେ ବର୍ଷ ପୂର୍ବେ ପୃଥିବୀପୃଷ୍ଠରେ ସର୍ବପ୍ରଥମେ ଜୀବସତ୍ତାର ଆରମ୍ଭ ହୋଇଥିଲା ?

୮ । କେଉଁ ଭଗବାନଙ୍କୁ ଗ୍ରୀକ୍ ପୁରାଣଗୁଡ଼ିକରେ ମଣିଷ ଏବଂ ସମସ୍ତ ଜୀବଜନ୍ତୁଙ୍କ ସ୍ରଷ୍ଟା ରୂପରେ ଅଭିହିତ କରାଯାଇଛି ?

୯ । ଗଛରେ ଚଢ଼ିପାରୁଥିବା ବିଶାଳ ଆଖି ବିଶିଷ୍ଟ ରାତିରେ ଚରାବୁଲା କରିପାରୁଥିବା ସ୍ତନ୍ୟପାୟୀ ଜୀବଙ୍କୁ କ'ଣ କୁହାଯାଏ ?

୧୦ । ପୁରାତନ ପ୍ରସ୍ତର ଯୁଗର ସର୍ବପ୍ରାଚୀନ ଯନ୍ତ୍ରପାତି ନିର୍ମାଣ ପରମ୍ପରାକୁ କ'ଣ କୁହାଯାଏ ?

୧୧ । ପ୍ରତ୍ନତାତ୍ତ୍ୱିକମାନଙ୍କ ମତରେ ପ୍ରାୟ କେତେବର୍ଷ ପୂର୍ବେ ଭାରତରେ ପ୍ରାଚୀନତମ ମଣିଷର ଆବିର୍ଭାବ ହୋଇଥିଲା ?

୧୨ । ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତାର ମଣିଷମାନେ ଜଳବାୟୁ ପରିବର୍ତ୍ତନ ସହିତ ସେମାନେ କ'ଣ କରୁଥିଲେ ?

୧୩ । କେଉଁ ଯନ୍ତ୍ରପାତିଗୁଡ଼ିକ ଚତୁର୍ଭୁଜବିଶିଷ୍ଟ ଜ୍ୟାମିତିକ ଭାଗମାପ ଅନୁଯାୟୀ ନିର୍ମାଣ କରାଯାଇଛି ?

୧୪ । ଉତ୍ତର ଆୟରଲାଣ୍ଡସ୍ଥିତ ଲାରେନ୍‌ଠାରେ କେଉଁ ସଂସ୍କୃତି ବିକାଶଲାଭ କରିଥିଲା ?

୧୫ । ମଧ୍ୟଯୁଗୀୟ ସଭ୍ୟତାର ଲୋକେ କିପରି ଶିକାର କରୁଥିଲେ ?

ଉତ୍ତରମାଳା

(୧) ୫୫, (୨) ଗ୍ରହ, (୩) ସୂର୍ଯ୍ୟ, (୪) ଭୂତତ୍ତ୍ୱ, (୫) ୨୪,୬୦,୦୦୦, (୬) ଭୂତତ୍ତ୍ୱ ପରିବର୍ତ୍ତନ ଯୁଗ, (୭) ୩,୫୦୦ ନିୟୁତ, (୮) ପ୍ରୋମେଥେୟସ୍, (୯) ଆରଚୋଣ୍ଡା, (୧୦) (କ) ଆବ୍‌ବେଭିଲୀୟ ସଂସ୍କୃତି, (୧୧) ୫,୦୦,୦୦୦, (୧୨) ସ୍ଥାନ ପରିବର୍ତ୍ତନ, (୧୩) ଟ୍ରାପେଜ୍, (୧୪) ଲାର୍‌ନୀୟ, (୧୫) ଦଳବଦ୍ଧ ଭାବରେ ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । ପୃଥିବୀପୃଷ୍ଠରେ ମଣିଷର ସୃଷ୍ଟି ଏବଂ ତା ହୃଦୟରେ ଧାର୍ମିକ ଭାବନାର ଉଦ୍ରେକ ଯୋଗୁଁ ପୃଥିବୀର ସୃଷ୍ଟି ସମ୍ବନ୍ଧରେ ସେ କିପରି ଧାରଣା କରିଥିଲା ?

୨ । ପୃଥିବୀର ସର୍ଜନା ସମ୍ବନ୍ଧରେ ଆରିଷ୍ଟୋଟଲଙ୍କ ମତ କ'ଣ ଥିଲା ?

୩ । ପୃଥିବୀପୃଷ୍ଠରେ ମଣିଷର ସୃଷ୍ଟି ସମ୍ବନ୍ଧରେ ଉପନିଷଦ କ'ଣ କୁହନ୍ତି ?

୪ । ମଣିଷ ସଦୃଶ ପଶୁ (ହୋମିନିଡ୍) ସମ୍ବନ୍ଧରେ ଲେଖ ।

୫ । ମଣିଷ କାହିଁକି ସଂପ୍ରଦାୟ ଗଠନ କରିଥିଲା ?

୬ । ପୁରାତନ ପ୍ରସ୍ତର ଯୁଗର ସଭ୍ୟତାଗୁଡ଼ିକ କିପରି ସ୍ଥାନଗୁଡ଼ିକରେ ଗଢ଼ି ଉଠିଥିଲା ?

୭ । ପ୍ରାଚୀନ ପ୍ରସ୍ତର ଯୁଗରେ ଭାଷାର ଉଦ୍ଭାବନ କିପରି ହୋଇଥିଲା ?

୮। ମଧ୍ୟ-ପ୍ରସ୍ତର ଯୁଗର ସ୍ଥାନ ଓ ସମୟ ସମ୍ବନ୍ଧରେ ଲେଖ ।

୯। ଲାରନୀୟ ସଂସ୍କୃତି ଉପରେ ଟିପ୍ପଣୀ ଲେଖ ।

୧୦। ମଧ୍ୟ-ପ୍ରସ୍ତର ଯୁଗର ଅଳଙ୍କାର ଓ ପ୍ରସାଧନ ସମ୍ବନ୍ଧରେ ଉଲ୍ଲେଖ କର ।

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧। ସୃଷ୍ଟି ସମ୍ବନ୍ଧିତ ପ୍ରାଚୀନତମ କାହାଣୀ ଏବଂ ବୈଜ୍ଞାନିକ ସିଦ୍ଧାନ୍ତ ସମ୍ବନ୍ଧରେ ଆଲୋଚନା କର ।

୨। ମଣିଷ ସଦୃଶ ପଶୁ (ହୋମିନିଡ୍) ଏବଂ ଜାଭା ମଣିଷ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କର ।

୩। ଆଚେଉଲୀୟ ସଂସ୍କୃତି ସମ୍ବନ୍ଧରେ ଉଲ୍ଲେଖ କର ।

୪। ପୁରାତନ ପ୍ରସ୍ତରଯୁଗୀୟ ସଭ୍ୟତାର ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଜୀବନ ସମ୍ବନ୍ଧରେ ବର୍ଣ୍ଣନା କର ।

୫। ମଧ୍ୟ-ପ୍ରସ୍ତର ଯୁଗର ଯନ୍ତ୍ରପାତି ସମ୍ବନ୍ଧରେ ଉଲ୍ଲେଖ କର ।

୬। ମଧ୍ୟ-ପ୍ରସ୍ତର ଯୁଗର ସଂସ୍କୃତି ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।

୭। ଭାରତୀୟ ମଧ୍ୟଯୁଗୀୟ ସଭ୍ୟତା କିପରି ଥିଲା ?

୮। ମଧ୍ୟ-ପ୍ରସ୍ତରଯୁଗୀୟ ସଂସ୍କୃତିର ବୈଶିଷ୍ଟ୍ୟ ପ୍ରଦାନ କର ।

୯। ପୁରାତନ ପ୍ରସ୍ତରଯୁଗୀୟ ସଂସ୍କୃତି ସମ୍ବନ୍ଧରେ ଜାଣିବା ପାଇଁ ଆମେ କେଉଁ ଉପାଦାନର ସାହାଯ୍ୟ ନେଇଥାଉ ?

୧୦। ଆଧୁନିକ ମଣିଷର ବିବର୍ତ୍ତନ ସମ୍ବନ୍ଧରେ ଆଲୋଚନା କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧। ପୃଥିବୀପୃଷ୍ଠରେ ମଣିଷର କ୍ରମବିକାଶ ଅଥବା ବିବର୍ତ୍ତନ ସମ୍ବନ୍ଧରେ ଏକ ରଚନା ଲେଖ ।

୨। ପୁରାତନ ପ୍ରସ୍ତରଯୁଗର ସଂସ୍କୃତି ସମ୍ବନ୍ଧରେ ଆଲୋଚନା କର ।

୩। ମଧ୍ୟ-ପ୍ରସ୍ତର ଯୁଗ ଏବଂ ବ୍ୟବହୃତ ଯନ୍ତ୍ରପାତି ସମ୍ବନ୍ଧରେ ଉଲ୍ଲେଖ କର ।

୪। ମଧ୍ୟ-ପ୍ରସ୍ତର ଯୁଗର ସ୍ଥାନ ଏବଂ ସଂସ୍କୃତି ସମ୍ବନ୍ଧରେ ଆଲୋଚନା କର ।

ଦ୍ୱିତୀୟ ଏକକ
UNIT - II

ନୂତନ ପ୍ରସ୍ତର ଯୁଗର ସଂସ୍କୃତି
(Neolithic Culture)

(କ) ଖାଦ୍ୟ ଉତ୍ପାଦନ

(ଖ) କୃଷିର ବିକାଶ

(ଗ) ପଶୁପାଳନ

ନୂତନ ପ୍ରସ୍ତର ଯୁଗର ସଂସ୍କୃତି
(Neolithic Culture)

ପୁରାତନ ଏବଂ ମଧ୍ୟ ପ୍ରସ୍ତର ଯୁଗର ସଂସ୍କୃତି ଓ ସଭ୍ୟତା

ପ୍ରତ୍ନତାତ୍ତ୍ୱିକ ବ୍ୟାଖ୍ୟାନ ଅନୁଯାୟୀ ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗର ପଶ୍ଚାଦ୍ଧାବନ କରି ଏବଂ ଏକ ପୂର୍ଣ୍ଣ ବିକଶିତ ସଭ୍ୟତାର ବାର୍ତ୍ତା ବହନ କରି ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲା ନୂତନ ପ୍ରସ୍ତର ଯୁଗ । ଏହି ଯୁଗ ଖ୍ରୀ.ପୂ. ୧୦,୦୦୦ରୁ ଖ୍ରୀ.ପୂ. ୫୦୦୦ ମଧ୍ୟରେ ପ୍ରାୟ ୫୦୦୦ ବର୍ଷ ଧରି ଧରାପୃଷ୍ଠରେ ପରିବ୍ୟାପ୍ତ ଥିଲା । ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ନୂତନ ପ୍ରସ୍ତର ଯୁଗ, ନୂତନ ସ୍ଥାନ ଏବଂ ମସୃଣ ଯନ୍ତ୍ରପାତିକୁ ହିଁ ପ୍ରତିନିଧିତ୍ୱ କରୁଥିଲା; ହେଲେ ଅଧୁନା ସମୟର ଅନୁସନ୍ଧାନ ପ୍ରମାଣିତ କରିପାରିଛି ଯେ,ଏହି ଯୁଗର ପରିବ୍ୟାପ୍ତି ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ରହିଥିଲା । ଶିକାରୀ-ସଂଗ୍ରହକାରୀ ମଣିଷ ଉତ୍ପାଦନକାରୀ ଭାବରେ ବିଦିତ ହୋଇଥିଲା । ମଣିଷର ଜୀବନ ଓ ଜୀବିକାରେ ଅହେତୁକ ପରିବର୍ତ୍ତନ ହୋଇଥିଲା । ପଶୁପାଳନ ଏବଂ ବୃକ୍ଷ ପୋଷଣ, କୃଷି ଉପରେ ପ୍ରାୟତଃ ସଂପୂର୍ଣ୍ଣ ନିର୍ଭରଶୀଳତା, ଜନସଂଖ୍ୟା ଏବଂ ଜନବସତିର ବୃଦ୍ଧି ଆଦି ଯୋଗୁଁ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଏହି ଯୁଗକୁ ପୁନଶ୍ଚ ନୂତନ ପ୍ରସ୍ତର ଯୁଗ କହିବାର ତାତ୍ପର୍ଯ୍ୟ ହେଉଛି ଯେ, ଏହି ସମୟରେ ପ୍ରସ୍ତର ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରପାତି ନୂତନ କାରିଗରି ଜ୍ଞାନକୌଶଳରେ ନିର୍ମାଣ କରାଯାଉଥିଲା । ସେଗୁଡ଼ିକର ଆକାର ପ୍ରକାର ଯଥାଯଥ ହେବାସହ ମସୃଣ କରାଯାଉଥିଲା । ଏହି ସମୟରେ ମଣିଷ ସୁନ୍ଦର ଗୃହ ନିର୍ମାଣ, ଚକ ସାହାଯ୍ୟରେ ଚିତ୍ରିତ ମାଟିପାତ୍ର ନିର୍ମାଣ କରିବା ସହିତ ଲୁଗାବୁଣି ପିନ୍ଧୁଥିଲା । ଏହିସବୁ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ମଣିଷ ନୂତନ ଯନ୍ତ୍ରପାତିର ଉଦ୍ଭାବନ କରିଥିଲା । ନୂତନ ପ୍ରକାରର ଅସ୍ତ୍ରଶସ୍ତ୍ର, ମାଟିପାତ୍ର, ଘର ଆଦିର ନିର୍ମାଣ ଏବଂ ଚଳଣି ନୂତନ ପ୍ରସ୍ତର ଯୁଗର ମଣିଷକୁ ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗର ମଣିଷଠାରୁ ପୃଥକ୍ କରିଥିଲା ।

ନୂତନ ପ୍ରସ୍ତର ଯୁଗରେ ଆଦିମ ମଣିଷ ଜୀବନକୁ ସୁଚାରୁରୂପେ ଚଳେଇ ନେବାପାଇଁ ଅନେକ ନୂତନ ଜିନିଷ ଶିକ୍ଷା କରିଥିଲା, ବିକଶିତ କରିଥିଲା ତଥା ଅଙ୍ଗୀକାର କରିଥିଲା, ଯେପରିକି ଗୋଷ୍ଠୀକେନ୍ଦ୍ରିକ ଜୀବନଯାପନ, ଦଳବଦ୍ଧ ଭାବରେ ଶିକାର କରିବା, ଭୋଜି ଆଦିରେ ଏକତ୍ର ବସି ଖାଇବା ଆଦି । ଏତଦ୍‌ବ୍ୟତୀତ ମଣିଷ ନୂତନ ଗୃହନିର୍ମାଣ, ଖାଦ୍ୟଶସ୍ୟ ଉତ୍ପାଦନ, ସଂରକ୍ଷଣ ଶସ୍ୟକୁ ଗୁଣ୍ଡ କରିବା, ନିଆଁ ସାହାଯ୍ୟରେ ଖାଦ୍ୟ ରାନ୍ଧିବା, ପୋଡ଼ିବା ଆଦି କାର୍ଯ୍ୟପାଇଁ ନୂତନ କଳକାରଖାନା ନିର୍ମାଣ କରିଥିଲା । କୁଟୀରଶିଳ୍ପର ବିକାଶ ସଂଘଟିତ କରାଇଥିଲା । କାରଖାନା ଏବଂ କୁଟୀର ଶିଳ୍ପ ସାହାଯ୍ୟରେ ସେ ଗୃହୋପକରଣ, ମାଟିପାତ୍ର ନିର୍ମାଣ ପାଇଁ ଚକ, ଚାଷକାର୍ଯ୍ୟ ପାଇଁ ବ୍ୟବହୃତ ଯନ୍ତ୍ରପାତି, ଅସ୍ତ୍ରଶସ୍ତ୍ର, ମାଲ ପରିବହନ ପାଇଁ ଶଗଡ଼ଗାଡ଼ି ଆଦି ନିର୍ମାଣ କରିଥିଲା । ଏହିସବୁ କାର୍ଯ୍ୟ ମଣିଷକୁ ସ୍ୱ ସାହାଯ୍ୟକାରୀ ଅର୍ଥନୀତି ଆଡ଼କୁ ଆଗେଇ ନେଇଥିଲା । ଏହିସବୁ ପରିବର୍ତ୍ତନ ମାନବ ଇତିହାସରେ ଯୁଗାନ୍ତକାରୀ ଘଟଣା ଥିଲା ତଥା ପରବର୍ତ୍ତୀ ସଭ୍ୟତାଗୁଡ଼ିକର ଦିଗ୍‌ଦର୍ଶକ ଥିଲା ।

ଭାରତର ନୂତନ ପ୍ରସ୍ତରଯୁଗୀୟ ସଂସ୍କୃତି

୧୮୪୨ ଖ୍ରୀ.ଅ.ରେ ଲିଙ୍ଗସୁଗୁର (କର୍ଣ୍ଣାଟକ) ଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରି ଶ୍ରୀଯୁକ୍ତ ଏମ୍.ଏଚ୍. କୃଷ୍ଣ ସର୍ବପ୍ରଥମେ ଭାରତର ନୂତନ ପ୍ରସ୍ତର ଯୁଗର ସଭ୍ୟତା ଆବିଷ୍କାର କରିଥିଲେ । ତା'ପରବର୍ତ୍ତୀ ସମୟରେ ଭାରତର ଅନେକ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ନୂତନ ପ୍ରସ୍ତର ଯୁଗର ସଭ୍ୟତା ଆବିଷ୍କାର କରାଯାଇଛି । ଭାରତସ୍ଥିତ ନୂତନ ପ୍ରସ୍ତର ଯୁଗର ସ୍ଥାନଗୁଡ଼ିକ ମଧ୍ୟରେ କାଶ୍ମୀରରେ ବୁର୍ଜାହୋମ୍ ଓ ମାର୍ତ୍ତଣ୍ଡ, ଦକ୍ଷିଣରେ ବ୍ରହ୍ମଗିରି, ସଂଗମକାଲ୍ଲୁ, ପିଖଲିହାଲ୍, ମସ୍କି, ନାଗାର୍ଜୁନକୋଣ୍ଡା, ଟିକ୍କାଲକୋଟା, ପୂର୍ବରେ ଦାଓଜାଲି, ହାଡିଙ୍ଗ୍, ଚିରନା, ପାରଦ୍ୱୀପ, ମୟୂରଭଞ୍ଜ ଆଦି ପ୍ରଧାନ ଅଟେ ।

ଗୁସଖରାଲ୍ ଓ ବୁର୍ଜାହୋମଠାରେ ମାଟିତଳ ଘର ଓ ଭିତରକୁ ଯିବାପାଇଁ ରହିଥିବା ପାହାଚ ଆବିଷ୍କାର କରାଯାଇଛି । ଏଠିକାର ଦ୍ୱିତୀୟ ସ୍ତରରେ ଗଢ଼ିହିଛି ଭୂମି ଉପରେ ତିଆରି ଘର ଏବଂ ଏକ କୁମ୍ଭାର ଚକ ମଧ୍ୟ ମିଳିଛି । ଏଥିରୁ ଜଣାଯାଏ ଯେ, ଏହି ସମୟ ସୁଦ୍ଧା ଲୋକେ ଘର ତିଆରି କରିବା ଏବଂ ଚକ ସାହାଯ୍ୟରେ ମାଟିପାତ୍ର ନିର୍ମାଣ କରିବା ଶିକ୍ଷା କରିଥିଲେ ।

ତୃତୀୟ ତଥା ସର୍ବ ଉପର ସ୍ତରରୁ ଆବିଷ୍କାର କରାଯାଇଥିବା ଘର ଚିକିଟାମାଟି ଓ ବାଲିଗରଡ଼ାରେ ତିଆରି ହୋଇଛି ଏବଂ କାନ୍ଥରେ ଚୂନ ପଲସ୍ତରା କରାଯାଇଛି । ଏହି ସ୍ତରର ନିର୍ମାଣଗୁଡ଼ିକ ନୂତନ ପ୍ରସ୍ତର ଯୁଗର ସଂପୂର୍ଣ୍ଣ ବିକାଶ ସମୟ ଅଟେ । ଏତଦ୍‌ଭିନ୍ନ ବିନ୍ଧ୍ୟାଞ୍ଚଳ, କର୍ଣ୍ଣାଟକ, ତାମିଲନାଡୁ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ନାଗାଲ୍ୟାଣ୍ଡ ଆଦି ପ୍ରାୟ ସମସ୍ତ ଅଞ୍ଚଳରେ ନୂତନ ପ୍ରସ୍ତର ଯୁଗର ସଂସ୍କୃତି ଉପଲବ୍ଧ ହେଉଛି । ୧୯୬୧-୬୫ ଖ୍ରୀ.ଅ.ରେ ଶ୍ରୀଯୁକ୍ତ ବି.କେ.ଥାପର୍ ଓଡ଼ିଶାର କୁଚାଇଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରାଇ ନୂତନ ପ୍ରସ୍ତର ଯୁଗର ଅବଶେଷାଂଶ ଆବିଷ୍କାର କରିଛନ୍ତି । ଏହି କ୍ଷେତ୍ରରୁ ମିଳିଥିବା ପାତ୍ରଟି ମାଟି ଓ ବାଲିଦ୍ୱାରା ତିଆରି କରାଯାଇ ଆଙ୍ଗୁଠି ଚିହ୍ନ ଓ ନାଲିରଙ୍ଗ କରାଯାଇଛି । ଆମ୍ଭେ ନିଜେ ମଧ୍ୟ ରାଧାନଗର ଗଡ଼, ଧର୍ମଶାଳା, ଜି. ଯାଜପୁରଠାରୁ ନୂତନ ପ୍ରସ୍ତର ଯୁଗର ଦୁଇଗୋଟି ଖଣତି ଆବିଷ୍କାର କରିଛୁଁ । ଏହା ବର୍ତ୍ତମାନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟସ୍ଥିତ ସଂଗ୍ରହାଳୟରେ ରହିଛି ।

ନୂତନ ପ୍ରସ୍ତର ଯୁଗରେ ସାଂସ୍କୃତିକ ଜୀବନର ବିକାଶ

ପୁରାତନ ଓ ମଧ୍ୟ-ପ୍ରସ୍ତରଯୁଗୀୟ ମଣିଷଠାରୁ ନୂତନ ପ୍ରସ୍ତର ଯୁଗରେ ସଂଘଟିତ ସାଂସ୍କୃତିକ ବିକାଶ ଅଥବା ଉନ୍ନତି, ମଣିଷର ସାଂସ୍କୃତିକ ଜୀବନଧାରା ଓ ଅଗ୍ରଗତି ସମ୍ବନ୍ଧରେ ନିମ୍ନରେ ଏକ ବିଶଦ ବିବରଣୀ ପ୍ରଦାନ କରାଯାଇଛି ।

ଯନ୍ତ୍ରପାତି ନିର୍ମାଣ

ପଥରକୁ ବ୍ୟବହାର କରି ମଣିଷ ପୁରାତନ ପ୍ରସ୍ତର ଯୁଗରୁ ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଆରମ୍ଭ କରିଥିଲା । ପ୍ରାଥମିକ ପର୍ଯ୍ୟାୟରେ ନିଜର ଆବଶ୍ୟକତା ମୁତାବକ ଅସ୍ତ୍ରଶସ୍ତ୍ର ମଣିଷ ତିଆରି କରିଥିଲା । ପରବର୍ତ୍ତୀ ସମୟରେ ଅସ୍ତ୍ରଶସ୍ତ୍ର ନିର୍ମାଣରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା । କଠିନ ପଥରକୁ ଭାଙ୍ଗି ପୁରାତନ ପ୍ରସ୍ତର ଯୁଗର ମଣିଷ ହସ୍ତକୁଠାର, ହାତୁଡ଼ି ଏବଂ ସରୁ ପତଳା କରି ଛୁରୀ ନିର୍ମାଣ କରୁଥିଲା । ମଧ୍ୟ-ପ୍ରସ୍ତର ଯୁଗରେ ଏହିସବୁ ଅସ୍ତ୍ରଶସ୍ତ୍ର ନିର୍ମାଣରେ ଉନ୍ନତି କରିବା ସହିତ ମଣିଷ ହାଡ଼ ଓ ହାତୀଦାନ୍ତରେ ମଧ୍ୟ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲା । ଏହି ସମୟରେ ମଣିଷର କାର୍ଯ୍ୟକଳାପ ପଶୁ ଶିକାର ଓ ଫଳମୂଳ ସଂଗ୍ରହ କରିବାରେ ସୀମିତ ଥିଲା । ନୂତନ ପ୍ରସ୍ତର ଯୁଗରେ ମଣିଷ ପଶୁପାଳନ, ଚାଷକାର୍ଯ୍ୟ, ସୂତାକଟା, ଲୁଗାବୁଣା, ଘର ତିଆରି, କୁମ୍ଭାରଚକରେ ମାଟିପାତ୍ର ତିଆରି ଆଦି ଅନେକ

ନୂତନ କର୍ମ ପଦ୍ଧତି ଶିକ୍ଷା କରିବା ସହିତ ଏହାକୁ କାର୍ଯ୍ୟକାରୀ କରିଥିଲା । ଏହିସବୁ କାର୍ଯ୍ୟ ସଂପାଦନ ପାଇଁ ମଣିଷ ନୂତନ ପ୍ରକାରର ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲା । କୃଷିକାର୍ଯ୍ୟ ପାଇଁ ଜଙ୍ଗଲ ସଫା କରିବା, ମାଟିକୁ ଖନନ କରି ଚାଷୋପଯୋଗୀ କରିବା, ବିହନ ବୁଣିବା, ଫସଲ ଅମଳ କରି ତାହାକୁ ସଂରକ୍ଷିତ କରିବା, ଶସ୍ୟସବୁକୁ ଖାଦ୍ୟୋପଯୋଗୀ କରିବା ପାଇଁ ପେଷିବା, ଚୂଲି ତିଆରି କରି ମାଟିପାତ୍ର ସାହାଯ୍ୟରେ ରାନ୍ଧିବା ଆଦି କାର୍ଯ୍ୟ ପାଇଁ ମଧ୍ୟ ବିଶେଷ ପ୍ରକାରର ଯନ୍ତ୍ରପାତି ଆବଶ୍ୟକ ହେଉଥିଲା । ଟାଙ୍ଗିଆ, କୋଦାଳ ଆଦିକୁ ମସୃଣ କରିବା ଏକ ସାଧାରଣ ଉପାୟ ଥିଲା । ଏଥିପାଇଁ ଅଳ୍ପ ପ୍ରୟାସ ମଧ୍ୟ ଆବଶ୍ୟକ ହେଉଥିଲା । ବୃକ୍ଷ ଏବଂ ପ୍ରାଣୀଠାରୁ ଖାଦ୍ୟ ପାଇବା ପାଇଁ ମଣିଷ ନୂତନ ଜ୍ଞାନ କୌଶଳର ପ୍ରୟୋଗ କରିଥିଲା । ଛୋଟ ଛୋଟ ପଥରର ପାତକୁ ସଂଯୋଗ କରି ଏକ ବିଶେଷ ଯନ୍ତ୍ର, ଦାଆର ନିର୍ମାଣ କରି କାଠର ବେଣ୍ଟ ଲଗାଯାଇଥିଲା । ଜର୍ମୋଠାରୁ ମିଳିଥିବା ଦାଆ, ଛୋଟ ଛୋଟ ଦନ୍ତୁରା ଚକମକି ପଥର ଦ୍ୱାରା ନିର୍ମିତ ହୋଇଥିଲା । ଦାଆ ସାହାଯ୍ୟରେ ଫସଲ କାଟି ଅମଳ କରାଯାଉଥିଲା । ପ୍ରଥମ ଥର ପାଇଁ ମଣିଷ ବିଭିନ୍ନ ଜିନିଷ କାଟିବା ପାଇଁ ଆଗ୍ନେୟଗିରିରୁ ବାହାରିଥିବା କାଚପରି ପତଳା ଏବଂ ତୀକ୍ଷଣ ଧାତୁଦ୍ୱାରା ସରଞ୍ଜାମ ପ୍ରସ୍ତୁତ କରି ବ୍ୟବହାର କରିଥିଲା । ଏହା ପଥରଠାରୁ ଅଧିକ ଟାଣ ଓ ତୀକ୍ଷ୍ଣ ଥିଲା । ଗଛକଟା ଟାଙ୍ଗିଆକୁ ଅନ୍ୟ ପଥର ଦ୍ୱାରା ଘଷିକରି ତୀକ୍ଷ୍ଣ ଏବଂ ମସୃଣ କରାଯାଉଥିଲା । ଅନେକ ସ୍ଥାନରେ ପଥର କାଟିବା ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ଆଦି ତିଆରି କରିବା ପାଇଁ କାରଖାନାଗୁଡ଼ିକ ନିର୍ମାଣ କରାଯାଇଥିଲା । ଏହି ଯୁଗର ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସବୁପ୍ରକାରେ ସଂପୂର୍ଣ୍ଣ ଏବଂ ମସୃଣ କରାଯାଉଥିଲା ।

ମାଟିପାତ୍ର ନିର୍ମାଣ

ମଧ୍ୟ-ପ୍ରସ୍ତର ଯୁଗର ମଣିଷ ହାତରେ ମାଟିପାତ୍ର ନିର୍ମାଣ କରିବା ଶିକ୍ଷା କରିଥିଲା । ଏହି କଳା ନୂତନ ପ୍ରସ୍ତର ଯୁଗ ବେଳକୁ କ୍ଷିପ୍ର ଗତିରେ ଉନ୍ନତି କରିଥିଲା । ବିଶେଷତଃ ଖ୍ରୀ.ପୂ. ୬୦୦୦ ସୁଦ୍ଧା କୁମ୍ଭାରଚକର ଉଦ୍ଭାବନ କରାଯାଇଥିଲା । ବଡ଼ ଗଛର ଗଣ୍ଡିକୁ ଗୋଲେଇ କରି କାଟି ଚକ ନିର୍ମାଣ କରାଯାଉଥିଲା । ତା'ପରେ ଏକ ମୁନିଆ କାଠ ସାହାଯ୍ୟରେ ତାକୁ ଘୂରେଇବାର ବ୍ୟବସ୍ଥା କରାଯାଉଥିଲା । ତା'ରି ଉପରେ ଚିକିଟା ମାଟିକୁ ରଖି ଘୂରାଯାଉଥିଲା ଏବଂ ହାତ ସାହାଯ୍ୟରେ ମାଟିକୁ ବିଭିନ୍ନ ଆକାର ଦିଆଯାଇ ଖେଳଣା, ହାଣ୍ଡି, ମାଠିଆ, ସୁରେଇ, ବାସନ ଆଦିସବୁ ନିର୍ମାଣ କରାଯାଉଥିଲା । ଏହି ପାତ୍ରଗୁଡ଼ିକୁ ଶକ୍ତ ଏବଂ ଦୀର୍ଘସ୍ଥାୟୀ କରିବା କଳା ମଧ୍ୟ ନୂତନ ପ୍ରସ୍ତର ଯୁଗର ମଣିଷ ଶିକ୍ଷା କରିଥିଲା । ତେଣୁ ପାତ୍ରଗୁଡ଼ିକୁ ନିଆଁରେ ପୋଡ଼ା ଯାଉଥିଲା । ତା'ପରେ ପାତ୍ରଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମଣିଷ ସେଗୁଡ଼ିକୁ ରଙ୍ଗ ତଥା ଚିତ୍ରିତ କରୁଥିଲା । ଅନେକ କ୍ଷେତ୍ରରେ ପାତ୍ର ଦେହରେ ଦଉଡ଼ି, କୁଟା, ଆଙ୍ଗୁଠି ଚିହ୍ନ ଆଦି ମଧ୍ୟ କରାଯାଉଥିଲା । କୁମ୍ଭାରଚକର ଉଦ୍ଭାବନ ଏବଂ ମାଟିପାତ୍ର ନିର୍ମାଣ ଥିଲା ନୂତନ ପ୍ରସ୍ତର ଯୁଗର ଯୁଗାନ୍ତକାରୀ ଉପଲବ୍ଧି । କୁମ୍ଭାରଚକର ଉଦ୍ଭାବନ କେବଳ ମାତ୍ର ମାଟିପାତ୍ର ନିର୍ମାଣରେ ସୀମିତ ନ ଥିଲା, ବରଂ ଏକ ବିଶାଳ କାରଖାନା ସୃଷ୍ଟିରେ ସହାୟକ ହୋଇଥିଲା । ପୁନଶ୍ଚ ଏହା ଶଗଡ଼ଗାଡ଼ି ଉଦ୍ଭାବନରେ ସହାୟକ ହୋଇଥିଲା, ଯାହାଫଳରେ ମାଲ୍ ପରିବହନ ଏବଂ ଗମନାଗମନ ସହଜ ଓ କ୍ଷିପ୍ରତର ହୋଇପାରିଥିଲା ।

ଆହୁରି ମଧ୍ୟ ଜଣାଯାଏ ଯେ, ଅଧିକ ଶକ୍ତ କରିବା ପାଇଁ ସେମାନେ ମାଟି ସହିତ ବାଲି ଏବଂ ଜୈବ ପଦାର୍ଥ ମିଶାଉଥିଲେ ତଥା ଗୁଣ ମାନ ପ୍ରତି ସଚେତନ ଥିଲେ । ପାତ୍ରରୁ ପାଣି ନ ଝରିବା ପାଇଁ କୁମ୍ଭକାରମାନେ ତାକୁ ମସୃଣ କରୁଥିଲେ ଏବଂ ଚକଚକିଆ ପ୍ରଲେପ ଦେଉଥିଲେ । କେତେକ ସମୟରେ ଆହୁରି ଉଜ୍ଜ୍ୱଳ କରିବା ପାଇଁ ପଥରରେ ଘଷୁଥିଲେ । ଏହି ପ୍ରକ୍ରିୟା ପ୍ରଥମେ ପଶ୍ଚିମ ଏସିଆ ଅଞ୍ଚଳରେ ଆରମ୍ଭ ହୋଇଥିଲା । ଅଧିକାଂଶ ନୂତନ ଯୁଗୀୟ ସମାଜରେ ମାଟିପାତ୍ର ନିର୍ମାଣ ଏବଂ ଲୁଗାବୁଣା କୃଷି ସହିତ ଓତପ୍ରୋତ ଭାବରେ ଜଡ଼ିତ ଥିଲା । ତେଣୁକରି କୃଷି

ସଂପର୍କିତ, ଯେପରିକି ଶସ୍ୟକୁ ସୁରକ୍ଷିତ ଭାବରେ ସଂଗ୍ରହ କରି ରଖିବା ପାଇଁ ବଡ଼ ଘୁମା ଏବଂ ବ୍ୟବହାର ପାଇଁ ଚଟକା ବେଲା, ଡାଟିଆ, ବେଣ୍ଟଲଗା ଡାଳ, ବଇଠିଲଗା ହାଣ୍ଡି, ମାଠିଆ ଆଦି ନିର୍ମାଣ କରାଯାଉଥିଲା । ଏହିସବୁ ଜିନିଷ ପ୍ରଥମେ ଆନାତୋଲିଆ (ଆଧୁନିକ ତୁର୍କୀ) ସ୍ଥିତ କାଟାଲ୍ ହୁୟୁକ୍‌ଠାରେ ନିର୍ମାଣ କରାଯାଇଥିଲା । ଉତ୍ତର ଆମେରିକାସ୍ଥିତ ମେରିମ୍‌ଦେ, ଫାୟୁମ୍, ଇଉରୋପରେ ଡାନ୍ୟୁବ୍, ଚୀନର ହେନାନ୍ ରାଜ୍ୟ ଆଦିଠାରେ ନୂତନ ପ୍ରସ୍ତର ଯୁଗର ବିଭିନ୍ନ ପ୍ରକାରର ମାଟିପାତ୍ର ଆବିଷ୍କୃତ ହୋଇଛି, ଯେଉଁଗୁଡ଼ିକର ବୟସ ଖ୍ରୀ.ପୂ. ୭୧୦୦ ରୁ ୪୯୦୦ ମଧ୍ୟରେ ଅଟେ ବୋଲି ଗଣନା କରାଯାଇଛି ।

କୃଷି

ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗରେ ମଣିଷ ଶିକାରୀ-ସଂଗ୍ରହକାରୀ ଥିଲା ଏବଂ ଜୀବିକା ନିର୍ବାହ ପାଇଁ ସଂପୂର୍ଣ୍ଣ ରୂପରେ ଜଙ୍ଗଲ ଉପରେ ନିର୍ଭର କରୁଥିଲା । ନିଆଁର ବ୍ୟବହାର ଶିଖିଥିଲେ ମଧ୍ୟ ସେ କଞ୍ଚାମାଂସ ଓ ଫଳମୂଳ ଖାଉଥିଲା । ବିଶେଷତଃ କୃଷିକାର୍ଯ୍ୟ ଶିଖି ନ ଥିବାରୁ ମଧ୍ୟ ସେ ରାନ୍ଧିବା, ସିଝେଇବା ଆଦି ପାଇଁ ନିଆଁକୁ ବ୍ୟବହାର କରୁନଥିଲା । ନୂତନ ପ୍ରସ୍ତର ଯୁଗରେ କିନ୍ତୁ ସେ ଚାଷକାର୍ଯ୍ୟ ଆରମ୍ଭ କରିଥିଲା । ଜମିକୁ ଚାଷ କରିବା, ବିହନ ବୁଣିବା, ଫସଲ ଅମଳ କରିବା, ଜମିରେ ପାଣି ମଡ଼ାଇବା ଆଦି କାର୍ଯ୍ୟ ଶିଖିଲା । ତା'ପରେ ସେ ଗହମ, ବାର୍ଲି, ଯଅ, ମକା, ପରିବା, ଫଳ ଆଦି ନୂତନ ସାଜସରଞ୍ଜାମ ଏବଂ ଯନ୍ତ୍ରପାତି ସାହାଯ୍ୟରେ ଉତ୍ପାଦନ କରୁଥିଲା, ଯାହାକି ଉନ୍ନତିର ପରିଚାୟକ ଥିଲା । ଶସ୍ୟକୁ କୁଟି ଅଥବା ଗୁଣ୍ଡକରି ଖାଦ୍ୟ ରାନ୍ଧିବା ମଧ୍ୟ ଶିଖିଯାଇଥିଲା । ନୂତନ ଯନ୍ତ୍ରପାତି ସାହାଯ୍ୟରେ ଆହୁରି ମଧ୍ୟ କୃଷି ସଂପର୍କିତ ଅନେକ କାର୍ଯ୍ୟ ସେ କରିପାରୁଥିଲା । ଏହିପରି ଭାବରେ କୃଷିକାର୍ଯ୍ୟର ଆରମ୍ଭ ସହିତ ମଣିଷ ଯାଯାବର ଜୀବନ ପରିତ୍ୟାଗ କରି ସ୍ଥାୟୀ ଭାବରେ ବସବାସ କରିବା ଆରମ୍ଭ କରିଥିଲା । ସାମାଜିକ ଜୀବନ ଆରମ୍ଭ ସହିତ ମଣିଷ ଆଦିମ ଜୀବନକୁ ମଧ୍ୟ ପରିହାରପୂର୍ବକ ଲୁଗାବୁଣି ପିନ୍ଧିବା ଆରମ୍ଭ କରିଦେଇଥିଲା । ଏହିପରି ଭାବରେ କୃଷିର ଆରମ୍ଭ ମଣିଷକୁ ଏକ ସାମାଜିକ ପ୍ରାଣୀ ଏବଂ ସ୍ଥାୟୀ ବାସିନ୍ଦାରେ ପରିଣତ କରିଦେଇଥିଲା ।

ପଶୁପାଳନ

ନୂତନ ପ୍ରସ୍ତର ଯୁଗ ବେଳକୁ ଜଳବାୟୁରେ ଉଷ୍ଣତା ଆରମ୍ଭ ହୋଇଯାଇଥିଲା । ବରଫ ତରଳିବା ସହିତ ବଣଜଙ୍ଗଲ ସଂକୁଚିତ ହୋଇ ମଣିଷ ଓ ପଶୁମାନଙ୍କର ଏକତ୍ର ରହିବା ସୁଯୋଗ ସୃଷ୍ଟି କରିଥିଲା; ଫଳସ୍ୱରୂପ ମଣିଷ ଅନେକ ପଶୁଙ୍କୁ ପୋଷା ମନେଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ମଣିଷ କୁକୁର, ଗଧ, ଘୁଷୁରି, ଛେଳି, ମେଣ୍ଢା ଏବଂ ଘୋଡ଼ା ଆଦି ପଶୁଙ୍କୁ ପୋଷା ମନେଇଥିଲା । ପ୍ରଥମେ ପ୍ରଥମେ ମଣିଷ ଅନେକଗୁଡ଼ିଏ ପଶୁଙ୍କୁ ଏକତ୍ର ରଖି ପାଳନ କରିଥିଲା; ଫଳସ୍ୱରୂପ ପାଳନ କରିଥିବା ଏହି ପଶୁଦଳ ସହିତ ଚାରଣ ଭୂମି ସନ୍ଧାନରେ ଯାଯାବର ଜୀବନଯାପନ କରୁଥିଲା । ଶିକାର କରିବା ଏବଂ ପାଳନ କରାଯାଇଥିବା ଅନ୍ୟାନ୍ୟ ପଶୁଙ୍କୁ ଜଗିବା ପାଇଁ କୁକୁର, ମଣିଷର ସାହାଯ୍ୟକାରୀ ଥିଲା । ଛେଳି ଓ ମେଣ୍ଢାଙ୍କଠାରୁ ସେ କ୍ଷୀର ଓ ମାଂସ ପାଉଥିଲା । ଘୋଡ଼ା ମାଲପତ୍ର ପରିବହନ ଏବଂ ମଣିଷର ବିଭିନ୍ନ ସ୍ଥାନକୁ ଯାତ୍ରା ପାଇଁ ସହାୟକ ହେଉଥିଲା । ଚକର ଉଦ୍ଭାବନ ପରେ ନିର୍ମାଣ କରାଯାଇଥିବା ଗାଡ଼ିକୁ ଟାଣିବା ପାଇଁ ସେ ଘୋଡ଼ାକୁ ଉପଯୋଗ କରିଥିଲା; ଫଳସ୍ୱରୂପ ଘୋଡ଼ାଟଣା ଗାଡ଼ିରେ ମାଲପତ୍ର ନେବାଆଣିବା ତଥା ନିଜେ ବିଭିନ୍ନ ସ୍ଥାନକୁ ଯିବାଆସିବା କରୁଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ମଣିଷ ଗାଈ ଏବଂ ମହିଷୀ ପାଳନ କରିଥିଲା । ଏହି ଦୁଇ ପଶୁଙ୍କଠାରୁ ସେ କ୍ଷୀର, ମାଂସ ସହିତ ଜମିରେ ହଳ କରିବା ପାଇଁ ବଳଦ ଓ ଅଣ୍ଡିରା ମହିଷୀ ପାଇପାରିଲା । ସେମାନଙ୍କ ଗୋବରକୁ ସାର ରୂପରେ ମଧ୍ୟ ବ୍ୟବହାର କରିବା ଶିଖିଯାଇଥିଲା । ନୂତନ ପ୍ରସ୍ତର ଯୁଗର ଅନେକ ସ୍ଥାନ ଯଥା- ପଶ୍ଚିମ ଏସିଆର ଜେରିକୋ, ଜାର୍ମୋ, ମଲ୍ଲାହା, ସୁବେର୍ଦେ ଆଦି ସ୍ଥାନରୁ ଏହି ପଶୁଗୁଡ଼ିକର ହାଡ଼ ଆବିଷ୍କୃତ ହୋଇଛି ।

ବୟନ ଶିଳ୍ପ, ବେତ ଓ ବାଉଁଶ କାମ

କେତେକ ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଥିବା ଜିନିଷରୁ ଜଣାଯାଏ ଯେ, ନୂତନ ପ୍ରସ୍ତର ଯୁଗରେ ଲୁଗା ବୁଣିବା, ଝୁଡ଼ି, ପାଛିଆ ଆଦି ତିଆରି କରିବା କାର୍ଯ୍ୟ ଚାଲିଥିଲା । ଲୁଗାବୁଣା କାର୍ଯ୍ୟର ବିକାଶ ପାଇଁ ତନ୍ତୁ (ତୁଳା) ପଶମ, କପା ଆଦିର ଉତ୍ପାଦନ ଏବଂ ଯୋଗାଣର ଏକାନ୍ତ ଆବଶ୍ୟକତା ରହିଛି । ପଶ୍ଚିମ ଏସିଆ ଅଞ୍ଚଳରେ ପାଳନ କରାଯାଇଥିବା ଛେଳି ଓ ମେଣ୍ଢା, ଦକ୍ଷିଣ ଆମେରିକାର ଆଣ୍ଡେଜ୍ ଅଞ୍ଚଳରେ ପାଳନ କରାଯାଇଥିବା କୁଜବିହୀନ ଓଟ ଆଦିର ଲୋମଗୁଡ଼ିକ ବଡ଼ ବଡ଼ ହୋଇ ସୂତାପରି ହୋଇଯିବା ପରେ ସେଗୁଡିକୁ ସଂଗ୍ରହ କରାଯାଇ ସେଥିରେ ବିଭିନ୍ନ ପ୍ରକାର ବୟନ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହାକି ବୟନ ଶିଳ୍ପର ବିକାଶ କରିଥିଲା । ଗହଳ ଏବଂ ଲମ୍ବା ଲୋମଯୁକ୍ତ ଲୋମଶ ପଶୁ ମେଣ୍ଢା ପାଳନର ଅନେକ କାଳ ପରେ ତା'ର ଲୋମକୁ ବ୍ୟବହାର କରି ନିଜପାଇଁ ପଶମ ବସ୍ତ୍ର ତିଆରି କରିବା ଚିନ୍ତାଧାରା ମନୁଷ୍ୟ ମନରେ ଉଦ୍ରେକ ହୋଇଥିଲା; ଫଳସ୍ୱରୂପ ମଣିଷ, ପଶମ ବସ୍ତ୍ର ବୁଣି ବ୍ୟବହାର କରିବା ଆରମ୍ଭ କରିଥିଲା ଏବଂ ଏହିପରି ଭାବରେ ପଶମବସ୍ତ୍ର ବୟନଶିଳ୍ପ ବିକାଶଲାଭ କରିଥିଲା । ପଶମବସ୍ତ୍ର ବୁଣିବା ପାଇଁ ମଣିଷ ପ୍ରାଥମିକ ପର୍ଯ୍ୟାୟରେ ହାଡ଼ରେ ତିଆରି ଛୁଞ୍ଚି, ବନଶୀକଣ୍ଟା ଆଦି ବ୍ୟବହାର କରୁଥିଲା । ପ୍ରାୟ ଖ୍ରୀ.ପୂ. ୭୦୦୦ ବେଳକୁ ଗ୍ରୀସ୍‌ର ନିକୋମେଡିଆ ଅଞ୍ଚଳରେ ପ୍ରଥମେ ପ୍ରଥମେ ପଶମବସ୍ତ୍ର ବୁଣିବା ଆରମ୍ଭ ହୋଇଥିଲା । ତା' ପରେ ପରେ କପାଚାଷ କରାଯାଇ ତୁଳା ଉତ୍ପାଦନ କରାଯାଇଥିଲା । ତୁଳାକୁ ଭିଣି ତାକୁଡ଼ି ଅଥବା ଅରଟ ସାହାଯ୍ୟରେ ସୂତାକାଟି ଲୁଗା ବୁଣିବା ଆରମ୍ଭ କରାଯାଇଥିଲା । ସମୟକ୍ରମେ ଏହା ବୟନ ଶିଳ୍ପରେ ପରିଣତ ହୋଇ କାରଖାନାର ରୂପ ନେଇଥିଲା । ଲୁଗାବୁଣିବା କଳାରୁ ମଣିଷ ଅନ୍ୟାନ୍ୟ ଜିନିଷ ଯଥା- ବାଉଁଶ, ବେତ, ସବାଇଘାସ ଆଦି ସାହାଯ୍ୟରେ ବିଭିନ୍ନ ଘରକରଣା ଜିନିଷ ମଧ୍ୟ ବୁଣିବା ଆରମ୍ଭ କରିଥିଲା । ଏହି ସବୁ ଜିନିଷ ସାହାଯ୍ୟରେ ମଣିଷ ଟୋକେଇ, ପାଛିଆ, ଝୁଡ଼ି ଆଦି ବୁଣି ବ୍ୟବହାର କରୁଥିଲା ।

ବାସଗୃହ ନିର୍ମାଣ

ପୁରାତନ ଏବଂ ମଧ୍ୟ-ପ୍ରସ୍ତର ଯୁଗରେ ମଣିଷ ଗୁମ୍ଫା, ପାହାଡ଼ର ଢାଲୁ ଅଞ୍ଚଳ, ନଦୀକୂଳର ଖାଲୁଆ ଅଞ୍ଚଳ ଆଦିରେ ରହୁଥିଲା । ନୂତନ ପ୍ରସ୍ତର ଯୁଗରେ ସେ ଚିକିଟାମାଟି, ଘାସ, କାଠ, ବାଉଁଶ ଆଦିଦ୍ୱାରା ବାସଗୃହ ନିର୍ମାଣ କରିବା କଳା ଶିକ୍ଷା କରିଥିଲା । ଘରକୁ ପୁନଶ୍ଚ କାଠ, ବାଉଁଶ ଅଥବା ମାଟିର କାନ୍ଥ ଦେଇ କୋଠରିଗୁଡ଼ିକରେ ବିଭକ୍ତ କରୁଥିଲା । କାନ୍ଥରେ ଚୂନ ପଲସ୍ତରା କରୁଥିଲା । ଚଟକା ପଥର, ନଦୀର ବାଲିଗରଡ଼ା, ଟାଣମାଟି ଆଦିରେ ଘରର ଚଟାଣ ତିଆରି କରୁଥିଲା । ଗୋଷ୍ଠୀଗତ ଜୀବନ ଆରମ୍ଭ କରିବା ପରେ ଅନେକ ପରିବାର ଗୋଟିଏ ସ୍ଥାନରେ ଘର କରୁଥିଲେ । ଅନେକ ଘରଥିବା ଏହି ସ୍ଥାନକୁ ଗ୍ରାମ କୁହାଯାଉଥିଲା । ସୁରକ୍ଷା ପାଇଁ ଗ୍ରାମର ଚାରିପଟରେ ସୁଉଚ୍ଚ ମାଟିକାନ୍ଥର ପ୍ରାଚୀର ନିର୍ମାଣ କରାଯାଉଥିଲା ।

ଜେରିକୋ ଏବଂ କାଟାଲ ହୁୟୁକ୍ ଠାରେ ଉତ୍ପାଦିତ ବଳକା ଶସ୍ୟ ଆଦି ଭବିଷ୍ୟତ ପାଇଁ ସଞ୍ଚୟର ଆବଶ୍ୟକତା ଦେଖାଦେଇଥିଲା । ତେଣୁକରି ଭଣ୍ଡାରଘର ପାଇଁ ଜମି ଆବଶ୍ୟକ ହୋଇଥିଲା; ଫଳସ୍ୱରୂପ ନୂତନ ପ୍ରସ୍ତରଯୁଗୀୟ ସମାଜରେ ରକ୍ତସଂପର୍କୀୟମାନଙ୍କ ବୃହତ୍ ସଂଗଠନ ଅଧୀନରେ ରହିଥିବା ପ୍ରତ୍ୟେକ ପରିବାରଙ୍କ ମଧ୍ୟରେ ଜମିର ଆବଶ୍ୟକ ଏବଂ ପୁନଃ ଆବଣ୍ଟନ କରାଯାଇଥିଲା । ଏହି ପରିବାରଗୁଡ଼ିକ ପୁନଶ୍ଚ ମିଳିତଭାବେ ରହିଥିବା ସମୟର ସମସ୍ତ ସୁବିଧାସୁଯୋଗ ପାଇବା ପାଇଁ ଦାବି କରିଥିଲେ । ଏହି ବିଚାରଧାରାର ଉଦ୍ରେକ ପରିବାରଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ପାଇଁ ପ୍ରୋତ୍ସାହନ ଦେଇଥିଲା । ବିଶେଷତଃ ଅଲଗା ଅଲଗା ପରିବାର ହେବାଫଳରେ ଲୋକେ ଅର୍ଥନୈତିକ ଦୃଷ୍ଟିକୋଣରୁ ନିଜ ନିଜକୁ ଅସୁରକ୍ଷିତ ମଣିଥିଲେ । ଆଗରୁ କୁହାଯାଇଛି ଯେ, ଜେରିକୋସ୍ଥିତ ଘରଗୁଡ଼ିକୁ

ଏକ ପଥର କାନ୍ଥ ଘେରି ରହିଥିଲା ; କାନ୍ଥ ବାହାରେ ପ୍ରାୟ ୮ ମିଟର ଉଚ୍ଚତାବିଶିଷ୍ଟ ଏକ ପ୍ରସ୍ତର ସ୍ତମ୍ଭ ନିର୍ମାଣ କରାଯାଇଥିଲା, ଯାହାକି ପୃଥିବୀର ସର୍ବପ୍ରଥମ ସ୍ଥାପତ୍ୟ ଅଟେ । କାନ୍ଥକୁ ଲାଗିକରି ବାହାର ପଟରେ ଏକ ଗଡ଼ଖାଇ ନିର୍ମାଣ କରାଯାଇଥିଲା । ଉପରୋକ୍ତ ନିର୍ମାଣଗୁଡ଼ିକ କୌଣସି ଏକ ଉଦ୍‌ଯୋଗୀ ଗୋଷ୍ଠୀର ସଂପୃକ୍ତି ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ବ୍ୟତିରେକେ ସମ୍ଭବ ହୋଇ ନ ଥାନ୍ତା । ଜେରିକୋ ବ୍ୟତୀତ ଖ୍ରୀ.ପୂ. ୬ଷ୍ଠ ଶହସ୍ରାବ୍ଦ କାଳରେ ଇରାକ୍ ଏବଂ ମେସୋ-ଆମେରିକାରେ ସୁରକ୍ଷା ଦୃଷ୍ଟିକୋଣରୁ ଗାଁଗୁଡ଼ିକୁ ବେଷ୍ଟନ କରି ପ୍ରାଚୀର ନିର୍ମାଣ କରାଯାଇଥିଲା । ମେରିଦେ (ଇଜିପ୍ଟ)ଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଘରଗୁଡ଼ିକ ଲଗାଲଗି ହୋଇ ଧାଡ଼ିରେ ରହିଥିଲେ । କାଟାଲ୍ ହୁୟୁକ୍‌ର କେତେକ ନିର୍ମାଣ ଅନ୍ୟଠାରୁ ବଡ଼ ଥିଲା ତଥା ଉନ୍ନତ ଧରଣର ଯନ୍ତ୍ରପାତି ଲଗାଯାଇ ସୁନ୍ଦର ଭାବରେ ସଜାଯାଇଥିଲା । ଏହି ଘରଗୁଡ଼ିକ ଧାର୍ମିକ ପ୍ରତିଷ୍ଠାନ ଅଥବା ଧାର୍ମିକ ପର୍ବପର୍ବାଣି ପାଳନ ସ୍ଥଳପରି ପ୍ରତୀତ ହୁଏ ।

ଏହି ଘରଗୁଡ଼ିକର ଢାଞ୍ଚା ଘରଗୁଡ଼ିକରେ ରହୁଥିବା ଲୋକଙ୍କର ଏକ ସୁସଂଗଠିତ ଏବଂ ସୁଦୃଢ଼ ସାମାଜିକ ଅନୁଷ୍ଠାନ ରହିଥିବାର ସୂଚନା ଆମକୁ ପ୍ରଦାନ କରିଥାଏ । ଖ୍ରୀ.ପୂ. ୧୧,୦୦୦ ରୁ ୮,୫୦୦ ମଧ୍ୟବର୍ତ୍ତୀ ସ୍ଥାପତ୍ୟକଳାର ଅଭିଲେଖାର ଏହି ସଭ୍ୟତା କାଳରେ ନିର୍ମିତ ଗୋଲେଇ ଏବଂ କ୍ଷୁଦ୍ର କୁଡ଼ିଆଘରଗୁଡ଼ିକ ସମ୍ବନ୍ଧରେ କିଛି ଜଣାଯାଏ ନାହିଁ । ମେସୋ-ଆମେରିକା ଏବଂ ପଶ୍ଚିମ ଏସିଆରୁ ଆବିଷ୍କୃତ ଖ୍ରୀ:ପୂ: ୯୦୦୦ ରୁ ୭୫୦୦ ମଧ୍ୟରେ ନିର୍ମିତ ଘରଗୁଡ଼ିକରେ ଅନେକ କୋଠରି ଥିଲା ତଥା ଅନେକ ଲୋକ ରହିପାରୁଥିଲେ । ଚିକିଟାମାଟି, କାଠ ଆଦି ସାହାଯ୍ୟରେ ଘରଭିତରେ ଅଲଗା ଅଲଗା କୋଠରି ନିର୍ମାଣ କରାଯାଉଥିଲା । ସାର୍ବଜନୀନ ବିଶାଳ ଶସ୍ୟାଗାର ଅପେକ୍ଷା କୁଡ଼ିଆ ତଳେ ନିର୍ମିତ ପରିବାରର ନିଜସ୍ୱ ଶସ୍ୟ ଭଣ୍ଡାର ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା ତଥା ସମାଜର ଏକ ଅଙ୍ଗଭାବରେ ପରିବାରର ମହତ୍ତ୍ୱ ପ୍ରତିପାଦନ କରୁଥିଲା । ଜର୍ମୋସ୍ଥିତ ଅନେକ କୋଠରିବିଶିଷ୍ଟ ବିଶାଳ ଆୟତାକାର ଘର (ଖ୍ରୀ.ପୂ. ୬୭୫୦-୬୦୦୦)ରୁ ଜଣାଯାଏ ଯେ, ସେଗୁଡ଼ିକରେ ପଶୁପାଳକ ଏବଂ କୃଷକ ପରିବାର ରହୁଥିଲେ, କାରଣ କୃଷିକାର୍ଯ୍ୟ ଏବଂ ପଶୁପାଳନ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ବେଶି ଲୋକ ଦରକାର ହେଉଥିବା ଯୋଗୁଁ ସେମାନେ ବୃହତ୍ ଏବଂ ଯୌଥ ପରିବାର ସୃଷ୍ଟି କରୁଥିଲେ ।

ଏହିପରି ଭାବରେ ପ୍ରାଚୀର, ସ୍ତମ୍ଭ ଏବଂ ଘର ନିର୍ମାଣ ଯୋଗୁଁ ସ୍ଥାପତ୍ୟ ବିଦ୍ୟାର ବିକାଶ ହୋଇଥିଲା । ନୂତନ ପ୍ରସ୍ତର ଯୁଗରେ ମାଟିପାତ୍ରକୁ ଚିତ୍ରିତ କରିବା ଯୋଗୁଁ ଚିତ୍ରକଳା ବିଦ୍ୟାର ମଧ୍ୟ ବିକାଶ ହୋଇଥିଲା ।

ଗୋଷ୍ଠୀଗତ ଜୀବନ

ନୂତନ ପ୍ରସ୍ତର ଯୁଗରେ ସ୍ଥାୟୀଭାବରେ ବସବାସ ସହିତ ଗୋଷ୍ଠୀଗତ ଜୀବନର ମଧ୍ୟ ଅୟମାରମ୍ଭ ହୋଇଥିଲା । ଗୋଟିଏ ଗୋଷ୍ଠୀ ଅଥବା ସଂପ୍ରଦାୟର ଲୋକେ ଗୋଟିଏ ସ୍ଥାନରେ ଘର ନିର୍ମାଣ କରି ବସବାସ କରିବାଦ୍ୱାରା ଗ୍ରାମ୍ୟ ଜୀବନର ଆରମ୍ଭ ହୋଇଥିଲା ଏବଂ ପାରିବାରିକ ଜୀବନ ବିକାଶଲାଭ କରିଥିଲା । ମଣିଷର ସାଂପ୍ରଦାୟିକ ଜୀବନ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ଯଥା- ଗ୍ରାମପଞ୍ଚାୟତ, କୃଷକ ସମାଜ ଆଦି ସୃଷ୍ଟି କରିଥିଲା । ଗାଆଁର ଭଲମନ୍ଦ, ସୁରକ୍ଷା, ପାଣିର ବ୍ୟବସ୍ଥା, ପାଳିତ ପଶୁଙ୍କ ସୁପରିଚାଳନା ଆଦି ସମସ୍ତ ବିଷୟ ବୁଝୁଥିଲା । ଗ୍ରାମପଞ୍ଚାୟତ ଶ୍ରମବିଭାଜନ କରି ବିଭିନ୍ନ ଗୋଷ୍ଠୀଙ୍କୁ ବିଭିନ୍ନ ପ୍ରକାରର କାର୍ଯ୍ୟଭାର ଦେଉଥିଲା । ସାଂପ୍ରଦାୟିକ ଜୀବନ ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ମମତା, ସାହାଯ୍ୟ, ସହାନୁଭୂତି, ଗ୍ରାମପ୍ରୀତି, ଗ୍ରାମର ସୁରକ୍ଷା ଚିନ୍ତା, ଗ୍ରାମର ବିକାଶ ଚିନ୍ତା ଆଦି ବିଚାରଧାରାର ବିକାଶ କରିଥିଲା ।

ଗ୍ରାମରେ ବାସ କରୁଥିବା ନରନାରୀଙ୍କର କର୍ମଜୀବୀ ସଂଗଠନର ଏକ ଅଂଶ ଥିଲା ପରିବାର, ଯାହାକି ମୂଳରୁ କୃଷିକାରକ ପରିବାର ରୂପରେ ଅଭ୍ୟୁଦୟ ହୋଇଥିଲା । ପୁନଶ୍ଚ ନୂତନ ପ୍ରସ୍ତର ଯୁଗରେ ଗ୍ରାମବାସୀମାନେ ଅର୍ଥନୈତିକ

ସମୃଦ୍ଧି ପାଇଁ ମିଳିତ ଭାବରେ ଉଦ୍ୟମ କରୁଥିଲେ । ସେମାନେ ନାନାପ୍ରକାରର କାର୍ଯ୍ୟ ଏବଂ କର୍ମସଂସ୍ଥାନର ଆରମ୍ଭ କରିଥିଲେ । ସାମାଜିକ ଜୀବନ ପ୍ରାରମ୍ଭ ସହିତ ମଣିଷର ଆବଶ୍ୟକତା ଅତିମାତ୍ରାରେ ବୃଦ୍ଧି ପାଇବା ସହିତ ସେଗୁଡ଼ିକର ପରିପୂରଣ ପାଇଁ କଳକାରଖାନା, କାରିଗରି କାର୍ଯ୍ୟ, ଯନ୍ତ୍ରପାତି ଆଦିରେ ମଧ୍ୟ ବୃଦ୍ଧି ହୋଇଥିଲା, ଯେପରିକି ଚାଷକାମ, ବଳକା ଶସ୍ୟ ସଂଚୟର ସାଧନ, ମାଟିପାତ୍ର, ପଥର ଉପକରଣ, ଲୁଗାବୁଣା, କାଠକାମ ଏବଂ ଏସବୁ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ନିର୍ମାଣକାରୀ କାରଖାନା ଆଦି; ଫଳସ୍ୱରୂପ ଲିଙ୍ଗ ଭେଦରେ ଏବଂ ବିଭିନ୍ନ ସଂପ୍ରଦାୟ ମଧ୍ୟରେ କର୍ମ ବିଭାଜନ କରାଯାଇଥିଲା ।

ଯାହା ଜଣାଯାଏ ଯେ ବିଭିନ୍ନ ଉପଯୋଗୀ ବୃକ୍ଷର ଆବିଷ୍କାର ଏବଂ ସେଗୁଡ଼ିକୁ ରୋପଣ କରିବା ପଦ୍ଧତି ପୁନଶ୍ଚ କୃଷିକାର୍ଯ୍ୟ ପାଇଁ ଶସ୍ୟର ଚୟନ ଆଦି କାର୍ଯ୍ୟ ନାରୀମାନେ ହିଁ କରିଥିଲେ । ମାଟିପାତ୍ର ତିଆରି, ସୂତା କାଟିବା, ଲୁଗା ବୁଣିବା ଆଦି ପ୍ରାୟ ସମସ୍ତ ଉଦ୍ଭାବନ ଏବଂ ଆବିଷ୍କାର ନାରୀମାନଙ୍କ ଦ୍ୱାରା ହିଁ ହୋଇଥିଲା । ଫାଉଡ଼ା ସାହାଯ୍ୟରେ ମାଟି ହାଣିବାଠାରୁ ଶସ୍ୟ ଅମଳ କରି ଚୂନା କରିବା, ରୋଷେଇ କରିବା ଆଦି ସମସ୍ତ କାର୍ଯ୍ୟ ସ୍ତ୍ରୀମାନେ ହିଁ କରୁଥିଲେ । କୃଷିଭିତ୍ତିକ ପରିବାରରେ ବେଶି ଲୋକଙ୍କର ଆବଶ୍ୟକତା ପୂରଣ କରିବା ଦାୟିତ୍ୱ ମଧ୍ୟ ନାରୀମାନେ ତୁଲାଉଥିଲେ । ଚାଷକାର୍ଯ୍ୟ ଆରମ୍ଭ ହେବା ପରେ ପୁରୁଷମାନେ ଅବସର ସମୟରେ ଶିକାର କରିବା, ମାଛ ଧରିବା ଆଦି କାର୍ଯ୍ୟ କରୁଥିଲେ । ଏହିପରି ଭାବରେ ନୂତନ ପ୍ରସ୍ତର ଯୁଗରେ ଏକ ସୁସ୍ଥ ଗ୍ରାମ୍ୟ ଜୀବନ ଗଢ଼ି ଉଠିଥିଲା ।

ଦଳପତିର ଆବିର୍ଭାବ

ଗୋଟିଏ ଗ୍ରାମରେ ଏକତ୍ର ଅନେକ ଲୋକ ବସବାସ କରିବା ଫଳରେ ଅନେକ ପ୍ରକାରର ସମସ୍ୟା ମଧ୍ୟ ଉତ୍ପନ୍ନ ହୋଇଥିଲା । ଗ୍ରାମର ସମସ୍ୟାଗୁଡ଼ିକୁ ସମାଧାନ କରିବା, ସମସ୍ତ ଦ୍ରବ୍ୟର ସୁଷମ ଆବଣ୍ଟନ କରିବା, ଅର୍ଥନୀତିର ଅଭିବୃଦ୍ଧି କରିବା, ଗ୍ରାମର ସୁପରିଚାଳନା କରିବା ଆଦି ପାଇଁ ଏକ ସାମାଜିକ ପ୍ରଣାଳୀର ଆବଶ୍ୟକତା ହୋଇଥିଲା । ନୂତନ ପ୍ରସ୍ତର ଯୁଗରେ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଉଥିବା ଅଶାନ୍ତି, ଗଣ୍ଡଗୋଳ ଆଦି କେତେଜଣ ମୁଖ୍ୟବ୍ୟକ୍ତିଙ୍କ ମଧ୍ୟସ୍ଥି ଦ୍ୱାରା ସମାଧାନ କରାଯାଉଥିଲା, ଯେଉଁମାନେ କି ମୀମାଂସାକାରୀ ରୂପରେ ବିବେଚିତ ହେଉଥିଲେ । ଆମେ ଏଠି ଗ୍ରାମ୍ୟଜୀବନରେ ଦେଖାଦେଉଥିବା କେତୋଟି ନୂତନ ସମସ୍ୟାର ଅବତାରଣା କରିବା । ଏହି ସମୟରେ ଗୃହ ନିର୍ମାଣ, ଭଣ୍ଡାରଘର ନିର୍ମାଣ ଆଦି କାର୍ଯ୍ୟପାଇଁ ଦଳଗତ ଉଦ୍‌ଯୋଗର ଆବଶ୍ୟକତା ରହିଥିଲା । ଗ୍ରାମର ସୁରକ୍ଷା କରିବା, ପାଣି ଓ ଫସଲଜନିତ ରୋଗର ନିରାକରଣ କରିବା, ବଳକା ଖାଦ୍ୟଶସ୍ୟର ସଂରକ୍ଷଣ ଆଦି କାର୍ଯ୍ୟ ତୁଲେଇବା ପାଇଁ ଯେଉଁ ବ୍ୟକ୍ତି ଆଗଭର ହୋଇ ସଂପ୍ରଦାୟକୁ ସାହାଯ୍ୟ କରୁଥିଲା ଅଥବା ନିଜସ୍ୱ ବ୍ୟକ୍ତିଗତ ପ୍ରଚେଷ୍ଟା ଫଳରେ କାର୍ଯ୍ୟସାଧନ କରିପାରୁଥିଲା, ସେହି ବ୍ୟକ୍ତି 'ଦଳପତି' ରୂପରେ ଆବିର୍ଭାବ ହେଉଥିଲା । ତା'ର ତ୍ୟାଗ ଏବଂ କାର୍ଯ୍ୟରେ ସଂଶ୍ଳିଷ୍ଟତା ଯୋଗୁଁ ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ତାକୁ ନିଜ ସଂପ୍ରଦାୟର ମୁଖିଆ ଅଥବା ଦଳପତି ରୂପରେ ଗ୍ରହଣ କରିନେଉଥିଲେ । ଆବୁ ହୁରେୟାର୍ ଏବଂ କାଟାଲ୍ ହୁୟୁକସ୍ଥିତ କେତେକ କବର ମଧ୍ୟରେ ଶବ ପାଖରେ ଅନେକ ମୂଲ୍ୟବାନ ସାମଗ୍ରୀ ମଧ୍ୟ ମିଳିଛି, ଯାହାକି ସେହି ମଣିଷର ସମାଜରେ ଉଚ୍ଚ ପ୍ରତିଷ୍ଠା ସମ୍ବନ୍ଧରେ ସୂଚନା ଦିଏ । ଏଥିରୁ ଜଣାଯାଏ ଯେ, ନୂତନ ପ୍ରସ୍ତର ଯୁଗରେ ଏକ ଉନ୍ନତ ଧରଣର ସାମ୍ପ୍ରଦାୟିକ ଜୀବନର ବିକାଶଲାଭ କରିଥିଲା ।

ଖାଦ୍ୟ ଏବଂ ପରିଧେୟ

ନୂତନ ପ୍ରସ୍ତର ଯୁଗର ମଣିଷ ଜମି ଚାଷକରି ଗହମ, ମକା, ଯଅ, ବାଜରା ଆଦି ଶସ୍ୟ ଉତ୍ପାଦନ କରୁଥିଲା । ଏହି ଶସ୍ୟକୁ କୁଟିକରି ଅଥବା ଗୁଣ୍ଡକରି ରୋଷେଇ କରି କିମ୍ବା ନିଆଁରେ ସେକିକରି ଖାଉଥିଲା । ଆହୁରି ମଧ୍ୟ ଲୋକେ

ଗହମ, ପରିବା, କ୍ଷୀର, ମାଛ, ମାଂସ ଆଦିକୁ ରାନ୍ଧିକରି ଖାଉଥିଲେ । ଫଳରେ ଏକ ସଠିକ୍ ଖାଦ୍ୟାଭ୍ୟାସର ବିକାଶ ସାଧନ ହୋଇଥିଲା, ଯାହାକି ମଣିଷ ସଭ୍ୟତା ବିକାଶରେ ଏକ ଅସାଧାରଣ ଅଗ୍ରଗତି ଥିଲା ।

ଆଦିମ ମଣିଷ ଉଲଗ୍ନ ରହୁଥିଲା ଅଥବା ପଶୁଚମଡ଼ା, ଗଛର ଛେଲି, ପତ୍ର ଆଦିରେ ଦେହକୁ ଢାଙ୍କୁଥିଲା । ନୂତନ ପ୍ରସ୍ତର ଯୁଗର ମଣିଷ କପାଚାଷ କରିବା ଏବଂ ମେଣ୍ଢା ଆଦି ଲୋମଶ ପଶୁଙ୍କର ଲୋମ ସଂଗ୍ରହ କରିବା ଶିଖିଥିଲା । ସେ ଏହି ସମୟରେ ଲୁଗାବୁଣା ତନ୍ତ ଏବଂ ସୂତାକଟା ଅରଟ ଆଦି ଉଦ୍ଭାବନ କରିଥିଲା । ତୁଳା ଓ ପଶମରୁ ଅରଟ ସାହାଯ୍ୟରେ ସୂତାକାଟି ହସ୍ତତନ୍ତ ସାହାଯ୍ୟରେ ଲୁଗା ବୁଣି କରି ପିନ୍ଧୁଥିଲା । ଏହିପରି ଭାବରେ ନୂତନ ପ୍ରସ୍ତର ଯୁଗର ମଣିଷ ସଭ୍ୟତା ଆଡ଼କୁ ଆଗେଇ ଚାଲିଥିଲା ।

ଚକର ଉଦ୍ଭାବନ

ଚକର ଉଦ୍ଭାବନ, ମାନବ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ଅସାଧାରଣ କୃତି ଥିଲା । ଏହା ମଣିଷ ଜୀବନରେ ବିବର୍ତ୍ତନ ଆଣିଥିଲା । କୁମ୍ଭାରଚକ ସାହାଯ୍ୟରେ ସୃଷ୍ଟି ହୋଇଥିଲା ମାଟିପାତ୍ର, ଚକଲଗା ଶଗଡ଼ଗାଡ଼ି, ଯାହାକି ମାଲ୍ ପରିବହନ ଏବଂ ଗମନାଗମନ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା । ଚକ ଓ ଶଗଡ଼ଗାଡ଼ିର ଉଦ୍ଭାବନ ମାନବ ସଭ୍ୟତାକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଥିଲା । କୁମ୍ଭାରଚକ ଯୋଗୁ ପୁନଶ୍ଚ ଏକ ନୂତନ ସଂପ୍ରଦାୟ (କୁମ୍ଭକାର)ର ଉଦ୍ଭବ ହୋଇଥିଲା ।

ବିନିମୟ ପଦ୍ଧତି

ବିଭିନ୍ନ ପ୍ରକାରର ସୃଜନ ଶକ୍ତି, ବୈଜ୍ଞାନିକ ଏବଂ କାରିଗରି ଉଦ୍ଭାବନ ଆଦି କୌଣସି ଏକ ଅଜ୍ଞାତ ଅଥବା ଐକାନ୍ତିକ ସ୍ଥାନରେ ସଂଘଟିତ ହେଉ ନ ଥିଲା, ବରଂ ଏହା ସାର୍ବଜନୀନ ଥିଲା । ଉନ୍ନତ ଶିକାରୀ-ସଂଗ୍ରହକାରୀ ତଥା ପ୍ରାଥମିକ ପର୍ଯ୍ୟାୟର କୃଷକମାନେ ବିଭିନ୍ନ କାର୍ଯ୍ୟ, ବୈଷୟିକ ଜ୍ଞାନ ଏବଂ ଉତ୍ପାଦିତ ଶସ୍ୟଗୁଡ଼ିକର ପାରସ୍ପରିକ ବିନିମୟ ପାଇଁ ପରସ୍ପର ଉପରେ ନିର୍ଭର କରୁଥିଲେ । ବିଶେଷ ପ୍ରକାରର ପ୍ରସ୍ତରରେ ନିର୍ମିତ କେତେକ ଯନ୍ତ୍ରପାତି ବିନିମୟ ପାଇଁ ବ୍ୟବହୃତ ହେଉଥିଲା । କେତେକ ସ୍ଥାନରେ ସେମାନେ ଦୁର୍ଲଭ ପ୍ରସ୍ତର ସହିତ ବଳକା ଖାଦ୍ୟଶସ୍ୟ ଏବଂ ଦୀର୍ଘସ୍ଥାୟୀ ଜିନିଷ ବଦଳ କରୁଥିଲେ । ଉଦାହରଣସ୍ୱରୂପ, ସମଗ୍ର ଦକ୍ଷିଣ-ପଶ୍ଚିମ ଏସିଆରେ କଳା-କାଚ ପରି ଅଗ୍ନି ପଥରନିର୍ମିତ ଯନ୍ତ୍ରପାତି ଉପଲବ୍ଧ ଥିଲା । ଆଗ୍ନେୟଗିରିରୁ ଉତ୍ପନ୍ନ ଏହି କଳା-କାଚ ସଦୃଶ ପଥରରେ କାଟିବା ପାଇଁ ଅତୀବ ତୀକ୍ଷ୍ଣ ଧାର ରହିଥିଲା । ୩୦,୦୦୦ ବର୍ଷ ପୂର୍ବେ ଏହି ପଥର ସାହାଯ୍ୟରେ ରାମ୍ପିବା ଯନ୍ତ୍ର ଏବଂ ଛୁରୀ ତିଆରି କରାଯାଉଥିଲା । ଖ୍ରୀ.ପୂ. ୧୦,୦୦୦ ବର୍ଷ ସମୟକାଳରେ ଏହି ପଥରନିର୍ମିତ ଯନ୍ତ୍ରପାତି ଶାନିଦର୍ (ଇରାନ), ଜାର୍ମୋ, କାଟାଲ୍ ହୁୟୁକ୍ ଆଦି ସ୍ଥାନରୁ ଆବିଷ୍କାର କରାଯାଇଛି । ଏହି ସ୍ଥାନଗୁଡ଼ିକରେ ପୁନଶ୍ଚ ଅଗ୍ନିପଥର (ବାଲୁକାଯୁକ୍ତ ଅତି କଠିନ ପଥର) ଏବଂ କଳା-କାଚ ପରି ଅଗ୍ନିପଥର ସାହାଯ୍ୟରେ ଖଣତି, କୋରଣା, ଚକମକି ପଥର, ଛୁରୀ ଆଦି ନିର୍ମାଣ କରି ବ୍ୟବହାର କରାଯାଉଥିଲା । ଇଟାଲୀର ଚତୁଃପାର୍ଶ୍ୱସ୍ଥ ସ୍ଥାନ, ଆଜିଆନ ସାଗରସ୍ଥିତ ଦ୍ୱୀପରାଜି, ତୁର୍କୀସ୍ଥିତ ଟୌରୁସ୍ ଓ ଆର୍ମେନିଆ ଆଦି ସ୍ଥାନରୁ ମଧ୍ୟ କଳାକାଚ ପରି ଅଗ୍ନିପ୍ରସ୍ତରନିର୍ମିତ ଯନ୍ତ୍ରପାତି ଆବିଷ୍କାର କରାଯାଇଛି । ଉତ୍ପତ୍ତି ସ୍ଥଳଠାରୁ ହଜାର ହଜାର ମାଇଲ୍ ଦୂରରେ ଅବସ୍ଥିତ ଇଟାଲୀ, ତୁର୍କୀ ଆଦିର ସ୍ଥାନଗୁଡ଼ିକରେ ଏହି ପ୍ରସ୍ତରନିର୍ମିତ ଯନ୍ତ୍ରପାତି ଉପଲବ୍ଧ ହେବା ପ୍ରମାଣିତ କରୁଛି ଯେ, ସେହି ସମୟରେ ସୁବ୍ୟବସ୍ଥିତ ବିନିମୟ ପଦ୍ଧତି ପ୍ରଚଳିତ ଥିଲା ତଥା ଆଗ୍ନେୟଗିରିରୁ ଉତ୍ପନ୍ନ ପ୍ରସ୍ତରର ବିଶେଷ ଚାହିଦା ରହିଥିଲା ।

ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଆଗ୍ନେୟଗିରିରୁ ଉତ୍ପନ୍ନ ଏହି କଠିନ, ତୀକ୍ଷ୍ଣ ଧାରଯୁକ୍ତ କଳାକାଚ ପରି ଚିକ୍କଣ ଓ ସ୍ୱଚ୍ଛ ପଥର ବ୍ୟବସାୟ ବହୁଳ ଭାବରେ ପ୍ରଚଳିତ ଥିଲା । ଏହି ପଥରର କିଣାବିକା ଏବଂ ବ୍ୟବହାର,

ଦୂରତା ଦ୍ୱାରା ଅନେକ ସମୟରେ ପ୍ରଭାବିତ ହେଉଥିଲା; ହେଲେ ମଧ୍ୟ ଏହି ପ୍ରସ୍ତରର ଏକ ପ୍ରଧାନ ଯୋଗାଣକାରୀ ଅଞ୍ଚଳ ଆନାତୋଲିଆଠାରୁ ଜେରିକୋ ସୁଦୀର୍ଘ ୫୦୦ ମାଇଲ୍ ଦୂରରେ ଅବସ୍ଥିତ ଥିଲେ ମଧ୍ୟ ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଇଛି ଯେ, ସେଠି ଅଗ୍ନିପଥରନିର୍ମିତ ଉପକରଣଗୁଡ଼ିକୁ ବହୁଳ ଭାବରେ ବ୍ୟବହାର କରାଯାଉଥିଲା । ଜର୍ମୋର କୃଷକମାନେ ମଧ୍ୟ ଏହି ପଥରନିର୍ମିତ ଯନ୍ତ୍ରପାତି ଉପରେ ବିଶେଷ ନିର୍ଭରଶୀଳ ଥିଲେ । ସେମାନେ ଏହି ପଥର ଯାଗ୍ରୋଜ୍ ପର୍ବତମାଳା ଅଞ୍ଚଳରୁ ପାଉଥିଲେ । ଲୋକମାନେ ପାଦରେ ଚାଲି ଚାଲି ଟାଇଗ୍ରୀସ୍ ନଦୀ କୂଳସ୍ଥିତ ପାର୍ବତ୍ୟଶ୍ରେଣୀ ମଧ୍ୟସ୍ଥ ଗିରିପଥ ଦେଇ ବୋହି ଆଣୁଥିଲେ ଅଥବା ଡଙ୍ଗା ସାହାଯ୍ୟରେ ଟାଇଗ୍ରୀସ୍ ନଦୀ ମଧ୍ୟରେ ଆଣି ଜର୍ମୋ ଆଦି ଅଞ୍ଚଳକୁ ଯୋଗାଉଥିଲେ । ପଶ୍ଚିମ ଏସିଆ ଏବଂ ଭୂମଧ୍ୟସାଗର ଅଞ୍ଚଳର କୃଷକମାନେ ମଣି ଓ ମୂଲ୍ୟବାନ୍ ସବୁଜ ପଥର ବଦଳରେ ଅଗ୍ନିପଥର ନିର୍ମିତ ଯନ୍ତ୍ରପାତି ପାଇପାରୁଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ଅଲଗା ଥିବା ଏହି ଅଞ୍ଚଳଗୁଡ଼ିକର ଅର୍ଥନୈତିକ ସଂପର୍କ, ସାମାଜିକ ସଂପର୍କକୁ ମଧ୍ୟ ସୁଦୃଢ଼ କରୁଥିଲା । ଏହିପରି ଭାବରେ ଦେଖିଲେ ଜଣାଯାଏ ଯେ, ନୂତନ ପ୍ରସ୍ତର ଯୁଗର କୌଣସି ଗୋଟିଏ ମଧ୍ୟ ସଂପ୍ରଦାୟ ସ୍ୱୟଂସଂପୂର୍ଣ୍ଣ ଅଥବା ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ ନ ଥିଲେ । ସେମାନଙ୍କ ମଧ୍ୟରେ ମୂଲ୍ୟବାନ୍ ପଥର, ଖାଦ୍ୟଶସ୍ୟ, ବସ୍ତ୍ର, ଜଙ୍ଗଲଜାତ ଦ୍ରବ୍ୟ, ବିଳାସ ସାମଗ୍ରୀ ଆଦିର ବିନିମୟ ପ୍ରଚଳିତ ଥିଲା । ସଂପ୍ରଦାୟଗୁଡ଼ିକ ମଧ୍ୟରେ ପାରସ୍ପରିକ ସଂପର୍କ ଏବଂ କାରିଗରି ଜ୍ଞାନକୌଶଳର ଆଦାନପ୍ରଦାନ ଭାବ ବିନିମୟ ବହୁଳ ଭାବରେ ପ୍ରଚଳିତ ଥିଲା ।

ଧାତୁର ବ୍ୟବହାର

କଞ୍ଚାମାଲ୍‌ର ବ୍ୟାପକ ବିନିମୟ ଲୋକଙ୍କ ମଧ୍ୟରେ ଏକ ନୂତନ ଭାବନା ପ୍ରବର୍ତ୍ତନ କରିଥିଲା । ନୂତନ ପ୍ରସ୍ତର ଯୁଗରେ ମାଟିପାତ୍ର ସହିତ ତମ୍ବା ଏବଂ କଂସାର ବ୍ୟବହାର ମଧ୍ୟ ଆରମ୍ଭ ହୋଇଥିଲା । ଧାତବ ଜିନିଷ ନିର୍ମାଣ ନୂତନ ପ୍ରସ୍ତର ଯୁଗର ଏକ ମହତ୍ତ୍ୱପୂର୍ଣ୍ଣ ଉଦ୍ଭାବନ ଥିଲା । ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ପଶ୍ଚିମ ଏସିଆ ଅଞ୍ଚଳରେ ତମ୍ବାର ବ୍ୟବହାର ଆରମ୍ଭ ହୋଇଥିଲା । ଏହା କିନ୍ତୁ ପ୍ରସ୍ତର ଅଥବା ଅଗ୍ନିପଥରର ପ୍ରତିବଦଳକାରୀ ନ ଥିଲା । ପଶ୍ଚିମ ଏସିଆରେ ପ୍ରଚୁର ପରିମାଣରେ ତମ୍ବା ମିଳୁଥିଲା । ପଥର ଦ୍ୱାରା ବାଡ଼େଇ ବାଡ଼େଇ ଏହାକୁ ବିଭିନ୍ନ ଆକାର ଦିଆଯାଉଥିଲା ତଥା ଉଜ୍ଜ୍ୱଳତା ବୃଦ୍ଧି କରାଯାଉଥିଲା । ଯନ୍ତ୍ରପାତି ନିର୍ମାଣ କରୁଥିବା କାରିଗରମାନେ ପ୍ରଥମେ ପ୍ରଥମେ ଏହି ଉଜ୍ଜ୍ୱଳ ଧାତୁ ସାହାଯ୍ୟରେ ଘର ସଜେଇବା ଜିନିଷ ତିଆରି କରିବା ଆରମ୍ଭ କରିଥିଲେ । ପ୍ରାୟ ୮୦୦୦ ବର୍ଷ ପୂର୍ବେ ମଣିଷ ଜାଣିପାରିଥିଲା ଯେ, ତମ୍ବାକୁ କେବଳ ବାଡ଼େଇ କରି ଆକାର ଓ ଉଜ୍ଜ୍ୱଳତା ପ୍ରଦାନ କରାନଯାଇ ବେଶି ଉତ୍ତାପରେ ମଧ୍ୟ ତରଳା ଯାଇପାରିବ । ତା'ପରେ ତମ୍ବାକୁ ତରଳାଇ ମାଟିନିର୍ମିତ ଛାଞ୍ଚଗୁଡ଼ିକରେ ଢାଳି କ୍ଷୁଦ୍ର ଏବଂ ବୃହତ୍ ଆକାରର ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥିଲା । ଏହା ପରେ ପରେ ମଣିଷ ସୁନା, ରୁପା, ସୀସା, ଟିଣ ଏବଂ ତମ୍ବାର ମିଶ୍ରିତ ଧାତୁ କଂସାର ବ୍ୟବହାର ଶିଖିଥିଲା ।

ଜାଗ୍ରୋଜ୍ ପାର୍ବତ୍ୟ ଅଞ୍ଚଳସ୍ଥିତ ଶାନିଦର୍ ଗୁମ୍ଫାରୁ ସର୍ବପ୍ରଥମ ପ୍ରମାଣ ସ୍ୱରୂପ ଏକ ଅଣ୍ଡାକୃତି ଅଳଙ୍କାର ଏବଂ ହାରରେ ଝୁଲୁଥିବା ଏକ ପଦକ ଆବିଷ୍କାର କରାଯାଇଛି, ଯାହାକି ପ୍ରାୟ ଖ୍ରୀ.ପୂ. ୧୧ ଶହସ୍ରାବ୍ଦ ସମୟରେ ନିର୍ମିତ ହୋଇଥିବାର ଜଣାଯାଏ । କାଟାଲ୍ ହୁୟୁକ୍‌ଠାରୁ ତାମ୍ରନଳୀ ଏବଂ ଗୋଟି ସାହାଯ୍ୟରେ ନିର୍ମିତ ଏକ ହାର, ୟାରିମ୍‌ଟେପେ (ଇରାନ୍)ଠାରୁ ତମ୍ବା ଗହଣା, ଅଲିକୋଷଠାରୁ ତମ୍ବାର ଗୋଟି ଆବିଷ୍କାର କରାଯାଇଛି । ଭାରତ ଏବଂ ବଲକାନ୍ ଅଞ୍ଚଳରୁ ଆବିଷ୍କୃତ ତାମ୍ର ଉପକରଣ ପ୍ରାୟ ଖ୍ରୀ.ପୂ. ୭୦୦୦ ବର୍ଷର ପୁରୁଣା ଅଟେ ଏବଂ ଏହାର ଏକ ହଜାର ବର୍ଷ ପରେ ନିର୍ମିତ ତାମ୍ର ଗହଣା ଇଟାଲୀରୁ ଆବିଷ୍କାର କରାଯାଇଛି । ଅଲିକୋଷ (ଇରାନ୍)ର ୧୦୦ ମାଇଲ୍ ମଧ୍ୟରେ ତମ୍ବାଧାତୁ ନ ଥିଲା ଅଥଚ ତମ୍ବାନିର୍ମିତ ଉପକରଣ, ଗହଣା ଆଦି ଆବିଷ୍କାର କରାଯାଇଛି । କୃଷିକାର୍ଯ୍ୟ ମଧ୍ୟକୁ ପ୍ରବେଶ

ସମୟର ତମ୍ବା ଗହଣାଗୁଡ଼ିକର ଆବିଷ୍କାର ସେ ସମୟରେ ପ୍ରଚ୍ଛନ୍ନ ଏବଂ ବ୍ୟାପକ ରୂପରେ ବିନିମୟ ପ୍ରଚଳିତ ଥିବା ପ୍ରମାଣ କରେ ।

ଧାର୍ମିକ ବିଶ୍ୱାସ

ନୂତନ ପ୍ରସ୍ତର ଯୁଗରେ ଗଢ଼ି ଉଠିଥିବା କୃଷିଭିତ୍ତିକ ପରିବାରଗୁଡ଼ିକରେ ଧର୍ମ ଏବଂ କୃଷି ସମ୍ବନ୍ଧିତ ଅନେକ ରୀତିନୀତି ଓ ପରମ୍ପରାର ଅଭ୍ୟୁଦୟ ହୋଇଥିଲା । ଗ୍ରାମର ମୁଖିଆ ଏବଂ ଧାର୍ମିକ ଗୁରୁଙ୍କ ଉପରେ ଅଲିଖିତ ସାମ୍ବିଧାନିକ ନୀତିନିୟମକୁ ସମ୍ମାନ ଦେବା ଦାୟିତ୍ୱ ନ୍ୟସ୍ତ ହୋଇଥିଲା । କୃଷକମାନେ ରହୁଥିବା ପ୍ରାକୃତିକ ପରିବେଶର ପରିବର୍ତ୍ତନୀୟ ସ୍ୱରୂପ ଯୋଗୁଁ ସେମାନଙ୍କ ମନରେ ବିଶ୍ୱାସ ପଦ୍ଧତିର ଉଦ୍ରେକ ହୋଇଥିଲା ।

ପ୍ରକୃତିର ବିଭିନ୍ନ ସ୍ୱରୂପ ଯଥା- ପୃଥ୍ୱୀମାତା, ଚନ୍ଦ୍ର, ସୂର୍ଯ୍ୟ, ମରୁତ, ବରୁଣ, ଅଗ୍ନି, ବର୍ଷା, ବାତ୍ୟା, ବନ୍ୟା ଆଦିଙ୍କର ଅଦମ୍ୟ ଶକ୍ତି ସମ୍ବନ୍ଧରେ ମଣିଷ ଅବଗତ ହୋଇଥିଲା । ସେମାନଙ୍କ ପ୍ରକୋପରେ ଭୟଭୀତ ହୋଇ ମଣିଷ ନିଜସ୍ୱ ସୁରକ୍ଷା ଏବଂ ମଙ୍ଗଳ ପାଇଁ ସେମାନଙ୍କୁ ଭକ୍ତି କରିବା ଆରମ୍ଭ କରିଥିଲା । ପ୍ରଥମେ ପ୍ରଥମେ ସେ ପ୍ରକୃତିର ପ୍ରତ୍ୟେକ ସ୍ୱରୂପକୁ ସେହି ପ୍ରକାରେ ହିଁ ଭକ୍ତି କରୁଥିଲା । ଅନେକ ଶହ ବର୍ଷ ପରେ ଯାଇ ପ୍ରକୃତିରେ ମାନବର ଆନୟନ ହୋଇ ପ୍ରକୃତିର ସ୍ୱରୂପଗୁଡ଼ିକ ଦେହଧାରୀ ମଣିଷରେ ପରିଣତ ହୋଇଥିଲେ । କୃଷିଭିତ୍ତିକ ସମାଜରେ ଭକ୍ତିଭାବର ସମ୍ମିଳିତ ହୋଇ ପ୍ରକୃତିସ୍ୱରୂପୀ ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରି ନିଜସ୍ୱ ମଙ୍ଗଳ ବିଧାନ ନିମନ୍ତେ ମଣିଷ ଉପାସନା ଆରମ୍ଭ କରିଥିଲା । ଦେବଦେବୀମାନଙ୍କ ମଧ୍ୟରେ ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ସ୍ୱରୂପ ରହିଥିଲେ ତଥା ମାତୃଦେବୀଙ୍କର ଆରାଧନା ସର୍ବାଗ୍ରେ ଏବଂ ସର୍ବଶକ୍ତିମୟୀ ରୂପରେ କରାଯାଉଥିଲା । ନୂତନ ପ୍ରସ୍ତରଯୁଗୀୟ ବସତି ଅଞ୍ଚଳଗୁଡ଼ିକରୁ ପ୍ରତ୍ନତାତ୍ତ୍ୱିକମାନେ ପୃଥ୍ୱୀମାତାଙ୍କର କ୍ଷୁଦ୍ର ମୃଣ୍ମୟୀ ମୂର୍ତ୍ତି କେତୋଟି ଆବିଷ୍କାର କରିଛନ୍ତି । ଏଥିରୁ ଜଣାଯାଏ ଯେ ଭଲ ଫସଲ ଅମଳ ପାଇଁ ସେମାନେ ପୃଥ୍ୱୀମାତାଙ୍କୁ ଉପାସନା କରୁଥିଲେ । ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା ସ୍ଥାନଗୁଡ଼ିକରୁ ମାଟି, ପ୍ରସ୍ତର ଏବଂ ହାଡ଼ରେ ନିର୍ମିତ ଅନେକ ଦେବୀମୂର୍ତ୍ତି ଆବିଷ୍କାର କରାଯାଇଛି । ଏହି ମାତୃମୂର୍ତ୍ତିଗୁଡ଼ିକ ପରବର୍ତ୍ତୀ ସମୟରେ ଉପାସନା କରାଯାଉଥିବା ମାତୃଦେବୀମାନଙ୍କର ପୂର୍ବଜା ଅଟନ୍ତି । ଧରଣୀକୁ ସେମାନେ ଗର୍ଭଧାରଣ ଓ ପ୍ରସବ କରିପାରୁଥିବା ଜଣେ ନାରୀରୂପରେ ପରିକଳ୍ପନା କରୁଥିଲେ । କାରଣ ପୃଥିବୀ ମଧ୍ୟ ନିଜ ଗର୍ଭରେ ବୀଜକୁ ଧାରଣ କରି ତା'ର ପ୍ରଜନନ କ୍ଷମତା ଅଥବା ଉତ୍ପାଦିକା ଶକ୍ତିବଳରେ ଶସ୍ୟ ଉତ୍ପାଦନ କରିଥାଏ । ଧରଣୀ ଦେବୀଙ୍କର ପୁରୁଷ ସହଯୋଗୀ ଥିଲେ ଲିଙ୍ଗ । ଅଦ୍ୟାବଧି ମାଟି ଏବଂ ପ୍ରସ୍ତରନିର୍ମିତ ଅନେକ ଲିଙ୍ଗ ମଧ୍ୟ ଆବିଷ୍କୃତ ହୋଇସାରିଛି । କାଟାଲ ହୁୟୁକ୍‌ଠାରେ ଥିବା କାନ୍ଥରୁ ଉଦ୍‌ଗତ ହୋଇ ରହିଥିବା ଷଣ୍ଢର ମୁଣ୍ଡ ଏବଂ କେତେକ ରଙ୍ଗକରା କାନ୍ଥ ଲୋକେ ଧର୍ମ ପାଳନ କରୁଥିବାର ପ୍ରମାଣ ଦିଏ । ଏତଦ୍‌ଭିନ୍ନ କଳା ଓ ସାଙ୍କେତିକ ଧର୍ମ ବ୍ୟାପକ ଓ ଜଟିଳ ରୂପରେ ବୃଦ୍ଧି ହେଉଥିବା ପ୍ରମାଣ ଦିଏ ।

ଯାଦୁବିଦ୍ୟା ଏବଂ ରୀତିନୀତି ଏହି ସମାଜର ଏକ ଅତ୍ୟାବଶ୍ୟକୀୟ ଅଙ୍ଗ ଥିଲା । ମୃତ ମଣିଷର କ୍ରିୟାକର୍ମ ଆଗ ଅପେକ୍ଷା ଅଧିକ ଆଡ଼ମ୍ବରପୂର୍ଣ୍ଣ ଥିଲା । ଜେରିକୋ ଆଇନ୍ ଗଜଲ୍ (ଜୋର୍ଡାନ୍)ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ଲଣ୍ଡାକରି କବର ଦିଆଯାଉଥିଲା । ପ୍ରତ୍ନତାତ୍ତ୍ୱିକ ଅବଶେଷଗୁଡ଼ିକ ସୂଚେଇ ଦିଅନ୍ତି ଯେ, ସେ ସମୟର ମଣିଷମାନେ ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ । ମୃତ ବ୍ୟକ୍ତିଙ୍କର ସଂସ୍କୃତି, ସଂପ୍ରଦାୟଗୁଡ଼ିକରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ନୂତନ ପ୍ରସ୍ତର ଯୁଗର ଶ୍ମଶାନଗୁଡ଼ିକ ଚାରିତ୍ରିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ଗୋଟିକିଆ କବର ଅଥବା ସାଂପ୍ରଦାୟିକ କବର ଭାବରେ ବିଭାଜିତ ହୋଇଥିଲା । ସେତେବେଳେ ବ୍ୟକ୍ତିର ସଂପତ୍ତି ଓ ପ୍ରତିଷ୍ଠା ଅନୁଯାୟୀ କବର ନିର୍ମାଣ କରାଯାଉଥିବା ଯୋଗୁଁ ପ୍ରତ୍ନତାତ୍ତ୍ୱିକ ଖନନରୁ ବିଭିନ୍ନ ପ୍ରକାର କବର ବାହାରୁଛି । ଇଉରୋପରୁ ଆବିଷ୍କୃତ ହୋଇଥିବା ବିଶାଳ ପ୍ରସ୍ତରନିର୍ମିତ

ସମାଧିଗୁଡ଼ିକ ସମ୍ଭ୍ରାନ୍ତମାନଙ୍କର ହୋଇଥିବାର ବିଶେଷ ସମ୍ଭାବନା ରହିଛି । ଏହି ସମାଧିସ୍ଥଳରୁ ଜଣାଯାଏ ଯେ, କୌଣସି ଏକ ଧାର୍ମିକ ବିଶ୍ୱାସ ଅନୁସାରେ ଏହା ନିର୍ମିତ ହୋଇଛି । ଏହିପରି ଭାବରେ ତଦାନୀନ୍ତନ ଲୋକଙ୍କର ଧର୍ମଭାବନା ପ୍ରକୃତି ସହିତ ଜଡ଼ିତ ଥିଲା ତଥା ପର୍ବପର୍ବାଣିଗୁଡ଼ିକ ଧାର୍ମିକ ଏବଂ କୃଷିଭିତ୍ତିକ ଥିଲା ।

ନୂତନ ପ୍ରସ୍ତର ଯୁଗର ସାଂସ୍କୃତିକ ଜୀବନରେ ଘଟିଥିବା ଉନ୍ନତି ଏକ ପୂର୍ଣ୍ଣ ବିକଶିତ ସାମାଜିକ ଏବଂ ସାଂସ୍କୃତିକ ଜୀବନ ଆଡ଼କୁ ଆଗେଇ ନେଇଥିଲା । ମାନବ ଇତିହାସ ଗଠନ ନିମିତ୍ତ ନୂତନ ପ୍ରସ୍ତର ଯୁଗ ହେଉଛି ଏକ ମୁଖ୍ୟ ଓ ମହତ୍ତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ଅନେକ ନୂତନ ପରିବର୍ତ୍ତନ ଘଟି ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା । ନୂତନ ପ୍ରକାରର ଯନ୍ତ୍ରପାତିର ବ୍ୟବହାର ସଭ୍ୟତାକୁ ଉନ୍ନତିର ଶିଖରରେ ପହଞ୍ଚେଇ ପାରିଥିଲା । ନୂତନ ପ୍ରସ୍ତର ଯୁଗର ମଣିଷ ଏକ ଲମ୍ବା ବିବର୍ତ୍ତନ ପଦ୍ଧତି ମଧ୍ୟ ଦେଇ ଗତି କରିଥିଲା, ଯାହାକି ପ୍ରାୟ ୧୫,୭୦୦ ବର୍ଷ ପୂର୍ବେ ଆରମ୍ଭ ହୋଇ, ଗତିଦ୍ୱାରା ଆହରିତ ଶକ୍ତି ସଂଗ୍ରହ କରିଥିଲା, ପ୍ରାୟ ୧୨,୭୦୦ ବର୍ଷ ପୂର୍ବେ ଏବଂ ସଂପୂର୍ଣ୍ଣ ବିକଶିତ ହୋଇ ବୃକ୍ଷ ଏବଂ ପଶୁପାଳନ ଆରମ୍ଭ କରିଥିଲା ପ୍ରାୟ ୧୧,୦୦୦ ବର୍ଷ ପୂର୍ବେ (ପଶ୍ଚିମ ଏସିଆ) । ଏହିପରି ଭାବରେ ନୂତନ ପ୍ରସ୍ତର ଯୁଗର ମଣିଷ ଏହିପରି ଏକ କାଳର ପ୍ରତିନିଧିତ୍ୱ କରିଥିଲା, ଯେତେବେଳେ କି ସର୍ବାଙ୍ଗୀନ ସାମାଜିକ ପରିବର୍ତ୍ତନ ଘଟିଥିଲା ଏବଂ ମଣିଷ ଗୋଷ୍ଠୀ ଜମି, ଶ୍ରମ ଏବଂ ପୁଞ୍ଜି ଉପରେ ସଂପୂର୍ଣ୍ଣ ଆଧିପତ୍ୟ ପାଇଁ ନୂତନ ପଦ୍ଧତିର ଉପଯୋଗ କରିଥିଲା ।

(କ) ଖାଦ୍ୟ ଉତ୍ପାଦନ

ପ୍ରାୟ ଖ୍ରୀ.ପୂ. ୧୫,୦୦୦ ପରେ ପୃଥିବୀରେ ଉତ୍ତାପ ବୃଦ୍ଧି ପାଇଥିଲା; ଫଳରେ ଜଙ୍ଗଲର ପରିସୀମାରେ ମଧ୍ୟ ବୃଦ୍ଧି ଘଟିଥିଲା । ଏହାର ପ୍ରାୟ ୩୦୦୦ ବର୍ଷ ପରେ ହୋଲୋସିନ୍ ଯୁଗର ଆରମ୍ଭରେ ଲେବାଣ୍ଟ ଏବଂ ସିରିଆରେ (ପଶ୍ଚିମ ଏସିଆ) ଜଳବାୟୁର ପରିବର୍ତ୍ତନ ହୋଇ ଥଣ୍ଡା ଏବଂ ଆର୍ଦ୍ର ହୋଇଥିଲା ତଥା ଜଙ୍ଗଲ ସୀମାରେ ବୃଦ୍ଧି ହୋଇଥିଲା, ଯାହାକି ବିଶେଷ ରୂପରେ ମଣିଷ ବସବାସ କରିପାରିବା ପାଇଁ ଉପଯୁକ୍ତ ହୋଇଥିଲା । ବୃଷ୍ଟିପାତରେ ବୃଦ୍ଧିଯୋଗୁଁ ଭୂମଧ୍ୟସାଗରର ପୂର୍ବ ଉପକୂଳସ୍ଥିତ ଜଙ୍ଗଲ ପ୍ରସାରିତ ହୋଇଥିଲା । ତୁର୍କୀ, ସିରିଆ, ଇସ୍ରାଏଲ୍, ଇରାକ୍ ଏବଂ ଇରାନ୍ ଆଦି ଅଞ୍ଚଳସ୍ଥିତ ସୁଉଚ୍ଚ ପର୍ବତ ଏବଂ ଅଳ୍ପ ଉଚ୍ଚବିଶିଷ୍ଟ ପାହାଡ଼ଗୁଡ଼ିକରେ ଶୀତଋତୁରେ ପ୍ରଚୁର ପରିମାଣରେ ବର୍ଷା ହେଉଥିଲା । ଏହି ପର୍ବତମାଳାସ୍ଥିତ ଅଞ୍ଚଳ ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ଅନେକ ପ୍ରକାରର ଉଦ୍ଭିଦ ଓ ଜୀବଜନ୍ତୁ ଦେଖାଯାଉଥିଲେ । ଥଣ୍ଡା ଜଳବାୟୁରେ ଐଇନ୍‌କୋର୍ଣ୍ଣ ଏବଂ ଇମ୍ମର ନାମକ ଦୁଇଗୋଟି ଜାତିର ଗହମ ଯଥେଷ୍ଟ ପରିମାଣରେ ଉତ୍ପାଦନ ହେଉଥିଲା । ଏହି ପାର୍ବତ୍ୟ ଅଞ୍ଚଳରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସହିତ ବଣୁଆ ଛେଳି ଓ ମେଣ୍ଢା ମଧ୍ୟ ରହୁଥିଲେ । ଗ୍ରୀଷ୍ମକାଳରେ ଏହି ଛେଳି ଓ ମେଣ୍ଢାମାନେ ଘାସର ସନ୍ଧାନରେ ପାହାଡ଼ର ଉପରକୁ ଯାଉଥିଲେ ଏବଂ ସେମାନଙ୍କ ପଛେ ପଛେ ଯାଉଥିଲେ ମଧ୍ୟ-ପ୍ରସ୍ତର ଯୁଗର ମଣିଷମାନେ । ଭୂମଧ୍ୟସାଗରର ପାଖାପାଖି ଅଞ୍ଚଳ ହୋଇଥିବାରୁ ତଥା ବର୍ଷାଯୋଗୁଁ ପାର୍ବତ୍ୟାଞ୍ଚଳର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ହ୍ରଦ ଯୋଗୁଁ ପାଣିର ଅଭାବ ହେଉନଥିଲା । ସେମାନେ ପୁନଶ୍ଚ ଏହି ଜଳାଶୟ ଏବଂ ଭୂମଧ୍ୟସାଗରରୁ ମାଛ ଧରୁଥିଲେ ତଥା ବଣୁଆ ଗହମ ସଂଗ୍ରହ କରୁଥିଲେ । ଏହିପରି ଭାବରେ ଏହି ଯାଯାବର ଶିକାରୀ-ସଂଗ୍ରହକାରୀ ମଣିଷମାନେ ଗୋଟିଏ ସ୍ଥାନରେ ଅନେକ ଦିନ ପର୍ଯ୍ୟନ୍ତ ରହିଯାଉଥିଲେ । ପ୍ରସ୍ତର ଅଥବା ଗୁମ୍ଫାରେ ରହୁଥିବା ଏହି ପ୍ରକୃତିର ମଣିଷମାନେ କାଳକ୍ରମେ ସ୍ଥାୟୀ ବାସିନ୍ଦାରେ ପରିଣତ ହୋଇଥିଲେ । ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସହିତ ସେମାନେ ନୂତନ ଭାବରେ ତେଣ୍ଟା ଅଥବା ବର୍ଚ୍ଛା, ବନ୍‌ଶୀକଣ୍ଟା, କ୍ଷୁଦ୍ର ଉପକରଣ, ଦାଆ, ଟାଙ୍ଗିଆ ତିଆରି କରି ବ୍ୟବହାର କରୁଥିଲେ । ଆବିଷ୍କାର କରାଯାଇଥିବା ତାଲିଜାତୀୟ

ଶସ୍ୟର କାଣ୍ଡ ଉପରେ ପଡ଼ିଥିବା ସିଲିକନ୍ ଡାଇଅକ୍ସାଇଡ୍ ଲାଗି ଚକ୍ ଚକ୍ କରୁଥିବା ଦାଆରୁ ପ୍ରମାଣିତ ହୁଏ ଯେ, ସେମାନେ ଶସ୍ୟ ଅମଳ କରୁଥିଲେ । ସେମାନେ କେତେକ ଗଛର କାଣ୍ଡ ଓ ଅନ୍ୟାନ୍ୟ ଅଂଶକୁ ମଧ୍ୟ ସଂଗ୍ରହ କରି ଜମାକରି ରଖୁଥିଲେ ଓ ପରବର୍ତ୍ତୀ ସମୟରେ ଖାଦ୍ୟରୂପେ ବ୍ୟବହାର କରୁଥିଲେ, ଯାହାକି ସେମାନଙ୍କର ସ୍ଥାୟୀ ଭାବରେ ବସବାସ କରୁଥିବା ଅବସ୍ଥାକୁ ପ୍ରମାଣିତ କରେ । ଏହା ଏକ ସମ୍ଭାବନା ମାତ୍ର ଅଟେ, ଯାହାକି ସେହି ଅଞ୍ଚଳରୁ ମିଳିଥିବା ଶସ୍ୟକୁ ଗୁଣ୍ଡ କରୁଥିବା ପ୍ରସ୍ତରନିର୍ମିତ ଟାଣୁଆ ପାତ୍ର, ଗହମ ପେଷିବା ପାଇଁ ଟାଣୁଆ ଚକି ପଥର, ପାତ୍ରରେ ରଖି ଗୁଣ୍ଡ କରିବା ପାଇଁ ଟାଣୁଆ ପଥର ଦଣ୍ଡ ଆଦିରୁ ସୃଷ୍ଟି ହୁଏ । ପ୍ରାୟ ଖ୍ରୀ.ପୂ. ୧୦,୦୦୦ ବେଳକୁ ଦକ୍ଷିଣ ଲେବାଣ୍ଟରେ ଉତ୍ତାପ ଆହୁରି ବୃଦ୍ଧି ହୋଇଥିଲା । ଜଙ୍ଗଲ କ୍ଷୟ ଏବଂ ବୃଷ୍ଟିପାତରେ ସ୍ୱଳ୍ପତା ଯୋଗୁଁ ପଶୁମାନଙ୍କ ସହିତ ମଣିଷମାନେ ମଧ୍ୟ ଲେବାନନ୍ ଏବଂ ସିରିଆ ଆଡ଼କୁ ଚାଲିଯାଇଥିଲେ; ଫଳରେ ଅନେକ ବସତି ସ୍ଥାନ ପରିତ୍ୟକ୍ତ ହୋଇଥିଲା ।

ପ୍ରାୟ ଖ୍ରୀ.ପୂ. ୧୦,୦୦୦ ପରେ ପରେ ଶିକାରୀ-ସଂଗ୍ରହକାରୀରୁ ପଶୁପାଳକରେ ପରିବର୍ତ୍ତିତ ହୋଇଥିବା ମଣିଷମାନେ ଉନ୍ନତ ପର୍ଯ୍ୟାବରଣ, ବୃଷ୍ଟିପାତ ଏବଂ ଚାରଣଭୂମି ରହିଥିବା ଇଉଫ୍ରେଟିସ୍ ଅଞ୍ଚଳକୁ ନୂଆ ନୂଆ ପାଳନ କରିଥିବା ଜୀବଜନ୍ତୁଙ୍କ ସହିତ ଚାଲିଯାଇଥିଲେ । ସିରିଆର ମଧ୍ୟ-ଇଉଫ୍ରେଟିସ୍‌ସ୍ଥିତ ତେଲ୍ ମୁରେବିଟଠାରେ ସେହି ଲୋକଙ୍କ ଦ୍ୱାରା ପ୍ରାୟ ଖ୍ରୀ.ପୂ. ୧୨,୫୦୦ ବେଳକୁ ନୂତନ ପ୍ରସ୍ତର ଯୁଗର ପ୍ରଥମ ଗ୍ରାମ ସ୍ଥାପନ କରାଯାଇଥିଲା । ସେମାନେ କିନ୍ତୁ ଖାଦ୍ୟପାଇଁ ଜଙ୍ଗଲଜାତ ସାମଗ୍ରୀର ସଂଗ୍ରହ ଉପରେ ବିଶେଷ ନିର୍ଭର କରୁଥିଲେ । ତେଣୁ ସ୍ଥାୟୀ ବସବାସ ପାଇଁ ଖାଦ୍ୟ ଉତ୍ପାଦନ କରିବା ବାଧ୍ୟତାମୂଳକ ନ ଥିଲା । ଏକତ୍ର ସ୍ଥାୟୀ ଭାବରେ ଅନେକ ମଣିଷ ବସବାସ କରିବାରୁ ଗ୍ରାମର ଜନସଂଖ୍ୟାରେ ବୃଦ୍ଧି ହୋଇଥିଲା; ହେଲେ ଆଖପାଖ ଅଞ୍ଚଳରେ ମିଳୁଥିବା ଖାଦ୍ୟ ସାଧନଗୁଡ଼ିକ ନିଅଣ୍ଟ ହେବାରେ ଲାଗିଲା । ତେଣୁ ଖାଦ୍ୟର ସାଧନ ଅଭାବରୁ ଖାଦ୍ୟାଭାବ ହୋଇ ଜନସଂଖ୍ୟା ଏବଂ ଉପଲବ୍ଧ ଖାଦ୍ୟର ସନ୍ତୁଳନ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଯାହା ଜଣାଯାଏ ଯେ, ଏହିପରି ଏକ ଅବସ୍ଥାରେ ପଡ଼ି ମଣିଷ ଖାଦ୍ୟ ଉତ୍ପାଦନ ଏବଂ ପ୍ରକ୍ରିୟାକରଣ ପାଇଁ ବାଧ୍ୟ ହୋଇଥିଲା । ତା'ପରେ ସେ ଗୃହପାଳିତ ପଶୁଙ୍କ ଉପରେ ଅଧିକ ନିୟନ୍ତ୍ରଣ ଏବଂ ଏକ ସୁବ୍ୟବସ୍ଥିତ ପଦ୍ଧତି ଅନୁଯାୟୀ ଚାରା ରୋପଣ ଓ ବୀଜ ବପନ କରିଥିଲା ।

ପରବର୍ତ୍ତୀ ସମୟରେ ପ୍ରାଥମିକ ପର୍ଯ୍ୟାୟର ନୂତନ ପ୍ରସ୍ତର ଯୁଗର ଅନେକ ଗ୍ରାମ ପାଣି, ଉନ୍ନତ ଜଳବାୟୁ, ଉର୍ବର ଚାଷୋପଯୋଗୀ ଜମି, ଚାରଣ ଭୂମି ଆଦିର ସୁବିଧା ଥିବା ସ୍ଥାନଗୁଡ଼ିକରେ ଗଢ଼ି ଉଠିଥିଲା । ଉପରୋକ୍ତ ସୁବିଧାଗୁଡ଼ିକ ଉପଲବ୍ଧ ହେଉଥିବା ସ୍ଥାନର ଗାଆଁଗୁଡ଼ିକ ବିଶେଷ ଲାଭବାନ୍ ହେଉଥିଲେ । ଉଭୟ ବୈଧା ଏବଂ ଜେରିକୋ ଗ୍ରାମ ଜଳଉତ୍ସ ନିକଟରେ ଅବସ୍ଥିତ ଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଥିବା ହାଡ଼ର ଅବଶେଷ ଏବଂ ଜୀବାଶ୍ମରୁ ପ୍ରମାଣିତ ହୁଏ ଯେ, ବୈଧାଠାରେ ହତ୍ୟା କରାଯାଇଥିବା ଜୀବଗୁଡ଼ିକ ମଧ୍ୟରେ କେବଳ ଛେଳି ଥିଲେ ୭୬% ।

ପ୍ରାୟ ଖ୍ରୀ.ପୂ. ୧୦,୦୦୦ ବେଳକୁ ଦଳବଦ୍ଧ ରୂପରେ ଛେଳି ପାଳନ କରାଯାଉଥିଲା । ବୈଧାଠାରେ ରହିଥିବା ଅବିକଶିତ କେନାଲରୁ ଜଣାଯାଏ ଯେ, ସେଠାରେ ଚଣା ଓ ଡାଲି ଆଦି ପୁଷ୍ଟିସାରଜାତୀୟ ଶସ୍ୟ ଚାଷ କରାଯାଉଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଇଛି ଯେ, ଜେରିକୋର ନିମ୍ନସ୍ତରରେ ଖ୍ରୀ.ପୂ. ୧୦,୩୫୦ ରୁ ୯୩୫୦ ମଧ୍ୟରେ ମାଟିପାତ୍ର ପୂର୍ବ ନୂତନ ପ୍ରସ୍ତର ଯୁଗ (କ) (ପି.ପି.ଏନ୍.ଏ.) ପର୍ଯ୍ୟାୟର ଲୋକେ ବସତି ସ୍ଥାପନ କରିଥିଲେ । ଏହି ଅଞ୍ଚଳରୁ ଉତ୍ପାଦିତ ଗହମ ଏବଂ ବାର୍ଲି ଦେଶୀୟ ନ ଥିଲା । ବିହନ ଜୋର୍ଡାନ୍ ଉପତ୍ୟକାରୁ ଅଣାଯାଉଥିବା ବିଶେଷ ସମ୍ଭାବନା ଅଛି । ସେମାନେ ଅଧିକ ଉତ୍ପାଦନ କରିବା କ୍ଷମତା ରଖୁଥିଲେ; ଫଳରେ ଖାଦ୍ୟଶସ୍ୟ ବଳକା

ହେଉଥିଲା । ଯାହା ଜଣାଯାଏ ସେମାନେ ପଶୁପାଳନ କରୁ ନ ଥିଲେ । ସିରିଆର ଆବୁ ହୁରେୟାର୍‌ଠାରେ ମଧ୍ୟ ପ୍ରାୟ ଖ୍ରୀ.ପୂ. ୭୦୦୦ ବେଳକୁ ଏକ ନୂତନ ପ୍ରସ୍ତରଯୁଗୀୟ ଗ୍ରାମ ଗଢ଼ି ଉଠିଥିଲା । ସେମାନେ ମୁଖ୍ୟତଃ ଡାଲି ଓ ଚଣାଜାତୀୟ ଶସ୍ୟ ଚାଷ କରୁଥିଲେ ତଥା ପଶୁପାଳନ କରୁଥିଲେ । କେତେକ ବିଶେଷଜ୍ଞଙ୍କ ମତରେ କୃଷି ଓ ପଶୁପାଳନ ଯୋଗୁଁ ଜଙ୍ଗଲ ସଫା କରିବା ଆରମ୍ଭ ହୋଇଯାଇଥିଲା । ଚାଷଜମି ଏବଂ ଚାରଣ ଭୂମି ସୃଷ୍ଟି କରିବା ପାଇଁ ଲୋକେ ଗଛକାଟି ଜଙ୍ଗଲ ସଫା କରୁଥିଲେ । ଜାଳେଣି କାଠ ଏବଂ ଗୃହନିର୍ମାଣ ପାଇଁ ମଧ୍ୟ ଗଛ କାଟୁଥିଲେ । ନୂତନ ପ୍ରସ୍ତର ଯୁଗର ବିଭିନ୍ନ ବସତି ସ୍ଥାପନ ସ୍ଥଳର ଭୂତାତ୍ତ୍ୱିକ ସ୍ତରଗୁଡ଼ିକର ଆପେକ୍ଷିକ ସ୍ଥାନଗୁଡ଼ିକରେ କମି କମି ଯାଇଥିବା ପରାଗରେଣୁର ପରିମାଣରୁ ସୁଦୀର୍ଘ କାଳ ପର୍ଯ୍ୟନ୍ତ ଗଛକାଟି ଜଙ୍ଗଲ ସଫା କରିବା ପ୍ରମାଣ ମିଳିଥାଏ ।

ପଶ୍ଚିମ ଏସିଆର ଅନ୍ୟାନ୍ୟ ସ୍ଥାନଗୁଡ଼ିକ ମଧ୍ୟରେ ଜାଗ୍ରୋଜ୍ ପାର୍ବତ୍ୟାଞ୍ଚଳସ୍ଥିତ ଗଞ୍ଜ-ଦାରେଃ ଏବଂ ଆନାତୋଲିଆ (ଆଧୁନିକ ତୁର୍କୀ) ପ୍ରଣିଧାନଯୋଗ୍ୟ ଅଟନ୍ତି । ନୂତନ ପ୍ରସ୍ତର ଯୁଗର ମଣିଷମାନେ ପ୍ରାୟ ଖ୍ରୀ.ପୂ. ୧୦,୬୦୦ ବର୍ଷ ପୂର୍ବେ ଗଞ୍ଜ-ଦାରୋଃ, ପଶ୍ଚିମ ଇରାନ୍‌ର ଅଲିକୋଷଠାରେ ବସତି ସ୍ଥାପନ କରି ଗ୍ରାମ ଗଠନ କରିଥିଲେ । ଏହି ଗ୍ରାମଗୁଡ଼ିକର ଲୋକେ ପ୍ରଥମେ ପ୍ରଥମେ ଗଡ୍ଡୁର, ଘୁଷୁରି ଆଦି ଶିକାର କରୁଥିଲେ ଏବଂ ମାଛ ଧରୁଥିଲେ । ପୁରାତନ କୁର୍ଦ୍ଦିସ୍ଥାନ ଅଞ୍ଚଳର କରିମ୍ ସହର, ଶାନିଦାର୍, ତେପେ ଆଦି ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଜଣାଯାଇଛି ଯେ ଶେଷ ପର୍ଯ୍ୟାୟର ଶିକାରୀ-ସଂଗ୍ରହକାରୀ ମଣିଷମାନେ ବିଭିନ୍ନ ପ୍ରକାର ବଣୁଆ ଡାଲିଜାତୀୟ ଫସଲ ଚାଷ କରୁଥିଲେ । କୁର୍ଦ୍ଦିଶ୍ ପର୍ବତର ପାଦଦେଶରେ ଥିବା କ୍ଷୁଦ୍ର ଗ୍ରାମ ଜର୍ମୋଠାରେ ପ୍ରାୟ ଖ୍ରୀ.ପୂ. ୮୭୫୦ ବେଳକୁ ନୂତନ ପ୍ରସ୍ତର ଯୁଗର ଏକ ଗ୍ରାମ ନିର୍ମିତ ହୋଇଥିଲା । ଏହି ସ୍ଥାନର ଗ୍ରାମ ସୁଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇ ରହିଥିଲା । ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ପ୍ରତ୍ନତାତ୍ତ୍ୱିକମାନେ ଚାଷ କରାଯାଉଥିବା ଗହମ ଏବଂ ବାର୍ଲିର ମଞ୍ଜି ପାଇପାରିଛନ୍ତି । ଆବିଷ୍କୃତ ହାଡ଼ର ଅବଶେଷରୁ ଜଣାଯାଏ ଯେ ଉକ୍ତ ଗ୍ରାମଗୁଡ଼ିକର ଲୋକେ ଛେଳି, ମେଣ୍ଢା ଏବଂ ଘୁଷୁରି ପାଳନ କରୁଥିଲେ; ହେଲେ ଖ୍ରୀ.ପୂ. ୮୨୫୦ ରୁ ୭୦୦୦ ବର୍ଷ ମଧ୍ୟରେ ଗଢ଼ି ଉଠିଥିବା ସିରିଆ ଏବଂ ମେସୋପୋଟାମିଆ ଅଞ୍ଚଳର ଗ୍ରାମଗୁଡ଼ିକ ଅନ୍ୟାନ୍ୟ ଅଞ୍ଚଳର ଗ୍ରାମଗୁଡ଼ିକ ଅପେକ୍ଷା ଅଧିକ ଉନ୍ନତ ଥିଲା । ଏହି ଗ୍ରାମ ଯଥା- ହାଲଫ, ହସୁନା, ସମରା ଆଦି ଅତ୍ୟନ୍ତ ଉନ୍ନତ ଓ ବିକଶିତ ହେବାର କାରଣ ହେଉଛି, ସେଠାରେ ନୂତନ ପ୍ରକାର ମାଟିପାତ୍ର ନିର୍ମାଣ ପ୍ରଣାଳୀର ଆରମ୍ଭ ଏବଂ ସ୍ଥାପତ୍ୟ କଳା ଅନୁଯାୟୀ ଗୃହ ନିର୍ମାଣ କରିବା । ମେସୋପୋଟାମିଆର ଆକ୍କାଦ ଏବଂ ସୁମେର ଗ୍ରାମଦ୍ୱୟରେ ଖ୍ରୀ.ପୂ. ୭୫୦୦ ବେଳକୁ ଜମିରେ ଜଳସେଚନ, ଗାଈ, ଛେଳି, ମେଣ୍ଢା ଆଦିଙ୍କର ପ୍ରଜନନ, ଖଜୁରିକୋଳି ଚାଷ ଏବଂ ମାଛ ଧରିବା ଆରମ୍ଭ ହୋଇଯାଇଥିଲା ।

ପୃଥିବୀର ଅନ୍ୟାନ୍ୟ କେତେକ ସ୍ଥାନରେ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟା

ଉପରୋକ୍ତ ଅଞ୍ଚଳଗୁଡ଼ିକ ବ୍ୟତୀତ ନୂତନ ପ୍ରସ୍ତରଯୁଗୀୟ ସଂସ୍କୃତି ପୃଥିବୀର ଅନ୍ୟାନ୍ୟ ଅନେକ ଅଞ୍ଚଳ ଯଥା- ଆନାତୋଲିଆ, ଇଉରୋପ୍, ବଲକାନ୍, ଆମେରିକା ଓ ଚୀନ ଆଦି ଅଞ୍ଚଳରେ ଗଢ଼ି ଉଠିଥିଲା ।

ଆନାତୋଲିଆ

ହୋଲୋସିନ୍ ଯୁଗର ପ୍ରାଥମିକ ପର୍ଯ୍ୟାୟରେ ଆନାତୋଲିଆ ଅଞ୍ଚଳରେ ବୃଷ୍ଟିପାତ ବଢ଼ି ବଢ଼ି ଚାଲିଥିଲା । ଏହା ଫଳରେ ଏହି ଅଞ୍ଚଳର ପଶ୍ଚିମ ଏବଂ ମଧ୍ୟ ଅଂଶରେ ଜଙ୍ଗଲ ମାଡ଼ି ଚାଲିଥିଲା । ଏହିପରି ପରିସ୍ଥିତିରେ ଲେଭାଣ୍ଟଠାରୁ ବହୁ ପରେ ଏହି ଅଞ୍ଚଳରେ ଜନବସତି ଆରମ୍ଭ ହୋଇଥିଲା; ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥିଲା । ଏଠାରେ ଆମେ ନୂତନ ପ୍ରସ୍ତର ଯୁଗକୁ ଦୁଇଗୋଟି ସମୟକାଳ ମଧ୍ୟରେ ବିଭକ୍ତ କରିପାରିବା; ଯଥା- ଖ୍ରୀ.ପୂ. ୧୦,୦୦୦ରୁ

ଖ୍ରୀ.ପୂ. ୮୦୦୦ ପର୍ଯ୍ୟନ୍ତ ଏବଂ ଖ୍ରୀ.ପୂ. ୮୦୦୧ ରୁ ଖ୍ରୀ.ପୂ. ୭୦୦୦ ପର୍ଯ୍ୟନ୍ତ । ଏକ ପୁରାତନ କୃଷିକାରୀ ଅଞ୍ଚଳ କାୟୋନୁଠାରେ ଖ୍ରୀ.ପୂ. ୯୪୦୦ ରୁ ଖ୍ରୀ.ପୂ. ୮୭୫୦ ମଧ୍ୟରେ ବସତି ସ୍ଥାପନ କରାଯାଇଥିଲା । ବଞ୍ଚି ରହିବା ପାଇଁ ଏଠାରେ ବିଭିନ୍ନ ପ୍ରକାର ଉପାୟ ଉପଲବ୍ଧ ଥିଲା । ଲୋକେ ବିଶେଷକରି ଚଣା ଓ ଡାଲିଜାତୀୟ ଫସଲ ଚାଷ ଓ ଫଳ ପାଇଁ ବୃକ୍ଷରୋପଣ ଉପରେ ନିର୍ଭରଶୀଳ ଥିଲେ । ଆହୁରି ମଧ୍ୟ ସେମାନେ ଛେଳି, ମେଣ୍ଢା ଆଦି ପାଳନ କରୁଥିଲେ ।

କାଟାଲ୍ ହୁୟୁକ୍ ଥିଲା ନୂତନ ପ୍ରସ୍ତର ଯୁଗର ଶେଷ ପର୍ଯ୍ୟାୟରେ ଆନାତୋଲିଆ ଅଞ୍ଚଳରେ ଗଢ଼ି ଉଠିଥିବା ଉନ୍ନତ ଗ୍ରାମଗୁଡ଼ିକ ମଧ୍ୟରେ ସର୍ବବୃହତ୍, ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ଅନ୍ୟତମ । ପ୍ରାୟ ଖ୍ରୀ.ପୂ. ୯୦୦୦ ବେଳକୁ ଏହି ଗ୍ରାମଟି ଗଢ଼ି ଉଠିଥିଲା ଏବଂ ଖ୍ରୀ.ପୂ. ୭୪୦୦ ବେଳକୁ ଏହା ପରିତ୍ୟକ୍ତ ଅବସ୍ଥାରେ ପହଞ୍ଚିଥିଲା । ଏହା ଏକ ଝରଣା କୂଳରେ ପଟୁମାଟି ଅଞ୍ଚଳରେ ଅବସ୍ଥିତ ଥିଲା । ତେଣୁକରି ବୃକ୍ଷପୋଷଣ, ଡାଲିଜାତୀୟ ଫସଲ ଚାଷ ଓ ଶଙ୍କରଣ ପାଇଁ ଉକ୍ତ ଅଞ୍ଚଳ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ଗୋରୁଗାଈ ଥିଲେ ଏଠିକାର ଲୋକଙ୍କ ପ୍ରଧାନ ଗୃହପାଳିତ ପଶୁ । ଆନାତୋଲିଆର ପଶ୍ଚିମାଞ୍ଚଳରେ ଅବସ୍ଥିତ ନୂତନ ପ୍ରସ୍ତର ଯୁଗର ଅତି ପୁରାତନ ଜଣାଶୁଣା ଗ୍ରାମ ହାସିଲାର ଏବଂ ସୁବେର୍ଦେଠାରେ ମଧ୍ୟ ସଂପୂର୍ଣ୍ଣ ରୂପରେ କାଟାଲ୍ ହୁୟୁକ୍ ପରି ପଦ୍ଧତି ଓ ପରମ୍ପରା ପ୍ରଚଳିତ ଥିଲା । ଉପରୋକ୍ତ ଉଦାହରଣଗୁଡ଼ିକର ଆଧାରରେ ଏଠାରେ କୁହାଯାଇପାରେ ଯେ, ପଶ୍ଚିମ ଏସିଆର ନୂତନ ପ୍ରସ୍ତରଯୁଗୀୟ ସଂସ୍କୃତି ଗଢ଼ି ଉଠିଥିବା ସମସ୍ତ ସ୍ଥାନରେ ସଂପୂର୍ଣ୍ଣ ରୂପରେ ଏବଂ ଲାଭଦାୟକ ରୂପରେ ପଶୁ ସମ୍ବଳର ଉପଯୋଗ ଏକ ସୁଦୀର୍ଘ ସମୟକାଳରେ ବାରମ୍ବାର ପ୍ରଚେଷ୍ଟାର ଫଳ ଥିଲା । ଲୋକମାନେ ଦଳବଦ୍ଧ ଭାବରେ ପଶୁଗୁଡ଼ିକୁ ଗୃହପାଳିତ କରୁଥିଲେ ତଥା ଏହା ସହିତ ଡାଲିଜାତୀୟ ଫସଲ ବହୁଳ ଭାବରେ ଚାଷ ଓ ଉତ୍ପାଦନ କରୁଥିଲେ ।

ଇଉରୋପ

ଏହା ପ୍ରମାଣିତ ଅଟେ ଯେ, ପ୍ଲେଷ୍ଟୋସିନ୍ ଯୁଗ ଅନ୍ତର୍ଗତ ସୁଦୀର୍ଘ ତୁଷାର ଯୁଗ ଏବଂ ମଧ୍ୟ-ତୁଷାର ଯୁଗ ତଥା ଅନ୍ୟାନ୍ୟ କାରଣ ଯୋଗୁଁ ପାଣିପାଗରେ ପରିବର୍ତ୍ତନ, ମଣିଷର ଖାଦ୍ୟ ସଂଗ୍ରହ ଉପାୟଗୁଡ଼ିକୁ ନିରବଚ୍ଛିନ୍ନ ଭାବରେ ପରିବର୍ତ୍ତନ କରିଚାଲିଥିଲା । ଶିକାର କରିବା ଏବଂ ସଂଗ୍ରହ କରିବା କୌଶଳ ସ୍ଥାୟୀ ହୋଇ ରହୁ ନ ଥିଲା । ଏଥିରେ ବାରମ୍ବାର ପରିବର୍ତ୍ତନ ହେଉଥିଲା । ଏହି ପରିବର୍ତ୍ତନର ପଦ୍ଧତି ଓ ସମୟ ସମଗ୍ର ବିଶ୍ୱରେ ସମାନ ନ ଥିଲା, ଯେପରିକି ପ୍ଲେଷ୍ଟୋସିନ୍ ଯୁଗରେ ଉତ୍ତର ଇଉରୋପର ଲୋକେ ବଲ୍ଗାହରିଣ ଶିକାର କରି ବଞ୍ଚୁଥିଲେ; ହେଲେ ପରବର୍ତ୍ତୀ ସମୟରେ ପାଣିପାଗ ଓ ପର୍ଯ୍ୟାବରଣରେ ପରିବର୍ତ୍ତନ ହେବା ସହିତ ବଲ୍ଗାହରିଣ କଷ୍ଟଲବ୍ଧ ହେବାରୁ ସେମାନେ ନାଲି ହରିଣ ଶିକାର କରୁଥିଲେ । ନୂତନ ରୂପରେ ସୃଷ୍ଟି ହୋଇଥିବା ହ୍ରଦ, ଝରଣା ତଥା ବାଲଟିକ୍ ସାଗର ଏବଂ କାସ୍ପିୟାନ ସାଗର ତଟବର୍ତ୍ତୀ ହଙ୍ଗେରୀ, ଜର୍ମାନୀ ଓ ଫ୍ରାନ୍ସରେ ବସତି ସ୍ଥାପନ କରିଥିବା ମଧ୍ୟ-ପ୍ରସ୍ତର ଯୁଗର ଶିକାରୀ-ସଂଗ୍ରହକାରୀ ମଣିଷମାନେ ମାଛ ଧରି ଜୀବିକା ନିର୍ବାହ କରୁଥିଲେ । ଜୀବନଧାରଣ ପାଇଁ ସେମାନେ ଖାଦ୍ୟରେ କୁକୁଡ଼ା ଆଦି ପକ୍ଷୀଙ୍କର ମାଂସ ଅନୁପୂରକ ଭାବେ ଗ୍ରହଣ କରୁଥିଲେ । ମଧ୍ୟ-ପ୍ରସ୍ତର ଯୁଗ ସମ୍ବନ୍ଧୀୟ ପ୍ରତ୍ନତାତ୍ତ୍ୱିକ ଉପାଦାନ ଅନୁଯାୟୀ ଉତ୍ତର-ପୂର୍ବ ଇଉରୋପରେ (ଖ୍ରୀ.ପୂ. ୧୩,୦୦୦ ରୁ ୧୧,୦୦୦) ଜଳବାୟୁର ପରିବର୍ତ୍ତନ ଯୋଗୁଁ ଡଙ୍ଗାପରି ପାଦଥିବା କେତେକ ଜୀବ ଯଥା- ହରିଣ, ଜଳଚର ପକ୍ଷୀ, ମାଛ, ଗେଣ୍ଡା ଆଦିର ସୃଷ୍ଟି ହୋଇଥିଲା । ଏହିସବୁ ଜୀବଙ୍କୁ ମଧ୍ୟ ଶିକାର କରି ମଣିଷ ନିଜର ଖାଦ୍ୟ ଆବଶ୍ୟକତା ପୂରଣ କରୁଥିଲା । ଏହି ପଦ୍ଧତିରେ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ ଅଞ୍ଚଳର ଲୋକେ ଖାଦ୍ୟ ସଂଗ୍ରହ କରିପାରୁଥିଲେ । ଇଉରୋପରେ ସର୍ବପ୍ରଥମେ ଗହମ ଓ ବାର୍ଲି ଚାଷ, ଗୋରୁଗାଈ, ଘୁଷୁରି ଆଦି ପଶୁପାଳନର ପ୍ରମାଣ ଆମେ ଗ୍ରୀସ୍‌ରେ ଗଢ଼ି ଉଠିଥିବା ଖ୍ରୀ.ପୂ. ୯୦୦୦ ସମୟର ସାଂସ୍କୃତିକ ଗ୍ରାମଗୁଡ଼ିକରୁ ପାଇଥାଉ । ବଲକାନ୍ ଅଞ୍ଚଳରେ ଚାଷୀମାନେ ଗହମ ଓ ବାର୍ଲି ଚାଷ କରୁଥିଲେ । ପଶ୍ଚିମ ଏସିଆ ଏବଂ

ଆନାତୋଲିଆ ପରି ବଲକାନ୍ ଅଞ୍ଚଳରେ ମଧ୍ୟ ଅହରହ ଜଳବାୟୁରେ ପରିବର୍ତ୍ତନ, ପର୍ଯ୍ୟାବରଣ ଏବଂ ଉତ୍ତାପରେ ବିବିଧତା ଦେଖାଦେଉଥିଲା । କେତେକ ଗବେଷକ ମତବ୍ୟକ୍ତ କରିଛନ୍ତି ଯେ, ଆନାତୋଲିଆ ଏବଂ ବଲକାନ୍ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ସଂପର୍କ ଗଢ଼ି ଉଠିଥିଲା, ଯାହାକି ବଲକାନ୍ ଅଞ୍ଚଳରେ କୃଷିର ବିକାଶ ଓ ପ୍ରସାରଣରେ ସହାୟକ ହୋଇଥିଲା ।

ଭୂମଧ୍ୟସାଗରୀୟ ଅଞ୍ଚଳ

ମଧ୍ୟ-ପ୍ରସ୍ତର ଯୁଗର ଶେଷ ପର୍ଯ୍ୟାୟରେ ବଲକାନ୍ ଅଞ୍ଚଳରୁ କେତେକ ସଂପ୍ରଦାୟର ଲୋକେ ସମୂହଭାବେ ସ୍ଥାନାନ୍ତରିତ ହୋଇଥିଲେ । ସେମାନେ ନୂତନ ପରିବେଶ ଓ ଜଳବାୟୁରେ ନିଜକୁ ସମାଯୋଜନ କରିପାରିବାର ଶକ୍ତି ଥିବା ଯୋଗୁଁ ପ୍ରାୟ ଖ୍ରୀ.ପୂ. ୭୦୦୦ ବେଳକୁ ଅଧିକ ଉତ୍ତାପ ଏବଂ ଅତି ଉର୍ବର ଭୂମି ରହିଥିବା ମଧ୍ୟ-ଇଉରୋପରେ ବସତି ସ୍ଥାପନ କରିଥିଲେ । ଏହି ଅଞ୍ଚଳର ଜଳବାୟୁ ଗହମ ଓ ବାର୍ଲି ଚାଷ ପାଇଁ ଉପଯୁକ୍ତ ଥିଲା । ଆହୁରି ମଧ୍ୟ ଫଳପାଇଁ ସେମାନେ ବିଭିନ୍ନ ପ୍ରକାରର ଗଛ ରୋପଣ କରୁଥିଲେ । ଏହି କ୍ଷେତ୍ରର ଚାଷୀମାନେ ସର୍ବଦା ଜମିରେ ଚାଷ କରୁଥିବା ଶସ୍ୟର ପରିବର୍ତ୍ତନ (ପୁନରାବର୍ତ୍ତନ) କରି ଚାଲୁଥିଲେ । ଏଠିକାର ଅଭ୍ୟାସ ଥିଲା ଯେ, ଚାଷ କରିଥିବା ଜମିରୁ ସେମାନେ ଫସଲ ଅମଳ କରିବା ପରେ ସେ ଜମିକୁ ହଳକରି କୁଟାପକେଇ ପୋଡ଼ି ଦେଉଥିଲେ; ଫଳରେ ତା'ର ଉର୍ବରତା ଏବଂ ଉତ୍ପାଦିକା ଶକ୍ତିରେ ବୃଦ୍ଧି ହେଉଥିଲା । ତା'ପରେ ସେମାନେ ଉକ୍ତ ଜମିକୁ ପରିତ୍ୟାଗ କରି ଚାଷପାଇଁ ଅନ୍ୟ ଏକ ଜମି ପ୍ରସ୍ତୁତ କରୁଥିଲେ । ଏହି ଚାଷ ପଦ୍ଧତିକୁ ସ୍ୱିଦସ୍ କିମ୍ବା କଟାକଟି କିମ୍ବା ପୋଡୁଚାଷ ବୋଲି କୁହାଯାଏ । ଏହି ପ୍ରକାର ଚାଷ ପଦ୍ଧତି ଜଣେ କୃଷକକୁ ଗୋଟିଏ ସ୍ଥାନରେ ଅଧିକ ଦିନ ରହିବା ପାଇଁ ବାଧ୍ୟ କରୁଥିଲା ।

ବଲକାନ୍ ଓ ମଧ୍ୟ-ଇଉରୋପ ତୁଳନାରେ ବହୁ ପରେ ଉତ୍ତର-ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳରେ ଖାଦ୍ୟ ଉତ୍ପାଦନ ଆରମ୍ଭ କରାଯାଇଥିଲା । ଆମେ ପାଉଥିବା ପ୍ରମାଣ ଅନୁଯାୟୀ ଖ୍ରୀ.ପୂ. ଆଠ ସହସ୍ରାବ୍ଦ ବେଳକୁ ଯାଇ ଏହି ଅଞ୍ଚଳରେ ଚାଷ ପାଇଁ ଜମି ସଫା ଏବଂ ପ୍ରସ୍ତୁତ କରାଯାଇଥିଲା ତଥା ଡାଲିଜାତୀୟ ଫସଲ ଚାଷ କରାଯାଇଥିଲା । ପୁନଶ୍ଚ ମେଣ୍ଢା ଆଦି ପଶୁ ପାଳନ କରାଯାଇଥିଲା ଏବଂ ଦ୍ରବ୍ୟ ବଦଳରେ ଦ୍ରବ୍ୟ ନେଣଦେଣ (ବିନିମୟ) ମଧ୍ୟ ଭୂମଧ୍ୟସାଗର ଉପକୂଳ ଅଞ୍ଚଳରେ ରହୁଥିବା କେତେକ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ଥିବାର ଜଣାଯାଏ ।

ମେସୋ-ଆମେରିକା

ନୂତନ ପ୍ରସ୍ତର ଯୁଗର କୃଷକମାନେ କୌଣସି ଏକ ବିଶେଷ ପ୍ରକାରର ପର୍ଯ୍ୟାବରଣକୁ ଅଙ୍ଗୀକାର କରୁ ନ ଥିଲେ; ହେଲେ ସେମାନେ ବିଭିନ୍ନ ଜଳବାୟୁ ଅଞ୍ଚଳରେ ଉପଲବ୍ଧ ଉଦ୍ଭିଦ ଓ ପ୍ରାଣୀଙ୍କୁ ଗ୍ରହଣ କରୁଥିଲେ । ବିଭିନ୍ନ ଗଛର ଶସ୍ୟ ସଂଗ୍ରହ ମାଧ୍ୟମରେ କେତେକ ପ୍ରକାର ଡାଲିଜାତୀୟ ଫସଲର ଚାଷ ଆରମ୍ଭ ହୋଇଥିବା ଅନୁମାନ କରାଯାଏ । ଲୋକେ ବିଭିନ୍ନ ସ୍ଥାନରେ ଉପଲବ୍ଧ ବୃକ୍ଷ ଏବଂ ପଶୁଙ୍କୁ ଆଖି ଆଗରେ ରଖି ସେମାନଙ୍କର ଶିକାର କରିବା ଏବଂ ସଂଗ୍ରହ କରିବା ଯୋଜନା କରୁଥିଲେ । ଅଣଯୋଜନାଭିତ୍ତିକ ଶିକାର ଏବଂ ସଂଗ୍ରହ ଅପେକ୍ଷା ଯୋଜନାବଦ୍ଧତାକୁ ବିଶେଷ ରୂପରେ କାର୍ଯ୍ୟକାରୀ କରୁଥିଲେ; ଫଳସ୍ୱରୂପ ସେମାନେ କେତେକ ଉଦ୍ଭିଦ ଏବଂ ପଶୁଙ୍କ ଉପରେ ନିର୍ଭରଶୀଳ ଥିଲେ । ପଶ୍ଚିମ ଏସିଆ ଏବଂ ଇଉରୋପର କେତେକ ସ୍ଥାନର ଅବତାରଣାରୁ ସୂଚିତ ହୁଏ ଯେ, ସଂପୂର୍ଣ୍ଣ ରୂପରେ କୃଷିକାର୍ଯ୍ୟର ବିକାଶ ନ କରି ମଧ୍ୟ ଲୋକେ ଗୋଟିଏ ସ୍ଥାନରେ ବର୍ଷ ବର୍ଷ ଧରି ବସତି ସ୍ଥାପନ କରି ରହୁଥିଲେ । କେତେକ ସଂପ୍ରଦାୟ ବୃକ୍ଷପୋଷଣ କରିବା ସତ୍ତ୍ୱେ ମଧ୍ୟ ଯାଯାବର ଧର୍ମ ଛାଡ଼ି ପାରୁନଥିଲେ । ଏହିପରି ଘଟୁଥିଲା ମେସୋ-ଆମେରିକା (ପ୍ରଶାନ୍ତ ମହାସାଗର ଏବଂ ମେକ୍ସିକୋ ଉପସାଗର ମଧ୍ୟରେ) ଅଞ୍ଚଳରେ, ଯେଉଁଠାରେ କି ପାଣିପାଗ ଚାଷ ପାଇଁ ଉପଯୋଗୀ ନ ଥିଲା । ପୁନଶ୍ଚ ଶିକାରୀ-ସଂଗ୍ରହକାରୀମାନଙ୍କୁ ଶିକାରଟିଏ ସନ୍ଧାନ କରିବା ମଧ୍ୟ

କଷ୍ଟକର ହୋଇପଡୁଥିଲା । ତେହୁଆକାନ୍ ଉପତ୍ୟକାଞ୍ଚଳ ଯାହାକି ମେକ୍ସିକୋ ନଗରୀର ଦକ୍ଷିଣ-ପୂର୍ବକୁ ୧୨୫ ମାଇଲ୍ ଦୂରରେ ଅବସ୍ଥିତ ଥିଲା, ତାହା ଖ୍ରୀ.ପୂ. ୧୧,୦୦୦ ବେଳକୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ିଗ୍ରସ୍ତ ହୋଇଯାଇଥିଲା । ଶିକାରୀ-ସଂଗ୍ରହକାରୀମାନେ ସୀମାବଦ୍ଧ ଭାବରେ ଶିକାର କରୁଥିଲେ, ତେଣୁ ଖାଦ୍ୟର ସାଧନ ହ୍ରାସ ହେଉ ନ ଥିଲା । ଶୀତଦିନେ ଲୋକେ ଶିକାର କରୁ ନ ଥିଲେ ତଥା ଗ୍ରୀଷ୍ମଦିନେ ଫଳ ଓ ମଞ୍ଜି ସଂଗ୍ରହ କରୁଥିଲେ ।

ଲୋକମାନେ ବିଭିନ୍ନ ସ୍ଥାନ ଭ୍ରମଣ କରିବା ଦ୍ୱାରା ଚାଷ, ପଶୁପାଳନ ଆଦି ସମ୍ବନ୍ଧରେ ସେମାନଙ୍କ ଜ୍ଞାନ ବୃଦ୍ଧି ହେଉଥିଲା । ମେସୋ-ଆମେରିକା ଅଞ୍ଚଳର ବାସିନ୍ଦାମାନେ ଖ୍ରୀ.ପୂ. ୭୦୦୦ ସୁଦ୍ଧା ପ୍ରାକୃତିକ ବୈଶିଷ୍ଟ୍ୟ ଥିବା ନୂତନ ଭୂଭାଗର ଆବିଷ୍କାର କରି ମକା, ବିନ୍ ଆଦି ଚାଷ ଆରମ୍ଭ କରିଦେଇଥିଲେ । କ୍ଷୁଦ୍ର ଗୋଷ୍ଠୀଗୁଡ଼ିକ ମଧ୍ୟ ସମୟ ସମୟରେ ନଦୀକୂଳରେ ବାସ କରୁଥିଲେ ।

ମେସୋ-ଆମେରିକା ଅଞ୍ଚଳରେ ପ୍ରାୟ ଖ୍ରୀ.ପୂ. ୫୦୦୦ ବେଳକୁ ଲୋକେ ଏକତ୍ର ବସତି ସ୍ଥାପନ କରି ଗ୍ରାମ ନିର୍ମାଣ କରିଥିଲେ ତଥା ମକା, ଲାଉ ଏବଂ ବିନ୍ ଚାଷ ଆରମ୍ଭ କରିଥିଲେ, ଯାହାକି ସେମାନଙ୍କର ମୁଖ୍ୟ ଖାଦ୍ୟରେ ପରିଣତ ହୋଇଥିଲା । ଏହି ଚାଷ ବହୁଳ ଭାବରେ ପେରୁ, ଆର୍ଜେଣ୍ଟିନା, ଚିଲି ଆଦି ଅଞ୍ଚଳରେ କରାଯାଉଥିଲା । ମାଳ ଅଞ୍ଚଳରେ ଚାଷ କରାଯାଉଥିବା ଉପରୋକ୍ତ ଶସ୍ୟଗୁଡ଼ିକ ଏବେ ସବୁପ୍ରକାର ଅର୍ଥନୈତିକ ଅଞ୍ଚଳରେ ଚାଷ କରିବା ଆରମ୍ଭ ହୋଇଯାଇଥିଲା ତଥା ଲୋକେ ଯାଯାବର ଜୀବନ ପରିତ୍ୟାଗ କରି ସ୍ଥାୟୀ ଭାବରେ ବସବାସ କରିଥିଲେ ।

ଚୀନ

ଚୀନରେ କୃଷିକାର୍ଯ୍ୟର ଆରମ୍ଭ କାଳ ମୁଖ୍ୟତଃ ଦୁଇଗୋଟି ସଂସ୍କୃତି ଯଥା- ୟାଙ୍ଗ-ଶାଓ ଏବଂ ଲଙ୍ଗ୍- ଶାନ୍ ଭିତ୍ତିରେ ନିର୍ଣ୍ଣୟ କରାଯାଇଥାଏ । ଉତ୍ତର ଚୀନର ୟାଙ୍ଗ-ଶାଓ ସଂସ୍କୃତି ପ୍ରାୟ ଖ୍ରୀ.ପୂ. ୬୦୦୦ ବେଳକୁ ବିକାଶଲାଭ କରିଥିଲା । ଏହାର ଆରମ୍ଭ ହୁଆଙ୍ଗ ଉପତ୍ୟକାର ମଧ୍ୟଭାଗରେ ଫେନ୍ ଏବଂ ୱେଇ ନଦୀଦ୍ୱୟର ସଙ୍ଗମସ୍ଥଳରେ ହୋଇଥିଲା । ଏହା କ୍ରମେ କ୍ରମେ ଶାନ୍‌ସିର ମଧ୍ୟାଞ୍ଚଳ ଏବଂ ପୂର୍ବ କାନ୍‌ସୁ ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଏହି ଅଞ୍ଚଳରେ ଏକ ମିଶ୍ରିତ ଅର୍ଥନୀତିର ବିକାଶ ହୋଇଥିଲା । ଏହା ଶିକାର କରିବା, ମାଛ ଧରିବା, ଫଳମୂଳ ସଂଗ୍ରହ କରିବା, ବାଜରା ଏବଂ ପରେ ଗହମ ଆଦି ଚାଷ କରିବାରେ ପର୍ଯ୍ୟବସିତ ଥିଲା । ଏହି ଅଞ୍ଚଳର ଲୋକେ କୁକୁର ଓ ଘୁଷୁରି ପାଳନ କରୁଥିଲେ । ସମୟେ ସମୟେ ସେମାନେ ଗାଇ, ଛେଳି, ମେଣ୍ଢା ଆଦିଙ୍କୁ ମଧ୍ୟ ପାଳନ କରୁଥିଲେ । ରେଶମ ପୋକ ପାଳନ କରିବା ପାଇଁ ସେମାନେ ତୁତ୍ ଗଛ ଲଗାଉଥିଲେ ।

ଲଙ୍ଗ୍-ଶାନ୍ ସଂସ୍କୃତିର ଠିକ୍ ପରେ ପରେ ଚୀନରେ ଆରମ୍ଭ ହୋଇଥିଲା ୟାଙ୍ଗ୍-ଶାଓ ସଂସ୍କୃତି । ଏହି ସଂସ୍କୃତି ହୋନାନ୍, ଶାନ୍‌ତୁଙ୍ଗ୍, ହୁପେଇ, କିଆନ୍‌ସୁ, ତାଇୱାନ୍ ଆଦି ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଏହି ସଂସ୍କୃତିର ଲୋକେ ବାଜରା, ଗହମ, ଧାନ ଓ ସୋୟାବିନ୍ ଆଦି ଚାଷ କରୁଥିଲେ ତଥା କୁକୁଡ଼ା, ମେଣ୍ଢା, ଛେଳି, ଗାଇ ଆଦି ପାଳନ କରୁଥିଲେ ।

ଏହା ସତ୍ୟ ଅଟେ ଯେ ମଣିଷ, ଶିକାରୀ-ସଂଗ୍ରହକାରୀରୁ କୃଷି ଓ ପଶୁପାଳନକାରୀରେ ପରିବର୍ତ୍ତିତ ହେବା ଏକ ଅଫେରନ୍ତା ଯୁଗାନ୍ତକାରୀ ଉପଲବ୍ଧି ଅଟେ । କୃଷି ସହିତ ଦୁଇଗୋଟି ବୈଶିଷ୍ଟ୍ୟ ସଂଶ୍ଳିଷ୍ଟ ଅଟେ; ଯଥା- କାରଣ ଏବଂ ପ୍ରଭାବ । ଜନସଂଖ୍ୟା ବୃଦ୍ଧି ଏବଂ ଅଳସୁଆ ନୀତି, ନୂତନ ଉପାୟ ଆବିଷ୍କାର / ଉଦ୍ଭାବନ କରି ନୂତନ ପରିବର୍ତ୍ତନ ସହିତ ହାତ ମିଳେଇ ଚାଲିବା ପାଇଁ ପ୍ରୋତ୍ସାହିତ କରିଥିଲା । ଏହା କହିବା ଅସମୀଚୀନ ହେବ ଯେ, କୃଷିର ଆରମ୍ଭ ହେବାମାତ୍ରେ କୃଷକର ଜୀବନରେ ହଠାତ୍ ଏକ ଆନ୍ଦୋଳନ ଆସିଥିଲା । ବାସ୍ତବରେ କୃଷି ଦ୍ୱାରା

ମଣିଷର ଜୀବନ କ୍ରମାନ୍ୱୟରେ ମନ୍ଥର ଗତିରେ ଉନ୍ନତି ଆଡ଼କୁ ଅଗ୍ରସର ହୋଇଥିଲା । ପରିଶେଷରେ ସେ ଏକ ସଂପୂର୍ଣ୍ଣ କୃଷିକାରକ ହୋଇପାରିଥିଲା ତଥା ସାରା ବିଶ୍ୱରେ ମଣିଷର ଜୀବନଧାରଣର ମାନରେ ଉନ୍ନତି ଆଣିବାରେ ସକ୍ଷମ ହୋଇଥିଲା ।

(ଖ) କୃଷିର ବିକାଶ

କୃଷିକାର୍ଯ୍ୟକୁ ପରିବର୍ତ୍ତିତ ହେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ମଣିଷ ସମାଜ ଉପରେ ଗଭୀର ପ୍ରଭାବ ପକେଇଥିଲା । ଚାଷକାର୍ଯ୍ୟ ଆରମ୍ଭ ହୋଇଥିବା ସଠିକ୍ ସ୍ଥାନ ସମ୍ବନ୍ଧରେ ଅଦ୍ୟାବଧି ଜଣାପଡ଼ିନାହିଁ । ଆମେ ମାତ୍ର ଏତିକି ଜାଣୁ ଯେ ଆଧୁନିକ ଡାଲିଜାତୀୟ ଶସ୍ୟ ଫଳୁଥିବା ଘାସଜାତୀୟ ଚାରା ସହିତ ସାମଞ୍ଜସ୍ୟ ରହିଥିବା ବନ୍ୟଘାସ ଅନେକ ସ୍ଥାନରେ ଦେଖାଯାଇଛି । ଦକ୍ଷିଣ ରୁଷିଆର ଜଙ୍ଗଲରେ ଏକପ୍ରକାର ବଣୁଆ ଗହମ ହେଉଥିଲା । ଉତ୍ତର ଆଫ୍ରିକାରେ ବାର୍ଲିର ପୂର୍ବବର୍ତ୍ତୀ ଶସ୍ୟଗୁଡ଼ିକର ନମୁନା ଉପଲବ୍ଧ ହୋଇଛି । କୃଷିକାର୍ଯ୍ୟର ଆରମ୍ଭ ପ୍ଲେଷ୍ଟୋସିନ୍ ଯୁଗର ଶେଷ ପର୍ଯ୍ୟାୟରେ ପ୍ରାୟ ୧୨,୦୦୦ ବର୍ଷ ପୂର୍ବେ ହୋଇଥିଲା । ଏହି ସମୟରେ ତାପମାନ ହ୍ରାସ ପାଇ ଅତ୍ୟନ୍ତ ଥଣ୍ଡା ଅନୁଭୂତ ହେଉଥିଲା । ପୁନଶ୍ଚ ଶିକାରୀ-ସଂଗ୍ରହକାରୀ ମଣିଷ ଜଳବାୟୁ ଅନୁଯାୟୀ ନିଜର କାର୍ଯ୍ୟଧାରାକୁ ପଶୁ ଏବଂ ବୃକ୍ଷକୁ ସୁହାଇବା ଭଳି ପରିବର୍ତ୍ତିତ କରିଥିଲା । ସମୟର ଦାବି ଅନୁଯାୟୀ ସେ ପଶୁ ଏବଂ ବୃକ୍ଷର ଜୀବନୀ ସମ୍ବନ୍ଧୀୟ ନିଜସ୍ୱ ଜ୍ଞାନର ବୃଦ୍ଧି କରିଥିଲା । ମଣିଷର ଅର୍ଥନୀତି ଚାଷକାର୍ଯ୍ୟ ଏବଂ ପଶୁପାଳନରେ ପର୍ଯ୍ୟବସିତ ହୋଇଥିଲା । ତେଣୁକରି ଉପଲବ୍ଧ ହେଉଥିବା ଜଙ୍ଗଲୀ ଗଛଲତା ଏବଂ ପଶୁ ସଂପ୍ରଦାୟକୁ ଉପଯୁକ୍ତରୂପେ ବୁଝିପାରିବା କୃଷିକାର୍ଯ୍ୟ ଆରମ୍ଭର ପ୍ରାକ୍ ସର୍ତ୍ତ ଥିଲା । କୃଷିକାର୍ଯ୍ୟ ପାଇଁ ମଣିଷ ନୂତନ ପ୍ରକାରର ଯନ୍ତ୍ରପାତି ବ୍ୟବହାର କରିବା ଆରମ୍ଭ କରିଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ, ସାରା ପୃଥିବୀର ବିଭିନ୍ନ ଅଞ୍ଚଳର ଲୋକେ ଖାଦ୍ୟଶସ୍ୟ ପାଇବା ପାଇଁ ନୂଆ ନୂଆ ଉପାୟ ଅବଲମ୍ବନ କରିଥିଲେ । ପ୍ରତ୍ନତାତ୍ତ୍ୱିକମାନେ କୃଷିର ଆରମ୍ଭକୁ ସାଂସ୍କୃତିକ ବିବର୍ତ୍ତନର ନୂତନ ପର୍ଯ୍ୟାୟ ସହିତ ସଂଯୁକ୍ତ କରନ୍ତି । ପ୍ରାୟ ଖ୍ରୀ.ପୂ. ୮୦୦୦ ବେଳକୁ ପୃଥିବୀର ଲୋକସଂଖ୍ୟାରେ ଏକ ବୃହତ୍ ଅଂଶ କୃଷିକାର୍ଯ୍ୟ ଏବଂ ପଶୁପାଳନ କରୁଥିଲେ । କୃଷିକାର୍ଯ୍ୟକୁ ପରିବର୍ତ୍ତିତ ହେବା ମଣିଷ ସଭ୍ୟତାରେ ଅନେକଥର ଘଟିଛି । ପରିବର୍ତ୍ତନର କାଳ ସାଧାରଣତଃ ଖ୍ରୀ.ପୂ. ୧୨୦୦୦ ରୁ ୫୦୦୦ ମଧ୍ୟରେ ହୋଇଥିବାର ସମ୍ଭାବନା ରହିଛି ।

କୃଷିକାର୍ଯ୍ୟର ଆରମ୍ଭ ସଂପର୍କରେ ବିଭିନ୍ନ ମତବାଦ ଏବଂ ପ୍ରତିକୃତି

ପୃଥିବୀରେ ସର୍ବପ୍ରଥମେ କିପରି ଭାବରେ କୃଷିକାର୍ଯ୍ୟରେ ଆରମ୍ଭ ହୋଇଥିଲା ସେ ସମ୍ବନ୍ଧରେ ଅନେକ ମତବାଦ ଏବଂ ପ୍ରତିକୃତି ରହିଛି ।

ମରୁଦ୍ୟାନ ମତବାଦ

ପୃଥିବୀରେ ଚାଷର ଆରମ୍ଭ ସମ୍ବନ୍ଧିତ ପ୍ରାଥମିକ ବ୍ୟାଖ୍ୟାକୁ ମରୁଦ୍ୟାନ ମତବାଦ କୁହାଯାଏ । ଏହା ୧୯୦୮ ଖ୍ରୀ.ଅ.ରେ ପ୍ରକାଶିତ ହୋଇଥିଲା । ଏହି ମତବାଦ ଅନୁଯାୟୀ ଦକ୍ଷିଣ-ପଶ୍ଚିମ ଏସିଆର ଉର୍ବର ଜମି ଥିବା ଅଞ୍ଚଳରେ କୃଷିର ଆରମ୍ଭ ହୋଇଥିଲା । ଜଳବାୟୁ ଏବଂ ମେଘ ଉତ୍ତର ଦିଗକୁ ପ୍ରବାହିତ ହେବା ସମୟରେ ଏହି ମରୁଭୂମି ଅଞ୍ଚଳରେ ଅଳ୍ପ ବୃଷ୍ଟିଯୋଗୁ ପାଣି ଗାତଗୁଡ଼ିକ ସୃଷ୍ଟିହୁଏ । ଏହି ଗାତଗୁଡ଼ିକର ଚାରିପଟରେ ସବୁଜିମା ଦେଖାଯାଏ ତଥା ମରୁଭୂମିରେ ଲୋକେ ଜମା ହୁଅନ୍ତି । ସେହି ଲୋକମାନେ ଏହି ସ୍ଥାନଗୁଡ଼ିକରେ ଖାଦ୍ୟାଭାବ ଦୂର କରିବା ପାଇଁ ବିଭିନ୍ନ ପ୍ରକାରର ଗଛ ଲଗାଉଥିଲେ ଏବଂ ପଶୁପାଳନ କରୁଥିଲେ । ଏହି ମତବାଦ ଅନୁଯାୟୀ ଜଣାଯାଏ ଯେ,

ସାରାବିଶ୍ୱର ଲୋକେ କୃଷିକାର୍ଯ୍ୟ ଆରମ୍ଭ କରି ନ ଥିଲେ । ପୁନଶ୍ଚ ଏହି ମତବାଦ ପ୍ରମାଣ ବିରହିତ ଅଟେ, କାରଣ ମଣିଷ ଖାଦ୍ୟ ଉତ୍ପାଦନ ଆଡ଼କୁ ଗତି କରିବା ହେଉଛି ଏକ କ୍ରମାନ୍ୱୟରେ ବିକାଶଲାଭ କରିଥିବା ପ୍ରକ୍ରିୟା ।

ଜନସଂଖ୍ୟା ସମ୍ବନ୍ଧୀୟ ପ୍ରତିକୃତି

କେତେଜଣ ଅନୁସନ୍ଧିତ୍ସୁ ମତବ୍ୟକ୍ତ କରିଛନ୍ତି ଯେ, ମାନସିକ ଉଦ୍‌ବେଗ ଅଥବା ପ୍ରଭାବ ସ୍ୱରୂପରେ ମଣିଷ ମନରେ ଅତ୍ୟନ୍ତ ଉଦ୍ଦୀପନା ଜାଗ୍ରତ ହେବାର ଫଳ ହେଉଛି କୃଷିକାର୍ଯ୍ୟର ଆରମ୍ଭ । ଶ୍ରୀଯୁକ୍ତ ଲେୱିସ୍ ବିନ୍‌ଫୋର୍ଡ୍ (୧୯୬୪) ଏକ ପ୍ରତିକୃତି ପ୍ରସ୍ତୁତ କରି ଚାଷକାର୍ଯ୍ୟର ଆରମ୍ଭ ପାଇଁ ଜନସଂଖ୍ୟା ବୃଦ୍ଧି ଅପେକ୍ଷା ପର୍ଯ୍ୟାବରଣର ପ୍ରଭାବ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପୁନଶ୍ଚ କହିଛନ୍ତି ଯେ, ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ପ୍ରଭାବରେ ସୃଷ୍ଟି ହୋଇଥିବା ପରିବର୍ତ୍ତନର ଉତ୍ତର ହିଁ ଥିଲା କୃଷିକାର୍ଯ୍ୟର ଆରମ୍ଭ; ହେଲେ ତାଙ୍କ ମତାମତ ପ୍ରତିଧ୍ୱନି ପଦ୍ଧତିରେ ପର୍ଯ୍ୟବସିତ ଥିଲା । ଏଥିରେ ପରିବ୍ୟାପକତା, ସୁଯୋଗର ପରିସର ଏବଂ ଚାରିତ୍ରିକ ବୈଶିଷ୍ଟ୍ୟ କିଛିନାହିଁ, ତେଣୁ ଗୃହୀତ ହୋଇପାରି ନାହିଁ ।

ବିନ୍‌ଫୋର୍ଡ଼ଙ୍କ ବ୍ୟତୀତ ଶ୍ରୀଯୁକ୍ତ ଡେଭିଡ୍ ହେରିସ୍ (୧୯୬୯)ଙ୍କ ମତରେ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଖାଦ୍ୟପ୍ରାପ୍ତିର ସାଧନରେ ସମନ୍ୱୟତାର ଅଭାବର ଫଳ ହେଉଛି କୃଷିକାର୍ଯ୍ୟ ଆରମ୍ଭର କାରଣ । ସେ କହିଛନ୍ତି ଯେ, ଏହିପରି ଏକ ଅବସ୍ଥା ପର୍ଯ୍ୟାବରଣରେ ପରିବର୍ତ୍ତନ ଯୋଗୁଁ ସଂଘଟିତ ହୋଇଥିଲା ।

ଜନସଂଖ୍ୟା ବୃଦ୍ଧିର ପ୍ରଭାବକୁ ଦୃଷ୍ଟି ଆଢୁଆଳରେ ରଖିହେବ ନାହିଁ; ହେଲେ ଏହା ମଧ୍ୟ ସତ୍ୟ ଅଟେ ଯେ, ଜନସଂଖ୍ୟାରେ ବୃଦ୍ଧି ନିଶ୍ଚିତ ରୂପରେ ହଠାତ୍ ଏକ ପରିବର୍ତ୍ତନ ଘଟେଇ କୃଷିଆଡ଼କୁ ଆଗେଇ ନେବାର କୌଣସି ଆବଶ୍ୟକତା ପରିଲକ୍ଷିତ ହୁଏନାହିଁ । ବିଳମ୍ବିତ ପ୍ଲେଷ୍ଟୋସିନ୍ ଯୁଗରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଜନସଂଖ୍ୟାରେ ବୃଦ୍ଧି ହୋଇଥିବା ଯୋଗୁଁ ଖାଦ୍ୟସଂଗ୍ରହର ସାଧନାରେ ଅଭାବ ପରିଲକ୍ଷିତ ହୋଇଥିଲା; ହେଲେ ଏହି ପ୍ରକାରର ସାଧନର ଅଭାବ କେବେହେଲେ ମୁଖ୍ୟ ଖାଦ୍ୟଦ୍ରବ୍ୟର ଚାଷ କରିବା ଆଡ଼କୁ ଆଗେଇ ନେଇପାରିବ ନାହିଁ । ଏହା ପ୍ରମାଣିତ ଅଟେ ଯେ, ପୃଥିବୀର ସର୍ବତ୍ର ଏକାସାଥୀରେ କୃଷିକାର୍ଯ୍ୟ ଆରମ୍ଭ ହୋଇ ନ ଥିଲା । ତେଣୁ ଆମେ ଜନସଂଖ୍ୟା ବୃଦ୍ଧିକୁ କୃଷିକାର୍ଯ୍ୟ ଆରମ୍ଭର କାରଣ କହିବା ଅସମୀଚୀନ ଅଟେ ।

ପଦ୍ଧତି ସମ୍ବନ୍ଧୀୟ ମତବାଦ

ଶ୍ରୀଯୁକ୍ତ କେଣ୍ଟ ଫ୍ଲାନ୍ନେରି (୧୯୬୮-୬୯) ଏକ କ୍ରମାନ୍ୱୟତା ଆଧାରିତ ପଦ୍ଧତିଗତ ମତ ପ୍ରଦାନ କରିଛନ୍ତି । ତାଙ୍କ ମତରେ ଶିକାରୀ-ସଂଗ୍ରହକାରୀ ଭୂମିକାରୁ କୃଷିକାରୀ ଭୂମିକାକୁ ମଣିଷର ପରିବର୍ତ୍ତନ ଏକ ପଦ୍ଧତି ଅନୁଯାୟୀ କ୍ରମାନ୍ୱୟରେ ହୋଇଥିଲା । ଚାଷକାର୍ଯ୍ୟର ଆରମ୍ଭ ସମ୍ବନ୍ଧରେ ଶ୍ରୀଯୁକ୍ତ ଡାରୱିନ୍ (୧୯୬୮) ଦେଇଥିବା ମତବାଦ ସହିତ ଏହାର ସାମଞ୍ଜସ୍ୟ ରହିଛି । ଶିକାରୀ-ସଂଗ୍ରହକାରୀ ଏବଂ କୃଷି ମଧ୍ୟରେ ବିଷମତା ପରିବର୍ତ୍ତେ ସେ ଅବିଚ୍ଛିନ୍ନ ଗତି ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ଯେହେତୁ ପରିବର୍ତ୍ତନକୁ ପଦ୍ଧତିଭିତ୍ତିକ ରୂପରେ ବ୍ୟାଖ୍ୟା କରିଛନ୍ତି, ତେଣୁକରି ପର୍ଯ୍ୟାବରଣ, ଜନସଂଖ୍ୟାରେ ବୃଦ୍ଧି ଏବଂ ସାଂସ୍କୃତିକ ବିବିଧତା ମଧ୍ୟରେ ନିରବଚ୍ଛିନ୍ନ ଭାବରେ ପାରସ୍ପରିକ ସହଯୋଗିତା ଯୋଗୁଁ କୃଷିକାର୍ଯ୍ୟର ବିକାଶ ହୋଇଥିଲା ବୋଲି ମତବ୍ୟକ୍ତ କରିଛନ୍ତି । ସେ କିନ୍ତୁ ବିଶେଷକରି ଯାଗ୍ରୋଜ୍ ପାର୍ବତ୍ୟାଞ୍ଚଳ, ମେକ୍‌ସିକୋର ଦାକ୍ଷିଣାତ୍ୟସ୍ଥିତ ଉଚ୍ଚ ଅଞ୍ଚଳ ଆଦିରେ କୃଷିର ଆରମ୍ଭ ସମ୍ବନ୍ଧରେ କହିଛନ୍ତି । ଶିକାରୀ-ସଂଗ୍ରହକାରୀ ଯାଯାବର ମଣିଷ ବିଭିନ୍ନ ସ୍ଥାନ ଭ୍ରମଣ ସମୟରେ ପୋଷ୍ୟ କରିହେବାପରି ଅନେକ ବୃକ୍ଷ ଏବଂ ପଶୁଙ୍କୁ ଚିହ୍ନଟ କରିଥିଲା ତଥା ବିଭିନ୍ନ ଗଛ ବଞ୍ଚିପାରୁଥିବା ଅଞ୍ଚଳ, ଜଳବାୟୁ ଏବଂ କେଉଁ ଋତୁରେ କେଉଁ ଗଛ ଜନ୍ମ ହେଉଛି, ବଢୁଛି,

ଫଳଫୁଲ ଆଦି ଧାରଣ କରୁଛି, ଠିକ୍ ସେହିପରି ପଶୁମାନଙ୍କ ବଞ୍ଚିପାରୁଥିବା ଜଳବାୟୁ ଏବଂ ପ୍ରଜନନ ସମୟ ଆଦି ସମ୍ବନ୍ଧରେ ସେ ଜ୍ଞାନ ଆହରଣ କରୁଥିଲା । ପରବର୍ତ୍ତୀ ସମୟରେ ଏହି ଜ୍ଞାନକୁ ଉପଯୋଗ କରି ସେ ପଶୁପାଳନ ଏବଂ ବୃକ୍ଷରୋପଣ ଆରମ୍ଭ କରିଥିବାର ସମ୍ଭାବନା ରହିଛି ।

ବାର୍‌ବାରା ବେଣ୍ଡେ (୧୯୭୫)ଙ୍କ ମତ ଅନୁଯାୟୀ ବିଚ୍ଛିନ୍ନତାରେ ଜନସଂଖ୍ୟା ବୃଦ୍ଧି ସମ୍ଭବ ନୁହେଁ । ଅନ୍ୟାନ୍ୟ ଅବସ୍ଥାର ବିକାଶ ଯେପରିକି ଜୀବନଧାରଣର ବିଭିନ୍ନ ଉପାୟ ଏବଂ ସେଗୁଡ଼ିକର ପ୍ରକୃତି, କାରିଗରି ଜ୍ଞାନକୌଶଳ ବିକାଶର ସ୍ତର, ଆବଣ୍ଟନ ଏବଂ ବିନିମୟର ସ୍ୱରୂପ ଆଦି ମଧ୍ୟ ଜନସଂଖ୍ୟା ବୃଦ୍ଧିକୁ ପ୍ରଭାବିତ କରିଥାଏ । ତେଣୁ ଲୋକସଂଖ୍ୟା ବୃଦ୍ଧିକୁ କୃଷିର ଆରମ୍ଭ ପାଇଁ ସଂପୂର୍ଣ୍ଣ ରୂପରେ ଦାୟୀ କରାଯାଇପାରିବ ନାହିଁ । ଏହିସବୁ ତର୍କବିତର୍କରୁ ଏକ ସାଧାରଣ ସାରାଂଶ ନିଷ୍ପନ୍ନ ହୁଏ ଯେ, ଖ୍ରୀ.ପୂ. ୧୨,୦୦୦ ବର୍ଷ ପରଠାରୁ ମଣିଷର ଜୀବନଧାରଣ ପାଇଁ ଆବଶ୍ୟକୀୟ କ୍ରିୟାକଳାପ ସ୍ଥାୟୀ ବାସିନ୍ଦାଙ୍କ କାର୍ଯ୍ୟ ଉପରେ ବିଶେଷ ନିର୍ଭରଶୀଳ ହେବା ଆରମ୍ଭ ହୋଇଯାଇଥିଲା । ଜଳବାୟୁରେ ପରିବର୍ତ୍ତନର ପ୍ରକୃତି ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ରୂପରେ ଓ ପ୍ରକାରେ ସଂଘଟିତ ହୋଇଥିଲା । ଏହିପରି ବିବିଧତା ପାଇଁ ଅନେକ କାରଣ ନିହିତ ଅଛି । ଉପରୋକ୍ତ ମତବାଦଗୁଡ଼ିକ ସୂଚିତ କରେ ଯେ, ପର୍ଯ୍ୟାବରଣରେ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ପ୍ରାକୃତିକ ସହଯୋଗିତାର ବହୁଳତା ଏବଂ ପ୍ଲେଷ୍ଟୋସିନ୍ ଯୁଗ ପରବର୍ତ୍ତୀ ଅନ୍ୟାନ୍ୟ ଅନେକ ବିଷୟ ଶିକାରୀ-ସଂଗ୍ରହକାରୀ ମଣିଷକୁ, ଗଛଲତା ପୋଷଣ ଏବଂ ଜୀବଜନ୍ତୁଙ୍କୁ ପାଳନ କରିବା ପାଇଁ ପ୍ରବର୍ତ୍ତାଇଥିଲା ।

ଗଛଲତା ପୋଷଣ ଏବଂ ଜୀବଜନ୍ତୁ ପାଳନ

ଶିକାରୀ-ସଂଗ୍ରହକାରୀ ମଣିଷ କୃଷକରେ ପରିବର୍ତ୍ତିତ ହେବା ମାନବ ଇତିହାସରେ ଏକ ଯୁଗାନ୍ତକାରୀ ଏବଂ ଅବିସ୍ମରଣୀୟ ଘଟଣା ଥିଲା । ଏହା ପୁନଶ୍ଚ ଶିକାର କରିବା କାର୍ଯ୍ୟକୁ କ୍ରୀଡ଼ାକୌତୁକ ଅଥବା ଚିତ୍ତବିନୋଦନରେ ପରିଣତ କରିଦେଇଥିଲା । ସର୍ବପ୍ରଥମେ ଗଛଲତା ପୋଷଣ ଏବଂ ପଶୁପାଳନ ପ୍ରଣାଳୀରୁ ଆରମ୍ଭ ହୋଇ ଏହା ଫଳବତୀ ହୋଇଥିଲା । ତିନୋଟି ମୌଳିକ ଭିତ୍ତିରେ ଏହା ପର୍ଯ୍ୟବସିତ ଅଟେ; ଯଥା-

(କ) ପ୍ରାକୃତିକ ସୀମାରେଖା ବାହାରେ ଜୀବଜନ୍ତୁ ଏବଂ ଗଛଲତାର ସହଜଲଭ୍ୟତା ।

(ଖ) ଆକାରତତ୍ତ୍ୱ ଅଥବା ପ୍ରକାରଭେଦ ସଂକ୍ରାନ୍ତୀୟ ପରିବର୍ତ୍ତନ ।

(ଗ) ଜୀବଜନ୍ତୁ ଏବଂ ଗଛଲତାର ସଂଖ୍ୟାରେ ବୃଦ୍ଧି ସାଧନ ।

ଉପରୋକ୍ତ ପଦ୍ଧତିଗୁଡ଼ିକର ବିକାଶ ଓ ପୁଷ୍ଟି ମଣିଷର ସଂପୃକ୍ତି ଆବଶ୍ୟକ କରେ । ଏହା ମନେରଖିବାକୁ ହେବ ଯେ, ଉପରୋକ୍ତ ପ୍ରକ୍ରିୟାଗୁଡ଼ିକ ପ୍ଲେଷ୍ଟୋସିନ୍ ଯୁଗ ପରବର୍ତ୍ତୀ ସମୟରେ ସଂପୂର୍ଣ୍ଣ ରୂପରେ ଅଙ୍ଗୀକାର କରାଯାଇ ନ ଥିଲା କିମ୍ବା ଏହା ଶିକାରୀ-ସଂଗ୍ରହକାରୀ ମଣିଷର ଜୀବନୀକୁ ହଠାତ୍ ଗ୍ରାମଗୁଡ଼ିକରେ ଦେଖାଯାଇଥିବା ସ୍ଥାୟୀ ବାସିନ୍ଦାଙ୍କ କାର୍ଯ୍ୟକରିବା ପଦ୍ଧତିରେ ପରିବର୍ତ୍ତନ କରି ନ ଥିଲା ।

ଗୃହପୋଷଣ ବୃକ୍ଷଲତା

ଇସ୍ରାଏଲର ନାହେଲ୍ ଓରେନ୍‌ଠାରୁ ଆବିଷ୍କୃତ କେତେକ ଟାରା ଏବଂ ମଞ୍ଜି (ଖ୍ରୀ.ପୂ. ୨୦,୦୦୦)ରୁ ଜଣାଯାଏ ଯେ, ଅତି ପ୍ରାଚୀନ କାଳରେ ମଣିଷ ଯାଯାବର ଥିବା ସମୟରେ ମନୋନୀତ କେତେକ ଉଦ୍ଭିଦ ରୋପଣ କରୁଥିବାର ସମ୍ଭାବନା ପ୍ରକାଶ ପାଉଛି । ମଣିଷ ଯାଯାବର ଜୀବନଯାପନ କରୁଥିବା ସମୟରେ ପୃଥିବୀସ୍ଥିତ ଉଦ୍ଭିଦ

ଜଗତରେ ଅନେକ ପ୍ରକାରର ପରିବର୍ତ୍ତନ ଘଟୁଥିଲା । ଖ୍ରୀ.ପୂ. ୨୦,୦୦୦ ବର୍ଷ ପରେ ପଶ୍ଚିମ ଏସିଆରେ ଏହି ପ୍ରକାର ପରିବର୍ତ୍ତନ ଯୋଗୁଁ ମଞ୍ଜି ଧାରଣ କରୁଥିବା ଅନେକ ପ୍ରକାରର ବଡ଼ ବଡ଼ ଘାସ ଉପଲବ୍ଧ ହେଉଥିଲା । ନିଜ ମଞ୍ଜିକୁ ଏକ ବିଶାଳ ଅଞ୍ଚଳରେ ବିକ୍ଷିପ୍ତ କରିପାରିବା କ୍ଷମତା ଏହି ଘାସ ଗଛଗୁଡ଼ିକର ରହିଥିଲା । ଏହା ବାରମ୍ବାର ଘଟୁଥିଲା । ପାଚିବା ପରେ ବନ୍ୟ ଗହମ ଓ ବାର୍ଲିର କେଣ୍ଡାଗୁଡ଼ିକ ଭାଙ୍ଗିଯାଇ ଶସ୍ୟ ଚାରିଆଡ଼େ ବିଛେଇ ହୋଇ ପଡୁଥିଲା । ଗୋଟିଏ ବାଡ଼ି ସାହାଯ୍ୟରେ କାଣ୍ଡକୁ ବାନ୍ଧି ଅମଳ କରାଯାଇ ପାରୁଥିଲା । ପ୍ରାକୃତିକ ଉପାୟରେ ହେଉ କି ବପନ କରି ହେଉ ଏହି ବିହନଗୁଡ଼ିକ ମାଟିରେ ପଡ଼ିଲେ ପୁଣି ସମୟ ଆସିଲେ ଗଜା ହୋଇ ଫଳ ଧରୁଥିଲା । ଶ୍ରୀଯୁକ୍ତ ଓ୍ୱେଙ୍କେ, ଚାଷ କରାଯାଉଥିବା ଗହମ ଏବଂ ବଣୁଆ ଗହମ ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି । ଗୃହରେ ଗହମକୁ ପୋଷଣ କରିବା ଅର୍ଥାତ୍ ଚାଷ କରିବା, ଯାହାକି ପୃଥିବୀର ପ୍ରଧାନ ଫସଲ ଉଭୟ ମଣିଷର ସଂସ୍କୃତି ଏବଂ ପ୍ରାକୃତିକ ଶଙ୍କରଣ ଆବଶ୍ୟକ କରୁଥିଲା । ଏହି କାଳରୁ ଶସ୍ୟକୁ ଶଙ୍କରଜାତୀୟ କରିବା କଳା (ବିଭିନ୍ନ ଜାତିର ଉଦ୍ଭିଦଙ୍କର ସଂଯୋଜନ କରାଇ ଏକ ନୂଆ ଜାତି ସୃଷ୍ଟିକରିବା = ହାଇବ୍ରିଡ୍) ମଣିଷ ଶିଖିଯାଇଥିଲା । ବିଭିନ୍ନ ଜାତିର ଉଦ୍ଭିଦକୁ ମିଶେଇ ମଣିଷ ବିକାଶ କରିଥିବା ଶଙ୍କରଜାତୀୟ ଗହମକୁ ସମସ୍ତ ସଂପ୍ରଦାୟ ଗ୍ରହଣ କରିଥିଲେ ।

ଘାସଜାତୀୟ ଉଦ୍ଭିଦଠାରୁ ଅଲଗା ଅନ୍ୟ କେତେକ ଗଛ କାଣ୍ଡର ଅଗ ଅଂଶକୁ ମାଟିରେ ପୋତି ମଧ୍ୟ ଗଛ କରାଯାଉଥିଲା । ଏହା ସହଜରେ ଭାଙ୍ଗୁ ନ ଥିଲା । ଏହି ଗଛଗୁଡ଼ିକର ମଞ୍ଜି ଅନେକ ଦିନ ପର୍ଯ୍ୟନ୍ତ ରହୁଥିଲା; ହେଲେ ବଣ ଜଙ୍ଗଲରେ ଠିକ୍ ଭାବରେ ବିକ୍ଷିପ୍ତ ହୋଇ ପାରୁନଥିଲା । ପ୍ରାୟ ଖ୍ରୀ.ପୂ. ୨୦,୦୦୦ ବେଳକୁ ଶିକାରୀ-ସଂଗ୍ରହକାରୀ ମଣିଷ ଖାଦ୍ୟ ଉପଯୋଗୀ ଉଦ୍ଭିଦଗୁଡ଼ିକୁ ସଂଗ୍ରହ କରୁଥିଲେ । ଏହି ଛୋଟ ଛୋଟ ଗଛଗୁଡ଼ିକୁ ଚାଷ କରିବା ପାଇଁ ଅଧିକ ଶ୍ରମଦାନ କରିବାକୁ ପଡୁଥିଲା । ପାର୍ବତ୍ୟ ଅଞ୍ଚଳଗୁଡ଼ିକରେ ଅନ୍ୟାନ୍ୟ ଫସଲ ସହିତ ଡାଲିଜାତୀୟ ଫସଲ ମଧ୍ୟ ଚାଷ କରାଯାଉଥିଲା ।

ମଞ୍ଜିଗୁଡ଼ିକୁ ସମତୁଲ କରାଯାଇଥିବା ଜମିରେ ବୁଣିବା ସହିତ ନିର୍ଭରଯୋଗ୍ୟ ଜଳ ଉତ୍ସ ଅଛି ନା ନାହିଁ, ପୁନଶ୍ଚ ସେ ଅଞ୍ଚଳରେ ଉପଯୁକ୍ତ ବର୍ଷା ହେଉଛି ନା ନାହିଁ, ଜମିର ଉର୍ବରତା ପରିମାଣ ଆଦି ସମ୍ବନ୍ଧରେ ଆଗରୁ ପରୀକ୍ଷା କରିବା ଆବଶ୍ୟକ ହେଉଥିଲା । ଜାଗ୍ରୋଜ ପର୍ବତରୁ ବାହାରିଥିବା ଇଉଫ୍ରେଟିସ୍ ଏବଂ ଜର୍ମୋ ନଦୀଦ୍ୱୟର ଉପର ମୁଣ୍ଡରେ ଗହମ, ବାର୍ଲି ଏବଂ ଡାଲିଜାତୀୟ ଫସଲ ଉନ୍ନତ ଭାବରେ ଚାଷ ହୋଇପାରିବା ନିମିତ୍ତ ପାଣି ଓ ପ୍ରାକୃତିକ ପରିବେଶ ସୃଷ୍ଟି ହୋଇଥିଲା । ଜର୍ମୋ ଏବଂ ଜାଗ୍ରୋଜ୍ ଅଞ୍ଚଳରୁ ଆବିଷ୍କୃତ ଡାଲିଜାତୀୟ ମଞ୍ଜିର ଅବଶେଷ ଏହା ପ୍ରମାଣିତ କରେ । ଏହି ଫସଲର କାଣ୍ଡ ଉଚ୍ଚ, ଉନ୍ନତ ଏବଂ ମୁନିଆ ହେଉଥିଲା ତଥା ବଣୁଆ ଗଛଠାରୁ ପୃଥକ୍ କରିବା କଷ୍ଟକର ଥିଲା । ତାଙ୍କ ପ୍ରାକୃତିକ ଭିତ୍ତି ସ୍ଥାନର ବହୁ ଦୂରରେ ଏହି ଫସଲର ଗଛଗୁଡ଼ିକର ଚିହ୍ନ ମିଳିଛି । ଏହି ଶସ୍ୟ ଚାଷ ହେବା ପରେ ଖାଦ୍ୟ ସମସ୍ୟା ଦୂର ହେବା ସହିତ ଅନେକ ମଣିଷ ଗୋଟିଏ ସ୍ଥାନରେ ବହୁତ ଦିନ ରହିବା ଫଳରେ ଏକ ଜଟିଳ ସମାଜର ସୃଷ୍ଟି ହୋଇଥିଲା । ପୁନଶ୍ଚ ଉତ୍ପାଦିତ ଶସ୍ୟକୁ ଜମାକରି ଗୋଟିଏ ସ୍ଥାନରେ ରଖିବା ଯୋଗୁଁ ମଣିଷର ଜୀବନଶୈଳୀରେ ଏକ ବଡ଼ ଧରଣର ପରିବର୍ତ୍ତନ ହୋଇଥିଲା ।

ଗୃହପାଳିତ ପଶୁ

ଚାଷକାର୍ଯ୍ୟ ସହିତ ପଶୁପାଳନ ଯୁଗେ ଯୁଗେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ହୋଇଆସିଛି । ମଣିଷର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବନ୍ଦୀ ଅବସ୍ଥାରେ ଛୁଆ ଜନ୍ମ କରୁଥିବା ଜନ୍ତୁ ହେଉଛି ଗୃହପାଳିତ ପଶୁ । ଗୃହପାଳିତ ପଶୁଠାରୁ ଜନ୍ମିତ ଛୁଆ ଉପରେ ମଧ୍ୟ ମଣିଷର ଏକଚାଟିଆ ଅଧିକାର ରହିଥାଏ । ମଣିଷର ସମାଜ ବ୍ୟବସ୍ଥାରେ ସମ୍ମିଳିତ ଏହି ପଶୁଗୁଡ଼ିକ

ପରିଶେଷରେ ମାଲିକ ଅଧୀନରେ ଏକ ଦ୍ରବ୍ୟରେ ପରିଣତ ହୋଇଥାନ୍ତି । ଅର୍ଥାତ୍ ପାଳିତ ପଶୁ ଉପରେ ପାଳକର ସଂପୂର୍ଣ୍ଣ ମାଲିକାନା ରହିଥାଏ । ଗୃହପାଳିତ ପଶୁ ଯଥା- କୁକୁର, ଘୁଷୁରି, ଛେଳି, ମେଣ୍ଢା, ଗାଈ ଆଦି ମାଲିକ ସହିତ ରହୁଥିଲେ ତଥା ପଶୁସମ୍ପଦ ରୂପରେ ପରିଚିତ ଥିଲେ । ବନ୍ୟଜନ୍ତୁଙ୍କ ଭଳି ତାଙ୍କୁ ଅନୁଧାବନ କରି ଶିକାର କରାଯାଉ ନ ଥିଲା ।

ସଦ୍ୟ ଆନୁବଂଶିକ ଏବଂ ପ୍ରକାରଭେଦ ଉପାଦାନ ଆଧାରରେ ଅଧୁନା ସମୟରେ ପଶୁପାଳନର ଇତିହାସ ପୁନଃନିର୍ମାଣ କରାଯାଇଛି । ଏହା ଦର୍ଶାଏ ଯେ, ଏହି ପ୍ରଣାଳୀ ନିଶ୍ଚିତ ରୂପରେ ଶିକାରୀ-ସଂଗ୍ରହକାରୀ ମଣିଷଙ୍କଠାରୁ ଆରମ୍ଭ ହୋଇଛି । ସେମାନେ ନିଶ୍ଚିତ ରୂପରେ ଅନୁମାନ କରିଥିବେ ଯେ, ସେମାନେ ମଧ୍ୟ କେତେକ ପଶୁଙ୍କୁ ପାଳନ କରିପାରିବେ । ଏହା ନିଶ୍ଚିତ ଅଟେ ଯେ, ସେମାନେ ଶିକାର କରିଥିବା ଜନ୍ତୁର ଶାବକ ନିଃସହାୟ ଏବଂ ପରିତ୍ୟକ୍ତ ହେବା ପରେ ପଛରେ ଗୋଡ଼େଇ ମଣିଷ ସାଥୀରେ ସଂଲଗ୍ନ ହୋଇଯାଉଥିଲା । ଏହି ଦୃଶ୍ୟ ମଣିଷର ମାନସପଟରେ ଅଙ୍କିତ ହୋଇ ରହିଯାଉଥିଲା । ପଶୁ ଶାବକଟି କିନ୍ତୁ ତା'ର ଅବୋଧତା ଯୋଗୁଁ ମାତୃହନ୍ତା ସହିତ ସଂଲଗ୍ନ ହେଉଥିଲା । ଶିକାରୀ-ସଂଗ୍ରହକାରୀ ମଣିଷମାନେ, ଅନ୍ୟ ଜନ୍ତୁଙ୍କୁ ଶିକାର କରିବା ନିମନ୍ତେ ପ୍ରଲୋଭନ ରୂପରେ ବ୍ୟବହାର କରିବା (ବାନ୍ଧିବା) ପାଇଁ କେତେକ ପଶୁଙ୍କୁ ସାମୟିକ ଭାବରେ ପାଳନ କରୁଥିଲେ । ଯାହା ଜଣାଯାଏ ପ୍ରାୟ ଖ୍ରୀ.ପୂ. ୨୪,୦୦୦ ବେଳକୁ ପ୍ରଥମ ଗୃହପାଳିତ ପଶୁ ଥିଲା କୁକୁର; ହେଲେ ମତାନ୍ତର ରହିଛି ଯେ ଉକ୍ତ କୁକୁର ବଣୁଆ କୁକୁରର ବଂଶଜ ଅଥବା ହେଟାର ବଂଶଜ ଥିଲା ।

ମଣିଷ ଶିକାର କରୁଥିବା ସମସ୍ତ ଜନ୍ତୁଙ୍କୁ କେବେହେଲେ ପୋଷା ମନେଇବା ସମ୍ଭବ ନ ଥିଲା । ଆବଦ୍ଧ କରି ରଖାଯାଇଥିବା ପଶୁଙ୍କ ମଧ୍ୟରୁ ଉନ୍ନତମାନର ପ୍ରଜନନକ୍ଷମ ପଶୁକୁ ଗୃହପାଳିତ କରି ରଖାଯାଉଥିଲା । ଗୃହପାଳିତ କୁକୁର ଏବଂ ଘୁଷୁରି ଆଦି ମଣିଷକୃତ ଅଳିଆ ଆବର୍ଜନାକୁ ସଫା କରିଦେଉଥିଲେ । ସେମାନେ ଅଧିକ ପରିମାଣର ପନିପରିବାଜାତୀୟ ଖାଦ୍ୟ ଖାଇବା ପରିବର୍ତ୍ତେ ମଣିଷ ଯାହା ଖାଉଥିଲା ତାହାହିଁ ଖାଉଥିଲେ । ସେମାନେ ଖାଇବା ଏବଂ ରହିବା ଅଭ୍ୟାସ କାରଣରୁ ଖାଦ୍ୟ ପାଇଁ ମଣିଷ ସହିତ ପ୍ରତିଯୋଗିତା କରୁଥିଲେ, ଯାହାକି ସେମାନଙ୍କୁ ବହୁସଂଖ୍ୟାରେ ଗୃହପାଳିତ କରିବାଠାରୁ ବଞ୍ଚିତ କରିଥିଲା । ପ୍ରାଥମିକ ପର୍ଯ୍ୟାୟର ଗୃହପାଳିତ ପଶୁଗୁଡ଼ିକ ମଧ୍ୟରୁ ମଣିଷ କେବଳ ଗାଈ, ଛେଳି ଓ ମେଣ୍ଢାଙ୍କୁ ମାଂସ ଓ ଚମଡ଼ା ପାଇଁ ବ୍ୟବହାର କରୁଥିଲା । ବଣୁଆ ଗାଈ ଅଳ୍ପ ପରିମାଣରେ କ୍ଷୀର ଦେଉଥିବାର ଏବଂ ମେଣ୍ଢା ଲୋମଗୁଡ଼ିକ ପଶମଯୁକ୍ତ ନ ଥିବାର ମଣିଷ ଦେଖି ଆସୁଥିଲା; ହେଲେ ସେମାନଙ୍କୁ ଗୃହରେ ପାଳନ କରିବା ପରେ ଗାଈଠାରୁ ଅଧିକ ପରିମାଣରେ କ୍ଷୀର ପାଇପାରିଥିଲା ଏବଂ ମେଣ୍ଢାଠାରୁ ପଶମଯୁକ୍ତ ଲୋମ ସଂଗ୍ରହ କରିପାରିଥିଲା । ମଣିଷର ଉପଯୋଗୀ ହେବାପାଇଁ ସେମାନଙ୍କୁ ତିରିଶ ଗୋଟି ବଂଶାନୁକ୍ରମ ଲାଗିଥିଲା ।

ପ୍ରାଥମିକ ପର୍ଯ୍ୟାୟର କୃଷିସ୍ଥଳ

ପୃଥିବୀର ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ପ୍ରତିଷ୍ଠିତ କରିଛି ଯେ, ମଣିଷର ଶିକାରୀ-ସଂଗ୍ରହକାରୀରୁ କୃଷିକାରକକୁ ପରିବର୍ତ୍ତନ ହେବା ପରେ ପୋଷଣ ଉଦ୍ଭିଦ ଏବଂ ପାଳିତ ପଶୁଙ୍କୁ ଉପଯୋଗୀ କରିବା ପାଇଁ ତା'ର କୌଣସି ଉଦ୍ଦେଶ୍ୟ ନ ଥିଲା । ପୁନଶ୍ଚ ସେ କୌଣସି ଫଳ ମଧ୍ୟ ଆଶା କରୁ ନଥିଲା; ହେଲେ ଜନସଂଖ୍ୟାରେ ବୃଦ୍ଧି ଯୋଗୁଁ ସାମାଜିକ ବାଧତା ଏବଂ ପରିବର୍ତ୍ତିତ ପରିବେଶର ଅବସ୍ଥା ମଣିଷ ସଂପ୍ରଦାୟକୁ କେତେକ ଉଦ୍ଭିଦ ଏବଂ ପଶୁଙ୍କର ଅନ୍ତର୍ନିହିତ ଶକ୍ତିକୁ ଆବଦ୍ଧ କରି ଉପଯୋଗ କରିବା ପାଇଁ ବାଧ୍ୟ କରିଥିଲା ।

(ଗ) ପଶୁପାଳନ

ମଧ୍ୟ-ପ୍ରସ୍ତର ଯୁଗର ଶେଷ ଭାଗ ବେଳକୁ ମଣିଷର ଯନ୍ତ୍ରପାତି ଓ ଅସ୍ତ୍ରଶସ୍ତ୍ର ଅଧିକ ଉନ୍ନତ ହୋଇ ପଶୁଶିକାର ପାଇଁ ବିଶେଷ ଉପଯୋଗୀ ହୋଇଥିଲା । ଯାଯାବର ମଣିଷଙ୍କ ମଧ୍ୟରୁ କେତେକ ସଂପ୍ରଦାୟର ଯାଯାବର ଧର୍ମରେ ମଧ୍ୟ ପରିବର୍ତ୍ତନ ହୋଇଥିଲା । ସେମାନେ ଗୋଟିଏ ସ୍ଥାନକୁ ଭିତ୍ତିକରି ସାମୟିକ ଭାବରେ ଅର୍ଥାତ୍ ଋତୁଚକ୍ର ଅନୁଯାୟୀ ଏବଂ ଖାଦ୍ୟ ପଦାର୍ଥର ଉପଲବ୍ଧି ଆଧାରରେ କିଛି ସମୟ ପାଇଁ ଅନ୍ୟତ୍ର ଯାଉଥିଲେ ଏବଂ ପୁଣି ଭିତ୍ତିସ୍ଥଳକୁ ଫେରୁଥିଲେ । ନୂତନ ପ୍ରସ୍ତର ଯୁଗ ସୁଦ୍ଧା କେତେକ ଶିକାରୀ-ସଂଗ୍ରହକାରୀ ସଂପ୍ରଦାୟ ଚତୁଃପାର୍ଶ୍ୱସ୍ଥିତ ପର୍ଯ୍ୟାବରଣ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରୁଥିଲେ । ଏତଦ୍‌ବ୍ୟତୀତ ସେମାନେ ବିଭିନ୍ନ ପ୍ରକାର ଉଦ୍ଭିଦର ଅଙ୍କୁରୋଦ୍‌ଗମ ଏବଂ ବୃଦ୍ଧି, ସେଗୁଡ଼ିକର ଉପଯୋଗୀ ଉପାୟ ସମ୍ବନ୍ଧରେ ଜ୍ଞାନ ଆହରଣ କରୁଥିଲେ । ଆହୁରି ମଧ୍ୟ ସେମାନେ ବିଭିନ୍ନ ପଶୁ, ସେଗୁଡ଼ିକର ଜୀବନଚକ୍ର, ପ୍ରଜନନ ପଦ୍ଧତି ଆଦି ସମ୍ବନ୍ଧରେ ଜ୍ଞାନ ଆହରଣ କରୁଥିଲେ । ଏହି ଅର୍ଜିତ ଜ୍ଞାନ ସେମାନଙ୍କୁ ପଶୁପାଳନ ଏବଂ ବୃକ୍ଷରୋପଣ କରିବା ପାଇଁ ସାହାଯ୍ୟ କରୁଥିଲା । ପୁରାତନ ପ୍ରସ୍ତର ଯୁଗର ଶିକାରୀ-ସଂଗ୍ରହକାରୀ ସଂସ୍କୃତି ପ୍ରାୟ ଖ୍ରୀ.ପୂ. ୧୨,୦୦୦ ବେଳକୁ ଏକ ବିଶେଷ ଧରଣର ପରିବର୍ତ୍ତନ ଅଭିମୁଖେ ଅଗ୍ରସର ହୋଇଥିଲା । ଜୀବନଧାରଣ ପଦ୍ଧତିରେ ମଧ୍ୟ ଅନେକ ପରିବର୍ତ୍ତନ ଘଟି ଏକ ଉନ୍ନତ ସଭ୍ୟତା ଆଡ଼କୁ ଗତି କରିଥିଲା । କେତେକ ଗୋଷ୍ଠୀ ପୂର୍ବର ଶିକାରୀ-ସଂଗ୍ରହକାରୀ ହୋଇ ରହିଥିବା ବେଳେ କେତେକ ଗୋଷ୍ଠୀ କୃଷି ଓ ପଶୁପାଳନ କରି ବିଭିନ୍ନ ଅଞ୍ଚଳରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ । ଅଧିକାଂଶ କ୍ଷେତ୍ରରେ ବୃକ୍ଷରୋପଣ ଏବଂ ପଶୁପାଳନ ଥିଲା କୃଷି ଅବସ୍ଥାରେ ପରିବର୍ତ୍ତନ ଏବଂ ସ୍ଥାୟୀ ଭାବରେ ବସବାସ କରିବାର ରୂପାନ୍ତରିତ ଅବସ୍ଥା । ଏହି ପରିବର୍ତ୍ତନ ହଠାତ୍ ସଂଘଟିତ ହୋଇ ନ ଥିଲା, ବରଂ କ୍ରମାନ୍ୱୟରେ ଶହ ଶହ ବର୍ଷ ପର୍ଯ୍ୟନ୍ତ ପ୍ରସାରିତ ହୋଇ ଚାଲିଥିଲା । ଅଧିକାଂଶ ସଂସ୍କୃତିରେ କୃଷି ଓ ପଶୁପାଳନ ଏକକାଳୀନ ଗତି କରନ୍ତି । ଗୃହପାଳିତ ପଶୁ ହିଁ ଥିଲେ ମଣିଷର ପଶୁପାଳନ ସଂପର୍କିତ ଯାଯାବର ଜୀବନଯାପନ ଆଡ଼କୁ ପ୍ରଥମ ପଦକ୍ଷେପ । ଏହା ମନେରଖିବା ଉଚିତ ଯେ, ଏହି ପ୍ରକାର ସଂସ୍କୃତି ମଧ୍ୟଯୁଗରୁ ଆରମ୍ଭ ହୋଇ କେତେକ ବିଚ୍ଛିନ୍ନ ଏବଂ ନିର୍ଜନ ଅଞ୍ଚଳରେ ଅଦ୍ୟାବଧି ରହିଛି । ମଧ୍ୟଯୁଗରେ ପଶୁପାଳନ ସଂପର୍କିତ ଯାଯାବର ମଣିଷ ଗୋଷ୍ଠୀ ହିସାବକୁ ନିଆଯିବା ଭଳି ଏକ ମୁଖ୍ୟ ସ୍ରୋତରୂପେ ବିବେଚିତ ହେଉଥିଲା ଏବଂ ସମାଜ ଗଠନ ପଦ୍ଧତିର ଏକ ବିକଳ୍ପ ଥିଲା, ଯାହାକି ସ୍ଥାୟୀ ବାସିନ୍ଦା କାଳର ସଭ୍ୟତା ସହିତ ତାଳଦେଇ ଗତି କରୁଥିଲା । କୃଷି ଓ ପଶୁପାଳନ ଥିଲା ସମାଜ ଗଠନର ମୁଖ୍ୟ କାରଣ, ଯାହାକି ମାନବ ସଭ୍ୟତାକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଥିଲା ।

ଗୃହପାଳିତ ପଶୁ (ପଶୁପାଳନ)

ପଶୁକୁ ପାଳନ କରିବା ଅଥବା ପୋଷିବା କିମ୍ବା ଗୃହପାଳିତ କରିବା ଅର୍ଥାତ୍ ବଣୁଆ ପଶୁକୁ ଧରିବା, ତାକୁ ପୋଷା ମନେଇବା ଏବଂ ପ୍ରଜନନ କରେଇବା ପାଇଁ ଧରା ହେଉଥିବା ପଶୁଗୁଡ଼ିକ ତାଙ୍କର ପ୍ରାକୃତିକ ଅବସ୍ଥିତିରୁ ଦୂରେଇ ଯାଆନ୍ତି । ତେଣୁ ପୋଷା ମନେଇବା ଲୋକେ ପଶୁଗୁଡ଼ିକୁ ବାସସ୍ଥାନ ଏବଂ ଖାଦ୍ୟ ଦେଇଥାନ୍ତି । ସେମାନଙ୍କର ପ୍ରଜନନ ଆବଦ୍ଧତା ଭିତରେ ହୋଇଥାଏ । ଗୃହପାଳିତ କରିବା ଏକ ସ୍ୱତନ୍ତ୍ର ପଦ୍ଧତି ନୁହେଁ, ଯାହା ଗୋଟିଏ ପଶୁର ଗୋଟିଏ ଜନ୍ମ ଅଥବା ପିଢ଼ିରେ ସମ୍ଭବ ହୋଇପାରେ ନାହିଁ, ବରଂ ଏହା ଅନେକ ପିଢ଼ି ପର୍ଯ୍ୟନ୍ତ ଏପରିକି ଅନେକ ସମୟରେ ତିରିଶ ଗୋଟି ପିଢ଼ି ପର୍ଯ୍ୟନ୍ତ ସମୟ ନେଇଥାଏ । ଗୃହପାଳିତ କରିବା ନିମନ୍ତେ ପଶୁଗୁଡ଼ିକୁ ବାଛିବା ପାଇଁ କେତେକ ନିର୍ଦ୍ଦିଷ୍ଟ ବିଚାରଧାରା କାର୍ଯ୍ୟକାରୀ ହୋଇଥାଏ । ଗୃହପାଳିତ କରିବା ପାଇଁ ନିମ୍ନଲିଖିତ ପଦ୍ଧତି ଅନୁଯାୟୀ ସେମାନେ ପଶୁଗୁଡ଼ିକୁ ମନୋନୟନ କରୁଥିଲେ ।

(କ) ଯେଉଁ ପ୍ରକାରର ପଶୁଙ୍କ ପାଇଁ ମଣିଷ ଚେଷ୍ଟାକଲେ ସହଜରେ ଦାନା ପାଇପାରିବ ତଥା ଯୋଗାଇପାରିବ ।

(ଖ) ପାଳନ କରାଯିବା ପଶୁଗୁଡ଼ିକ ମଣିଷ ପାଇଁ ମାଂସ, କ୍ଷୀର, ଚମଡ଼ା ଆଦି ଦୃଷ୍ଟିରୁ ଉପଯୋଗୀ ହୋଇପାରୁଥିବେ । ବିଶେଷତଃ ଚାଷକାର୍ଯ୍ୟରେ ନିୟୋଜିତ ହୋଇପାରୁଥିବେ ।

(ଗ) ପାଳନକର୍ତ୍ତାର କ୍ଷତି କରିବା ଭଳି ଉଗ୍ର ଅଥବା ଆକ୍ରମଣାତ୍ମକ ହୋଇ ନ ଥିବେ, ବୋଲ ମାନୁଥିବେ ତଥା ଶାନ୍ତ ସ୍ୱଭାବର ହୋଇଥିବେ ।

(ଘ) ଦଳ ସହିତ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରୁଥିବେ । ଦଳରୁ ବାହାରି ପଳାୟନ କରିବା ପାଇଁ ବିଶେଷ ଚେଷ୍ଟା କରୁ ନ ଥିବେ । କେତେକ ବିଶେଷଜ୍ଞ ପୁନଶ୍ଚ ମତ ପ୍ରଦାନ କରିଛନ୍ତି ଯେ, ବଳି ଦେବାପାଇଁ ମଧ୍ୟ ପଶୁପାଳନ କରାଯାଉଥିଲା । କବରଗୁଡ଼ିକରୁ ପଶୁଙ୍କର ଦେହାବଶେଷ ମିଳିଥିବାରୁ ଏହିପରି ମତବାଦ ପ୍ରକାଶ ପାଇଛି ।

ଗୃହପାଳିତ ପଶୁଗୁଡ଼ିକୁ ସର୍ବଦା ଦଳବଦ୍ଧ କରି ରଖାଯାଉଥିଲା । ଶିକାର କରିବାରେ ବିଫଳ ହେଲେ ମାଂସ ପାଇଁ ଏହି ପଶୁଗୁଡ଼ିକୁ ବଧ କରାଯାଉଥିଲା । ବହୁ ପରେ ପାଳନ ଆରମ୍ଭ କରାଯାଇଥିବା ବିରାଡ଼ି କିନ୍ତୁ ଦଳବଦ୍ଧ ହୋଇ ରହୁନଥିଲା । ଅନେକ ଅଞ୍ଚଳରେ ସର୍ବପ୍ରଥମେ କୁକୁରକୁ ଗୃହପାଳିତ କରାଯାଇଥିଲା । ଏହା ଜଣାଯାଏ ଯେ, ନୂତନ ପ୍ରସ୍ତର ଯୁଗ ଆରମ୍ଭର ଠିକ୍ ପୂର୍ବବର୍ତ୍ତୀ ସମୟରେ କୁକୁରର ବଂଶଜ ଗଧିଆ ଅଥବା ବନ୍ୟକୁକୁରକୁ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କୁ ଜଗିବା, ଠିକ୍ ଗତିପଥରେ ନେବା ଏବଂ ହଜିଗଲେ ପଦଚିହ୍ନକୁ ଅନୁସରଣ କରି ଖୋଜିବା ପାଇଁ ପାଳନ କରାଯାଉଥିଲା । ଆହୁରି ମଧ୍ୟ ଶିକାର କରିବାର ସାହାଯ୍ୟ କରିବା ପାଇଁ ମଣିଷ ଏହି ବନ୍ୟ କୁକୁରକୁ ପାଳନ କରୁଥିଲା ।

ପ୍ରାଥମିକ ପର୍ଯ୍ୟାୟରେ ପାଳନ କରାଯାଇଥିବା ଅନ୍ୟ ପଶୁ ଥିଲା ଘୁଷୁରି । ବିଶେଷତଃ ଘୁଷୁରି ଓ କୁକୁର ପାଇଁ କୌଣସି ଏକ ବିଶେଷ ପ୍ରକାରର ଖାଦ୍ୟ ଅଥବା ନିର୍ଦ୍ଦିଷ୍ଟ ଖାଦ୍ୟ ଯୋଗାଡ଼ କରିବାର ଆବଶ୍ୟକତା ନଥିଲା । ମଣିଷ ଖାଇସାରିବା ପରେ ଛାଡ଼ି ଯାଉଥିବା ଅବଶିଷ୍ଟାଂଶ ଆଦିକୁ କୁକୁର ଖାଉଥିଲା ଏବଂ ପରିତ୍ୟକ୍ତ କାଣ୍ଡ ଓ ମୂଳ ଖାଇ ଘୁଷୁରି ବଞ୍ଚୁଥିଲା । ଏହି ପଶୁଙ୍କ ପାଇଁ ମଣିଷ ଏକାନ୍ତ ରୂପରେ ଖାଦ୍ୟ ସଂଗ୍ରହ କରୁନଥିଲା । ପ୍ରାଥମିକ ପର୍ଯ୍ୟାୟର ଅନ୍ୟ ତିନୋଟି ଗୃହପାଳିତ ପଶୁ ହେଲେ ଗାଈ, ଛେଳି ଓ ମେଣ୍ଢା । ଏହି ତିନିପଶୁ ଉପଲବ୍ଧ ଗଛର ପତ୍ର ଓ ଘାସ ଖାଇ ବଞ୍ଚୁଥିଲେ । ତେଣୁ ଘାସ ପଡ଼ିଆରେ ପ୍ରତିଦିନ ଛାଡ଼ିଦେଇ ମଣିଷ ଏଗୁଡ଼ିକର ଖାଦ୍ୟ ସମସ୍ୟାର ସମାଧାନ କରୁଥିଲା । ଗାଈ, ଛେଳି ଓ ମେଣ୍ଢାଠାରୁ ମଣିଷ ବିଶେଷ ଉପକାର ପାଉଥିଲା, ତେଣୁ ସେଗୁଡ଼ିକୁ ପୋଷା ମନେଇବା ସାର୍ଥକ ହୋଇଥିଲା । ମଣିଷର ସବୁଠାରୁ ବଡ଼ ଆବଶ୍ୟକତା ପୁଷ୍ଟିସାରଯୁକ୍ତ ମାଂସ, ଏହି ପଶୁଙ୍କ ଦ୍ୱାରା ପୂରଣ ହେଉଥିଲା । ଏତଦ୍‌ବ୍ୟତୀତ ଏହି ପଶୁଗୁଡ଼ିକର କ୍ଷୀର, ଚମଡ଼ା ଏବଂ ଲୋମ ମଧ୍ୟ ମଣିଷର ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିଲା । ଶ୍ରୀଯୁକ୍ତ ବୋକୋନି କୁକୁର, ଘୁଷୁରି, ଗାଈ, ଛେଳି ଓ ମେଣ୍ଢାଙ୍କୁ ନୂତନ ପ୍ରସ୍ତର ଯୁଗର ପ୍ରାଥମିକ ପର୍ଯ୍ୟାୟରେ ମଣିଷ ଦ୍ୱାରା ଗୃହପାଳିତ କରାଯାଇଥିବା ପଞ୍ଚପଶୁ ବୋଲି ଆଖ୍ୟାୟିତ କରିଛନ୍ତି । ଏହି ପଶୁଗୁଡ଼ିକୁ ସର୍ବପ୍ରଥମେ ପଶ୍ଚିମ ଏସିଆରେ ପାଳନ କରାଯାଇଥିବା ପ୍ରମାଣ ମିଳିଛି । ଆହୁରି ମଧ୍ୟ ଜଣାଯାଏ ଯେ, ଏହିସବୁ ପ୍ରକାରର ପଶୁ ପଶ୍ଚିମ ଏସିଆ ଅଞ୍ଚଳରେ ଦେଖାଯାଆନ୍ତି । ଗାଈ, ଛେଳି ଓ ମେଣ୍ଢାଙ୍କ ଖାଦ୍ୟରୂପରେ ବ୍ୟବହାର ହେଉଥିବା ବନ୍ୟ ଗହମ, ଚଣା, ଡାଲିଜାତୀୟ ଶସ୍ୟର ଗଛ ଏବଂ ଘାସ ଦକ୍ଷିଣ-ପଶ୍ଚିମ ଏସିଆ ଅଞ୍ଚଳରେ ପ୍ରଚୁର ପରିମାଣରେ ମିଳୁଥିଲା । ଏହି ଶସ୍ୟଗୁଡ଼ିକର ଚାଷ ଏବଂ ପଶୁପାଳନ ଏକ ସମୟରେ ଆରମ୍ଭ କରାଯାଇଥିଲା ।

ଯାହା ଜଣାଯାଏ ଯେ, ପ୍ରାୟ ୧୪,୦୦୦ ବର୍ଷ ପୂର୍ବେ ଇରାକ୍‌ରେ କୁକୁର ପାଳନ ଆରମ୍ଭ କରାଯାଇଥିଲା । ପ୍ରାୟ ଖ୍ରୀ.ପୂ. ୧୧,୦୦୦ ବର୍ଷ ବେଳକୁ ଉତ୍ତର-ପଶ୍ଚିମ ଇରାକସ୍ଥିତ ଯାୱି ଚେମି ଶାନିଦାରଠାରେ ଏବଂ ୯୫୦୦ ରୁ

୮୭୫୦ ବର୍ଷ ପୂର୍ବେ ଅଲିକୋଶ (ପଶ୍ଚିମ ଇରାକ)ଠାରେ ମେଣ୍ଢାପାଳନ କରାଯାଇଥିବାର ପ୍ରମାଣ ମିଳିସାରିଛି । ପଶ୍ଚିମ ଇରାନ୍‌ର ଆସିଆନ୍ ଏବଂ ଗଞ୍ଜ ଦାରୋଃ, ଇରାକ୍‌ର ଜେରିକୋ, ଇରାନ୍‌ର ଅଲିକୋଶଠାରୁ ପ୍ରମାଣ ମିଳିଛି ଯେ, ପ୍ରାୟ ଖ୍ରୀ.ପୂ. ୧୦ ସହସ୍ର ବର୍ଷ ପୂର୍ବେ ସେଠାରେ ଛେଳି ପାଳନ ଆରମ୍ଭ କରାଯାଇଥିଲା ।

ଇରାକ୍‌ର ଉତ୍ତର-ପୂର୍ବରେ ଅବସ୍ଥିତ ଜାରୁସୋ, କାଲା ଆଦି ସ୍ଥାନରେ ୮୫୦୦ ବର୍ଷ ପୂର୍ବେ ସର୍ବପ୍ରଥମେ ଘୁଷୁରି ପାଳନ କରାଯାଇଥିଲା । ଆନାତୋଲିଆସ୍ଥିତ କାଟାଲ୍ ହୁୟୁକ୍‌ଠାରେ ପ୍ରାୟ ୮୪୦୦ ବର୍ଷ ପୂର୍ବେ ଗାଈଗୋରୁ ପାଳନ କରାଯାଇଥିଲା । ସମୟକ୍ରମେ ଛେଳି ଓ ମେଣ୍ଢାଙ୍କ ସଂଖ୍ୟା ଅନ୍ୟାନ୍ୟ ସମସ୍ତ ଗୃହପାଳିତ ପଶୁଙ୍କଠାରୁ ଅଧିକ ହୋଇଯାଇଥିଲା । କାରଣ ହେଉଛି ଯେ, ଛେଳି ଓ ମେଣ୍ଢା ସର୍ବତ୍ର ଓ ସବୁପ୍ରକାର ଜଳବାୟୁ, ସମତଳ ସ୍ଥାନ ଓ ବଣଜଙ୍ଗଲରେ ବଞ୍ଚିପାରନ୍ତି । ପ୍ରମାଣିତ ହୋଇସାରିଛି ଯେ, ଖ୍ରୀ.ପୂ. ୬୦୦୦ ସୁଦ୍ଧା ଛେଳି ଓ ମେଣ୍ଢା ସମଗ୍ର ଦକ୍ଷିଣ-ପଶ୍ଚିମ ଏସିଆ, ଗ୍ରୀସ୍, ଦକ୍ଷିଣ ଇଉରୋପ ଆଦି ଅଞ୍ଚଳରେ ବ୍ୟାପକ ତଥା ବହୁସଂଖ୍ୟାରେ ପାଳନ କରାଯାଉଥିଲା । ଥରେ ଗୃହପାଳିତ ହେବାପରେ ଅତି କ୍ଷିପ୍ରଗତିରେ ସେଗୁଡ଼ିକର ବଂଶବୃଦ୍ଧି କରାଯାଇଥିଲା । ପ୍ରତ୍ୟେକ କୃଷି ସଂପ୍ରଦାୟ ସେମାନଙ୍କର ଫସଲକୁ ପଶୁଜନ୍ତୁଙ୍କ ଦାଉରୁ ରକ୍ଷା କରିବା ନିମିତ୍ତ କିଆରିର ଚାରିପଟେ ଛୋଟଛୋଟ କଣ୍ଟାପୂର୍ଣ୍ଣ ଗଛସବୁ ବାଡ଼ ଆକାରରେ ଲଗାଇଥିଲେ । ସେମାନେ ଗୃହପାଳିତ ପଶୁ ଉଭୟ ଛେଳି ଓ ମେଣ୍ଢାଙ୍କଠାରୁ ପଶମଯୁକ୍ତ ଲୋମ ସଂଗ୍ରହ କରୁଥିଲେ । ଆହୁରି ମଧ୍ୟ ଦେହରେ ଘଞ୍ଚ ଲୋମଥିବା ଯୋଗୁଁ ଏହି ଜୀବଗୁଡ଼ିକ ମଧ୍ୟ-ପୂର୍ବ ଅଞ୍ଚଳର ଉତ୍ତାପରୁ ରକ୍ଷାପାଇ ପାରୁଥିଲେ । ଗାଈ ଘାସପୂର୍ଣ୍ଣ ଚାରଣ ଭୂମି ଏବଂ ଘୁଷୁରି ଅଧିକ ପାଣି ଓ କେତୋଟି ମାତ୍ର ମନୋନୀତ ଖାଦ୍ୟ ଆବଶ୍ୟକ କରୁଥିଲେ ।

ପ୍ରାୟ ଖ୍ରୀ.ପୂ. ୭୦୦୦ ବେଳକୁ ଇଜିପ୍ଟ ଏବଂ ପୂର୍ବ ସାହାରା ଅଞ୍ଚଳରେ ଗଧକୁ ଗୃହପାଳିତ କରାଯାଇଥିଲା । ଗଧଗୁଡ଼ିକୁ ସାଧାରଣତଃ ମାଲପତ୍ର ବୋହିବା ଏବଂ ଗାଡ଼ି ଟାଣିବା ପାଇଁ ବ୍ୟବହାର କରାଯାଉଥିଲା । ପରବର୍ତ୍ତୀ ସମୟରେ ଆରବରେ ମଧ୍ୟ ଗଧ ପାଳନ କରାଯାଉଥିଲା । ପୂର୍ବ ସାହାରା ମରୁଭୂମି ଅଞ୍ଚଳରେ ସର୍ବପ୍ରଥମେ ଓଟ ପାଳନ କରାଯାଇଥିଲା । ଆବଦ୍ଧ ଅବସ୍ଥାରେ ଓଟର ପ୍ରଜନନ ଖ୍ରୀ.ପୂ. ୪୦୦୦ ବେଳକୁ ସମ୍ଭବତଃ ଆରମ୍ଭ କରାଯାଇଥିଲା । ଏହା ପ୍ରମାଣିତ ହୋଇଛି ଯେ, ଖ୍ରୀ.ପୂ. ୨୦୦୦ ବେଳକୁ ଆରବରେ ବହୁଳ ଭାବରେ ଓଟଙ୍କର ପ୍ରଜନନ କରାଯାଉଥିଲା; ହେଲେ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦ ବେଳକୁ ଓଟ ପିଠିରେ ଆରୋହୀ ନିମିତ୍ତ ଆସନ ପକେଇବା ଯୋଜନା ଉତ୍ତର ଆରବ ଅଞ୍ଚଳରେ କରାଯାଇଥିଲା । ଆସନର ସମ୍ମୁଖସ୍ଥ ଉନ୍ନତାଂଶକୁ ଓଟର କୁଜ ଉପରେ ଏପରି ଭାବରେ ସଂସ୍ଥାପିତ କରାଯାଉଥିଲା ଯେ, ଆରୋହୀର ହାତ ମୁକ୍ତ ରହୁଥିଲା । ଓଟର ଦକ୍ଷତା ଯୋଗୁଁ ଯୋଦ୍ଧାଙ୍କ ସଂଖ୍ୟାରେ ବୃଦ୍ଧି ହୋଇ ଅଜେୟ ସୈନ୍ୟବାହିନୀଗୁଡ଼ିକ ଗଠିତ ହୋଇଥିଲା । ଏହିପରି ଏକ ଉନ୍ନତ ଅବସ୍ଥାର ଆରମ୍ଭ ଯାଯାବର ଧର୍ମକୁ ଏକ ନୂତନ ପ୍ରେରଣା ଓ ଗତି ପ୍ରଦାନ କରିଥିଲା । ଇଉରୋପ ଏବଂ ଏସିଆ ଅଞ୍ଚଳରେ ଘୋଡ଼ାପରି ଇଜିପ୍ଟ ଓ ଆରବ ଅଞ୍ଚଳରେ ଓଟ ଅତ୍ୟନ୍ତ ଦକ୍ଷତାର ସହିତ କାର୍ଯ୍ୟ କରୁଥିଲା । ଆରବ ଅଞ୍ଚଳରେ ମାଲ୍ ପରିବହନ ଏବଂ ଗାଡ଼ି ଟାଣିବା ପାଇଁ ଗଧ ସହିତ ଓଟକୁ ମଧ୍ୟ ବ୍ୟବହାର କରାଯାଉଥିଲା; ହେଲେ ଓଟର ଜିନିଷପତ୍ର ବୋହିବା ଏବଂ ଗାଡ଼ି ଟାଣିବା କ୍ଷମତା ଗଧଠାରୁ ଯଥେଷ୍ଟ ଅଧିକ ଥିଲା । ପୁନଶ୍ଚ ଓଟ ଦିନ ଦିନ ଧରି ପାଣି ନ ପିଇ ମଧ୍ୟ ଆରବ ଓ ସାହାରାର ମରୁବାଲିରେ ଅଧିକ ଉତ୍ତାପ ସହ୍ୟକରି ମାଇଲ ମାଇଲ ବାଟ ଚାଲିପାରୁଥିଲା ।

ଘୋଡ଼ାକୁ ଗୃହପାଳିତ କରିବାଦ୍ୱାରା ସବୁ କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିବା ସହିତ ପଶୁପାଳନ ସଂପର୍କିତ ଯାଯାବର ମଣିଷଙ୍କର ସଂସ୍କୃତିରେ ସାମାଜିକ-ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ଏକ ସଂପୂର୍ଣ୍ଣ ପରିବର୍ତ୍ତନ ଆସିଥିଲା । ପ୍ରାୟ ଖ୍ରୀ.ପୂ. ୪୦୦୦ ପୂର୍ବରୁ ଇଉରୋପ ଏବଂ ଏସିଆର ଘାସପୂର୍ଣ୍ଣ ସମତଳ ଅଞ୍ଚଳରେ ସର୍ବପ୍ରଥମେ ଘୋଡ଼ା ପାଳନ କରାଯାଇଥିବା ପ୍ରମାଣ ମିଳିଥାଏ । କେତେକ ଅନୁସନ୍ଧିତ୍ସୁ ପୁନଶ୍ଚ କୁହନ୍ତି ଯେ ଖ୍ରୀ.ପୂ.

୫୦୦୦ ବେଳକୁ ଇଉକ୍ରେନ, କାଜାଖସ୍ଥାନ ଅଞ୍ଚଳରେ ଘୋଡ଼ାପାଳନ ଆରମ୍ଭ କରାଯାଇଥିଲା । ଘୋଡ଼ାଙ୍କୁ ପ୍ରଥମେ ପ୍ରଥମେ କେଉଁ କେଉଁ କାମରେ ଲଗାଯାଉଥିଲା, ସେ ସମ୍ବନ୍ଧରେ ମଧ୍ୟ ଅନେକ ତର୍କ ବିତର୍କ ରହିଛି । କେତେକଙ୍କ ମତରେ ପ୍ରଥମେ ଘୋଡ଼ାମାନଙ୍କୁ ଗାଡ଼ି ଟାଣିବା ଏବଂ ମାଂସ ପାଇଁ ବ୍ୟବହାର କରାଯାଉଥିଲା । ଅନ୍ୟ ମତ ଅନୁଯାୟୀ ଘୋଡ଼ା ପିଠିରେ ଆରୋହଣ କରି ଦୂରସ୍ଥାନକୁ ଯିବାପାଇଁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା । ସାମୟିକ ଭାବରେ ଗାଡ଼ି ଟାଣିବା ଥିଲା ତା'ର ଦ୍ୱିତୀୟ କାର୍ଯ୍ୟ; ହେଲେ ଖ୍ରୀଷ୍ଟପୂର୍ବ ତୃତୀୟ ସହସ୍ରାବ୍ଦ ସୁଦ୍ଧା ଗାଡ଼ି ଉଦ୍ଭାବନ ହୋଇଥିବା ସମ୍ବନ୍ଧୀୟ କିଛି ପ୍ରମାଣ ମିଳିନାହିଁ । ଆହୁରି ମଧ୍ୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ସହସ୍ରାବ୍ଦ ଯାଏଁ ଘୋଡ଼ାପିଠିରେ ଆରୋହୀର ଆସନ ପକେଇବା କିମ୍ବା ତାକୁ ଗାଡ଼ିରେ ଯୋଚିବା ପାଇଁ ବ୍ୟବହୃତ ହେଉଥିବା ଚମଡ଼ା ପଟି, ଲଗାମ ଓ ବନ୍ଧନୀ ଆଦିର ନିର୍ମାଣ ସମ୍ବନ୍ଧୀୟ କିଛିହେଲେ ପ୍ରମାଣ ଅଦ୍ୟାବଧି ଉପଲବ୍ଧ ହୋଇନାହିଁ । ଏହି ସବୁ ସରଞ୍ଜାମ ବିନା ଘୋଡ଼ା ଚଢ଼ିବା ଅତ୍ୟନ୍ତ କଠିନ ଅଟେ ।

ଘୋଡ଼ାର ବ୍ୟବହାର ପ୍ରଥମେ ଆରୋହଣ କରିବା ପାଇଁ ହେଉ ଅଥବା ଗାଡ଼ି ଟାଣିବା ପାଇଁ ହେଉ ହେଲେ ଘୋଡ଼ା ଚଢ଼ିବା ଯୋଗୁଁ ମଣିଷ ଗାଈଗୋରୁ, ଛେଳି, ମେଣ୍ଢା ଆଦିଙ୍କର ଚାରଣ ଭୂମିରେ ସୁପରିଚାଳନା କରିପାରୁଥିଲା । ଘୋଡ଼ାରେ ଚଢ଼ି ଦୂରବାଟକୁ କମ୍ ସମୟରେ ଯାଇପାରୁଥିଲା ତଥା ତା'ର ଆକ୍ରମଣ ଶକ୍ତିରେ ଅଶେଷ ବୃଦ୍ଧି ହୋଇଥିଲା । ଏକମାତ୍ର ଘୋଡ଼ାଯୋଗୁଁ ଯାଯାବର ମଣିଷମାନେ ସେମାନଙ୍କ ନିଜସ୍ୱ ଯାଯାବର ସାମ୍ରାଜ୍ୟ ଏକ ବିଶାଳ ଅଞ୍ଚଳରେ ଗଠନ କରିପାରିଥିଲେ ।

ସାଇବେରିଆର ଅଲତାଇ ପର୍ବତ ନିକଟସ୍ଥ ଉରିଆନ୍‌ଘାଇଠାରେ ସର୍ବପ୍ରଥମେ ବଲ୍‌ଗାହରିଣ ପାଳନ କରାଯାଇଥିବା ବେଳେ ତିବ୍ବତର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ଚମରିଗାଈ ପାଳନ କରାଯାଇଥିଲା । ବଲ୍‌ଗାହରିଣ ଅଲ୍‌ତାଇ ପାର୍ବତ୍ୟାଞ୍ଚଳରେ ଏବଂ ଚମରିଗାଈ ମଙ୍ଗୋଲିଆ, ମାଞ୍ଚୁରିଆ, ସାୟନ୍ ଆଦି ଅଞ୍ଚଳରେ ପରବର୍ତ୍ତୀ ସମୟରେ ଦଳବଦ୍ଧ ଭାବରେ ପାଳନ କରାଯାଉଥିଲା । ପ୍ରାୟ ୭୦୦୦ ବର୍ଷ ପୂର୍ବେ ଦକ୍ଷିଣ-ପୂର୍ବ ଏସିଆରେ ଘୁଷୁରି, କୁକୁଡ଼ା, ବତକ, କୁକୁର ଆଦି ପାଳନ କରାଯାଉଥିଲା । ପଶୁସମ୍ବଳରର ବିଶାଳ ଗୋଷ୍ଠୀ ଆନାତୋଲିଆ ଏବଂ ବଲ୍‌କାନ୍‌ରୁ ଇଉରୋପକୁ ଆସିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ପାଞ୍ଚଗୋଟି ଗୃହପାଳିତ ପଶୁ ଅନେକ ପରେ ଇଉରୋପରେ ଦେଖା ଦେଇଥିଲେ । ମେଣ୍ଢା ଓ ଛେଳି ଇଉରୋପର ମୌଳିକ ଜୀବ ନ ଥିଲେ ତଥା ସେଠିକାର ଜଳବାୟୁ ତାଙ୍କ ସ୍ୱାସ୍ଥ୍ୟପ୍ରତି ଅନୁକୂଳ ନ ଥିଲା; ହେଲେ ଗାଈଗୋରୁ ଏବଂ ଘୁଷୁରିଙ୍କ ପକ୍ଷେ ଇଉରୋପର ଜଳବାୟୁ ଅନୁକୂଳ ଥିଲା ତଥା ଆଶାତୀତ ଭାବେ ସେମାନଙ୍କର ବଂଶବୃଦ୍ଧି ହେଉଥିଲା ।

ପଶୁପାଳନ ସଂପର୍କିତ ଯାଯାବର ଜୀବନ

ମଣିଷର ପରିବର୍ତ୍ତିତ ପଶୁପାଳନ ସଂପର୍କିତ ଯାଯାବର ଜୀବନ (ଧର୍ମ) ସଂପର୍କରେ ବହୁତ କମ୍ ତଥ୍ୟ ପ୍ରମାଣ ମିଳିଥାଏ । ସ୍ଥାୟୀ ବାସିନ୍ଦା ଯୁଗର ସଭ୍ୟତା ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦ କାଳରେ ପଶୁପାଳନ ସଂପର୍କିତ ଯାଯାବର ମଣିଷ ସଂପର୍କରେ କିଛି ପରିମାଣରେ ଆଲୋକପାତ କରିଥାଏ ।

ସାଧାରଣ ଭାବେ କହିଲେ ଯାଯାବର ଧର୍ମର ଚରିତ୍ର ଦୁଇଗୋଟି ବିଶେଷ ଗୁଣଦ୍ୱାରା ପ୍ରଭାବିତ, ଯାହାକି ସମସ୍ତ ଯାଯାବର ସମାଜ ପ୍ରତି ପ୍ରଯୁଜ୍ୟ ଅଟେ ।

(କ) ଯାଯାବର ମଣିଷମାନଙ୍କର ଆର୍ଥିକ ଅବସ୍ଥା (ଅର୍ଥନୀତି) ସଂପୂର୍ଣ୍ଣ ରୂପରେ ନିର୍ଭର କରୁଥିଲା ଦଳବଦ୍ଧ ଭାବରେ ରହୁଥିବା ପୋଷା ପଶୁଗୁଡ଼ିକର ପ୍ରଜନନ ଉପରେ । ଏହି ପଶୁଗୁଡ଼ିକ ଜୀବନଧାରଣ ପାଇଁ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଉଥିଲେ ତଥା ସେମାନଙ୍କର ସମାଜ ଓ ସାମାଜିକ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଆକାର ପ୍ରଦାନ କରୁଥିଲେ ।

(ଖ) କୃଷିକାରକମାନଙ୍କ ପରି ସ୍ଥାୟୀ ବସତି ପରିବର୍ତ୍ତେ ସେମାନେ ସ୍ଥାନାନ୍ତରିତ ଜୀବନଯାପନ କରୁଥିଲେ । ଏହି ବିଷୟକୁ ଆମେ ଯଦି ଭିନ୍ନ ପ୍ରକାରେ ବିଚାର କରିବା ତାହାହେଲେ ଜଣାଯାଏ ଯେ, କେତେକ ପଶୁପାଳକ ସଂପ୍ରଦାୟ ଯେଉଁମାନଙ୍କର ଜୀବନଧାରଣର ପନ୍ଥା ପଶୁପ୍ରଜନନ ଉପରେ ନିର୍ଭରଶୀଳ ଥିଲା, ସେମାନେ ମଧ୍ୟ ସ୍ଥାୟୀ ଭାବରେ ବସବାସ କରିବା ପନ୍ଥା ଅନୁସରଣ କରୁଥିଲେ । ଅପରପକ୍ଷରେ ବ୍ୟବସାୟ ବାଣିଜ୍ୟ ଅଥବା କାରିଗରି କାର୍ଯ୍ୟରେ ନିଯୁକ୍ତ ଥିବା ଲୋକେ ମଧ୍ୟ ଯାଯାବର ଜୀବନଯାପନ କରୁଥିଲେ; ହେଲେ ପଶୁପ୍ରଜନନ ସହିତ ସେମାନଙ୍କର ସଂପର୍କ ନ ଥିଲା । ଏହା ମଧ୍ୟ ସତ୍ୟ ଅଟେ ଯେ, ପଶୁପାଳନ ସଂପର୍କିତ ଯାଯାବର ଲୋକଙ୍କ ମଧ୍ୟରୁ ଅନେକ ପଶୁପାଳନ ତଥା କୃଷି ଆଦି ଅନ୍ୟାନ୍ୟ ବ୍ୟବସାୟ ସହିତ ଜଡ଼ିତ ଥିଲେ ।

ଶ୍ରୀଯୁକ୍ତ ଖାଜାନୋଭ ଚରିତ୍ରଗତ ଦୃଷ୍ଟିରୁ ପଶୁପାଳନ ସଂପର୍କିତ ଯାଯାବରମାନଙ୍କ ଅର୍ଥନୈତିକ ସାରତତ୍ତ୍ୱକୁ ପାଞ୍ଚଭାଗରେ ବିଭକ୍ତ କରିଛନ୍ତି; ଯଥା-

(କ) ପଶୁପାଳନ ଏକ ନିୟନ୍ତ୍ରିତ ଅର୍ଥନୈତିକ କାର୍ଯ୍ୟକଳାପ ଥିଲା ।

(ଖ) ଏହାର ଚରିତ୍ରଗତ ବିଶେଷ ଗୁଣ ଥିଲା ଦଳବଦ୍ଧ ଭାବେ ରହୁଥିବା ପୋଷା ଜନ୍ତୁଗୁଡ଼ିକୁ ଉତ୍ତମଭାବେ ରକ୍ଷଣାବେକ୍ଷଣ କରିବା, ପଶୁଗୁଡ଼ିକୁ ମୁକ୍ତ ଚାରଣଭୂମି ଉପଲବ୍ଧ କରାଇବା ଏବଂ ପଶୁଙ୍କ ପାଇଁ ଗୁହାଳ ନିର୍ମାଣ ନ କରିବା ।

(ଗ) ପଶୁପାଳନ ସମ୍ବନ୍ଧୀୟ ଅର୍ଥନୀତିର ଉନ୍ନତି ପାଇଁ ନିଜ ଅଞ୍ଚଳରେ ଥିବା ବିଭିନ୍ନ ଚାରଣଭୂମିଗୁଡ଼ିକରୁ ସାମୟିକ ପ୍ରସ୍ଥାନ କରିବା ।

(ଘ) ପଶୁପାଳନ ସମ୍ବନ୍ଧୀୟ ପ୍ରସ୍ଥାନରେ ସମ୍ପ୍ରଦାୟର ସମସ୍ତେ ଅଥବା ଅଧିକାଂଶ ଲୋକ ସଂଶ୍ଳିଷ୍ଟ ହେବା ।

(ଙ) ଜୀବନଧାରଣର ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ସମ୍ବନ୍ଧୀୟ ନୂତନ ପରିସ୍ଥିତିରେ ନିଜକୁ ଅଭ୍ୟସ୍ତ କରାଇବା ।

ଉପରୋକ୍ତ ମୌଳିକ ଚାରିତ୍ରିକ ବୈଶିଷ୍ଟ୍ୟ ବ୍ୟତୀତ ବିଭିନ୍ନ ପଶୁପାଳନ ସଂପର୍କିତ ଯାଯାବର ଗୋଷ୍ଠୀଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ପାଇଁ ଅନ୍ୟାନ୍ୟ ଅନେକ ଉପାଦାନ ରହିଛି । ଯାଯାବର ପଦ୍ଧତିର ଉତ୍ପାଦନ, ଜୀବନଶୈଳୀ, ସମାଜ ଗଠନ ପ୍ରଣାଳୀ ଏବଂ ଅର୍ଥନୀତି ଆଦି ସବୁ ଅଞ୍ଚଳ ଓ ଐତିହାସିକ ସମୟରେ ସମାନ ନ ଥିଲା । ଯାଯାବର ଗୋଷ୍ଠୀଗୁଡ଼ିକୁ ଉପଲବ୍ଧ ଭୌଗୋଳିକ ସୀମା, ପର୍ଯ୍ୟାବରଣ, ପଶୁପ୍ରଜନନର ପ୍ରକାର, କାରିଗରି ଜ୍ଞାନକୌଶଳ ଆଦି ସେମାନଙ୍କ ପଡୋଶୀ ସ୍ଥାୟୀ ବାସିନ୍ଦାଙ୍କଦ୍ୱାରା ଆକାର ଅଥବା ସ୍ୱରୂପ ପାଇଥାଏ । ତେଣୁକରି ପରବର୍ତ୍ତୀ ସମୟରେ ଅନେକ ପଶୁପାଳକ ଗୋଷ୍ଠୀ କୃଷକରୂପରେ ପରିବର୍ତ୍ତିତ ହୋଇଯାଇଥିଲେ ।

ପଶୁପାଳନ ସଂପର୍କିତ ଯାଯାବର ଧର୍ମ- ଏକ ସର୍ବେକ୍ଷଣ

ପଶୁପାଳନ ଏବଂ ପ୍ରଜନନରୁ ଜଣାଯାଏ ଯେ, କେତେକ ପଶୁ କୌଣସି ଏକ ଭୌଗୋଳିକ ଅଞ୍ଚଳର ଜଳବାୟୁ ସୀମାଭିତରେ ଛୁଆ ପ୍ରସବ କରିପାରୁଥିବା ବେଳେ ଅନ୍ଯ କେତେକ ପ୍ରଜାତି କେବଳ ମାତ୍ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଛୁଆ ପ୍ରସବ କରିପାରୁଥିଲେ । ମେଣ୍ଢା, ଛେଳି, ଗାଈ, ଘୋଡ଼ା, ଓଟ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ଏବଂ ଜଳବାୟୁରେ ନିଜକୁ ଖାପଖୁଆଇ ବଞ୍ଚିପାରୁଥିବା ବେଳେ ଚମରିଗାଈ, ବଲ୍‌ଗାହରିଣ ଆଦି ଏକ ନିର୍ଦ୍ଦିଷ୍ଟ ଅଥବା ସୀମାବଦ୍ଧ ଅଞ୍ଚଳରେ ହିଁ ବଞ୍ଚିପାରୁଥିଲେ ।

ବିଭିନ୍ନ ଅଞ୍ଚଳ

ଇଉରୋପ, ଏସିଆ ଆଦି ଅଞ୍ଚଳରେ ପଶୁପାଳନ ପ୍ରାୟ ଖ୍ରୀ.ପୂ. ୭ମ ସହସ୍ରାବ୍ଦରୁ ଆରମ୍ଭ ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ପ୍ରସାରଣ ଅତୀବ ମନ୍ଥର ଥିଲା । ଖ୍ରୀ.ପୂ. ୨ୟ ସହସ୍ରାବ୍ଦଠାରୁ ଘୋଡ଼ାର ବ୍ୟବହାର ପଶୁପାଳନକୁ

ଏକ ନୂତନ ଦିଗନ୍ତ ପ୍ରଦାନ କରିଥିଲା । ପଶୁପାଳନ ସଂପର୍କିତ ଯାଯାବର ଜୀବନରେ ଏହା ଏକ ଗରୀମାମୟ ସ୍ଥାନ ଅଧିକାର କରିଥିଲା । ଏକ ବିଶାଳ ଅଞ୍ଚଳରେ ପରିବ୍ୟାପ୍ତ ହେବା ସହିତ ଅନ୍ତତଃ ୩୦୦୦ ବର୍ଷ ଧରି ଏକ ସ୍ୱତନ୍ତ୍ର ସଂସ୍କୃତି ପ୍ରଦାନ କରିଥିଲା । ଖ୍ରୀ.ପୂ. ୨ୟ ସହସ୍ରାବ୍ଦର ଶେଷଭାଗ ଏବଂ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦର ଆରମ୍ଭରେ ପଶୁପାଳନ ସଂପର୍କିତ ଯାଯାବରମାନେ ମଙ୍ଗୋଲିଆ ଏବଂ ଚୀନ ମଧ୍ୟକୁ ପ୍ରବେଶ କରିଥିଲେ । ଚୀନରୁ ମିଳୁଥିବା ତଥ୍ୟରୁ ଜଣାଯାଏ ଯେ, ଉତ୍ତରାଞ୍ଚଳରେ ଦୁର୍ଦ୍ଧର୍ଷ ଜାତିଗୁଡ଼ିକ ସହିତ ଏହି ଯାଯାବର ତଥା ସ୍ଥାୟୀ ବାସିନ୍ଦାଙ୍କର ସଂଘର୍ଷ ଲାଗି ରହିଥିଲା । କୁହାଯାଇଛି ଯେ, ଏହି ବିରୋଧର ପ୍ରତିରୋଧ ସ୍ୱରୂପ ଚୀନର ବିଶାଳ ପ୍ରାଚୀର ନିର୍ମାଣ କରାଯାଇଥିଲା ।

ଆଗରୁ କୁହାଯାଇସାରିଛି ଯେ, ମେସୋପୋଟାମିଆ, ସିରିଆ, ପାଲେଷ୍ଟାଇନ୍, ଆରବରେ ସମ୍ଭବତଃ କୃଷି ଏବଂ ପଶୁପାଳନର ଆରମ୍ଭ ହୋଇଥିଲା । ପ୍ରାୟ ଖ୍ରୀ.ପୂ. ୪ର୍ଥ ସହସ୍ରାବ୍ଦରୁ ଖ୍ରୀ.ପୂ. ୨ୟ ସହସ୍ରାବ୍ଦ ମଧ୍ୟରେ ଏହି ଅଞ୍ଚଳଗୁଡ଼ିକରେ ପଶୁପାଳନ ସଂପର୍କିତ ଯାଯାବର ପ୍ରଣାଳୀ ରହିଥିବା ସମ୍ବନ୍ଧରେ ଗବେଷକମାନେ ମତ ପ୍ରଦାନ କରନ୍ତି । ଏହି ଅଞ୍ଚଳରେ କୃଷିକାରକମାନଙ୍କ ସହିତ ଯାଯାବରମାନଙ୍କର ଘନିଷ୍ଠ ସଂପର୍କ ରହିଥିବାରୁ ଜଣାଯାଏ ଯେ, ଏହି ଅଞ୍ଚଳର ଯାଯାବରମାନେ ପଶୁପଲ ଧରି ନିର୍ଦ୍ଦିଷ୍ଟ କାଳ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଯାଉଥିଲେ ଏବଂ ପୁନଶ୍ଚ ଫେରି ଆସୁଥିଲେ । ଆରବରେ ଯାଯାବରମାନେ ସଂପୂର୍ଣ୍ଣ ପ୍ରଭାବଶାଳୀ ଥିଲେ ତଥା ଆଫ୍ରିକାର ସାହାରା ମରୁଭୂମି ପର୍ଯ୍ୟନ୍ତ ସଂସ୍କୃତିର ବିସ୍ତାର କରିଥିଲେ । ସେମାନଙ୍କ ଯାତାୟାତରେ ଓଟ ବିଶେଷ ସହାୟକ ହେଉଥିଲା ।

ଆଫଗାନିସ୍ତାନ, ଇରାନ ଏବଂ ଏସିଆ ମାଇନର ଅଞ୍ଚଳରେ ପ୍ରାୟ ଖ୍ରୀ.ପୂ. ୩ୟ ସହସ୍ରାବ୍ଦ ବେଳକୁ ପଶୁପାଳନ କରାଯାଉଥିଲା; ହେଲେ ବହୁ ବିଳମ୍ବରେ ଖ୍ରୀ.ପୂ. ୧୪ଶରୁ ୧୦ମ ଶତାବ୍ଦୀ ବେଳକୁ ଯାଇ ପଶୁପାଳନ ସଂପର୍କିତ ଯାଯାବର ଜୀବନ ଆରମ୍ଭ ହୋଇଥିଲା । ଏହି ଅଞ୍ଚଳକୁ ଯାଯାବର ଧର୍ମବିକାଶର ଶ୍ରେୟ ଦିଆଯାଇଥାଏ ସ୍ଥାୟୀ ବାସିନ୍ଦାମାନଙ୍କୁ, କାରଣ ସେମାନେ ଯାଯାବର ଜୀବନକୁ ପରିତ୍ୟାଗ କରିଥିଲେ । ଏହି ଅଞ୍ଚଳରେ ଯାଯାବର ଜୀବନର ବିକାଶ ପଛରେ ଇଉରୋପର ଘାସ ଆଚ୍ଛାଦିତ ସମତଳ ଅଞ୍ଚଳରେ ଲୋକଙ୍କ ପ୍ରଚ୍ଛନ୍ନ ପ୍ରଭାବ ରହିଥିଲା ।

ଇଜିପ୍ଟ ଏବଂ ଉତ୍ତର ଆଫ୍ରିକା ଅଞ୍ଚଳରେ ପ୍ରାୟ ଖ୍ରୀ.ପୂ. ୭ମ ସହସ୍ରାବ୍ଦ ବେଳକୁ ପଶୁପାଳନ ଆରମ୍ଭ ହୋଇଥିଲା; ହେଲେ ପଶୁପାଳନ ସଂପର୍କିତ ଯାଯାବର ଜୀବନ ପ୍ରାୟ ଖ୍ରୀ.ପୂ. ୨ୟ ସହସ୍ରାବ୍ଦ ବେଳକୁ ଆରମ୍ଭ ହୋଇଥିଲା । ଏହି ଉଭୟ ଅଞ୍ଚଳରେ ପ୍ରାୟ ଖ୍ରୀ.ପୂ. ୨ୟ ସହସ୍ରାବ୍ଦ ବେଳକୁ ଘୋଡ଼ାର ଉପସ୍ଥିତି ରହିଥିଲା; ହେଲେ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦରୁ ଏହି ଅଞ୍ଚଳରେ ଗମନାଗମନ ପାଇଁ ଓଟ ଥିଲା ମୁଖ୍ୟ ସାହାଯ୍ୟକାରୀ । ଘୋଡ଼ାକୁ କେବଳ ରଥ ଓ ଗାଡ଼ି ଟାଣିବା ପାଇଁ ବ୍ୟବହାର କରାଯାଉଥିଲା ।

ପ୍ରାୟ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦ ବେଳକୁ ସାଇବେରିଆର ଯାଯାବରମାନେ ଦଳବଦ୍ଧ ଭାବରେ ବଲଗାହରିଣ ପାଳନ କରୁଥିଲେ । ଠିକ୍ ସେହି ସମୟବେଳକୁ ତିବ୍ବତର ଯାଯାବରମାନେ ଚମରିଗାଈ ପାଳନ କରୁଥିଲେ ।

ଭାରତରେ ପଶୁପାଳନ ସଂପର୍କିତ ଯାଯାବର ଧର୍ମ ବିଶାଳ ଆକାରରେ ପାଳନ କରାଯାଉଥିଲା । ଏପରିକି ଅଲଗା ଏକ ସାମାଜିକ ସଂପ୍ରଦାୟ କେବଳ ମାତ୍ର ପଶୁଗୁଡ଼ିକର ପ୍ରଜନନ କରାଉଥିଲେ; ହେଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋଷ୍ଠୀ କୃଷିକାରକ ଥିଲେ ଏବଂ ଆଂଶିକ ଯାଯାବର ଥିଲେ, ଅର୍ଥାତ୍ ଚାଷକାର୍ଯ୍ୟ ପରେ ଚାରଣ ଭୂମି ଥିବା ବିଭିନ୍ନ ଅଞ୍ଚଳକୁ ପଶୁପଲ ଧରି ଯାଉଥିଲେ ଏବଂ ଚାଷକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପୁନଶ୍ଚ ନିଜ ମୌଳିକ ସ୍ଥାନକୁ ଫେରି ଆସୁଥିଲେ । କେବଳମାତ୍ର ଯାଯାବର ଥିଲେ ଅତ୍ୟଳ୍ପ କେତୋଟି ସଂପ୍ରଦାୟ । ଭାରତର ପଶୁପାଳନ ସଂପର୍କିତ ଯାଯାବର ଗୋଷ୍ଠୀ ମଧ୍ୟରେ ରହିଥିଲେ ହିମାଳୟ ପାଦଦେଶର ଗୁଜ୍ଜର ଏବଂ ବାକରୱାଲ୍ ସଂପ୍ରଦାୟ, ରାଜସ୍ଥାନର ଗଦ୍ଦି, କାଶ୍ମୀରର ରାବାରି, ଲାଦାଖର ଚାଙ୍ଗପା, ଦକ୍ଷିଣ ଭାରତର ଗୋଲ୍ଲା ଓ କୁରୁବା ଆଦି ।

ବିଭିନ୍ନ ଅଞ୍ଚଳରେ ପଶୁପାଳନ ସଂପର୍କିତ ଯାଯାବର ଜୀବନର ବିକାଶ ଓ ସଂପ୍ରସାରଣର ଅନୁଧ୍ୟାନରୁ ଜଣାଯାଏ ଯେ, ଯାଯାବର ଜୀବନକୁ ଏକ ନୂତନ ଆକାର ଓ ସମୃଦ୍ଧି ପ୍ରଦାନ କରିଥିଲେ ଓଟ ଓ ଘୋଡ଼ା । ଯେପରି କୃଷିର ଭିତ୍ତି ଅଟେ ଖାଦ୍ୟଶସ୍ୟ ଉତ୍ପାଦନ, ଠିକ୍ ସେହିପରି ପଶୁପାଳନ ସଂପର୍କିତ ଯାଯାବର ଜୀବନ ଓ ସଂସ୍କୃତିର ବିକାଶ ଓ ସମୃଦ୍ଧିକାରୀ ତଥା ଏକ ନୂତନ ଆକାର ପ୍ରଦାନକାରୀ ହେଉଛି ଅଶ୍ୱ । ମାଲିକ ପାଳନ କରିଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ନିୟନ୍ତ୍ରଣ କରେ ଅଶ୍ୱ । ସେଗୁଡ଼ିକୁ କାର୍ଯ୍ୟରେ ଲଗେଇବା ଦିଗରେ ମଧ୍ୟ ଅଶ୍ୱ ସାହାଯ୍ୟ କରିଥାଏ । ଦକ୍ଷିଣ-ପୂର୍ବ ଇଉରୋପ, ମଙ୍ଗୋଲିଆ, ଟ୍ରାନ୍ସ-କାକାସିଆ ଏବଂ ଏସିଆର ଅନ୍ୟାନ୍ୟ କେତେକ ସମତଳ ତୃଣଭୂମି ଏବଂ ମାଳଭୂମିରେ ବିକାଶଲାଭ କରିଥିବା ପଶୁପାଳନ ସଂପର୍କିତ ଯାଯାବରମାନେ ସ୍ଥାୟୀ ବାସିନ୍ଦାଙ୍କ ସଂପ୍ରଦାୟ ଉପରେ ଅନେକ ବର୍ଷକାଳ ସାମରିକ ଆଧିପତ୍ୟ ଜାରି ରଖିଥିଲେ । ଏପରିକି ସେମାନେ ପଶୁପାଳନ ସଂପର୍କିତ ଯାଯାବର ସାମ୍ରାଜ୍ୟ ଗଠନ କରିପାରିଥିଲେ । ସେମାନେ ଇଉରୋପକୁ ମଧ୍ୟ ଆଧିପତ୍ୟ ବିସ୍ତାରପୂର୍ବକ ଇଉରୋପୀୟ ଏବଂ ଏସିଆର ଇତିହାସକୁ ପ୍ରଭାବିତ କରିଥିଲେ । ସ୍ଥାୟୀ ବାସିନ୍ଦାମାନେ ଯାଯାବରମାନଙ୍କଠାରୁ ଘୋଡ଼ା କିଣି ବ୍ୟବହାର କରୁଥିଲେ । ଯାଯାବରମାନଙ୍କଠାରୁ ସେମାନେ ଘୋଡ଼ାର ପ୍ରଜନନ କରାଇବା, ଘୋଡ଼ା ଚଢ଼ିବା ଆଦି ଶିଖିଥିଲେ । ଘୋଡ଼ା ପିଠିରେ ଅସ୍ତ୍ରଶସ୍ତ୍ର ନେବାଆଣିବା କରାଯାଉଥିଲା । ପାଚେରୀ ଉପରେ ରହି ବ୍ୟବହାର କରାଯାଉଥିବା ଧନୁ ଥିଲା ସମରକଳା ପ୍ରତି ଯାଯାବରମାନଙ୍କର ଏକ ବିଶେଷ ଅବଦାନ । ଠିକ୍ ସେହିପରି ଆରବ ଏବଂ ଆଫ୍ରିକାର ସାହାରା ପରି ସୁବିସ୍ତୀର୍ଣ୍ଣ ମରୁଭୂମି ଅଞ୍ଚଳରେ ଓଟ ଯୋଗୁଁ ଦୂର ସ୍ଥାନକୁ ଯିବା ଓ ବାଣିଜ୍ୟ ବ୍ୟବସାୟ ସମ୍ଭବ ହୋଇପାରୁଥିଲା । ଏହାଦ୍ୱାରା ବିଭିନ୍ନ ଅଞ୍ଚଳର ଆଦିବାସୀ ସଂପ୍ରଦାୟଗୁଡ଼ିକୁ ଏକତା ସୂତ୍ରରେ ବାନ୍ଧିବା ସମ୍ଭବ ହୋଇପାରୁଥିଲା । ମରୁଭୂମି ଅଞ୍ଚଳରେ ଜୀବନଯାପନର ମୁଖ୍ୟ ସାହାଯ୍ୟକାରୀ ଥିଲା ଓଟ । ଯାଯାବରମାନଙ୍କର ସମସ୍ତ କାର୍ଯ୍ୟ ଓଟଯୋଗୁଁ ହିଁ ସଂପାଦିତ ହୋଇପାରୁଥିଲା, ତେଣୁକରି **ଓଟକୁ ମରୁଭୂମିର ଜାହାଜ** ବୋଲି କୁହାଯାଏ ।

ଗତିଶୀଳତାର ବିସ୍ତୃତି

ପଶୁପାଳନକାରୀ ଯାଯାବରମାନେ ଗୋଟିଏ ସ୍ଥାନରେ ଅସୁବିଧା ହେବା ପରେ, ପଶୁଙ୍କ ପାଇଁ ଚାରଣ ଭୂମିର ଅଭାବ ପରିଲକ୍ଷିତ ହେବା ପରେ ଅନ୍ୟତ୍ର ଗମନ କରୁଥିଲେ । ଏହା ଋତୁଚକ୍ର ଖରା, ବର୍ଷା, ଶୀତ ଏବଂ କୃଷକମାନଙ୍କର ଫସଲ ଅମଳ ଆଦି ଉପରେ ନିର୍ଭର କରୁଥିଲା । ବିଭିନ୍ନ ଋତୁରେ ରହିବା ଏବଂ ପଶୁଙ୍କ ଚରିବା ପାଇଁ ସୁବିଧା ଥିବା ଭିନ୍ନ ଭିନ୍ନ ସ୍ଥାନକୁ ସେମାନେ ଯାତ୍ରା କରୁଥିଲେ । ଅନେକ ସମୟରେ ବିଭିନ୍ନ ସ୍ଥାନରେ ହେଉଥିବା ବୃଷ୍ଟିପାତ ଅନୁଯାୟୀ ସେମାନେ ଗନ୍ତବ୍ୟସ୍ଥଳ ନିର୍ଣ୍ଣୟ କରୁଥିଲେ, ଯାହାଫଳରେ ପଶୁଙ୍କୁ ପ୍ରଚୁର ପରିମାଣରେ ଘାସ ଓ ସବୁଜ ପତ୍ର ମିଳିପାରିବ । କେତେକ ସମୟରେ ପଶୁପାଳକମାନଙ୍କର ପଶୁପଲ, କୃଷକମାନଙ୍କର ଫସଲ ପ୍ରତି ବିପଦର କାରଣ ହେଉଥିଲା । ତେଣୁ ସେମାନେ ପଶୁପଲ ନେଇ ଅନ୍ୟତ୍ର ଗମନ କରୁଥିଲେ ଏବଂ ଫସଲ ଅମଳ ପରେ ଫେରୁଥିଲେ; ଫଳରେ ଫସଲ କଟା ହୋଇଥିବା ବିଲରେ ପଶୁମାନେ ଚରୁଥିଲେ ।

ପଶୁପାଳନ ସଂପର୍କିତ ଯାଯାବରମାନଙ୍କର ବିଭିନ୍ନ ଅଞ୍ଚଳରେ କ୍ଷେତ୍ରଗୁଡ଼ିକ ପରିବର୍ତ୍ତିତ ହେଉଥିଲା ଏବଂ ଗନ୍ତବ୍ୟ ଦୂରତ୍ୱ ନିର୍ଦ୍ଧାରିତ ହେଉଥିଲା । ଯେପରିକି ଚୁକୋହ୍ଦାତ୍ର ବଲ୍‌ଗାହରିଣ ପାଳନକାରୀମାନେ ନିଜ କ୍ଷେତ୍ରର ୫୦ରୁ ୧୦୦ କି.ମି. ମଧ୍ୟରେ ଗତି କରୁଥିଲେ । ଫିନମାର୍କର ଲାପ୍‌ସମାନେ ୧୦୦ ରୁ ୨୦୦ କି.ମି. ମଧ୍ୟରେ, କାମିନ୍‌ର ନେନ୍‌ଟିମାନେ ୧୫୦ ରୁ ୨୦୦ କି.ମି. ମଧ୍ୟରେ, ତିମାନତୁନ୍ଦ୍ରେର ସଂପ୍ରଦାୟ ୪୦୦ ରୁ ୫୦୦ କି.ମି. ମଧ୍ୟରେ, ତୁକଚି ଅନ୍ୟୁୟ ୧୨୦୦ କି.ମି. ମଧ୍ୟରେ ଗତି କରୁଥିଲେ । ମଙ୍ଗୋଲିଆର ଗୋବି ଅଞ୍ଚଳରେ ଯାଯାବରମାନେ ପ୍ରାୟ ୬୦୦ କି.ମି.ଯାଏଁ ଗତି କରୁଥିଲେ । ଅନେକ କ୍ଷେତ୍ରରେ ସେମାନଙ୍କର ଗତିପଥ ହଜାର ହଜାର ବର୍ଷ ପରେ ମଧ୍ୟ ଚିହ୍ନିତ କରିହେଉଥିଲା ।

ସାମାଜିକ ଏବଂ ଅର୍ଥନୈତିକ ଜୀବନ

ସମସ୍ତ ପଶୁପାଳନ ସଂପର୍କିତ ଯାଯାବର ସଂପ୍ରଦାୟରେ ପରିବାର ଥିଲା ମୌଳିକ ଅଙ୍ଗ । ଏହା ସ୍ୱାମୀ, ସ୍ତ୍ରୀ, ବାପା, ମାଆ, ପୁଅ, ଝିଅ ଆଦିଙ୍କୁ ନେଇ ଗଠନ ହୋଇଥିଲା । ଅଳ୍ପ କେତୋଟି ପରିବାର ମିଶ୍ରଣ ଯୋଗୁଁ କ୍ଷୁଦ୍ର ଦଳଗୁଡ଼ିକ ଗଠନ ହୋଇଥିଲା । ସେମାନେ ବିଭିନ୍ନ ସ୍ଥାନକୁ ଯାଇ ଏକତ୍ର ରହୁଥିଲେ ଏବଂ ପଶୁପାଳନ କରୁଥିଲେ । ଏହିପରି ଅନେକ ଦଳର ସଂପ୍ରଦାୟ ଏବଂ ରକ୍ତସଂପର୍କୀୟମାନେ ସମାନ ଥିଲେ । ପ୍ରତ୍ୟେକ ପରିବାର ନିଜ ନିଜ ପାଳିତ ପଶୁଗୁଡ଼ିକର ସ୍ୱତ୍ୱାଧିକାରୀ ଅଥବା ମାଲିକ ଥିଲେ । ଚାରଣ ଭୂମିର ମାଲିକାନାରେ କିନ୍ତୁ ବିବିଧତା ରହିଥିଲା । କେତେକ କ୍ଷେତ୍ରରେ ସଂପ୍ରଦାୟର ବିଶାଳ ଚାରଣ ଭୂମି ଅଞ୍ଚଳର ଗୋଟିଏ ଅଂଶରେ କୌଣସି ଗୋଟିଏ ପରିବାରର ପୂର୍ଣ୍ଣ ମାଲିକାନା ରହୁଥିଲା । କେତେକ କ୍ଷେତ୍ରରେ ପୁଣି ବିସ୍ତୀର୍ଣ୍ଣ ଚାରଣ ଭୂମିକୁ ସଂପ୍ରଦାୟର ସମସ୍ତ ପରିବାର ଭାଗକରି ବ୍ୟବହାର କରୁଥିଲେ; ହେଲେ ପ୍ରତ୍ୟେକ ସଂପ୍ରଦାୟର ଚାରଣ ଭୂମି ସ୍ୱଷ୍ଟ ରୂପରେ ଚିହ୍ନିତ ଓ ରେଖାଙ୍କିତ କରାଯାଉଥିଲା । ମଙ୍ଗୋଲ ସମ୍ଭ୍ରାନ୍ତ ଏବଂ ମୁଖ୍ୟମାନେ ସେମାନଙ୍କ ଚାରଣଭୂମି ସଂରକ୍ଷିତ କରି ରଖୁଥିଲେ ଏବଂ ତାକୁ ବ୍ୟବହାର କରିବା ପାଇଁ କାହାରିକୁ ଅନୁମତି ମିଳୁ ନ ଥିଲା । ଜଳ ସମ୍ପଦର ମାଲିକାନା ପାଇଁ ମଧ୍ୟ ଏହି ନୀତି ଲାଗୁ ହେଉଥିଲା । ପଶୁଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ପ୍ରଜନନ ପ୍ରତ୍ୟେକ ପରିବାରର ନିଜସ୍ୱ ଦାୟିତ୍ୱ ଥିଲା ।

ସଂପ୍ରଦାୟଗୁଡ଼ିକର ବୈବାହିକ ସଂପର୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ସଂପନ୍ନ କରାଯାଉଥିଲା । ଏକପତ୍ନୀ ଗ୍ରହଣ ସାଧାରଣ ଭାବେ ପ୍ରଚଳିତ ଥିଲା; ହେଲେ କେତେକ ସଂପ୍ରଦାୟରେ ବହୁପତ୍ନୀ ଅଥବା ବହୁପତି ଗ୍ରହଣ ବ୍ୟବସ୍ଥା ପ୍ରଚଳିତ ଥିଲା । ପାରମ୍ପରିକ ପର୍ବପର୍ବାଣି ଏବଂ ରୀତିନୀତି ପାଳନରେ ପାଳିତ ପଶୁଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ଅର୍ଥାତ୍ ପର୍ବପର୍ବାଣିଗୁଡ଼ିକ ପଶୁଭିତ୍ତିକ ଥିଲା । ପର୍ବପର୍ବାଣିରେ ପଶୁଙ୍କ ସହିତ ପରିଚିତ ଏବଂ ଅଭିନ୍ନ ହେବାପାଇଁ ସେମାନେ ପଶୁଙ୍କ ଶିଙ୍ଗ, ଲାଙ୍ଗୁଡ଼, ଚମଡ଼ା, ମୁଖୋଟା ଆଦି ଧାରଣ କରୁଥିଲେ । ପଶୁବଳି ପ୍ରଥାକୁ କାର୍ଯ୍ୟକାରୀ କରିବା ସେମାନଙ୍କ ଧର୍ମବିଶ୍ୱାସର ଏକ ଅଂଶ ଥିଲା । ମାଛ, ମାଂସ, କ୍ଷୀର, ଧାନ, ଗହମ, ପନିପରିବା, ଫଳମୂଳ ସେମାନଙ୍କର ପ୍ରଧାନ ଖାଦ୍ୟ ଥିଲା । ଏକ ପ୍ରଥା ପାଳନ ପାଇଁ ସମୟ ସମୟରେ ସେମାନେ ପଶୁ ଦେହରୁ ରକ୍ତ ବାହାର କରି ପିଉଥିଲେ । ସେମାନେ ଆବଶ୍ୟକୀୟ ଜିନିଷ ସଂଗ୍ରହ କରିବା ପାଇଁ ସ୍ଥାୟୀ ବାସିନ୍ଦାଙ୍କ ସହିତ ବିନିମୟ କରୁଥିଲେ । ସେମାନେ ମାଂସ ଏବଂ ପଶୁ ପରିବର୍ତ୍ତେ ଧାନ, ଗହମ, ପରିବା ଆଦି ପଡ଼ୋଶୀ ଚାଷୀମାନଙ୍କଠାରୁ ପାଉଥିଲେ । ମେଣ୍ଢା ଏବଂ ଅନ୍ୟାନ୍ୟ କେତେକ ପଶୁଙ୍କ ଲୋମରୁ ସେମାନେ କମ୍ବଳ ପ୍ରସ୍ତୁତ କରୁଥିଲେ । କେତେକସ୍ଥଳେ ଲୋମ ଉତ୍ପାଦନ ପାଇଁ ଲୋମଶ ପଶୁ ପାଳନ କରୁଥିବା ସଂପ୍ରଦାୟର ଲୋକମାନେ ଲୋମ ବିନିମୟରେ ଅନ୍ୟାନ୍ୟ ସଂପ୍ରଦାୟଠାରୁ ବିଭିନ୍ନ ଜିନିଷ ସଂଗ୍ରହ କରୁଥିଲେ । ସେମାନଙ୍କ ସଂସ୍କୃତି ଅତୀବ ସରଳ ଓ ନିରାଡ଼ମ୍ବର ଥିଲା, ଯାହାକି ତାଙ୍କର ଯାଯାବର ଜୀବନର ଅନୁକୂଳ ଥିଲା । ଯାଯାବରମାନେ ସାଧାରଣତଃ କାଠ ଏବଂ ଚମଡ଼ା ବ୍ୟବହାର କରୁଥିଲେ । ସେମାନେ ପଶୁଲୋମ ଓ ଚମଡ଼ା ବିନିମୟରେ ସ୍ଥାୟୀବାସିନ୍ଦାଙ୍କଠାରୁ ମାଟିପାତ୍ର ଏବଂ କାରିଗରି ଜ୍ଞାନକୌଶଳରେ ନିର୍ମିତ ଅନେକ ଜିନିଷ ପାଇପାରୁଥିଲେ । ସମୟକ୍ରମେ ଜୀବନଶୈଳୀ, ସଂସ୍କୃତି ଏବଂ ସାମାଜିକ ମନସ୍ତାତ୍ତ୍ୱିକତାରେ ଅନେକ ପରିବର୍ତ୍ତନ ଘଟିଥିଲା । ଯାଯାବର ଏବଂ ଅର୍ଦ୍ଧ-ଯାଯାବର ଅର୍ଥନୀତିରେ ଅନେକ ପରିବର୍ତ୍ତନ ଘଟି ନୂତନ ପ୍ରକାରର ସହଜରେ ଭାଙ୍ଗି ହୋଇପାରୁଥିବା ତଥା ସ୍ଥାନାନ୍ତରିତ କରିହେଉଥିବା ଘରକରଣା ସାମଗ୍ରୀ ଓ ରୋଷେଇ ଉପକରଣ ସବୁ ନିର୍ମାଣ କରାଯାଉଥିଲା । ଏହି ସମୟବେଳକୁ ସମସ୍ତଙ୍କ ପିନ୍ଧିବା ପାଇଁ ନୂତନ ପ୍ରକାରର ବସ୍ତ୍ର ତିଆରି ଆରମ୍ଭ ହୋଇଯାଇଥିଲା । ଲୋକମାନେ କପଡ଼ାକୁ ସିଲେଇ କରି ପୂରା ପ୍ୟାଣ୍ଟ ତିଆରି କରୁଥିଲେ ଏବଂ ପିନ୍ଧୁଥିଲେ । ସାମାଜିକ ସ୍ତର ଓ ମର୍ଯ୍ୟାଦା ଅନୁଯାୟୀ ଅଣ୍ଟାରେ ପଦକଯୁକ୍ତ ସୁନ୍ଦର ଭାବରେ ଚିତ୍ରିତ ଅଣ୍ଟାବନ୍ଧନୀ ପିନ୍ଧୁଥିଲେ । ଏହି ଉଦ୍ଭାବନ ପ୍ରବଣ ଏବଂ ଉତ୍ସାହୀ ସଂପ୍ରଦାୟ ସୁରୁଚିପୂର୍ଣ୍ଣ ସାଧାରଣ ନିୟମ ମଧ୍ୟ ପ୍ରତିଷ୍ଠା କରିଥିଲେ, ଯାହାକି ସାଇବେରୀୟ ଜୀବଜନ୍ତୁଗୁଡ଼ିକର ବ୍ୟବହାର ଓ ଜୀବନଶୈଳୀରେ ପ୍ରତିଫଳିତ ହେଉଥିଲା ।

ଯେତେବେଳେ ଆମେ ପଶୁପାଳନ ସଂପର୍କିତ ଯାଯାବର ଅର୍ଥନୀତିର ସ୍ଥାୟିତ୍ୱ ଏବଂ ଉତ୍କର୍ଷତା ସମ୍ବନ୍ଧରେ ବ୍ୟାଖ୍ୟା କରୁ, ଏହା ପ୍ରମାଣିତ ହୁଏ ଯେ, ପଶୁପାଳନଠାରୁ ଆରମ୍ଭ କରି ଏହି ଯାଯାବର ସଂପ୍ରଦାୟ ଚାଷପାଇଁ ଅନୁପଯୁକ୍ତ ଅଞ୍ଚଳକୁ ବ୍ୟବହାର କରିଥିଲେ, ଯେଉଁ ଆଞ୍ଚଳିକ ଚାଷ ତଥା ଅନ୍ୟ କୌଣସି ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ଉପଯୁକ୍ତ ନ ଥିଲା । ସେହିପରି ଅଞ୍ଚଳରେ ସେମାନେ ପ୍ରଜନନ, ଲୋମ ସଂଗ୍ରହ, ଚମଡ଼ା ଉତ୍ପାଦନ ଆଦି ଅର୍ଥନୈତିକ କାର୍ଯ୍ୟଦ୍ୱାରା ଏକ ସମୃଦ୍ଧ ଅର୍ଥନୀତିର ଗଠନ କରିପାରିଥିଲେ ।

ଏତଦ୍‌ବ୍ୟତୀତ ସେମାନେ ପ୍ରବର୍ତ୍ତନ କରିଥିବା ଅନ୍ୟ ପରିବର୍ତ୍ତନଟି ଥିଲା ମିଳିତ ଓ ଦଳବଦ୍ଧ ଭାବରେ ବିଭିନ୍ନ ପଶୁଙ୍କୁ ପାଳନ କରିବା, ଯାହାଫଳରେ ସେମାନଙ୍କ ମାଂସର ଆବଶ୍ୟକତା ପୂରଣ ହେବା ସହିତ ବିନିମୟ ମାଧ୍ୟମରେ ଅନ୍ୟାନ୍ୟ ସମସ୍ତ ଆବଶ୍ୟକତା ପୂରଣ ହୋଇପାରୁଥିଲା । ବିଭିନ୍ନ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳୁଥିବା ଧ୍ୱଂସାବଶେଷଗୁଡ଼ିକରୁ ଆମେ ପଶୁପାଳନ ସଂପର୍କିତ ଯାଯାବରମାନଙ୍କର ସଂସ୍କୃତି ସମ୍ବନ୍ଧରେ ଅନେକ ତଥ୍ୟ ଜାଣିପାରୁଛୁ । ଲୋକେ ବିଭିନ୍ନ ପ୍ରକାରର ଚାଷ କରୁଥିଲେ ମଧ୍ୟ ବିଭିନ୍ନ ଦୈବଦୁର୍ବିପାକ ଯୋଗୁଁ ଉତ୍ପାଦନ ସୀମିତ ଓ ସ୍ୱଳ୍ପ ହୋଇଯାଉଥିଲା । ପୃଥିବୀପୃଷ୍ଠରେ ଦେଖାଯାଉଥିବା ବାତ୍ୟା, ବନ୍ୟା, ଭୟଙ୍କର ବର୍ଷା ପୁଣି ମରୁଡ଼ି, ବନାଗ୍ନି, ଆଗ୍ନେୟଗିରିର ଉଦ୍‌ଗୀରଣ, ଭୟଙ୍କର ତୁଷାରପାତ, ପଶୁଙ୍କ ସଂକ୍ରାମକ ରୋଗ ଯୋଗୁଁ ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଥିଲା । ତେଣୁକରି ଲୋକମାନେ ଫଳମୂଳ ସଂଗ୍ରହ କରୁଥିଲେ । ଆବଶ୍ୟକୀୟ ଜିନିଷ ପାଇଁ ଶସ୍ୟ ଏବଂ ଯନ୍ତ୍ରପାତିଗୁଡ଼ିକର ବିନିମୟ କରୁଥିଲେ । ଏହା ସତ୍ତ୍ୱେ ମଧ୍ୟ ଅନେକ ଗବେଷକ ବିଶ୍ୱାସ କରନ୍ତି ଯେ, ପଶୁପାଳନ ସଂପର୍କିତ ଯାଯାବର ଅର୍ଥନୀତି ନିଜସ୍ୱ ଉତ୍ପାଦନରେ ସ୍ଥାୟୀବାସିନ୍ଦାଙ୍କ ତୁଳନାରେ ଉତ୍ତମ ରୂପରେ ନିଜସ୍ୱ ଭରଣପୋଷଣ କରିପାରୁଥିଲା; ହେଲେ ଅନ୍ୟ କେତେକ ଗବେଷକଙ୍କ ମତରେ ଏହି ଅର୍ଥନୀତି କ୍ଷଣସ୍ଥାୟୀ, ଦୋଦୁଲ୍ୟମାନ ଏବଂ ନିଜସ୍ୱ ଭରଣପୋଷଣ ପାଇଁ ପର୍ଯ୍ୟାପ୍ତ ନ ଥିଲା । ଅନ୍ୟାନ୍ୟ ବିଜ୍ଞ ଗବେଷକମାନଙ୍କ ମତରେ, "ବାହ୍ୟ ଜଗତର ସହାୟତା ବ୍ୟତିରେକେ ପଶୁପାଳନକାରୀ ଯାଯାବର ଅର୍ଥନୀତିର ଅସ୍ତିତ୍ୱର ପରିକଳ୍ପନା ଅସମ୍ଭବ ଅଟେ ।" ଏକ ସ୍ଥାୟୀବାସିନ୍ଦା ସଂପ୍ରଦାୟ ଯୋଗୁଁ ଯାଯାବର ସଂପ୍ରଦାୟ କାର୍ଯ୍ୟକ୍ଷମ ହୋଇପାରିବ । ସେମାନଙ୍କଠାରୁ ଅର୍ଥନୈତିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ ସହଯୋଗିତା ମିଳିଲେ ଯାଇଁ ଏକ ଯାଯାବର ସଂପ୍ରଦାୟ ପ୍ରଗତିଶୀଳ ହୋଇପାରିବ । ଅର୍ଥନୈତିକ କ୍ଷେତ୍ରରେ ସଂପୂର୍ଣ୍ଣ ସ୍ୱାବଲମ୍ବୀ ନ ଥିବାରୁ ଯାଯାବର ସଂପ୍ରଦାୟଗୁଡ଼ିକର ବିଲୟ ନିଶ୍ଚିତ ଥିଲା; ହେଲେ ତାଙ୍କ ଚାରିପଟେ ସ୍ଥାୟୀବାସିନ୍ଦା ସଂପ୍ରଦାୟଗୁଡ଼ିକ ରହିଥିବାରୁ ସେମାନେ ତିଷ୍ଠି ରହିପାରିଥିଲେ । ନିଜସ୍ୱ ଜୀବନଧାରଣ ପାଇଁ କେତେକ ଯାଯାବର ଗୋଷ୍ଠୀ ସ୍ଥାୟୀବାସିନ୍ଦାଙ୍କ ଉପରେ ସର୍ବଦା ଅତର୍କିତ ଆକ୍ରମଣ ଓ ଲୁଣ୍ଠନ କରୁଥିଲେ । ଏହି ଯାଯାବରମାନଙ୍କ ଅର୍ଥନୀତିକୁ ନେଇ ଆଜିକାଲି ଅନେକ ଯୁକ୍ତିତର୍କ ଚାଲିଛି । ଯାହା ଜଣାଯାଏ ଯେ, ସେମାନେ ଯେକୌଣସି ପ୍ରକାରେ ହେଉ ନିଜସ୍ୱ ଅର୍ଥନୀତିକୁ ସଫଳ ଭାବରେ ପରିଚାଳନା କରୁଥିଲେ ତଥା ଜୀବନଧାରଣ କରୁଥିଲେ । ପଶୁପାଳନ ସଂପର୍କିତ ଯାଯାବର ସଂପ୍ରଦାୟ ଏବଂ କୃଷିକାରକ ସଂପ୍ରଦାୟ ମଧ୍ୟରେ ପାରସ୍ପରିକ ସହଯୋଗରୁ ଜନ୍ମ ନେଇଥିଲା ପୃଥିବୀର ପ୍ରମୁଖ ସୁମେରୀୟ ସଭ୍ୟତା ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ଯାଯାବରମାନଙ୍କର ପାରମ୍ପରିକ ପର୍ବପର୍ବାଣି ଏବଂ ରୀତିନୀତି ପାଳନରେ ପାଳିତ ______ ଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ।

୨ । ଅନେକ ସମୟରେ ବିଭିନ୍ନ ସ୍ଥାନରେ ହେଉଥିବା ______ ଅନୁଯାୟୀ ଯାଯାବରମାନେ ଗନ୍ତବ୍ୟସ୍ଥଳ ନିର୍ଣ୍ଣୟ କରୁଥିଲେ ।

୩ । ପ୍ରାୟ ଖ୍ରୀ:ପୂ: ୭୦୦୦ ବେଳକୁ ମିଶର ଏବଂ ପୂର୍ବ ସାହାରା ଅଞ୍ଚଳରେ ______ କୁ ଗୃହପାଳିତ କରାଯାଇଥିଲା ।

୪ । ______ ପର୍ବତରୁ ଇଉଫ୍ରେଟିସ୍ ଏବଂ ଜର୍ମୋ ନଦୀଦ୍ୱୟ ବାହାରିଥିଲେ ।

୫ । କୃଷିକାର୍ଯ୍ୟରେ ଆରମ୍ଭ ପ୍ଲେଷ୍ଟୋସିନ୍ ଯୁଗର ଶେଷ ପର୍ଯ୍ୟାୟରେ ପ୍ରାୟ ______ ବର୍ଷ ପୂର୍ବେ ହୋଇଥିଲା ।

ଉତ୍ତରମାଳା

(୧) ପଶୁ, (୨) ବୃଷ୍ଟିପାତ, (୩) ଗଧ, (୪) କାଗ୍ରୋଜ୍, (୫) ୧୨,୦୦୦ ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । କେତେ ଖ୍ରୀଷ୍ଟାବ୍ଦ ଓ କେଉଁଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରି ଏମ୍. ଏଚ୍. କୃଷ୍ଣ ସର୍ବପ୍ରଥମେ ଭାରତର ନୂତନ ପ୍ରସ୍ତର ଯୁଗର ସଭ୍ୟତା ଆବିଷ୍କାର କରିଥିଲେ ?

୨ । ନୂତନ ପ୍ରସ୍ତର ଯୁଗର ମଣିଷ ହାଡ଼ ଓ ହାତୀଦାନ୍ତରେ କ'ଣ ନିର୍ମାଣ କରୁଥିଲା ?

୩ । ସେମାନେ କାହିଁକି ଜଙ୍ଗଲ ସଫା କରୁଥିଲେ ?

୪ । ପ୍ରାୟତଃ ଖ୍ରୀଷ୍ଟପୂର୍ବ କେତେ ସୁଦ୍ଧା କୁମ୍ଭାରଚକର ଉଦ୍ଭାବନ କରାଯାଇଥିଲା ?

୫ । ନୂତନ ପ୍ରସ୍ତର ଯୁଗ ବେଳକୁ ଜଳବାୟୁରେ କ'ଣ ଆରମ୍ଭ ହୋଇଯାଇଥିଲା ?

୬ । ଅନେକ କୋଠରିବିଶିଷ୍ଟ ବିଶାଳ ଆୟତାକାର ଘର କେଉଁଠାରୁ ଆବିଷ୍କୃତ ହୋଇଛି ?

୭ । ମାଟିପାତ୍ର ତିଆରି, ସୂତାକଟା, ଲୁଗାବୁଣା ଆଦି ପ୍ରାୟ ସମସ୍ତ ଉଦ୍ଭାବନ ଏବଂ ଆବିଷ୍କାର କାହାଦ୍ୱାରା ହୋଇଥିଲା ?

୮ । ପ୍ରାୟ କେତେବର୍ଷ ପୂର୍ବେ ପଶ୍ଚିମ ଏସିଆ ଅଞ୍ଚଳରେ ତମ୍ବାର ବ୍ୟବହାର ଆରମ୍ଭ ହୋଇଥିଲା ?

୯ । ପ୍ରକୃତିର ପ୍ରକୋପରେ ଭୟଭୀତ ହୋଇ ସୁରକ୍ଷା ଓ ମଙ୍ଗଳ ପାଇଁ ମଣିଷ ମନରେ କ'ଣ ଜାଗ୍ରତ ହୋଇଥିଲା ?

୧୦ । ପ୍ରାୟ କେତେ ଖ୍ରୀଷ୍ଟପୂର୍ବରେ ନୂତନ ପ୍ରସ୍ତର ଯୁଗର ପ୍ରଥମ ଗ୍ରାମ ସ୍ଥାପନ କରାଯାଇଥିଲା ?

୧୧ । ପ୍ଲେଷ୍ଟୋସିନ୍ ଯୁଗରେ ଉତ୍ତର ଇଉରୋପରେ ଲୋକେ କ'ଣ ଶିକାର କରି ବଞ୍ଚୁଥିଲେ ?

୧୨ । ମେସୋ-ଆମେରିକାରେ ବିଭିନ୍ନ ପ୍ରକାର ଶସ୍ୟ ସଂଗ୍ରହ ମାଧ୍ୟମରେ କେଉଁ ଫସଲର ଚାଷ ଆରମ୍ଭ ହୋଇଥିବା ଅନୁମାନ କରାଯାଏ ?

୧୩ । ଉତ୍ତର ଚୀନର ୟାଙ୍ଗ-ଶାଓ ସଂସ୍କୃତି କେଉଁ ଉପତ୍ୟକାର ମଧ୍ୟଭାଗରେ ତଥା ଫେନ୍ ଏବଂ ୱେଇ ନଦୀଦ୍ୱୟର ସଂଗମ ସ୍ଥଳରେ ଆରମ୍ଭ ହୋଇଥିଲା ?

୧୪ । ଶିକାରୀ-ସଂଗ୍ରହକାରୀ ମଣିଷ କେଉଁ ରୂପରେ ପରିବର୍ତ୍ତିତ ହେବା ମାନବ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ଥିଲା ?

୧୫ । ଯାଯାବରମାନଙ୍କର କେଉଁ ପ୍ରଥାକୁ କାର୍ଯ୍ୟକାରୀ କରିବା ସେମାନଙ୍କ ଧର୍ମବିଶ୍ୱାସର ଏକ ଅଂଶ ଥିଲା ?

ଉତ୍ତରମାଳା

(୧) ୧୮୪୨, ଲିଙ୍ଗସୁଗୁର, (୨) ଅସ୍ତ୍ରଶସ୍ତ୍ର, (୩) ଚାଷକାର୍ଯ୍ୟ ପାଇଁ, (୪) ୬୦୦୦, (୫) ଉଷ୍ଣତା, (୬) ଜର୍ମୋ, (୭) ନାରୀମାନଙ୍କ, (୮) ୧୦,୦୦୦, (୯) ଭକ୍ତି, (୧୦) ୧୨,୫୦୦, (୧୧) ବଲ୍‌ଗାହରିଣ, (୧୨) ଡାଲିଜାତୀୟ, (୧୩) ହୁଆଙ୍ଗ, (୧୪) କୃଷକ, (୧୫) ପଶୁବଳି ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । ନୂତନ ପ୍ରସ୍ତର ଯୁଗର ଆଦିମ ମଣିଷ ଜୀବନକୁ ସୁଚାରୁରୂପେ ଚଳାଇ ନେବାପାଇଁ କ'ଣ ଶିକ୍ଷା କରିଥିଲା ?
୨ । ନୂତନ ପ୍ରସ୍ତର ଯୁଗରେ ଲୋକେ କିପରି ଭାବରେ ଚାଷକାର୍ଯ୍ୟ କରୁଥିଲେ ?
୩ । ନୂତନ ପ୍ରସ୍ତର ଯୁଗରେ କିପରି ଭାବରେ ମଣିଷ ଓ ପଶୁଙ୍କ ମଧ୍ୟରେ ଏକତ୍ର ରହିବା ସୁଯୋଗ ସୃଷ୍ଟି ହୋଇଥିଲା ?
୪ । କିପରି ଭାବରେ ଚକର ଉଦ୍ଭାବନ କରାଯାଇଥିଲା ?
୫ । ନୂତନ ପ୍ରସ୍ତର ଯୁଗରେ ମାଟିପାତ୍ର ସହିତ କେଉଁସବୁ ଧାତୁଗୁଡ଼ିକର ବ୍ୟବହାର କରାଯାଉଥିଲା ?
୬ । ଆନାତୋଲିଆ ଅଞ୍ଚଳରେ କିପରି ଭାବରେ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?
୭ । ଘୋଡ଼ାକୁ ଗୃହପାଳିତ କରିବା ଦ୍ୱାରା କ'ଣସବୁ ପରିବର୍ତ୍ତନ ଆସିଥିଲା ?
୮ । ଯାଯାବରମାନଙ୍କର ଅର୍ଥନୀତି କିପରି ଭାବରେ ପଶୁପାଳନ ସହିତ ଜଡ଼ିତ ଥିଲା ?
୯ । ଯାଯାବରମାନଙ୍କର ବୈବାହିକ ସମ୍ପର୍କ କିପରି ଥିଲା ?
୧୦ । ନୂତନ ପ୍ରସ୍ତର ଯୁଗର ଲୋକେ ମୃତ ବ୍ୟକ୍ତିର କ୍ରିୟାକର୍ମ କିପରି ଭାବରେ ସମ୍ପନ୍ନ କରୁଥିଲେ ?

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧ । ନୂତନ ପ୍ରସ୍ତର ଯୁଗରେ ମାଟିପାତ୍ରର ନିର୍ମାଣ କିପରି ଭାବରେ କରାଯାଉଥିଲା ?
୨ । ସେମାନେ କିପରି ଭାବରେ ବାସଗୃହ ନିର୍ମାଣ କରୁଥିଲେ ?
୩ । ସେମାନଙ୍କର ଗୋଷ୍ଠୀଗତ ଜୀବନ ସମ୍ବନ୍ଧରେ ଚିତ୍ରଣ କର ।
୪ । ବିନିମୟ ପଦ୍ଧତି କିପରି ଥିଲା ?
୫ । ସେମାନେ କିପରି ଭାବରେ ଧାତୁର ବ୍ୟବହାର କରୁଥିଲେ ?
୬ । ପୃଥିବୀର କେତେକ ସ୍ଥାନର ଖାଦ୍ୟ ଉତ୍ପାଦନ ପ୍ରକ୍ରିୟା ସମ୍ବନ୍ଧରେ ଲେଖ ।
୭ । ଗଛଲତା ପୋଷଣ ସମ୍ବନ୍ଧରେ ଲେଖ ।
୮ । ପଶୁପାଳନ ସମ୍ପର୍କିତ ଯାଯାବର ଜୀବନ ସମ୍ବନ୍ଧରେ ଏକ ଟିପ୍ପଣୀ ଲେଖ ।
୯ । ଯାଯାବରମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ଜୀବନ ସମ୍ବନ୍ଧରେ ଲେଖ ।
୧୦ । ନୂତନ ପ୍ରସ୍ତର ଯୁଗର ଧାର୍ମିକ ବିଶ୍ୱାସ ସମ୍ବନ୍ଧରେ ଏକ ବିଶଦ ବିବରଣୀ ପ୍ରଦାନ କର ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧ । ନୂତନ ପ୍ରସ୍ତର ଯୁଗରେ ସାଂସ୍କୃତିକ ଜୀବନର ବିକାଶ ସମ୍ବନ୍ଧରେ ଆଲୋଚନା କର ।
୨ । ନୂତନ ପ୍ରସ୍ତର ଯୁଗରେ କୃଷିକାର୍ଯ୍ୟ ଓ ଖାଦ୍ୟ ଉତ୍ପାଦନର ସମୀକ୍ଷା କର ।
୩ । ନୂତନ ପ୍ରସ୍ତର ଯୁଗର ପଶୁପାଳନ ସମ୍ବନ୍ଧରେ ଏକ ବିଶଦ ବିବରଣୀ ପ୍ରଦାନ କର ।
୪ । ପଶୁପାଳନ ସମ୍ପର୍କିତ ଯାଯାବର ଜୀବନ ସମ୍ବନ୍ଧରେ ବିଶଦ ଆଲୋଚନା କର ।

●

ତୃତୀୟ ଏକକ
UNIT - III

କାଂସ୍ୟଯୁଗୀୟ ସଭ୍ୟତା
(Bronze Age Civilizations)

(କ) ମିଶର ଦେଶ (ଇଜିପ୍ଟ)ର ସଭ୍ୟତା

(ଖ) ମେସୋପୋଟାମିଆର ସଭ୍ୟତା (ସୁମେରିଆ ଏବଂ ବେବିଲୋନିଆ)

(ଗ) ଚୀନ (ଶାଙ୍ଗ)

୩

କାଂସ୍ୟଯୁଗୀୟ ସଭ୍ୟତା
(Bronze Age Civilizations)

ନୂତନ ପ୍ରସ୍ତର ଯୁଗର ସାୟାହ୍ନରେ ବିକଶିତ ହୋଇଥିବା ଧାତବ ଯୁଗକୁ କାଂସ ଯୁଗ କୁହାଯାଏ । ମାନବ ଦ୍ୱାରା ବ୍ୟବହାର କରାଯାଇଥିବା ପ୍ରଥମ ଧାତୁ ଥିଲା ତମ୍ବା । ପ୍ରସ୍ତର ଏବଂ ତମ୍ବାକୁ ଭିତ୍ତିକରି ଗଢ଼ି ଉଠିଥିବା ନୂତନ ଯୁଗକୁ ତାମ୍ରଯୁଗ ଅଥବା 'ଚାଲ୍‌କୋଲିଥିକ୍' ଯୁଗ କୁହାଯାଏ । ଏହାକୁ କାଂସଯୁଗ ମଧ୍ୟ କୁହାଯାଏ, କାରଣ ଏହି କାଳରେ କଂସା ଧାତୁ ଉଦ୍ଭାବନ କରାଯାଇଥିଲା । କଂସା ହେଉଛି ଟିଣ ଓ ତମ୍ବାର ମିଶ୍ରିତ ଧାତୁ । ସମୟକ୍ରମେ ମଣିଷ ପ୍ରସ୍ତର, ହାଡ଼, କାଠ ଆଦି ପରିବର୍ତ୍ତେ ତମ୍ବା ଓ କଂସାନିର୍ମିତ ସାଜସରଞ୍ଜାମ ବ୍ୟବହାର କରିଥିଲା । ସେ ସମସ୍ତ ଉପକରଣ ଏବଂ ଅସ୍ତ୍ରଶସ୍ତ୍ର ତମ୍ବା ଓ କଂସାରେ ନିର୍ମାଣ କରିବା ଆରମ୍ଭ କରିଦେଇଥିଲା । ଏହି କାଳରେ ପୁନଶ୍ଚ ମଣିଷ ଇଟା ତିଆରି ଏବଂ ଇଟାରେ ଗୃହ ନିର୍ମାଣ କରିବା ଶିଖିଯାଇଥିଲା । ଇଟାକୁ ସେ ନିଆଁରେ ପୋଡୁଥିଲା ଅଥବା ଖରାରେ ଶୁଖାଇ ନିର୍ମାଣଗୁଡ଼ିକରେ ବ୍ୟବହାର କରୁଥିଲା । ବିଭିନ୍ନ ନଦୀ ଉପତ୍ୟକାଞ୍ଚଳରେ ସହରୀ ସଭ୍ୟତାଗୁଡ଼ିକ ଗଢ଼ି ଉଠିଥିଲା । ଏହି ସହରଗୁଡ଼ିକ ସମୟକ୍ରମେ ବ୍ୟବସାୟ ବାଣିଜ୍ୟ ଏବଂ ପ୍ରଶାସନର କେନ୍ଦ୍ରସ୍ଥଳରେ ପରିଣତ ହୋଇଥିଲା । କାଂସ ଯୁଗର ମଣିଷମାନେ ମହାନ୍ ସଭ୍ୟତାଗୁଡ଼ିକର ନିର୍ମାଣ ମାଧ୍ୟମରେ ମାନବ ସମାଜର ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ କରିଥିଲେ । ଗଢ଼ି ଉଠିଥିବା ପ୍ରାଚୀନ ସଭ୍ୟତାଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା ଇଜିପ୍ଟ (ମିଶର)ର ନୀଳନଦୀ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା, ଯାହାକୁ *ଇଜିପ୍ଟ (ମିଶର) ଅଥବା ନୀଳନଦୀର ସଭ୍ୟତା କୁହାଯାଏ ।

କାଂସ ଯୁଗର ସଭ୍ୟତାଗୁଡ଼ିକ ସାଧାରଣତଃ ବନ୍ୟାପ୍ରବଣ ବିଶାଳ ନଦୀ ଉପତ୍ୟକାଗୁଡ଼ିକରେ ଗଢ଼ି ଉଠିଥିଲା । ସାଧାରଣ ଭାବରେ ଦେଖାଯାଏ ଯେ, ନଦୀ ଉପତ୍ୟକାରେ ଗଢ଼ି ଉଠିଥିବା ଏହି ସଭ୍ୟତାଗୁଡ଼ିକର ଅନ୍ୟ ସଭ୍ୟତାର ଉତ୍ପତ୍ତି ସହିତ ବିଶେଷ କିଛି ସଂପର୍କ ନ ଥିଲା । ସେଗୁଡ଼ିକର ଭୌଗୋଳିକ ବୈଶିଷ୍ଟ୍ୟଗୁଡ଼ିକ ସମାନ ନ ଥିଲା । ନଦୀ ଉପତ୍ୟକାଗୁଡ଼ିକରେ ଗମନାଗମନ ସହଜ ଥିଲା । ସଭ୍ୟତାଗୁଡ଼ିକର ସଂଜ୍ଞା ହେଉଛି ଏକ ଭୌଗୋଳିକ ବିସ୍ତୃତି, ବିଭିନ୍ନ ସଂପ୍ରଦାୟର ଲୋକେ ଏକତ୍ର ମିଳିତ ଭାବରେ ରହିବା, ଜ୍ଞାନୀ ଶାସକବର୍ଗ ବିଭିନ୍ନ ଯୋଜନା ଭିତ୍ତିରେ କଳକାରଖାନା ନିର୍ମାଣ କରିବା, ସମସ୍ତଙ୍କ ଧର୍ମ ଓ ଧାର୍ମିକ ଭାବନାକୁ ସମ୍ମାନ ଦେଇ ପରମ୍ପରା ପାଳନ ପାଇଁ ସାର୍ବଜନୀନ କେନ୍ଦ୍ର ନିର୍ମାଣ କରିବା, ଉତ୍ପାଦିତ ସାମଗ୍ରୀର ସୁକ୍ଷ୍ମ ବଣ୍ଟନ ଏବଂ ବିକ୍ରିର ବ୍ୟବସ୍ଥା, ଅନ୍ୟାନ୍ୟ ଅଞ୍ଚଳ ସହିତ ଲୋକଙ୍କ ବ୍ୟବସାୟ ବାଣିଜ୍ୟ ପାଇଁ ସୁବିଧା ଓ ସୁଯୋଗ ସୃଷ୍ଟି କରିବା, ପ୍ରଜାଙ୍କର ସୁଖଦୁଃଖରେ ସାଥୀ ହେବା ଇତ୍ୟାଦି । ଶ୍ରମବିଭାଜନ ଓ ନିର୍ଦ୍ଧାରଣରେ ସହରୀ ଜୀବନ ଓ ସଭ୍ୟତା ପରିପୁଷ୍ଟ ହୋଇଥାଏ । ସହରଗୁଡ଼ିକରେ ପୁନଶ୍ଚ ନୀତିନିୟମର

---

*ବି.ଦ୍ର. ଇଂରାଜୀରେ ଇଜିପ୍ଟ କୁହାଯାଉଥିବା ଦେଶକୁ ଆମ ଭାଷାରେ ମିଶର ଦେଶ କୁହାଯାଏ ।

ଯଥାର୍ଥ କାର୍ଯ୍ୟକାରିତା ପାଇଁ ଅନୁଷ୍ଠାନ ଗଢ଼ି ଉଠିବା ମଧ୍ୟ ଆବଶ୍ୟକ ହୋଇଥାଏ । ଏହି ଅନୁଷ୍ଠାନଗୁଡ଼ିକ ସହରୀ ଜୀବନର ଗଣନା ଓ ହିସାବ ରଖିବା ସହିତ ନଥିପତ୍ର ଓ ଲିଖିତ ଦଲିଲଗୁଡ଼ିକର ତତ୍ତ୍ୱାବଧାନ, ମାଲପତ୍ରର ଆମଦାନୀ ଓ ରପ୍ତାନୀ ସୁଚାରୁରୂପେ ପରିଚାଳନା କରିବା ଆଦି କୌଣସି ଏକ ସଭ୍ୟତାର ଉନ୍ନତି ଓ ପ୍ରଗତିରେ ସହାୟକ ହୋଇଥାଏ ।

ତାମ୍ରଯୁଗୀୟ ସଭ୍ୟତାର ସହରଗୁଡ଼ିକରେ ଏହିପରି ଅନେକ ଅନୁଷ୍ଠାନ ଗଢ଼ିଉଠି ଉପରୋକ୍ତ କାର୍ଯ୍ୟାବଳୀକୁ ସୁଚାରୁରୂପେ ପରିଚାଳନା କରୁଥିଲେ । ରାଜ୍ୟର କାର୍ଯ୍ୟକାରିତା ପଦ୍ଧତିକୁ ସାହାଯ୍ୟ ଓ ସୁଯୋଗ ପ୍ରଦାନ କରୁଥିବା ନୂତନ ଅନୁଷ୍ଠାନଗୁଡ଼ିକ ଥିଲା ବିଧିବିଧାନ (ଆଇନ), ମାପ ଓ ଓଜନର ସମାନତା ଏବଂ ସମୟ ସାରଣୀ (କ୍ୟାଲେଣ୍ଡର) ପଦ୍ଧତିରେ ସମାନତା ପ୍ରଭୃତି । ମାଟିନିର୍ମିତ କୁଡ଼ିଆ ସହିତ ସମ୍ଭ୍ରାନ୍ତମାନଙ୍କର ଘର, ରୀତିନୀତି ପାଳନ କେନ୍ଦ୍ର ଆଦି ପଥର କିମ୍ବା ଇଟାରେ ନିର୍ମାଣ କରାଯାଇଥିଲା ଏବଂ ଏଗୁଡ଼ିକ ମଧ୍ୟରେ ମାଟିନିର୍ମିତ ମୂର୍ତ୍ତି ଓ ଉନ୍ନତ କାରିଗରି କୌଶଳରେ ନିର୍ମିତ ତମ୍ବା ଓ କଂସାର ମୂର୍ତ୍ତିଗୁଡ଼ିକ ରହିଥିଲା । ସର୍ବୋପରେ ରହିଥିଲା ମଣିଷର ସର୍ବୋତ୍କୃଷ୍ଟ ଉଦ୍ଭାବନ ଅକ୍ଷର (ଲିପି) ।

ବିଭିନ୍ନ ଅଞ୍ଚଳରେ ରହୁଥିବା ଭିନ୍ନ ଭିନ୍ନ ସଂପ୍ରଦାୟର ସମାଜ ବ୍ୟବସ୍ଥା ଅଥବା ସାମାଜିକ ପଦ୍ଧତି ପ୍ରାୟତଃ ସମାନ ଥିଲା । ଭିନ୍ନ ଭିନ୍ନ ସଭ୍ୟତା ସମ୍ବନ୍ଧରେ ଅଧ୍ୟୟନ ବେଳେ ସେଗୁଡ଼ିକର ସାମାଜିକ ବ୍ୟବସ୍ଥାରେ ପୃଥକୀକରଣରେ ଆମକୁ ବହୁ କଷ୍ଟ କରିବାକୁ ପଡ଼ିଥାଏ । ସମାଜ ଗଠନ ପଦ୍ଧତିର ବିଭିନ୍ନ ଅଙ୍ଗ ମଧ୍ୟରେ ଯୋଗସୂତ୍ର ରହିଥିଲା । ତେଣୁ ପ୍ରତ୍ୟେକ ସଭ୍ୟତାକୁ ଏକତା ସୂତ୍ରରେ ଆବଦ୍ଧ କରିବା ପାଇଁ କାଂସ ସଭ୍ୟତା ବିକାଶଲାଭ କରିଥିଲା ।

୧୮୭୧ ଖ୍ରୀ.ଅ.ରେ ଶ୍ରୀଯୁକ୍ତ ଇ.ବି. ଟେଲର୍ କହିଥିଲେ ଯେ, "ସାରା ବିଶ୍ୱରେ ମାନବୀୟ ଅନୁଷ୍ଠାନଗୁଡ଼ିକ ଏକ ନିର୍ଦ୍ଧାରିତ ସମାନ ପଦ୍ଧତିରେ ଗୋଟିକ ପରେ ଗୋଟିଏ ବିକାଶଲାଭ କରିଥିଲେ ।"

ଉଦାହରଣସ୍ୱରୂପ, ମିଶରରେ କେବଳ ସ୍ଥାନାନ୍ତରଣ ଅଥବା ଆକ୍ରମଣଜନିତ ସାଂସ୍କୃତିକ ପରିବର୍ତ୍ତନ ମାତ୍ର ଘଟିଥିଲା । ସଂପର୍କ ରହିଥିବା ବିଭିନ୍ନ ଅଞ୍ଚଳର ସମାନ୍ତରାଳଭାବେ ପ୍ରଗତିର କାରଣ ଥିଲା ସେମାନଙ୍କ ମଧ୍ୟରେ ରହିଥିବା ଯୋଗାଯୋଗ । କେତେକ ଗବେଷକଙ୍କ ମତରେ ଆଦିମତା କେବେହେଲେ ନୂତନ ଜିନିଷର ଉଦ୍ଭାବନ କରିପାରିବ ନାହିଁ ଏବଂ ମିଶରର ଲୋକଙ୍କ ପରି ଅଳ୍ପ କେତେକ ସମ୍ପ୍ରଦାୟ ମାତ୍ର ନୂତନ ଜିନିଷ ଉଦ୍ଭାବନ ଓ ନିର୍ମାଣ କରି ପାରୁଥିଲେ, ଯାହାକୁ ଅନ୍ୟମାନେ କିଣି ନେଉଥିଲେ ତଥା ଏହି ନୂତନ ଦୃଷ୍ଟିକୋଣର ଅନୁକରଣ କରୁଥିଲେ । ପୃଥିବୀର ଅଧିକାଂଶ ଅଞ୍ଚଳ ପ୍ରସ୍ତର, କାଂସ ଏବଂ ଲୌହ ଯୁଗ ମଧ୍ୟଦେଇ ଗତି କରିଥିଲେ । ଏହି କ୍ରମରେ ମିଶର, ମେସୋପୋଟାମିଆ, ଭାରତ ଆଦି ଦେଶରେ ସହରୀ ସଭ୍ୟତାର ଆନ୍ଦୋଳନ ସଂଘଟିତ ହୋଇଥିଲା । ଏହି ଦେଶଗୁଡ଼ିକରେ ସମାନ ପ୍ରକାରର ଧାତବ ଜିନିଷ ଏବଂ ଗମନାଗମନ ବ୍ୟବସ୍ଥାର ଆବିଷ୍କାର ଏବଂ ଉନ୍ନତିକରଣ ହୋଇପାରିଥିଲା । ସହରୀ ଜୀବନ ଏବଂ ଲିଖନ ପ୍ରଣାଳୀ କିମ୍ବା ଲିପି ବିକାଶଲାଭ କରିବା କେବେହେଲେ ଆକସ୍ମିକ ନ ଥିଲା, ବରଂ ଥିଲା କ୍ରମାନ୍ୱୟରେ ଅଗ୍ରଗତିର ଫଳ । ବିବର୍ତ୍ତନ ଏବଂ ବିକ୍ଷେପଣ ଗୋଟିଏ ଅନ୍ୟଟିର ଅନୁପୂରକ ଅଟନ୍ତି । ସଂଯୋଗଦ୍ୱାରା ଗୋଟିକଠାରୁ ଆଉ ଗୋଟିକର ସୃଷ୍ଟି କରିବା କ୍ଷମତାପରି ଉଦ୍ଭବ ପରେ ମାନବ ସଂସ୍କୃତିର ମଧ୍ୟ ସେହିପରି କ୍ଷମତା ରହିଥିଲା, ଯାହାର ଫଳସ୍ୱରୂପ ସେ ତମ୍ବାକୁ ତରଳାଇବା ଶିଖିଯାଇଥିଲା । ଥରଟିଏ ମାତ୍ର ଚକଲଗା ଶଗଡ଼ଗାଡ଼ି ଏବଂ ଅକ୍ଷର (ଲିପି)ର ଉଦ୍ଭାବନ କରିଥିଲା; ହେଲେ ଅନେକ ଲୋକ ତାହା ଶିକ୍ଷାକରି ଯୁଗ ଯୁଗ ଧରି ବ୍ୟବହାର କରିଆସୁଛନ୍ତି । ଏହିପରି ଭାବରେ ମିଶର ଏବଂ ମେସୋପୋଟାମିଆରେ ଉଦ୍ଭବ ହୋଇଥିବା ସଭ୍ୟତା ଭୂମଧ୍ୟସାଗରୀୟ ଅଞ୍ଚଳ, ଇଉରୋପ ଆଦି ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଯାଇଥିଲା ।

ପ୍ରାଚୀନ ସଭ୍ୟତା

(କ) ମିଶର ଦେଶ (ଇଜିପ୍ଟ)ର ସଭ୍ୟତା ଅଥବା ନୀଳନଦୀ ଉପତ୍ୟକାର ସଭ୍ୟତା

ମିଶର (ଇଜିପ୍ଟ) ଦେଶର ଭୌଗୋଳିକ ଏବଂ ସ୍ଥଳାକୃତିକ ଅବସ୍ଥିତି, ବିଶ୍ୱର ଅନ୍ୟତମ ପ୍ରାଚୀନ ନୀଳନଦୀ ଉପତ୍ୟକା ସଭ୍ୟତାର ବିକାଶ ପାଇଁ ଦାନକାରୀ ଥିଲା । ପ୍ରାଚୀନ ସଭ୍ୟତା ବିକାଶଲାଭ କରିଥିବା ତଦାନୀନ୍ତନ ଅଞ୍ଚଳର ପରିସୀମା ଅଧୁନା ମିଶର ଦେଶର ଆୟତନଠାରୁ ବହୁଗୁଣରେ ଅଧିକ ଥିଲା ।

ମିଶର ଆଫ୍ରିକା ମହାଦେଶର ଉତ୍ତର-ପୂର୍ବରେ ଅବସ୍ଥିତ । ଏହାର ପୂର୍ବରେ ଲୋହିତସାଗର ଏବଂ ଏସିଆ ମହାଦେଶର ସିନାଇ ମରୁଭୂମି ଅବସ୍ଥିତ । ଏହାର ପଶ୍ଚିମରେ ଲିବିୟାର ସାହାରା ମରୁଭୂମି, ଉତ୍ତରରେ ଭୂମଧ୍ୟସାଗର ଏବଂ ଦକ୍ଷିଣରେ 'ମାଉଣ୍ଟ ଅଫ୍ ମୁନ୍' (ଚନ୍ଦ୍ରଙ୍କ ପର୍ବତ) ଅବସ୍ଥିତ । 'ମାଉଣ୍ଟ ଅଫ୍ ମୁନ୍' ବିଷୁବ ରେଖାରେ ଅବସ୍ଥିତ ଏବଂ ଏହି ପର୍ବତରୁ ନୀଳନଦୀର ଉତ୍ପତ୍ତି ହୋଇଛି । ନୀଳନଦୀ ମିଶରର ଉପତ୍ୟକାଞ୍ଚଳରେ ଉତ୍ତରକୁ ପ୍ରବାହିତ ହୋଇ ଭୂମଧ୍ୟସାଗରରେ ମିଶିଛି । ନୀଳନଦୀର ଉର୍ବର ଉପତ୍ୟକାରେ ମିଶର ଦେଶ ଗଢ଼ି ଉଠିଛି । ତେଣୁକରି ମିଶରକୁ 'ନୀଳନଦୀର ଦାନ' କିମ୍ବା ମିଶରକୁ 'ନୀଳନଦୀର ନନ୍ଦିନୀ' ବୋଲି କୁହାଯାଏ । ନୀଳନଦୀ ଉତ୍ପନ୍ନ ହୋଇଥିବା ପର୍ବତର ନାମ ଗ୍ରୀକ୍ ଐତିହାସିକ ଟଲେମି 'ମାଉଣ୍ଟ ଅଫ୍ ମୁନ୍' ଦେଇଥିଲେ । କାରଣ ଏହି ପର୍ବତଟି ସର୍ବଦା ଶ୍ୱେତ ଘନ କୁହୁଡ଼ିରେ ଆଚ୍ଛାଦିତ ହୋଇ ଚନ୍ଦ୍ରକିରଣ ପରି ଶ୍ୱେତ ଦେଖାଯାଉଥାଏ । ଶ୍ରୀଯୁକ୍ତ ଷ୍ଟେନ୍‌ଲେ ନୀଳନଦୀର ଉତ୍ପତ୍ତି ସ୍ଥଳ ଆବିଷ୍କାର କରି ପର୍ବତର ନାମ ରାବେନ୍‌ୟୋରି ଦେଇଥିଲେ । ରାବେନୟୋରିର ଅର୍ଥ ହେଉଛି ବୃଷ୍ଟିର ରାଜା ଇନ୍ଦ୍ରଙ୍କର ପର୍ବତ । ଏହି ପର୍ବତଟି ଅଧୁନା ଇଥିଓପିଆ (ପ୍ରାଚୀନ- ନୁବିୟା) ଦେଶରେ ଅବସ୍ଥିତ ଅଟେ । ଏହି ପାର୍ବତ୍ୟାଞ୍ଚଳରେ ସର୍ବାଧିକ ବୃଷ୍ଟିପାତ ହୁଏ । ବର୍ଷାଜଳ ପୁନଶ୍ଚ ଗ୍ରୀଷ୍ମରେ ତରଳୁଥିବା ବରଫ ବୋହି ଆସି ତିନିଗୋଟି ହ୍ରଦ ଯଥା- ଭିକ୍ଟୋରିଆ, ଆଲବର୍ଟ ଏବଂ ଏଡ୍‌ୱାର୍ଡରେ ଜମାହୁଏ, ତା'ପରେ ନୀଳନଦୀ ଧାରରେ ତଳକୁ ବୋହିଆସେ । ଏହା ହେଉଛି ପୃଥିବୀର ଦୀର୍ଘତମ ନଦୀ । ଏହାର ଦୈର୍ଘ୍ୟ ୬୪୦୦ କି.ମି. ଅଟେ ।

ଉପତ୍ୟକାଞ୍ଚଳରେ ପ୍ରବାହିତ ହେଉଥିବା ଏହାର ଦୈର୍ଘ୍ୟ ହେଉଛି ୩୯୨୦ କି.ମି. । ପ୍ରାଚୀନ କାଳରେ କେନାଲ କିମ୍ବା ନଦୀବନ୍ଧ ନଥିବାରୁ ବନ୍ୟା ସମୟରେ ନୀଳନଦୀ ପଟୁମାଟି ସବୁକୁ ଆଣି ମିଶରରେ ଜମା କରୁଥିଲା । ଫଳସ୍ୱରୂପ ମିଶରର ଏକ ବିସ୍ତୀର୍ଣ୍ଣ ପଟୁମାଟିଯୁକ୍ତ ଉର୍ବର ଉପତ୍ୟକାର ସୃଷ୍ଟି ହୋଇଥିଲା, ଯାହାକି ମନୁଷ୍ୟର ବସତି ସ୍ଥାପନ ପାଇଁ ସବୁପ୍ରକାରେ ଅନୁକୂଳ ଥିଲା । ମିଶରର ଏହି ଉର୍ବର ଉପତ୍ୟକାର ଦକ୍ଷିଣରୁ ପୂର୍ବକୁ ୮୦୦ କି.ମି. ଦୈର୍ଘ୍ୟ ଏବଂ ପୂର୍ବରୁ ପଶ୍ଚିମକୁ ୪୮ କି.ମି. ପ୍ରସ୍ଥ ଅଟେ ।

ଏହି ପ୍ରକାରେ ମିଶରର ଭୌଗୋଳିକ ଏବଂ ସ୍ଥଳାକୃତିକ ଅଞ୍ଚଳ ଏକ ଉନ୍ନତ ସଭ୍ୟତା ବିକାଶଲାଭ କରିବା ପାଇଁ ପ୍ରତ୍ୟେକ କ୍ଷେତ୍ରରୁ ଉପଯୁକ୍ତ ଥିଲା । ପଶ୍ଚିମ ଦିଗସ୍ଥିତ ମରୁଭୂମି ଏବଂ ପୂର୍ବଦିଗସ୍ଥ ସୁଉଚ୍ଚ ପର୍ବତମାଳା ମିଶରବାସୀଙ୍କୁ ବାହ୍ୟ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରୁଥିଲା ତଥା ପରିବେଶ ଉଷ୍ମ ଓ ଶୁଷ୍କ ରଖୁଥିଲା । ଆହୁରି ମଧ୍ୟ ଏହିପରି ଏକ ପରିବେଶ ଯୋଗୁଁ ମିଶରର ଅଧିବାସୀମାନେ ଜଙ୍ଗଲର ଅଭାବ ଏବଂ ସ୍ୱଳ୍ପବୃଷ୍ଟିଜନିତ ଅସୁବିଧା ଭୋଗକରୁ ନ ଥିଲେ । ଉର୍ବର ଉପତ୍ୟକା ଏବଂ ଅନୁକୂଳ ପରିବେଶ ମିଶରବାସୀଙ୍କୁ ନିଜସ୍ୱ ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିବା ପାଇଁ ସହାୟକ ହୋଇଥିଲା । ଉପତ୍ୟକାର କୋମଳ ମୃତ୍ତିକା ମାଟିପାତ୍ର ଏବଂ ଇଟା ନିର୍ମାଣ ପାଇଁ ଅତୀବ ଉପଯୁକ୍ତ ଥିଲା ତଥା କାରଖାନାଗୁଡ଼ିକର ସହାୟକ ଥିଲା । ଦେଶରେ ବହୁଳଭାବରେ ଉପଲବ୍ଧ ମୁଗୁନି ପଥର ଏବଂ ଚୂନପଥର ସାହାଯ୍ୟରେ ଲୋକମାନେ ବିଶାଳ ଓ ସୁଉଚ୍ଚ ପିରାମିଡ଼୍, ସ୍ଫିଙ୍କସ୍, ମନ୍ଦିର ଏବଂ ସ୍ତମ୍ଭ ଆଦି ପ୍ରସ୍ତରରେ ନିର୍ମାଣ କରି ଶିଳାଲିପି ଏବଂ ସ୍ତମ୍ଭଲିପି ଖୋଦନ କରିଥିଲେ । ଉପଯୁକ୍ତ ପରିବେଶ ଯୋଗୁଁ ମିଶର, 'ସଭ୍ୟତାର ଚରାଭୂଇଁ'ରେ ପରିଣତ ହୋଇପାରିଥିଲା ।

କାଂସ୍ୟଯୁଗୀୟ ସଭ୍ୟତା

ବିଭିନ୍ନ ସ୍ଥାନରୁ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ମିଳିଥିବା ଧ୍ୱଂସାବଶେଷରୁ ଜଣାଯାଏ ଯେ, ମିଶରର ସଭ୍ୟତା ଖ୍ରୀ.ପୂ. ୫୦୦୦ ବର୍ଷ ତଳେ ବିକାଶଲାଭ କରିଥିଲା । ବିଭିନ୍ନ ବସ୍ତି ଅଞ୍ଚଳରୁ ମିଳିଥିବା ମାଟିପାତ୍ର, କବର, ମାସ୍ତୁଲ ସହିତ ଜାହାଜ ଏବଂ ମୂର୍ତ୍ତି ଆଦିରୁ ଜଣାଯାଏ ଯେ, ପ୍ରସ୍ତର ଯୁଗର ଯାଯାବର ଲୋକେ ଚାଲିଆସି ମିଶରର ନୀଳନଦୀ ଉପତ୍ୟକାରେ ସ୍ଥାୟୀଭାବରେ ପ୍ରାୟ ଖ୍ରୀ.ପୂ. ୫୦୦୦ ବେଳକୁ ବସତି ସ୍ଥାପନ କରିଥିଲେ । ସେମାନେ ଆଫ୍ରିକା ଅଞ୍ଚଳରୁ ସାହାରା ମରୁଭୂମି ମଧ୍ୟଦେଇ ମିଶରକୁ ଆସିଥିଲେ । କେତେକ ଐତିହାସିକ ମତ ଦିଅନ୍ତି ଯେ, ସେମାନେ କାକାସୀୟ ସଂପ୍ରଦାୟର ଲୋକ ଥିଲେ ଏବଂ ସୁମେରିଆରୁ ଆସିଥିଲେ । ୱିଲ୍‌କିନ୍‌ସନ୍‌ଙ୍କ ମତରେ, ସିନ୍ଧୁନଦୀ ସଭ୍ୟତାର ଲୋକେ ସୁମେରିଆ ଦେଇ ମିଶରକୁ ଆସିଥିଲେ । ପ୍ରତ୍ନତାତ୍ତ୍ୱିକ ମିଚିନ୍‌ଙ୍କ ମତରେ, ମିଶରୀୟ ସଭ୍ୟତାର ଲୋକେ ଆର୍ଯ୍ୟମାନଙ୍କର ବଂଶଧର ଥିଲେ ଏବଂ ଦାକ୍ଷିଣାତ୍ୟରୁ ଆସିଥିଲେ । ଅନ୍ୟ କେତେକ ଐତିହାସିକଙ୍କ ମତରେ, ସେମାନେ ନୁବିୟା, ଲିବ୍ୟା ଏବଂ ଇଥିଓପିଆ ଆଦି ଅଞ୍ଚଳର ମିଶ୍ରିତ ବଂଶଜ ଥିଲେ । ଏହି ସଂସ୍କୃତିକୁ ଦୁଇଗୋଟି କାଳରେ ବିଭକ୍ତ କରାଯାଏ; ଯଥା- ଆମ୍ରି ସଂସ୍କୃତି ଏବଂ ଗାର୍ଜି ସଂସ୍କୃତି ।

ଆମ୍ରି ସଂସ୍କୃତି

ବଡ୍ରିଠାରୁ ନୁବିୟା ମଧ୍ୟରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଆମ୍ରି ସଂସ୍କୃତି ଆବିଷ୍କୃତ ହୋଇଛି । ଏହି ସଭ୍ୟତାର ଲୋକମାନେ ଗ୍ରାମରେ ବାସ କରୁଥିଲେ । ସେମାନେ ପଶୁ ଉପାସକ ଥିଲେ ଏବଂ ତାମ୍ର ଧାତୁ ବ୍ୟବହାର କରୁଥିଲେ । ନୀଳନଦୀରେ ଯାତାୟାତ ପାଇଁ ପାପିରସ୍ ଗଛର ଡଙ୍ଗା ତିଆରି କରୁଥିଲେ । ମଣିଷ ମରିଯିବା ପରେ ସେମାନେ କବର ଦେଉଥିଲେ ତଥା ମୃତ ମଣିଷର କବରରେ ଖାଦ୍ୟପଦାର୍ଥ, ଅସ୍ତ୍ରଶସ୍ତ୍ର, ପାଣି ମାଠିଆ, ଅଳଙ୍କାର, ଲୁଗାପଟା ଆଦି ଆବଶ୍ୟକୀୟ ଜିନିଷ ରଖୁଥିଲେ । କେତେକ କବରରୁ ଶବ ନିକଟରେ ମୁଣ୍ଡରେ ମାଠିଆ ବୋହିଥିବା ସ୍ତ୍ରୀଲୋକର ମୂର୍ତ୍ତି ଆବିଷ୍କାର କରାଯାଇଛି । ସମ୍ଭବତଃ ଏହି ସ୍ତ୍ରୀଲୋକଟି ମୃତ ମଣିଷର ଦାସୀ ଥିଲା । କବର ମଧ୍ୟସ୍ଥ ଉକ୍ତ ଜିନିଷଗୁଡ଼ିକରୁ ଜଣାଯାଏ ଯେ, ସେମାନେ ମୃତ୍ୟୁ ପରର ଜୀବନରେ ବିଶ୍ୱାସ କରୁଥିଲେ । ତେଣୁକରି ମୃତ ମଣିଷ ପୁନର୍ବାର ଜୀବିତ ହେବା ପରେ ବ୍ୟବହାର କରିବା ପାଇଁ ସବୁ ଜିନିଷ କବର ମଧ୍ୟରେ ରଖୁଥିଲେ ।

ଗାର୍ଜି ସଂସ୍କୃତି

ଆମ୍ରି ସଂସ୍କୃତି ପରେ ଗାର୍ଜି ସଂସ୍କୃତି ବିକାଶଲାଭ କରିଥିଲା । ଏହି ସଂସ୍କୃତି ପ୍ରଥମେ ତଳ ମିଶରରେ ବିକାଶଲାଭ କରି ପରେ ଉପର ମିଶରକୁ ପ୍ରସାରିତ ହୋଇଥିଲା । ଆବିଷ୍କାର କରାଯାଇଥିବା ଧ୍ୱଂସାବଶେଷଗୁଡ଼ିକରୁ ଜଣାଯାଏ ଯେ, ଗାଆଁଗୁଡ଼ିକ ସହରରେ ପରିବର୍ତ୍ତିତ ହୋଇଥିଲା । ମାଟିପାତ୍ରଗୁଡ଼ିକରେ ଖୋଦିତ ଜାହାଜର ମାସ୍ତୁଲ, ପଶୁ ଏବଂ ବୃକ୍ଷରୁ ଅନୁମାନ ହୁଏ ଯେ, ଲୋକେ ସେଗୁଡ଼ିକୁ ପୂଜା କରୁଥିଲେ । କବରଗୁଡ଼ିକ ଗଡ଼ର ପରିଖା ସଦୃଶ ଖୋଦା ହେଉଥିଲା ଏବଂ ତା' ଭିତରେ ମୃତବ୍ୟକ୍ତିର ନିତ୍ୟ ବ୍ୟବହାର୍ଯ୍ୟ ସମସ୍ତ ଜିନିଷକୁ ପୋତି ଦିଆଯାଉଥିଲା । କବରଗୁଡ଼ିକ ସାଧାରଣତଃ ଇଟାରେ ନିର୍ମାଣ କରାଯାଉଥିଲା ଏବଂ କାନ୍ଥଗୁଡ଼ିକରେ ବିଭିନ୍ନ ପ୍ରକାରର ନକ୍‌ସା ଖୋଦନ କରାଯାଉଥିଲା । ଏହା ସୂଚିତ କରେ ଯେ, ଏହି କାଳରେ ରାଜାଙ୍କର ପ୍ରଭୁତ୍ୱ ଓ ପ୍ରତିପତ୍ତିକୁ ଲୋକେ ସ୍ୱୀକାର କରୁଥିଲେ । ତଳ ଓ ଉପର ମିଶର ରୂପରେ ଦୁଇଗୋଟି ଶକ୍ତିଶାଳୀ ରାଜ୍ୟ ବିଦ୍ୟମାନ ଥିଲା । ଉପର ମିଶରର ରାଜଧାନୀ ଥିଲା ଓମ୍ବୋସ୍, ଯାହାକି ନୀଳନଦୀର ବାମପାର୍ଶ୍ୱସ୍ଥିତ ଆଧୁନିକ ନକ୍ ବା ନଗର ନିକଟରେ ଅବସ୍ଥିତ ଥିଲା । ତଳ ମିଶରର ରାଜଧାନୀ ଥିଲା ବେହ୍‌ଦିତ୍, ଯାହାକି ଆଧୁନିକ ନଗରଦ୍ୱୟ ଦାମାନ୍‌ହୁର୍ ଏବଂ ଆଲେକ୍‌ଜାଣ୍ଡ୍ରିଆ ନିକଟରେ ଅବସ୍ଥିତ ଥିଲା ।

ପ୍ରତ୍ନତାତ୍ତ୍ୱିକ ଖନନରୁ ଆବିଷ୍କୃତ ଅବଶେଷାଂଶରୁ ଜଣାଯାଏ ଯେ, ଉପର ମିଶରର ରାଜା ଲମ୍ବା ଏବଂ ଗୋଜିଆ ହୋଇଥିବା ଟୋପି ପିନ୍ଧୁଥିଲେ । ତଳ ମିଶରର ରାଜା ଏକ ନାଲି ମୁକୁଟ ପିନ୍ଧୁଥିଲେ । ଉପର ଏବଂ ତଳ ମିଶରର ଜାତୀୟ ଚିହ୍ନ ଯଥାକ୍ରମେ ପଦ୍ମଫୁଲ ଏବଂ ପାପିରସ୍ ଥିଲା । ଧ୍ୱଂସପ୍ରାପ୍ତ କର୍ଣ୍ଣାକ୍ ମନ୍ଦିରସ୍ଥିତ ପଦ୍ମ ଆକାର ଏବଂ ପାପିରସ୍ ଆକାରବିଶିଷ୍ଟ ସ୍ତମ୍ଭଦ୍ୱୟ ଉପରୋକ୍ତ ଉକ୍ତିକୁ ପୁଷ୍ଟ କରେ ।

ପୁରାତନ ମିଶରୀୟ ସଭ୍ୟତାର ଚାରିତ୍ରିକ ବୈଶିଷ୍ଟ୍ୟ(ଖ୍ରୀ.ପୂ. ୫୦୦୦ ରୁ ଖ୍ରୀ.ପୂ.୨୯୦୦ ପର୍ଯ୍ୟନ୍ତ)

ଖ୍ରୀ.ପୂ. ୫୦୦୦ ରୁ ଖ୍ରୀ.ପୂ. ୨୯୦୦ ମଧ୍ୟରେ ଗଢ଼ି ଉଠିଥିବା ପୁରାତନ ମିଶର ସଭ୍ୟତାର ଚାରିତ୍ରିକ ବୈଶିଷ୍ଟ୍ୟର ତଥ୍ୟ ପ୍ରମାଣ ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରାପ୍ତ ହୋଇଥାଏ । ମିଶରକୁ ନୀଳନଦୀ ଦୁଇଗୋଟି ଅଞ୍ଚଳରେ ବିଭକ୍ତ କରିଛି ।

ଉପର ମିଶର ରାଜ୍ୟ

ଉପର ମିଶର ଏଲିଫାଣ୍ଟାଇନ୍ ଏବଂ ମେମ୍‌ଫିସ୍ (ଆଧୁନିକ କାଏରୋ ନଗରୀ) ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଏହି ଅଞ୍ଚଳରେ ନୀଳନଦୀର ଉପତ୍ୟକା ଅତୀବ ସରୁ ଅଟେ । ଏହାର ପ୍ରସ୍ଥ ୧୯ କି.ମି. ଏବଂ ଦୈର୍ଘ୍ୟ ୮୦୦ କି.ମି. ଅଟେ । ଏହି ଅଞ୍ଚଳ ପାହାଡ଼ ପର୍ବତ ଏବଂ ବାଲିସ୍ତୂପରେ ପରିପୂର୍ଣ୍ଣ ହୋଇଥିବା ଯୋଗୁ ଚାଷପାଇଁ ଅନୁପଯୁକ୍ତ ଅଟେ ।

ତଳ ମିଶର ରାଜ୍ୟ

ତଳ ମିଶର ରାଜ୍ୟ କାଏରୋ ନଗରୀଠାରୁ ନୀଳନଦୀ ମୁହାଣସ୍ଥିତ ତ୍ରିକୋଣ ଭୂମି ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ । ଏହାର ଦୈର୍ଘ୍ୟ ୧୬୦ ମାଇଲ ଅଟେ । ଏହି ଅଞ୍ଚଳ ଅତୀବ ଉର୍ବର ଅଟେ, କାରଣ ସମୁଦ୍ର ମିଳନ ପୂର୍ବରୁ ନୀଳନଦୀର ସ୍ରୋତ ଏଠାରେ ଅତ୍ୟନ୍ତ ମନ୍ଥର ଅଟେ । ତେଣୁ ନଦୀ ଆନୀତ ପଟୁମାଟି ଏହି ଅଞ୍ଚଳରେ ଜମା ହୋଇ ଉର୍ବର ଉପତ୍ୟକା ସୃଷ୍ଟି ହୋଇଛି । ଏହିଠାରୁ ନଦୀଟି ଉପତ୍ୟକାଞ୍ଚଳରେ ଅନେକ ଶାଖାରେ ବିଭାଜିତ ହୋଇ ନିମ୍ନାଞ୍ଚଳର ତ୍ରିକୋଣଭୂମି ଗଠନ କରିଛି, ଯାହାକି ମିଶରୀୟ ସଭ୍ୟତାର 'ଦୋଳି' ବୋଲି କୁହାଯାଏ ।

ଉଭୟ ରାଜ୍ୟର ରାଜା ପ୍ରଶାସକ ପରିବର୍ତ୍ତେ ଧାର୍ମିକ ଗୁରୁ ଏବଂ ବିଚାରକ ଥିଲେ । ଲୋକେ ତାଙ୍କୁ ଉପହାର ଓ ଉପଢୌକନ ଆଦି ପ୍ରଦାନ କରୁଥିଲେ । କୃଷିର ବିକାଶ ଓ ଉନ୍ନତି ହୋଇଥିଲା । ଗଭୀର ନୀଳନଦୀର ଜଳ-ଉତ୍ତୋଳନପୂର୍ବକ କେନାଲ ଯୋଗେ ଲୋକେ ଚାଷ ଜମିରେ ମଡ଼ାଉଥିଲେ । ସେହି ସମୟରେ ମଧ୍ୟ କେନାଲ ଯୋଗେ ଜଳସେଚନ ପଦ୍ଧତି ପ୍ରଚଳିତ ଥିଲା । ଶିଳା ଏବଂ ସ୍ତମ୍ଭ ଦେହରେ ଖୋଦିତ ଲିପିରୁ ଜଣାଯାଏ ଯେ, ଲୋକେ ଏକପ୍ରକାର ସାଙ୍କେତିକ ଭାଷା ଏବଂ ଲିଖନ ପଦ୍ଧତିର ବିକାଶ କରିଥିଲେ । ଲୋକମାନେ ନଦୀ ଓ ସମୁଦ୍ରରେ ନୌକା ଚାଳନା କରିବା ଜାଣିଥିଲେ । ସେମାନେ ପାପିରସ୍ ଗଛ ସାହାଯ୍ୟରେ ନୌକା ଏବଂ କାଗଜ ତିଆରି କରୁଥିଲେ । ଗାର୍ଜି ସଭ୍ୟତା ସମୟରେ ନଦୀ ମୁହାଣସ୍ଥିତ ତ୍ରିକୋଣଭୂମି ଅଞ୍ଚଳର ଜଣେ ରାଜା ଉଭୟ ମିଶରକୁ ଜୟକରି ମିଳିତ ମିଶରର ସମ୍ରାଟ ହୋଇଥିଲେ । ତା'ପରେ ସେ ନେଖେବ୍ (ଆଧୁନିକ ଆଲ୍‌କୋବ୍)କୁ ରାଜଧାନୀ ପରିବର୍ତ୍ତନ କରିଥିଲେ ।

ମେନେସ୍ ନାମକ ରାଜା ଖ୍ରୀ.ପୂ. ୨୯୦୦ରେ ମିଳିତ ମିଶର ରାଜ୍ୟକୁ ଜୟକରି 'ପୁରାତନ ରାଜ୍ୟ'ର ଭିତ୍ତି ସ୍ଥାପନ କରିଥିଲେ ।

ପୁରାତନ ମିଶର ରାଜ୍ୟ

ମିଶରର ରାଜନୈତିକ ଇତିହାସକୁ ତିନିଭାଗରେ ବିଭକ୍ତ କରାଯାଏ; ଯଥା-

(କ) ପୁରାତନ ରାଜ୍ୟ (ଖ୍ରୀ.ପୂ. ୨୭୦୦ ରୁ ଖ୍ରୀ.ପୂ. ୨୨୦୦ ପର୍ଯ୍ୟନ୍ତ)

(ଖ) ମଧ୍ୟବର୍ତ୍ତୀ ରାଜ୍ୟ (ଖ୍ରୀ.ପୂ. ୧୯୮୯ ରୁ ଖ୍ରୀ.ପୂ.୧୭୭୬ ପର୍ଯ୍ୟନ୍ତ)

(ଗ) ନୂତନ ରାଜ୍ୟ (ଖ୍ରୀ.ପୂ. ୧୫୭୦ ରୁ ଖ୍ରୀ.ପୂ. ୧୧୫୦ ପର୍ଯ୍ୟନ୍ତ)

ଉପରୋକ୍ତ ତିନୋଟି ପର୍ଯ୍ୟାୟ ବ୍ୟତୀତ ଆଉ ଦୁଇଗୋଟି ସାମୟିକ ରାଜ୍ୟ ମଧ୍ୟ ଗଢ଼ି ଉଠିଥିଲ; ଯଥା-

(କ) ପ୍ରଥମ ସାମୟିକ ଅଥବା ମଧ୍ୟବର୍ତ୍ତୀକାଳୀନ ରାଜ୍ୟ (ଖ୍ରୀ.ପୂ. ୨୨୦୦ ରୁ ଖ୍ରୀ.ପୂ. ୧୯୮୯ ପର୍ଯ୍ୟନ୍ତ)

(ଖ) ଦ୍ୱିତୀୟ ସାମୟିକ ଅଥବା ମଧ୍ୟବର୍ତ୍ତୀକାଳୀନ ରାଜ୍ୟ (ଖ୍ରୀ.ପୂ. ୧୭୭୬ ରୁ ଖ୍ରୀ.ପୂ. ୧୫୭୦ ପର୍ଯ୍ୟନ୍ତ)

ମିଶରରେ ଦୁର୍ବଳ ରାଜାମାନଙ୍କ ଶାସନକାଳରେ ଉପରୋକ୍ତ ସାମୟିକ ଅଥବା ମଧ୍ୟବର୍ତ୍ତୀକାଳୀନ ଶାସନ ପ୍ରତିଷ୍ଠିତ ହୋଇଥିଲା । ପୁରାତନ ରାଜ୍ୟରେ ତୃତୀୟରୁ ଷଷ୍ଠ ବଂଶର ଶାସନ ପ୍ରତିଷ୍ଠିତ ହୋଇଥିଲା । ମଧ୍ୟବର୍ତ୍ତୀ ସମୟରେ ଦ୍ୱାଦଶ ରାଜବଂଶ ରାଜୁତି କରୁଥିଲେ ଏବଂ ନୂତନ ରାଜ୍ୟରେ ତ୍ରୟୋଦଶରୁ ବିଂଶତିତମ ରାଜବଂଶ ରାଜୁତି କରିଥିଲେ ।

ପୁରାତନ ରାଜ୍ୟ

ପୁରାତନ ରାଜ୍ୟ ପ୍ରତିଷ୍ଠିତ ହେବା ପୂର୍ବରୁ ମିଶରରେ ଦୁଇଗୋଟି ବଂଶର ରାଜାମାନେ ଶାସନ କରିଥିଲେ । ଐତିହାସିକ ମେନାଥୋ ସେମାନଙ୍କୁ ତାଙ୍କ ରାଜଧାନୀର ନାମାନୁଯାୟୀ 'ଥିନିସ୍' ରାଜବଂଶ ରୂପରେ ନାମିତ କରିଛନ୍ତି । ପ୍ରଥମ ରାଜ୍ୟର ପ୍ରଥମ ରାଜା ଥିଲେ ମେନେସ୍ । ସେ ତଳ ଓ ଉପର ଉଭୟ ରାଜ୍ୟକୁ ଏକତ୍ରିତ କରି ଶାସନ କରୁଥିଲେ । ମେନେସ୍ ମୂଳତଃ ଥିନିସ୍ ସହରର ବାସିନ୍ଦା ଥିଲେ । ଆଧୁନିକ ଜିରଗା ସହର ନିକଟରେ ତାଙ୍କ ଜନ୍ମିତ ସହର ଅବସ୍ଥିତ ଥିଲା । ଏହି ସହରଟି ନୀଳନଦୀ କୂଳରେ ସବୁଠାରୁ ବଡ଼ ବକ୍ରିତ ସ୍ଥଳରେ ଅବସ୍ଥିତ ଥିଲା । ତାଙ୍କ ଜନ୍ମିତ ଥିନିସ୍ ସହରକୁ ସେ ରାଜଧାନୀ ବୋଲି ଘୋଷଣା କରିଥିଲେ ଏବଂ ତାଙ୍କ ବଂଶର ନାମ ମଧ୍ୟ ସେହି ଅନୁଯାୟୀ ଥିନିସ୍ ବଂଶ ରଖାଯାଇଛି । ପ୍ରଥମ ଦୁଇଗୋଟି ରାଜବଂଶର ଶାସନକାଳରେ ଥିନିସ୍ ରାଜଧାନୀ ଥିଲା । ସହରଟି ସୁଦୂର ଦାକ୍ଷିଣାତ୍ୟରେ ଅବସ୍ଥିତ ଥିବାରୁ, ଏକ ନଦୀବନ୍ଧ ନିର୍ମାଣପୂର୍ବକ ନୀଳନଦୀର ଜଳପ୍ରବାହ ଧାରାକୁ ପରିବର୍ତ୍ତନ କରି ଏହି ରାଜବଂଶ, ତ୍ରିକୋଣଭୂମି ଅଞ୍ଚଳରେ ଏକ ବିଶାଳ ଏବଂ ଭବ୍ୟ ଦୁର୍ଗ ତଥା ରାଜପ୍ରାସାଦ ନିର୍ମାଣ କରାଇଥିଲେ । ଏହି ବାଙ୍କ ସ୍ଥାନରେ ନୀଳନଦୀକୁ 'ଶ୍ୱେତ ନଦୀ' ଏବଂ ନଦୀବନ୍ଧକୁ 'ଶ୍ୱେତ ପ୍ରାଚୀର' କୁହାଯାଏ । ଷଷ୍ଠ ରାଜବଂଶର ରାଜୁତି ସମୟରେ ଏହି ସ୍ଥାନର ନାମ ମେମ୍ଫିସ୍ ଦିଆଯାଇଥିଲା ଏବଂ ମେନେସ୍ ରାଜବଂଶ ଏଠାରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ ।

ଖ୍ରୀ.ଅ. ୧୮୯୯ରେ ଆବିଦୋଜଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ରାଜାମାନଙ୍କର ଅନେକ କବର ଆବିଷ୍କାର କରାଯାଇଛି । ପ୍ରଥମ ରାଜବଂଶର କବରଗୁଡ଼ିକ କାଠରେ ତିଆରି ହୋଇଥିବା ବେଳେ ଦ୍ୱିତୀୟ ରାଜବଂଶର କବରଗୁଡ଼ିକ ଇଟାରେ ତିଆରି ହୋଇଛି । କବରଗୁଡ଼ିକରେ ରାଜାମାନଙ୍କର ନାମ ଖୋଦିତ ହୋଇଛି; ଯଥା- ନରମେର, ଆହୋ, ଯେର୍ ଇତ୍ୟାଦି । ଅନୁମାନ କରାଯାଏ ଯେ, ମେନେସ୍ ହିଁ ନର୍‌ମେର୍ ଥିଲେ । କବର ନିକଟସ୍ଥ ଏକ ବିଶାଳ ଚଟକା ପଥରରେ ନର୍‌ମେରଙ୍କ ରେଖାଚିତ୍ର ଖୋଦିତ ହୋଇଛି । ରେଖାଚିତ୍ରର ଉପର ଅଂଶରେ ଗାଈ ଦେବୀ ଅଥବା ଗୋମାତା (ହାଲ୍‌ହୋର୍)ଙ୍କ ଚିତ୍ର ଏବଂ ତାଙ୍କ ତଳେ ଡେଙ୍ଗା ଏବଂ ବଳିଷ୍ଠ ନର୍‌ମେର୍ ହାତରେ ତରବାରୀ ଧାରଣ କରି ଏକ ଶୋଭାଯାତ୍ରାରେ ଯାଉଛନ୍ତି । ତାଙ୍କ ପଛରେ ଏକ ଦାସୀ ଜଳ କଳସୀ ଧରି ଚାଲୁଛି । ପ୍ରସ୍ତର ପାନିଆଲିର ଅପର ପାର୍ଶ୍ୱସ୍ଥିତ ରେଖାଚିତ୍ରରେ ରାଜା ନର୍‌ମେର୍ ଗୋଟିଏ ହାତରେ ଖଣ୍ଡା ଧରିଥିବା ବେଳେ ଅନ୍ୟ ହାତରେ ଶତ୍ରୁର କଟାମୁଣ୍ଡ ଧରିଛନ୍ତି । ମେନେସ୍‌ଙ୍କ ଉଭୟ ରାଜ୍ୟ ଉପରେ ବିଜୟର ସଂକେତ ବହନ କରୁଛି, ଏହି ରେଖାଚିତ୍ର ।

ମିଶରର ପିରାମିଡ଼ ଯୁଗ - ପୁରୁଣା ରାଜ୍ୟ

ଜୋସର

ପୁରୁଣା ରାଜ୍ୟ ବାସ୍ତବରେ ତୃତୀୟରୁ ଷଷ୍ଠ ବଂଶର ରାଜତ୍ୱକାଳରେ ପର୍ଯ୍ୟବସିତ ଥିଲା । ଏହି କାଳ ଖ୍ରୀ.ପୂ. ୨୭୦୦ ରୁ ଖ୍ରୀ.ପୂ. ୨୨୦୦ ମଧ୍ୟରେ ପରିବ୍ୟାପ୍ତ ଥିଲା । ଏହି କାଳକୁ ମିଶରର *'ପିରାମିଡ଼' ଯୁଗ କୁହାଯାଏ, କାରଣ ଏହି କାଳରେ ପିରାମିଡ଼ ନିର୍ମାଣ ଆରମ୍ଭ ହୋଇ ଅନେକଗୁଡ଼ିଏ ପିରାମିଡ଼ ନିର୍ମିତ ହୋଇଥିଲା । ପିରାମିଡ଼ ହେଉଛି ମିଶରୀୟ ସଂସ୍କୃତିର ପ୍ରତୀକ ଚିହ୍ନ । ଜୋସର୍ ଥିଲେ ତୃତୀୟ ବଂଶର ପ୍ରଥମ ରାଜା । ଇମ୍‌ହୋଟେପ୍ ଥିଲେ ତାଙ୍କର ଧର୍ମଗୁରୁ (ପୂଜକ) । ସେ ଜଣେ ସ୍ଥପତି ମଧ୍ୟ ଥିଲେ । ଜୋସର୍‌ଙ୍କ କବରର ଛାତ ଉପରେ ଇମ୍‌ହୋଟେପ୍ ପାଞ୍ଚଗୋଟି ତ୍ରିକୋଣି ସିଡ଼ି ନିର୍ମାଣ କରାଇଥିଲେ । ଏହା ଥିଲା ଏହି କାଳର ପ୍ରଥମ ପିରାମିଡ଼ ଏବଂ ସକ୍କାର ସହରରେ ନିର୍ମାଣ କରାଯାଇଥିଲା । ଏହି ପ୍ରସ୍ତରନିର୍ମିତ ପିରାମିଡ଼ର ଉଚ୍ଚତା ଥିଲା ୧୯୦ ଫୁଟ । ଏହି କବର ଭିତରେ ମୃତ ରାଜାଙ୍କ ପାର୍ଥିବ ଶରୀର ରହିଥିଲା । ପ୍ରାଚୀନ ଇଜିପ୍ଟବାସୀଙ୍କର ଧାର୍ମିକ ବିଶ୍ୱାସର ପ୍ରତୀକ ଥିଲା ପିରାମିଡ଼ । ଲୋକେ ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ । ସେମାନଙ୍କ ବିଶ୍ୱାସ ଥିଲା ଯେ, ଭଗବାନ୍ ମୃତବ୍ୟକ୍ତିମାନଙ୍କୁ ସେମାନଙ୍କ ପାପ ପାଇଁ କ୍ଷମା କରିଦେଲେ, ଭବିଷ୍ୟତରେ ଆତ୍ମାଗୁଡ଼ିକ ଫେରିଆସିବ । ମୃତବ୍ୟକ୍ତି ପାପମୁକ୍ତ ହୋଇ ଫେରିଆସିବା ପରେ ବ୍ୟବହାର କରିବ ବୋଲି କବର ମଧ୍ୟରେ ସମସ୍ତ ପ୍ରକାରର ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ; ଯଥା- ମାଟିପାତ୍ର, ଅଳଙ୍କାର, ଖାଦ୍ୟ ଏବଂ ପାନୀୟ ଆଦିକୁ ମଧ୍ୟ ମୃତବ୍ୟକ୍ତି ସହିତ ରଖିଦେଉଥିଲେ । ଗମ୍ବୁଜାକାର ହୋଇ ଉପରକୁ ଉଠିଥିବା ଏହି କବରଗୁଡ଼ିକୁ ପିରାମିଡ଼ ଏବଂ କବର ଭିତରେ ରହିଥିବା ମୃତ ଦେହକୁ ମମି ବୋଲି କୁହାଯାଏ । ପିରାମିଡ଼ଗୁଡ଼ିକ ଏକ ବିଶେଷ ପ୍ରକାର ସ୍ଥାପତ୍ୟ କଳାର ନମୁନା ବହନ କରନ୍ତି ତଥା ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ପରିଗଣିତ ହୁଅନ୍ତି । ସକ୍କାରାଠାରେ ନିର୍ମିତ ପ୍ରଥମ ପିରାମିଡ଼ ଭବିଷ୍ୟତରେ ରାଜାମାନଙ୍କୁ ଅନ୍ୟାନ୍ୟ ପିରାମିଡ଼, ଦେବସ୍ଥାନ (ମନ୍ଦିର) ଏବଂ ବିଶାଳ ସ୍ତମ୍ଭ ଆଦି ନିର୍ମାଣ କରିବା ପାଇଁ ପ୍ରେରଣା ଦେଇଥିଲା ।

ଫାରୋ

ତୃତୀୟ ବଂଶର ରାଜାମାନେ 'ଫାରୋ ଉପାଧି' ଧାରଣ କରିଥିଲେ, ଯାହାକି ସମୟକ୍ରମେ ଭଗବାନ୍‌ଙ୍କ ସଂକେତ ଚିହ୍ନ ହୋଇଯାଇଥିଲା । ପରବର୍ତ୍ତୀ ରାଜବଂଶର ରାଜାମାନେ ଏହି ଉପାଧିକୁ ତାଙ୍କ ନାମ ଆଗରେ ଯୋଗ କରୁଥିଲେ । ମିଶରୀୟମାନେ ସୁମେରୀୟମାନଙ୍କ ପରି ରାଜାଙ୍କୁ ମୁଖ୍ୟ ଧର୍ମଗୁରୁଭାବରେ ଗ୍ରହଣ କରିବା ସହିତ ତାଙ୍କୁ ଭଗବାନ୍ ରୂପରେ ପୂଜା ମଧ୍ୟ କରୁଥିଲେ । ମିଶରୀୟ ରାଜାମାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରି ଲୋକେ ଭଗବାନ୍‌ଙ୍କ ରୂପରେ ପୂଜା କରୁଥିଲେ । ଏହାଦ୍ୱାରା ମିଶରରେ ମୂର୍ତ୍ତି ପୂଜା ପ୍ରଚଳିତ ହୋଇଥିଲା । ମିଶରୀୟମାନେ ଏକ ପ୍ରକାର ଛବିଲିପିର ବିକାଶ (ଉଦ୍ଭାବନ) କରିଥିଲେ, ଯାହାଦ୍ୱାରା ସେମାନେ କବର, ମନ୍ଦିର, ସ୍ତମ୍ଭ, ପ୍ରସ୍ତର ଫଳକ ଆଦିରେ ରାଜାଙ୍କର ନାମ, ତାଙ୍କ କୃତିତ୍ୱ, ଯଶ, ଗୌରବ ଆଦି ଖୋଦନ କରୁଥିଲେ । ଏହି ଶିଳାଲିପି, ସ୍ତମ୍ଭଲିପି ଆଦି ହିଁ ହେଉଛି ପ୍ରାଚୀନ ମିଶରୀୟ ଇତିହାସ ରଚନାର ମୁଖ୍ୟ ଉପାଦାନ ।

---

* *ପିରାମିଡ଼ ହେଉଛି 'ମିଶର (ଇଜିପ୍ଟ) ଦେଶର ପ୍ରସ୍ତରନିର୍ମିତ ବର୍ଗାକାର ମୂଳଦୁଆ ଓ ତ୍ରିକୋଣାକାର ପାର୍ଶ୍ୱଥିବା ସୂକ୍ଷ୍ମାଗ୍ର ସ୍ମୃତି ମନ୍ଦିର ।'*

ଖୁଫୁ

ଚତୁର୍ଥ ବଂଶର *ଫାରୋ ଖୁଫୁ ଥିଲେ ଜଣେ ପ୍ରସିଦ୍ଧ ଏବଂ ଯଶସ୍ୱୀ ରାଜା । ତାଙ୍କ ଶାସନକାଳରେ ମିଶରୀୟ ସଭ୍ୟତା ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ତାଙ୍କ ସମୟରେ ଗିଜେଠାରେ ନିର୍ମିତ ତିନୋଟି ବୃହତ୍ ପିରାମିଡ଼ ମିଶରୀୟ ସ୍ଥାପତ୍ୟ କଳାକୁ ଉତ୍କର୍ଷତାର ଶିଖରରେ ପହଞ୍ଚାଇଥିଲା । ଏଠାରେ ନିର୍ମିତ ତିନୋଟି ପିରାମିଡ଼ ମଧ୍ୟରୁ ସର୍ବବୃହତ୍ ପିରାମିଡ଼ଟି ହଳଦିଆ ପ୍ରସ୍ତରରେ ନିର୍ମିତ ହୋଇଥିଲା । ଏହାର ଉଚ୍ଚତା ୪୮୧ ଫୁଟ୍ ଅଟେ । ଏହି ପିରାମିଡ଼ଟି ପ୍ରାୟ ୨.୫ ଟନ୍ ଓଜନବିଶିଷ୍ଟ ୨୩,୦୦,୦୦୦ ପ୍ରସ୍ତର ଖଣ୍ଡରେ ନିର୍ମାଣ କରାଯାଇଛି । ଐତିହାସିକ ହେରୋଡୋଟସ୍ କହିଛନ୍ତି ଯେ, ଏହି ପିରାମିଡ଼ ନିର୍ମାଣ ପାଇଁ ୩୦ ବର୍ଷ ସମୟ ଲାଗିଥିଲା । ଏଥିରେ କାମ କରୁଥିବା ଶ୍ରମିକମାନେ ଚାରୋଟି ଦଳରେ ବିଭକ୍ତ ହୋଇ ଅଦଳବଦଳ ହୋଇ (ପ୍ରତିଦଳ ୬ ଘଣ୍ଟା ହିସାବରେ) ଦିନରାତି ୨୪ ଘଣ୍ଟା କାମ କରୁଥିଲେ । ପ୍ରତି ଦଳରେ ଏକ ଲକ୍ଷ ଲେଖାଏଁ ଶ୍ରମିକ ଥିଲେ । ଏହି ପିରାମିଡ଼ଟି ଖ୍ରୀ.ପୂ. ୨୬୦୦ରେ ନିର୍ମାଣ କରାଯାଇଥିଲା । ଶ୍ରମିକମାନେ ବିନା ପାରିଶ୍ରମିକରେ ସ୍ୱେଚ୍ଛାସେବୀ ଭାବରେ କାମ କରୁଥିଲେ । ଏହି କାର୍ଯ୍ୟକୁ ସେମାନେ ସେମାନଙ୍କର ଧାର୍ମିକ କର୍ତ୍ତବ୍ୟ ରୂପରେ ଗ୍ରହଣ କରି ନେଇଥିଲେ ।

ଖାଫ୍ରେ

ଫାରୋ ଖୁଫୁଙ୍କ ଉତ୍ତରାଧିକାରୀ ଥିଲେ ଫାରୋ ଖାଫ୍ରେ । ଗିଜେଠାରେ ସେ ଦ୍ୱିତୀୟ ବୃହତ୍ତମ ପିରାମିଡ଼ ନିର୍ମାଣ କରିଥିଲେ । ପିରାମିଡ଼ର ମୁଖ୍ୟ ପ୍ରବେଶ ଦ୍ୱାରରେ ଏକ ବିଶାଳ **ସ୍ଫିଙ୍କସ୍ ମୂର୍ତ୍ତି ନିର୍ମାଣ କରି ସ୍ଥାପନ କରିଥିଲେ ।

ଏହି ପ୍ରତିକୃତି (ମୂର୍ତ୍ତି) ରାଜା ଖାଫ୍ରେଙ୍କ ମୁହଁ ଓ ମୁଣ୍ଡ ସହିତ ସାଦୃଶ୍ୟ ଥିବା ଏକ ମୁଣ୍ଡ ଏବଂ ସିଂହ ଶରୀର ବିଶିଷ୍ଟ ଅଟେ । ସ୍ଫିଙ୍କସ୍‌ରେ ଖାଫ୍ରେଙ୍କ ମୁଖମଣ୍ଡଳକୁ ଏକ ବିଶାଳ ସର୍ପ ଘେରି ରହିଛି, ଯାହାକି ତାଙ୍କର ଅତ୍ୟନ୍ତ କ୍ରୋଧ ସ୍ୱଭାବକୁ ଦର୍ଶାଉଛି । ଏହି କଳାକୃତିଟି ମିଶରୀୟ ସ୍ଥାପତ୍ୟ କଳାର ଅଦ୍ୱିତୀୟ ଉଦାହରଣ ଅଟେ ।

ମିଶରର ପଞ୍ଚମ ଓ ଷଷ୍ଠ ବଂଶର ରାଜାମାନେ ପିରାମିଡ଼ର କୋଠରିର ଭିତରପଟ କାନ୍ଥଗୁଡ଼ିକରେ ଶିଳାଲିପି ଖୋଦନ କରୁଥିଲେ ଏବଂ ସେଥିରେ ସେମାନେ ସୂର୍ଯ୍ୟ ଭଗବାନ୍ 'ରା'ଙ୍କୁ ପ୍ରଦର୍ଶିତ କରୁଥିଲେ । ଏହି ସମୟର ଲୋକମାନେ ଉନ୍ନତ ନୈତିକ ଜୀବନଯାପନ କରୁଥିଲେ । ପଞ୍ଚମ ବଂଶର ପ୍ରଧାନମନ୍ତ୍ରୀ ପିତ ହୋଟେପ୍ ଧାର୍ମିକ ନୀତିବାଣୀଗୁଡ଼ିକୁ ପିରାମିଡ଼ର କୋଠରିଗୁଡ଼ିକର ଭିତରପଟ କାନ୍ଥଗୁଡ଼ିକରେ ଖୋଦନ କରାଇଥିଲେ । ଏହି ଖୋଦିତ ଲିପିଗୁଡ଼ିକର ମାଧ୍ୟମରେ ସେ ଲୋକଙ୍କୁ ଏକ ଉତ୍ତମ ନୈତିକ ଜୀବନଯାପନ କରିବା ପାଇଁ ଶିକ୍ଷା ଦେଉଥିଲେ ତଥା ଗର୍ବ, ଲୋଭ, ରାଗ ଆଦି କ୍ଷତିକାରକ ଗୁଣ ସବୁକୁ ପରିତ୍ୟାଗ କରିବା ପାଇଁ କହୁଥିଲେ । ଏହା ଆମକୁ ସୂଚନା ଦିଏ ଯେ, ଉପରୋକ୍ତ ବଂଶର ରାଜାମାନେ ଶାନ୍ତିପ୍ରିୟ ଏବଂ ନୀତିନିଷ୍ଠ ଥିଲେ । ସେମାନେ ଯେହେତୁ କୌଣସି ଯୁଦ୍ଧାଭିଯାନ କରୁ ନ ଥିଲେ ତେଣୁକରି ସେମାନଙ୍କର ସୈନ୍ୟବାହିନୀ ମଧ୍ୟ ନ ଥିଲେ । ଲୋକଙ୍କର ନୈତିକତା ବୃଦ୍ଧି ପାଇଁ ସେମାନେ ସତତ ଚେଷ୍ଟିତ ଥିଲେ ।

ପ୍ରଥମ ସାମୟିକ ଅଥବା ମଧ୍ୟବର୍ତ୍ତୀ ସମୟ (ଖ୍ରୀ.ପୂ. ୨୨୦୦ ରୁ ୧୯୮୯ ପର୍ଯ୍ୟନ୍ତ)

ପୁରାତନ ରାଜ୍ୟ ପତନର କାଳ ଥିଲା ଖ୍ରୀ.ପୂ. ୨୨୦୦ ରୁ ଖ୍ରୀ.ପୂ. ୧୯୮୯ । କାରଣ ଏହି କାଳରେ ରାଜୁତି କରିଥିବା ସପ୍ତମରୁ ଏକାଦଶ ବଂଶର ରାଜାମାନେ ଦୁର୍ବଳ ପ୍ରଶାସକ ଥିଲେ । ମିଶର ରାଜ୍ୟସାରା ଭ୍ରଷ୍ଟାଚାର ବଢ଼ି ଯାଇଥିବାରୁ ଏହା ଏକ ଅଶାନ୍ତ ସମୟ ଥିଲା । ଧନୀ ଏବଂ ଗରିବଙ୍କ ମଧ୍ୟରେ ଅତ୍ୟନ୍ତ ବିବାଦ ଦେଖା ଦେଇଥିଲା

---

* ପ୍ରାଚୀନ ମିଶର ଦେଶର ରାଜାମାନଙ୍କୁ 'ଫାରୋ' କୁହାଯାଉଥିଲା ।

** ସ୍ଫିଙ୍କସ୍ ହେଉଛି ମିଶର ଦେଶର ପୁରୁଷ ଅଥବା ଅନ୍ୟ ଏକ ପଶୁର ମସ୍ତକ ଓ ସିଂହର ଶରୀର ବିଶିଷ୍ଟ ଏକ ପ୍ରତିକୃତି (ମୂର୍ତ୍ତି) ।

ଏବଂ ସେମାନେ ପରସ୍ପରଠାରୁ ଦୂରେଇ ଯାଇଥିଲେ । କବି ଇପୁଭର ତାଙ୍କ ଗୀତଗୁଡ଼ିକରେ ଏହିସବୁ ଅଧୋପତନଗୁଡ଼ିକୁ ଚିତ୍ରଣ କରି ଜଣେ ଦକ୍ଷ ଶାସକ ଶାସନ ଗାଦିରେ ଆସୀନ ହେବାପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ତାଙ୍କର ଏହି ସ୍ୱପ୍ନ ଫଳବତୀ ହୋଇଥିଲା । ଯେତେବେଳେ କି ଏକାଦଶ ବଂଶର ରାଜା ଇନ୍‌ତେଫ୍ ଏବଂ ମେଣ୍ଟୁହୋଟିପ୍ କ୍ଷମତା ଗ୍ରହଣ କରି କେନ୍ଦ୍ରରେ ସୁଦକ୍ଷ ଏବଂ ବଳିଷ୍ଠ ଶାସନ ପ୍ରତିଷ୍ଠା କରିଥିଲେ । ସେମାନେ ତାଙ୍କ ରାଜଧାନୀ, ଦକ୍ଷିଣ ମେମ୍ଫିସ୍‌ଠାରୁ ୭୦୪ କି.ମି. ଦୂରରେ ଅବସ୍ଥିତ ଥେବେସ୍ ନଗରୀକୁ ପରିବର୍ତ୍ତନ କରିଥିଲେ ।

ପୁରାତନ ରାଜ୍ୟର ମୂଲ୍ୟାଙ୍କନ କଲେ ଜଣାଯାଏ ମିଶରୀୟ ସଭ୍ୟତାର ଉନ୍ନତି ପାଇଁ କେତେଜଣ ରାଜାଙ୍କ ଅବଦାନ ମହାର୍ଘ ଥିଲା । ସେମାନଙ୍କର ସର୍ବଶ୍ରେଷ୍ଠ ଅବଦାନଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା ଉଭୟ ମିଶରକୁ ଏକତ୍ରିତ କରି ଶାସନ କରିବା । ସେମାନେ ପିରାମିଡ଼ ନିର୍ମାଣ ଆରମ୍ଭ କରି ଗିଜେଠାରେ ସର୍ବବୃହତ୍ ପିରାମିଡ଼ ନିର୍ମାଣ କରିଥିଲେ, ଯାହାକି ଅଧୁନା ଯୁଗରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ଅଟେ । ସେମାନେ ଫାରୋ ଉପାଧି ଗ୍ରହଣ କରିବା ସହିତ ଭଗବାନ୍ ରୂପରେ ପୂଜିତ ହେଉଥିଲେ । ସେମାନେ ଛବିଲିପିର ଉଦ୍ଭାବକ ଥିଲେ ତଥା ସ୍ତମ୍ଭ, କବର, ମନ୍ଦିରଗୁଡ଼ିକରେ ଖୋଦନ କରି ଭବିଷ୍ୟତରେ ଇତିହାସ ରଚନା ପାଇଁ ଉପାଦାନ ସୃଷ୍ଟି କରିଥିଲେ । ପୁରାତନ ରାଜ୍ୟରେ ୩୦ ଗୋଟି ରାଜବଂଶ ମିଶରକୁ ଶାସନ କରିଥିଲେ । ଶେଷ ଆଡ଼କୁ ଦେଖାଯାଇଥିବା ଦୁର୍ବଳ ଶାସନ ମଧ୍ୟବର୍ତ୍ତୀ ରାଜ୍ୟ ସମୟରେ ପୁନଶ୍ଚ ସବଳ ହୋଇ ଉଠିଥିଲା ।

ମଧ୍ୟବର୍ତ୍ତୀ ରାଜ୍ୟ

ଦୁର୍ବଳ ପୁରାତନ ରାଜ୍ୟର ପୃଷ୍ଠଦେଶରେ ଦଣ୍ଡାୟମାନ ହୋଇଥିଲା ସବଳ ମଧ୍ୟବର୍ତ୍ତୀ ରାଜ୍ୟ ।

ସମ୍ଭ୍ରାନ୍ତ ଗୋଷ୍ଠୀର ଅଭ୍ୟୁଦୟ

ଦୁର୍ବଳ ରାଜାମାନଙ୍କ ଯୋଗୁ ପୁରାତନ ରାଜ୍ୟ ପତନ ହେବାପରେ ତା'ରି କବର ତଳୁ ଜନ୍ମ ନେଇଥିଲା ମଧ୍ୟବର୍ତ୍ତୀ ରାଜ୍ୟ, ଯାହାକି ଏକ ସୁଦକ୍ଷ ସରକାର ଦେଇଥିଲା । ପୁରାତନ ରାଜ୍ୟର ଶେଷ ରାଜା ଙ୍କନାଙ୍କ ମୃତ୍ୟୁ ପରେ ସାରା ରାଜ୍ୟରେ ବିଶୃଙ୍ଖଳା ଏବଂ ଅରାଜକତା ସୃଷ୍ଟି ହୋଇଥିଲା । ଜମିଦାରମାନେ ରାଜାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇ ନିଜନିଜ ଅଞ୍ଚଳରେ ନିଜକୁ ଫାରୋ ରୂପରେ ଅଭିହିତ କରି ନିଜକୁ ଭଗବାନ୍ ରୂପରେ ପୂଜା କରିବା ପାଇଁ ଲୋକଙ୍କୁ ବାଧ୍ୟ କରିଥିଲେ । ପୂଜକ ଓ ଧର୍ମଯାଜକମାନେ ମଧ୍ୟ ଭ୍ରଷ୍ଟାଚାରରେ ଲିପ୍ତ ହୋଇ ଭ୍ରଷ୍ଟ ସମ୍ଭ୍ରାନ୍ତ (ଜମିଦାର)ମାନଙ୍କୁ ସମର୍ଥନ କରୁଥିଲେ । ସେମାନେ ସଂପୂର୍ଣ୍ଣ ରୂପରେ ଲୋଭାଶକ୍ତ ହୋଇଯାଇଥିଲେ । ଦୁର୍ବଳ ରାଜାଙ୍କ ଦ୍ୱାରା ଅଦମ୍ୟ ଏହି ସମ୍ଭ୍ରାନ୍ତମାନେ ନିଜ ନିଜ ଅଞ୍ଚଳରେ ସ୍ୱାଧୀନତା ଘୋଷଣା କରି ସାର୍ବଭୌମ ରୂପରେ ଶାସନ କରିବା ଆରମ୍ଭ କରି ଦେଇଥିଲେ । ଏହିପରି ଭାବରେ ମିଶରରେ ସମ୍ଭ୍ରାନ୍ତବାଦର ଅୟମାରମ୍ଭ ହୋଇଥିଲା । ରାଜାମାନେ ନିଜସ୍ୱ ଜୀବଦ୍ଦଶାରେ ଉତ୍ତରାଧିକାରୀ ମନୋନୟନ କରି ସହ ଶାସକ ରୂପରେ ନିଯୁକ୍ତ କରୁଥିଲେ । ଫଳସ୍ୱରୂପ ରାଜାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ସିଂହାସନ ଆରୋହଣ କରିବା ସମୟରେ ଅନ୍ୟ କେହି ଜମିଦାର ସିଂହାସନ ଦାବି କରିପାରିବେ ନାହିଁ; ହେଲେ ଫାରୋଙ୍କ ଏହି ସବୁ ଉଦ୍ୟମ ନିଷ୍ଫଳ ହୋଇଥିଲା ଏବଂ ସମ୍ଭ୍ରାନ୍ତମାନେ ଫାରୋଙ୍କ ଆଧିପତ୍ୟରୁ ମୁକ୍ତ ହୋଇଯାଇଥିଲେ । ଏହିପରି ଭାବରେ ସାମନ୍ତମାନେ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇଯାଇଥିଲେ ।

ଆମେନେମ୍‌ହିଟ୍ ୧ମ

ରାଜା ଆମେନେମ୍‌ହିଟ୍ ୧ମ ସମ୍ଭ୍ରାନ୍ତମାନଙ୍କୁ ଦମନ କରିବାରେ ସଫଳ ହୋଇଥିଲେ । ସେ ଜଣେ ସୁଦକ୍ଷ ଏବଂ ଶକ୍ତିଶାଳୀ ରାଜା ଥିଲେ । ପ୍ରତିଜ୍ଞାବଦ୍ଧ ଭାବରେ ସେ ଶାସନ ପରିଚାଳନା କରୁଥିଲେ । ସେ ଥେବେସ୍‌ଠାରେ

ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ ଏବଂ ଥେବେସ୍ ବଂଶର ପ୍ରତିଷ୍ଠା କରିଥିଲେ । ସେ ନୁବିୟା, ଲିବ୍ୟା ଏବଂ ଏସିଆ ମହାଦେଶର କେତେକ ଅଞ୍ଚଳ ଜୟ କରିଥିଲେ । ସେ ଫାରୋଙ୍କ କ୍ଷମତାର ପୁନଃ ପ୍ରତିଷ୍ଠା କରିଥିଲେ ।

ସୋନୁଶ୍ରେଟ- ୧ମ

ସୋନୁଶ୍ରେଟ-୧ମ ଆମେନେମ୍-୧ମଙ୍କର ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ଏକ କେନାଲ ନିର୍ମାଣ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ । ଏହି କେନାଲଟି ନୀଳନଦୀ ଓ ଲୋହିତ ସାଗରକୁ ସଂଯୋଗ କରୁଥିଲା । ସେ ସିନାଇ ଅଞ୍ଚଳରେ ଧାତୁ ଖଣି ଖନନ ଆରମ୍ଭ କରିଥିଲେ । ଆହୁରି ମଧ୍ୟ ସେ ଜଳସେଚନ ପାଇଁ ଅନେକ କେନାଲ ନିର୍ମାଣ କରାଇଥିଲେ । ତାଙ୍କ ଦ୍ୱାରା ଖୋଳାଯାଇ ନୀଳନଦୀ ଏବଂ ଲୋହିତ ସାଗରକୁ ସଂଯୋଗ କରୁଥିବା ଗଭୀର ଓ ପ୍ରଶସ୍ତ କେନାଲ ମଧ୍ୟରେ ଛୋଟ ଛୋଟ ଜାହାଜ ଚଳାଚଳ କରିପାରୁଥିଲେ ଏବଂ ମିଶରର ନୌବାଣିଜ୍ୟକୁ ବହୁଗୁଣରେ ବୃଦ୍ଧି କରିଥିଲେ । ଏହି କେନାଲ ଦେଇ ଜାହାଜଗୁଡ଼ିକ ଲୋହିତ ସାଗରରେ ପ୍ରବେଶ କରି ସମୁଦ୍ର ବାଣିଜ୍ୟରେ ସହାୟକ ହୋଇ ମିଶରର ସମୃଦ୍ଧି ଘଟାଇଥିଲେ । ସୋନୁଶ୍ରେଟ-୧ମ ଅନେକ ନଦୀବନ୍ଧ, ଦୁର୍ଗ ଏବଂ ଗୋଲକଧନ୍ଦା (ଜଟିଳ, ବିଶୃଙ୍ଖଳ ଓ ଜାଲ ସଦୃଶ ମାର୍ଗସବୁ ଥିବା ସ୍ଥାନ, ଯାହା ଭିତରକୁ ଥରେ ପଶିଲେ ମଣିଷ ଧନ୍ଦି ହୋଇଯାଏ ଏବଂ ବାହାରିବା କଷ୍ଟକର ହୋଇପଡ଼େ) ଆଦି ଫେୟୁମଠାରେ ନିର୍ମାଣ କରାଇଥିଲେ ।

ସୋନୁଶ୍ରେଟ- ୨ୟ ଏବଂ ୩ୟ

ସୋନୁଶ୍ରେଟ-୧ମଙ୍କ ମୃତ୍ୟୁ ପରେ ତାଙ୍କର ଯେଉଁ ଉତ୍ତରାଧିକାରୀ ପୁତ୍ର ଲିବ୍ୟା ବିରୁଦ୍ଧରେ ଯୁଦ୍ଧ କରୁଥିଲେ, ଫେରିଆସି ସିଂହାସନ ଆରୋହଣପୂର୍ବକ ଫାରୋ ରୂପରେ ଅଭିଷିକ୍ତ ହୋଇଥିଲେ । ଉତ୍ତରାଧିକାରୀଦ୍ୱୟ ସୋନୁଶ୍ରେଟ-୨ୟ ଏବଂ ସୋନୁଶ୍ରେଟ-୩ୟ ଜଣକ ପରେ ଜଣେ ଫାରୋ ଉପାଧି ଗ୍ରହଣ କରିଥିଲେ । ଉଭୟେ ନିଜ ନିଜ ରାଜୁତିକାଳରେ ନୁବିୟାର ଆକ୍ରମଣକାରୀମାନଙ୍କୁ ପରାଜିତ କରି ମିଶରରୁ ତଡ଼ି ଦେଇଥିଲେ । ମଧ୍ୟବର୍ତ୍ତୀ ସମୟକାଳୀନ ଶାସକମାନଙ୍କ ମଧ୍ୟରେ ଶେଷ ଫାରୋ ଆମେନେମ୍ବର-୩ୟଙ୍କ ମୃତ୍ୟୁ ପରେ ବାହ୍ୟ ଦେଶରୁ ଆସି ହ୍ୟାକୋ ସଂପ୍ରଦାୟର ସୈନ୍ୟମାନେ ମିଶର ଆକ୍ରମଣ କରିଥିଲେ । ପୁନଶ୍ଚ ୧୩ଶ ବଂଶର ଶାସନ ସମୟରେ ହ୍ୟାକୋମାନଙ୍କୁ ପରାସ୍ତ କରି ମିଶରରୁ ତଡ଼ି ଦିଆଯାଇଥିଲା । ତା'ପରେ କେନ୍ଦ୍ରରେ ଏକ ସୁଦୃଢ଼ ଶାସନ ବ୍ୟବସ୍ଥା ସ୍ଥାପନପୂର୍ବକ ହ୍ୟାକୋମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଅରାଜକତା ଓ ବିଶୃଙ୍ଖଳାର ଅନ୍ତ ଘଟାଇ ସୁଶାସନ ପ୍ରତିଷ୍ଠା କରାଯାଇଥିଲା ।

ମିଶର ଉପରେ ହ୍ୟାକୋ ଆକ୍ରମଣ

ହ୍ୟାକୋ ଶବ୍ଦର ଅର୍ଥ ହେଉଛି 'ମେଷପାଳକ ରାଜା' । ମିଶରୀୟମାନେ ସେମାନଙ୍କୁ ବାହ୍ୟ ଆକ୍ରମଣକାରୀ ରୂପରେ ଅଭିହିତ କରିଥିଲେ । ମଧ୍ୟ-ଏସିଆରେ ରହୁଥିବା ହ୍ୟାକୋ ସଂପ୍ରଦାୟ (ଜାତି) ଖ୍ରୀ.ପୂ. ୧୭୭୬ରେ ମିଶର ଆକ୍ରମଣ କରିଥିଲେ, ଯେତେବେଳେ କି ଦୁର୍ବଳ ରାଜାମାନଙ୍କର ଅପାରଗତା ଯୋଗୁ ମିଶରରେ ଅରାଜକତା ଏବଂ ବିଶୃଙ୍ଖଳା ଦେଖାଦେଇଥିଲା । ଅଳ୍ପ କେତେଥର ଆକ୍ରମଣ କରିବା ପରେ ହ୍ୟାକୋମାନେ ୧୩ ଶ ବଂଶର ଶେଷରାଜାଙ୍କୁ ପରାସ୍ତ କରି ଏକ ନୂତନ ରାଜବଂଶର ପ୍ରତିଷ୍ଠା କରିଥିଲେ । ଏହି ନୂତନ ବଂଶର ରାଜାମାନେ ମଧ୍ୟ ଫାରୋ ଉପାଧି ଧାରଣ କରିଥିଲେ । ହ୍ୟାକୋମାନଙ୍କ ବିଜୟର ମୁଖ୍ୟ କାରଣ ଥିଲା ଯୁଦ୍ଧରେ ଘୋଡ଼ାର ବ୍ୟବହାର, ଯାହାକି ମିଶରୀୟମାନଙ୍କୁ ଅଜଣା ଥିଲା । ହ୍ୟାକୋ ବଂଶର ରାଜାମାନେ ମିଶରକୁ ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ସେମାନେ ନିଜକୁ ସୂର୍ଯ୍ୟ ଦେବତାଙ୍କ ପୁତ୍ର ଭାବରେ ଅଭିହିତ କରିଥିଲେ । ମିଶରରେ ସୂର୍ଯ୍ୟଦେବତାଙ୍କୁ 'ରା' କୁହାଯାଏ । ସେମାନେ ଅସଭ୍ୟ ଏବଂ ବର୍ବର ଜାତି ଥିଲେ ଏବଂ ମିଶରୀୟମାନଙ୍କୁ ଅତ୍ୟନ୍ତ ଅଭଦ୍ର ବ୍ୟବହାର କରୁଥିଲେ ।

ସେମାନଙ୍କୁ ନାନାପ୍ରକାର ନିର୍ଯାତନା ଦେଉଥିଲେ, ସେମାନଙ୍କର ଧନରତ୍ନ ଲୁଣ୍ଠନ କରୁଥିଲେ ଏବଂ ମିଶରୀୟମାନଙ୍କ ମନ୍ଦିରଗୁଡ଼ିକୁ ଧ୍ୱଂସ କରିଦେଇଥିଲେ । ମିଶରବାସୀମାନେ ଶାସନ ପରିଚାଳନାରେ ସେମାନଙ୍କୁ ସାହାଯ୍ୟ କରୁ ନ ଥିଲେ ତଥା ଜମିଦାରମାନେ ବିରୋଧ କରୁଥିଲେ ।

ହ୍ୟାକୋମାନଙ୍କର ପ୍ରଥମ ରାଜା ସେଲିଷ୍ଟିସ୍ ମେମ୍ଫିସ୍ଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେ ଏହି ନଗରୀକୁ ପୁନଃ ନିର୍ମାଣ କରି ଏକ ନୂତନ ସ୍ୱରୂପ ପ୍ରଦାନ କରିଥିଲେ । ଆହୁରି ମଧ୍ୟ ସିଏ ନୀଳନଦୀକୂଳସ୍ଥ ଆଭାରିସ୍ ସହରକୁ ପୁନଃ ନିର୍ମାଣ କରିଥିଲେ । ଊନବିଂଶ ବଂଶର ଜଣେ ରାଜାଙ୍କ ଏକ ଶିଳାଲିପିରୁ ଜଣାଯାଏ ଯେ, ଥେବସ୍ ବଂଶୀୟ ରାଜକୁମାର ସିକେନେନ୍‌ଭେ, ଆଭାରିସ୍‌ର ହ୍ୟାକୋ ରାଜା ଆପୋଫିସ୍‌ଙ୍କ ବିରୁଦ୍ଧରେ ଯୁଦ୍ଧକରି ପରାଜିତ ହୋଇଥିଲେ । ସିକେନେନ୍‌ଭେଙ୍କ ସୁରକ୍ଷିତ ରଖାଯାଇଥିବା ମମି (ଶବ)ରୁ ଜଣାଯାଏ ଯେ, ସେ ଏହି ଯୁଦ୍ଧରେ ଭୀଷଣ ଭାବରେ କ୍ଷତବିକ୍ଷତ ହୋଇଥିଲେ । ତାଙ୍କ ଦୁଇ ପୁଅ କାମୋସ୍ ଏବଂ ଅହମୋସ୍ ହ୍ୟାକୋମାନଙ୍କ ବିରୁଦ୍ଧରେ କ୍ରମାଗତ ଯୁଦ୍ଧ ଚଳାଇଥିଲେ । ସେମାନେ ହ୍ୟାକୋ ରାଜାଙ୍କୁ ସଂପୂର୍ଣ୍ଣ ପରାସ୍ତ କରି ପାଲେଷ୍ଟାଇନ୍ ପର୍ଯ୍ୟନ୍ତ ବିତାଡିତ କରିଥିଲେ । ଏହି କ୍ରମରେ ଶେଷଯୁଦ୍ଧ ଶାରୁହେନ୍ ଦୁର୍ଗରେ ହୋଇଥିଲା । ଏହି ଯୁଦ୍ଧରେ ମଧ୍ୟ ହ୍ୟାକୋମାନେ ସଂପୂର୍ଣ୍ଣ ରୂପରେ ପରାସ୍ତ ହୋଇ ମିଶରରୁ ପଳାୟନ କରିଥିଲେ । ଏହାପରେ ଅହମୋସ୍ ନୂତନ ରାଜ୍ୟର ପ୍ରଥମ ରାଜା ହୋଇଥିଲେ ।

ନୂତନ ରାଜ୍ୟ ଏବଂ ମିଶରୀୟ ସାମ୍ରାଜ୍ୟ ସ୍ଥାପନ

ହ୍ୟାକୋମାନଙ୍କର ପଳାୟନ ପରେ ମିଶରରେ ପ୍ରଶାସନର ନୂତନ ସୂର୍ଯ୍ୟ ଉଦୟ ହୋଇଥିଲା । ମିଶରୀୟ ସଭ୍ୟତା ଏକ ନୂତନ ପ୍ରଭାତରେ ପଦାର୍ପଣ କରି ଏକ ସାମ୍ରାଜ୍ୟରେ ପରିଣତ ହୋଇଥିଲା । ନୂତନ ସାମ୍ରାଜ୍ୟରେ ଲୋକଙ୍କ ମନରେ ଏକ ନୂତନ ଆଶା ଓ ଉଦ୍ଦୀପନା ଜାଗୃତ ହୋଇଥିଲା । ମିଶରରେ ନୂତନତା ଏବଂ ବିଶ୍ୱର ପ୍ରଥମ ସାମ୍ରାଜ୍ୟ ପରିକଳ୍ପନାର ଭିତ୍ତି ସ୍ଥାପନ କରିଥିଲେ ସମ୍ରାଟ୍ ଅହମୋସ୍ ।

ଅହମୋସ୍

ହ୍ୟାକୋମାନଙ୍କୁ ବିତାଡ଼ିତ କରି ଅହମୋସ୍ ମିଶରରେ ନୂତନ ରାଜ୍ୟ ଗଠନପୂର୍ବକ ବିଂଶତମ ରାଜବଂଶର ପ୍ରତିଷ୍ଠା କରିଥିଲେ । ନୂତନ ରାଜ୍ୟର କାଳ ଖ୍ରୀ.ପୂ. ୧୫୭୦ ରୁ ଖ୍ରୀ.ପୂ. ୧୧୫୦ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ମିଶରର ପ୍ରାଚୀନଯୁଗୀୟ ସଭ୍ୟତା ଏହି କାଳ ମଧ୍ୟରେ ଉନ୍ନତିର ଚରମସୀମାରେ ଉପନୀତ ହୋଇଥିଲା । ନୂତନ ରାଜବଂଶର ରାଜାମାନେ ହ୍ୟାକୋମାନଙ୍କ ପରି ଯୁଦ୍ଧରେ ଅଶ୍ୱ ଏବଂ ରଥ ବ୍ୟବହାର କରି ସୁଦୂର ରାଜ୍ୟଗୁଡ଼ିକ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିଲେ ।

ନୂତନ ରାଜ୍ୟର ରାଜାମାନଙ୍କର କୃତିତ୍ୱ

ନୂତନ ରାଜ୍ୟର ରାଜାମାନେ ଅହମୋସ୍‌ଙ୍କ ପ୍ରତିଷ୍ଠିତ ନୂତନ ରାଜ୍ୟକୁ ଉନ୍ନତି ଆଡ଼କୁ ଆଗେଇ ନେବାରେ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ ।

ଆମେନ୍‌ହୋଟିପ୍ - ୧ମ

ନୂତନ ରାଜ୍ୟର ପ୍ରଥମ ରାଜା ଅହମୋସ୍ ଖ୍ରୀ.ପୂ. ୧୫୪୬ରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଆମେନ୍‌ହୋଟିପ୍-୧ମ ମିଶରର ଦ୍ୱିତୀୟ ଫାରୋ ହୋଇଥିଲେ । ସେ ୨୧ ବର୍ଷ କାଳ ରାଜତ୍ୱ କରି ଦେହତ୍ୟାଗ କରିଥିଲେ ।

ତୁତ୍‌ମୋସ୍ -୧ମ

ଆମେନ୍‌ହୋଟିପ୍-୧ମଙ୍କ ପରେ ତାଙ୍କ ଜାମାତା ତୁତ୍‌ମୋସ୍-୧ମ ଫାରୋ ଉପାଧି ଗ୍ରହଣ କରିଥିଲେ । ତୁତ୍‌ମୋସ୍-୧ମ ଙ୍କର ଚାରି ସନ୍ତାନ ମଧ୍ୟରୁ ମାତ୍ର ଜଣେ ଝିଅ ଜୀବିତ ଥିଲେ । ପୁନଶ୍ଚ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଗର୍ଭରୁ ଜନ୍ମିତ ଏକ ପୁତ୍ର ସନ୍ତାନ ମଧ୍ୟ ଥିଲେ ଏବଂ ଉଭୟ ସିଂହାସନର ଅଧିକାରୀ ଥିଲେ । ଏହି ସମସ୍ୟାକୁ ସମାଧାନ କରିବା ପାଇଁ ତୁତ୍‌ମୋସ୍ ଉଭୟଙ୍କୁ ବିବାହ କରାଇ ଦେଇଥିଲେ । ତେଣୁ ତାଙ୍କ ପରେ ତାଙ୍କ ପୁତ୍ର ଏଲିଆସ୍ ଜାମାତା ତୁତ୍‌ମୋସ୍-୨ୟ ରୂପରେ ସିଂହାସନ ଆରୋହଣ କରିଥିଲେ ।

ରାଜା ତୁତ୍‌ମୋସ୍-୨ୟ ଏବଂ ରାଣୀ ହାତ୍‌ଶେପସୁତ୍

ରାଜା ତୁତ୍‌ମୋସ୍-୨ୟଙ୍କର ପ୍ରଶାସନିକ କ୍ଷମତା ନ ଥିବାରୁ ବାସ୍ତବରେ ରାଣୀ ହାତ୍‌ଶେପସୁତ୍ ହିଁ ଶାସନ ପରିଚାଳନା କରୁଥିଲେ । ପ୍ରାଚୀନ ମିଶରର ସମସ୍ତଙ୍କଠାରୁ ଯୋଗ୍ୟା ଶାସିକା ରୂପରେ ତାଙ୍କର ଖ୍ୟାତି ରହିଥିଲା । ତାଙ୍କର ବୈମାତ୍ରେୟ ଭ୍ରାତା ସହିତ ବିବାହ ମିଶରରେ ଭାଇ ଓ ଭଉଣୀ ମଧ୍ୟରେ ବିବାହର ସୂଚନା ଦିଏ, ଯାହାକି ଅନ୍ୟାନ୍ୟ ସଂପ୍ରଦାୟ (ଜାତି)ରେ ନିଷିଦ୍ଧ ଥିଲା ।

ହାତ୍‌ଶେପସୁତ୍ ଥିଲେ ବିଶ୍ୱର ପ୍ରଥମ ମହିଳା ଶାସିକା । ସେ ନିଜସ୍ୱ ଯୋଗ୍ୟତା ପ୍ରଦର୍ଶନପୂର୍ବକ ସେହି ଯୁଗରେ ନାରୀମାନେ ମଧ୍ୟ କୌଣସି କ୍ଷେତ୍ରରେ ପୁରୁଷଙ୍କଠାରୁ ନ୍ୟୂନ (କମ୍) ନୁହନ୍ତି ବୋଲି ଉଦାହରଣ ସୃଷ୍ଟି କରିଥିଲେ । ହାତ୍‌ସେପ୍‌ସୁତଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ । ତେଣୁ ତୁତ୍‌ମୋସ୍-୨ୟଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ୟ ରାଣୀଠାରୁ ଜନ୍ମିତ ପୁତ୍ର ତୁତ୍‌ମୋସ୍-୩ୟ ନାମରେ ସିଂହାସନ ଆରୋହଣ କରିଥିଲେ । ସିଂହାସନ ଆରୋହଣ ସମୟରେ ସେ ନାବାଳକ ଥିବାରୁ ତାଙ୍କର ତତ୍ତ୍ୱାବଧାରିକା ରୂପରେ ରାଣୀ ହାତ୍‌ଶେପସୁତ୍ ପୁନର୍ବାର ଶାସନ ପରିଚାଳନା କରିଥିଲେ । ସେ ନିଜକୁ ରାଜା ବୋଲି ଘୋଷଣା କରିଥିଲେ ଏବଂ ପୁରୁଷଙ୍କ ପରିଧେୟ ପରିଧାନ କରୁଥିଲେ । ସାଧାରଣ ଜନତାଙ୍କୁ ଭେଟିବା ସମୟରେ ସେ ମୁଣ୍ଡରେ ମୁକୁଟ ପରିଧାନ କରୁଥିଲେ । ପ୍ରଜାମାନେ ତାଙ୍କୁ 'ଭଗବାନଙ୍କ ପତ୍ନୀ' ବୋଲି କହୁଥିଲେ । ସେ ଶକ୍ତିମୟୀ ଏବଂ ସୁଦକ୍ଷା ପ୍ରଶାସିକା ଥିଲେ ତଥା କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ବିଶେଷ ଉନ୍ନତି କରିଥିଲେ । ତାଙ୍କ ମୃତ୍ୟୁ ପରେ ତୁତ୍‌ମୋସ୍-୩ୟ ସ୍ୱାଧୀନ ଭାବରେ ଶାସନ ପରିଚାଳନା କରିଥିଲେ ।

ତୁତ୍‌ମୋସ୍- ୩ୟ

ହାତ୍‌ଶେପସୁତ୍ ତତ୍ତ୍ୱାବଧାରିକା ଥିଲେ ମଧ୍ୟ ସେ ତୁତ୍‌ମୋସ୍-୩ୟଙ୍କୁ ସ୍ୱାଧୀନ ଭାବରେ ଶାସନ ଚଳାଇବା ପାଇଁ ସ୍ୱାଧୀନତା ଦେଇ ନ ଥିଲେ । ତେଣୁ ତାଙ୍କ ମୃତ୍ୟୁ ପରେ ତୁତ୍‌ମୋସ୍-୩ୟ ପ୍ରତିଶୋଧପରାୟଣ ହୋଇ ରାଣୀଙ୍କ ପ୍ରଭୁସତ୍ତାରେ କଳଙ୍କ ବୋଳିଦେବା ପାଇଁ ସମସ୍ତ ଜାତୀୟ ସ୍ମରଣିକାରୁ ତାଙ୍କ ନାମକୁ ଉଚ୍ଛେଦ କରିଥିଲେ । ଜଣେ ସ୍ୱାଧୀନ ରାଜା ହୋଇଥିବାରୁ ସେ ଫାରୋ ଉପାଧି ଗ୍ରହଣ କରିଥିଲେ ତଥା ମିଶରୀୟ ସାମ୍ରାଜ୍ୟର ମହାନ୍ ସମ୍ରାଟ ରୂପରେ ନିଜକୁ ପ୍ରତିଷ୍ଠିତ କରିଥିଲେ ।

ନିଜସ୍ୱ ବିଶାଳ ଏବଂ କ୍ଷମତାଶାଳୀ ସୈନ୍ୟବାହିନୀ ସହାୟତାରେ ସେ ଦକ୍ଷିଣ ନୁବିୟା (ଆଧୁନିକ ଇଥିଓପିଆ) ଅଞ୍ଚଳକୁ ଜୟକରି ମିଶର ସହିତ ମିଶ୍ରଣ କରିଥିଲେ । ପୁନଶ୍ଚ ସେ ଇଉଫ୍ରେଟିସ୍ ନଦୀ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଅଞ୍ଚଳକୁ ଜୟକରି ନିଜ ସାମ୍ରାଜ୍ୟଭୁକ୍ତ କରିଥିଲେ । ପାଲେଷ୍ଟାଇନ୍, ସିରିଆ, ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ହ୍ୟାକୋମାନଙ୍କ ସହିତ ମିଶି ତୁତ୍‌ମୋସ୍-୩ୟଙ୍କ ବିରୁଦ୍ଧରେ ଏକ ସଂଘ ଗଠନ କରିଥିଲେ ତଥା ପ୍ରସିଦ୍ଧ ମେଗିଦୋ ଦୁର୍ଗରେ ସଶସ୍ତ୍ର ସେନା ମୁତୟନ କରିଥିଲେ । ସେମାନଙ୍କ ମିଳିତ ବିଦ୍ରୋହ ବାବଦରେ ତୁତ୍‌ମୋସ୍-୩ୟ ଜାଣିପାରି କ୍ଷିପ୍ର ବେଗରେ ମେଗିଦୋ ଦୁର୍ଗକୁ ଆକ୍ରମଣ କରି ବିଦ୍ରୋହ ଦମନ କରିଥିଲେ । ତା'ପରେ ସେ ବିଜିତ ଅଞ୍ଚଳରେ ସ୍ଥିତାବସ୍ଥା ଆଣିବାରେ

ମଧ୍ୟ ସକ୍ଷମ ହୋଇଥିଲେ । ପ୍ରତିବର୍ଷ ସ୍ୱୀୟ ସମୟରେ ବୈଦେଶିକମାନଙ୍କର ବିଶେଷ ଉପହାର ଆଣୁଥିଲେ । ଏହିପରି ଭାବରେ ତୁତ୍‌ମୋସ-୩ୟ ପୃଥିବୀର ପ୍ରଥମ ସାମ୍ରାଜ୍ୟବାଦୀଙ୍କ ମଧ୍ୟରେ ମିଶରରେ ସର୍ବପ୍ରଥମ ସାମ୍ରାଜ୍ୟ ଗଠନ କରିଥିଲେ ଏବଂ ମିଶରୁ ସମ୍ରାଟ୍ ବୋଲି ପରିଚିତ ହୋଇଥିଲେ ।

ଆମେନହୋଟେପ୍-୩ୟ

ତୁତ୍‌ମୋସ-୩ୟଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଆମେନହୋଟେପ୍-୩ୟ ମିଶରର ସାମ୍ରାଜ୍ୟର ସମ୍ରାଟ୍ ହୋଇଥିଲେ । ସେ ଜଣେ ସୁଦକ୍ଷ ପ୍ରଶାସକ ଥିଲେ । ବିଦେଶୀମାନଙ୍କ ନିକଟରୁ ଆଦିତ୍ୟର କରାଯାଉଥିଲା ଏବଂ ଶିଳାଲିପିରେ ଆମେନହୋଟେପ୍-୩ୟଙ୍କ ବାବଦରେ ନିମ୍ନପ୍ରକାରରେ ଉଲ୍ଲେଖ କରାଯାଇଛି ।

“ସେ ବେଦେଶରେ ଆମେନହୋଟେପ୍-୩ୟ ତାଙ୍କ ରାଜତ୍ୱକାଳରେ ପ୍ରଚୁର ଧନ ସମ୍ପତ୍ତି ସଂଗ୍ରହ କରିଥିଲେ । ତାଙ୍କ ପାଇଁ ବାହାରୁ ସୁନା, ରୁପା, ହାତୀଦାନ୍ତ, ଗଛ ଓ କାଠ ଆଦି ଦ୍ରବ୍ୟ ଆଣି ସେ ମନ୍ଦିର ନିର୍ମାଣ କରିଥିଲେ । ସୁନ୍ଦର ସୁନ୍ଦର ପ୍ରାସାଦ ଓ ମନ୍ଦିର ସେ ନିର୍ମାଣ କରିଥିଲେ । ସେ ଦେଶର ସମସ୍ତ ଲୋକଙ୍କୁ ସୁଖ ଓ ଶାନ୍ତିରେ ରଖିଥିଲେ । ଆମୋନ୍‌ଙ୍କ ପୂଜାରେ ସର୍ବଦା ତାଙ୍କୁ ସୁନା ଓ ରୁପା ଅର୍ପଣ କରି ପ୍ରଚାର କରିଥିଲେ ।”

ପ୍ରଚୁର ଧନ ରତ୍ନ ହାସଲ କରି ପରେ ସେ ବିଳାସ ଜୀବନ ଯାପନ କରୁଥିଲେ । ଆମେନହୋଟେପ୍-୩ୟ ଜଣେ ଶାନ୍ତିପ୍ରିୟ ଏବଂ ସାହସୀ ରାଜା ଥିଲେ । ଖ୍ରୀ.ପୂ. ୧୩୮୦ରେ ତାଙ୍କ ମୃତ୍ୟୁ ପରେ ତାଙ୍କର ପୁତ୍ର (ଶିଶୁ) ମଧ୍ୟ ସିଂହାସନ ଅଧିକାର କରିଥିଲେ । ତାଙ୍କ ରାଜତ୍ୱ କାଳରେ ସେ ରାଜ୍ୟର ସମସ୍ତ କ୍ଷମତା ନିଜ ହାତକୁ ନେଇଥିଲେ । “ତୁମ୍ଭେ ମିଶରୀୟ ଆଭିଜାତ୍ୟମାନଙ୍କୁ ଧ୍ୱଂସ କରିବ ଏବଂ ପୁରୋହିତ ସମ୍ପ୍ରଦାୟକୁ ଦମନ କରିବ, ମିଶରର ଦେବତାମାନଙ୍କର ମହାନ୍ ଉପାସନା କରିବା ।” ଏହି ଘୋଷଣା ପରେ ଆମେନହୋଟେପ୍-୩ୟଙ୍କ ଏକ ମହାନ୍ ଯୋଦ୍ଧା ଏବଂ ବିଜେତା ଭାବରେ ପ୍ରସିଦ୍ଧି ରହିଛି । ଆଜି ମଧ୍ୟ ସେ ଜଣେ ସମ୍ରାଟ୍ ଭାବରେ ମିଶରର ଇତିହାସରେ ସ୍ମରଣୀୟ ହୋଇ ରହିଛନ୍ତି ।

ତୁତ୍‌ମୋସ-୪ର୍ଥ

ଆମେନହୋଟେପ୍-୩ୟଙ୍କ ପରେ ତାଙ୍କ ପୁତ୍ର ତୁତ୍‌ମୋସ-୪ର୍ଥ ଖ୍ରୀ.ପୂ. ୧୪୩୫ରେ ମିଶରର ସିଂହାସନ ଆରୋହଣ କରି ଖ୍ରୀ.ପୂ. ୧୪୧୩ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ‘ସ୍ଫିଙ୍କସ’ ସ୍ତମ୍ଭ ନିର୍ମାଣ କରାଯାଇଥିଲା । ତାଙ୍କ ରାଜତ୍ୱ କାଳରେ ମିଶରର ସାମ୍ରାଜ୍ୟ ସୁରକ୍ଷିତ ରହିଥିଲା । ସେ ସାମ୍ରାଜ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଏକ ଦୃଢ଼ ଶାସନ ପ୍ରଣାଳୀ ପ୍ରଚଳନ କରିଥିଲେ ।

ଆମେନହୋଟେପ୍-୪ର୍ଥ (ଆଖନାଟନ)

ତୁତ୍‌ମୋସ-୪ର୍ଥଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଆମେନହୋଟେପ୍-୪ର୍ଥ ସିଂହାସନ ଅଧିକାର କରିଥିଲେ, କିନ୍ତୁ ତାଙ୍କ ରାଜତ୍ୱ କାଳରେ ସିଂହାସନ ଆରୋହଣ କରିଥିଲେ । ଆମେନହୋଟେପ୍-୪ର୍ଥ ଧର୍ମକ୍ଷେତ୍ରରେ ଏକ ନୂତନ ଧର୍ମ ପ୍ରଚଳନ କରିଥିଲେ । ଆମେନହୋଟେପ୍-୪ର୍ଥ ଥିଲେ ମିଶରର ଶେଷ ଗୌରବମୟ ଶାସକ । ସେ ଥିଲେ ଦୁର୍ବଳ, ଏବଂ ଧର୍ମ ଏବଂ ସାହିତ୍ୟ ପ୍ରତି ଅଧିକ ଆଗ୍ରହୀ ଥିଲେ । ସେ ମିଶରର ରାଜ୍ୟଶାସନରେ ଶାନ୍ତିପ୍ରିୟ ଏବଂ ଧର୍ମପରାୟଣ ଶାସକ ଥିଲେ ।

ତାଙ୍କ ପିତାଙ୍କ ରାଜତ୍ୱ କାଳରେ ଆମେନ ପୁରୋହିତମାନଙ୍କ ପ୍ରଭାବ ବୃଦ୍ଧି ପାଇଥିଲା, ଫଳରେ ସେ ଧର୍ମସଂସ୍କାର କରିଥିଲେ । ଏହି ସମୟରେ ସେ ଏକ ନୂତନ ଧର୍ମ ପ୍ରଚଳନ କରି ନିଜକୁ ସର୍ବୋଚ୍ଚ କରିଥିଲେ; କେବଳ ଆମୋନ୍‌ଙ୍କ ପୂଜା କରିବା ପାଇଁ ଆମେନହୋଟେପ୍-୪ର୍ଥ ତାଙ୍କ ନାମ ପରିବର୍ତ୍ତନ କରିଥିଲେ ।

ଗ୍ରହଣ କରି ନ ଥିଲେ । ଅନ୍ୟପକ୍ଷରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ ନ କରି ସାମ୍ରାଜ୍ୟକୁ ବିଭାଜନ କରିବା ପାଇଁ ସୁଯୋଗ ଦେଇଥିଲେ । ସେ ଜଣେ କଳ୍ପନାବିଳାସୀ ଏବଂ ମହାନ୍ କଳାକାର ଥିଲେ; କିନ୍ତୁ କେତେକ ଲୋକ ତାଙ୍କୁ ନୈରାଶ୍ୟବାଦୀ ଓ ନିନ୍ଦୁକ ବୋଲି କହୁଥିଲେ; ହେଲେ ଏହା ସତ୍ୟ ଅଟେ ଯେ, ତାଙ୍କ ବିଚାରଧାରା ଅତୀବ ଉଚ୍ଚକୋଟୀର ଥିଲା ତଥା ଜୀବନ ଦର୍ଶନ ସମ୍ବନ୍ଧରେ ବିଚାର ଏତେ ଗଭୀର ଥିଲା ଯେ, ସେ 'ମାନବ ଇତିହାସରେ ପ୍ରଥମ ମଣିଷ' ରୂପରେ ବିବେଚିତ ହୋଇଥିଲେ ।

ସେ ଥିଲେ ସୂର୍ଯ୍ୟଦେବତାଙ୍କର ଅନନ୍ୟ ଭକ୍ତ ଏବଂ ନିଜ ନାମକୁ ପରିବର୍ତ୍ତନ କରି ଆଖନାଟନ ରଖିଥିଲେ, ଯାହାର ଅର୍ଥ ହେଉଛି, 'ସୂର୍ଯ୍ୟ ଭଗବାନ୍ ସନ୍ତୁଷ୍ଟ ଅଟନ୍ତି' । ସେ ତାଙ୍କ ରାଜଧାନୀ ଅମର୍ଣ୍ଣା ସହରକୁ ପରିବର୍ତ୍ତନ କରିଥିଲେ । ଏହା ଦୁର୍ଭାଗ୍ୟଜନକ ଥିଲା ଯେ, ତାଙ୍କପରି ଜଣେ ବିଜ୍ଞ, ଦାର୍ଶନିକ, ଧର୍ମସଂସ୍କାରକ ରାଜା ନିଜ ରାଜ୍ୟକୁ ଭାଗ ଭାଗ ହେବାରୁ ରକ୍ଷା କରିପାରି ନ ଥିଲେ । ତେଲାଲ୍-ଅମର୍ଣ୍ଣାଠାରୁ ଆବିଷ୍କୃତ କେତୋଟି ଚିକିଟାମାଟି ନିର୍ମିତ ସିଲଟ (ଫଳକ) ଲିପିରୁ ଜଣାଯାଏ ଯେ, ସିରିଆ ଏବଂ ପାଲେଷ୍ଟାଇନ୍‌ର ଲୋକମାନେ ମିଶର ସମ୍ରାଟଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ସିଲଟ୍‌ଗୁଡ଼ିକରେ ପ୍ରଜାମାନେ ବିଦ୍ରୋହ କରୁଥିବା ରାଜ୍ୟଗୁଡ଼ିକର ରାଜ୍ୟପାଳମାନଙ୍କୁ ଦିଆଯାଇଥିବା ସମ୍ରାଟଙ୍କ ଆଦେଶ ଉତ୍କୀର୍ଣ୍ଣ କରାଯାଇଛି । ପୁନଶ୍ଚ ରାଜ୍ୟପାଳମାନେ ସହାୟତା ପାଇଁ ସମ୍ରାଟଙ୍କୁ ଲେଖିଥିବା ଅନୁରୋଧଗୁଡ଼ିକ ମଧ୍ୟ ରହିଛି; ହେଲେ ଆଖନାଟନ ଏଥିପ୍ରତି ଖାତିର କରି ନ ଥିଲେ; ଫଳସ୍ୱରୂପ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା ।

ତୁତାନ୍‌ଖାମେନ୍

ଆଖନାଟନ୍‌ଙ୍କ ପରେ ତାଙ୍କ ଜାମାତା ତୁତାନ୍‌ଖାମେନ୍ ସିଂହାସନ ଆରୋହଣ କରିଥିଲେ । ପୁନର୍ବାର ସେ ରାଜଧାନୀକୁ ଅମର୍ଣ୍ଣାଠାରୁ ଥେବେସ୍‌କୁ ପରିବର୍ତ୍ତନ କରିଥିଲେ । ଲୋକେ ଆଖନାଟନଙ୍କ ଧର୍ମ ସଂସ୍କାର ଯଥା ଏକେଶ୍ୱରବାଦକୁ ଅସ୍ୱୀକାର କରି ଏବଂ ନିଜ ଇଚ୍ଛାମୁତାବକ ବହୁ ଦେବଦେବୀ ପୂଜା ପୁନଃ ଆରମ୍ଭ କରିଥିଲେ । ତୁତାନ୍‌ଖାମେନ୍ ଭଗବାନ୍ ଆମେନ୍‌ଙ୍କୁ ପୂଜା କରୁଥିଲେ । ସେ ୧୮ ବର୍ଷରେ ମୃତ୍ୟୁବରଣ କରିଥିଲେ । ତାଙ୍କ କବରକୁ ଖ୍ରୀ.ଅ. ୧୯୨୨ରେ ଆବିଷ୍କାର କରାଯାଇଥିଲା । କବର ଭିତରେ ତାଙ୍କ ମମି ସହିତ ସ୍ୱର୍ଣ୍ଣ ସିଂହାସନ, ଗହଣା ପେଟି, ସୁନା ଅଳଙ୍କାର ଆଦି ମଧ୍ୟ ରଖାଯାଇଥିଲା ।

ହାର୍‌ମାହାବ ରାମସେସ୍-୧ମ

ତୁତାନ୍‌ଖାମେନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ସେନାପତି ହାର୍‌ମାହାବ ବଳପୂର୍ବକ ସିଂହାସନକୁ ଅଧିକାର କରିଥିଲେ । ସେ ଊନବିଂଶ ରାଜବଂଶ ସ୍ଥାପନପୂର୍ବକ ହାର୍‌ମାହାବ୍ ରାମସେସ୍-୧ମ ନାମରେ ଶାସନ ଆରମ୍ଭ କରିଥିଲେ । ସେ ଜଣେ ଦକ୍ଷ ଶାସକ ଥିଲେ ଏବଂ ମିଶରର ବିଭାଜନ ବନ୍ଦ କରିବା ପାଇଁ ଚେଷ୍ଟା କରିଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ସେନାପତିଙ୍କ ପୁଅ ରାମସେସ୍-୧ମ ନାମରେ ସିଂହାସନ ଅଧିକାର କରିଥିଲେ । ତାଙ୍କ ପରେ ସେଠି-୧ମ ଏବଂ ତା'ପରେ ରାମସେସ୍-୨ୟ ସିଂହାସନ ଆରୋହଣ କରିଥିଲେ ।

ରାମସେସ୍- ୨ୟ

ରାମସେସ୍-୨ୟ ଖ୍ରୀ.ପୂ. ୧୩୦୧ ରୁ ୧୨୩୪ ପର୍ଯ୍ୟନ୍ତ ୬୭ ବର୍ଷ ଶାସନ କରିଥିଲେ । ତାଙ୍କ ଶାସନକାଳରେ ସେ ବିଦ୍ରୋହୀ ରାଜ୍ୟମାନଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ଥିଲେ । ବହୁ କଷ୍ଟରେ ସେ ହିଟିଟିମାନଙ୍କଠାରୁ ନିଜକୁ ରକ୍ଷା କରିପାରିଥିଲେ । ତାଙ୍କ ବୀରତ୍ୱ ଗାଥା ଶିଳାଲିପିଗୁଡ଼ିକରେ ଉତ୍କୀର୍ଣ୍ଣ କରାଯାଇଛି । ଏଥିରୁ ଜଣାଯାଏ ଯେ, ହିଟିଟି ଏବଂ ମିଶର ମଧ୍ୟରେ ଏକ ସନ୍ଧି ଯୋଗୁ ମିଶର ପୁନଶ୍ଚ ଦକ୍ଷିଣ ସିରିଆ ଏବଂ ପାଲେଷ୍ଟାଇନ୍ ଉପରେ ତା'ର

ଆଧିପତ୍ୟ ଜାହିର କରିପାରିଥିଲା । ଏହା ଥିଲା ପୃଥିବୀର ପ୍ରଥମ ଅନାକ୍ରମଣ ସନ୍ଧି । ଏହି ସନ୍ଧିକୁ ସୁଦୃଢ଼ କରିବା ପାଇଁ ଜଣେ ହିଟିଟି ରାଜକୁମାରୀଙ୍କୁ ରାମସେସ୍-୨ୟ ବିବାହ କରିଥିଲେ ।

ମାରେନ୍ ପିତୋଃ

ରାମସେସ୍-୨ୟଙ୍କ ପରେ ତାଙ୍କ ପୁତ୍ର ମାରେନ୍ ପିତୋଃ ସିଂହାସନ ଆରୋହଣ କରିଥିଲେ । ନୀଳନଦୀର ପଶ୍ଚିମରେ ଥିବା ତ୍ରିକୋଣଭୂମିକୁ ଆକ୍ରମଣ କରୁଥିବା ଲିବ୍ୟାର ସୈନ୍ୟବାହିନୀ ସହିତ ସେ ଯୁଦ୍ଧରେ ବ୍ୟାପୃତ ହୋଇଥିଲେ । ସେ ପାଲେଷ୍ଟାଇନ୍‌ର ବିଦ୍ରୋହକୁ ମଧ୍ୟ ଦମନ କରିଥିଲେ । ଏକ ମୁଗୁନି ପ୍ରସ୍ତର ଫଳକରେ ସେ ନିଜର କୃତିତ୍ୱ ଉତ୍କୀର୍ଣ୍ଣ କରାଇଥିଲେ; ଯଥା- "ଶତ୍ରୁ ରାଜାମାନେ ଆତ୍ମସମର୍ପଣପୂର୍ବକ ଶାନ୍ତିପ୍ରତିଷ୍ଠା ପାଇଁ ପ୍ରାର୍ଥନା କରିଥିଲେ । ବର୍ତ୍ତମାନ ଆଉ କେହି ବିଦ୍ରୋହ କରିବା ପାଇଁ ମୁଣ୍ଡ ଉଠେଇପାରିବ ନାହିଁ । ସମସ୍ତ ପ୍ରଦେଶ ଯଥା- ଲିବ୍ୟା, କାନୋନ୍, ଗାଜେର, ୟୋନୋମ୍ ଏବଂ ପାଲେଷ୍ଟାଇନ୍ ଆଦି ପୁନର୍ବାର ମିଶରୀୟ ସାମ୍ରାଜ୍ୟରେ ମିଶ୍ରଣ କରାଗଲା । ସମସ୍ତ ଧାର୍ମିକ ବ୍ୟକ୍ତିଙ୍କୁ ମାରେନ୍ ପିତୋଃଙ୍କ ଅଧୀନରେ ରଖାଗଲା ।"

ମିଶରୀୟ ସାମ୍ରାଜ୍ୟର ପତନ

ମିଶରର ପରବର୍ତ୍ତୀ ଶାସକମାନେ ଦୁର୍ବଳ ଥିଲେ ଏବଂ ପତନର କାରଣ ହୋଇଥିଲେ । ମାରେନ୍ ପିତୋଃଙ୍କ ପରେ ସିଂହାସନ ପାଇଁ ଗୃହଯୁଦ୍ଧ ଲାଗିଥିଲା । ପରିଶେଷରେ ସେନାପତି ସେଠ୍‌ନାଖତ୍ ବିଜୟୀ ହୋଇ ସିଂହାସନ ଅଧିକାର କରିଥିଲେ । ସେ ବିଂଶତମ ବଂଶ ପ୍ରତିଷ୍ଠା କରିଥିଲେ ।

ରାମସେସ୍-୩ୟ

ସେଠ୍ ନାଖତ୍‌ଙ୍କ ପରେ ରାମସେସ୍-୩ୟ ସିଂହାସନ ଆରୋହଣ କରିଥିଲେ । ସେ ତାଙ୍କ ଶତ୍ରୁମାନଙ୍କୁ ପରାସ୍ତ କରିଥିଲେ । ସେ ସୂର୍ଯ୍ୟଦେବତାଙ୍କ ପାଇଁ ମେଡ଼ିନେଟ୍ ହାବୁ ମନ୍ଦିର ନିର୍ମାଣ କରାଇଥିଲେ । ସେ ନିଜର କୃତିତ୍ୱକୁ ଏହି ମନ୍ଦିର କାନ୍ଥରେ ଉତ୍କୀର୍ଣ୍ଣ କରାଇଥିଲେ ।

ରାମସେସ୍-୩ୟ ଙ୍କ ପରେ ସାମ୍ରାଜ୍ୟର ଦ୍ରୁତ ପତନ ହୋଇଥିଲା, କାରଣ ପରବର୍ତ୍ତୀ ଦୁର୍ବଳ ରାଜାମାନେ ଆଫ୍ରିକା ଏବଂ ଆସିରିଆର ଆକ୍ରମଣରୁ ଏହାକୁ ରକ୍ଷା କରି ପାରିନଥିଲେ । ସତେଇଶତମ ରାଜବଂଶରୁ ତିରିଶତମ ରାଜବଂଶର ଶାସନକାଳ ମଧ୍ୟରେ ସାମ୍ରାଜ୍ୟର ସଂପୂର୍ଣ୍ଣ ପତନ ଘଟିଥିଲା । ଏହି ରାଜାମାନେ ପାରସ୍ୟର ବଶ୍ୟତା ସ୍ୱୀକାର କରିଥିଲେ । ଖ୍ରୀ.ପୂ. ୩୩୨ରେ ଆଲେକ୍‌ଜାଣ୍ଡର ମିଶର ଅଧିକାର କରିଥିଲେ । ତାଙ୍କ ମୃତ୍ୟୁ ପରେ ଟଲେମି ବଂଶର ରାଜାମାନେ ମିଶରକୁ ଶାସନ କରୁଥିଲେ । ଖ୍ରୀ.ପୂ. ୩୦ରେ ରାଣୀ କ୍ଲିଓପାଟ୍ରାଙ୍କ ମୃତ୍ୟୁ ପରେ ରୋମ୍ ସାମ୍ରାଜ୍ୟ ଅଧୀନରେ ଅଭ୍ୟାଭୀୟମାନେ ଶାସନ କରୁଥିଲେ । ଏହିପରି ଭାବେ ମହାନ୍ ମିଶରୀୟ ସାମ୍ରାଜ୍ୟର ପତନ ହୋଇଥିଲା ।

ମିଶରୀୟ ସଭ୍ୟତା ଓ ସଂସ୍କୃତି

ଗୁରୁତ୍ୱପୂର୍ଣ୍ଣ ମିଶରୀୟ ସଭ୍ୟତା ଅଥବା ନୀଳନଦୀର ସଭ୍ୟତା ସମ୍ବନ୍ଧରେ ମିଳୁଥିବା ତଥ୍ୟ ପ୍ରମାଣରୁ ଜଣାଯାଏ ଯେ, ଏକ ରାଜନୈତିକ ସଂଗଠନରୁ ଆରମ୍ଭ ହୋଇ ଅତୀବ ପ୍ରାଚୀନ ପଦ୍ଧତିର ପ୍ରଶାସନିକ ବ୍ୟବସ୍ଥା ମଧ୍ୟଦେଇ ଗତିକରି ପରିଶେଷରେ ଏକ କେନ୍ଦ୍ରୀଭୂତ ସାମ୍ରାଜ୍ୟରେ ପରିଣତ ହୋଇଥିଲା ।

ରାଜନୈତିକ ଜୀବନ

କୃଷିକାର୍ଯ୍ୟ ଆରମ୍ଭ ହେବା ପରେ ମିଶରରେ ଏକ ଉନ୍ନତ ଧରଣର ରାଜନୈତିକ ପଦ୍ଧତି ଆରମ୍ଭ ହୋଇଥିଲା । କାରଣ ଜଳସେଚନ ଯୋଜନା, ସହଯୋଗ ବିନା ଉନ୍ନତି କରିପାରିବ ନାହିଁ । ପୁନଶ୍ଚ ସେଗୁଡ଼ିକ ରାଜନୈତିକ

ସାହାଯ୍ୟ ଏବଂ ସୁରକ୍ଷା ବିନା ମୂଲ୍ୟହୀନ ଅଟନ୍ତି । ତେଣୁ ପ୍ରତ୍ୟେକ ଜାତିର ସର୍ବବିଧ ଉନ୍ନତି ଏବଂ ସୁରକ୍ଷା ପାଇଁ ରାଜତନ୍ତ୍ରର ଆବଶ୍ୟକତା ରହିଛି । ତେଣୁକରି ମିଶରର ଉନ୍ନତିକଳ୍ପେ ଲୋକମାନେ ପ୍ରାଥମିକ ଅବସ୍ଥାରେ ଏକ ସୁଦୃଢ଼ ରାଜନୈତିକ ସଂଗଠନର ଆରମ୍ଭ କରିଥିଲେ, ଯାହାକି ପରବର୍ତ୍ତୀ ସମୟରେ ମିଶରକୁ ଏକ ରାଜ୍ୟ ଓ ପୁଣି ସାମ୍ରାଜ୍ୟରେ ପରିଣତ କରିଥିଲା ।

ରାଜା ଓ ସମ୍ରାଟ୍

ମିଶରର ରାଜା ଓ ସମ୍ରାଟ୍‌ମାନେ ନିଜକୁ ଫାରୋ ବୋଲି ଅଭିହିତ କରୁଥିଲେ କିମ୍ବା ଉପାଧି ଧାରଣ କରୁଥିଲେ । ମେନେସ୍ ଥିଲେ ପ୍ରଥମ ରାଜା, ଯିଏକି ଉପର ଏବଂ ତଳ ମିଶରକୁ ଏକତ୍ରିତ କଲାପରେ ଏହି ଉପାଧି ଧାରଣ କରିଥିଲେ । ଫାରୋମାନେ ଏକଛତ୍ରବାଦୀ ରାଜା ଥିଲେ । ସେମାନେ ଉପକାରୀ ଏବଂ ପ୍ରଗତିଶୀଳ ଥିଲେ । ସମ୍ରାଟ୍ ମୁଖ୍ୟ ଧର୍ମଗୁରୁ (ପୂଜକ), ମୁଖ୍ୟ ବିଚାରପତି ଏବଂ ମୁଖ୍ୟ ସେନାନୀ ଥିଲେ । ସେ ଭଗବାନଙ୍କ ପ୍ରତିନିଧି ରୂପରେ ସମ୍ମାନିତ ହେଉଥିଲେ । ରାଜାମାନଙ୍କର ଏହି ବିଚାରଧାରା ପରବର୍ତ୍ତୀ ସମୟରେ ରାଜାଙ୍କୁ 'ଈଶ୍ୱର ସଦୃଶ ଅଧିକାରୀ' ରୂପେ ଉଦ୍ଭବ କରାଇଥିଲା । ତା'ପରେ ରାଜାଙ୍କୁ ଭଗବାନଙ୍କ ପରି ପୂଜା କରିବା ଆରମ୍ଭ ହୋଇଯାଇଥିଲା । ମୃତ୍ୟୁ ପରେ ତାଙ୍କ ମରଶରୀରକୁ ମମି କୁହାଯାଉଥିଲା ଏବଂ ବିଭିନ୍ନ ପ୍ରକାର ରାସାୟନିକ ପ୍ରଲେପ ଦେଇ କବର ଭିତରେ ସୁରକ୍ଷିତ ରଖାଯାଉଥିଲା । ଏହି ଭବ୍ୟ କବରଗୁଡ଼ିକୁ ପିରାମିଡ଼ କୁହାଯାଏ । ପିରାମିଡ଼ ଭିତରେ ରାଜାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ସୁନା ଅଳଙ୍କାର, ମୂଲ୍ୟବାନ୍ ପଥର, ଖାଦ୍ୟ ପାନୀୟ ଆଦି ରଖାଯାଉଥିଲା । ରାଜାଙ୍କର କୃତିତ୍ୱଗୁଡ଼ିକୁ କବରର କାନ୍ଥ, ଶିଳା ସ୍ତମ୍ଭ ଏବଂ ମନ୍ଦିର କାନ୍ଥରେ ଉତ୍କୀର୍ଣ୍ଣ କରାଯାଉଥିଲା । ସେ ସୂର୍ଯ୍ୟ ଭଗବାନଙ୍କ ପୁତ୍ର ରୂପରେ ପରିଚିତ ଥିଲେ ।

ରାଜଧାନୀସ୍ଥିତ ଭବ୍ୟ ଏବଂ ବିଶାଳ ରାଜପ୍ରାସାଦରେ ସମ୍ରାଟ୍ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ । ରାଜପ୍ରାସାଦସ୍ଥିତ ରାଣୀହଂସପୁରରେ ରାଣୀମାନେ ଏବଂ ରକ୍ଷିତାମାନେ ରହୁଥିଲେ । ପାଟରାଣୀଙ୍କଠାରୁ ଜନ୍ମିତ ପୁତ୍ର ହିଁ ରାଜାଙ୍କର ଉତ୍ତରାଧିକାରୀ ହେଉଥିଲେ । ପାଟରାଣୀଙ୍କ ପୁତ୍ର ପରିବର୍ତ୍ତେ କନ୍ୟା ଥିଲେ ସେ ପ୍ରଶାସିକା ରୂପରେ ଅଭିଷିକ୍ତ ହେଉଥିଲେ । ଯଦି ପାଟରାଣୀଙ୍କର କୌଣସି ସନ୍ତାନସନ୍ତତି ନଥା'ନ୍ତି, ତେବେ ଅନ୍ୟ ରାଣୀମାନଙ୍କର ପୁଅଙ୍କ ମଧ୍ୟରୁ ଜଣକୁ ରାଜା ମନୋନୀତ କରୁଥିଲେ । ଅପୁତ୍ରିକ ତୁତ୍‌ମୋସ୍-୧ମଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ରୀ ହାତ୍‌ଶେପ୍‌ସୁତ୍ ପ୍ରଶାସିକା ହୋଇଥିଲେ । ସେ ତାଙ୍କ ସ୍ୱାମୀ ତଥା ବୈମାତ୍ରେୟ ଭ୍ରାତା ତୁତ୍‌ମୋସ୍-୨ୟଙ୍କ ନାମରେ ଶାସନ ପରିଚାଳନା କରୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ସାବତପୁତ୍ରଙ୍କ ତତ୍ତ୍ୱାବଧାରିକା ରୂପରେ ରାଣୀ ହାତ୍‌ଶେପ୍‌ସୁତ୍ ଶାସନ ପରିଚାଳନା କରୁଥିଲେ ।

ସମ୍ରାଟଙ୍କର, ଇଥିଓପିଆରୁ ଅଣାଯାଇଥିବା ଅନେକ ଦାସଦାସୀ ରହୁଥିଲେ । ଦାସଦାସୀମାନେ ନିଗ୍ରୋ (କୃଷ୍ଣବର୍ଣ୍ଣ ବିଶିଷ୍ଟ) ଥିଲେ; ହେଲେ ଉତ୍ତମ ବ୍ୟବହାର ପାଉଥିଲେ । ରାଜାଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଉପଦେଶ ଦେବାପାଇଁ ମନ୍ତ୍ରି ପରିଷଦ ରହିଥିଲେ; ହେଲେ ରାଜାଙ୍କ ନିଷ୍ପତ୍ତି ଶେଷ ନିଷ୍ପତ୍ତି ଏବଂ ସର୍ବମାନ୍ୟ ହେଉଥିଲା । ପାଟରାଣୀ ଏବଂ ଉତ୍ତରାଧିକାରୀ ପୁତ୍ର ପାଇଁ ରାଜଦରବାରରେ ସମ୍ମାନନୀୟ ସ୍ଥାନ ସୁରକ୍ଷିତ ରହୁଥିଲା । ଅନ୍ୟ ଦେଶ ସହିତ ଯୁଦ୍ଧ ଓ ସନ୍ଧି ସମ୍ବନ୍ଧରେ ତାଙ୍କଠାରେ ସର୍ବୋଚ୍ଚ କ୍ଷମତା ନ୍ୟସ୍ତ ଥିଲା । ଶକ୍ତିଶାଳୀ ସମ୍ରାଟ୍‌ମାନେ ଯୁଦ୍ଧରେ ବିଜୟ ହାସଲ କରି ଅନ୍ୟାନ୍ୟ ଅଞ୍ଚଳ ଓ ରାଜ୍ୟକୁ ନିଜ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ କରୁଥିଲେ ତଥା ପିରାମିଡ଼, ମନ୍ଦିର ଆଦି ନିର୍ମାଣ କରୁଥିଲେ ।

ମିଶରୀୟ ସମ୍ରାଟ୍‌ମାନେ କେନ୍ଦ୍ରୀୟ ସରକାରଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ କରି ଗଠନ କରିଥିଲେ । ସାମ୍ରାଜ୍ୟ ଅନେକଗୁଡ଼ିଏ ପ୍ରଦେଶ ଅଥବା ରାଜ୍ୟରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ ରାଜ୍ୟରେ ପ୍ରଶାସକ ନିଯୁକ୍ତ ହୋଇଥିଲେ । ପ୍ରଦେଶଗୁଡ଼ିକୁ 'ନାମ୍' କୁହାଯାଉଥିଲା ଏବଂ ପ୍ରଶାସକମାନଙ୍କୁ 'ନୋମ୍' କିମ୍ବା 'ସାରୁ' କୁହାଯାଉଥିଲା । ପ୍ରଦେଶଗୁଡ଼ିକ ନଗର ଏବଂ ଗ୍ରାମରେ ବିଭକ୍ତ ହୋଇଥିଲା, ଯାହାକୁ ଯଥାକ୍ରମେ ସରକାରୀ ଅଧିକାରୀ ଏବଂ ସମ୍ଭ୍ରାନ୍ତମାନେ ଶାସନ

କରୁଥିଲେ । ଏହିପରି ଭାବରେ ମିଶରୀୟ ସଭ୍ୟତା, ପୃଥିବୀବାସୀଙ୍କ ପାଇଁ ରାଜନୈତିକ ସ୍ତରରେ ଏକ ମହାନ୍ ଅବଦାନ ଥିଲା ।

ସୈନ୍ୟ ସଂଗଠନ ସୁସଂହତ ଏବଂ ଅତୀବ ଶକ୍ତିଶାଳୀ ଥିଲା । ଏହା ପୁନଶ୍ଚ ବିବିଧ ଅସ୍ତ୍ରଶସ୍ତ୍ର, ଅଶ୍ୱ ଏବଂ ଅଶ୍ୱ ଟାଣୁଥିବା ରଥରେ ସଜ୍ଜିତ ହୋଇଥିଲା । ଏହି ସୈନ୍ୟବାହିନୀ ସାହାଯ୍ୟରେ ସମ୍ରାଟ୍ ଅନ୍ୟ ରାଜ୍ୟ ଜୟ କରୁଥିଲେ ତଥା ନିଜ ରାଜ୍ୟକୁ ସୁରକ୍ଷା ପ୍ରଦାନ କରୁଥିଲେ ।

ସାମାଜିକ ଜୀବନ

ମିଶରରେ କୃଷିକାର୍ଯ୍ୟ ଏବଂ ଉଦ୍ୟୋଗୀକରଣର ଆରମ୍ଭ ଓ ପ୍ରଗତି ଏକ ନୂତନ ସାମାଜିକ ଧାରା ପ୍ରତିଷ୍ଠା କରିଥିଲା, ଯାହାକି ପୂର୍ବବର୍ତ୍ତୀ ସମୟରେ ପ୍ରତିଷ୍ଠିତ ସାମାଜିକ ଧାରାଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । ନାଗରିକମାନେ ସହଜରେ ପୃଥକ୍ ହେବା ଭଳି ଦୁଇଗୋଟି ଶ୍ରେଣୀରେ ବିଭକ୍ତ ହୋଇଯାଇଥିଲେ; ଯଥା- ଆରାମ ଏବଂ ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନଯାପନ କରୁଥିବା ଗୋଷ୍ଠୀ (ଶ୍ରେଣୀ) ଏବଂ ଦାସଗୋଷ୍ଠୀ । ନିମ୍ନବର୍ଗର ମଣିଷ ନିଜସ୍ୱ ଶ୍ରମ ଓ ଚେଷ୍ଟାବଳରେ ଉଚ୍ଚ ବର୍ଗକୁ ଏପରିକି ପୂଜକ ଏବଂ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀକୁ ଉନ୍ନୀତ ହୋଇପାରୁଥିଲେ ।

ପ୍ରାଚୀନ ମିଶରୀୟ ସମାଜ ସାତଭାଗରେ ବିଭକ୍ତ ହୋଇଥିଲା; ଯଥା- (୧) ରାଜପରିବାର, (୨) ପୂଜକ (ଧର୍ମଯାଜକ), (୩) ସମ୍ଭ୍ରାନ୍ତ, (୪) ସେନା ଅଧିକାରୀ, (୫) ମଧ୍ୟ ବର୍ଗ- ସରକାରୀ କର୍ମଚାରୀ, ଚାକର, ବ୍ୟବସାୟୀ, କାରିଗର ଏବଂ ଧନୀ କୃଷକ ଆଦି, (୬) ଶ୍ରମିକ (ଦିନ ମଜୁରିଆ) ଏବଂ (୭) ଦାସ । ଧର୍ମଯାଜକ ଏବଂ ସମ୍ଭ୍ରାନ୍ତମାନେ ସାମାଜିକ ସ୍ତରର ସର୍ବୋଚ୍ଚ ସ୍ଥାନରେ ରହିଥିଲେ । ପ୍ରଥମ ଚାରୋଟି ବର୍ଗ ପ୍ରାଚୁର୍ଯ୍ୟରେ ଜୀବନଯାପନ କରୁଥିଲେ । ପଞ୍ଚମ ପ୍ରକାରର ମଧ୍ୟବିତ୍ତ ବର୍ଗଙ୍କର ବ୍ୟବସାୟ ବାଣିଜ୍ୟ, କଳା ସ୍ଥାପତ୍ୟ, ଶିଳ୍ପ ଏବଂ କାରିଗରି ଜ୍ଞାନ ଆଦିର ଉନ୍ନତି ପ୍ରତି ସର୍ବାଧିକ ଏବଂ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିଲା । ଯଦିଓ ସାମାଜିକ ଜୀବନର ସମୃଦ୍ଧି ପାଇଁ ଏହି ବର୍ଗର ଅବଦାନ ଅତୁଳନୀୟ ଥିଲା, ତଥାପି ମଧ୍ୟ ସମାଜରେ ଏକ ସମ୍ମାନିତ ସ୍ଥାନ ପାଇବା ପାଇଁ ଏମାନଙ୍କୁ ଅତ୍ୟନ୍ତ ସଂଘର୍ଷ କରିବାକୁ ପଡୁଥିଲା । ଷଷ୍ଠ ଏବଂ ସପ୍ତମ ଏହି ଶେଷ ଦୁଇବର୍ଗର ଶ୍ରମିକ ଓ ଦାସମାନେ ଅତୀବ ଦୟନୀୟ ଜୀବନଯାପନ କରୁଥିଲେ । ପିରାମିଡ୍, ମନ୍ଦିର, କେନାଲ, ନଦୀବନ୍ଧ ଆଦି ନିର୍ମାଣ କରିବା ପାଇଁ ଦାସମାନଙ୍କୁ ବାଧ୍ୟ କରାଯାଉଥିଲା ।

ସମାଜରେ ନାରୀର ସ୍ଥାନ

ମିଶରୀୟ ସଭ୍ୟତାରେ ନାରୀର ସ୍ଥାନ ଅଦ୍ୱିତୀୟ ଥିଲା । ସମୟ ସମୟରେ ରାଜ୍ୟକୁ ରାଣୀମାନେ ମଧ୍ୟ ଶାସନ କରିଥିଲେ । ନିଜସ୍ୱ ଅଧିକାର ପ୍ରାପ୍ତିରେ ନାରୀ ସ୍ୱାଧୀନ ଥିଲା । ଉତ୍ତରାଧିକାରୀ ସୂତ୍ରରେ ପିତାଙ୍କ ସଂପତ୍ତିରେ ତା'ର ସମାନ ଅଧିକାର ଥିଲା । ନାରୀର ଅଧିକାରଗୁଡ଼ିକୁ ତଦାନୀନ୍ତନ ସମାଜ ମଧ୍ୟ ସ୍ୱୀକୃତି ଦେଇଥିଲା । ରାଜାଙ୍କ ପତ୍ନୀ ଭାବରେ ରାଜକୀୟ ମର୍ଯ୍ୟାଦା ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ତା'ର କର୍ତ୍ତବ୍ୟ ଥିଲା । ଅନ୍ୟାନ୍ୟ ସମସ୍ତ ପୁରାତନ ସଭ୍ୟତାରେ ନାରୀର ଅଧିକାର ଏବଂ ସାମାଜିକ ସ୍ଥାନ ଅପେକ୍ଷା ମିଶରରେ ଏହା ଅତୀବ ଉନ୍ନତ ଏବଂ ପ୍ରଗତିଶୀଳ ଥିଲା । ଏପରିକି ସେ ସମୟଠାରୁ ନାରୀକୁ ଆଜିକାଲି ମଧ୍ୟ ଯଥେଷ୍ଟ ସ୍ୱାଧୀନତା ମିଳିପାରୁ ନାହିଁ ।

ଗୃହ ନିର୍ମାଣ, ଖାଦ୍ୟ, ପୋଷାକ ପରିଚ୍ଛଦ ଓ ଅଳଙ୍କାର

ମିଶର ସଭ୍ୟତା ସମୟରେ ଘରଗୁଡ଼ିକ ସାଧାରଣତଃ ଇଟା ଓ ପଥରରେ ନିର୍ମାଣ କରାଯାଉଥିଲା । ଘରର ମଝିରେ ଏକ ଖୋଲା ଅଗଣା ରହୁଥିଲା । ଗୃହଗୁଡ଼ିକରେ ପୂଜାଘର, ସ୍ନାନଗୃହ, ବୈଠକଗୃହ, ଶୋଇବାଘର, ରୋଷେଇଘର ଆଦି ପାଇଁ ବ୍ୟବସ୍ଥା ରଖାଯାଉଥିଲା । ସହରର ଘରଗୁଡ଼ିକ ସିଧା ହୋଇ ଧାଡ଼ିରେ ନିର୍ମାଣ କରାଯାଉଥିଲା ।

ଉଭୟ ପଟର ଘର ମଝିରେ ଏକ ରାସ୍ତା ରହିଥିଲା । ଧନିକ ଗୋଷ୍ଠୀ ଲୋକଙ୍କର ଘରଗୁଡ଼ିକ ବୃହତ୍ ଆକାରର ଥିଲା ଏବଂ ସୁନ୍ଦର ଭାବରେ ସାଜସଜ୍ଜା କରାଯାଇଥିଲା ତଥା ନିତ୍ୟବ୍ୟବହାର୍ଯ୍ୟ ସମସ୍ତ ଜିନିଷ ସେଠାରେ ରଖାଯାଇଥିଲା ।

ଉଭୟ ସ୍ତ୍ରୀ ଓ ପୁରୁଷ ଅଳଙ୍କାର ପିନ୍ଧିବା, ବିଭିନ୍ନ ପ୍ରକାର ସୁସ୍ୱାଦୁ ପାନୀୟ ଗ୍ରହଣ କରିବା, ପ୍ରସାଧନ କରିବା ସହିତ ଅତର, ଫୁଲ ଏବଂ ସୁବାସିତ ତୈଳ ଆଦିକୁ ଭଲ ପାଉଥିଲେ । ଧନିକ ଶ୍ରେଣୀର ଲୋକେ ସୁନ୍ଦର ଛୁଞ୍ଚିକାମ ହୋଇଥିବା ଧଳା ଝିନ କାର୍ପାସ୍ ବସ୍ତ୍ର ପରିଧାନ କରୁଥିଲେ । ଆହୁରି ମଧ୍ୟ ସେମାନେ ବସ୍ତ୍ରଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ସୁନାଦ୍ୱାରା ସଜ୍ଜିତ କରୁଥିଲେ । ପିରାମିଡ଼ଗୁଡ଼ିକରୁ ଆବିଷ୍କାର କରାଯାଇଥିବା ବସ୍ତ୍ରରୁ ଜଣାଯାଏ ଯେ, ସୌନ୍ଦର୍ଯ୍ୟ ସହିତ ସେଗୁଡ଼ିକ ମଧ୍ୟ ଦୀର୍ଘସ୍ଥାୟୀ ଅଟନ୍ତି, ଯାହାକି ହଜାର ହଜାର ବର୍ଷ ପରେ ମଧ୍ୟ ଅଦ୍ୟାବଧି ରହିପାରିଛି ।

ସେମାନଙ୍କର ପ୍ରଧାନ ଖାଦ୍ୟ ଥିଲା ଗହମ, ବାର୍ଲି, ରୋଟି, ପନିପରିବା, ମାଂସ, ଅଣ୍ଡା, କ୍ଷୀର, ଖଜୁରିକୋଳି ଇତ୍ୟାଦି । ଖାଇବା ପାଇଁ ସେମାନେ କଣ୍ଟା ଚାମଚ ଏବଂ ଛୁରୀ ବ୍ୟବହାର କରୁଥିଲେ । ଅଙ୍ଗୁରରୁ ପ୍ରସ୍ତୁତ ମଦ୍ୟ ଏବଂ ବାର୍ଲିରୁ ପ୍ରସ୍ତୁତ ଜିୟା ପାନ କରୁଥିଲେ । ଖାଇବା ପୂର୍ବରୁ ସେମାନେ ଜୋତା ଖୋଲି ହାତଗୋଡ଼ ଧୋଇ ଭଗବାନ୍‌ଙ୍କୁ ପ୍ରାର୍ଥନା କରିବା ପରେ ଯାଇ ଖାଦ୍ୟ ଗ୍ରହଣ କରୁଥିଲେ । ରୋଷେଇ ଘରକୁ ଯିବା ପୂର୍ବରୁ ମଧ୍ୟ ଜୋତା ଖୋଲି ଗୋଡହାତ୍ ଧୋଉଥିଲେ ।

ସେମାନଙ୍କର ମୁଖ୍ୟ ପର୍ବ ଥିଲା ଇସି, ଯାହାକି ଅଧୁନା ଭାରତର ହୋଲି ପର୍ବ ଏବଂ ଦୀପାବଳୀ ପର୍ବ (ଆଲୋକର ପର୍ବ) ସହିତ ତୁଳନୀୟ । ଅନ୍ୟାନ୍ୟ ପର୍ବ ମଧ୍ୟରେ ସତ୍ୟର ଦେବତା 'ଥାଥ୍'ଙ୍କ ପୂଜା, ସୂର୍ଯ୍ୟ ଭଗବାନ୍‌ଙ୍କ ପୂଜା, ମକର ସଂକ୍ରାନ୍ତି ଏବଂ ଜନ୍ମଦିନ ପାଳନ ଆଦି ପ୍ରଧାନ ଥିଲା ।

ଲୋକମାନେ ଖେଳକୁଦ, କୁସ୍ତି କସରତ, ନୃତ୍ୟ ସଂଗୀତ ଆଦି ଦ୍ୱାରା ଆମୋଦପ୍ରମୋଦ କରୁଥିଲେ । ଷଣ୍ଢ ଲଢ଼େଇ, ପଶାଖେଳ, ପେଣ୍ଡୁଖେଳ ଆଦି ସେମାନଙ୍କୁ ଅତ୍ୟନ୍ତ ଆନନ୍ଦ ଦେଉଥିଲା । ବାଳିକାମାନେ କଣ୍ଢେଇ ଖେଳ ଖେଳୁଥିଲେ । ଲୋକମାନେ ସିଂହ, ହାତୀ, ମଗର ପକ୍ଷୀ ଆଦି ଶିକାର କରିବା ପାଇଁ ଅତ୍ୟନ୍ତ ଭଲ ପାଉଥିଲେ ।

ବିବାହ

ଫାରୋ ଏବଂ ସମ୍ଭ୍ରାନ୍ତମାନେ ନିଜ କୁଳ, ବଂଶ ଓ ସଂପ୍ରଦାୟର ରକ୍ତ ପବିତ୍ରତା ପାଇଁ ଅତ୍ୟନ୍ତ ସଚେତନ ଏବଂ ସମ୍ବେଦନଶୀଳ ଥିଲେ । ଏପରିକି ରକ୍ତ ପବିତ୍ରତା ରକ୍ଷାପାଇଁ ସେମାନେ ନିଜ ଭଉଣୀକୁ ମଧ୍ୟ ବିବାହ କରୁଥିଲେ । ଫାରୋ ଏବଂ ସମ୍ଭ୍ରାନ୍ତମାନେ ସାଧାରଣତଃ ବହୁ-ବିବାହ କରୁଥିଲେ ମଧ୍ୟ ଅନେକ ରକ୍ଷିତା ରଖୁଥିଲେ । ସାଧାରଣ ଲୋକେ କିନ୍ତୁ ଏକ-ବିବାହ କରୁଥିଲେ ତଥା ଛାଡ଼ପତ୍ର ବ୍ୟବସ୍ଥାକୁ ପ୍ରଶ୍ରୟ ଦେଉ ନ ଥିଲେ । ସେମାନେ ସ୍ତ୍ରୀର ସମ୍ମାନ ଓ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ପାଇଁ ସତତ ଚେଷ୍ଟିତ ଥିଲେ । ତେଣୁ ପରିବାରରେ ଏବଂ ସମାଜରେ ସ୍ତ୍ରୀର ସ୍ଥାନ ଅତୀବ ମହତ୍ତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଥିଲା ।

ଅର୍ଥନୈତିକ ଜୀବନ

ଏହି ସମୟରେ ମିଶରରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ବ୍ୟବସ୍ଥା ଗଢ଼ି ଉଠିଥିଲା ।

କୃଷି

ମିଶରୀୟ ଅର୍ଥନୀତି ମୁଖ୍ୟତଃ କୃଷିକାର୍ଯ୍ୟ ଉପରେ ପର୍ଯ୍ୟବସିତ ଥିଲା । ରାଜ୍ୟର ସକଳ ଭୂ-ଭାଗର ସ୍ୱାମୀ ଥିଲେ ଫାରୋ । ସେ ଏକ-ଦଶମାଂଶ ଭୂ-ରାଜସ୍ୱ ଆଦାୟ କରୁଥିଲେ । ବଳଦ ଏବଂ ଗଧଙ୍କୁ ଲଙ୍ଗଳରେ ଯୋଚି ମିଶରରେ ଜମି ଚାଷ କରାଯାଉଥିଲା । ଚାଷ ସମ୍ବନ୍ଧିତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ବଳଦ ଓ ଗଧକୁ ନିୟୋଜିତ

କରାଯାଉଥିଲା । ଦାସମାନେ ହିଁ କୃଷି ଉତ୍ପାଦନ ସଂପର୍କିତ ପ୍ରକୃତ କାର୍ଯ୍ୟ କରୁଥିଲେ । ଯୁଦ୍ଧବନ୍ଦୀମାନଙ୍କୁ ସାଧାରଣତଃ ଦାସରୂପେ ବ୍ୟବହାର କରାଯାଉଥିଲା । ସରକାରୀ ଅଧିକାରୀ ଏବଂ କୃଷିବିଜ୍ଞାନୀମାନେ କୃଷିର ଉନ୍ନତି ପାଇଁ ନିଯୁକ୍ତ ହୋଇଥିଲେ । କେଉଁ ଜମି କିପରି ଚାଷ ହେବ, କ'ଣ ଚାଷ କରାଯିବ ଆଦି ସେମାନେ ନିର୍ଦ୍ଧାରଣ କରୁଥିଲେ ତଥା ଫସଲ ଅମଳ ସମୟରେ ଖଜଣା ମଧ୍ୟ ଆଦାୟ କରୁଥିଲେ । ସରକାରୀ ଯନ୍ତ୍ରୀ ଏବଂ କୃଷି ବୈଜ୍ଞାନିକମାନେ ଜଳସେଚନ ପାଇଁ ନଦୀବନ୍ଧ, ଆନିକଟ, ଜଳଭଣ୍ଡାର ଏବଂ କେନାଲ ଆଦି ନିର୍ମାଣ କରାଉଥିଲେ । ଦିନପଞ୍ଜି (କ୍ୟାଲେଣ୍ଡର)ରୁ ଗଣନା କରି କେଉଁ ଫସଲ କେବେ ଲାଗିବ, ମଞ୍ଜି ବୁଣାଯିବ, ଜଳସେଚନ ଆଦି ପାଇଁ ଦିନ, ମାସ ଓ ସମୟ ଧାର୍ଯ୍ୟ କରୁଥିଲେ । ସେମାନେ ଜମି ମାପ କରାଉଥିଲେ । କୃଷି ଯନ୍ତ୍ରପାତିର ନିର୍ମାଣ ଓ ତତ୍ତ୍ୱାବଧାନ କରୁଥିଲେ । ମିଶରରେ ଚାଷକାର୍ଯ୍ୟର ମୂଳ ଉତ୍ସ ଥିଲା ନୀଳନଦୀ । ଏହି ନଦୀରୁ କେନାଲ ସାହାଯ୍ୟରେ ଚାଷ ଜମିରେ ଜଳସେଚନ କରାଯାଉଥିଲା । ଜଳସେଚନ ଏବଂ ଜମିର ଉନ୍ନତିକରଣ ଆଦି ପାଇଁ ଫାରୋମାନେ ସ୍ୱତନ୍ତ୍ର ଧ୍ୟାନ ଦେଉଥିଲେ । ଏହି ସମୟରେ ଚାଷ ହେଉଥିବା ମୁଖ୍ୟ ଫସଲ ଥିଲା ଗହମ, ବାର୍ଲି, ପିଆଜ, ବିନ୍, ଯଅ, ଡାଲିଜାତୀୟ ଶସ୍ୟ ଏବଂ କାର୍ପାସ୍ (କପା) ଆଦି । ଏହି ସମୟରେ ଅର୍ଥନୈତିକ ପ୍ରଗତି ପାଇଁ ଅନ୍ୟାନ୍ୟ କୃଷି ସଂପର୍କିତ ବ୍ୟବସାୟ ଯଥା- ଫଳଚାଷ, ପୋଷା ପଶୁଗୁଡ଼ିକର ପ୍ରଜନନ, ମହୁମାଛି ପାଳନ, କୁକୁଡ଼ା ଓ ବତକ ପାଳନ ଆଦି ଆରମ୍ଭ ହୋଇଥିଲା ।

ହସ୍ତଶିଳ୍ପ ଓ କାରିଗରୀ କାମ

ମିଶରୀୟମାନଙ୍କ ଅର୍ଥନୀତି କେବଳ ମାତ୍ର କୃଷିଭିତ୍ତିକ ନ ଥିଲା; ଅର୍ଥନୀତିର ଅଭିବୃଦ୍ଧି ପାଇଁ ସେମାନେ ମଧ୍ୟ କୃଷି ବ୍ୟତୀତ ବିଭିନ୍ନ ହସ୍ତଶିଳ୍ପ, କୁଟୀରଶିଳ୍ପ, କାରିଗରି କାମ କରୁଥିଲେ । ଫଳସ୍ୱରୂପ ମିଶରରେ ଏକ ବୃହତ୍ ଶିଳ୍ପଜୀବୀ ସମାଜ ଗଢ଼ି ଉଠିଥିଲା । ପିରାମିଡ୍, ମୁଗୁନି ପ୍ରସ୍ତର କାଟିବା, ଇଟା ତିଆରି, ଧାତୁ ତରଳାଇ ବିଭିନ୍ନ ଜିନିଷ ତିଆରି କରିବା, ଗୃହ ନିର୍ମାଣ, କୃଷି ଯନ୍ତ୍ରପାତି, ଘରକରଣା ସାମଗ୍ରୀ ତିଆରି, କାଠକାମ ଆଦି ପାଇଁ ମିଶରରେ ପ୍ରଶିକ୍ଷିତ ଯନ୍ତ୍ରୀ ଓ କାରିଗର ରହିଥିଲେ । କାରଖାନାଗୁଡ଼ିକରେ ସେମାନେ ମାଟିପାତ୍ର ନିର୍ମାଣ, ସୁନାଗହଣା ନିର୍ମାଣ, ସୂତା କାଟିବା, ଲୁଗା ବୁଣିବା ଆଦି କାମ କରୁଥିଲେ । ଏତଦ୍‌ବ୍ୟତୀତ ଜାହାଜ ନିର୍ମାଣ, ପ୍ରସାଧନ ସାମଗ୍ରୀ, ବାସନ, ଅତର ଆଦି ମଧ୍ୟ ତିଆରି କରୁଥିଲେ । ସମାଧିଗୁଡ଼ିକରୁ ମିଳିଥିବା ଅତି ସୁନ୍ଦର ଚିକ୍‌ଚିକ୍ କରୁଥିବା ଚିତ୍ରିତ ମାଟିପାତ୍ର, କାଠର ଆସନ, ସୁନା ଗହଣାର ଗଢଣ ଆଦିରୁ ତଦାନୀନ୍ତନ କାରିଗର ଓ ଭାସ୍କର୍ଯ୍ୟଶିଳ୍ପୀଙ୍କର ରୁଚିପୂର୍ଣ୍ଣ ଏବଂ ଧାର୍ମିକ ମନୋଭାବସଂପନ୍ନ ଶିଳ୍ପକଳା ଏବଂ କାରିଗରିଜ୍ଞାନର ପରିଚୟ ମିଳିଥାଏ ।

ବ୍ୟବସାୟ ବାଣିଜ୍ୟ

ଉଭୟ ଅନ୍ତର୍ବାଣିଜ୍ୟ ଏବଂ ବହିର୍ବାଣିଜ୍ୟ ବିଶେଷଭାବରେ ବିକଶିତ ହୋଇଥିଲା । ଫାରୋମାନେ ବ୍ୟକ୍ତିଗତ ଭାବରେ ବାଣିଜ୍ୟର ତଦାରଖ କରୁଥିଲେ । ଉଭୟ ବାଣିଜ୍ୟ ପାଇଁ ବ୍ୟବସାୟିକ ଦ୍ରବ୍ୟସବୁ ନେବାଆଣିବାରେ ନୀଳନଦୀ ବିଶେଷ ସହାୟକ ହେଉଥିଲା । ପ୍ରଥମ ପର୍ଯ୍ୟାୟରେ ଜିନିଷ ବଦଳରେ ଜିନିଷର ଦିଆନିଆ (ବାର୍ଟର୍) କରାଯାଉଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ସୁନା ଓ ରୁପାକୁ ଏକକ ରୂପରେ ଗ୍ରହଣ କରି ଜିନିଷପତ୍ର କିଣାବିକା କରାଯାଉଥିଲା । ମିଶରର ବ୍ୟବସାୟୀମାନେ ଆରବ ଓ ଭାରତରୁ ମସଲା, ରଙ୍ଗ, ପ୍ରସାଧନ ସାମଗ୍ରୀ, ଚନ୍ଦନକାଠ ଆଦି ଏବଂ ସୁଦାନରୁ ହାତୀଦାନ୍ତ, ସୁନା ଓ ନିଗ୍ରୋଦାସ ଆମଦାନୀ କରୁଥିଲେ । ତଦାନୀନ୍ତନ ପୃଥିବୀରେ ମିଶର ଏକ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଥିଲା । ମିଶର ଗହମ, ବାର୍ଲି, ବାସନ, କଳାକୃତି ଆଦି ବିଦେଶକୁ ରପ୍ତାନି କରୁଥିଲା । ମିଶରର ପଣ୍ୟବାହୀ ଜାହାଜଗୁଡ଼ିକ ଭୂମଧ୍ୟସାଗର ଏବଂ ଲୋହିତସାଗର ଦେଇ ପଶ୍ଚିମ ଏସୀୟ ଦେଶଗୁଡ଼ିକ ସହିତ ବ୍ୟବସାୟ ବାଣିଜ୍ୟ କରୁଥିଲେ । କୃଷି ପରେ ବାଣିଜ୍ୟ ବ୍ୟବସାୟ ରାଜ୍ୟକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିଲା ।

ବାଣିଜ୍ୟପଥ

ସ୍ଥଳପଥର ରାସ୍ତାଗୁଡ଼ିକ ଉନ୍ନତ ନ ଥିଲା ତଥା ବହୁତ କମ୍‌ସଂଖ୍ୟକ ରାସ୍ତା ରହିଥିଲା । ତେଣୁ ମିଶରୀୟ ବ୍ୟବସାୟୀମାନେ ବ୍ୟବସାୟ ବାଣିଜ୍ୟ ପାଇଁ ଜଳପଥକୁ ଚୟନ କରିଥିଲେ । ବିଶାଳ ନୌକା ଅଥବା ଜାହାଜ ଦ୍ୱାରା ନୀଳନଦୀ ଓ ସମୁଦ୍ର ପଥରେ ସେମାନେ ପଣ୍ୟଦ୍ରବ୍ୟଗୁଡ଼ିକୁ ନେବାଆଣିବା କରୁଥିଲେ । ନୀଳନଦୀ ଓ ଲୋହିତ ସାଗରକୁ ଯୋଗ କରୁଥିବା କେନାଲ ମିଶରର ବ୍ୟବସାୟ ବାଣିଜ୍ୟ ପାଇଁ ବିଶେଷ ସହାୟକ ଥିଲା । ଗିଜେଠାରୁ ମେସୋପୋଟାମିଆକୁ ଏକ ରାଜରାସ୍ତା ସଂଯୋଗ କରୁଥିଲା । ଯାହା ଜଣାଯାଏ ଯେ, ଏହି ରାସ୍ତାଦେଇ ଡାକସେବା ମଧ୍ୟ ପ୍ରଚଳିତ ଥିଲା । ଏହିପରି ଭାବରେ କୃଷିପରି ବାଣିଜ୍ୟ ବ୍ୟବସାୟ ମଧ୍ୟ ମିଶରର ସମୃଦ୍ଧି ଆଣିଥିଲା ।

ଧାର୍ମିକ ବିଶ୍ୱାସ

ମିଶରୀୟମାନଙ୍କର ରାଜନୀତି, ଅର୍ଥନୀତି, ବୌଦ୍ଧିକ ବିଚାରଧାରା ଏବଂ ସାମାଜିକ ଜୀବନ ଉପରେ ଧର୍ମ ଓ ଧାର୍ମିକ ବିଶ୍ୱାସ ସଂପୂର୍ଣ୍ଣ ପ୍ରଭାବ ବିସ୍ତାର କରିଥିଲା । ମୃତ ମଣିଷର ଶରୀର ଅଥବା ମମିଗୁଡ଼ିକୁ ସେମାନେ ଯେତେ ଯତ୍ନରେ ସୁରକ୍ଷିତ ରଖୁଥିଲେ, ସେଥିରୁ ସେମାନଙ୍କର ଧର୍ମ ବିଶ୍ୱାସ ସମ୍ବନ୍ଧରେ ଜଣାଯାଇଥାଏ । ସେମାନେ ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ । ସେମାନେ ବିଶ୍ୱାସ କରୁଥିଲେ ଯେ, ପାପ କ୍ଷୟ ହୋଇ ଭଗବାନ୍‌ଙ୍କଠାରୁ କ୍ଷମା ପାଇବା ପରେ ମଣିଷ (ମଣିଷର ଆତ୍ମା) ପୁନଶ୍ଚ ତା'ମୃତ ଶରୀର ନିକଟକୁ ଫେରିଆସିବ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ଆବଶ୍ୟକ ହେବ । ତେଣୁକରି ସେମାନେ ଅତି ଯତ୍ନ ଏବଂ ସଫଳତାର ସହିତ ମମିଗୁଡ଼ିକୁ ସୁରକ୍ଷିତ କରି ରଖୁଥିଲେ । ଏପରିକି ହଜାର ହଜାର ବର୍ଷ ପରେ ମଧ୍ୟ ଏବେ ଆମେ ଅନେକ ଫାରୋଙ୍କୁ ତାଙ୍କ ମମି ମାଧ୍ୟମରେ ଚିହ୍ନି ପାରୁଛୁ । ସମାଧି ମଧ୍ୟରେ ରଖାଯାଇଥିବା ଖାଦ୍ୟ, ପାନୀୟ, ବସ୍ତ୍ର, ବାସନ, କଳାକୃତି ଏବଂ ସାହିତ୍ୟିକ କୃତିରୁ ଆମେ ସେମାନଙ୍କର ଚାଲିଚଳଣ ଏବଂ ଧର୍ମବିଶ୍ୱାସ ସମ୍ବନ୍ଧରେ ଅନେକ କିଛି ଜାଣିପାରୁଛୁ । ପ୍ରାଚୀନ ମିଶରବାସୀ ଫାରୋ ଏବଂ ପୂଜକଙ୍କୁ ଭଗବାନ୍ ରୂପରେ ସମ୍ମାନ ଦେଉଥିଲେ । ସେମାନେ ଅନେକ ଦେବଦେବୀଙ୍କୁ ପୂଜା କରୁଥିଲେ । ସେମାନଙ୍କ ସଂଖ୍ୟା ପ୍ରାୟ ୨୨୦୦ ଥିଲା । ସୂର୍ଯ୍ୟଙ୍କୁ ସେମାନେ ମୁଖ୍ୟ ଦେବତା ରୂପରେ ପୂଜା କରୁଥିଲେ । ସୂର୍ଯ୍ୟ ଦେବତାଙ୍କ ନାମ ଥିଲା 'ରା' । ସେମାନେ ପୃଥିବୀକୁ 'ଜ୍ୱେତେ', ଆକାଶକୁ 'ସାକୁ', ସୂର୍ଯ୍ୟଦେବଙ୍କ ପୁତ୍ର ଓସିରିସ୍‌ଙ୍କୁ 'ଷଣ୍ଢ' ରୂପରେ ପୂଜା କରୁଥିଲେ । ସେମାନେ ଖଜୁରି ଗଛ, ଗାଈ, ଷଣ୍ଢ, ମେଣ୍ଢା, କୋକିଶିଆଳ, କୁମ୍ଭୀର ଆଦି ବୃକ୍ଷ ଓ ଜୀବଜନ୍ତୁଙ୍କୁ ମଧ୍ୟ ଭଗବାନ୍ ରୂପରେ ପୂଜା କରୁଥିଲେ ।

ଫାରୋ ଆମେନ୍‌ହୋଟିପ୍-୪ର୍ଥ, ସୂର୍ଯ୍ୟଦେବ ଅଟନ୍‌ଙ୍କ ନାମାନୁଯାୟୀ ନିଜ ନାମ ଆଖନାଟନ ରଖିଥିଲେ । ତାଙ୍କ ସମୟ ଖ୍ରୀ.ପୂ. ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ମିଶରରେ ସୂର୍ଯ୍ୟଦେବଙ୍କ ନାମ ଥିଲା 'ଅଟନ୍', ଯାହାକି ପରବର୍ତ୍ତୀକାଳରେ 'ରା' ହୋଇଥିଲା । ସେ ଲୋକମାନଙ୍କୁ ବହୁ ଦେବଦେବୀରେ ବିଶ୍ୱାସ କରିବା ପରିବର୍ତ୍ତେ ଏକମାତ୍ର ଭଗବାନ୍‌ଙ୍କୁ ବିଶ୍ୱାସ କରିବା ଅଥବା 'ଏକେଶ୍ୱରବାଦୀ' ହେବାପାଇଁ ଆଦେଶ ଦେଇଥିଲେ ତଥା ଲୋକଙ୍କ ଧାର୍ମିକ ବିଶ୍ୱାସରେ ଏକ ବିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରିଥିଲେ । ସେ ଆଦେଶ ଦେଇଥିଲେ ଯେ ସୂର୍ଯ୍ୟଦେବ ଅଥବା ଅଟନ୍ ହିଁ କେବଳ ମାତ୍ର ପୂଜିତ ହେବେ । ତାଙ୍କୁ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ପୂଜା କରାଯିବ । ଏହାକୁ ଲୋକେ କିନ୍ତୁ ବିରୋଧ କରିଥିଲେ । ଆଖନାଟନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ଜାମାତା ତୁତାନ୍‌ଖାମେନ୍ ଏହି ବିଚାରଧାରାକୁ ରଦ୍ଦକରି ପୁନର୍ବାର ବହୁ ଦେବଦେବୀ ପୂଜା ପ୍ରଚଳନ କରିଥିଲେ । ମିଶରୀୟମାନେ ଅତିମାତ୍ରାରେ ଅନ୍ଧବିଶ୍ୱାସୀ ଥିଲେ ତଥା ଯାଦୁବିଦ୍ୟାରେ ବିଶ୍ୱାସ କରୁଥିଲେ । ପୂଜକମାନେ ଜନଜୀବନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେମାନେ ଲୋକଙ୍କ ଧାର୍ମିକ ବିଶ୍ୱାସରୁ ବିଶେଷ ଲାଭବାନ୍ ହେଉଥିଲେ । ସେମାନେ ଯାଦୁବିଦ୍ୟାର ବ୍ୟାଖ୍ୟା କରି ଐନ୍ଦ୍ରଜାଲିକ ମାୟାରେ ଲୋକଙ୍କୁ ବଶୀଭୂତ କରୁଥିଲେ । ପୁନଶ୍ଚ ସେମାନେ ରୀତିନୀତି, ପୂଜାପାଠ, ପ୍ରଥା ଓ ପରମ୍ପରା ଆଦିର

ପାଳନ ପଦ୍ଧତି ସମ୍ବନ୍ଧରେ ବ୍ୟାଖ୍ୟା କରୁଥିଲେ, ଯାହାକି ପୂଜକମାନଙ୍କ ଦ୍ୱାରା ନିଜର ଏବଂ ନିଜ ସଂପ୍ରଦାୟର ସର୍ବବିଧ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା ।

ଶିକ୍ଷା ଓ ସାହିତ୍ୟ

ବିଶ୍ୱବାସୀଙ୍କୁ ମିଶରୀୟମାନଙ୍କର ବିଶେଷ ମହତ୍ତ୍ୱପୂର୍ଣ୍ଣ ଏବଂ ଯୁଗାନ୍ତକାରୀ ଅବଦାନ ହେଉଛି, ପ୍ରଥମ ରାଜବଂଶର ଶାସନକାଳରେ ସେମାନଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ପାପିରସ୍‌ରୁ କାଗଜ ଏବଂ ଲିଖନ ପ୍ରଣାଳୀ, ଯାହାକି ସଂପୂର୍ଣ୍ଣ ବିକଶିତ ହୋଇଥିଲା ଚତୁର୍ଥ ରାଜବଂଶର ଶାସନ କାଳରେ । ଲିଖନ ପଦ୍ଧତି ମାଧ୍ୟମରେ ସର୍ବପ୍ରଥମେ ସେମାନେ ନିଜସ୍ୱ ବିଚାରଧାରା ଏବଂ ଅନୁଭୂତିକୁ ପ୍ରକାଶ କରିପାରିଥିଲେ । ଲିଖନ ପ୍ରଣାଳୀ ପ୍ରଥମେ ଛବିଲିପି ମାଧ୍ୟମରେ ଆରମ୍ଭ ହୋଇଥିଲା; ହେଲେ ମୃତ୍ତିକାନିର୍ମିତ ଚଟକା ଫଳକରେ ଛବିଲିପି ମାଧ୍ୟମରେ ନିଜସ୍ୱ ବିଚାରଧାରାକୁ ପ୍ରକାଶ କରିବା କଷ୍ଟସାଧ୍ୟ ଥିଲା । ତେଣୁ ସେମାନେ କେତୋଟି ସାଙ୍କେତିକ ଚିହ୍ନର ବିକାଶ କରିଥିଲେ, ଯାହାକି ପ୍ରତ୍ୟେକ ସାଙ୍କେତିକ ଚିହ୍ନ କୌଣସି ଏକ ଭାବକୁ ପ୍ରକାଶ କରୁଥିଲା । ସେମାନେ ଏହିପରି ୪୦୦ ସାଙ୍କେତିକ ଚିହ୍ନ ଉଦ୍ଭାବନ କରିଥିଲେ । ଏହି ଲିଖନ ପଦ୍ଧତିକୁ 'ହିଏରୋଗ୍ଲିଫି' ଅଥବା 'ପବିତ୍ର ଲିଖନ' କୁହାଯାଏ । ସମସ୍ତ ଧାର୍ମିକ ଲିଖନ ହିଏରୋଗ୍ଲିଫି ସାହାଯ୍ୟରେ ଲେଖାଯାଉଥିଲା । ଲିଖନ ପ୍ରଣାଳୀ ବିବର୍ତ୍ତନର ଦ୍ୱିତୀୟ ପର୍ଯ୍ୟାୟରେ ସେମାନେ ଶବ୍ଦ ଏବଂ ଉଚ୍ଚାରଣର ପ୍ରତିନିଧିତ୍ୱ କରୁଥିବା କେତେକ ଅକ୍ଷର ଉଦ୍ଭାବନ କରିଥିଲେ । ଏହା ଥିଲା ୨୪ଗୋଟି ବର୍ଣ୍ଣମାଳାବିଶିଷ୍ଟ ଏକ ଜଟିଳ ପଦ୍ଧତି । ସେମାନେ ପାପିରସ୍ ଗଛର ସରୁକାଣ୍ଡ (କାଠି)ରୁ କଲମ ତିଆରି କରିଥିଲେ । ଏହି କଲମଗୁଡ଼ିକର ଲମ୍ବ ଥିଲା ପ୍ରାୟ ୧୦ ଇଞ୍ଚ ଏବଂ ଏହାର ଗୋଟିଏ ପାର୍ଶ୍ୱର ଅଗ୍ରଭାଗ ସଂପୂର୍ଣ୍ଣ ମୁନିଆଁ କରାଯାଉଥିଲା । ତା'ପରେ ସେମାନେ ପାଣି, ଅଠା ଏବଂ କେତେକ ପରିବା ରସ ସାହାଯ୍ୟରେ କାଳି ପ୍ରସ୍ତୁତ କରି ତାହାକୁ ସାଇତି ରଖିବା ପାଇଁ ଦୁଆତ ମଧ୍ୟ ତିଆରି କରିଥିଲେ । ଲିଖନ ପ୍ରଣାଳୀର ଉଦ୍ଭାବନ ବିଶ୍ୱରେ ଉନ୍ନତ ସଭ୍ୟତାଗୁଡ଼ିକର ବିକାଶ ପାଇଁ ବିଶେଷ ସହାୟକ ହୋଇଥିଲା । ତା'ପରେ ସେମାନେ ଅନେକ ପ୍ରକାର ସାହିତ୍ୟ ସୃଷ୍ଟି କରିଥିଲେ ତଥା ମୃତବ୍ୟକ୍ତିଙ୍କ ପାଇଁ ଉପଦେଶ ମଧ୍ୟ ଲିପିବଦ୍ଧ କରୁଥିଲେ । 'ସିନୁହେର ଏକ କାହାଣୀ' ଗପ ଏବଂ 'ମୃତର ପୁସ୍ତକ' ଦ୍ୱୟ ପ୍ରାଚୀନ ମିଶରରେ ଅତ୍ୟନ୍ତ ଲୋକପ୍ରିୟ ଥିଲା । ପିରାମିଡ଼, ମନ୍ଦିର, ପ୍ରସ୍ତର, ସ୍ତମ୍ଭ, ମୃତ୍ତିକାନିର୍ମିତ ସିଲଟ, ପାପିରସ କାଗଜ ଆଦିରେ ଭାବଧାରାଗୁଡ଼ିକୁ ମିଶରୀୟ ଭାଷାରେ ଉତ୍କୀର୍ଣ୍ଣ କରାଯାଇଥିବା ଅଭିଲେଖଗୁଡ଼ିକୁ ପୁରାତନ ରାଜଧାନୀ ଅଲ ଅମାମାସ୍ଥିତ ସଂଗ୍ରହାଳୟରେ ସଂରକ୍ଷିତ କରାଯାଇଥିଲା ।

ମିଶରରେ ସୃଷ୍ଟ ସାହିତ୍ୟକୃତିଗୁଡ଼ିକ ଆଜିକାଲି ଖଣ୍ଡବିଖଣ୍ଡିତ ଭାବରେ ମିଳୁଛି; ହେଲେ ମଧ୍ୟ ବହୁଳ ସଂଖ୍ୟାରେ ଉପଲବ୍ଧ ଉଦାହରଣଗୁଡ଼ିକରୁ ପ୍ରମାଣିତ ହୁଏ ଯେ, ମିଶରୀୟ ସାହିତ୍ୟକୃତି, ବିଶ୍ୱରେ ଗଢ଼ିଉଠିଥିବା ତଦାନୀନ୍ତନ ସଭ୍ୟତାଗୁଡ଼ିକର ସାହିତ୍ୟକୃତିଠାରୁ କୌଣସି ଗୁଣରେ ମଧ୍ୟ ଊଣା ନ ଥିଲା । ମଧ୍ୟବର୍ତ୍ତୀ ସାମ୍ରାଜ୍ୟ ସମୟରେ ସୃଷ୍ଟ 'ଦି ସଙ୍ଗ ଅଫ୍ ଦି ହାର୍‌ପର' ଥିଲା ମଦ୍ୟପାନ ସମୟରେ ଗାୟନ କରାଯାଉଥିବା ଅକପଟ ହୃଦୟର ମନମତାଣିଆ ଗୀତ । ଶିଳାଦେହରେ ଉତ୍କୀର୍ଣ୍ଣ କରାଯାଇଥିବା 'ଜୀବନ ଏବଂ ଆତ୍ମା' ମଧ୍ୟରେ କଥୋପକଥନ ମିଶରୀୟ ସାହିତ୍ୟର ଆବେଗ ଓ ଭାବପ୍ରବଣତାକୁ ଉତ୍କର୍ଷତାର ଚରମସୀମାରେ ଉପନୀତ କରେଇପାରିଛି । "ସେହି ସମୟରେ ମଧ୍ୟ ମଣିଷ ଜୀବନର ବାସ୍ତବିକତା ଓ ଗତି ଏବଂ ଆତ୍ମାର ସ୍ୱରୂପ ଓ ସ୍ଥିତି ସମ୍ବନ୍ଧରେ କେତେ ଯେ ଗଭୀର ଚିନ୍ତା କରୁଥିଲା ତା'ର ଜ୍ୱଳନ୍ତ ଉଦାହରଣ ହେଉଛି ଏହି କଥୋପକଥନ । ଏଥିରେ ଯୁକ୍ତିବାଦକୁ ଜ୍ଞାନର ଆଧାର ବୋଲି ଭାବୁଥିବା ମଣିଷ ଗଭୀର ଅନୁଶୋଚନାପୂର୍ବକ ମୃତ୍ୟୁ ଏକ ଚିରନ୍ତନ ସତ୍ୟ ବୋଲି ଉପଲବ୍ଧି କରିପାରି ପରକାଳ ଗମନ ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ବ୍ରତୀ ହୋଇଛି । ନଶ୍ୱର ସାଂସାରିକ ସୁଖରୁ ମୁକ୍ତିପାଇଁ ତା'ର ଆତ୍ମା ଛଟପଟ ହୋଇଛି ।" ବାସ୍ତବରେ ଏତେ ଉଚ୍ଚକୋଟୀର ବିଚାରଧାରା ଆଧୁନିକ ମଣିଷକୁ ଆଶ୍ଚର୍ଯ୍ୟଚକିତ କରିଥାଏ । ଆହୁରି ମଧ୍ୟ ଆମେନ୍‌ହୋତିପ୍-

୪ର୍ଥଙ୍କ ସମୟରେ ଲିଖିତ ସୂର୍ଯ୍ୟ ଭଗବାନ୍‌ଙ୍କ ପ୍ରାର୍ଥନା ଥିଲା ଯୁଗାନ୍ତକାରୀ, ସରଳ, ଭକ୍ତିପୂତ ଏବଂ ଭଗବାନ୍ 'ଅଟନ୍' (ସୂର୍ଯ୍ୟ)ଙ୍କୁ ଦର୍ଶନ ଓ ଅନୁଭବ କରିବାର ଏକ ଅନନ୍ୟ କୃତି । ସେତେବେଳେ ନାଟକର ବିକାଶ ହୋଇନଥିଲେ ମଧ୍ୟ ସେମାନେ ଏକପ୍ରକାରର ଅବୋଧ ନାଟକ ପ୍ରଦର୍ଶନ କରୁଥିଲେ । ବାସ୍ତବରେ ମିଶରୀୟମାନେ ସାହିତ୍ୟ ଇତିହାସରେ ସର୍ବପ୍ରଥମେ ପ୍ରକୃତ ସାହିତ୍ୟ ସୃଷ୍ଟି କରିପାରିଥିଲେ ।

ଶିକ୍ଷା

ସାହିତ୍ୟ ସର୍ଜନା ସହିତ ମିଶରୀୟମାନେ ଶିକ୍ଷାକୁ ବିଶେଷ ମହତ୍ତ୍ୱ ଓ ପ୍ରୋତ୍ସାହନ ଦେଉଥିଲେ ତଥା ବହୁଳ ଭାବରେ ପୁରସ୍କୃତ କରୁଥିଲେ । ଆବିଷ୍କୃତ ଏକ ପାପିରସ୍ ଖଣ୍ଡରେ ଜଣେ ଶିକ୍ଷକ ତାଙ୍କ ଶିଷ୍ୟଙ୍କୁ ପ୍ରଦାନ କରୁଥିବା ଉପଦେଶ ସମ୍ବନ୍ଧରେ ଉଲ୍ଲିଖିତ ଅଛି ଯେ, ହେ ବତ୍ସ ! ବିଦ୍ୟା ଶିକ୍ଷା ଓ ଜ୍ଞାନ ଆହରଣ ପାଇଁ ତୁମେ ତୁମର ମନ ଓ ହୃଦୟକୁ ସଂପୂର୍ଣ୍ଣ ଭାବରେ ବିନିଯୋଗ କର । ମା' ତୁମକୁ ଯେପରି ଭଲ ପାଉଛନ୍ତି ତୁମେ ଶିକ୍ଷା ଗ୍ରହଣକୁ ଠିକ୍ ସେହିପରି ଭଲ ପାଅ, କାରଣ ଶିକ୍ଷା ଗ୍ରହଣଠାରୁ ଅଧିକ ମୂଲ୍ୟବାନ୍ କିଛି ଏ ଜଗତରେ ନାହିଁ । ପ୍ରାୟ ଖ୍ରୀ:ପୂ: ୪୨୨୬ରେ ଏହା ଉଲ୍ଲିଖିତ ହୋଇଥିଲା । ଏଥିରୁ ଜଣାଯାଏ ଯେ, ସେହି କାଳରେ ମିଶରରେ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ଥିଲା ।

କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ

ପ୍ରଫେସର ୱିଲ୍ ଡୁରାଣ୍ଟ କହିଛନ୍ତି ଯେ, ''ଧନସଂପତ୍ତି ଏବଂ ଧର୍ମ ଏକତ୍ରିତ ହେବାଯୋଗୁଁ ମିଶରରେ କଳା ସ୍ଥାପତ୍ୟର ପ୍ରଗତି ହୋଇଥିଲା ।'' ଏହି ଉକ୍ତିର ସତ୍ୟତା ରହିଛି, କାରଣ ମିଶରରେ ପ୍ରଚୁର ଧନସଂପତ୍ତି ଏବଂ ଗଭୀର ଧର୍ମବିଶ୍ୱାସ ରହିଥିଲା । ଧର୍ମବିଶ୍ୱାସକୁ ଆଧାର କରି ଏବଂ ଧନସଂପତ୍ତି ବିନିଯୋଗ କରି କଳାସ୍ଥାପତ୍ୟର ନିର୍ମାଣ କରାଯାଇଥିଲା । ତେଣୁକରି ଲୋକମାନେ ସମ୍ରାଟ୍‌ମାନଙ୍କ ସମାଧି ଉପରେ ସ୍ମୃତି ଚିହ୍ନ ସ୍ୱରୂପ ବିଶାଳ ପିରାମିଡ଼୍, ମନ୍ଦିର ଏବଂ ସୁଉଚ୍ଚ ସ୍ତମ୍ଭମାନ ନିର୍ମାଣ କରିଥିଲେ ।

ସ୍ଥାପତ୍ୟ

ମିଶରର ଫାରୋମାନେ ପ୍ରସିଦ୍ଧ ନିର୍ମାଣକର୍ତ୍ତା ଥିଲେ, ଯାହାକି ସେମାନଙ୍କୁ ସାରା ବିଶ୍ୱରେ ପ୍ରସିଦ୍ଧ କରିଛି । ମିଶରୀୟମାନେ ପ୍ରସ୍ତରର ବର୍ଗାକାର ଖଣ୍ଡ ଏବଂ ପିରାମିଡ଼୍ ସ୍ଥାପତ୍ୟ ଉଦ୍ଭାବନ କରିଥିଲେ । ସମଚତୁଷ୍କୋଣୀ ଆୟତାକାର ମସ୍ତା ବା ସମାଧିରୁ ପିରାମିଡ଼୍ ଗଠନର ବାସ୍ତବ ସ୍ୱରୂପ ସମ୍ବନ୍ଧରେ ସେମାନେ ଜ୍ଞାନ ଆହରଣ କରିଥିଲେ । ସେହି ଆଧାରରେ ବର୍ଗାକାର ପ୍ରସ୍ତରଗୁଡ଼ିକୁ ଗୋଟିକ ଉପରେ ଗୋଟିଏ ରଖି ଫାରୋମାନଙ୍କର ସମାଧି ଉପରେ ପିରାମିଡ଼୍ ଗଠନ କରିଥିଲେ । ପିରାମିଡ଼୍ ଭିତରେ ଏକ ଲମ୍ବା ପ୍ରସ୍ତର ଦଣ୍ଡ ତଳେ ସମାଧି ରହୁଥିଲା । ଖିଲାଣଯୁକ୍ତ ଅର୍ଦ୍ଧବକ୍ରାକାର ସ୍ଥାନ ସମାଧି ଭିତରେ ରହୁଥିଲା; ଫଳରେ ସେମାନଙ୍କ ବିଶ୍ୱାସ ଅନୁଯାୟୀ ଆତ୍ମା ସ୍ୱଚ୍ଛନ୍ଦରେ ବିଚରଣ କରିପାରିବ । ସୁପ୍ରସିଦ୍ଧ ଏବଂ ଅଧୁନା ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ହେଉଛି ଗିଜେଠାରେ ନିର୍ମିତ ପିରାମିଡ଼୍ । ଏହାକୁ ଫାରୋ ଖୁଫୁ ନିର୍ମାଣ କରାଇଥିଲେ । ଏହାର ଉଚ୍ଚତା ୪୮୧ ଫୁଟ୍ ଏବଂ ଭିତ୍ତି ହେଉଛି ୭୪୬ ଫୁଟ୍‌ର ବର୍ଗକ୍ଷେତ୍ର । ଅଢ଼େଇଟନ୍ ଓଜନବିଶିଷ୍ଟ ୨୩,୦୦,୦୦୦ ବର୍ଗାକାର ଚୂନପଥର ଖଣ୍ଡରେ ଏହାକୁ ନିର୍ମାଣ କରାଯାଇଛି । ଏହା ସଠିକ୍ ଗାଣିତିକ ଭାଗମାପ ଅନୁଯାୟୀ କାରିଗରୀ ଜ୍ଞାନକୌଶଳରେ ଧୂରୀଣ ସ୍ଥପତି ଏବଂ ପ୍ରସ୍ତର କାରିଗରମାନଙ୍କ ଦ୍ୱାରା ନିର୍ମାଣ କରାଯାଇଛି । ଏହାର ଉତ୍ତର ଏବଂ ଦକ୍ଷିଣ ପାର୍ଶ୍ୱ ମଧ୍ୟରେ ୮ ଇଞ୍ଚରୁ କମ୍ ଭିନ୍ନତା ଥିବାବେଳେ ତା'ଠାରୁ ମଧ୍ୟ ଅଧ ଇଞ୍ଚ କମ୍ ଭିନ୍ନତା ଅଛି ପୂର୍ବ ଏବଂ ପଶ୍ଚିମପାର୍ଶ୍ୱ ମଧ୍ୟରେ । ପ୍ରସ୍ତର ଖଣ୍ଡଗୁଡ଼ିକୁ ଏପରି ଭାବରେ ସଂଯୁକ୍ତ କରି ଯୋଡେଇ କରାଯାଇଛି ଯେ, ସେଥିରେ ଆଦୌ ଫାଙ୍କ ନାହିଁ । ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ମଧ୍ୟ ଏହିପରି

ସମାନୁପାତିକ ବିଶାଳ ସୌଧ ନିର୍ମାଣ କରିବା ଅସମ୍ଭବ ପ୍ରାୟ ଅଟେ । ସରଳତା ଏବଂ ବିଶାଳତା ହେଉଛି ପିରାମିଡ୍‌ର ବିଶିଷ୍ଟତା । ଖ୍ରୀ.ପୂ. ୩୫୦୦ ରୁ ଖ୍ରୀ.ପୂ. ୨୭୦୦ ମଧ୍ୟରେ ଅସଂଖ୍ୟ ପିରାମିଡ୍ ମିଶରରେ ନିର୍ମାଣ କରାଯାଇଥିବାରୁ ଏହି କାଳକୁ ପିରାମିଡ୍ ଯୁଗ କୁହାଯାଏ । ଆଜିଯାଏଁ କିଛି ପରିମାଣରେ ଉନ୍ନତ ଅବସ୍ଥାରେ ରହିଥିବା ଦ୍ୱିତୀୟ ପିରାମିଡ୍‌କୁ ଖ୍ରୀ.ପୂ. ୩୦୦୦ରେ ଫାରୋଯୋଶେର ନିର୍ମାଣ କରାଇଥିଲେ ।

ପିରାମିଡ୍ ବ୍ୟତୀତ ମିଶରୀୟମାନେ କାର୍ଣ୍ଣାକ୍ ପରି ବିଶାଳ ମନ୍ଦିର ଏବଂ ସ୍ତମ୍ଭ ମଧ୍ୟ ନିର୍ମାଣ କରାଇଥିଲେ । କାର୍ଣ୍ଣାକ୍ ମନ୍ଦିରର ସୁଖ୍ୟାତି ଆଜିଯାଏଁ ରହିଛି । ମନ୍ଦିର ମଧ୍ୟରେ ଥିବା ବସିବା ପାଇଁ ଉଦ୍ଦିଷ୍ଟ ସଂକୀର୍ଣ୍ଣ ସ୍ଥାନର ଉଭୟ ପଟେ ଧାଡ଼ିରେ ରହିଥିବା ସ୍ତମ୍ଭଗୁଡ଼ିକ ଉଚ୍ଚତା ହେଉଛି ୬୯ ଫୁଟ୍ । ମୁକୁଟ ପରି ରହିଥିବା ଶୀର୍ଷର ଉଚ୍ଚତା ହେଉଛି ୧୧ ଫୁଟ୍ । ଏହା ପୁନଶ୍ଚ ଏତେ ବିଶାଳ ଓ ପ୍ରଶସ୍ତ ଯେ, ଏକା ସମୟରେ ଏହା ଉପରେ ୧୦୦ ଜଣ ମଣିଷ ଛିଡ଼ା ହୋଇପାରିବେ । ମନ୍ଦିର ଚତୁଃପାର୍ଶ୍ୱସ୍ଥ ମନୋରମ ପ୍ରାକୃତିକ ଦୃଶ୍ୟ, ଗଛଲତା ଓ ଫୁଲଗଛରେ ସଜ୍ଜିତ ବଗିଚା, କୃତ୍ରିମ ଜଳାଶୟ ଦର୍ଶକର ମନ ମୋହିନିଏ; ମାତ୍ର ଗୋଟିଏ ବିଶାଳ ପ୍ରସ୍ତର ଦଣ୍ଡରେ ନିର୍ମିତ କାର୍ଣ୍ଣାକ୍ ମନ୍ଦିରର ଉଚ୍ଚତା ୧୦୦ ଫୁଟ୍ ଅଟେ । ୧୩୬ ଗୋଟି ସ୍ତମ୍ଭ ଏବଂ ୩୩୫ ଫୁଟ୍ ଲମ୍ବ କୋଠରି ସହିତ ମନ୍ଦିରଟି ସଂପୂର୍ଣ୍ଣ ହେବାପାଇଁ ଦୀର୍ଘ ବର୍ଷ ଲାଗିଥିଲା । ଲକ୍ସର ଏବଂ ଆବୁସିମ୍ବେଲ୍‌ଠାରେ ରହିଥିବା ମନ୍ଦିରଦ୍ୱୟ ମଧ୍ୟ ମିଶରୀୟ ସ୍ଥାପତ୍ୟକଳାର ଜ୍ୱଳନ୍ତ ଉଦାହରଣ ଅଟନ୍ତି ।

ଭାସ୍କର୍ଯ୍ୟ

ସ୍ଥାପତ୍ୟ ପରେ ଭାସ୍କର୍ଯ୍ୟ ଥିଲା ମିଶରୀୟମାନଙ୍କର କଳା ନୈପୁଣ୍ୟତା ପ୍ରକାଶର ମାଧ୍ୟମ । ସ୍ଥାୟିତ୍ୱ ଏବଂ ଅନୁଭବ ଥିଲା ତାଙ୍କ କଳାଭାସ୍କର୍ଯ୍ୟର ବୈଶିଷ୍ଟ୍ୟ । ସୌଧଗୁଡ଼ିକରେ ଫାରୋମାନଙ୍କର ବିଶାଳ ମୂର୍ତ୍ତି ସଂଯୋଜିତ କରିବା ଥିଲା ମିଶରୀୟ ସ୍ଥପତି ଓ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସେମାନେ ନିର୍ମାଣ କରୁଥିବା ଫାରୋମାନଙ୍କର ମୂର୍ତ୍ତିଗୁଡ଼ିକ ୮୦ରୁ ୯୦ ଫୁଟ୍ ଉଚ୍ଚତାବିଶିଷ୍ଟ ହେଉଥିଲା ଏବଂ ଗୋଟିଏ ପ୍ରସ୍ତର ଖଣ୍ଡକୁ କାଟି ନିର୍ମାଣ କରାଯାଉଥିଲା । ମୂର୍ତ୍ତିଗୁଡ଼ିକର ହାତ ଓ ଗୋଡ଼ଗୁଡ଼ିକ ଆଗକୁ ଲମ୍ୱା ହେଉନଥିଲା, ସର୍ବଦା ଶରୀର ସହିତ ସଂଶ୍ଳିଷ୍ଟ ହୋଇ ରହୁଥିଲା । ମୂର୍ତ୍ତିକୁ ସହାୟତା କରିବା ପାଇଁ ପ୍ରସ୍ତରର ଏକ ବଡ଼ ଅଂଶ ମୁଣ୍ଡ ପଛପଟରେ ଛାଡ଼ି ଦିଆଯାଉଥିଲା । କାନ୍ଧ ପଛପଟ ଏବଂ ଗୋଡ଼ ଆନୁଭୂମିକ (ଭୂମି ସହିତ ସମାନ୍ତରାଳ) ଭାବରେ ନିର୍ମାଣ କରାଯାଉଥିଲା । ମୂର୍ତ୍ତିର ଶରୀର ଗଠନ ଓ ସୁନ୍ଦର ଆକାର ପ୍ରଦାନ ଅପେକ୍ଷା ଶିଳ୍ପୀମାନେ ମୁଖାକୃତି ନିର୍ମାଣ ପ୍ରତି ବେଶି ଧ୍ୟାନ ଦେଉଥିଲେ । ମଣିଷ ଓ ପଶୁର ମିଳିତ ମୂର୍ତ୍ତି ହେଉଛି କୌତୂହଳପ୍ରଦ । ମିଶରୀୟମାନେ ସାଧାରଣତଃ ବିଷମତା ଅଥବା ଭିନ୍ନତା ଯୋଗୁଁ ଦୃଷ୍ଟି ଆକର୍ଷଣ କରୁଥିବା ମୂର୍ତ୍ତି ନିର୍ମାଣ କରୁଥିଲେ । ସେମାନେ କୌଣସି ଏକ ବିଷୟକୁ ଧାରାବିବରଣୀ ଦେବାପରି ସବିଶେଷ ଭାବେ ବୁଝାଉଥିବା ଚିତ୍ରଗୋଷ୍ଠୀକୁ ସମାଧି କାନ୍ଥରେ ଏବଂ ମନ୍ଦିରର ଦ୍ୱାରବନ୍ଧରେ ଖୋଦନ ଅଥବା ମୂର୍ତ୍ତି ତିଆରି କରି ସ୍ଥାନିତ କରୁଥିଲେ । ଚିତ୍ରଗୁଡ଼ିକର ଆପେକ୍ଷିକ ସ୍ଥାନ ଓ ଆକାର ତଥା ନିୟମ ସମ୍ବନ୍ଧରେ ସେମାନେ ଅଜ୍ଞ ଥିଲେ, ତେଣୁ ଗୁରୁତ୍ୱପୂର୍ଣ୍ଣ ଚିତ୍ର ଅଥବା ମୂର୍ତ୍ତିଗୁଡ଼ିକୁ ଅହେତୁକ ଭାବେ ବର୍ଦ୍ଧିତ ଆକାରରେ ପ୍ରଦର୍ଶନ କରୁଥିଲେ; ଫଳସ୍ୱରୂପ ମୂର୍ତ୍ତିଗୁଡ଼ିକୁ ଚିହ୍ନିବା ପାଇଁ ଦର୍ଶକ ଦ୍ୱନ୍ଦ୍ୱରେ ପଡୁଥିଲା । ଯେପରିକି ମୁଖମଣ୍ଡଳର ପାର୍ଶ୍ୱ ଦୃଶ୍ୟ ଦେଖାଉଥିବା ଚିତ୍ରରେ ମଧ୍ୟ ଆଖିଗୁଡ଼ିକ ସଂପୂର୍ଣ୍ଣ ଦୃଶ୍ୟମାନ ମୁଖମଣ୍ଡଳର ଆଖିପରି ଏବଂ ଓଠର ଏକ ପାର୍ଶ୍ୱ ନିର୍ମିତ ହେଉଥିଲା । ଗଣ୍ଡିଟିର ପାର୍ଶ୍ୱଦୃଶ୍ୟ ପରିବର୍ତ୍ତେ ସଂପୂର୍ଣ୍ଣ ଦୃଶ୍ୟମାନ ହେଉଥିଲା, ଯାହାକି ଅସାଧାରଣ ପରି ମନେ ହେଉଥିଲା । ଲକ୍‌ସର୍ ମନ୍ଦିରସ୍ଥିତ ଫାରୋ ଆମେନ୍‌ହୋଟିପ୍ ଏବଂ ରାମସେସ୍‌ଙ୍କ ମୂର୍ତ୍ତିର ଉଚ୍ଚତା ଯଥାକ୍ରମେ ୧୮୫ ଫୁଟ୍ ଏବଂ ୯୦ ଫୁଟ୍ ଅଟେ । ସେମାନେ ତମ୍ବା ଓ କଂସାର ମୂର୍ତ୍ତି ମଧ୍ୟ ନିର୍ମାଣ କରୁଥିବାର ପ୍ରମାଣ ମିଳିଛି ।

ସ୍ଫିଙ୍କସ୍

ସ୍ଫିଙ୍କସ୍ ହେଉଛି ସିଂହର ଶରୀର ଏବଂ ମଣିଷର ମସ୍ତକବିଶିଷ୍ଟ ଏକ ବିଶାଳ ମୂର୍ତ୍ତି, ଯାହାକି ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ ମିଶରୀୟ ମୂର୍ତ୍ତି କଳାଗୁଡ଼ିକ ମଧ୍ୟରେ ଅତୀବ ମହତ୍ତ୍ୱପୂର୍ଣ୍ଣ ଏବଂ ଧ୍ୟାନ ଆକର୍ଷଣକାରୀ ଅଟେ । ଏହା ଗିଜେସ୍ଥିତ ପିରାମିଡ଼ ନିକଟରେ ଅଛି । ଏହା ପ୍ରତିଟି ଦର୍ଶକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥାଏ । ଏହାର ଲମ୍ବ ୧୬୦ ଫୁଟ୍ ଏବଂ ଉଚ୍ଚତା ୭୦ ଫୁଟ୍ ଅଟେ ।

ରଞ୍ଜିତ ଚିତ୍ର

ରଞ୍ଜିତ ଚିତ୍ରକଳାକୁ ମିଶରୀୟମାନେ ଭାସ୍କର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପରେ ଗ୍ରହଣ କରୁଥିଲେ । ମିଶରୀୟମାନେ ରଞ୍ଜିତ ଚିତ୍ରକଳା ଦ୍ୱାରା ସାଧାରଣତଃ ସମାଧିଗୁଡ଼ିକୁ ଚିତ୍ରିତ କରୁଥିଲେ । କେତେକ ଚିତ୍ରକଳା ସେ ସମୟର ଅତୀବ ମନୋମୁଗ୍ଧକର ଦୃଶ୍ୟର ନିଦର୍ଶନ ବହନ କରୁଥିଲା । ସେମାନେ ସାଧାରଣତଃ କଳା ଓ ଧଳା ରଙ୍ଗରେ ସମାଧିଗୁଡ଼ିକୁ ଚିତ୍ରିତ କରୁଥିଲେ, ଫଳସ୍ୱରୂପ କଳାକୃତିଟି ଅତୀବ ସୁନ୍ଦର ଦିଶୁଥିଲା । ରାଣୀ ହାତ୍‌ସେପ୍‌ସୁତ୍‌ଙ୍କ ପର୍ଯ୍ୟନ୍ତ ଧାର୍ମିକ ଚିତ୍ରକଳା ସଂପୂର୍ଣ୍ଣ ଲୋକପ୍ରିୟ ହୋଇପାରିଥିଲା । ତାଙ୍କ ଦ୍ୱାରା ନିର୍ମିତ ଏକ ମନ୍ଦିର ଗାତ୍ରରେ ଏକ ଉଲ୍ଲେଖଯୋଗ୍ୟ ରଞ୍ଜିତ ଚିତ୍ର ପ୍ରଦର୍ଶିତ ହୋଇଛି, ଯହିଁରେ ତିନୋଟି ଜାହାଜ ଅଙ୍କିତ ହୋଇଛି, ପାଲଗୁଡ଼ିକ ପବନ ହେଉଥିବା ଦିଗକୁ ରହିଛି, କେତେଜଣ ନାବିକ ହାତରେ ଆହୁଲା ଧରିଛନ୍ତି ଏବଂ ଆହୁଲାମାରି ଜାହାଜକୁ ଚଳାଉଛନ୍ତି । ଏତଦ୍‌ବ୍ୟତୀତ ଦେଖାଯାଇଛି ଯେ, କେତେକ ସ୍ଥଳରେ ସେମାନେ ବାସଗୃହକୁ ମଧ୍ୟ ବିଭିନ୍ନ ରଙ୍ଗ ଓ ଚିତ୍ରରେ ସଜ୍ଜିତ କରିଛନ୍ତି । ଘରଗୁଡ଼ିକୁ ଗୋଲକ, ଅର୍ଦ୍ଧଗୋଲକ, ତ୍ରିଭୁଜ, ପ୍ରାକୃତିକ ଦୃଶ୍ୟ ଯଥା- ସମୁଦ୍ରର ଲହଡ଼ି, ପ୍ରସ୍ଫୁଟିତ ପଦ୍ମ, ପାପିରସ ଗଛ ଆଦିର ଚିତ୍ରଦ୍ୱାରା ସଜ୍ଜିତ କରିଛନ୍ତି ।

ବିଜ୍ଞାନ କ୍ଷେତ୍ରରେ ଉନ୍ନତି

ମିଶରୀୟମାନେ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ତଦାନୀନ୍ତନ ପଦ୍ଧତିରେ ଉନ୍ନତିର ଚରମସୀମାରେ ଉପନୀତ ହୋଇଥିଲେ । ବିଜ୍ଞାନ କ୍ଷେତ୍ରରେ ସେମାନଙ୍କ ଆବିଷ୍କାର ଏବଂ ଉଦ୍ଭାବନ ଅତୁଳନୀୟ ତଥା ବିଶ୍ୱ ସଭ୍ୟତାକୁ ମହନୀୟ ଅବଦାନ ଥିଲା ।

ଗଣିତ

ଗାଣିତିକ ହିସାବ ପଦ୍ଧତିରେ ମିଶରୀୟମାନଙ୍କ ଅନେକ ଅବଦାନ ରହିଥିଲା । ସେମାନେ ଶୂନ୍ୟର ବ୍ୟବହାର ଜାଣି ନ ଥିଲେ; ହେଲେ ଭଗ୍ନାଂଶ ସମ୍ବନ୍ଧରେ ଅବଗତ ଥିଲେ । ଚାରୋଟି ଗାଣିତିକ ପଦ୍ଧତି ଯଥା- ଯୋଗ, ବିୟୋଗ, ହରଣ ଓ ଗୁଣନ ସଂପର୍କରେ ସେମାନେ ଅବଗତ ଥିଲେ । ସମକୋଣୀ କ୍ଷେତ୍ରର କ୍ଷେତ୍ରଫଳ ଏବଂ ଜ୍ୟାମିତି ଆଦି ବିଷୟରେ ସେମାନଙ୍କର ଜ୍ଞାନ ରହିଥିଲା । ଏହିସବୁ ଜ୍ଞାନର ପ୍ରମାଣ ହେଉଛି ବିଶାଳ ପିରାମିଡ଼, ସୌଧ, କେନାଲ, ଆନିକଟ ଆଦିର ଯଥାଯଥ ଗାଣିତିକ ଏବଂ ଜ୍ୟାମିତିକ ପଦ୍ଧତିରେ ନିର୍ମାଣ ।

ଗଣିତ ଜ୍ୟୋତିଷ (ଜ୍ୟୋତିର୍ବିଜ୍ଞାନ)

ମିଶରୀୟମାନେ ରାତ୍ରିକାଳରେ ଗ୍ରହ ନକ୍ଷତ୍ରଙ୍କ ଘୂର୍ଣ୍ଣନ ଓ ଗତିପଥ ସମ୍ବନ୍ଧରେ ଅଧ୍ୟୟନ କରି ଗ୍ରହ ଓ ନକ୍ଷତ୍ର ମଧ୍ୟରେ ପ୍ରଭେଦ ସମ୍ବନ୍ଧରେ ଜାଣିପାରିଥିଲେ । ସେମାନେ ସୂର୍ଯ୍ୟୋପରାଗ ଏବଂ ଚନ୍ଦ୍ରଗ୍ରହଣ ସମ୍ବନ୍ଧରେ ଗଣନା କରିପାରୁଥିଲେ । ସେମାନେ ଘଡ଼ିର ଉଦ୍ଭାବନ କରିଥିଲେ ଏବଂ ରାତିରେ ଜଳଘଡ଼ି ଓ ଦିନର ସୂର୍ଯ୍ୟଘଡ଼ି (ଛାୟାଘଣ୍ଟା) ସାହାଯ୍ୟରେ ସମୟ ଜାଣିପାରୁଥିଲେ ।

ପୃଥିବୀବାସୀଙ୍କୁ ସେମାନଙ୍କ ଅନନ୍ୟ ଅବଦାନ ଥିଲା ସୂର୍ଯ୍ୟସିଦ୍ଧାନ୍ତ ଦିନପଞ୍ଜି ଅଥବା ସମୟ ସାରଣୀ (କ୍ୟାଲେଣ୍ଡର)ର ଉଦ୍ଭାବନ । ସେମାନେ ବର୍ଷକୁ ୩୬୫ ଦିନ ୧୨ ମାସ ଏବଂ ପ୍ରତି ମାସକୁ ୩୦ ଦିନରେ ବିଭକ୍ତ କରିଥିଲେ । ଏହି ଦିନପଞ୍ଜି ଅନୁଯାୟୀ ଗଣନା କରାଯାଇଥିବା ବିଶ୍ୱର ପ୍ରଥମ ଦିନର ଆରମ୍ଭ ଖ୍ରୀ.ପୂ. ୪୨୪୧ରେ ହୋଇଥିଲା । ସେମାନେ ଚନ୍ଦ୍ର ସିଦ୍ଧାନ୍ତ ଦିନପଞ୍ଜିକୁ ଗ୍ରହଣ କରି ନ ଥିଲେ । ସୂର୍ଯ୍ୟ ସିଦ୍ଧାନ୍ତ ଦିନପଞ୍ଜିର ଗଣନା 'ସୋଥିସ୍' ନାମକ ଏକ ନକ୍ଷତ୍ରର ଅଧ୍ୟୟନରୁ ପାଇଥିଲେ ଓ ଗ୍ରହଣ କରିଥିଲେ । ତେଣୁ ଏହି ଦିନପଞ୍ଜି (କ୍ୟାଲେଣ୍ଡର)ର ନାମ ସୋଥିକ୍ ଦିନପଞ୍ଜି ରଖାଯାଇଥିଲା । ୩୬୫ ଦିନରୁ ବଳିପଡୁଥିବା ୫ ଦିନକୁ ସେମାନେ ଉପଯୋଗୀ କରୁଥିଲେ । ପରବର୍ତ୍ତୀ ସମୟରେ ଏହି ଦିନପଞ୍ଜିକୁ ସାରା ବିଶ୍ୱ ଗ୍ରହଣ କରିଥିଲା ।

ରସାୟନ ବିଦ୍ୟା

ଚିତ୍ରିତ କରିବା ପାଇଁ ବିଭିନ୍ନ ରଙ୍ଗ, ପ୍ରସାଧନ ସାମଗ୍ରୀ ଏବଂ ମୃତ ଶରୀରକୁ ସଂରକ୍ଷିତ କରି ରଖିବା ପାଇଁ ବିଭିନ୍ନ ରାସାୟନିକ ଦ୍ରବ୍ୟର ଉଦ୍ଭାବନ କରି ସେମାନେ ତାଙ୍କର ରସାୟନ ବିଦ୍ୟାରେ ନିପୁଣତା ପ୍ରଦର୍ଶନ କରିଛନ୍ତି ।

ମହୌଷଧି ଓ ଚିକିତ୍ସା

ଏକ ପାପିରସ୍ କାଗଜର ଉଲ୍ଲେଖ ନିଶ୍ଚିତ କରେ ଯେ, ମିଶରୀୟମାନେ ରୋଗ ଚିହ୍ନଟ ଓ ନିଦାନ କରିବାରେ ସିଦ୍ଧହସ୍ତ ଥିଲେ । ସେମାନେ ପ୍ରାୟ ୩୦୦ ପ୍ରକାରର ଜଡ଼ିବୁଟି ପ୍ରସ୍ତୁତ ଔଷଧ ସାହାଯ୍ୟରେ ସମସ୍ତ ପ୍ରକାର ରୋଗକୁ ଆରୋଗ୍ୟ କରିପାରୁଥିଲେ । ପୁନଶ୍ଚ ମମିଗୁଡ଼ିକରୁ ଜଣାଯାଏ ଯେ, ସେମାନେ ଅସ୍ତ୍ରୋପଚାର ଅଥବା ଶଲ୍ୟଚିକିତ୍ସାରେ ନିପୁଣ ଥିଲେ । ମମିଗୁଡ଼ିକରେ ପ୍ରଲେପ ଦେବାପାଇଁ ମଲମଠାରୁ ଆରମ୍ଭ କରି ଅନେକ ପ୍ରକାରର ଔଷଧ ମଧ୍ୟ ସେମାନେ ଉଦ୍ଭାବନ କରିଥିଲେ ।

ଗୃହ ସରଞ୍ଜାମ

ମିଶରୀୟମାନେ ଗୃହୋପକରଣ, ଗୃହ ସରଞ୍ଜାମ ଆଦି ମଧ୍ୟ ଘରକୁ ସୁନ୍ଦର ଭାବରେ ସଜେଇବା ପାଇଁ ନିର୍ମାଣ କରି ଘରେ ସଜାଇ ରଖୁଥିଲେ । ସେମାନେ ଚୌକି, ତକ୍ତା, ଖଟ, ଆଲମାରୀ, ବାସନକୁସନ ଆଦି ତିଆରି କରି ଘରେ ସଜାଉଥିଲେ । ଚଉକିଗୁଡ଼ିକରେ ସୁନା ଓ ରୁପାର ପାତ ଲଗାଉଥିଲେ ।

ଏହିପରି ଭାବରେ ସବୁକ୍ଷେତ୍ରରେ ମିଶରୀୟମାନଙ୍କ ଅବଦାନ ବିଶ୍ୱସଭ୍ୟତାର ପ୍ରଗତି ପ୍ରତି ମହାର୍ଘ ଥିଲା । ପୃଥିବୀବାସୀଙ୍କ ନିମିତ୍ତ ଅମୂଲ୍ୟ କଳାକୃତି, ସୌଧ, ପିରାମିଡ଼ ସହିତ ଧାର୍ମିକ ବିଶ୍ୱାସ, ସାହିତ୍ୟ, ବିଜ୍ଞାନ ଏବଂ ସର୍ବୋପରେ ଦିନପଞ୍ଜି ଆଦି ଥିଲା ସେମାନଙ୍କର ଅମୂଲ୍ୟ ଅବଦାନ ।

(ଖ) ମେସୋପୋଟାମିଆର ସଭ୍ୟତା (ଖ୍ରୀ.ପୂ. ୩୦୦୦- ଖ୍ରୀ.ପୂ. ୨୦୦୦)

ରାଜନୈତିକ ସଂଗଠନ ଏବଂ ଧାତବ ସଂସ୍କୃତି

ମେସୋପୋଟାମିଆ ଏକ ଗ୍ରୀକ୍ ଶବ୍ଦ, ଯାହାର ଅର୍ଥ ହେଉଛି ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳ । ପ୍ରାଚୀନ ମେସୋପୋଟାମିଆ ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲା । ଏହି ଅଞ୍ଚଳର ଆଧୁନିକ ନାମ ହେଉଛି ଇରାକ୍ ଦେଶ । ପ୍ରତ୍ନତାତ୍ତ୍ୱିକମାନଙ୍କର ମତାନୁଯାୟୀ ମେସୋପୋଟାମିଆ ଅଥବା ଟାଇଗ୍ରୀସ୍ ଓ ଇଉଫ୍ରେଟିସ୍ ନଦୀ ଉପତ୍ୟକାର ସଭ୍ୟତା ତାମ୍ରଯୁଗରେ ପ୍ରାୟ ଖ୍ରୀ.ପୂ. ୫୦୦୦ ବେଳକୁ ବିକାଶଲାଭ କରିଥିଲା । ଏହି ସଭ୍ୟତାର ପ୍ରାକ୍ ଐତିହାସିକ ସ୍ଥିତି ଜାଣିବା ପୂର୍ବରୁ ମେସୋପୋଟାମିଆର ଭୌଗୋଳିକ ଏବଂ ସ୍ଥଳାକୃତିକ

ବିବରଣୀ ସମ୍ବନ୍ଧରେ ଜାଣିବା ଏକାନ୍ତ ଆବଶ୍ୟକ ଅଟେ । ପୃଥିବୀର ବିଭିନ୍ନ ସ୍ଥାନରେ ପ୍ରବାହିତ ପ୍ରମୁଖ ନଦୀଗୁଡ଼ିକର ଉପତ୍ୟକାଞ୍ଚଳରେ ଗଢ଼ି ଉଠିଥିବା ସଭ୍ୟତା ପରି ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଉପତ୍ୟକାଞ୍ଚଳରେ ନୀଳନଦୀ ସଭ୍ୟତାର ସମସାମୟିକ ଭାବରେ ଗଢ଼ି ଉଠିଥିଲା ମେସୋପୋଟାମିଆ ସଭ୍ୟତା । ଏହି ଅଞ୍ଚଳ ନିମ୍ନ ପ୍ରକାରେ ଦୁଇଭାଗରେ ବିଭକ୍ତ ହୋଇଥିଲା; ଯଥା-

(କ) ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟର ଉପର ଅଥବା ଉତ୍ତର ଅଂଶକୁ ଆସିରିଆ କୁହାଯାଏ ।

(ଖ) ନିମ୍ନ କିମ୍ବା ଦାକ୍ଷିଣାତ୍ୟାଞ୍ଚଳ ଯେଉଁ ଅଞ୍ଚଳରେ ଏହି ନଦୀଦ୍ୱୟ ସ୍ୱାଧୀନ ଭାବରେ ପ୍ରାୟ ୧୬୦ କି.ମି. ପ୍ରବାହିତ ହେବାପରେ ମିଳିତ ହୋଇଛନ୍ତି ଏବଂ ତା'ପରେ ନିମ୍ନଗାମୀ ହୋଇ ପାରସ୍ୟ ଉପସାଗରରେ ମିଶିଛନ୍ତି, ସେହି ଅଞ୍ଚଳକୁ ବେବିଲୋନିଆ କୁହାଯାଏ ।

ବେବିଲୋନିଆର ଦୁଇଗୋଟି ଅଞ୍ଚଳ ହେଉଛି ଆକ୍କାଦ (ଉତ୍ତର) ଏବଂ ସୁମେର (ଦକ୍ଷିଣ) । ସୁମେରଠାରୁ ପ୍ରାଚୀନ ମେସୋପୋଟାମିଆ ସଭ୍ୟତାର ଉତ୍ପତ୍ତି ହୋଇଥିଲା । ଏହି ଦୁଇନଦୀର ମିଳନସ୍ଥଳରେ ଆକ୍କାଦ ଅବସ୍ଥିତ ଥିଲା । ସୁମେର୍‌ର ଉତ୍ତରକୁ ଅବସ୍ଥିତ ଆର୍ମେନିଆର ଏକ ପର୍ବତରୁ ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟ ଉତ୍ପତ୍ତି ହୋଇଛନ୍ତି । ଏହି ପର୍ବତର ଉଚ୍ଚତା ୧୦,୦୦୦ ଫୁଟ୍ ଅଟେ । ଏହି ପର୍ବତ ସଦା ତୁଷାରାଚ୍ଛନ୍ନ ଅଟେ । ତେଣୁ ଏହା ନଦୀଦ୍ୱୟକୁ ବର୍ଷସାରା ପ୍ରଚୁର ପାଣି ଯୋଗାଇଥାଏ । ଏହି ନଦୀଦ୍ୱୟ ପ୍ରଚୁର ପରିମାଣରେ ପଟୁମାଟି ଆଣି ନଦୀ ମୁହାଁଣର ତ୍ରିକୋଣଭୂମି ଅଞ୍ଚଳରେ ଜମା କରୁଥିଲା, ଯାହାକି ପାରସ୍ୟ ଉପସାଗରକୁ ପୋତିଚାଲିଥିଲା । ଏହିପରି ଭାବରେ ନଦୀଦ୍ୱୟ ୪୮୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ପଟୁମାଟିର ଏକ ଉର୍ବର ଅଞ୍ଚଳ ସୃଷ୍ଟି କରିଥିଲା । ଏହି ଅଞ୍ଚଳକୁ ଶାତ୍-ଅଲ୍-ଆରବ କୁହାଯାଉଥିଲା । ଏହା ମେସୋପୋଟାମିଆର ନିମ୍ନ ଅଞ୍ଚଳ ଥିଲା । ଅଧୁନା ଇରାକ୍‌ର ରାଜଧାନୀ ବାଗ୍‌ଦାଦଠାରୁ ୮୮ କି.ମି. ଦୂରରେ ଇଉଫ୍ରେଟିସ୍ ନଦୀକୂଳେ ଅବସ୍ଥିତ ଥିଲା ଏକ ପ୍ରସିଦ୍ଧ ସହର ବାବ୍-ଇଲ୍ଲୁ, ଯାହାର ଅର୍ଥ ହେଉଛି 'ଭଗବାନ୍‌ଙ୍କ ପ୍ରବେଶ ଦ୍ୱାର' । ପରବର୍ତ୍ତୀ ସମୟରେ ଏହାର ନାମ ବେବିଲୋନ୍ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଏହି ସହର ପ୍ରାଚୀନ ସଭ୍ୟତାଗୁଡ଼ିକର କ୍ଷମତାକେନ୍ଦ୍ର ହୋଇଯାଇଥିଲା ଏବଂ ବେବିଲୋନିଆ ନାମରେ ପ୍ରସିଦ୍ଧି ଲାଭ କରିଥିଲା ।

ଏହି ଉର୍ବର ଅଞ୍ଚଳରେ ଗ୍ରୀଷ୍ମଋତୁରେ ଅତ୍ୟଧିକ ଗରମ ହୁଏ ତଥା ବର୍ଷାଋତୁରେ ଅତ୍ୟଳ୍ପ ବର୍ଷା ହେଉଥିଲେ ମଧ୍ୟ ନଦୀଦ୍ୱୟର ଉପତ୍ୟକାଞ୍ଚଳ ତାମ୍ରଯୁଗୀୟ ମଣିଷମାନଙ୍କର ବାସୋପଯୋଗୀ ହୋଇପାରିଥିଲା । ଏହି ଅଞ୍ଚଳରେ ଗହମ, ବାର୍ଲି, ମକା, ଖଜୁରି ଆଦି ବିପୁଳ ପରିମାଣରେ ଉତ୍ପନ୍ନ ହେଉଥିବାରୁ ଲୋକସଂଖ୍ୟାରେ କ୍ଷିପ୍ର ଅଭିବୃଦ୍ଧି ଘଟିଥିଲା ।

ମେସୋପୋଟାମିଆର ସ୍ଥଳାକୃତିକ ଅବସ୍ଥିତି ଏକ ସଭ୍ୟତା ଗଢ଼ିଉଠିବା ପାଇଁ ସବୁପ୍ରକାରେ ଉପଯୁକ୍ତ ଥିଲା । ଶାତ୍-ଅଲ୍-ଆରବ ଅଞ୍ଚଳ ଦେଇ ଲମ୍ବିଯାଇଥିବା ଏକ ସଂକୀର୍ଣ୍ଣ ଜଳପଥ ଦ୍ୱାରା ଏହି ଅଞ୍ଚଳ ସମୁଦ୍ର ସହିତ ସଂଯୋଜିତ ହୋଇଛି । ଏହାର ପୂର୍ବରେ ପାରସ୍ୟ (ଇରାନ୍), ପଶ୍ଚିମରେ ସିରିଆ ଓ ଆରବ ଉପଦ୍ୱୀପ ଏବଂ ଏହାର ଉତ୍ତରରେ ଆର୍ମେନିଆର ପାର୍ବତ୍ୟ ଅଞ୍ଚଳ ଅବସ୍ଥିତ ଅଟେ । ଏହାର ଉର୍ବର ଦାକ୍ଷିଣାତ୍ୟ ଅଞ୍ଚଳ ମେସୋପୋଟାମିଆ ସଭ୍ୟତାର ଉତ୍ପତ୍ତିସ୍ଥଳ ଥିଲା । ଅତୀତରେ ନଦୀଦ୍ୱୟରେ ତିନିଥର ଭୀଷଣ ବନ୍ୟା ଆସି ଏହି ଅଞ୍ଚଳକୁ ସଂପୂର୍ଣ୍ଣ ଭାବରେ ଧୋଇ ନେଇଥିଲା; ହେଲେ ପ୍ରତିଥର ବନ୍ୟା ପରେ ସମୁଦ୍ର ଘୁଞ୍ଚି ଯାଉଥିଲା । ଫଳରେ ନଦୀ ଆନୀତ ପଟୁମାଟି ସମୁଦ୍ର ମୁହାଣରେ ଜମାହୋଇ ଏହି ଅଞ୍ଚଳକୁ ସମୁଦ୍ର ପତ୍ତନଠାରୁ ଉଚ୍ଚ ଏବଂ ଉର୍ବର କରିବା ସହିତ ଏଠାରେ ପୃଥିବୀର ଅନ୍ୟତମ ମହାନ୍ ସଭ୍ୟତା ଗଢ଼ି ଉଠିଥିଲା । ଏହିପରି ଭାବରେ ମେସୋପୋଟାମିଆର ଭୌଗୋଳିକ ଅବସ୍ଥିତି ଏବଂ

ସ୍ଥଳାକୃତି ଅନୁକୂଳ ଥିବାଯୋଗୁଁ ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟର ଉପତ୍ୟକାଞ୍ଚଳରେ ଏହି ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା ।

ମେସୋପୋଟାମୀୟ ସଭ୍ୟତାର ପ୍ରାକ୍-ଐତିହାସିକ ସ୍ଥିତି

ମେସୋପୋଟାମୀୟ ସଭ୍ୟତାର ପ୍ରାକ୍-ଐତିହାସିକ ସମୟକାଳ ଖ୍ରୀ.ପୂ. ୫୦୦୦ ରୁ ଖ୍ରୀ.ପୂ. ୨୮୦୦ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଇଉଫ୍ରେଟିସ୍ ନଦୀକୂଳସ୍ଥ ନିନିଭେଃ ନଗରୀଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ପ୍ରତ୍ନତାତ୍ତ୍ୱିକମାନେ ପ୍ରସ୍ତର ଏବଂ ତାମ୍ରନିର୍ମିତ ପାତ୍ର, ଯନ୍ତ୍ରପାତି ଏବଂ ତାମ୍ରଯୁଗୀୟ ମଣିଷର ବାସସ୍ଥଳ ଆଦି ଆବିଷ୍କାର କରିଛନ୍ତି । ଏହିପରି ତାମ୍ରଯୁଗୀୟ ଯନ୍ତ୍ରପାତି ତେଲ୍ ହାସୁମା, ତେଲ୍ ହାଲାଫ୍, ଚାର୍ଚ୍ଚେମିସ୍, ତେଲ ଚାଗର୍ ବଜାର ଆଦି ଅନେକ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳିଛି । ଏହି ସବୁ ସ୍ଥାନରୁ ତାମ୍ରଯୁଗୀୟ ଯନ୍ତ୍ରପାତିର ଆବିଷ୍କାର ପ୍ରମାଣ କରେ ଯେ, ନିମ୍ନ ମେସୋପୋଟାମିଆରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ନିମ୍ନ ମେସୋପୋଟାମିଆ କିମ୍ବା ସୁମେରୀୟ ଉପତ୍ୟକାରେ ଗଢ଼ି ଉଠିଥିବା ନୂତନ ତାମ୍ରଯୁଗୀୟ ସଭ୍ୟତାର ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

(କ) ପ୍ରସ୍ତର ଉପକରଣ ଏବଂ ଯନ୍ତ୍ରପାତିଗୁଡ଼ିକ ସର୍ବବିଧ ସଂପୂର୍ଣ୍ଣ ଏବଂ ଚିକ୍କଣ କରାଯାଇଥିଲା ତଥା ତାମ୍ର ଯନ୍ତ୍ରପାତିଗୁଡ଼ିକ ମଧ୍ୟ ଉପଲବ୍ଧ ହୋଇଛି ।

(ଖ) ମାଟିପାତ୍ରଗୁଡ଼ିକ କୁମ୍ଭାରଚକରେ ତିଆରି କରାଯାଇ ଗାଢ଼ ରଙ୍ଗର ପ୍ରଲେପ ଦ୍ୱାରା ଅତ୍ୟନ୍ତ ଉଜ୍ଜ୍ୱଳ, ଚିକ୍କଣ ଏବଂ କାରୁକାର୍ଯ୍ୟପୂର୍ଣ୍ଣ କରାଯାଉଥିଲା ।

(ଗ) ଘରଗୁଡ଼ିକ କଞ୍ଚା ଇଟାରେ ନିର୍ମାଣ କରାଯାଉଥିଲା । ମେସୋପୋଟାମିଆରେ ପ୍ରସ୍ତର ଦୁଷ୍ପ୍ରାପ୍ୟ ହୋଇଥିବାରୁ ବୋଧହୁଏ ପ୍ରସ୍ତର ଦ୍ୱାରା ଘର ନିର୍ମାଣ କରାଯାଉ ନ ଥିଲା ।

(ଘ) ଲୋକମାନେ ଗ୍ରାମରେ ବାସ କରୁଥିଲେ । ଚାଷ ଏବଂ ପଶୁପାଳନ କରିବା ଥିଲା ସେମାନଙ୍କର ଜୀବିକା ନିର୍ବାହର ପ୍ରଧାନ ଅବଲମ୍ବନ ।

(ଙ) ସେମାନେ ଧାର୍ମିକ ସ୍ୱଭାବର ମଣିଷ ଥିଲେ, ଦେବଦେବୀଙ୍କୁ ମନ୍ଦିରରେ ରଖି ପୂଜା କରୁଥିଲେ ।

ସୁମେରୀୟ ସଭ୍ୟତା

ସୁମେରିଆ ବେବିଲୋନିଆର ଦକ୍ଷିଣକୁ ଅବସ୍ଥିତ ଥିଲା । ଏହା ମେସୋପୋଟାମୀୟ ସଭ୍ୟତାର ଏକ ଅଙ୍ଗ ଥିଲା । ସୁମେରିଆକୁ ସୁମେରୀୟ କାହାଣୀଗୁଡ଼ିକରେ ମାନବ ସଭ୍ୟତାର ଭୂସ୍ୱର୍ଗ ଏବଂ ଭଗବାନଙ୍କ ଆଶୀର୍ବାଦପ୍ରାପ୍ତ ଅଞ୍ଚଳ ରୂପରେ ବର୍ଣ୍ଣନା କରାଯାଇଛି । ସମୟକ୍ରମେ କେତେକ ଅଜ୍ଞାତ ଲୋକ ଆସି ପ୍ରାୟ ଖ୍ରୀ.ପୂ. ୫୦୦୦ରେ ଏଠାରେ ବସବାସ ଆରମ୍ଭ କରିଥିଲେ । ସୁମେରୀୟମାନେ ଇହୁଦୀ କିମ୍ବା ହିବ୍ରୁ ସଂପ୍ରଦାୟର ଲୋକ ନ ଥିଲେ । ସେମାନଙ୍କ ମସ୍ତକ କଳା ଏବଂ ଶରୀର ଧୂସର ବର୍ଣ୍ଣ ଥିଲା । ସେମାନେ ମେସୋପୋଟାମିଆରେ ଅନେକଗୁଡ଼ିଏ ନଗର-ରାଜ୍ୟ ନିର୍ମାଣ କରି ସ୍ଥାୟୀ ଭାବରେ ବସବାସ କରିଥିଲେ । ପ୍ରତ୍ୟେକ ନଗର-ରାଜ୍ୟ ଅଥବା ନଗର ଅଧୀନରେ ଆବଶ୍ୟକୀୟ ଜମି ରହିଥିଲା । ଏହାକୁ ଜଣେ ରାଜା ପୂଜକଙ୍କ ସହାୟତାରେ ଶାସନ କରୁଥିଲେ । ପୂଜକଙ୍କୁ 'ପାଟେଶୀ' କୁହାଯାଉଥିଲା । ପ୍ରତ୍ୟେକ ନଗର-ରାଜ୍ୟର ରାଜା ଅନ୍ୟ ନଗର-ରାଜ୍ୟର ରାଜାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ । ନିପ୍ପୁର, ଉର, କିସ୍ ଏବଂ ଲଗାସ୍ ଆଦି ସୁପ୍ରସିଦ୍ଧ ନଗର-ରାଜ୍ୟ ଥିଲା । ଇରେକ୍‌ର ମୁଖ୍ୟ ପୂଜକ ମେସୋପୋଟାମିଆରେ ପ୍ରଥମ ସାମ୍ରାଜ୍ୟ ଗଠନ କରିଥିଲେ । ସାମ୍ରାଜ୍ୟଗୁଡ଼ିକର ଅଭିବୃଦ୍ଧି ସହିତ ସୁମେରୀୟମାନଙ୍କର ଏକୀଭୂତ ଗୌରବ ବୃଦ୍ଧି ହୋଇଥିଲା । ଏହି ସଭ୍ୟତା ପ୍ରାୟ ଖ୍ରୀ.ପୂ. ୩୦୦୦ ବେଳକୁ ଉନ୍ନତିର ଶୀର୍ଷ ସୀମାରେ ଉପନୀତ ହୋଇଥିଲା ।

୧୯୨୭ର ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ସଭ୍ୟତାର ଅନେକ ସ୍ୱରୂପ ଲୋକଲୋଚନକୁ ଆସିପାରିଛି । ସୁମେରୀୟମାନେ ସୁସଂହତ ନୀତିନିଷ୍ଠ ଏବଂ ଆରାମଦାୟକ ଜୀବନଯାପନ କରୁଥିଲେ । ପ୍ରଶାସନିକ ସ୍ତରରେ ରାଜାଙ୍କ ତଳକୁ ଥିଲେ ପୂଜକ । କେତେକ ସମୟରେ ରାଜା ଅଥବା ତାଙ୍କ ପୁତ୍ର ମୁଖ୍ୟ ପୂଜକ ରୂପରେ କାର୍ଯ୍ୟ ସଂପାଦନ କରୁଥିଲେ ।

ରାଜନୈତିକ ଇତିହାସ

ରାଜନୈତିକ ଦୃଷ୍ଟିକୋଣରୁ ମେସୋପୋଟାମିଆ ଦୁଇଭାଗରେ ବିଭକ୍ତ ହୋଇଥିଲା; ଯଥା-

(କ) ଉତ୍ତରାଞ୍ଚଳ, ଯାହାକି ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲା, ତାହାକୁ ଆସିରିଆ କୁହାଯାଉଥିଲା ।

(ଖ) ଦକ୍ଷିଣାଞ୍ଚଳ, ଯାହାକି ନଦୀଦ୍ୱୟ ମେସୋପୋଟାମିଆ ମଧ୍ୟରେ ପ୍ରବାହିତ ୧୬୦ କି.ମି. ଦୈର୍ଘ୍ୟବିଶିଷ୍ଟ ଅଞ୍ଚଳକୁ ବେବିଲୋନିଆ କୁହାଯାଉଥିଲା । ବେବିଲୋନିଆର ଉତ୍ତରାଞ୍ଚଳକୁ ଆକ୍କାଦ ଏବଂ ଦକ୍ଷିଣାଞ୍ଚଳକୁ ସୁମେର କୁହାଯାଉଥିଲା ।

ଉରୁକ୍ ବଂଶ

ବେବିଲୋନିଆର ଦକ୍ଷିଣରେ ଅବସ୍ଥିତ ସୁମେରଠାରୁ ମେସୋପୋଟାମିଆ ସଭ୍ୟତାର ଉତ୍ପତ୍ତି ହୋଇଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଇଛି ଯେ, ସୁମେରର ପ୍ରଥମ ରାଜବଂଶର ଶାସନ ଖ୍ରୀ.ପୂ. ୨୮୦୦ ରୁ ୨୩୬୦ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ପ୍ରଥମ ରାଜ୍ୟକୁ ଉରୁକ୍ ରାଜବଂଶର ରାଜାମାନେ ଶାସନ କରୁଥିଲେ ।

ଉରୁ ରାଜବଂଶ

ଉରୁକ୍ ରାଜବଂଶ ପରେ ସୁମେରକୁ ଉରୁ ରାଜବଂଶର ଚାରିଜଣ ରାଜା ୧୭୭ ବର୍ଷ ଶାସନ କରିଥିଲେ । ଟେଲ୍-ଇଲ୍‌ଠାରୁ ଆବିଷ୍କୃତ ଏକ ଅଭିଲେଖରୁ ଜଣାଯାଏ ଯେ, ମେସ୍-ଆନ୍ନା-ପଦଙ୍କ ପୁତ୍ର ଅ-ଆନ୍ନା-ପଦ ଭଗବାନ୍ ନିନ୍‌ହୁର୍ସାଗ୍‌ଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରାଇଥିଲେ । ସେ ନିଜକୁ ଭଗବାନ୍ ବୋଲି ଭାବୁଥିଲେ ।

ଉରୁବଂଶୀୟ କେତେକ ରାଜାଙ୍କର ସମାଧି ମଧ୍ୟ ଆବିଷ୍କାର କରାଯାଇଛି, ଯହିଁରେ ମୃତ ଶରୀରକୁ କଡ଼େଇ କରି ଶୁଆଯାଇଛି ଏବଂ ତାଙ୍କ ମୁହଁ ପାଖରେ ଏକ କପ୍ ରଖାଯାଇଛି । ସମାଧି ମଧ୍ୟରେ ମୃତ ବ୍ୟକ୍ତିଙ୍କର ଦୈନନ୍ଦିନ ବ୍ୟବହାର୍ଯ୍ୟ ଏବଂ ଆବଶ୍ୟକୀୟ ସାମଗ୍ରୀ ରଖାଯାଇଛି । ଏତଦ୍‌ବ୍ୟତୀତ ଖାଦ୍ୟ ଓ ସୁରା ମଧ୍ୟ ରଖାଯାଇଛି । ଏହି ସମାଧିଗୁଡ଼ିକ ୪୮ କି.ମି. ଦୂରରୁ ଅଣାଯାଇଥିବା ଇଟା ଓ ପଥରରେ ନିର୍ମିତ ହୋଇଛି । ଶୁବ୍ ଆଦ୍ ନାମ୍ନୀ ଏକ ମହିଳାଙ୍କ ସମାଧି ମଧ୍ୟ ଆବିଷ୍କାର କରାଯାଇଛି । ସେ ତାଙ୍କ ହାତରେ ଏକ ସୁନାର କପ୍ ଧରିଛନ୍ତି । ତାଙ୍କର ଅଳଙ୍କାର ଗୁଡ଼ିକ ହେଉଛି ଯଥା- ସୁନାର ଫିତା, କର୍ଣ୍ଣବଳୟ, ପାନିଆ ଆଦି । ସେ ମହିଳାଙ୍କ ସହିତ ୨୫ ଜଣ ଅନ୍ୟ ଲୋକଙ୍କୁ ମଧ୍ୟ ସମାଧି ଦିଆଯାଇଛି । ପ୍ରତ୍ନତାତ୍ତ୍ୱିକମାନଙ୍କ ମତାନୁଯାୟୀ ସେ ଲୋକମାନେ ସେହି ମହିଳାଙ୍କ ସମ୍ମାନରେ ନିଜର ଜୀବନ ତ୍ୟାଗ କରିଛନ୍ତି ଅଥବା ସ୍ୱ ଇଚ୍ଛାରେ ମୃତ୍ୟୁବରଣ କରିଛନ୍ତି ।

ଲାଗାଶ୍ ରାଜବଂଶ

ଲାଗାଶ୍ ରାଜବଂଶର ପ୍ରତିଷ୍ଠାତା ଥିଲେ ଉର୍-ନାନ୍‌ଶେ । ସେ ଥିଲେ ଉର୍ ସହରଠାରୁ ୮୦ କି.ମି. ଦୂରରେ ଅବସ୍ଥିତ ଲାଗାଶ୍ ନଗରର ମୂଳ ବାସିନ୍ଦା । ଆବିଷ୍କୃତ ପ୍ରମାଣଗୁଡ଼ିକରୁ ଜଣାଯାଏ ଯେ, ସେ ଅନେକଗୁଡ଼ିଏ ମନ୍ଦିର ଏବଂ କୁଲ୍ୟା ନିର୍ମାଣ କରାଇଥିଲେ । ଏହି ବଂଶର ରାଜା ଇଆନାତୁମ୍ ଅନେକଗୁଡ଼ିଏ ନଗର ଯଥା- ଉମ୍ମା, ଉରୁକ୍, ଅକ୍ଷହକ୍, କିଶ, ଉର୍, ମାରି ଆଦିକୁ ଜୟ କରିଥିଲେ ।

ଲୁଗାଲ୍‌ଯାଗେସି ରାଜବଂଶ

ଲାଗାଶ୍ ବଂଶର ଶେଷ ରାଜା ଉର୍ କାଯିନାଙ୍କୁ ଉମ୍ମାର ରାଜ୍ୟପାଳ ଲୁଗାଲ୍‌ଯାଗେସି ପରାସ୍ତ କରି ଲୁଗାଲ୍‌ଯାଗେସି ବଂଶର ପ୍ରତିଷ୍ଠା କରିଥିଲେ । ସେ ୨୫ ବର୍ଷ ରାଜତ୍ୱ କରିଥିଲେ । ନିପ୍ପୁର୍ ନଗରୀରୁ ଆବିଷ୍କୃତ ଏକ ଅଭିଲେଖର ବର୍ଣ୍ଣନା ଅନୁଯାୟୀ, ତଳ ସାଗରରୁ ଉପର ସାଗର ପର୍ଯ୍ୟନ୍ତ ବିସ୍ତୃତ ତାଙ୍କ ସାମ୍ରାଜ୍ୟର ସ୍ଥାୟିତ୍ୱ ପାଇଁ ସେ ଭଗବାନ୍ ଏନ୍‌ଲିଲ୍‌ଙ୍କୁ ପ୍ରାର୍ଥନା କରୁଥିଲେ ! ଏହା ପ୍ରମାଣିତ କରେ ଯେ, ତାଙ୍କ ସାମ୍ରାଜ୍ୟ ସମଗ୍ର ସୁମେରିଆରେ ପରିବ୍ୟାପ୍ତ ଥିଲା ।

ପ୍ରାଚୀନ ଆକ୍କାଦୀୟ ରାଜବଂଶ (ଖ୍ରୀ.ପୂ.୨୩୬୦-ଖ୍ରୀ.ପୂ.୨୧୮୦)

ସାରାଗନ୍

ଲୁଗାଲ୍‌ଯାଗେସି ମେସୋପୋଟାମିଆ କିମ୍ବା ସୁମେର୍‌କୁ ଶାସନ କରୁଥିବା ସମୟରେ ବେବିଲୋନ୍‌କୁ ନିଜ ଶାସନାଧୀନ କରିଥିଲେ ସାରାଗନ୍ । ସେ ଆଗାଦି ନାମକ ନୂତନ ନଗରୀର ଭିତ୍ତି ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ଏହାର ନୂତନ ନାମ ହୋଇଯାଇଥିଲା 'ଆକ୍କାଦ' ! ସାରାଗନ୍ ଲୁଗାଲ୍‌ଯାଗେସିଙ୍କୁ ପରାସ୍ତ କରି ସେ ସମଗ୍ର ମେସୋପୋଟାମିଆର ସମ୍ରାଟ ହୋଇଯାଇଥିଲେ । ସେ ତାଙ୍କ ଝିଅକୁ ଚନ୍ଦ୍ରଦେବତା ଅଥବା ଉରଙ୍କ ସହି ବିବାହ କରାଇଥିଲେ ଏବଂ ଚନ୍ଦ୍ରଦେବତାଙ୍କୁ ରାଜପୁରୋହିତ ପଦବୀରେ ନିଯୁକ୍ତ କରିଥିଲେ । ସୁମେରୀୟ ରାଜ୍ୟ ଆଦିମ ଅଧିବାସୀମାନଙ୍କର ଭାଷା ଓ ସଂସ୍କୃତିକୁ ଗ୍ରହଣ କରିନେଇଥିଲା । ସାରଗନ୍ ପୂର୍ବରେ ଇଲମ୍, ସିରିଆ ଏବଂ ଭୂମଧ୍ୟସାଗର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳକୁ ଜୟ କରିଥିଲେ । ସେ ମେସୋପୋଟାମୀୟ ଏବଂ ଆକ୍କାଦୀୟ ରାଜ୍ୟର ଅଶେଷ ଶକ୍ତିଶାଳୀ ରାଜା ଥିଲେ । ଯୋରଗାଁ ଟେପାଠାରୁ ମିଳିଥିବା ମାଟିନିର୍ମିତ ଚଟକା ଖଣ୍ଡସ୍ଥିତ ଅଭିଲେଖରୁ ତାଙ୍କର ଉପରୋକ୍ତ କୀର୍ତ୍ତିରାଜି ପ୍ରମାଣିତ ହୋଇଥାଏ । ଯୋରଗାଁ ଟେପା, ଆଧୁନିକ କିର୍‌କୁକ୍ ନଗର ନିକଟରେ ଅବସ୍ଥିତ ଅଟେ ।

ନୂତନ ସୁମେରୀୟ ସମୟକାଳ (ଖ୍ରୀ.ପୂ. ୨୦୭୦-ଖ୍ରୀ.ପୂ. ୧୯୬୦)

ଗୁଡ଼େଆ

ଲାଗାଶ୍ ପ୍ରଦେଶର ରାଜ୍ୟପାଳ ଥିଲେ ଗୁଡ଼େଆ । ସେ ପୁରାତନ ଆକ୍କାଦୀୟ ରାଜାଙ୍କୁ ସିଂହାସନରୁ ବିତାଡ଼ିତ କରିବା ପାଇଁ ଯୋଜନା କରୁଥିଲେ । ସେ ଜଣେ ସୁମେରୀୟ ଥିଲେ । ପଗଡ଼ି ପିନ୍ଧୁଥିଲେ । ନିଶ ଦାଢ଼ି କ୍ଷୌର ହୋଇ ମୁହଁ ସଫା ରଖୁଥିଲେ । ସେ ଜଣେ ଶାନ୍ତ ଓ ଦୟାଳୁ ମଣିଷ ଥିଲେ । ପରିଶେଷରେ ରାଜାଙ୍କୁ ସିଂହାସନଚ୍ୟୁତ କରି ଆକ୍କାଦୀୟ ରାଜ୍ୟକୁ ଅଧିକାର କରି ନେଇଥିଲେ । ତା'ପରେ ସେଠାରେ ନୂତନ ଗୁଡ଼େୟ ରାଜବଂଶର ଆରମ୍ଭ କରିଥିଲେ ଏବଂ ପ୍ରଥମ ରାଜା ହୋଇଥିଲେ । ସେ ବାସ୍ତବରେ ଜଣେ ଧର୍ମପରାୟଣ ରାଜା ଥିଲେ ଏବଂ ଏନିନ୍ନୁ ଭଗବାନ୍‌ଙ୍କ ମନ୍ଦିରକୁ ପୁନର୍ନିର୍ମାଣ କରିଥିଲେ ।

ଉର୍-ନାମ୍ମୁ ଏବଂ ତାଙ୍କ ବଂଶଧର

ସୁମେର୍ ରାଜ୍ୟର ତୃତୀୟ ରାଜବଂଶର ପରବର୍ତ୍ତୀ ରାଜା ଥିଲେ ଉର୍-ନାମ୍ମୁ, ଯିଏକି 'ସୁମେର୍ ଏବଂ ଆକ୍କାଦର ରାଜା' ଉପାଧି ଧାରଣ କରିଥିଲେ । ସେ ଉର୍‌ଠାରେ ଏକ ବିଶାଳ ଜିଗ୍‌ଗୁରାତ୍ (ମନ୍ଦିର) ନିର୍ମାଣ କରିଥିଲେ ।

ତାଙ୍କ ପରେ ତାଙ୍କ ପୁଅ ଡୁଙ୍ଗି ରାଜା ହୋଇ ସୁଲଗି ନାମ ଧାରଣ କରିଥିଲେ । ତାଙ୍କୁ ଲୋକେ ଭଗବାନ୍ ରୂପରେ ପୂଜା କରୁଥିଲେ । ଲୋକେ ତାଙ୍କ ପାଇଁ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଥିଲେ ।

ସୁଲ୍‌ଗିଙ୍କ ପରେ ତାଙ୍କ ପୁତ୍ର ଗୁଲ୍‌ମି-ସିନ୍ ଏବଂ ନାତି ଇବ୍-ସିନ୍ ରାଜା ହୋଇଥିଲେ । ଇବ୍-ସିନ୍‌ଙ୍କ ସମୟରେ ପାର୍ବତ୍ୟ ଇଲାମାଇଟ୍ ଆଦିବାସୀ ସଂପ୍ରଦାୟର ଲୋକେ ବେବିଲୋନ୍ ଆକ୍ରମଣ କରି ରାଜଧାନୀ ଉର୍‌କୁ ଲୁଣ୍ଠନ କରିଥିଲେ ତଥା ତାଙ୍କୁ ବନ୍ଦୀ କରିଥିଲେ । ତା'ପରେ ଇଲାମାଇଟ୍ ରାଜା କିରିକିବି ଇଷ୍ଣୁନ୍ନା ଠାରେ ନିଜସ୍ୱ ରାଜ୍ୟ ସ୍ଥାପନ କରିଥିଲେ ।

ସୁମେରୀୟ ସଂସ୍କୃତି

ସୁମେରୀୟମାନେ ଅତି ଉଚ୍ଚକୋଟୀର, ଶୃଙ୍ଖଳିତ, ସ୍ୱଚ୍ଛନ୍ଦ ଏବଂ ଆରାମଦାୟକ ଜୀବନଯାପନ କରୁଥିଲେ । ସାମାଜିକ ସ୍ତରରେ ରାଜାଙ୍କ ପରେ ପୂଜକ ରହିଥିଲେ । ସମୟ ସମୟରେ ରାଜା ନିଜେ ଅଥବା ତାଙ୍କ ପୁତ୍ର ପୂଜକର ଭୂମିକା ଗ୍ରହଣ କରୁଥିଲେ ।

ସାମାଜିକ ଜୀବନ

ସେମାନେ ବାସଗୃହକୁ ସୁନ୍ଦର କରି ସଜାଉଥିଲେ ତଥା ଉତ୍ତମ ବସ୍ତ୍ର ପରିଧାନ କରୁଥିଲେ । ସେମାନେ ସୁନା, ରୁପା, ମୂଲ୍ୟବାନ୍ ପଥର ଏପରିକି ହାତୀଦାନ୍ତର ଗହଣା ତିଆରି କରି ପିନ୍ଧୁଥିଲେ । ଆହୁରି ମଧ୍ୟ ସେମାନେ ମାଟିପାତ୍ର, ଘରକରଣା ଧାତବ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣରେ ସିଦ୍ଧହସ୍ତ ଥିଲେ । ଗଧ ସହିତ ଗାଈଗୋରୁ, ଛେଳି, ମେଣ୍ଢା ଆଦି ଜୀବଜନ୍ତୁ ପାଳନ କରୁଥିଲେ । ସେମାନେ ବଳଦକୁ ଚାଷକାର୍ଯ୍ୟରେ ଲଗାଉଥିଲେ । ବଳଦଗୁଡ଼ିକ କ୍ଷେତରେ ଲଙ୍ଗଳ ଟାଣିବା ସହିତ ଗାଡ଼ିରେ ଯୋଚା ହେଉଥିଲେ ଏବଂ ଯୁଦ୍ଧ ସମୟରେ ରଥ ମଧ୍ୟ ଟାଣୁଥିଲେ । ଚକଲଗା ଗାଡ଼ି ସର୍ବପ୍ରଥମେ ସୁମେରୀୟମାନେ ବ୍ୟବହାର କରିଥିଲେ । ବର୍ଚ୍ଛା, ଖଣ୍ଡା, ଢାଲ, ଧନୁ ଓ ତୀର ଆଦି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ସେମାନେ ଯୁଦ୍ଧ କରୁଥିଲେ । ଏହି ସମର ବିଳାସୀ ଲୋକେ ଦୟାର୍ଦ୍ର ଓ କୋମଳ ହୃଦୟବିଶିଷ୍ଟ ମଧ୍ୟ ଥିଲେ ।

ଅର୍ଥନୀତି

କୃଷି ଥିଲା ସୁମେରୀୟମାନଙ୍କର ପ୍ରଧାନ ବ୍ୟବସାୟ; ହେଲେ ତାଳ ଏବଂ ଖଜୁରି ତାଙ୍କ ଖାଦ୍ୟର ମୁଖ୍ୟ ଅଂଶ ଥିଲା । ସେମାନେ ମୁଖ୍ୟତଃ ଗହମ ଓ ବାର୍ଲି ଚାଷ କରୁଥିଲେ । କୁଲ୍ୟା ସାହାଯ୍ୟରେ କ୍ଷେତରେ ପାଣି ମଡ଼ାଉଥିଲେ । ସେମାନେ କୃଷି ଯନ୍ତ୍ରପାତି ସହିତ ଚକଯୁକ୍ତ ଗାଡ଼ି ମଧ୍ୟ ତିଆରି କରୁଥିଲେ । ବଳଦ ଥିଲା ଚାଷର ମୁଖ୍ୟ ସହଯୋଗୀ ।

ଧର୍ମଧାରା

ସୁମେରୀୟମାନଙ୍କର ଦୈନନ୍ଦିନ ଜୀବନରେ ଧର୍ମ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ନଗର-ରାଜ୍ୟଗୁଡ଼ିକର ଧାର୍ମିକ ଜୀବନରେ ପୂଜକଙ୍କ ଭୂମିକା ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ନଗର-ରାଜ୍ୟର ମୁଖ୍ୟ ଉପାସ୍ୟ ଦେବତାଙ୍କ ମନ୍ଦିର ସର୍ବଦା ସବୁପ୍ରକାରର ନିର୍ମାଣ ଅପେକ୍ଷା ଅଧିକ ଉଚ୍ଚ କରାଯାଉଥିଲା । ମନ୍ଦିରକୁ ସେମାନେ ଜିଗ୍‌ଗୁରାତ୍ କହୁଥିଲେ । ସେମାନଙ୍କର ମୁଖ୍ୟ ଉପାସ୍ୟ ଦେବଦେବୀ ଯଥା- ଏନ୍‌ଲିଲ୍ ଥିଲେ ପୃଥିବୀ ଓ ପବନ ଦେବତା, ଏଙ୍କି ଥିଲେ ଜଳ ଦେବତା । ସୁମେରୀୟମାନେ ଅତ୍ୟନ୍ତ ଧର୍ମପରାୟଣ ଥିଲେ ଏବଂ ଦେବଦେବୀଙ୍କୁ ମନ୍ଦିର ମଧ୍ୟରେ ସ୍ଥାପନ କରି ପୂଜା କରୁଥିଲେ । ତେଲ୍-ଏଲ୍-ଓବାଇଦ୍‌ଠାରୁ ତିନିଗୋଟି ମନ୍ଦିର ଆବିଷ୍କାର କରାଯାଇଛି । ମନ୍ଦିରଗୁଡ଼ିକ ନାଲି ଇଟାରେ ନିର୍ମିତ ହୋଇଥିବା ବେଳେ ବାହାର ପଟରେ ଧଳା ରଙ୍ଗ ଏବଂ ଭିତର ପଟରେ ବାଇଗଣି ରଙ୍ଗର ପଲସ୍ତରା କରାଯାଇଛି । ଏହି ନିର୍ମାଣଗୁଡ଼ିକ ପାରସୀୟ ସ୍ଥାପତ୍ୟକଳା ଏବଂ ସଂସ୍କୃତିଦ୍ୱାରା ସଂପୂର୍ଣ୍ଣ ରୂପରେ ପ୍ରଭାବିତ ଅଟନ୍ତି । ଉରୁକ୍ ନିକଟରୁ ଆବିଷ୍କୃତ କୃତ୍ରିମ ପାହାଡ଼କୁ ମଧ୍ୟ ଜିଗ୍‌ଗୁରାତ୍ କୁହାଯାଉଥିଲା । ଜିଗ୍‌ଗୁରାତ୍‌ର ଶୀର୍ଷରେ ଇଟାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଥିଲା । ଜିଗ୍‌ଗୁରାତର ପ୍ରସ୍ଥ, ଦୈର୍ଘ୍ୟ ଏବଂ ଉଚ୍ଚତା ଯଥାକ୍ରମେ ୧୪୦ ଫୁଟ୍, ୧୫୦ ଫୁଟ୍ ଏବଂ

୩୦ ଫୁଟ୍ ଅଟେ । ମନ୍ଦିରର ଲମ୍ବ ୬୫ ଫୁଟ୍ ଏବଂ ପ୍ରସ୍ଥ ୫୦ ଫୁଟ୍ ଅଟେ । ମନ୍ଦିରର ପ୍ରବେଶ ଦ୍ୱାର ସଂଲଗ୍ନ କକ୍ଷର ପ୍ରସ୍ଥ ହେଉଛି ୧୪ ଫୁଟ୍ । ଜିଗଗୁରାତ୍ ଅଥବା ମନ୍ଦିରଗୁଡ଼ିକ ସୁମେରୀୟ ସ୍ଥାପତ୍ୟକଳାର ଉତ୍କର୍ଷତାର ଜ୍ୱଳନ୍ତ ପ୍ରମାଣ ଅଟନ୍ତି । ମେସୋପୋଟାମିଆର ପ୍ରାୟ ବାରଗୋଟି ସ୍ଥାନରୁ ଏହିପରି ମନ୍ଦିର ଆବିଷ୍କାର କରାଯାଇଛି ।

ଲିଖନ ପଦ୍ଧତି

ମିଶରୀୟମାନଙ୍କ ପରି ସୁମେରୀୟମାନେ ମଧ୍ୟ ତାଙ୍କ ନିଜସ୍ୱ ଲିଖନ ପଦ୍ଧତି ଉଦ୍ଭାବନ କରିଥିଲେ । ଲିପିଗୁଡ଼ିକ ଛବିପରି ଆକୃତିର ହୋଇଥିବାରୁ ଏହାକୁ ଛବିଲିପି କୁହାଯାଏ । ଅଦ୍ୟାବଧି ସୁମେରୀୟ ଛବିଲିପିର ୩୫୦ ଗୋଟି ସାଙ୍କେତିକ ଚିହ୍ନ ଆବିଷ୍କାର କରାଯାଇ ପାରିଛି । ପ୍ରତ୍ୟେକ ଚିହ୍ନ ଗୋଟିଏ ଲେଖାଏଁ ଅକ୍ଷରର ପ୍ରତିନିଧିତ୍ୱ କରେ । ପ୍ରତ୍ୟେକ ଚିହ୍ନ ତ୍ରିକୋଣବିଶିଷ୍ଟ ଅଟେ । ତେଣୁ ସୁମେରୀୟ ଲିପିକୁ କ୍ୟୁନିଫର୍ମ (ତ୍ରିକୋଣୀୟ) ଲିପି କୁହାଯାଏ । ସେମାନେ ମାଟି ତିଆରି ମସୃଣ ଫଳକ ଉପରେ ମୁନିଆ ବାଉଁଶ କଣି ଅଥବା ଗଛର ଛୋଟ କାଠି ସାହାଯ୍ୟରେ ଲେଖୁଥିଲେ । ସେମାନେ କାଗଜରେ ଲେଖିବା ଜାଣି ନ ଥିଲେ । ସେମାନଙ୍କ ଗଣନା କରିବା ଜ୍ଞାନ ଅତି ଉନ୍ନତ ଥିଲା ଏବଂ ଷାଠିଏ ଯାଏଁ ଗଣନା କରିପାରୁଥିଲେ । ପ୍ରସ୍ତରନିର୍ମିତ ଅର୍ଦ୍ଧ ବର୍ତ୍ତୁଳାକାର ମୋହରଗୁଡ଼ିକରୁ ବିଶେଷ ଭାବରେ ସୁମେରୀୟମାନଙ୍କର ଲିପି ଉଦ୍ଧାର କରାଯାଇପାରିଛି ।

କଳାସ୍ଥାପତ୍ୟ

ମିଶରୀୟମାନଙ୍କ ପରି ସୁମେରୀୟମାନେ ମଧ୍ୟ ବିଖ୍ୟାତ ନିର୍ମାତା ଥିଲେ । ସୌଧ ଓ ମନ୍ଦିର ଆଦି ନିର୍ମାଣ ଗୁଡ଼ିକରେ ସେମାନେ ପୋଡ଼ାଇଟା ବ୍ୟବହାର କରୁଥିଲେ, ବିଶେଷତଃ ସୁମେରିଆରେ ପ୍ରସ୍ତର ଦୁର୍ଲ୍ଲଭ ଥିଲା । ମିଶରୀୟମାନଙ୍କର ପିରାମିଡ଼ ପରି ସୁମେରୀୟମାନଙ୍କର ଜିଗଗୁରାତ୍ ଅଥବା ମନ୍ଦିରଗୁଡ଼ିକ ମଧ୍ୟ ଅନେକ ମହଲାବିଶିଷ୍ଟ ଥିଲା । ସେମାନେ ଭାସ୍କର୍ଯ୍ୟ କଳାରେ ମଧ୍ୟ ପ୍ରବୀଣ ଥିଲେ ତଥା ଅନେକ ପ୍ରସ୍ତର ମୂର୍ତ୍ତି ନିର୍ମାଣ ଓ ଚିତ୍ରିତ କରୁଥିଲେ । ବିଶାଳ ଧାତବ ପଶୁ ମୂର୍ତ୍ତି, ସୁନ୍ଦର ଚିତ୍ରିତ ମାଟିପାତ୍ର ଏବଂ ମୃତ୍ତିକା ଫଳକ ଆଦି ସେମାନଙ୍କ ଉତ୍କର୍ଷ ଭାସ୍କର୍ଯ୍ୟକଳାର ଯଶୋଗାନ କରୁଛି । ସର୍ବୋପରେ ସେମାନେ କାଚ ମଧ୍ୟ ନିର୍ମାଣ କରିପାରୁଥିଲେ । ଆବିଷ୍କାର କରାଯାଇଥିବା ସୁମେରୀୟମାନଙ୍କ ତାମ୍ରମୂର୍ତ୍ତି, ତାମ୍ରଫଳକରେ ଖୋଦିତ କ୍ୟୁନିଫର୍ମ ଲିପି, ମଣିଷ ଓ ପଶୁଙ୍କ ପ୍ରତିକୃତି ଆଦିଙ୍କ ଜୀବନ୍ତ ସ୍ୱରୂପ ଦେଖିଲେ ଅପୂର୍ବ ଉଦ୍ଦୀପନା ସୃଷ୍ଟି ହୁଏ ତଥା ଅତୀତ କଳ୍ପନାର ଅଥଳ ସମୁଦ୍ରରେ ମାନବୀୟ ଚିନ୍ତାଶକ୍ତି ଲୀନ ହୋଇଯାଏ । ହଜାର ହଜାର ବର୍ଷ ପୂର୍ବେ ମଣିଷ ସତେଅବା କେତେ ଯେ ଦକ୍ଷ ଶିଳ୍ପୀ ଏବଂ କଳାର ପୂଜାରୀ ଥିଲେ, ତାହା ମୂର୍ତ୍ତିଗୁଡ଼ିକୁ ନ ଦେଖିବା ଯାଏଁ ବିଶ୍ୱାସ କରିହୁଏ ନାହିଁ । ପ୍ରସ୍ତର ଦେହରେ ବିଭିନ୍ନ ଦୃଶ୍ୟରାଜିର ଜୀବନ୍ତ ସ୍ୱରୂପ ଏବଂ ଏକ ପ୍ରସ୍ତର ଗାତ୍ରରେ ଚିତ୍ରିତ ଶ୍ମଶ୍ରୁଧାରୀ ଦୁଇ ମଣିଷଙ୍କ ସିଂହ ସହିତ ଲଢ଼େଇର ଦୃଶ୍ୟ ସୁମେରୀୟ ଚିତ୍ରକଳାକୁ ଉତ୍କର୍ଷତାର ସର୍ବୋଚ୍ଚ ଶିଖରରେ ପହଞ୍ଚାଇ ପାରିଥିଲା । ଏହି ଦୃଶ୍ୟଟି ମଣିଷର ମନକୁ ଆନ୍ଦୋଳିତ କରେ ଏବଂ ଭାବବିହ୍ୱଳ ମଣିଷ ବିଚରଣ କରେ ଭାବନାର ଅତୀନ୍ଦ୍ରିୟ ପୁରରେ । ସାବୁନ ସଦୃଶ ପ୍ରସ୍ତର ଦେହରେ ବରାହର ଚିତ୍ର ପୁନଶ୍ଚ ମନ ମୋହିନିଏ ।

ଫଳିତ ଜ୍ୟୋତିଷ ଏବଂ ଗଣିତ ଜ୍ୟୋତିଷର ବିକାଶ

ସୁମେରୀୟମାନେ ଧର୍ମଭୀରୁ ଥିଲେ । ତାଙ୍କ ଜୀବନଶୈଳୀରେ ପୂଜକଙ୍କ ପ୍ରଚ୍ଛନ୍ନ ପ୍ରଭାବ ରହିଥିଲା । ଧାର୍ମିକ ଓ ସାମାଜିକ ଜୀବନରେ ପୂଜକ ଥିଲେ କର୍ଣ୍ଣଧାର । ସମସ୍ତଙ୍କର ବିଶ୍ୱାସ ଥିଲା ଯେ, ପୂଜକ ଦେବଦେବୀମାନଙ୍କ ମନସ୍ତତ୍ତ୍ୱକୁ ପଢ଼ିପାରୁଥିଲେ ଏବଂ ଗଣିତ ଜ୍ୟୋତିଷର ପ୍ରୟୋଗରେ ଭବିଷ୍ୟତ ସମ୍ବନ୍ଧରେ ଗଣନା କରିପାରୁଥିଲେ । ପୂଜକ ମଧ୍ୟ ଗଣନା କରି ଲୋକଙ୍କ ମଧ୍ୟରେ ଭବିଷ୍ୟତ ବାଣୀ କରୁଥିଲେ । ତାଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ଧର୍ମ ଓ

ସମାଜର ଗତିପଥ ନିର୍ଦ୍ଧାରିତ ହେଉଥିଲା । ମୃତ୍ୟୁପରର ଜୀବନ ସମ୍ବନ୍ଧରେ ଲୋକଙ୍କ ମନରେ ବିଶ୍ୱାସ ଏତେଦୂର ବଳବତ୍ତର ଥିଲା ଯେ, ଜଣେ ସମ୍ଭ୍ରାନ୍ତର ମୃତ୍ୟୁହେଲେ ମୃତ୍ୟୁ ପରବର୍ତ୍ତୀ ସମୟରେ ତାଙ୍କ ସେବା କରିବା ପାଇଁ ତାଙ୍କର ଦାସମାନଙ୍କୁ ମଧ୍ୟ ହତ୍ୟାକରି ତାଙ୍କ ସହିତ ସମାଧି ଦିଆଯାଉଥିଲା ।

ଗିଲ୍‌ଗାମେଶ କାହାଣୀ

ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟର ବନ୍ୟାରେ ସେମାନଙ୍କ ଗ୍ରାମ ଓ ନଗର ତିନିଥର ଧ୍ୱଂସପ୍ରାପ୍ତ ହୋଇଥିବା ସମ୍ବନ୍ଧିତ କାହାଣୀରେ ଲୋକେ ବିଶେଷ ବିଶ୍ୱାସ କରୁଥିଲେ । ନିପ୍ପୁର ନଗରୀରୁ ଆବିଷ୍କାର କରାଯାଇଥିବା ମୃତ୍ତିକା ଫଳକରେ ଏହି କାହାଣୀ ଖୋଦିତ ହୋଇଛି । ତେଣୁ ସେମାନେ ବାରମ୍ବାର ଅନେକ ନଗରୀ ଯଥା- ଶୁରୁପ୍ପାକ୍, ଇଷ୍ଣୁନା, କିଶ୍ ଆଦି ନିର୍ମାଣ କରିଥିଲେ । ଏହି କାହାଣୀଗୁଡ଼ିକୁ ପରବର୍ତ୍ତୀ ସମୟରେ ଗିଲ୍‌ଗାମେଶ କାହାଣୀମାଳାରେ ଗ୍ରହଣ କରାଯାଇଛି ।

ବ୍ୟବସାୟ ବାଣିଜ୍ୟ

ସୁମେରୀୟମାନେ ଉଭୟ ଅନ୍ତର୍ବାଣିଜ୍ୟ ଏବଂ ବହିର୍ବାଣିଜ୍ୟରେ ପାରଙ୍ଗମ ଥିଲେ । ଅନ୍ତର୍ବାଣିଜ୍ୟ ପାଇଁ ପଣ୍ୟବାହୀ ଦ୍ରବ୍ୟଗୁଡ଼ିକୁ ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀରେ ଡଙ୍ଗାଦ୍ୱାରା ଏବଂ ସଡ଼କ ପଥରେ ବଳଦଗାଡ଼ି ଦ୍ୱାରା ନେବାଆଣିବା କରୁଥିଲେ । ବିଭିନ୍ନ ଅଞ୍ଚଳର ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ଦେଶ ମଧ୍ୟରେ ସୁଷମ ବଣ୍ଟନ ପାଇଁ ସେମାନେ ବିଭିନ୍ନ ସ୍ଥାନକୁ ବିଶେଷତଃ ଶଗଡ଼ ଗାଡ଼ିରେ ନେବାଆଣିବା କରୁଥିଲେ । ଆହୁରି ମଧ୍ୟ ସେମାନେ ସମୁଦ୍ରରେ ଜାହାଜ ଚଳେଇବା ଶିଖିଥିଲେ । ତେଣୁ ସମୁଦ୍ର ମଧ୍ୟରେ ବହିର୍ବାଣିଜ୍ୟ ପାଇଁ ଜାହାଜରେ ପଣ୍ୟଦ୍ରବ୍ୟଗୁଡ଼ିକୁ ବିଭିନ୍ନ ଦେଶକୁ ରପ୍ତାନି କରୁଥିଲେ ତଥା ନିଜ ଦେଶପାଇଁ ଆବଶ୍ୟକୀୟ ଜିନିଷ ଆମଦାନୀ କରୁଥିଲେ । ପଶ୍ଚିମ ଏସୀୟ ଦେଶସମୂହ, ମିଶର, ଭାରତ ଆଦି ଦେଶ ସହିତ ସେମାନଙ୍କର ବାଣିଜ୍ୟ ବ୍ୟବସାୟ ପ୍ରଚଳିତ ଥିଲା । ସେମାନେ ଗହମ, ବାର୍ଲି, ଖଜୁରି କୋଳି, ଧାତବ ମୂର୍ତ୍ତି, ଲୁଗାପଟା ଆଦି ଏହିସବୁ ଦେଶକୁ ରପ୍ତାନି କରୁଥିଲେ । ଭାରତରୁ ବିଶେଷତଃ ସେମାନେ ମସଲା ଆମଦାନୀ କରୁଥିଲେ ।

ସୁମେରୀୟ ସଭ୍ୟତାର ପତନ

ପ୍ରାୟ ଖ୍ରୀ.ପୂ. ୨୭୫୦ ବେଳକୁ ସୁମେରୀୟ ସଭ୍ୟତା ଧ୍ୱଂସାଭିମୁଖୀ ହୋଇଥିଲା । ଆରବୀୟ ମରୁଭୂମିର ଯାଯାବର ଆକ୍କାଦୀୟ ସଂପ୍ରଦାୟର ବାରମ୍ବାର ଆକ୍ରମଣ ଫଳରେ ସୁମେରିଆ ଦୁର୍ବଳ ହୋଇପଡ଼ିଲା । ପରିଶେଷରେ ଆକ୍କାଦୀୟ ଆକ୍ରମଣକାରୀମାନଙ୍କ ନେତା ସାରଗନ୍-୧ମ ଏହାକୁ ଅଧିକାର କରିନେଲେ । ଏହିପରି ଭାବରେ ସୁମେରୀୟ ସଭ୍ୟତା ଧ୍ୱଂସପ୍ରାପ୍ତ ହୋଇ ତା'ସ୍ଥାନରେ ଗଢ଼ି ଉଠିଥିଲା ସାରଗନ୍-୧ମଙ୍କ ଦ୍ୱାରା ସ୍ଥାପିତ ସୁମେର୍- ଆକ୍କାଦୀୟ ସାମ୍ରାଜ୍ୟ ।

ବେବିଲୋନୀୟ ସଭ୍ୟତା

ନଗର-ରାଜ୍ୟଗୁଡ଼ିକ ମଧ୍ୟରେ କ୍ଷମତା ଲଢ଼େଇ ଚରମ ସୀମାରେ ଉପନୀତ ହେବାବେଳକୁ ଇଲାମାଇଟ୍ ଏବଂ ଆମୋରାଇଟ ବଂଶର ରାଜାମାନେ ନିଜ ନିଜ ନଗର-ରାଜ୍ୟରେ ରାଜୁତି କରୁଥିଲେ । ଏହି ସମୟରେ ଜଣେ ଆମୋରାଇଟ୍ ମୁଖ୍ୟ ସୁମ୍ମୁ-ଆବୁ, କିଶ୍ ନଗରୀଠାରୁ ୯ ମାଇଲ ଦୂରରେ ଅବସ୍ଥିତ ବାବ୍-ଲୁ ନଗରୀକୁ ଅଧିକାର କରି ଶାସନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ବାବ୍-ଲୁ ନଗରୀ କ୍ଷମତା କେନ୍ଦ୍ରରେ ପରିଣତ ହୋଇଥିଲା ଏବଂ ଏହାର ନାମ ହୋଇଯାଇଥିଲା ବେବିଲୋନ୍ । ସୁମ୍ମୁ-ଆବୁ ବେବିଲୋନ୍‌ର ପ୍ରଥମ ନଗର-ରାଜ୍ୟ ପ୍ରତିଷ୍ଠା କରି ଶାସନ କରିଥିଲେ ।

ଏହି କାଳରେ ସମଗ୍ର ମେସୋପୋଟାମିଆରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ବେବିଲୋନ୍ ଏବଂ ଲାର୍ସା ଦୁଇଗୋଟି ନଗର-ରାଜ୍ୟର କ୍ଷମତା ରହିଥିଲା । ଇଲାମାଇଟ୍ ମୁଖ୍ୟ କୁଦୁର-ମାବୁଗ୍, ତାଙ୍କ ପୁତ୍ର ୱାରାଦ୍-ସିନ୍‌ଙ୍କୁ ଲାର୍ସାର ରାଜା କରିଥିଲେ । ୱାରାଦ୍-ସିନ୍‌ଙ୍କ ପରେ ତାଙ୍କ ଭାଇ ରିମ୍-ସିନ୍ ସିଂହାସନ ଆରୋହଣ କରିଥିଲେ । ଅପରପକ୍ଷରେ ସୁମୁ-ଆବୁଙ୍କ ପରେ ତାଙ୍କ ତିନିପୁତ୍ର ଏବଂ ତା'ପରେ ତାଙ୍କ ଚତୁର୍ଥ ପୁତ୍ର ହାମ୍ମୁରାବୀ ରାଜା ହୋଇଥିଲେ ।

ହାମ୍ମୁରାବୀ

ରିମ୍-ସିନ୍‌ଙ୍କୁ ପରାସ୍ତ କରି ହାମ୍ମୁରାବୀ ସୁମେରର ରାଜା ହୋଇଥିଲେ । ରାଜଧାନୀ ସୁମେର ବ୍ୟତୀତ ତାଙ୍କ ରାଜ୍ୟର ଦାକ୍ଷିଣାତ୍ୟ ରାଜଧାନୀ ଥିଲା ଲାର୍ସା । ସେ ଇସିନ୍, ଇଷ୍ଣୁନ୍ନ, ଇଶ୍‌ବୋ-ଇର୍‌ରା ଏବଂ ମାରୀ ନଗର-ରାଜ୍ୟ ଆଦିକୁ ଜୟକରି ତାଙ୍କ ସାମ୍ରାଜ୍ୟ ଭୂମଧ୍ୟସାଗର ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ ତଥା ସମଗ୍ର ମେସୋପୋଟାମିଆର ସମ୍ରାଟ୍ ହୋଇଥିଲେ । ଏହିପରି ଭାବରେ ପ୍ରାୟ ଖ୍ରୀ.ପୂ. ୨୧୦୦ ବେଳକୁ ହାମ୍ମୁରାବୀ ପ୍ରସିଦ୍ଧ ହୋଇସାରିଥିଲେ । ସେ ଏକ ବିଶାଳ ଏବଂ ଶକ୍ତିଶାଳୀ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ନିଜସ୍ୱ ଯାଯାବର ସଂପ୍ରଦାୟର ଲୋକଙ୍କୁ ସ୍ଥାୟୀଭାବରେ ବସବାସ କରେଇବା ପାଇଁ ସେ କୃଷି ଉପରେ ମନୋନିବେଶ କରିଥିଲେ ତଥା ସମସ୍ତଙ୍କୁ କୃଷିକାର୍ଯ୍ୟରେ ନିୟୋଜିତ କରେଇ ଦେଇଥିଲେ । ବିଶେଷତଃ ମେସୋପୋଟାମିଆର ଉର୍ବର ମାଟିରେ ଯେହେତୁ ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଉତ୍ପାଦିତ ହେଉଥିଲା, ତେଣୁ ତାଙ୍କ ସାମ୍ରାଜ୍ୟ ସମୃଦ୍ଧଶାଳୀ ହୋଇଥିଲା । ଏତଦ୍‌ବ୍ୟତୀତ ପଶମ ଏବଂ ସିଲ୍‌କ ବସ୍ତ୍ର ବହୁଳମାତ୍ରାରେ ପ୍ରସ୍ତୁତ କରାଯାଇଥିଲା, ଯାହାକି ସେଗୁଡ଼ିକ ରପ୍ତାନୀ କରାଯିବା ଯୋଗୁ ବହିର୍ବାଣିଜ୍ୟ ଦ୍ୱାରା ରାଜ୍ୟର ଆର୍ଥିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଏହିପରି ଭାବରେ ହାମ୍ମୁରାବୀଙ୍କ ସାମ୍ରାଜ୍ୟରେ ପ୍ରଜାମାନେ ସୁଖ, ସମୃଦ୍ଧି ଓ ଶାନ୍ତିରେ ଜୀବନଯାପନ କରୁଥିଲେ ।

ହାମ୍ମୁରାବୀଙ୍କ ସରକାର ଏବଂ ଆଇନ ସଂହିତା :

ବେବିଲୋନୀୟ ସାମ୍ରାଜ୍ୟ ସ୍ଥାପନ କରିବାରେ ଜଣେ ଯୋଦ୍ଧା ଭାବରେ ହାମ୍ମୁରାବୀ ତାଙ୍କ ପାରଦର୍ଶିତାର ପ୍ରମାଣ ଦେଇ ସାରିଥିଲେ । ଶାନ୍ତି ସମୟରେ ନିଜକୁ ଜଣେ ଦକ୍ଷ ନେତା ଓ ପ୍ରଜାବତ୍ସଳ ରାଜା ରୂପରେ ପ୍ରତିପାଦିତ କରିବା ପାଇଁ ସେ ତାଙ୍କର ଅବଶିଷ୍ଟ ଜୀବନରେ ସତତ ଚେଷ୍ଟିତ ଥିଲେ । ସେ ଥିଲେ ଜଣେ ସୁଦକ୍ଷ ଶାସକ ତଥା ଜଣେ ଆଇନ୍ ପ୍ରଦାନକାରୀ ଭାବରେ ସେ ନିଜସ୍ୱ ସ୍ୱତନ୍ତ୍ରତାର ପ୍ରମାଣ ଦେଇଥିଲେ । ତାଙ୍କ ସମଗ୍ର ଜୀବନର ସର୍ବୋତ୍କୃଷ୍ଟ ଉପଲବ୍ଧି ଥିଲା, ପ୍ରଜାଙ୍କୁ ପ୍ରଦାନ କରିଥିବା ତାଙ୍କ ଆଇନ ସଂହିତା । ବିଶ୍ୱରେ ଆଇନ ସଂହିତା ପ୍ରଣୟନ କରିବାରେ ସେ ଥିଲେ ପ୍ରଥମ ସମ୍ରାଟ । ତାଙ୍କ ପ୍ରଣୀତ ଆଇନ ସଂହିତାରେ ଥିଲା ୨୮୫ଟି ଆଇନ (ନୀତିନିୟମ)ର ସଂକଳନ । ଏହି ନୀତିବାକ୍ୟଗୁଡ଼ିକ ୮ ଫୁଟ୍ ଉଚ୍ଚତାବିଶିଷ୍ଟ ଏକ ପ୍ରସ୍ତର ଖଣ୍ଡରେ ଖୋଦିତ କରାଯାଇଛି । ପ୍ରସ୍ତର ଖଣ୍ଡର ଶୀର୍ଷରେ ରହିଛି ହାମ୍ମୁରାବୀଙ୍କ ପ୍ରତିମୂର୍ତ୍ତି, ଯିଏକି ସୂର୍ଯ୍ୟଦେବତା ଶାମାସ୍‌ଙ୍କଠାରୁ ଏହି ଆଇନସଂହିତା ଗ୍ରହଣ କରୁଛନ୍ତି । ଏହା ଆକ୍କାଦୀୟ ଏବଂ ଆମୋରାଇଟ୍‌ସମାନଙ୍କ ସେମିଟିକ୍ ଭାଷାରେ ଉତ୍କୀର୍ଣ୍ଣ କରାଯାଇଛି । ଏହାକୁ ୧୯୦୨ ମସିହାରେ ସୁସା ନାମକ ସ୍ଥାନରୁ ଆବିଷ୍କାର କରାଯାଇଛି । ଏହି ଆଇନ୍‌ସଂହିତାରେ ଦେୱାନୀ, ଫୌଜଦାରୀ, ବାଣିଜ୍ୟ ସମ୍ବନ୍ଧୀୟ ଅପରାଧ ଏବଂ ନିୟମ ପାଳନର ବିଧିବିଧାନ ଆଦି ସମ୍ବନ୍ଧରେ ବିଶଦ ଭାବରେ ଉଲ୍ଲେଖ କରାଯାଇଛି । ଏତଦ୍‌ବ୍ୟତୀତ ସାମାଜିକ ଏବଂ ସାଧାରଣ ଜୀବନର ଆଚରଣ ବିଧି ମଧ୍ୟ ଏଥିରେ ଉତ୍କୀର୍ଣ୍ଣ କରାଯାଇଛି । ବିଧିଗୁଡ଼ିକ କାର୍ଯ୍ୟତଃ ପୂଜକ, ସମ୍ଭ୍ରାନ୍ତଙ୍କଠାରୁ ଦାସମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ସମାନ ଭାବରେ ଲାଗୁ ହେବାପାଇଁ ସ୍ପଷ୍ଟ କରି ଦିଆଯାଇଛି । ଏହି ଆଇନ୍ ସଂହିତା ପ୍ରଣୟନ ଏକ ଉନ୍ନତ ଏବଂ ପ୍ରଗତିଶୀଳ ସଭ୍ୟତାର ପ୍ରମାଣ ଦିଏ । ଆଇନ୍ ସଂହିତାଗୁଡ଼ିକ ବିବାହ, ସଂପତ୍ତିର ମାଲିକାନା, ଅର୍ଥ ଲଗାଣ ଆଦି ଜୀବନର ସମସ୍ତ ଦିଗକୁ ଛୁଇଁ ପାରିଛି । ବାସ୍ତବରେ ଏହି ଆଇନ ସଂହିତାରେ ଦଣ୍ଡବିଧାନର ନୀତି ଥିଲା 'ଯେସାକୁ ତେସା' ଅର୍ଥାତ୍ 'ଦାନ୍ତ ବଦଳରେ ଦାନ୍ତ ଏବଂ ଚକ୍ଷୁ ବଦଳରେ

ଚକ୍ଷୁ' । ଜଣେ ଲୋକ ନିଜ ପାଇଁ ଯାହା ଅନ୍ୟାୟ ବୋଲି ଭାବୁଥିଲା, ଅନ୍ୟମାନଙ୍କ ପ୍ରତି ସେହି କାମ କରିବାରୁ ତାକୁ ନିବୃତ୍ତ କରୁଥିଲା । ଏହି ଆଇନକୁ ମାନୁ ନ ଥିବା ଲୋକଙ୍କ ପାଇଁ ଅତି କଠୋର ଏବଂ ନିଷ୍ଠୁର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଥିଲା, ଯେପରିକି ହତ୍ୟାକାରୀ ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଥିଲା । ଆହୁରି ମଧ୍ୟ ଏଥିରେ କେଉଁ କାମ ପାଇଁ କେତେ ପାଉଣା ଦିଆଯିବ, ତାହା ମଧ୍ୟ ଉଲ୍ଲିଖିତ ହୋଇ ରହିଛି । ଦୋଷୀକୁ ଦଣ୍ଡଦେବାର କଠୋରତା ଏତେବେଶି ଥିଲା ଯେ, ରାଜ୍ୟରୁ ଅପରାଧ ପ୍ରାୟତଃ ଶୂନ୍ୟ ହୋଇଯାଇଥିଲା । ହାମ୍ମୁରାବୀଙ୍କର ନୀତିନିୟମ ଅନୁଯାୟୀ ଶାସନ ସମ୍ବନ୍ଧରେ ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା । ତେଣୁକରି ତାଙ୍କ ପ୍ରଣୀତ ବିଧିବିଧାନ ତାଙ୍କ ସମୟଠାରୁ ଅନେକ ଆଗରେ ଥିଲା । ଅନେକ ସମୟରେ ଅପମାନ ଦେଇଥିବା ଲୋକଙ୍କର ଦଣ୍ଡବିଧାନ ଅପମାନିତ ବ୍ୟକ୍ତିର ଇଚ୍ଛା ଉପରେ ନିର୍ଭର କରୁଥିଲା । ଏହିପରି କ୍ଷେତ୍ରରେ ସରକାର ମାତ୍ର ଏକ ମଧ୍ୟସ୍ଥ ହୋଇ ରହିଯାଉଥିଲେ ।

ହାମ୍ମୁରାବୀ ଜଣେ ଦକ୍ଷ ଶାସକ ଥିଲେ । ହାମ୍ମୁରାବୀ ଉତ୍କୀର୍ଣ୍ଣ କରାଇଥିବା ୫୫ଗୋଟି ମୃତ୍ତିକା ଫଳକ ଆବିଷ୍କାର କରାଯାଇଛି । ସେଗୁଡ଼ିକରେ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ସାଧାରଣ ପ୍ରଶାସନ ସମ୍ବନ୍ଧରେ ଆଦେଶ ଦେଇଛନ୍ତି । ଗୋଟିଏ ଆଦେଶରେ ହାମ୍ମୁରାବୀ ଖଜଣା ଆଦାୟକାରୀ ଅଧିକାରୀଙ୍କୁ କହୁଛନ୍ତି ଯେ, ଗରିବ ଚାଷୀମାନଙ୍କଠାରୁ ଖଜଣା ଆଦାୟ ସମୟରେ ଦୟାଳୁ ମନୋଭାବ ରଖନ୍ତୁ । ଅଧିକାରୀମାନେ କର୍ମତତ୍ପର, କର୍ମଠ ଏବଂ ସଚ୍ଚୋଟ ହେବା ପାଇଁ ହାମ୍ମୁରାବୀ ଚାହୁଁଥିଲେ । ତେଣୁ ସେ ଲାଞ୍ଚଖୋର ଅଧିକାରୀମାନଙ୍କୁ ଅତି କଠୋର ଦଣ୍ଡବିଧାନ କରୁଥିଲେ । ଏହିପରି ଭାବରେ ହାମ୍ମୁରାବୀଙ୍କ ସମୟରେ ବେବିଲୋନୀୟ ସାମ୍ରାଜ୍ୟର କେନ୍ଦ୍ର ସରକାର ଅତୀବ ଶକ୍ତିଶାଳୀ ହୋଇଉଠିଥିଲା ତଥା ସମ୍ରାଟଙ୍କଠାରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ଥିଲା । ଏହି ଆଇନ ସଂହିତା ସମଗ୍ର ମେସୋପୋଟାମିଆ ସାମ୍ରାଜ୍ୟରେ କାର୍ଯ୍ୟକ୍ଷେତ୍ରରେ ନିଶ୍ଚିତ ରୂପରେ ପାଳନ କରାଯାଉଥିଲା ।

କାସିତେ ରାଜବଂଶ

ହାମ୍ମୁରାବୀଙ୍କ ପରେ ପରେ ମେସୋପୋଟାମିଆକୁ ପୂର୍ବଦିଗରୁ କାସିତେ ଏବଂ ପଶ୍ଚିମ ଦିଗରୁ ହିତ୍ତିତେମାନେ ଆକ୍ରମଣ ଚଳେଇଥିଲେ । ହାମ୍ମୁରାବୀଙ୍କ ବଂଶଧରମାନେ ସେମାନଙ୍କୁ ପ୍ରତିରୋଧ କରି ଚାଲିଥିଲେ । ଏହି ଦ୍ୱନ୍ଦ୍ୱ ୧୫୦ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ପରିଶେଷରେ କାସିତେମାନେ ବେବିଲୋନ୍‌କୁ ଜୟକରି ନେଇଥିଲେ । ସେମାନେ ନିଜସ୍ୱ ଏକ ନୂତନ ରାଜବଂଶ ସ୍ଥାପନାପୂର୍ବକ ୫୦୦ ବର୍ଷଯାଏଁ ଶାସନ କରିଥିଲେ । କାସିତେ ଶାସକମାନେ ଅସଭ୍ୟ ଥିଲେ; ହେଲେ ସେମାନେ ବେବିଲୋନୀୟ ସଭ୍ୟତାକୁ ଅଙ୍ଗୀକାର କରିଥିଲେ ।

ପାଶେ ରାଜବଂଶ

କାସିତେ ବଂଶର ପରବର୍ତ୍ତୀ ରାଜାମାନେ ଦୁର୍ବଳ ଥିଲେ । ଏହାର ସୁଯୋଗ ନେଇ ପାଶେ ବଂଶର ରାଜାମାନେ ତାଙ୍କଠାରୁ କ୍ଷମତା ଛଡ଼େଇ ନେଇ ବେବିଲୋନ୍‌କୁ ଶାସନ କରିଥିଲେ । ପାଶେ ବଂଶର ବିଖ୍ୟାତ ରାଜା ଥିଲେ ନେବୁଚାଦ୍‌ନେଜ୍ଜାର-୧ମ । ପୁନଶ୍ଚ ବେବିଲୋନକୁ ପାଶେ ରାଜବଂଶଠାରୁ ଇଲାମାଇଟମାନେ ଛଡ଼େଇ ନେଇଥିଲେ । ଇଲାମାଇଟ୍‌ମାନଙ୍କଠାରୁ ପୁନଶ୍ଚ ଆସିରୀୟମାନେ ବେବିଲୋନ୍‌କୁ ଛଡ଼େଇନେଇ ପ୍ରାୟ ୪୦୦ ବର୍ଷକାଳ ଶାସନ କରିଥିଲେ । ତା'ପରେ ଟାଇଗ୍ରୀସ୍ ଏବଂ ଇଉଫ୍ରେଟିସ୍ ନଦୀଦ୍ୱୟ ମଧ୍ୟରେ ଉନ୍ନତ ଆସିରୀୟ ସଭ୍ୟତା ଗଢ଼ି ଉଠିଥିଲା ।

ସାମାଜିକ ଜୀବନ

ବେବିଲୋନୀୟ ସଭ୍ୟତା କାଳରେ ସମାଜ ତିନିଶ୍ରେଣୀରେ ବିଭକ୍ତ ହୋଇଥିଲା ; ଯଥା-

(କ) ନିମ୍ନବର୍ଗ - ଏଥିରେ ରହିଥିଲେ କୃଷକ, ଦିନ ମଜୁରିଆ ଏବଂ ଦାସମାନେ ।

(ଖ) ମଧ୍ୟବର୍ଗ - ଏଥିରେ ରହିଥିଲେ ବ୍ୟବସାୟୀ, କାରିଗର ଏବଂ ସରକାରୀ କର୍ମଚାରୀମାନେ ।

(ଗ) ଉଚ୍ଚବର୍ଗ - ଏଥିରେ ରହିଥିଲେ ସାମରିକ ଅଧିକାରୀ, ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ, ସମ୍ଭ୍ରାନ୍ତ ଏବଂ ଜମିଦାରମାନେ ।

ନିମ୍ନବର୍ଗ ଅପେକ୍ଷା ମଧ୍ୟମବର୍ଗର ଲୋକଙ୍କ ଜୀବନଧାରଣର ମାନ ଏବଂ ସାମାଜିକ ସ୍ଥିତି ଉଚ୍ଚତର ଥିଲା । ସମାନ ଅପରାଧ ପାଇଁ ଏହି ଦୁଇବର୍ଗଙ୍କୁ ଉଚ୍ଚବର୍ଗ ଅପେକ୍ଷା ଅଧିକ ଦଣ୍ଡ ମିଳୁଥିଲା । ସମାଜ ପରିଚାଳନା ଧର୍ମ ଉପରେ ଆଧାରିତ ଥିଲା । ରାଜା ନିଜକୁ ଭଗବାନ୍‌ଙ୍କ ପ୍ରତିନିଧି ବୋଲି ଭାବୁଥିଲେ ଏବଂ ଭଗବାନ୍‌ଙ୍କ ନାମରେ ଶାସନ ପରିଚାଳନା କରୁଥିଲେ । ହାମ୍ମୁରାବୀଙ୍କ ପୂର୍ବବର୍ତ୍ତୀ ବେବିଲୋନରେ ଆଚରଣ ସଂହିତା ପ୍ରଚଳିତ ଥିଲା । ହାମ୍ମୁରାବୀଙ୍କ ଶାସନ କାଳରେ ତା'ସହିତ ଆଇନସଂହିତା ଯୋଡ଼ି ହୋଇଗଲା । ବେବିଲୋନ୍‌ରେ ବିବାହକୁ ଏକ ସଂଯୋଗ ରୂପରେ ଗ୍ରହଣ କରାଯାଉଥିଲା । ଛାଡ଼ପତ୍ର ଦେବା ଏବଂ ପୁନର୍ବିବାହ କରିବା ଅଧିକାର ନାରୀମାନଙ୍କୁ ଦିଆଯାଇଥିଲା । ସେମାନଙ୍କର ସଂପତ୍ତି ଅଧିକାର ରହିଥିଲା । ସାଧାରଣତଃ ଏକ ପତ୍ନୀ ଗ୍ରହଣ ପ୍ରଥା ପ୍ରଚଳିତ ଥିଲା; ହେଲେ ବହୁ ପତ୍ନୀ ଗ୍ରହଣ ପ୍ରଥା ମଧ୍ୟ ରହିଥିଲା । କେତେକସ୍ଥଳେ ସମ୍ଭ୍ରାନ୍ତମାନେ ଏକାଧିକ ପତ୍ନୀ ଗ୍ରହଣ କରୁଥିଲେ । ମନ୍ଦିରଗୁଡ଼ିକ ଶିକ୍ଷାନିକେତନ ଥିଲା । ସେଠାରେ ପୂଜକମାନେ ଶିକ୍ଷାଦାନ କରୁଥିଲେ ।

ଅର୍ଥନୈତିକ ଜୀବନ

ବେବିଲୋନ୍‌ରେ ଅର୍ଥନୀତି ଥିଲା କୃଷି ଆଧାରିତ । ଜମି ଉର୍ବର ଥିବା ଯୋଗୁ ଗହମ, ବାର୍ଲି, ତୈଳବୀଜ, ଚଣା, କାର୍ପାସ ଆଦି ପ୍ରଚୁର ପରିମାଣରେ ଉତ୍ପାଦନ କରାଯାଉଥିଲା । କେତେକ ଜମି ମନ୍ଦିର ଏବଂ ଜମିଦାରମାନଙ୍କ ଅଧୀନରେ ରହିଥିଲା । କୁଲ୍ୟାଯୋଗେ ଜମିରେ ଜଳସେଚନ କରାଯାଉଥିଲା, ଯାହାକି ସନ୍ତୋଷଜନକ ଥିଲା । ଜମିରୁ ଆୟର ଦୁଇ-ତୃତୀୟାଂଶ ଖଜଣା ରୂପରେ ନିଆଯାଉଥିଲା ।

ବ୍ୟବସାୟ ବାଣିଜ୍ୟ

ଅର୍ଥନୀତିର ଅନ୍ୟ ପ୍ରମୁଖ ଦିଗ ଥିଲା ବ୍ୟବସାୟ ବାଣିଜ୍ୟ । ବ୍ୟବସାୟ ବାଣିଜ୍ୟର ସୁଚାରୁରୂପେ ପରିଚାଳନା ପାଇଁ ନୀତିନିୟମ ରହିଥିଲା । ଏହି କାଳରେ ବିକଶିତ ଶିଳ୍ପ ସଂସ୍ଥା ମଧ୍ୟରେ ସୂତାକଟା ଏବଂ ଲୁଗାବୁଣା କାରଖାନା, ଅସ୍ତ୍ରଶସ୍ତ୍ର, ବାସନ, ଧାତବ ମୂର୍ତ୍ତି, ଘରକରଣା ସାମଗ୍ରୀ, କାଠ ସାମଗ୍ରୀ ଆଦିର କାରଖାନା ମୁଖ୍ୟ ଥିଲା । ମେସୋପୋଟାମିଆରେ କାଠ ଓ ପଥରର ସ୍ୱଳ୍ପତା ଯୋଗୁଁ ସେଗୁଡ଼ିକୁ ବାହାରୁ ଆମଦାନୀ କରାଯାଉଥିଲା । ବେବିଲୋନୀୟ ବ୍ୟବସାୟୀମାନେ ସମୁଦ୍ର ପଥରେ ବିଭିନ୍ନ ଦେଶ ସହିତ ବହିର୍ବାଣିଜ୍ୟ ସଂପର୍କ ରଖିଥିଲେ । ସେମାନେ କାର୍ପାସ ଓ ପଶମବସ୍ତ୍ର, ଖଜୁରି କୋଳି, ଗହମ, ବାର୍ଲି, ଧାତବ ମୂର୍ତ୍ତି ଆଦି ରପ୍ତାନୀ କରୁଥିଲେ ଏବଂ ମସଲା, କାଠ, ପଥର ଆଦି ଆମଦାନୀ କରୁଥିଲେ । ଅନ୍ତର୍ଦେଶୀୟ ବାଣିଜ୍ୟ ସାଧାରଣତଃ ଡଙ୍ଗାଦ୍ୱାରା ଜଳ ପଥରେ ଏବଂ ଶଗଡ଼ଗାଡ଼ି ଦ୍ୱାରା ସଡ଼କ ପଥରେ ପରିଚାଳିତ ହେଉଥିଲା । ଅର୍ଥନୈତିକ ଦୃଷ୍ଟିକୋଣରୁ ବେବିଲୋନ ଅତ୍ୟନ୍ତ ସମୃଦ୍ଧ ଥିଲା ।

ବିଜ୍ଞାନ, ଚାରୁକଳା ଏବଂ ସାହିତ୍ୟ

ବେବିଲୋନୀୟମାନେ କାରିଗରି ଜ୍ଞାନକୌଶଳ, କୃଷି ସମ୍ବନ୍ଧୀୟ ବୈଷୟିକ ଜ୍ଞାନ, କୁଲ୍ୟା (କେନାଲ) ଖନନ, ଉଦ୍ୟୋଗ ସ୍ଥାପନ ଆଦି ସମ୍ବନ୍ଧୀୟ ଜ୍ଞାନରେ ଅଗ୍ରଣୀ ଥିଲେ । ସେମାନଙ୍କ ଦ୍ୱାରା ଉଦ୍ଭାବିତ ଚନ୍ଦ୍ର ସଂପର୍କିତ ଦିନପଞ୍ଜି (କ୍ୟାଲେଣ୍ଡର) ବିଜ୍ଞାନ ଏବଂ ଗଣିତ ଜ୍ୟୋତିଷ ଉପରେ ସେମାନଙ୍କ ଜ୍ଞାନର ପ୍ରମାଣ ଦିଏ । ତଦନୁଯାୟୀ ବର୍ଷକୁ ୩୫୪ ଦିନ, ବାର ମାସ ଏବଂ ପ୍ରତିମାସ ୩୦ ଦିନ ଏବଂ ପ୍ରତି ଚାରିବର୍ଷରେ ଏକ ମଳମାସ (ଅଧିବର୍ଷ-ଲିପଇୟର) ବୋଲି ଧରାଯାଏ ।

ସେମାନେ ମାପ ଓ ଓଜନର ପ୍ରଣାଳୀର ବିକାଶ କରିବାରେ ସକ୍ଷମ ହୋଇଥିଲେ । ସେମାନେ ବୈଜ୍ଞାନିକ ଜ୍ଞାନ ବଳରେ କୁଲ୍ୟା ଏବଂ ରଥ ନିର୍ମାଣ କରୁଥିଲେ । ସେମାନେ ନିଜସ୍ୱ ଅକ୍ଷରର ଉଦ୍ଭାବନ କରିପାରିଥିଲେ । ସେମାନଙ୍କ ଲିପିକୁ କ୍ୟୁନିଫର୍ମ (ତ୍ରିକୋଣୀୟ) ଲିପି କୁହାଯାଏ । ପ୍ରଥମେ ତାଙ୍କ ଲିପିଗୁଡ଼ିକ ଛବିପରି ପ୍ରତୀତ ହେଉଥିଲା; ହେଲେ ପରବର୍ତ୍ତୀ ସମୟରେ ସେମାନେ ଅକ୍ଷରଗୁଡ଼ିକର ବିକାଶ କରିଥିଲେ । ସେମାନେ ଅକ୍ଷରଗୁଡ଼ିକୁ ଓଦା ମୃତ୍ତିକା ଫଳକ (ସିଲଟ)ରେ ମୁନିଆ ବାଉଁଶ କଣି ଅଥବା ଗଛର ସରୁ କାଠି ସାହାଯ୍ୟରେ ଲେଖିବା ପରେ ତାକୁ ଖରାରେ ଶୁଖାଉଥିଲେ । ପ୍ରଥମେ ପ୍ରଥମେ ସେମାନେ ଅକ୍ଷରଗୁଡ଼ିକ ଡାହାଣରୁ ବାମକୁ ଏବଂ ପରେ ବାମରୁ ଡାହାଣକୁ ଲେଖୁଥିଲେ । ସେମାନେ ଜଳଘଡ଼ିର ଉଦ୍ଭାବନ କରିଥିଲେ ଏବଂ ଇଟା ତିଆରି କରି ଖରାରେ ଶୁଖାଇବା କୌଶଳ ବିକଶିତ କରିଥିଲେ । ଆହୁରି ମଧ୍ୟ ସେମାନେ କାନ୍ଥକୁ ପଲସ୍ତରା କରି ବିଭିନ୍ନ ଚିତ୍ରକଳା ଆଙ୍କୁଥିଲେ ତଥା ମାଟିପାତ୍ରକୁ ଚିତ୍ରିତ କରୁଥିଲେ । ଏହି ସମୟର ସାହିତ୍ୟକୃତି, କାହାଣୀ ଆକାରରେ ମୃତ୍ତିକା ଫଳକରେ ଲିଖିତ ରୂପରେ ଉପଲବ୍ଧ ହେଉଛି । ଗପଗୁଡ଼ିକ ବିଶେଷତଃ ରାଜାଙ୍କ କୃତିତ୍ୱ, ଯୁଦ୍ଧଜୟ ଆଦି ଉପରେ ପର୍ଯ୍ୟବସିତ ଅଟେ । ହାମ୍ମୁରାବୀଙ୍କ ଆଇନ ସଂହିତା ମଧ୍ୟ ସେମାନେ ଉତ୍କୀର୍ଣ୍ଣ କରିଥିଲେ, ଯାହାକି ଏବେ ଆମେ ଜାଣିପାରୁଛୁ । ଜିଗ୍‌ଗୁରାଟ୍‌ଗୁଡ଼ିକର ନିର୍ମାଣଶୈଳୀରୁ ଆମେ ସେମାନଙ୍କ ସ୍ଥାପତ୍ୟ ଜ୍ଞାନ ସମ୍ବନ୍ଧରେ ଅବଗତ ହୋଇଥାଉ ।

ଶିକ୍ଷା

ଖ୍ରୀ.ଅ. ୧୮୪୪ରେ ବେବିଲୋନ୍‌ଠାରୁ ଏକ ବିଦ୍ୟାଳୟ ଗୃହ ଆବିଷ୍କୃତ ହୋଇଛି । ବିଦ୍ୟାଳୟଟିର ଆକାର ୫୫ ବର୍ଗ ଫୁଟ୍ ଅଟେ । ଏଥିରୁ ଜଣାଯାଏ ଯେ, ସେ ସମୟରେ ମଧ୍ୟ ବେବିଲୋନ୍‌ଠାରେ ବିଦ୍ୟାଳୟ ରହିଥିଲା । ପାଠ ପଢ଼ିବା ପାଇଁ ଜଣେ ପିଲାକୁ କ୍ୟୁନିଫର୍ମ ପଦ୍ଧତିର ୩୫୦ ଗୋଟି ସାଙ୍କେତିକ ଚିହ୍ନ ଶିଖିବାକୁ ଏବଂ ମନେ ରଖିବାକୁ ପଡୁଥିଲା । ଗୋଟିଏ ପୁରାତନ ବିଦ୍ୟାଳୟ କାନ୍ଥରେ ପାଠପଢ଼ା ପାଇଁ ଉଦ୍ଦିଷ୍ଟ ସମୟର ଉଦ୍ଦେଶ୍ୟ ଲିପିବଦ୍ଧ ହୋଇଛି, ଯାହାକି ଅଦ୍ୟାବଧି ରହିଛି । ଉତ୍କୀର୍ଣ୍ଣ ଲେଖାଟି ହେଉଛି, "ଯିଏ ମୃତ୍ତିକା ଫଳକ ଲେଖାରେ ଶ୍ରେଷ୍ଠ ହେବ ସେ ସୂର୍ଯ୍ୟଙ୍କ ପରି ଦୀପ୍ତିମାନ ହେବ ।" ସମାଜରେ ଶିକ୍ଷାକୁ ସର୍ବୋତ୍ତମ ସମ୍ମାନ ମିଳୁଥିଲା । ସେମାନେ ବିଜ୍ଞାନ, ଜ୍ୟୋତିଷ, ଚିକିତ୍ସା ବିଜ୍ଞାନ ଆଦି ସମ୍ବନ୍ଧରେ ଅନେକ ତଥ୍ୟ (ପୁସ୍ତକ) ମୃତ୍ତିକା ଫଳକ (ସିଲଟ) ଗୁଡ଼ିକରେ ଲେଖିଛନ୍ତି । ସେ ସମୟର ପ୍ରସିଦ୍ଧ ପୁସ୍ତକ ଥିଲା 'ଗିଲଗାମେଶ୍ ପୁରାଣ' ।

ଧର୍ମ ଓ ଦର୍ଶନ

ଏହି କାଳରେ ମେସୋପୋଟାମିଆର ଲୋକେ ବହୁ ଦେବଦେବୀରେ ବିଶ୍ୱାସ କରୁଥିଲେ । ସୂର୍ଯ୍ୟଦେବଙ୍କୁ 'ଶାମାସ୍' କୁହାଯାଉଥିଲା । ବର୍ଷା ଓ ପବନର ଦେବତା ଥିଲେ 'ଏନ୍‌ଲିଲ୍', ପ୍ରକୃତି ଓ ପ୍ରେମର ଦେବୀ ଥିଲେ 'ଇସ୍ତାର', ମହାମାରୀ ରୋଗ (ପ୍ଲେଗ୍)ର ଦେବତା ଥିଲେ 'ନେରଗାଲ୍' । ସେମାନଙ୍କର ପ୍ରଧାନ ଠାକୁର ଥିଲେ 'ମାରଡୁକ୍' । ବେବିଲୋନ୍‌ର ଦେବଦେବୀ ସାଧାରଣତଃ ଉପକାରୀ ଏବଂ ସମୃଦ୍ଧି ପ୍ରଦାନକାରୀ ଥିଲେ; ହେଲେ ମଧ୍ୟ ସମୟ ସମୟରେ ବିପର୍ଯ୍ୟୟ ତଥା ବିଧ୍ୱଂସର ତାଣ୍ଡବଲୀଳା ରଚନା କରୁଥିଲେ । ତେଣୁ ସେମାନଙ୍କୁ ଖୁସି କରି ଜୀବନକୁ ମଙ୍ଗଳମୟ ଓ ସୁଖୀ କରିବା ପାଇଁ ଲୋକେ ଆରାଧନା କରୁଥିଲେ । ମୃତ୍ୟୁ ପରେ ଏକ ଧାର୍ମିକ ଜୀବନର ପରିକଳ୍ପନା ସେମାନେ କରୁଥିଲେ । ରାଜାଙ୍କୁ ମୁଖ୍ୟ ପୂଜକ ରୂପରେ ସମ୍ମାନ ଦିଆଯାଉଥିଲା । ତାଙ୍କ ଜୀବନଦର୍ଶନ କେବଳ ସୁଖ ସମୃଦ୍ଧି ସହିତ ସଂପର୍କିତ ଥିଲା । ସେଥିପାଇଁ ସେମାନେ ଦେବଦେବୀଙ୍କୁ ସର୍ବଦା ପୂଜା ଆରାଧନା କରୁଥିଲେ । ବଳି ପାଇଁ ଉଦ୍ଦିଷ୍ଟ ପଶୁର ହୃତ୍‌ପିଣ୍ଡକୁ ଅଧ୍ୟୟନ କରି ପୂଜକ ଭବିଷ୍ୟବାଣୀ କରୁଥିଲେ । ପଶୁର ହୃତ୍‌ପିଣ୍ଡରେ ଭଗବାନ୍‌ଙ୍କ ଚିନ୍ତାଧାରା ପ୍ରତିଫଳିତ ହୁଏ ବୋଲି ସେମାନେ ବିବେଚନା କରୁଥିଲେ ।

ବେବିଲୋନୀୟ ସଭ୍ୟତାର ପତନ

ହାମ୍ମୁରାବୀଙ୍କ ମୃତ୍ୟୁ ପରେ ବେବିଲୋନୀୟ ସଭ୍ୟତା ଧ୍ୱଂସାଭିମୁଖୀ ହୋଇଥିଲା । ତାଙ୍କର ଉତ୍ତରାଧିକାରୀମାନେ ଦୁର୍ବଳ ଥିଲେ । ତେଣୁକରି ସାମ୍ରାଜ୍ୟସାରା ଅରାଜକତା ଏବଂ ଅଶାନ୍ତି ବ୍ୟାପିଯାଇ ରାଜ୍ୟ ଖଣ୍ଡବିଖଣ୍ଡିତ ହେବା ଆରମ୍ଭ ହୋଇଯାଇଥିଲା । ଅନ୍ତର୍ଦ୍ୱନ୍ଦ୍ୱ, ଅଶାନ୍ତି ଏବଂ ଅରାଜକତାର ସୁଯୋଗ ନେଇ କାସିତେ ଓ ହିତ୍ତିତେ ବଂଶଜମାନେ ଆକ୍ରମଣ କରି ବେବିଲୋନ୍‌କୁ ଲୁଟ୍‌ପାଟ କରିଥିଲେ । ତଥାପି ମଧ୍ୟ ହାମ୍ମୁରାବୀଙ୍କ ପରେ ଏକ ହଜାର ବର୍ଷ ପର୍ଯ୍ୟନ୍ତ ଏହି ସଭ୍ୟତା ତିଷ୍ଠି ରହିଥିଲା ।

ଆସିରୀୟ ସଭ୍ୟତା

ଆସିରୀୟମାନେ ସୁମେରିଆର ଅନ୍ୟ ଏକ ସଂପ୍ରଦାୟ ଥିଲେ । ସୁମେରୀୟ ସାମ୍ରାଜ୍ୟର ପତନ ପୂର୍ବରୁ ସେମାନେ ଅସୁର ଏବଂ ନିନେବେଃଠାରେ କ୍ଷମତାଶାଳୀ ହୋଇ ଉଠିଥିଲେ । ମେସୋପୋଟାମିଆରେ ସାମ୍ରାଜ୍ୟ ଗଠନ କରିବାରେ ସୁମେରୀୟମାନେ ପ୍ରଥମ ଥିଲେ । ସେମାନଙ୍କ ପରେ ଆକ୍କାଦୀୟ ଏବଂ ତା'ପରେ ବେବିଲୋନୀୟମାନେ ଦ୍ୱିତୀୟ ଏବଂ ତୃତୀୟ ସାମ୍ରାଜ୍ୟ ଗଠନ କରିଥିଲେ । ବେବିଲୋନୀୟ ସାମ୍ରାଜ୍ୟ ପତନର ୬୦୦ ବର୍ଷ ପରେ ଆସିରୀୟମାନେ ତାଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ପ୍ରାୟ ଖ୍ରୀ.ପୂ. ୩୦୦୦ ବେଳକୁ ଟାଇଗ୍ରୀସ୍ ନଦୀର ଉତ୍ତର-ପୂର୍ବସ୍ଥିତ ମାଳଭୂମି ଅଞ୍ଚଳରେ ଆସିରୀୟମାନେ ଅସୁର ଭଗବାନ୍‌ଙ୍କ କୃପାଦ୍ୱାରା ସେମାନଙ୍କ ସଭ୍ୟତାର ବିକାଶ କରିଥିଲେ । ମେସୋପୋଟାମିଆରେ ବିକଶିତ ସଭ୍ୟତାଗୁଡ଼ିକ ସଂସ୍ପର୍ଶରେ ଆସି କ୍ରମାନ୍ୱୟରେ ଆସିରୀୟ ସଭ୍ୟତା ପ୍ରଗତି ପଥରେ ଆଗେଇ ଥିଲା । ବେବିଲୋନୀୟ ସଭ୍ୟତାର ବିଲୟ ପରେ ଖ୍ରୀ.ପୂ. ୧୩୬୨ରେ ଅସୁର-ଇବାଲ୍ଲିତି-୧ମ ମେସୋପୋଟାମିଆର ପ୍ରଥମ ଆସିରୀୟ ସମ୍ରାଟ୍ ହୋଇଥିଲେ ।

ଅସୁର-ଇବାଲ୍ଲିତି-୧ମ

ଆସିରୀୟ ରାଜବଂଶର ପ୍ରଥମ ରାଜା ଅସୁର-ଇବାଲ୍ଲିତି-୧ମ ଖ୍ରୀ.ପୂ. ୧୩୬୨ରେ ତାଙ୍କ ବଂଶର ଭିତ୍ତି ସ୍ଥାପନ କରିଥିଲେ । ସେ ମେସୋପୋଟାମିଆର ଜଣେ କ୍ଷମତାଶାଳୀ ରାଜା ଥିଲେ । ମିଶରର ଫାରୋଙ୍କ ପରି ନିଜକୁ ଏକ ମହାନ୍ ରାଜା ବୋଲି ସେ ନିଜକୁ ଘୋଷଣା କରିଥିଲେ । ସେ ଖ୍ରୀ.ପୂ. ୧୩୨୭ ଯାଏଁ ରାଜୁତି କରିଥିଲେ ।

ଟିଗ୍‌ଲାଥ-ପିଲେସାର-୧ମ

ଟିଗ୍‌ଲାଥ୍-ପିଲେସାର୍ ଖ୍ରୀ.ପୂ. ୧୧୧୪ରେ ରାଜା ହୋଇଥିଲେ । ପଶ୍ଚିମରେ ସେ ନିଜ ସାମ୍ରାଜ୍ୟକୁ ଭୂମଧ୍ୟସାଗର ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ; ହେଲେ ସେ ବେବିଲୋନ୍ ପଟକୁ ରାଜ୍ୟବିସ୍ତାର କରିପାରି ନ ଥିଲେ । ପରବର୍ତ୍ତୀ ୨୦୦ ବର୍ଷ ଆସିରୀୟ ସଭ୍ୟତାର ତମସାଚ୍ଛନ୍ନ ସମୟ ଥିଲା ।

ଅସୁର-ନାସିର୍-ପାଲ୍-୨ୟ

ଆସିରୀୟ ବଂଶର ଜଣେ ଶକ୍ତିଶାଳୀ ରାଜା ଥିଲେ ଅସୁର-ନାସିର-ପାଲ-୨ୟ । ସେ ଜଣେ ଅସଭ୍ୟ ଏବଂ ନିଷ୍ଠୁର ରାଜା ଥିଲେ । ସେ ନିଜେ ତାଙ୍କ ନିଷ୍ଠୁରତା ସମ୍ବନ୍ଧରେ ମୃତ୍ତିକା ଫଳକ ଏବଂ ପ୍ରସ୍ତର ଦେହରେ ଉତ୍କୀର୍ଣ୍ଣ କରାଇ ନିରୁର୍ତା ମନ୍ଦିରର ଚଟାଣରେ ସଜେଇ ରଖିଛନ୍ତି । ଫଳସ୍ୱରୂପ ଲୋକେ ସେହି ଲେଖାଗୁଡ଼ିକୁ ପଢ଼ିବେ ଏବଂ ବିଦ୍ରୋହରୁ ନିବୃତ୍ତ ହେବେ । କାଲାଃଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ତାଙ୍କ ରାଜପ୍ରାସାଦକୁ ଆବିଷ୍କାର କରାଯାଇଛି । ପ୍ରାସାଦର ପ୍ରବେଶ ପଥରେ ଡେଣାଯୁକ୍ତ ଏବଂ ମଣିଷ ମୁଣ୍ଡଯୁକ୍ତ ଏକ ସିଂହ ମୂର୍ତ୍ତି ପ୍ରସ୍ତରରେ ନିର୍ମାଣ କରି ରଖାଯାଇଛି । ନିକଟସ୍ଥ ଏକ ମନ୍ଦିରରେ ତାଙ୍କ ପ୍ରସ୍ତର ମୂର୍ତ୍ତି ମଧ୍ୟ ରହିଛି ।

ସାଲମାନେସେର୍-ତୃତୀୟ

ଅସୁର-ନାସିର-ପାଲ-୨ୟଙ୍କ ପରେ ତାଙ୍କ ପୁତ୍ର ସାଲମାନେସେର୍-ତୃତୀୟ ରାଜା ହୋଇଥିଲେ । ସେ ସିରିଆ ଏବଂ ପାଲେଷ୍ଟାଇନକୁ ଜୟକରି ନିଜ ରାଜ୍ୟରେ ମିଶେଇ ଦେଇଥିଲେ । ତାଙ୍କର ଏକ ଅଭିଲେଖରେ ସେ କହିଛନ୍ତି ଯେ, "ମୋର ରାଜତ୍ୱର ପ୍ରଥମ ବର୍ଷରେ ମୁଁ ଇଉଫ୍ରେଟିସ୍ ନଦୀକୁ ପାରି ହୋଇଥାଇଛି । ସଂଘାତ ଯୁଦ୍ଧରେ ମୁଁ ସମୁଦ୍ର କୂଳରେ ପହଞ୍ଚି ମୋ ଅସ୍ତ୍ରଶସ୍ତ୍ରକୁ ଧୋଇ ଥିଲା ସମୁଦ୍ର ଜଳରେ ପ୍ରକ୍ଷାଳନ କରିଛି ।" ତାଙ୍କ ପରେ ତାଙ୍କ ପୁତ୍ର ଏକ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ; ହେଲେ ସେ ବିଦ୍ରୋହକୁ ଦମନ କରିବାରେ ସକ୍ଷମ ହୋଇଥିଲେ । ତାଙ୍କ ପରେ ତାଙ୍କ ଦୁର୍ବଳ ବଂଶଧରମାନଙ୍କ ଯୋଗୁଁ ଆସିରୀୟ ସାମ୍ରାଜ୍ୟ ଦୁର୍ବଳ ହୋଇପଡ଼ିଥିଲା ।

ଟିଗ୍ଲାଥ୍ ପିଲେସର୍-ତୃତୀୟ (ଖ୍ରୀ.ପୂ. ୭୪୫ - ଖ୍ରୀ.ପୂ.୭୨୭)

ଟିଗ୍ଲାଥ୍ ପିଲେସର୍-ତୃତୀୟ ଜଣେ ମହାନ୍ ଏବଂ ଶକ୍ତିଶାଳୀ ସେନାପତି ଥିଲେ । ଆସିରୀୟ ବଂଶର ରାଜାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ସେ ଖ୍ରୀ.ପୂ. ୭୪୫ରେ ଶେଷ ଆସିରୀୟ ରାଜା ଅସୁର-ନାରି-ତୃତୀୟଙ୍କ ଠାରୁ ସିଂହାସନ ଅଧିକାର କରିଥିଲେ । ନିଜକୁ ପରାକ୍ରମୀ ଏବଂ ଦକ୍ଷ ଶାସକ ଭାବେ ସେ ଆସିରୀୟ ସାମ୍ରାଜ୍ୟର ପୁନଃପ୍ରତିଷ୍ଠା କରିଥିଲେ । ସେ ଆରାମ ଏବଂ ଆର୍ମେନିଆ ଜୟ କରିଥିଲେ । ସେ ବେବିଲୋନିଆକୁ ଜୟକରି ନିଜ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ କରିଥିଲେ । ସେ ସିରିଆରେ ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିଥିଲେ । ଟିଗ୍ଲାଥ୍ ପିଲେସର୍-ତୃତୀୟଙ୍କ ପରେ ତାଙ୍କ ପୁତ୍ର ସାଲମାନେସେର୍-୪ର୍ଥ ରାଜା ହୋଇଥିଲେ; ହେଲେ ତାଙ୍କୁ ତାଙ୍କ ସେନାପତି ସାର୍ଗନ୍-୨ୟ ସିଂହାସନଚ୍ୟୁତ କରି ରାଜା ହୋଇଥିଲେ ।

ସାର୍ଗନ୍-୨ୟ (ଖ୍ରୀ.ପୂ. ୭୨୨ - ଖ୍ରୀ.ପୂ. ୭୦୫)

ସାର୍ଗନ୍-୨ୟ ଥିଲେ ଜଣେ କ୍ଷମତାଶାଳୀ ଶାସକ । ସେ ଇସ୍ରାଏଲକୁ ଜୟ କରିଥିଲେ । ସେ ପ୍ରଥମେ ଅସୁର ନଗରୀ, ତା'ପରେ କାଲାହରେ ନିଜର ରାଜଧାନୀ ସ୍ଥାପନ କରିଥିଲେ; ହେଲେ ପରିଶେଷରେ ସେ ନିନେଭେକୁ ସ୍ଥାନାନ୍ତରିତ ହୋଇଥିଲେ । ନିନେଭେଠାରେ ରାଜଧାନୀ ନିର୍ମାଣ କରିବା ସହ ସେ ଅନେକ ସୈନିକ ଛାଉଣି ନିର୍ମାଣ କରିଥିଲେ । ସେ ପୂର୍ବକୁ ଆଗେଇ ଯାଇ ଅନେକ ରାଜ୍ୟ ଅଧିକାର କରିଥିଲେ । ଏହା ପରେ ତାଙ୍କ ପୁତ୍ର ସେନ୍ନାଚେରିବ୍ ରାଜା ହୋଇଥିଲେ । ସେ ଖ୍ରୀ.ପୂ. ୬୮୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଏସାରହାଡ଼ନ ରାଜା ହୋଇଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଏସାରହାଡ଼ନ (୬୮୦-୬୬୯ ଖ୍ରୀ.ପୂ.) ରାଜା ହୋଇଥିଲେ । ତାଙ୍କ ରାଜତ୍ୱ ସମୟରେ ମିଶର ଆସିରୀୟ ସାମ୍ରାଜ୍ୟ ଅଧୀନକୁ ଆସିଥିଲା । ସେ ମିଶର ପର୍ଯ୍ୟନ୍ତ ଅଗ୍ରସର ହୋଇ ମିଶରର ରାଜାଙ୍କୁ ପରାସ୍ତ କରିଥିଲେ ଏବଂ "ମିଶରର ରାଜା" ଉପାଧି ଧାରଣ କରିଥିଲେ । ତାଙ୍କ ଅଭିଲେଖରେ ଉଲ୍ଲେଖ ଅଛି ଯେ, "ମୁଁ ସର୍ବଶକ୍ତିମାନ, ମୁଁ ସମସ୍ତ ରାଜାଙ୍କ ରାଜା, ମୁଁ ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ମୁଁ ଅଟେ ।"

ଅସୁର୍ ବାନିପାଲ (ଖ୍ରୀ.ପୂ. ୬୬୮ - ଖ୍ରୀ.ପୂ. ୬୨୬)

ଏସାରହାଡ଼ନଙ୍କ ପରେ ତାଙ୍କ ପୁତ୍ର ଅସୁର ବାନିପାଲ ସିଂହାସନ ଆରୋହଣ କରିଥିଲେ । ଆସିରୀୟ ବଂଶର ଜଣେ ଶକ୍ତିଶାଳୀ ଏବଂ ଯଶସ୍ୱୀ ରାଜା ଭାବରେ ସେ ନିଜକୁ ପ୍ରମାଣିତ କରିଥିଲେ । ସେ ମିଶର ଆକ୍ରମଣ କରି ଉତ୍ତର ମିଶର ଏବଂ ଥେବସ୍ ଜୟ କରିଥିଲେ । ସେଠାରୁ ସେ ଅନେକ ସମ୍ପତ୍ତି ଲୁଣ୍ଠନ କରିଥିଲେ । ଉତ୍ତର ମିଶର ଏବଂ ଇଥିଓପିଆ ତାଙ୍କ ଅଧୀନରେ ରହିଥିଲା । ସେ ଇଥିଓପିଆକୁ ମଧ୍ୟ ଜୟ କରିଥିଲେ । ସେ ଅନେକ ଯୁଦ୍ଧ କରିଥିଲେ ତଥା ତାଙ୍କର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଦମନ କରିଥିଲେ । ସେ ଅନେକ ଯୁଦ୍ଧ ଓ ଶୃଙ୍ଖଳା ଓ ଅଧ୍ୟବସାୟ

କଳନା ନାହିଁ; ହେଲେ ମଧ୍ୟ ଲୋକଙ୍କ ପ୍ରତି ତାଙ୍କର ସଦିଚ୍ଛା ରହିଥିଲା । ସେ ନିଜ ସମ୍ପର୍କରେ ନିମ୍ନମତେ ଉଦ୍ଧାର୍ଣ୍ଣ କରାଇଛନ୍ତି ଯେ- "ମୁଁ ସର୍ବବିଧ ଯୁଦ୍ଧ ଓ ଶାନ୍ତି କଳାରେ ନିପୁଣ ଅଟେ, ମୁଁ ସର୍ବବିଧ ରାଜକୀୟ ଆଡ଼ମ୍ବର ଶିଖିଛି ଏବଂ ଜଣେ ରାଜାପରି କର୍ତ୍ତବ୍ୟ ସଂପାଦନ କରୁଛି ।"

ତାଙ୍କ ମୃତ୍ୟୁ ପରେ ମେସୋପୋଟାମୀୟ ସାମ୍ରାଜ୍ୟ ଚାଲଦେନ୍ ରାଜବଂଶ ଅଧୀନକୁ ଚାଲିଯାଇଥିଲା ।

ଆସିରୀୟ ସଭ୍ୟତା କାଳରେ ଲୋକଙ୍କ ଜୀବନଶୈଳୀ

ଆସିରୀୟମାନଙ୍କର ଜୀବନଧାରଣର ମାନ ଉନ୍ନତ ଥିଲା ତଥା ରାଜନୈତିକ ଜୀବନ ସୁସଂହତ ଥିଲା ।

ରାଜନୈତିକ ବିଚାରଧାରା ଏବଂ ସଂଗଠନ

ଆସିରୀୟ ଲୋକେ ମେସୋପୋଟାମିଆର ଉତ୍ତରରେ ଅବସ୍ଥିତ ମାଳଭୂମି ଅଞ୍ଚଳରେ ରହୁଥିବା ତାଙ୍କ ସଂପ୍ରଦାୟ ପାଇଁ ସର୍ବଦା ଗର୍ବ ଅନୁଭବ କରୁଥିଲେ । ସେମାନେ ତାଙ୍କ ଅସୁର ଭଗବାନଙ୍କୁ ପୂଜା କରୁଥିଲେ । ସେମାନେ ଜାଣିଥିଲେ ଯେ, ତାଙ୍କୁ ସର୍ବଦା ବିଦେଶୀ ଶତ୍ରୁ ଆକ୍ରମଣ କରିବେ, ତେଣୁ ସେମାନେ ଯୁଦ୍ଧଖୋର ସୈନିକ ହୋଇଯାଇଥିଲେ । ଯୁଦ୍ଧ ସମୟରେ ଅସଭ୍ୟ ଆଚରଣ ଏବଂ ନିର୍ଦ୍ଦୟତା ପାଇଁ ସେମାନେ ପ୍ରସିଦ୍ଧ ଥିଲେ । ତାଙ୍କ ରାଜନୈତିକ ପଦ୍ଧତି ବିଶାଳ ସୈନ୍ୟବାହିନୀ ପଦ୍ଧତିରେ ପର୍ଯ୍ୟବସିତ ଥିଲା । ସୈନ୍ୟବାହିନୀର ପ୍ରସିଦ୍ଧ ସେନାପତିମାନେ ପରବର୍ତ୍ତୀ ସମୟରେ ଜମିଦାର ହେଉଥିଲେ । ଯୁଦ୍ଧରେ ଲୌହନିର୍ମିତ ଅସ୍ତ୍ରଶସ୍ତ୍ର ଯଥା- ତୀର, ଖଣ୍ଡା, ବର୍ଚ୍ଛା, ସାଞ୍ଜୁ, ଟୋପି ଏବଂ ଢାଲ ଆଦି ବ୍ୟବହାର କରିବାରେ ସୁମେରୀୟମାନେ ଥିଲେ ବିଶ୍ୱର ସର୍ବପ୍ରଥମ ପ୍ରାଚୀନତମ ସଂପ୍ରଦାୟ । ଏହା ସେମାନଙ୍କୁ ଅଜେୟ କରିଥିଲା । ସେମାନେ ଲୁହାରେ ରଥ ତିଆରି କରିବା ଶିଖିଯାଇଥିଲେ । ରଥକୁ ଘୋଡ଼ା ଟାଣୁଥିଲେ, ଯାହାକି ଯୁଦ୍ଧରେ ସେମାନଙ୍କୁ ଅପରାଜେୟ କରିଥିଲା ।

ସୈନ୍ୟବାହିନୀର ସର୍ବୋଚ୍ଚ ସେନାପତି ଥିଲେ ରାଜା । ସେ ଅନ୍ୟାନ୍ୟ ସେନାପତିମାନଙ୍କୁ ନିଯୁକ୍ତ କରୁଥିଲେ । ସେମାନଙ୍କୁ ଲିମ୍ମୁ କୁହାଯାଉଥିଲା । ସେହି ସେନାପତିମାନେ ପୁନଶ୍ଚ ରାଜ୍ୟର ରାଜ୍ୟପାଳ ରୂପରେ ନିଯୁକ୍ତ ହେଉଥିଲେ । ଜୟ କରିଥିବା ରାଜ୍ୟଗୁଡ଼ିକୁ ପ୍ରଶାସକମାନେ ଶାସନ କରୁଥିଲେ । ସେମାନଙ୍କୁ 'ଶାକ୍‌ନୁ' ଅଥବା 'ଭରସୁ' କୁହାଯାଉଥିଲା । ଜିଲ୍ଲା ଅଧିକାରୀଙ୍କୁ 'ପଖତି' କୁହାଯାଉଥିଲା । ନଗରୀଗୁଡ଼ିକର ପ୍ରଶାସକଙ୍କୁ 'ଖଜାନୁ' କୁହାଯାଉଥିଲା । ସମସ୍ତ ଅଧିକାରୀ ସିଧାସଳଖ ଭାବରେ ରାଜାଙ୍କ ନିକଟରେ ଉତ୍ତରଦାୟୀ ଥିଲେ । ରାଜାଙ୍କ ଯୁଦ୍ଧଯାତ୍ରା ସମୟରେ ପାଟରାଣୀ ଏବଂ ସିଂହାସନର ଉତ୍ତରାଧିକାରୀ ରାଜକୁମାର ରାଜକାର୍ଯ୍ୟ ବୁଝୁଥିଲେ ।

ସାମାଜିକ ଜୀବନ :

ଆସିରୀୟ ସମାଜ ବ୍ୟବସ୍ଥା ଦୁଇବର୍ଗବିଶିଷ୍ଟ ଥିଲା । ପ୍ରଥମ ବର୍ଗରେ ରହିଥିଲେ ସ୍ୱାଧୀନ ନାଗରିକ ଏବଂ ଦାସ । ଦ୍ୱିତୀୟ ବର୍ଗକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା; ଯଥା- ମାର୍ବାନୁତି, ଉନ୍ମାନେ ଏବଂ ଶ୍ରମିକ ଗୋଷ୍ଠୀ । ମାର୍ବାନୁତି ଏବଂ ଉନ୍ମାନେମାନଙ୍କ ମଧ୍ୟରେ ରହିଥିଲେ ଯଥାକ୍ରମେ ଉଚ୍ଚ ଏବଂ ମଧ୍ୟମ ବର୍ଗର ଲୋକମାନେ ।

ସମାଜରେ ନାରୀମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଉଥିଲା । ଏପରିକି ସେମାନଙ୍କୁ ପ୍ରଦେଶଗୁଡ଼ିକରେ ରାଜ୍ୟପାଳ ରୂପରେ ମଧ୍ୟ ନିଯୁକ୍ତ କରାଯାଉଥିଲା । ଉନ୍ମାନେ ବର୍ଗରେ ରହିଥିଲେ ବ୍ୟବସାୟୀ, କାରିଗର, ବ୍ୟାଙ୍କ କର୍ମଚାରୀ ଇତ୍ୟାଦି । ଲୋକମାନଙ୍କ ସମସ୍ୟା, ଗଣ୍ଡଗୋଳ ଆଦିର ସମାଧାନ କରୁଥିଲା ପଞ୍ଚାୟତ ।

ଯେହେତୁ ଆସିରୀୟ ସମାଜ ବ୍ୟବସ୍ଥା ସାମରିକ ସଂଗଠନ ଉପରେ ପର୍ଯ୍ୟବସିତ ଥିଲା, ତେଣୁକରି ଏହି ସଂଗଠନକୁ ସୁଦୃଢ଼ କରିବା ଦ୍ୱାରା ସମାଜରେ ଭେଦଭାବ ଉତ୍ପନ୍ନ ହୋଇଥିଲା । ନାରୀକୁ ସମ୍ମାନ ଦିଆଯାଉଥିଲେ ମଧ୍ୟ

ନିମ୍ନ ଏବଂ ମଧ୍ୟମ ବର୍ଗର ନାରୀମାନେ ଦୁଃଖଯନ୍ତ୍ରଣା ମଧ୍ୟରେ ବଞ୍ଚୁଥିଲେ । ନାରୀମାନେ ଅଧିକ ପୁରୁଷ ସନ୍ତାନ ଜନ୍ମ କରିବା ସମଗ୍ର ସମାଜ ଚାହୁଁଥିଲେ, କାରଣ ସୈନ୍ୟବାହିନୀ ପାଇଁ ଅଧିକ ସୈନ୍ୟ ଆବଶ୍ୟକ ହେଉଥିଲେ । ଗର୍ଭପାତ କରାଇବା ଏକ ଧର୍ତ୍ତବ୍ୟ ଅପରାଧ ଥିଲା । ସେଥିପାଇଁ ନାରୀମାନେ କଠୋର ଦଣ୍ଡ ପାଉଥିଲେ । ସମାଜରେ ନାରୀମାନଙ୍କ ପାଇଁ ପର୍ଦ୍ଦା ପ୍ରଥାର ପ୍ରଚଳନ ମଧ୍ୟ ଥିଲା ।

ଯୁଦ୍ଧବନ୍ଦୀମାନଙ୍କୁ ଦାସ ରୂପରେ ରଖାଯାଉଥିଲା । ସେମାନଙ୍କ ଜୀବନ ଅତୀବ ଦୟନୀୟ ଥିଲା । ସୌଧ, ମନ୍ଦିର, କୁଲ୍ୟା ଏବଂ ସଡ଼କ ଆଦି ନିର୍ମାଣରେ ସେମାନଙ୍କୁ ପଶୁତୁଲ୍ୟ ପରିଶ୍ରମ କରିବା ପାଇଁ ବାଧ୍ୟ କରାଯାଉଥିଲା ତଥା ସେମାନଙ୍କୁ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଥିଲା । ଝିଅମାନେ ବାପାର ସଂପତ୍ତି ସଦୃଶ ଥିଲେ । ବାପା ଯେଉଁଠି ଚାହିଁବ ସେଇଠି ସେମାନଙ୍କୁ ବିବାହ କରେଇ ଦେଇପାରୁଥିଲେ । ପୁନଶ୍ଚ ଋଣ ଲଗାଣକାରୀ ସାହୁକାର ପାଖରେ ଝିଅକୁ ବନ୍ଧା ପକେଇ ଋଣ ମଧ୍ୟ ଆଣୁଥିଲେ । ଠିକ୍ ସମୟରେ ଋଣ ପରିଶୋଧ କରି ନ ପାରିଲେ ଋଣ ଦେଇଥିବା ସାହୁକାର ତାଙ୍କୁ ବିବାହ କରି ଦାସୀ ପରି ରଖୁଥିଲେ । ପ୍ରଚଳିତ ଅନ୍ୟ ଘୃଣ୍ୟ ପନ୍ଥା ଥିଲା ଯେ, ବାପା ନିଜ ଇଚ୍ଛାମୁତାବକ ସନ୍ତାନସନ୍ତତିଙ୍କୁ ବିକ୍ରି କରିପାରୁଥିଲା ।

ଅର୍ଥନୈତିକ ଜୀବନ

ଆସିରୀୟମାନଙ୍କ ଅର୍ଥନୀତି ଥିଲା କୃଷି ଆଧାରିତ । ଜମି ଉପରେ ବଂଶାନୁକ୍ରମିକ ଅଧିକାର ରହୁଥିଲା । ରାଜା ସେନାପତି ଏବଂ ଅନ୍ୟାନ୍ୟ ପ୍ରମୁଖ ସୈନିକମାନଙ୍କୁ ଜମିଦାନ କରୁଥିଲେ । ସାମରିକ ବ୍ୟକ୍ତିମାନେ ସେହି ଜମିକୁ କୃଷି ଶ୍ରମିକମାନଙ୍କ ଦ୍ୱାରା ଚାଷ କରାଉଥିଲେ । ଘର ତିଆରି ପାଇଁ କୃଷକମାନଙ୍କୁ ବିନାମୂଲ୍ୟରେ ଯଦିଓ ଜମି ଦିଆଯାଉଥିଲା ତଥାପି ମଧ୍ୟ କୃଷକମାନଙ୍କ ଅବସ୍ଥା ଦୟନୀୟ ଥିଲା । ସେମାନେ ଦୁଇଓଳି ଆବଶ୍ୟକ ମୁତାବକ ଖାଇବାକୁ ପାଉ ନଥିଲେ ଏବଂ ପଶୁତୁଲ୍ୟ ଅତି ନିମ୍ନମାନର ଘରେ ରହୁଥିଲେ । ଶ୍ରମିକ ଏବଂ ଦାସମାନେ ଅଧିକ ସନ୍ତାନ ଜନ୍ମକରି ରାଜାଙ୍କ ସୈନ୍ୟବାହିନୀକୁ ପ୍ରଦାନ କରିବା ବାଧ୍ୟତାମୂଳକ ଥିଲା ।

କାରିଗରମାନେ ଗହଣା ତିଆରି, କାଠର ଘରକରଣା ଜିନିଷ ତିଆରି, ସୌଧ, ମନ୍ଦିର ଆଦି ନିର୍ମାଣ, କୁଲ୍ୟା ଖନନ, ଲୁଗା ବୁଣିବା, ମାଟିପାତ୍ର, କୃଷି ସରଞ୍ଜାମ, ଅସ୍ତ୍ରଶସ୍ତ୍ର ଆଦି ନିର୍ମାଣରେ ନିୟୋଜିତ ଥିଲେ । ରାଜକର୍ମଚାରୀ, ସୈନ୍ୟବାହିନୀର ଅଧିକାରୀ ଏବଂ ସମ୍ଭ୍ରାନ୍ତମାନଙ୍କ ପାଇଁ ସେମାନେ ସୌଖୀନ ଏବଂ ବିଳାସ ସାମଗ୍ରୀ ତିଆରି କରୁଥିଲେ, କାରଣ ଏହି ବର୍ଗର ଲୋକେ ଅତିମାତ୍ରାରେ ବିଳାସବ୍ୟସନରେ ଲିପ୍ତ ଥିଲେ ।

ବ୍ୟବସାୟୀମାନେ ଅତୀବ ଉଚ୍ଚହାର ସୁଧରେ ଏପରିକି ୨୫% ସୁଧରେ ଋଣ ନେଉଥିଲେ ତଥା ରାଜାଙ୍କୁ ମଧ୍ୟ ଅଧିକ ପରିମାଣର ସୁଧ ଦେଉଥିଲେ । ଆସିରୀୟ ରାଜା ଜୟ କରିଥିବା ସିରିଆ, ମିଶର, ଇସ୍ରାଏଲ, ଇଥିଓପିଆ ଆଦିରୁ ଅମାପ ଧନରତ୍ନ ଏବଂ ଉପଢୌକନ ଆଣିଥିଲେ । ସେହି ଧନରତ୍ନର ସିଂହଭାଗକୁ ସେ ସାମରିକ ଅଧିକାରୀମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ରାଜାମାନେ ଏତେ ନିଷ୍ଠୁର ଥିଲେ ଯେ, ପରାଜିତ କରିବା ପରେ ସଂପୂର୍ଣ୍ଣ ବେବିଲୋନ ନଗରୀକୁ ଧ୍ୱଂସ କରି ଦେଇଥିଲେ ।

ବିଜ୍ଞାନ ଏବଂ କାରିଗରି ଜ୍ଞାନକୌଶଳ

ଆସିରୀୟମାନେ ସାମରିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ କରିଥିଲେ ଏବଂ ପୃଥିବୀରେ ପ୍ରଥମକରି ଲୌହନିର୍ମିତ ଅସ୍ତ୍ରଶସ୍ତ୍ର ଯଥା- ତୀର, ବର୍ଚ୍ଛା, ଖଣ୍ଡା, ଟୋପି, ସାଞ୍ଜୁ ଆଦି ନିର୍ମାଣ କରିଥିଲେ । ଯୁଦ୍ଧପାଇଁ ସର୍ବପ୍ରଥମେ ଆସିରୀୟମାନେ ଲୁହାର ରଥ ନିର୍ମାଣ କରିଥିଲେ । ରଥକୁ ଘୋଡ଼ା ଟାଣୁଥିଲେ ।

ଧାର୍ମିକ ଜୀବନ

ଆସିରୀୟମାନଙ୍କର ମୁଖ୍ୟ ଠାକୁର ଥିଲେ ଅସୁର । ସେମାନଙ୍କ ବିଶ୍ୱାସ ଅନୁଯାୟୀ ସେ ପୃଥ୍ୱୀ, ସ୍ୱର୍ଗ ଏବଂ ନର୍କର ସୃଷ୍ଟିକର୍ତ୍ତା ଥିଲେ । ସେମାନଙ୍କର ମୁଖ୍ୟ ଦେବୀ ଥିଲେ ନିନା । ସମ୍ଭବତଃ ସେମାନେ ଅସୁର ଭଗବାନ୍‌ଙ୍କ ନାମାନୁଯାୟୀ ନିଜ ସଂପ୍ରଦାୟର ନାମ ଏବଂ ନିନାଦେବୀଙ୍କ ନାମାନୁଯାୟୀ ରାଜଧାନୀର ନାମ (ନିନେଭେଃ) ରଖିଥିଲେ । ଅସୁରଙ୍କ ପତ୍ନୀ ଥିଲେ ଇସ୍ତାର, ଯିଏକି ଯୁଦ୍ଧର ଦେବୀ ଥିଲେ । ଯୁଦ୍ଧର ଦେବୀ ରୂପରେ ତାଙ୍କର ନାମ ବେଲିତ୍ ରଖାଯାଇଥିଲା । ଆସିରୀୟ ରାଜାମାନଙ୍କର ଜାତୀୟ ପତାକାରେ ଅସୁରଙ୍କର ପ୍ରତୀକ ଚିହ୍ନ ରହୁଥିଲା ।

ଆସିରୀୟମାନେ ମୂର୍ତ୍ତି ପୂଜକ ଥିଲେ, ତେଣୁ ସେମାନେ ଅନେକ ଦେବଦେବୀଙ୍କ ମୂର୍ତ୍ତି ଏବଂ ସେମାନଙ୍କ ରହିବା ବାସସ୍ଥାନ ସ୍ୱରୂପୀ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିରଗୁଡ଼ିକର ପରିଚାଳନା ପାଇଁ ବହୁ ପରିମାଣରେ ଜମି ଦାନ କରାଯାଇଥିଲା ତଥା ମନ୍ଦିରର ବିଭିନ୍ନ କାର୍ଯ୍ୟପାଇଁ ଦାସ (ଯୁଦ୍ଧବନ୍ଦୀ)ମାନେ ନିଯୁକ୍ତ ହୋଇଥିଲେ । ଯଦିଓ ରାଜା ଥିଲେ ରାଜ୍ୟର ମୁଖ୍ୟ ପୂଜକ; ହେଲେ ବାସ୍ତବରେ ପୂଜା କରିବା ପାଇଁ ମନ୍ଦିରଗୁଡ଼ିକରେ ପୂଜକମାନେ ନିଯୁକ୍ତ ହୋଇଥିଲେ । ପୂଜକମାନେ ବିଭିନ୍ନ ରୋଗରୁ ଆରୋଗ୍ୟ କରିବା ପାଇଁ କୁହୁକ ବିଦ୍ୟା ଏବଂ ଅନ୍ଧବିଶ୍ୱାସରେ ବିଶ୍ୱାସ କରୁଥିଲେ । ସେମାନେ ଭବିଷ୍ୟତବକ୍ତା ଥିଲେ ଏବଂ ଗଣନା କରି ଲୋକଙ୍କୁ ସେମାନଙ୍କର ଭବିଷ୍ୟତ ସମ୍ବନ୍ଧରେ କହୁଥିଲେ । ପୂଜକମାନେ ରୋଗର ଚିକିତ୍ସା ପାଇଁ ଗୁଣିଗାରେଡ଼ି, ଇନ୍ଦ୍ରଜାଲ ଆଦି ବିବିଧ ଉପାୟ ଅବଲମ୍ବନ କରୁଥିଲେ । ମନ୍ଦିରଗୁଡ଼ିକରେ ଯାଦୁବିଦ୍ୟାର ପ୍ରୟୋଗପୂର୍ବକ ସେମାନେ ଲୋକଙ୍କୁ ବଶୀଭୂତ କରି ଠାକୁରଙ୍କ ନାମରେ ଏକ ଭ୍ରମ ଓ ଭୟ ସୃଷ୍ଟି କରୁଥିଲେ; ଫଳରେ ଧର୍ମଭୀରୁ ଏବଂ ଧର୍ମର ଭୟରେ ଲୋକେ ସେମାନଙ୍କୁ ଯଥେଷ୍ଟ ଦକ୍ଷିଣା ଦେଉଥିଲେ । ଦେବଦେବୀଙ୍କ ଯାନିଯାତରା ଏବଂ ଶୋଭାଯାତ୍ରାରେ ରାଜା ଯୋଗ ଦେଉଥିଲେ ତଥା ପୂଜା କରୁଥିଲେ । ଏକ ଶିଳାଲିପିରେ ରାଜା ଇସ୍ତାରଦେବୀଙ୍କୁ ପୂଜା କରୁଥିବା ବର୍ଣ୍ଣନା ଏବଂ ପ୍ରଦର୍ଶନ କରାଯାଇଛି ।

ଯୁଦ୍ଧଯାତ୍ରା ପୂର୍ବରୁ ରାଜା ମନ୍ଦିରରେ ଠାକୁରଙ୍କୁ ପୂଜା କରୁଥିଲେ ଏବଂ ଯୁଦ୍ଧଜୟ ପରେ ଲୁଣ୍ଠନ କରିଥିବା ସମସ୍ତ ସଂପତ୍ତି ଠାକୁରଙ୍କ ନାମରେ ଉତ୍ସର୍ଗ କରୁଥିଲେ । ତା'ପରେ ମନ୍ଦିରକୁ କିଛି ଅର୍ଥ ଦେଇ ନିଜେ କିଛି ରଖୁଥିଲେ ଏବଂ ସିଂହଭାଗକୁ ସୈନ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ରାଜା, ଠାକୁର (ଅସୁର)ଙ୍କ ପ୍ରତିନିଧି ରୂପରେ ରାଜ୍ୟଶାସନ କରୁଥିଲେ ।

ଶିକ୍ଷା ଓ ସାହିତ୍ୟ

ଆସିରୀୟମାନେ ପ୍ରଥମେ କ୍ୟୁନିଫର୍ମ ଲିପିରେ ଲେଖୁଥିଲେ; ହେଲେ ପରବର୍ତ୍ତୀ ସମୟରେ ଆରମିକ୍ ଲିପି ମଧ୍ୟ ବ୍ୟବହାର କରୁଥିଲେ । ସେମାନେ ବିଶେଷତଃ କ୍ୟୁନିଫର୍ମ ଲିପିରେ ତାଙ୍କର ସାହିତ୍ୟକୃତି ଏବଂ ଅନ୍ୟାନ୍ୟ ବିଚାରଧାରା, ବିଧିବିଧାନ, ଦଲିଲ ଆଦିକୁ ମୃତ୍ତିକା ଫଳକ (ସିଲଟ) ମୂର୍ତ୍ତି ଦେହରେ, ପ୍ରସ୍ତର ଫଳକ, ମନ୍ଦିର ଗାତ୍ର ଏବଂ ସୌଧର କାନ୍ଥ ଆଦିରେ ଉତ୍କୀର୍ଣ୍ଣ କରୁଥିଲେ ଅଥବା ଲେଖୁଥିଲେ । ଏହିସବୁ ଲେଖା ସେହି ସମୟକାଳ ସମ୍ବନ୍ଧରେ ଆମକୁ ଅନେକ ସୂଚନା ଦେଇଥାଏ । ଯେହେତୁ ଆସିରୀୟମାନେ ଯୁଦ୍ଧପ୍ରିୟ ଏବଂ ଯୁଦ୍ଧଖୋର ଥିଲେ ସେମାନେ ବିଜ୍ଞାନ ସମ୍ବନ୍ଧୀୟ ବିକାଶ ପ୍ରତି ବିଶେଷ ଧ୍ୟାନ ଦେଇ ନ ଥିଲେ । ସେମାନଙ୍କ ନିଜସ୍ୱ ଗ୍ରନ୍ଥାଗାରରେ ୨୨୦୦୦୦ ଲିପି ରହିଥିବା ମୃତ୍ତିକା ଫଳକ ରହିଥିଲା । ତାହା ମଧ୍ୟରୁ କେତୋଟିରେ ସେମାନଙ୍କ ଇତିହାସ, କୃତିତ୍ୱ ଆଦି ରହିଛି ।

କଳା ସ୍ଥାପତ୍ୟ

ଆସିରୀୟମାନେ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା ଏବଂ ଶିଳ୍ପକଳା କ୍ଷେତ୍ରରେ ଅନେକ ଉନ୍ନତି କରିଥିଲେ ତଥା ପାରଦର୍ଶିତା ଦେଖାଇଥିଲେ ।

ଆସିରୀୟ ରାଜାମାନେ ସେମାନଙ୍କ ନିଜସ୍ୱ ସ୍ୱତନ୍ତ୍ର ରାଜପ୍ରାସାଦଗୁଡ଼ିକ ନିର୍ମାଣ କରାଇ ନିଜର କୃତିତ୍ୱଗୁଡ଼ିକୁ କାନ୍ଥରେ ଉତ୍କୀର୍ଣ୍ଣ କରାଇଥିଲେ । ସାରଗନ୍-୨ୟଙ୍କ ରାଜପ୍ରାସାଦ ସର୍ବବୃହତ୍ ପ୍ରାସାଦ ଥିଲେ । ପ୍ରାସାଦଟି ଦର୍-ଶାରୁକିନ୍‌ସ୍ଥିତ ଏକ ପର୍ବତ ଶିଖରରେ ନିର୍ମାଣ କରାଯାଇଥିଲା । ଏହା ୨୫ ଏକର ପରିମିତ ଜମି ଉପରେ ନିର୍ମିତ ହୋଇଥିଲା । ପ୍ରାସାଦଟିରେ ୨୦୦ ଗୋଟି କୋଠରି ଥିଲା ତଥା ପାଚେରି ଦ୍ୱାରା ବେଷ୍ଟିତ ହୋଇଥିଲା । ପ୍ରାସାଦର ପ୍ରବେଶ ଦ୍ୱାରର ଗୋଟିଏ ପଟେ ଏକ ଡେଣାଯୁକ୍ତ ସିଂହ ଏବଂ ଅନ୍ୟପଟେ ଏକ ବୃଷଭର ପ୍ରସ୍ତର ମୂର୍ତ୍ତି ଦ୍ୱାରପାଳ ରୂପରେ ରଖାଯାଇଛି । ଏହି ରାଜପ୍ରାସାଦ ସନ୍ନିକଟ ଏକ ମନ୍ଦିର ଭିତରୁ ରାଜା ସାରଗନ୍-୨ୟଙ୍କ ମୂର୍ତ୍ତି ଆବିଷ୍କାର କରାଯାଇଛି । କୋଠାଘରଗୁଡ଼ିକ ଖରାରେ ଶୁଖାହୋଇଥିବା ଇଟାରେ ନିର୍ମାଣ କରାଯାଇ କାନ୍ଥଅରେ ପଲସ୍ତରା କରାଯାଇ ରଙ୍ଗ ଦିଆଯାଇଛି; ତଥା ବିଭିନ୍ନ ଚିତ୍ର ମଧ କରାଯାଇଛି ।

ଦୂରଦୂରାନ୍ତରୁ ପଥର ବୋହିବା, ମନ୍ଦିର ଓ ସୌଧ ଆଦି ନିର୍ମାଣ କରିବା କାର୍ଯ୍ୟରେ ସେମାନେ ଯୁଦ୍ଧବନ୍ଦୀ ଦାସମାନଙ୍କୁ ନିଯୁକ୍ତ କରୁଥିଲେ ।

ଚିତ୍ରକଳାଗୁଡ଼ିକ ମଧ୍ୟରେ ପ୍ରମୁଖ ଅଟେ ଭଗବାନ୍ ଅସୁରଙ୍କ ରଞ୍ଜିତ ଚିତ୍ର, ଯାହାକି ବେବିଲୋନୀୟ ଚିତ୍ରକଳା ଶୈଳୀ ଦ୍ୱାରା ପ୍ରଭାବିତ ଅଟେ । ଆସିରୀୟ ଭାସ୍କର୍ଯ୍ୟକଳା ବିକାଶର ମୁଖ୍ୟ କେନ୍ଦ୍ର ଥିଲା ଅସୁର ନଗରୀ, ଯେଉଁଠାରୁ ଆମେ ପାଇ ପାରୁଛୁ ସାମରିକ ଦୃଶ୍ୟର ରଞ୍ଜିତ ଚିତ୍ର, ଯୁଦ୍ଧକଳା ପ୍ରଦର୍ଶନ କରୁଥିବା ମୂର୍ତ୍ତି, ପରଲଗା ଏବଂ ମଣିଷ ମୁଣ୍ଡଯୁକ୍ତ ସିଂହ ମୂର୍ତ୍ତି, ଅନେକ ପଶୁ ଓ ପକ୍ଷୀଙ୍କର ମୂର୍ତ୍ତି, ଶିକାରୀ, ଯୋଦ୍ଧା ଆଦିଙ୍କର ପ୍ରସ୍ତର ମୂର୍ତ୍ତି । ରାଜା ଅସୁର ବନିପାଲ୍, ତୀର ଦ୍ୱାରା ଏକ ସିଂହ ଶିକାର କରୁଥିବା ମୂର୍ତ୍ତି ଅତୀବ ମନୋଜ୍ଞ ଏବଂ ଦର୍ଶନୀୟ ହୋଇଛି ।

ଶିଳ୍ପକଳା ମଧ୍ୟରେ ରହିଛି ଅତି ସୁନ୍ଦର ଭାବରେ ତିଆରି କରାଯାଇଥିବା କାଠ ସାମଗ୍ରୀ ଯଥା- ଚଉକି, ତକ୍ତା, ଖଟ, ସୁନା ରୁପାର ଗହଣା, ଦେବଦେବୀଙ୍କର କ୍ଷୁଦ୍ର ଧାତବ ମୂର୍ତ୍ତି, ମାଟିପାତ୍ର, ଅସ୍ତ୍ରଶସ୍ତ୍ର, ଲୁହାନିର୍ମିତ ରଥ ଆଦି ମଧ କଳାତ୍ମକ ଭାବରେ ତିଆରି କରାଯାଇଛି । ଏହି ଜିନିଷଗୁଡ଼ିକର ଧ୍ୱଂସାବଶେଷଗୁଡ଼ିକ ବିଭିନ୍ନ ସ୍ଥାନରୁ ଆବିଷ୍କାର କରାଯାଇଛି ।

ଚୀନ୍ ସଭ୍ୟତା

ଏସିଆ ମହାଦେଶର ପୂର୍ବରେ ହୋୟାଂ-ହୋ, ଯାହାକି ହଳଦିଆ ନାମରେ ମଧ ପରିଚିତ, ୟାଂ-ସିକିୟାଂ ଏବଂ ସିକିୟାଂ ନଦୀଗୁଡିକର ଉପତ୍ୟକା ଅଞ୍ଚଳରେ ବିକଶିତ ହୋଇଥିଲା ବିଶ୍ୱର ଅନ୍ୟତମ ମହାନ୍ ଚୀନ୍ ସଭ୍ୟତା । ପାହାଡ, ପର୍ବତ ଓ ନଦୀ ପରିବେଷ୍ଟିତ ଏହି ବିଚ୍ଛିନ୍ନାଞ୍ଚଳର ସଭ୍ୟତା ଅନେକ କାଳ ପର୍ଯ୍ୟନ୍ତ ଲୋକଲୋଚନର ଅନ୍ତରାଳେ ଅବଲୁପ୍ତ ହୋଇ ରହିଥିଲା । ପ୍ରତ୍ନତାତ୍ତ୍ୱିକ ଟୁଙ୍ଗ୍-ସୋ-ପିନ୍ ଏବଂ ଲି-ଚିଙ୍କଦ୍ୱାରା ଉତ୍ତର ଚୀନସ୍ଥିତ ହୋନାନ୍ ପ୍ରଦେଶର ଏନିଆଙ୍ଗଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇ ସର୍ବପ୍ରଥମେ ଏହି ସଭ୍ୟତାକୁ ଆବିଷ୍କାର କରାଯାଇଥିଲା । ତା'ପରେ ସାରାବିଶ୍ୱ ଏହି ମହାନ୍ ସଭ୍ୟତା ସମ୍ବନ୍ଧରେ ଅବଗତ ହୋଇଥିଲା । ପୃଥିବୀପୃଷ୍ଠରେ ଗଢ଼ି ଉଠିଥିବା ଅନ୍ୟାନ୍ୟ ସୁପ୍ରସିଦ୍ଧ ପ୍ରାଚୀନତମ ସଭ୍ୟତାଗୁଡିକ ପରି ଚୀନ୍ ସଭ୍ୟତାରେ ମଧ ଅନନ୍ୟ କାଳଜୟୀ ଐତିହାସିକ ରହିଥିଲେ ।

ଭୌଗୋଳିକ ଅବସ୍ଥିତି ଏବଂ ସ୍ଥଳାକୃତି

ହୋୟାଂ-ହୋ, ୟାଂ-ସିକିୟାଂ ଏବଂ ସିକିୟାଂ ନଦୀତ୍ରୟର ଉପତ୍ୟକା ଅଞ୍ଚଳ ଅତ୍ୟନ୍ତ ଉର୍ବର ଥିଲା । ତେଣୁକରି ଏହି ମହାନ୍ ସଭ୍ୟତା ସେଠାରେ ଗଢ଼ି ଉଠିଥିଲା । ଚୀନ୍‌ର ସଂସ୍କୃତି, ସଭ୍ୟତା, ଅର୍ଥନୀତି ଏବଂ ଇତିହାସକୁ ଏକ ବିଶେଷ ଆକାର ଓ ପରିଚୟ ଦେବାରେ ଏହି ନଦୀତ୍ରୟର ବିଶେଷ ଭୂମିକା ରହିଥିଲା ।

ପ୍ରାଚୀନ ଚୀନ୍

ହୋୟାଂ-ହୋ (ହଳଦିଆ ନଦୀ) ନଦୀ, ବନ୍ୟା ଏବଂ ଧ୍ୱଂସ ପାଇଁ ସୁବିଦିତ ଥିଲା । ଏହି ନଦୀ ତିବ୍ବତୀୟ ପାହାଡରୁ ବାହାରି ହଳଦିଆ ମାଟି ରହିଥିବା ସମତଳ ଅଞ୍ଚଳ ମଧ୍ୟଦେଇ ଗତି କରି ପ୍ରଶାନ୍ତ ମହାସାଗରରେ ମିଶିଛି । ଏହାର ପଟୁମାଟିଦ୍ୱାରା ଗଠିତ ହୋଇଛି ଅତ୍ୟନ୍ତ ଉର୍ବର ଉତ୍ତର ଚୀନ୍‌ର ସମତଳ ଅଞ୍ଚଳ । ଏହି ସମତଳ ଅଞ୍ଚଳ ଥିଲା ପ୍ରାଚୀନତମ ସମୟରେ ଚୀନ୍ ସଭ୍ୟତାର କୋଳ । ମାଆକୋଳ ପରି ଏଠି ବିକଶିତ ହୋଇ ବିଚରଣ କରିଥିଲା ମହାନ୍ ସଭ୍ୟତା । କୃଷିକାର୍ଯ୍ୟ ଏବଂ ଚାରଣ ଭୂମି ପାଇଁ ଏଠି ରହିଥିଲା ପର୍ଯ୍ୟାପ୍ତ ପରିମାଣର ଜଳ । ପ୍ରାଚୀନତମ ସମୟରେ ଚୀନ୍‌ର ଏହି ଉତ୍ତରାଞ୍ଚଳରେ ପାହାଡ ନଥିଲା । ସମୟକ୍ରମେ ହୋୟାଂ-ହୋ ନଦୀର ପତନସ୍ତର ୫୦ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୋଇ ଯାଇଥିଲା, ଯାହାକି ତାକୁ ଧ୍ୱଂସକାରିଣୀ ନଦୀରେ ପରିଣତ କରି ଦେଇଥିଲା । ଧ୍ୱଂସକାରିଣୀ ଭୂମିକା ଯୋଗୁ ଏହି ନଦୀକୁ "ଦୁଃଖଦାୟିନୀ ନଦୀ" ଅଥବା "ଚୀନ୍‌ର ଦୁଃଖ" ବୋଲି କୁହାଯାଏ ।

ଚୀନ୍‌ର ଭୌଗୋଳିକ ଅବସ୍ଥିତି ଏବଂ ସ୍ଥଳାକୃତି ଯୋଗୁ ଚୀନ୍ ସଭ୍ୟତା ଐକାନ୍ତିକ ଭାବରେ ବିକଶିତ ହୋଇଥିଲା । ଚତୁଃପାର୍ଶ୍ୱରେ ପ୍ରାକୃତିକ ପ୍ରତିବନ୍ଧକ ରହିଥିବାରୁ ବାହ୍ୟଶତ୍ରୁ ଅଥବା ଅନୁପ୍ରବେଶକାରୀମାନେ ଚୀନ୍‌କୁ ପ୍ରବେଶ କରିପାରୁ ନାହାନ୍ତି, ଯାହାଫଳରେ ଚୀନ୍ ଓ ତା'ର ସଭ୍ୟତା ପୃଥିବୀର ଅନ୍ୟାନ୍ୟ ଅଞ୍ଚଳ ଠାରୁ ବିଚ୍ଛିନ୍ନ ହୋଇ ରହି ଆସିଛି । ଚୀନ୍‌ର ପୂର୍ବକୁ ରହିଛି ପ୍ରଶାନ୍ତ ମହାସାଗର, ଉତ୍ତରରେ ଗୋବି ମରୁଭୂମି, ପଶ୍ଚିମରେ ତିବ୍ବତ ଏବଂ ତୁର୍କୀସ୍ଥାନର ଅଗମ୍ୟ ପାର୍ବତ୍ୟାଞ୍ଚଳ ଏବଂ ଦକ୍ଷିଣରେ ରହିଛି ଇଣ୍ଡୋ-ଚୀନ୍‌ର ପାର୍ବତ୍ୟାଞ୍ଚଳ । ଏହାର ଜଳବାୟୁ ଜୀବଜଗତର ବିକାଶ ପାଇଁ ଅନୁକୂଳ ଅଟେ, ହେଲେ ମରୁଭମି ଅଞ୍ଚଳର ଜଳବାୟୁ ଉଷ୍ଣ ଅଟେ । ଚୀନ୍‌ବାସୀମାନେ ମଙ୍ଗୋଲ ସମ୍ପ୍ରଦାୟର ମଣିଷ ଅଟନ୍ତି । ସେମାନଙ୍କର ମୁହଁ ବୃତ୍ତାକାର, ନାକ ଚେପ୍‌ଟା, ଆଖି ସରୁ, ଚୁଟି କଳା ଏବଂ ଖର୍ବକାୟ ଅଟନ୍ତି । 'ଚୀନା' ଶବ୍ଦଟି ଚୀନ୍‌ର ଅତିପ୍ରାଚୀନ ପୂର୍ବଜ ରାଜାଙ୍କ ବଂଶର ନାମ 'ଚୀନ୍' ବଂଶରୁ ଆସିଛି । ଚୀନ୍‌ର ଉତ୍ତର-ପଶ୍ଚିମସ୍ଥିତ ସମତଳ ଅଞ୍ଚଳ ଏବଂ ମାଳଭୂମି, ପାହାଡ ପର୍ବତ, ମରୁଭୂମି ଏବଂ ତୃଣଭୂମିର ସୋପାନଦ୍ୱାରା ପରିବେଷ୍ଟିତ ଅଟେ । ସେହି ଅଞ୍ଚଳରେ ଅତୀତରେ ଚୀନ୍ ମଧ୍ୟକୁ ମଙ୍ଗୋଲିଆ ଏବଂ ତୁର୍କୀର ଅନୁପ୍ରବେଶକାରୀମାନେ ଛେଳି, ମେଣ୍ଢା ଆଦି ଚରାଉଥିଲେ । ଚାରିପଟରୁ ପରିବେଷ୍ଟିତ ହୋଇ ଚୀନ୍ ଦେଶ ଅନେକ ଦିନ ପର୍ଯ୍ୟନ୍ତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଥିଲା ।

ୟାଂ-ସିକିୟାଂ ନଦୀ ମଧ୍ୟ ତିବ୍ବତୀୟ ମାଳଭୂମି ଅଞ୍ଚଳରୁ ଉତ୍ପତ୍ତି ହୋଇ ପ୍ରାୟ ୧୦୦୦ ମାଇଲ୍ ଦୈର୍ଘ୍ୟ ଅତିକ୍ରମ କଲାପରେ ପ୍ରଶାନ୍ତ ମହାସାଗରରେ ମିଶିଛି । ଏହି ନଦୀ ତା'ର ଗତିପଥରେ ଅନେକ ଗୁଡିଏ ହ୍ରଦ ସୃଷ୍ଟିକରି ଉପତ୍ୟକା ଅଞ୍ଚଳର କଳେବର ବୃଦ୍ଧି କରିଛି । ଏହି ନଦୀରେ ବାଣିଜ୍ୟ ପୋତ ମଧ୍ୟ ଚଳାଚଳ କରୁଥିଲା । ଚୀନ୍ ସଭ୍ୟତାର ବିକାଶ ଦିଗରେ ଏହି ନଦୀ ଉପତ୍ୟକା ବିଶେଷ ସହାୟକ ହୋଇଥିଲା । ଚୀନ୍‌ର ତୃତୀୟ ବୃହତ୍ତମ ନଦୀ ସିକିୟାଂ ଦାକ୍ଷିଣାତ୍ୟରେ ପ୍ରବାହିତ ହେଉଥିଲା । କ୍ୟାଣ୍ଟନ୍ ବନ୍ଦର ଚାରିପାଖରେ ଏହା ଉର୍ବର ଉପତ୍ୟକା ସୃଷ୍ଟି କରିଥିଲା, ଯାହାକି ଚୀନ୍ ସଭ୍ୟତାର ଚରାଭୂମି ରୂପରେ ପରିଚିତ ଥିଲା ।

ଚୀନ୍ ସଭ୍ୟତାର ପ୍ରାକ୍-ଐତିହାସିକ ପୃଷ୍ଠଭୂମି

ଚୀନ୍‌ର ହୋନାନ୍ ଓ ଦକ୍ଷିଣ ମାଞ୍ଚୁରିଆ ଅଞ୍ଚଳରୁ ଆବିଷ୍କାର କରାଯାଇଥିବା ପେକିଂ ଜାତୀୟ ମଣିଷର ଅସ୍ଥିକଙ୍କାଳ ଏବଂ ଅସ୍ତ୍ରଶସ୍ତ୍ରରୁ ଜଣାଯାଏ ଯେ, ଏହା ପ୍ରାଚୀନତମ ସଭ୍ୟତା ଅଟେ । ଏହି ସଭ୍ୟତାର ପ୍ରାକ୍-ଐତିହାସିକ ସମୟର ଅବସ୍ଥା ସମ୍ବନ୍ଧରେ ଜାଣିବା ପାଇଁ ଆମକୁ ବିଶେଷ ରୂପରେ କିମ୍ବଦନ୍ତୀ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପ୍ରାକ୍-ଐତିହାସିକ ଯୁଗରେ ଚୀନ୍‌ର ଅଧିବାସୀମାନେ ନିଜ ଦେଶକୁ ଟିଏନ୍-ସିଆ ଅଥବା 'ସ୍ୱର୍ଗର ନିମ୍ନାଞ୍ଚଳ' ନାମ ଦେଇଥିଲେ ।

ପୁରାତନ ଏବଂ ମଧ୍ୟପ୍ରସ୍ତର ଯୁଗୀୟ ସଭ୍ୟତା

ଚାଓ-କ୍ୱୋ-ଟେନ୍ କ୍ଷେତ୍ରରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ପ୍ରତ୍ନତାତ୍ତ୍ୱିକମାନେ ପେକିଂ ମାନବର ଅସ୍ଥିକଙ୍କାଳ ଆବିଷ୍କାର କରିଛନ୍ତି । ହୋୟାଂ-ହୋ ନଦୀର ଦକ୍ଷିଣରେ ରହିଥିବା ଉପତ୍ୟକାରୁ ମଧ୍ୟପ୍ରସ୍ତର ଯୁଗର ଅବଶେଷାଂଶ ଆବିଷ୍କାର କରାଯାଇଛି । ଏଥିରୁ ଜଣାଯାଏ ଯେ, ପେକିଂ ମଣିଷ ପ୍ରସ୍ତର ଉପକରଣ, ଅସ୍ତ୍ରଶସ୍ତ୍ର, ମାଟିପାତ୍ର ଆଦି ନିର୍ମାଣ କରୁଥିଲେ; ହେଲେ ସେମାନେ କୃଷିକାର୍ଯ୍ୟ ସମ୍ବନ୍ଧରେ ଅଜ୍ଞ ଥିଲେ ।

ନୂତନ ପ୍ରସ୍ତରଯୁଗୀୟ ସଭ୍ୟତା

ହୋନାନ୍ ଏବଂ ଶାନ୍‌ସିଠାରେ ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଏ ଯେ, ସେଠାରେ ଏକ ପ୍ରାଚୀନ ବସତି ଗଢ଼ି ଉଠିଥିଲା । ଏହି ସଭ୍ୟତାର ପରିବ୍ୟାପ୍ତି ଥିଲା ୧୦ ଲକ୍ଷ ମାଇଲ । ଏହି ସଂସ୍କୃତିକୁ ସ୍ଥାନର ନାମ ଅନୁଯାୟୀ ୟାଂ-ଶାଓ ସଂସ୍କୃତି କୁହାଯାଏ । ଅନ୍ୟ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ଅଟେ ଶାନ୍‌ସିର ଦକ୍ଷିଣକୁ ଅବସ୍ଥିତ ପାନ୍ ପୋ । ଏଠାରେ ବାସଗୃହଗୁଡ଼ିକ କାଷ୍ଠସ୍ତମ୍ଭରେ ନିର୍ମିତ ହୋଇଥିବାବେଳେ ଏହାର ମୂଳଭିତ୍ତିରେ ପ୍ରସ୍ତର ବ୍ୟବହାର କରାଯାଇଥିଲା । ଉପର ଛାତ ଏବଂ ତଳ ଚଟାଣରେ ଚିକିଟା ମାଟି ଲେପାଯାଇଥିଲା । ଅଳ୍ପ କେତୋଟି ଧଳା ଏବଂ କଳା ମାଟିପାତ୍ରକୁ ଛାଡ଼ିଦେଲେ ଏହି କ୍ଷେତ୍ରରୁ ଉପଲବ୍ଧ ଅନ୍ୟ ସମସ୍ତ ମାଟିପାତ୍ର ଚିକିଟାମାଟି ଓ ବାଲିର ମିଶ୍ରଣରେ ତିଆରି ହୋଇଥିଲା ତଥା ସେଗୁଡ଼ିକ ନାଲି ଏବଂ ଧୂସର ରଙ୍ଗ ବିଶିଷ୍ଟ ଥିଲା ।

ପୂର୍ବ ଚୀନ୍‌ର ଲୁଙ୍ଗଶାନ୍ ଠାରେ ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଇଛି ଯେ, ସେମାନଙ୍କ ଖାଦ୍ୟର ମୁଖ୍ୟ ଶସ୍ୟ ଥିଲା ଗହମ ଏବଂ ବାଜ୍ରା । ଗୃହପାଳିତ ପଶୁଗୁଡ଼ିକ ଥିଲେ କୁକୁର, ଘୁଷୁରି, ଛେଳି, ମେଣ୍ଢା ଓ ଘୋଡ଼ା ଆଦି । ଏଠାରୁ ମିଳିଥିବା ଧନୁ ଓ ତୀରର ଅବଶେଷାଂଶରୁ ଜଣାଯାଏ ଯେ, ଏହି ସଭ୍ୟତାର ଲୋକେ ଶିକାରୀ ଥିଲେ । ଜଣାଯାଏ ଯେ, ଲୁଙ୍ଗଶାନ୍ ସଂସ୍କୃତି ପରେ ୟାଂ-ଶାଓ ସଂସ୍କୃତି ଗଢ଼ି ଉଠିଥିଲା । ଏହି ଉଭୟ ସଂସ୍କୃତିରେ ଗ୍ରାମଗୁଡ଼ିକ ପ୍ରାଚୀର ଦ୍ୱାରା ବେଷ୍ଟିତ ଥିଲା ଏବଂ ବ୍ୟବହୃତ ତୀରଗୁଡ଼ିକର ମୁନ ହାଡ଼ରେ ନିର୍ମିତ ହୋଇଥିଲା । ପ୍ରତ୍ନତାତ୍ତ୍ୱିକମାନଙ୍କ ମତରେ ଏହି ଉଭୟ ସଂସ୍କୃତି ପ୍ରାୟ ଖ୍ରୀ.ପୂ. ୩୦୦୦ ବେଳକୁ ବିକାଶଲାଭ କରିଥିଲା ।

ଚୀନ୍‌ରେ ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ପାନ୍-କୁ ପ୍ରାୟ ଖ୍ରୀ.ପୂ. ୨୮୫୨ରେ ପ୍ରଥମ ରାଜ୍ୟ ଗଠନ କରିଥିଲେ ଏବଂ ବିଶ୍ୱବ୍ରହ୍ମାଣ୍ଡକୁ ଏକ ନୂତନ ସ୍ୱରୂପ ପ୍ରଦାନ କରିଥିଲେ । ଐତିହାସିକମାନଙ୍କ ଗଣନା ଅନୁଯାୟୀ ପ୍ରାଚୀନ ଚୀନ୍‌ର ଐତିହାସିକ ସମୟକାଳ ଖ୍ରୀ.ପୂ. ୧୭୬୬ରୁ ଆରମ୍ଭ ହୋଇଥିଲା । ତେଣୁକରି ଚୀନ୍‌ର ପ୍ରାକ୍ ଐତିହାସିକ ଇତିହାସ ଖ୍ରୀ.ପୂ. ୨୮୫୨ରୁ ଖ୍ରୀ.ପୂ. ୧୭୬୬ ପର୍ଯ୍ୟନ୍ତ କେବଳ କିମ୍ବଦନ୍ତୀ ଉପରେ ଆଧାରିତ ଅଟେ । ମିଶର, ମେସୋପୋଟାମିଆ, ଗ୍ରୀସ୍ ଆଦିର ସଭ୍ୟତା ପରି ଚୀନ୍ ସଭ୍ୟତାର ଲୋକମାନେ ଭିନ୍ନଭିନ୍ନ ସମ୍ପ୍ରଦାୟର ମଣିଷ ନଥିଲେ । ଏହି ସଭ୍ୟତାର ବୈଶିଷ୍ଟ୍ୟ ଥିଲା ଯେ, ସେମାନେ ଗୋଟିଏ ସମ୍ପ୍ରଦାୟର ମଣିଷ ଥିଲେ । ପ୍ରାୟ ୩୦୦୦ ବର୍ଷ ପୂର୍ବେ ସେମାନେ ଗୋଟିଏ ଭାଷା କହୁଥିଲେ । ଗୋଟିଏ ପ୍ରକାରର ଲିଖନ ପ୍ରଣାଳୀ ଏବଂ ଅକ୍ଷର (ଚିହ୍ନ) ବ୍ୟବହାର କରୁଥିଲେ । କିମ୍ବଦନ୍ତୀ ଅନୁଯାୟୀ ପ୍ରାଚୀନ ସମୟରେ ଚୀନ୍‌କୁ ଦୁଇଗୋଟି ପର୍ଯ୍ୟାୟରେ ଭଗବତ୍ ସତ୍ତାଧାରୀ ରାଜାମାନେ ଶାସନ

କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟର ରାଜାମାନେ ନିଆଁର ବ୍ୟବହାର, କୃଷି, ଦିନପଞ୍ଜି (କ୍ୟାଲେଣ୍ଡର) ଏବଂ ବର୍ଣ୍ଣ (ଅକ୍ଷର)ର ଉଦ୍ଭାବନ କରିଥିଲେ ।

ଖ୍ରୀ.ପୂ. ୨୮୫୨ ବେଳକୁ ଲୁ-ସି ଜଣେ କ୍ଷମତାଶାଳୀ ରାଜା ଥିବାର ଜଣାଯାଏ । ତାଙ୍କ ରାଜୁତିକାଳରେ ଚୀନ୍‌ର ସଭ୍ୟତା ପ୍ରସାରିତ ହେବା ଆରମ୍ଭ ହୋଇଥିଲା । ତାଙ୍କ ସମୟରେ ବିବାହ, ଶିକ୍ଷା, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ଲିଖନ ପ୍ରଣାଳୀ, ପଶୁପାଳନ ଆଦି ସମ୍ବନ୍ଧିତ ରୀତିନୀତି, ନୈତିକ ଆଚରଣ ଏବଂ ପାଳନ ପଦ୍ଧତି ତିଆରି ହୋଇଥିଲା । ତାଙ୍କ ସମୟରେ ଶିକ୍ଷ ପ୍ରତିଷ୍ଠାନଗୁଡ଼ିକର ମଧ୍ୟ ପ୍ରତିଷ୍ଠା ହୋଇଥିଲା । ଶେଂ-ନୁ (ଖ୍ରୀ.ପୂ. ୨୭୩୭-୨୬୯୫) ଥିଲେ ଅନ୍ୟତମ ପ୍ରସିଦ୍ଧ ରାଜା । ତାଙ୍କ ସମୟରେ କାଷ୍ଠ ନିର୍ମିତ ଲଙ୍ଗଳ ଉଦ୍ଭାବନ କରାଯାଇଥିଲା ତଥା ବାଣିଜ୍ୟ ପାଇଁ ନିୟମାବଳୀ ତିଆରି କରାଯାଇଥିଲା । ହ୍ୱାଂ-ତି ଥିଲେ ପରବର୍ତ୍ତୀ ପ୍ରସିଦ୍ଧ ରାଜା । ତାଙ୍କୁ ଚୀନ୍ ସମ୍ପ୍ରଦାୟର ଜନକ ରୂପରେ ମଧ୍ୟ ଆଖ୍ୟାୟିତ କରାଯାଏ । ତାଙ୍କ ସମୟରେ ଚୀନ୍ ସଭ୍ୟତା ବିକାଶ ଲାଭ କରିଥିଲା ଏବଂ ସୀମା ପରିବର୍ଦ୍ଧିତ ହୋଇଥିଲା ।

ଚୀନ୍‌ର ସୁପ୍ରସିଦ୍ଧ ଦାର୍ଶନିକ ଏବଂ ଐତିହାସିକ କନ୍‌ଫୁସିଅସ୍‌ଙ୍କ ମତରେ ଏହି ସମୟକାଳ ମଧ୍ୟରେ ୟାଓ ଏବଂ ଶୁଂ ନାମକ ଦୁଇଜଣ ନୀତିବାନ୍, ଧାର୍ମିକ ଏବଂ ଉପକାରୀ ରାଜା ରାଜୁତି କରିଥିଲେ । ତା'ପରେ ୟୁ ନାମକ ରାଜବଂଶର ଭ୍ରଷ୍ଟାଚାରୀ ରାଜାମାନେ ଖ୍ରୀ.ପୂ. ୧୭୬୬ ପର୍ଯ୍ୟନ୍ତ ରାଜୁତି କରିଥିଲେ । ଖ୍ରୀ.ପୂ. ୧୭୬୬ରେ ଟାଙ୍ଗ୍ ନାମକ ରାଜା ଶାଙ୍ଗ୍ ନାମକ ନୂତନ ରାଜବଂଶ ପ୍ରତିଷ୍ଠା କରିଥିଲେ ଏବଂ ତା'ପରଠାରୁ ଚୀନ୍‌ରେ ଐତିହାସିକ ସମୟ ଆରମ୍ଭ ହୋଇଥିଲା ।

ଚୀନ୍‌ରେ ରାଜନୈତିକ ବିକାଶ-ଶାଙ୍ଗ ରାଜବଂଶ

ଖ୍ରୀ.ପୂ. ୧୭୬୬ ରୁ ଚୀନ ସଭ୍ୟତାର ଐତିହାସିକ ସମୟ ଆରମ୍ଭ ହୋଇଥିଲା । ପ୍ରତ୍ନତାତ୍ତ୍ୱିକ ଖନନଦ୍ୱାରା ଆବିଷ୍କାର କରାଯାଇଥିବା ବାସଗୃହ, ମାଟିପାତ୍ର, ସମାଧିସ୍ଥଳ, ଦୁର୍ଗ ଆଦିରୁ ଏହା ଜଣାଯାଏ । ସିଆଓତୁନ୍‌ଠାରେ ଖନନରୁ ନିମ୍ନ ସ୍ତରରେ ଏକ ଐତିହାସିକ ସଂଗ୍ରହାଳୟ ରହିଛି । ଉପରୁ ତଳକୁ ଓହ୍ଲାଇବା ପାଇଁ ସୋପାନ ରହିଛି । ତା'ର ମଧ୍ୟରେ ଷଣ୍ଢଗୁଡ଼ିକର ଦଶ ହଜାର କାନ୍ଧ ହାଡ଼ (ଓରାକଲ୍ ବୋନସ୍) ସଂରକ୍ଷିତ ହୋଇ ରହିଛି । ଉକ୍ତ କାନ୍ଧ ହାଡ଼ଗୁଡ଼ିକରେ ଭଗବାନ୍ ଏବଂ ରାଜାଙ୍କ ପୂର୍ବପୁରୁଷଙ୍କ ମଧ୍ୟରେ କଥୋପକଥନ ଖୋଦିତ ହୋଇଛି । କଥୋପକଥନ ମଧ୍ୟରେ ଗାଙ୍ଗ ରାଜବଂଶର ରାଜାମାନଙ୍କର ନାମ ଏବଂ ଶାସନ ଅବଧି ଆଦି ମଧ୍ୟ ଖୋଦନ କରାଯାଇଛି । ଉପରୋକ୍ତ ଉପାଦାନଦ୍ୱୟର ଭିତ୍ତିରେ ପ୍ରାଚୀନ ଚୀନର ରାଜନୈତିକ ବିକାଶ ଏବଂ ଶାଙ୍ଗ ରାଜବଂଶ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ।

ଶାଙ୍ଗ ରାଜବଂଶ (ଖ୍ରୀ.ପୂ. ୧୭୬୬ ରୁ ୧୧୨୨)

ପ୍ରାଚୀନ ଚୀନରେ ଶାଙ୍ଗ ରାଜବଂଶ ଖ୍ରୀ.ପୂ. ୧୭୬୬ ରୁ ୧୧୨୨ ମଧ୍ୟରେ ପ୍ରାୟ ୫୫୦ ବର୍ଷ ରାଜୁତି କରିଥିଲେ । ଏହି ବଂଶର ନିୟମ ଅନୁଯାୟୀ ରାଜାଙ୍କ ମୃତ୍ୟୁ ପରେ ତାଙ୍କ ସାନଭାଇ ସିଂହାସନ ଆରୋହଣ କରୁଥିଲେ । ଯଦି ରାଜାଙ୍କର ସାନଭାଇ ମୃତ୍ୟୁବରଣ କରିଥିବେ ତେବେ ରାଜାଙ୍କ ଜ୍ୟେଷ୍ଠପୁତ୍ର ସିଂହାସନ ଆରୋହଣ କରୁଥିଲେ । ଏହି ରାଜବଂଶର କୁଳଦେବତା 'ଶାଙ୍ଗତି' ଥିଲେ । 'ଶାଙ୍ଗ' ଶବ୍ଦର ଅର୍ଥ ସର୍ବଶ୍ରେଷ୍ଠ ଏବଂ 'ତି' ଶବ୍ଦର ଅର୍ଥ ଭଗବାନ୍ ଅଟେ ।

ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଏହି ବଂଶ ଏକ ବିଶାଳ ସାମ୍ରାଜ୍ୟ ଗଢ଼ି ନ ଥିଲେ ବୋଲି କୁହେ ନାହିଁ । ଖନନରୁ ଧନୁଶର ଏବଂ କ୍ଷୁଦ୍ର ଖଣ୍ଡା ମିଳିଛି । ସମ୍ଭବତଃ ଶାଙ୍ଗ ବଂଶର ସାମ୍ରାଜ୍ୟ ପୂର୍ବରେ ମଧ୍ୟ ଚୀନ୍‌ର ସମତଳ ଅଞ୍ଚଳ ଏବଂ ପଶ୍ଚିମରେ ହୋନାନ୍ ପ୍ରଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଦକ୍ଷିଣରେ ୟାଙ୍ଗଜେ ନଦୀତଟ ପର୍ଯ୍ୟନ୍ତ ଏବଂ ଉତ୍ତରରେ

ଯାଯାବର ସମ୍ପ୍ରଦାୟଗୁଡ଼ିକୁ ନିଜ ଅଧୀନସ୍ଥ କରି ପାରି ନ ଥିଲା । ଶାଙ୍ଗ ରାଜାମାନେ ୪୦୦୦୦ ବର୍ଗ ମାଇଲଠାରୁ ଅଧିକ ଅଞ୍ଚଳ ନିଜ ଅଧୀନରେ ରଖିଥିଲେ । ଏକକାଳୀନ ଭାବରେ ଚୀନ୍‌ରେ ଶାଙ୍ଗ ଏବଂ ଝଉ ବଂଶର ରାଜାମାନେ ରାଜୁତି କରୁଥିଲେ । ଜଣାଯାଏ ଯେ, ଝଉ ବଂଶର ରାଜା ଶାଙ୍ଗ ବଂଶର ଶେଷ ରାଜା ଝଓସିନ୍‌ଙ୍କୁ ଆକ୍ରମଣ କରିଥିଲେ । କାନ୍ଧ ହାଡ଼ ଲିପିରୁ ଜଣାଯାଏ ଯେ, ଶାଙ୍ଗବଂଶୀୟ ରାଜା ବିଭିନ୍ନ ରାଜ୍ୟକୁ କୂଟନୀତିଜ୍ଞ ପଠାଇଥିଲେ । ଶାଙ୍ଗ ବଂଶର ଶେଷ ରାଜା ଝଓ ସିନ୍ ଲୋକଙ୍କ ପାଖରେ ଏତେଦୂର ଅପ୍ରିୟ ହୋଇପଡ଼ିଥିଲେ ଯେ, ପ୍ରଜାକୁଳ ତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ତାଙ୍କ ପରେ ଉ-ୱାଙ୍ଗ୍ ରାଜା ହୋଇଥିଲେ । ସେ ନୂତନ ଝଓ ରାଜବଂଶ ପ୍ରତିଷ୍ଠା କରିଥିଲେ ।

ଝଓ ରାଜବଂଶ (ଖ୍ରୀ.ପୂ. ୧୧୨୨ ରୁ ୨୫୬)

ଝଓ ରାଜବଂଶର ୩୭ ଜଣ ରାଜା ଚୀନରେ ଖ୍ରୀ.ପୂ. ୧୧୨୨ ରୁ ୨୫୬ ପର୍ଯ୍ୟନ୍ତ ୮୦୦ ବର୍ଷ ରାଜୁତି କରିଥିଲେ । ଶାଙ୍ଗ ବଂଶର ଶେଷ ରାଜା ଝଓ ସିଂଙ୍କୁ ସିଂହାସନଚ୍ୟୁତ କରି ଉ-ୱାଙ୍ଗ ଏକ ନୂତନ ଝଓ ବଂଶ ପ୍ରତିଷ୍ଠା କରିଥିଲେ । ଝଓମାନେ ଏକ ଅସଭ୍ୟ ଓ ଆଦିମ ସମ୍ପ୍ରଦାୟ ଥିଲେ । ସେମାନେ ଯେଲୋ ନଦୀର ଉପନଦୀ ୱାଇ ନଦୀର ଉର୍ବର ଉପତ୍ୟକା ଅଞ୍ଚଳରେ ରହୁଥିଲେ । ଉକ୍ତ ଅଞ୍ଚଳ ଶାଙ୍ଗ ରାଜ୍ୟର ପଶ୍ଚିମକୁ ଅବସ୍ଥିତ ଥିଲା । ପଶ୍ଚିମ ଚୀନ୍‌ର ଏସୀୟ ସମ୍ପ୍ରଦାୟ ବାରମ୍ବାର ଝଓ ରାଜ୍ୟକୁ ଆକ୍ରମଣ କରୁଥିଲେ । ତେଣୁ କରି ସେମାନେ ବାଧ ହୋଇ ଏକ ଯୁଦ୍ଧପ୍ରିୟ ନୃଶଂସ ଓ ଦୁର୍ଦ୍ଧର୍ଷ ଜାତିରେ ପରିଣତ ହୋଇଯାଇଥିଲେ । ଏକଦା ଝଓ ରାଜ୍ୟରେ ଭୟଙ୍କର ମରୁଡ଼ି ପଡ଼ିଥିଲା । ତେଣୁ କରି ସେମାନେ ବାଧ ହୋଇ ଶାଙ୍ଗ ରାଜ୍ୟର ଉର୍ବର ଅଞ୍ଚଳକୁ ବଳପୂର୍ବକ ପ୍ରବେଶ କରିଥିଲେ । ଶାଙ୍ଗ ରାଜ୍ୟର ପଶ୍ଚିମାଞ୍ଚଳ ପାହାଡ଼ ପର୍ବତରେ ପରିପୂର୍ଣ୍ଣ ହୋଇ ରହିଥିବାରୁ ରାଜାମାନେ ଝଓମାନଙ୍କୁ ଦମନ କରିବାରେ ବିଫଳ ହୋଇଥିଲେ । ଝଓମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶାଙ୍ଗ ରାଜାମାନେ ତାଙ୍କର କନ୍ୟାମାନଙ୍କୁ ସେମାନଙ୍କ ସହିତ ବିବାହ କରାଇଥିଲେ ତଥା ବିଭିନ୍ନ ଉପାଧି ପ୍ରଦାନ କରିଥିଲେ । ଝଓ ରାଜାଙ୍କ ମାତା ଶାଙ୍ଗବଂଶୀୟା ମହିଳା ଥିଲେ ।

ଝଓ ରାଜା ୱେନ୍ ସ୍ୱଭାବତଃ ଶାନ୍ତିପ୍ରିୟ ଥିଲେ; ହେଲେ ସେ ଏକ ବିଶାଳ ସୈନ୍ୟବାହିନୀ ଗଠନ କରି ତାଙ୍କ ରାଜ୍ୟର ପୂର୍ବରେ ଅବସ୍ଥିତ ଶାଙ୍ଗ ସାମ୍ରାଜ୍ୟର ଶାନ୍‌ସି ଓ ଶେନ୍‌ସି ଅଞ୍ଚଳକୁ ନିଜ ରାଜ୍ୟରେ ମିଶେଇ ଦେଇଥିଲେ । ୱେନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ୱୁ (ଉ) ସିଂହାସନ ଆରୋହଣ କରିଥିଲେ । ସେ ମଧ୍ୟ ପୂର୍ବରେ ସ୍ଥିତ ଶାଙ୍ଗ ରାଜ୍ୟକୁ ଆକ୍ରମଣ କରି ଶାଙ୍ଗ ରାଜାଙ୍କୁ ପରାସ୍ତ କରିଥିଲେ; ହେଲେ ସେ ତାଙ୍କ ରାଜ୍ୟକୁ ନିଜ ରାଜ୍ୟରେ ମିଶାଇ ନ ଥିଲେ । ତାଙ୍କ ଅଧୀନସ୍ଥ କରଦ ରାଜା ରୂପରେ ଶାସନ କରିବା ପାଇଁ ଶାଙ୍ଗ ରାଜାଙ୍କୁ ଅନୁମତି ଦେଇଥିଲେ । ଆହୁରି ମଧ୍ୟ ୱୁ ୫୦ ଗୋଟି ନଗର ରାଜ୍ୟକୁ ଜୟ କରିଥିଲେ; ହେଲେ ତାଙ୍କ ସାମ୍ରାଜ୍ୟର ସୀମାକୁ ଚୀନ୍‌ର ଉତ୍ତରାଞ୍ଚଳ ମଧ୍ୟରେ ସୀମିତ ରଖିଥିଲେ । ଜୟ କରିଥିବା ରାଜ୍ୟକୁ ତାଙ୍କ ଅଧୀନସ୍ଥ ସାମନ୍ତ ରାଜାମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଏହିଠାରୁ ଚୀନ୍‌ରେ ସାମନ୍ତବାଦର ଆରମ୍ଭ ହୋଇଥିଲା ।

ଖ୍ରୀ.ପୂ. ୧୧୧୬ ରେ ୱୁଙ୍କ ମୃତ୍ୟୁ ହୋଇଥିଲା । ତା'ପରେ ତାଙ୍କ ନାବାଳକ ପୁତ୍ର ଝଙ୍ଗ ରାଜା ହୋଇଥିଲେ । ୱୁଙ୍କ ଭାଇ ଝଙ୍ଗଙ୍କ ତତ୍ତ୍ୱାବଧାରକ ରୂପରେ ଶାସନ ପରିଚାଳନା କରିଥିଲେ । ଉକ୍ତ ତତ୍ତ୍ୱାବଧାରକ ଶାଙ୍ଗ ରାଜାଙ୍କର ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରି ତାଙ୍କ ଭାଇଙ୍କୁ ଶାଙ୍ଗ ରାଜ୍ୟର ପ୍ରଶାସକ ରୂପରେ ନିଯୁକ୍ତ କରିଥିଲେ । ଶାଙ୍ଗ ରାଜ୍ୟର ଉତ୍ତର-ପଶ୍ଚିମକୁ ୧୫୦ ମାଇଲ ଦୂରରେ ଲୋୟାଙ୍ଗଠାରେ ନୂତନ ରାଜଧାନୀ ନିର୍ମାଣ କରିଥିଲେ; ହେଲେ ତାଙ୍କ ରାଜଧାନୀ ହାଓ ଆଗପରି ରହିଥିଲା । ତା'ପରେ ସେ ତାଙ୍କ ପୁତୁରା ଝଙ୍ଗଙ୍କୁ ଜଣେ ଶାସକର ସମସ୍ତ କ୍ଷମତା ପ୍ରଦାନ କରିଥିଲେ । ତାଙ୍କ ଅଧୀନରେ ଝଓ ସାମ୍ରାଜ୍ୟ ଅନେକ ବିସ୍ତାର ଲାଭ କରିଥିଲା । ଆହୁରି ମଧ୍ୟ ସେ ଉକ୍ତ ବିଶାଳ ସାମ୍ରାଜ୍ୟକୁ ଏକତ୍ରିତ କରିବା ଓ ସ୍ଥିରତା ଆଣିବାରେ ସକ୍ଷମ ହୋଇଥିଲେ; ହେଲେ ସମୟର ଧାରା ଗଡ଼ି ଚାଲିବା ସହିତ ସାମନ୍ତ ରାଜାମାନେ ଶକ୍ତିଶାଳୀ ହୋଇ ସମ୍ରାଟଙ୍କୁ ଆହ୍ୱାନ ଦେବାପାଇଁ ସକ୍ଷମ ହୋଇଯାଇଥିଲେ । ଚତୁର୍ଥ ଝଓ ରାଜା

ଏକ ଯୁଦ୍ଧରେ ପରାସ୍ତ ଓ ବନ୍ଦୀ ହୋଇଥିଲେ (୧୦୦୨ଖ୍ରୀ.ପୂ.) ଖ୍ରୀ.ପୂ. ୮୭୮ରେ ରାଜା ହୋଇଥିବା ଝଓ ରାଜା ଲି ସାମନ୍ତମାନଙ୍କ ପ୍ରତି ଅତ୍ୟନ୍ତ ହିଂସ୍ର ଓ ନିର୍ଦ୍ଦୟ ଥିଲେ । ପରିସ୍ଥିତି ଏପରି ହେଲା ଯେ, ସାମନ୍ତମାନେ ମେଳିବାନ୍ଧି ତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ ତଥା ତାଙ୍କୁ ଆକ୍ରମଣ କରିଥିଲେ । ସାମନ୍ତମାନଙ୍କ ଆକ୍ରମଣର ପ୍ରତିରୋଧ କରି ନ ପାରି ଲି ସିଂହାସନ ଛାଡ଼ି ପଳାୟନ କରିଥିଲେ । ତା'ପରେ ସେ ଚୀନ୍ ନଗରୀରେ ଆତ୍ମଗୋପନ କରି ରହିଥିଲେ । ରାଜା ଲି ଙ୍କ ପୁତ୍ରକୁ ଜଣେ ରାଜଭକ୍ତ ସାମନ୍ତ ଶାଓ ଆଶ୍ରୟ ଦେଇଥିଲେ । ଏପରିକି ରାଜକୁମାରଙ୍କ ସ୍ଥାନରେ ସେ ବିଦ୍ରୋହୀମାନଙ୍କଠାରେ ନିଜ ପୁତ୍ରକୁ ବଳି ଦେଇଥିଲେ । ୧୪ ବର୍ଷ ବୟସ ହେବା ପରେ ଲି ଙ୍କ ପୁତ୍ର ସୁଆନ୍ ଝଓମାନଙ୍କର ରାଜା ହୋଇଥିଲେ । ସୁଆନ୍‌ଙ୍କ ବିରୋଧରେ ପଶ୍ଚିମ ପଟରୁ ବାରମ୍ବାର ଆକ୍ରମଣ ହୋଇଥିଲା । ସେ ଉକ୍ତ ଆକ୍ରମଣର ପ୍ରତିରୋଧ କରି ନ ପାରି ଅନେକ ଥର ପରାସ୍ତ ହୋଇଥିଲେ । ତାଙ୍କ ସମ୍ବନ୍ଧରେ ଅଭିଯୋଗ ଥିଲା ଯେ, ସେ ପାଶ୍ଚାତ୍ୟ ପ୍ରଦେଶଗୁଡ଼ିକୁ ଶାନ୍ତ କରି ପ୍ରାଚ୍ୟ ପ୍ରଦେଶଗୁଡ଼ିକ ବିରୋଧରେ ସେମାନଙ୍କୁ ନିୟୋଜିତ କରୁଥିଲେ । ଏହି ତଥ୍ୟର ସତ୍ୟତା ପ୍ରମାଣ ତଦାନୀନ୍ତନ ପୁସ୍ତକଦ୍ୱୟ 'ବୁକ୍ ଅଫ୍ ପଏଟ୍ରି' ଏବଂ 'ଡିସ୍‌କୋର୍ସେସ୍ ଅଫ୍ ଷ୍ଟେଟସ୍'ରୁ ମିଳିଥାଏ ।

ସୁଆନ୍‌ଙ୍କ ଉତ୍ତରାଧିକାରୀ ୟୁ ପାଓର ରାଜାଙ୍କୁ ଆକ୍ରମଣ କରି ପରାସ୍ତ କରିଥିଲେ ଏବଂ ତାଙ୍କ କନ୍ୟା ପଓଜ୍‌ଙ୍କୁ ବିବାହ କରିଥିଲେ । ପ୍ରାଚୀନ କାଳର ଏକ ପ୍ରଥା ଥିଲା ଯେ, ଯୁଦ୍ଧ ସମୟରେ ଓ ଶତ୍ରୁ ଆକ୍ରମଣ ସମୟରେ ରାଜା ସାମନ୍ତମାନଙ୍କର ସହାୟତା ପାଇଁ ଆଦେଶ ଦେଉଥିଲେ । ବାହ୍ୟ ଶତ୍ରୁ ଆକ୍ରମଣ ସମୟରେ ରାଜା ସାମନ୍ତମାନଙ୍କ ସାହାଯ୍ୟ ପାଇଁ କହିବା ନିମନ୍ତେ ଏକ ପ୍ରକାର ଧୂଆଁ ବାହାର କରୁଥିଲେ । ରାଜା ୟୁ ତାଙ୍କ ସ୍ତ୍ରୀ ପାଓସୁଙ୍କୁ ଖୁସି କରିବା ପାଇଁ ଭବ୍ୟ ଆଡ଼ମ୍ବର ସହିତ ସାମନ୍ତମାନଙ୍କୁ ଡାକିଥିଲେ । ସେମାନେ ଆସିବା ପରେ ରାଜା କହିଥିଲେ ଯେ, ତାଙ୍କ ଉପରେ କୌଣସି ବିପଦ ନାହିଁ । ସେମାନଙ୍କୁ ବୋକା ବନେଇବା ପାଇଁ ସେ ଡକେଇ ଥିଲେ । ତା'ପରେ ଉଚ୍ଚ ସ୍ୱରରେ ହସିଥିଲେ । ଏହା ଫଳରେ ସାମନ୍ତମାନେ ଅପମାନିତ ହୋଇଥିଲେ । ସେମାନେ ଅତ୍ୟନ୍ତ କ୍ରୋଧିତ ହୋଇ ଫେରି ଯାଇଥିଲେ । ୟୁଙ୍କ ପାଟରାଣୀ ପିତା ଶେନ୍‌ର ସାମନ୍ତ ଏହି ଅପମାନକୁ ତଥା ୟୁଙ୍କ ଦ୍ୱାରା ତାଙ୍କ କନ୍ୟାଙ୍କ ପ୍ରତି ଦୁର୍ବ୍ୟବହାରକୁ ସହ୍ୟ କରି ପାରି ନ ଥିଲେ । ତେଣୁ କରି ସେ ଖ୍ରୀ.ପୂ. ୭୭୧ ରେ ୟୁଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ ତଥା ରାଣୀ ପାଓଜ୍‌ଙ୍କୁ ବନ୍ଦୀ କରିଥିଲେ ।

ତା'ପରେ ସିଂହାସନର ବୈଧ ଉତ୍ତରାଧିକାରୀ ପିଙ୍ଗଙ୍କୁ ସାମନ୍ତମାନେ ରାଜା କରାଇଥିଲେ । ହାଓ ଅପେକ୍ଷା ଲୋୟାଙ୍ଗ ବୈଦେଶିକ ଆକ୍ରମଣରୁ ଅଧିକ ସୁରକ୍ଷିତ ଥିବାରୁ ପିଙ୍ଗ୍ ସେଠାକୁ ରାଜଧାନୀ ଉଠାଇ ନେଇଥିଲେ । ପିଙ୍ଗ୍‌ଙ୍କଠାରୁ ଝଓ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଯାଇଥିଲା ଏବଂ ତାଙ୍କ ପରେ ପରେ ତାହା ଚାରିଗୋଟି ଆଞ୍ଚଳିକ ରାଜ୍ୟରେ ବିଭକ୍ତ ହୋଇଯାଇଥିଲା ।

ଗୃହଯୁଦ୍ଧ ଏବଂ ଝଓ ବଂଶର ପତନ

ଝଓ ସାମ୍ରାଜ୍ୟ ଚାରି ଭାଗରେ ବିଭକ୍ତ ହୋଇ ଦୁର୍ବଳ ହୋଇଯାଇଥିଲା । ତେଣୁ କରି ତୁର୍କ, ମଙ୍ଗୋଲ ଏବଂ ଅନ୍ୟାନ୍ୟ କେତେକ ସମ୍ପ୍ରଦାୟ ଚୀନ୍‌କୁ ଉତ୍ତର ଓ ପଶ୍ଚିମ ଦିଗରୁ ଆକ୍ରମଣ କରିବା ପାଇଁ ସୁଯୋଗକୁ ଅପେକ୍ଷା କରିଥିଲେ । ଖ୍ରୀ.ପୂ. ୬୭୯ର ଝଓ ରାଜା ଦୁଇ ସାମନ୍ତ ହୁଆନ୍‌ଙ୍କୁ ତାଙ୍କର ମୁଖ୍ୟ ଉପଦେଷ୍ଟା ନିଯୁକ୍ତ କରିଥିଲେ; ହେଲେ ଖ୍ରୀ.ପୂ. ୬୩୪ ରେ ତାଙ୍କୁ ବରଖାସ୍ତ କରି ଚୀନ୍‌ର ସାମନ୍ତଙ୍କୁ ମୁଖ୍ୟ ଉପଦେଷ୍ଟା ରୂପରେ ନିଯୁକ୍ତ କରିଥିଲେ; ଫଳସ୍ୱରୂପ ସାମନ୍ତମାନେ ଦୁଇ ଭାଗ ହୋଇଯାଇଥିଲେ ଏବଂ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ଉକ୍ତ ଗୃହଯୁଦ୍ଧ ଏକ ସନ୍ଧି ମାଧ୍ୟମରେ ଖ୍ରୀ.ପୂ. ୫୪୬ ରେ ସମାପ୍ତ ହୋଇଥିଲା; ହେଲେ ଅଳ୍ପଦିନ ମଧ୍ୟରେ ପୁନର୍ବାର ଗୃହଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ସାମନ୍ତ ଚୁ କିନ୍ତୁ ଅନ୍ୟାନ୍ୟ ସାମନ୍ତମାନଙ୍କୁ ଦମନ କରି କ୍ଷମତାର ସନ୍ତୁଳନ ପ୍ରତିଷ୍ଠା କରିବାରେ ସକ୍ଷମ

ହୋଇଥିଲେ । ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ ସୁଦ୍ଧା ଝଓ ସାମ୍ରାଜ୍ୟର ସମସ୍ତ ସାମନ୍ତ ସ୍ୱାଧୀନ ରାଜାରେ ପରିଣତ ହୋଇସାରିଥିଲେ । ଗୃହଯୁଦ୍ଧରେ ଚୁ ରାଜ୍ୟର ସାମନ୍ତ ରାଜାଙ୍କ ଉପରେ ଚୀନ୍‌ର ସାମନ୍ତ ରାଜା ବିଜୟ ପାଇଥିଲେ । ତାଙ୍କ ପ୍ରଧାନମନ୍ତ୍ରୀ ଲିସୁ ତା'ପରେ ସ୍ୱାଧୀନ ଚିନ୍ ରାଜବଂଶର ପ୍ରତିଷ୍ଠା କରିଥିଲେ ।

ଚିନ୍-ସି-ହ୍ୱାଂ ତି

ଚୀନ୍ ରାଜବଂଶର ସର୍ବଶ୍ରେଷ୍ଠ ରାଜା ଚିନ୍-ସି-ହ୍ୱାଂ ତି ସମଗ୍ର ଚୀନ୍‌କୁ ଏକତ୍ରିତ କରି ଶାସନ କରିଥିଲେ । ସୁଦୃଢ଼ କେନ୍ଦ୍ରୀୟ ଶାସନ ବ୍ୟବସ୍ଥାଦ୍ୱାରା ଚୀନ୍‌ରେ ଶାନ୍ତିଶୃଙ୍ଖଳା ଆଣି ପାରିଥିଲେ ତଥା ଚୀନ୍ ସଭ୍ୟତାକୁ ଋଦ୍ଧିମନ୍ତ କରିଥିଲେ । ତାଙ୍କ ସାମ୍ରାଜ୍ୟର ରାଜଧାନୀ ଥିଲା ହିନ୍‌ୟାଙ୍ଗ୍ । ସେ ଏକ ବୀରଯୋଦ୍ଧା ଥିଲେ । ଯୁଦ୍ଧାଭିଯାନ କରି ସେ ଚାଓ, ଉଇ, ଇଏନ୍, ଚୀ, ଚୁ ଆଦି ଅନେକ ରାଜ୍ୟ ଜୟକରି ଚୀନ୍ ସହିତ ମିଶେଇ ଦେଇ ଚୀନର ସୀମାକୁ ଅହେତୁକ ଭାବେ ବୃଦ୍ଧି କରିଥିଲେ ।

ଚିନ୍-ସି-ହ୍ୱାଂ ତିଙ୍କ ଯୁଗାନ୍ତକାରୀ ଏବଂ ସର୍ବଶ୍ରେଷ୍ଠ କୀର୍ତ୍ତି ହେଉଛି ଚୀନ୍‌ର ସୁଦୀର୍ଘ ପ୍ରାଚୀର (ଦି ଗ୍ରେଟ୍ ୱାଲ୍)ର ନିର୍ମାଣ । ବାହ୍ୟଶତ୍ରୁ ଏବଂ ହୁଣ୍‌ମାନଙ୍କ ଆକ୍ରମଣରୁ ଚୀନ୍‌କୁ ସୁରକ୍ଷିତ ରଖିବା ପାଇଁ ସେ ଏହି ୨୨୫୦ ମାଇଲ ଦୈର୍ଘ୍ୟ ସୁଉଚ୍ଚ ପ୍ରାଚୀର ଚୀନ୍‌ର ଉତ୍ତର ଦିଗରେ ନିର୍ମାଣ କରାଇଥିଲେ । ଏହି ଦୀର୍ଘତମ ପ୍ରାଚୀର ପେକିଂର ପୂର୍ବରୁ ତିବ୍ବତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ପ୍ରାଚୀର ଦେହରେ ୧୩୦ ଗଜ ବ୍ୟବଧାନରେ ୧୨ ମିଟର ଉଚ୍ଚତା ବିଶିଷ୍ଟ ଗମ୍ବୁଜଗୁଡ଼ିକ ରହିଥିଲା । ଉକ୍ତ ଗମ୍ବୁଜଗୁଡ଼ିକରେ ସର୍ବଦା ସଶସ୍ତ୍ର ପ୍ରହରୀ ଜଗି ରହୁଥିଲେ ଶତ୍ରୁ ଆକ୍ରମଣକୁ ପ୍ରତିହତ କରିବା ପାଇଁ । ଏହି ବିଶାଳ ପ୍ରାଚୀର ପ୍ରାଚୀନ ବିଶ୍ୱର ସପ୍ତାଶ୍ଚର୍ଯ୍ୟଗୁଡ଼ିକ ମଧ୍ୟରେ ଅନ୍ୟତମ ଅଟେ । ଏହି ପ୍ରାଚୀର ନିର୍ମାଣ ପାଇଁ ସମ୍ରାଟ୍ ଚିନ୍-ସି-ହ୍ୱାଂ ତି ଶ୍ରମିକମାନଙ୍କ ପ୍ରତି ଅତ୍ୟନ୍ତ ନିର୍ଦ୍ଦୟ ଏବଂ କଠୋର ହୋଇ ଉଠିଥିଲେ ତଥା ଅମାନବିକତାର ସମସ୍ତ ସୀମା ଲଙ୍ଘନ କରିଯାଇ ସେମାନଙ୍କୁ ଶୋଷଣ କରିଥିଲେ । ଏହି ପ୍ରାଚୀର ନିର୍ମାଣ ପାଇଁ ପ୍ରଜାମାନେ ଓ ବନ୍ଦୀମାନେ ବିନା ପାରିଶ୍ରମିକରେ ୧୦ ବର୍ଷକାଳ ବେଠି ଖଟିଥିଲେ । ତେଣୁକରି ସେ ଅତ୍ୟନ୍ତ ଅପ୍ରିୟ ହୋଇ ପଡ଼ିଥିଲେ ।

ଚିନ୍-ସି-ହ୍ୱାଂ ତି ଥିଲେ ପ୍ରାଚୀନ ପରମ୍ପରାର ବିଶ୍ୱାସୀ ଏବଂ ଅନ୍ଧବିଶ୍ୱାସୀ । ତାଙ୍କ ନୀତିର ବିରୋଧାଚରଣ କରୁଥିବା ସମସ୍ତ ପୁସ୍ତକକୁ ସେ ପୋଡି ଦେଇଥିଲେ ତଥା ତାଙ୍କ ଆଦେଶ ମାନୁ ନଥିବା ଲୋକଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ଏହିପରି ଏକ ଉଦ୍ଭଟ ପରିକଳ୍ପନା ତାଙ୍କ ମୁଣ୍ଡରେ ଭରି ଦେଇଥିଲେ ତାଙ୍କ ସ୍ୱାର୍ଥାନ୍ୱେଷୀ ଚାଟୁକାରମାନେ । ସେମାନେ ତାଙ୍କଠାରେ ବଦ୍ଧମୂଳ ଧାରଣା ଜାଗ୍ରତ କରାଇ ଦେଇଥିଲେ ଯେ, ତାଙ୍କଠାରୁ ହିଁ ଚୀନ୍ ସାହିତ୍ୟର ଅଥମାରମ୍ଭ ହେବ ତେଣୁ ସମସ୍ତ ପୁରୁଣା ସାହିତ୍ୟକୁ ପୋଡିଦେବା ଉଚିତ । ଉପରୋକ୍ତ ଧାରଣାର ବଶବର୍ତ୍ତୀ ହୋଇ ଚିନ୍-ସି-ହ୍ୱାଂ ତି ପୁରୁଣା ପୁସ୍ତକ ପୋଡିବା ଭଳି ଏକ ଜଘନ୍ୟ ଅପରାଧ କରିଥିଲେ । ଖ୍ରୀ.ପୂ. ୨୧୦ରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ପରେ ତାଙ୍କର ଉତ୍ତରାଧିକାରୀ ମଧ୍ୟ ଆତ୍ମହତ୍ୟା କରିଥିଲେ । ତେଣୁକରି ରାଜ୍ୟର ପ୍ରଧାନମନ୍ତ୍ରୀ ଲିସୁ ଏବଂ ଜଣେ କିଂପୁରୁଷ (ନପୁଂସକ) ଚାଓ କାଓ ଶାସନଭାର ସମ୍ଭାଳିଥିଲେ । ଅଳ୍ପଦିନ ମଧ୍ୟରେ କିଂପୁରୁଷ ଚାଓ କାଓ, ଲିସୁଙ୍କୁ ହତ୍ୟାକରି ନିଜେ ରାଜା ହୋଇଯାଇଥିଲେ । ଏହା କିନ୍ତୁ ସାମନ୍ତ ରାଜାମାନଙ୍କ ସହନ ଶକ୍ତିର ବହୁତ ବାହାରେ ଥିଲା ।

ଚୀନ୍‌ର ବିଶାଳ ପ୍ରାଚୀର

ସେମାନଙ୍କ ମଧ୍ୟରୁ ଲିଉ ପାଙ୍ଗ୍ ନାମକ ସାମନ୍ତ ରାଜା ଚାଓ କାଓଙ୍କୁ ଖ୍ରୀ.ପୂ. ୨୦୨ରେ ସିଂହାସନଚ୍ୟୁତ କରି ନିଜେ ରାଜା ହୋଇଥିଲେ ଏବଂ ହାନ୍ ରାଜବଂଶର ପ୍ରତିଷ୍ଠା କରିଥିଲେ ।

ହାନ୍ ରାଜବଂଶ (ଖ୍ରୀ.ପୂ. ୨୦୨ - ୦୯)

ହାନ୍ ବଂଶର ପ୍ରଥମ ରାଜା ଲିଉପାଙ୍ଗ୍ ପ୍ରଥମେ ଅନେକ ରାଜ୍ୟକୁ ସ୍ୱୀକୃତି ଦେଇ ସେଠି ରାଜାମାନଙ୍କୁ ନିଯୁକ୍ତ କରିଥିଲେ; ହେଲେ ଉକ୍ତ ରାଜାମାନେ କ୍ଷମତାଶାଳୀ ହୋଇ ଉଠିବାରୁ ସମସ୍ତଙ୍କୁ ପରାସ୍ତ କରି ସେମାନଙ୍କ ସ୍ଥାନରେ ରାଜ୍ୟପାଳମାନଙ୍କୁ ନିଯୁକ୍ତ କରିଥିଲେ ।

ୱୁ ତି

ୱୁ ତି (ଖ୍ରୀ.ପୂ. ୧୪୧ ରୁ ୮୭) ଚୀନ୍‌ର ଶେଷ କ୍ଷମତାଶାଳୀ ରାଜା ଥିଲେ । ସେ ଉତ୍ତର କୋରିଆ, ଉତ୍ତର ଭିଏତ୍‌ନାମ, ଫରଗଣା ଆଦି ରାଜ୍ୟକୁ ଜୟ କରି ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ । ସେ ଜୟ କରିଥିବା ଅଞ୍ଚଳଗୁଡ଼ିକ ଚୀନ୍‌ର ଉପନିବେଶ ହୋଇ ରହିଥିଲେ । ୱୁ ତିଙ୍କ ମୃତ୍ୟୁ ପରେ ଚୀନ୍ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ସମଗ୍ର ଚୀନରେ ଅନେକଗୁଡ଼ିଏ କ୍ଷୁଦ୍ର ରାଜ୍ୟ ଗଢ଼ି ଉଠିଥିଲା । ଖ୍ରୀ.ପୂ. ୯ ରେ ୱାଙ୍ଗ୍ ବଂଶର ୱାଙ୍ଗ୍ ମାଙ୍ଗ୍ ନୂତନ ହାନ୍ ରାଜବଂଶ ପ୍ରତିଷ୍ଠା କରିଥିଲେ ।

ରାଜନୈତିକ ପ୍ରତିଷ୍ଠାନ ଏବଂ ବିଚାରଧାରା

ଚୀନ୍‌ର ପ୍ରତିଷ୍ଠିତ ଶାଙ୍ଗ୍, ଝଓ, ଚିନ୍ ଏବଂ ହାନ୍ ରାଜବଂଶର ଶାସନ କାଳରେ ଚୀନ୍‌ର ସଭ୍ୟତା, ସଂସ୍କୃତି ଏବଂ ରାଜନୈତିକ ବିକାଶ ଘଟିଥିଲା । କେତେକ ରାଜନୈତିକ ପ୍ରତିଷ୍ଠାନ ଗଢ଼ି ଉଠିବା ସହିତ ଅନେକ ବିଚାରଧାରାର ଉଦ୍ଭବ ହୋଇଥିଲା ।

ବିଚାରଧାରା

ପ୍ରାଚୀନ କାଳରେ ଅନେକଗୁଡ଼ିଏ ରାଜନୈତିକ ପ୍ରତିଷ୍ଠାନ ଚୀନରେ ଗଢ଼ି ଉଠିଥିଲା ତଥା ଅନେକ ରାଜନୈତିକ ବିଚାରଧାରା ପ୍ରଚଳିତ ଥିଲା ।

ଭଗବାନ୍‌ଙ୍କ ବୈଧାନିକ ଆଦେଶ

ପ୍ରାଚୀନ ଯୁଗରେ ଚୀନ୍‌ର ଅଧିବାସୀମାନେ ବିଶ୍ୱାସ କରୁଥିଲେ ଯେ, ରାଜା ଓ ତାଙ୍କର କ୍ଷମତା ତଥା ଅଧିକାର ଭଗବାନ୍‌ଙ୍କଦ୍ୱାରା ପ୍ରଦାନ ଓ ପ୍ରତ୍ୟାହାର କରାଯାଉଥିଲା । ଏହି ବିଶ୍ୱାସ ରାଜାଙ୍କଦ୍ୱାରା ଲୋକଙ୍କ ଉପକାର ଜଡ଼ିତ ଥିଲା ତଥା ରାଜ୍ୟରେ ପ୍ରଜାକୁଳ ସର୍ବୋଚ୍ଚ କ୍ଷମତାର ଅଧିକାରୀ ଥିଲେ । ଏହି ବିଚାରଧାରା କିନ୍ତୁ ରାଜାଙ୍କୁ ଭଗବାନ୍‌ଙ୍କ ପ୍ରତିନିଧି ରୂପରେ ସମର୍ଥନ କରୁ ନ ଥିଲା । ଏହି ବିଚାରଧାରାରେ ରାଜାଙ୍କୁ ଜଣେ ମଣିଷ ରୂପରେ ଗ୍ରହଣ କରାଯାଉଥିଲା, ଯିଏ କି ଭଗବାନ୍‌ଙ୍କ ଆଦେଶ ଅନୁଯାୟୀ ଲୋକଙ୍କ ଉପକାର କରିବା ପାଇଁ ଉଦ୍ଦିଷ୍ଟ ଥିଲେ । ଏହି ବିଚାରଧାରାରେ ଆହୁରି ମଧ୍ୟ ରହିଥିଲା ଯେ, ରାଜା ଯଦି ତାଙ୍କ କର୍ତ୍ତବ୍ୟରେ ଅବହେଳା କରନ୍ତି ଅଥବା ଲୋକଙ୍କ ମଙ୍ଗଳ ପାଇଁ ନିଜକୁ ନିୟୋଜିତ କରି ନ ପାରନ୍ତି, ତେବେ ଲୋକମାନେ ତାଙ୍କ ବିରୋଧରେ ବିଦ୍ରୋହ କରିବା ଅଧିକାର ପାଇଥିଲେ । ତେଣୁ କରି ଜନମଙ୍ଗଳକୁ ଚୀନ୍‌ର ରାଜାମାନେ ପବିତ୍ର କର୍ମରୂପରେ ଗ୍ରହଣ କରି ସମ୍ପାଦନ କରୁଥିଲେ ।

ପୂର୍ବପୁରୁଷଙ୍କ ଉପାସନା

ପ୍ରାଚୀନ ଯୁଗରେ ଚୀନ୍‌ର ଅଧିବାସୀମାନେ ବିଚାର କରୁଥିଲେ ଯେ, ମୃତ୍ୟୁ ପରେ ସେମାନଙ୍କ ପୂର୍ବପୁରୁଷମାନେ ଭଗବତ୍ ସତ୍ତାର ଅଧିକାରୀ ହୋଇଯାଉଥିଲେ । ଏହି ବିଚାରଧାରା ବିଜୟୀ ରାଜାଙ୍କୁ ପରାଜିତ ରାଜାଙ୍କ ରାଜ୍ୟକୁ ନିଜ

ରାଜ୍ୟରେ ମିଶେଇବା ବିଚାରଧାରାକୁ ବାରଣ କରୁଥିଲା; ହେଲେ ପରାଜିତ ରାଜାଙ୍କୁ ବିଜୟୀ ରାଜାଙ୍କ ଅଧୀନରେ ରହି ଶାସନ କରିବା ପାଇଁ ଅନୁମତି ଦିଆଯାଉଥିଲା । ଲୋକଙ୍କ ବିଶ୍ୱାସ ଥିଲା ଯେ, ଏହାଦ୍ୱାରା ପରାଜିତ ରାଜାଙ୍କ ପୂର୍ବପୁରୁଷମାନେ ଅପମାନିତ ହେବେ ନାହିଁ । ଏହି ବିଚାରଧାରାର ବଶବର୍ତ୍ତୀ ହୋଇ ବିଜୟୀ ଚଉବଂଶୀୟ ରାଜାମାନେ ପରାଜିତ ଶାଙ୍ଗ ରାଜାମାନଙ୍କୁ ସେମାନଙ୍କ ରାଜ୍ୟରେ ରାଜୁତି କରିବା ପାଇଁ ଅନୁମତି ଦେଇଥିଲେ ।

ସାମନ୍ତବାଦ

ପ୍ରାଚୀନ ଚୀନ୍‌ରେ ରାଜତନ୍ତ୍ର ପୁରୁଷାନୁକ୍ରମିକ ଥିଲା ଏବଂ ସାମନ୍ତ ରାଜାଙ୍କର ଅନୁଗତ ଥିଲେ । ସାମନ୍ତମାନେ ସମାଜରେ ସମ୍ଭ୍ରାନ୍ତ ବର୍ଗରେ ଅଧିଷ୍ଠିତ ହୋଇଥିଲେ । ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସାମନ୍ତବର୍ଗରୁ ନିଯୁକ୍ତ ହେଉଥିଲେ । ପ୍ରଶାସନିକ ବ୍ୟବସ୍ଥା ଅନେକାଂଶରେ ଜନାଭିମୁଖୀ ଏବଂ ବିକେନ୍ଦ୍ରିକ ଥିଲା । ତେଣୁ ସାମନ୍ତମାନେ ଅଶେଷ କ୍ଷମତାର ଅଧିକାରୀ ଥିଲେ । ଚୀନ୍‌ର ମହାନ୍ ଦାର୍ଶନିକ କନ୍‌ଫୁସିଅସ ମଧ୍ୟ ସାମନ୍ତମାନଙ୍କୁ ସମର୍ଥନ କରିଛନ୍ତି, କାରଣ ସେମାନେ ଜନହିତକର କାମରେ ନିୟୋଜିତ ହୋଇଥିଲେ । ଏତଦ୍‌ବ୍ୟତୀତ ଚୀନର ଲୋକମାନେ ଧର୍ମନିରପେକ୍ଷତା, ନୀତିନିଷ୍ଠତା, ଶୃଙ୍ଖଳା, ଜନତାଙ୍କ ସାର୍ବଭୌମତ୍ୱ ଆଦିରେ ମଧ୍ୟ ବିଶ୍ୱାସ କରୁଥିଲେ ।

ରାଜନୈତିକ ଅନୁଷ୍ଠାନ

ପରମ୍ପରା ଏବଂ ସମ୍ବିଧାନ : ପ୍ରାଚୀନ ଚୀନର ଏକ ସମ୍ବିଧାନ ରହିଥିଲା, ଯାହାକି ଲିଖିତ ନ ଥିଲା ବରଂ ପରମ୍ପରାଗତ ଥିଲା । ଏହାକୁ ସମସ୍ତେ ଅତ୍ୟନ୍ତ ପବିତ୍ର ଧର୍ମ ବୋଲି ମନେ କରୁଥିଲେ । ଉଭୟ ଜନତା ଓ ଶାସକ ସେମାନଙ୍କର ପୂର୍ବପୁରୁଷଙ୍କୁ ପୂଜା କରୁଥିଲେ । ରାଜା ଯଦି ଭଗବାନ୍‌ଙ୍କ ଆଦେଶକୁ ଅବମାନନା କରି ପ୍ରଜାଙ୍କ ମଙ୍ଗଳ କରୁ ନ ଥିଲେ, ତେବେ ଲୋକେ ତାଙ୍କୁ ବିତାଡ଼ିତ କରି ଦେଉଥିଲେ, ଯେପରିକି ଚଉ ରାଜା ୟୁ ତାଙ୍କ ସାମନ୍ତମାନଙ୍କଦ୍ୱାରା ବିତାଡ଼ିତ ହୋଇଥିଲେ, କାରଣ ସେ ଜନମଙ୍ଗଳ କରିବା ପାଇଁ ରହିଥିବା ଭଗବାନ୍‌ଙ୍କ ଆଦେଶକୁ ଅବମାନନା କରି କୁକାର୍ଯ୍ୟରେ ଲିପ୍ତ ହୋଇଥିଲେ ।

ଶାସନ ବିଧି : ଦକ୍ଷ ଏବଂ ଶିକ୍ଷିତ ଲୋକଙ୍କୁ ପ୍ରଶାସନିକ ଭାର ଅର୍ପଣ କରାଯାଇଥିଲା, ଯେଉଁମାନେ କି ରାଜା ବିପଥଗାମୀ ହେଲେ ଭଗବାନ୍‌ଙ୍କ ଆଦେଶ ସମ୍ବନ୍ଧରେ ଅବଗତ କରାଇ ତାଙ୍କୁ ସୁପଥକୁ ଫେରେଇ ଆଣି ପାରୁଥିଲେ । ରାଜାଙ୍କୁ ସେମାନେ ମହତ୍ତ୍ୱପୂର୍ଣ୍ଣ ପ୍ରଶାସନିକ ସମସ୍ୟା ସମ୍ବନ୍ଧରେ ଅବଗତ କରିବା ସହିତ ସମାଧାନ କରୁଥିଲେ । ଏହାକୁ ରାଜକାର୍ଯ୍ୟାଳୟର ଦଲିଲ ପ୍ରମାଣିତ କରେ, ଯାହାର ଆରମ୍ଭ ନିମ୍ନ ପ୍ରକାରେ ହୋଇଥାଏ; ଯଥା- "ରାଜା ଏହି ଆଦେଶ ଅନୁଯାୟୀ ରାଜି ଅଟନ୍ତି ଯେ", ...ଏଥିରୁ ଜଣାଯାଏ ଯେ, ରାଜା ଭଗବାନ୍‌ଙ୍କ ଆଦେଶ ଅନୁଯାୟୀ ଜନହିତକର କାର୍ଯ୍ୟ କରୁଥିଲେ ।

ଚୀନ୍ ସଭ୍ୟତାରେ ସାମାଜିକ ଜୀବନ

ପ୍ରାଚୀନ କାଳର ଚିନୀୟ ସମାଜରେ ସାମ୍ୟତା ନଥିଲା । ସାମାଜିକ ଜୀବନର ମୂଳ ଉତ୍ସ ଥିଲା ପରିବାର । ପରିବାର ଥିଲା ପିତୃକୈନ୍ଦ୍ରିକ ଏବଂ ସାଧାରଣତଃ ଯୌଥ ପରିବାର ପଦ୍ଧତି ପ୍ରଚଳିତ ଥିଲା । ବୟୋଜ୍ୟେଷ୍ଠ ପୁରୁଷ ପରିବାରର ମୁଖ୍ୟ ଥିଲେ । ସେମାନେ ପୂର୍ବପୁରୁଷଙ୍କୁ ପୂଜା କରୁଥିଲେ । ସେମାନଙ୍କ ବିଶ୍ୱାସ ଥିଲା ଯେ, ଯଦି ସେମାନେ କିଛି ଭୁଲ୍ ଅଥବା ଅନୈତିକ କାର୍ଯ୍ୟ କରନ୍ତି, ତେବେ ତାଙ୍କର ପୂର୍ବପୁରୁଷମାନେ ତାଙ୍କୁ ଦଣ୍ଡିତ କରିବେ; ଏପରିକି ମୃତ୍ୟୁ ପରେ ମଧ୍ୟ ପୂର୍ବପୁରୁଷମାନେ ଦଣ୍ଡବିଧାନ କରିପାରିବେ । ବୟୋଜ୍ୟେଷ୍ଠଙ୍କ ଆଦେଶ ସର୍ବଦା ପରିବାରରେ ସର୍ବମାନ୍ୟ ଥିଲା । ତାଙ୍କ ଆଦେଶ ଉପରେ ପ୍ରଶ୍ନ କରିବାର ଅଧିକାର କାହାରି ନଥିଲା ।

ସମାଜରେ ନାରୀମାନଙ୍କ ପାଇଁ ବିଶେଷ ସ୍ୱାଧୀନତା ନଥିଲା । ନାରୀମାନଙ୍କର ସମ୍ପତ୍ତି ଅଧିକାର ନଥିଲା । କାଛ ଅସ୍ଥିରେ ଖୋଦିତ ଲିପିରେ ସେ ସମୟରେ ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ପାଇଁ ବହୁ ବିବାହ ପ୍ରଥା ପ୍ରଚଳିତ ଥିବା ଉଲ୍ଲେଖ କରାଯାଇଛି । ସ୍ତ୍ରୀମାନେ ମଧ୍ୟ ଏକାଧିକ ସ୍ୱାମୀ ଗ୍ରହଣ କରିପାରୁଥିଲେ । ସାଧାରଣତଃ ନାରୀମାନେ ଅଶିକ୍ଷିତା ଥିଲେ; ହେଲେ କେତେକ ବ୍ୟତିକ୍ରମ ମଧ୍ୟ ରହିଥିଲା । ନାରୀମାନେ ସର୍ବଦା ଗୃହକର୍ମରେ ଲିପ୍ତ ରହୁଥିଲେ । ବିବାହ ଥିଲା ଏକ ବାଧ୍ୟତାମୂଳକ ସାମାଜିକ କାର୍ଯ୍ୟ । ଝିଅ ପାଇଁ ୧୭ ବର୍ଷ ଏବଂ ପୁଅ ପାଇଁ ୨୦ ବର୍ଷ ବୟସକୁ ବିବାହ ପାଇଁ ଯୋଗ୍ୟ ବୟସ ରୂପରେ ଧାର୍ଯ୍ୟ କରାଯାଇଥିଲା । ବିଧବା ବିବାହ ମଧ୍ୟ ପ୍ରଚଳିତ ଥିଲା । ଏହିପରି ଏକ ପାରିବାରିକ ସଂସ୍କୃତିରୁ ଜନ୍ମିତ ନୈତିକତା, ସାମାଜିକ ଜୀବନରେ ତା'ର ପ୍ରାଧାନ୍ୟ ବିସ୍ତାର କରିଥିଲା ।

ସମାଜ ତିନୋଟି ବର୍ଗ ଅଥବା ଶ୍ରେଣୀରେ ବିଭାଜିତ ଥିଲା; ଯଥା- ଶାସକ ବର୍ଗ, ସମ୍ଭ୍ରାନ୍ତ ଓ ପୂଜକ ବର୍ଗ, ସର୍ବସାଧାରଣ ଏବଂ ଦାସ । ସମ୍ଭ୍ରାନ୍ତ ଅଥବା ସାମନ୍ତ ବର୍ଗ ଏବଂ ପୂଜକ ବର୍ଗ ଥିଲା ପୁରୁଷାନୁକ୍ରମିକ । ରାଜାଙ୍କ କୃପାଲାଭ କରି ସାଧାରଣ ବର୍ଗର ଲୋକେ ମଧ୍ୟ ସମ୍ଭ୍ରାନ୍ତ ଏବଂ ପୂଜକ ବର୍ଗକୁ ଉନ୍ନୀତ ହୋଇପାରୁଥିଲେ । ଏହି ବ୍ୟବସ୍ଥାରେ ରାଜା ଥିଲେ ସର୍ବେସର୍ବା । ତାଙ୍କ ତଳକୁ ରହିଥିଲେ ସାମନ୍ତ ଓ ପୂଜକ ଗୋଷ୍ଠୀ । ଏହି ଦୁଇ-ବର୍ଗ ସମାଜର ସବୁ ପ୍ରକାର ସୁବିଧାସୁଯୋଗ ଉପଭୋଗ କରୁଥିଲେ । ସର୍ବତ୍ର ଓ ସବୁ କ୍ଷେତ୍ରରେ ସେମାନଙ୍କର ଅଗ୍ରାଧିକାର ଅଥବା ବିଶେଷ ଅଧିକାର ରହିଥିଲା । ରାଜା, ରାଜ୍ୟର ସମସ୍ତ ସମ୍ପତ୍ତିକୁ ସାମନ୍ତମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଯୁଦ୍ଧ ସମୟରେ ରାଜାଙ୍କୁ ସାହାଯ୍ୟ କରିବା ଦାୟିତ୍ୱ ରହିଥିଲା ସାମନ୍ତମାନଙ୍କ ଉପରେ । ସମୟର ଅଗ୍ରଗତି ସହିତ ବ୍ୟବସାୟ ବାଣିଜ୍ୟ, ନିର୍ମାଣ କାର୍ଯ୍ୟ, ସାମାଜିକ ପ୍ରତିପତ୍ତି ଆଦିରେ ମଧ୍ୟ ବୃଦ୍ଧି ଘଟିଥିଲା; ଫଳରେ ବଣିକ ଏବଂ କାରିଗରମାନେ ଧନଶାଳୀ ହୋଇ ଅଧିକ ସାମାଜିକ ମର୍ଯ୍ୟାଦା ପାଇପାରୁଥିଲେ । ସମାଜର ସର୍ବବୃହତ୍ ଅଂଶ ଥିଲେ କୃଷକମାନେ ହେଲେ ସେମାନେ ସାମନ୍ତଙ୍କ ସହିତ ଜଡିତ ରହି କୃଷିକାର୍ଯ୍ୟ କରୁଥିଲେ । ସର୍ବନିମ୍ନ ବର୍ଗ ଥିଲେ କ୍ରୀତଦାସମାନେ । ସେମାନେ ସର୍ବଦା ନିର୍ଯାତନା ମଧ୍ୟରେ ଦୟନୀୟ ଜୀବନଯାପନ କରୁଥିଲେ । ଯୁଦ୍ଧବନ୍ଦୀମାନଙ୍କୁ ଦାସ ରୂପରେ ରଖାଯାଉଥିଲା । ପ୍ରତ୍ୟେକ ବର୍ଗ ପାଇଁ ଜୀବନଧାରଣର ମାନ ନିର୍ଦ୍ଧାରଣ କରାଯାଇଥିଲା; ଯାହାକୁ ଅବମାନନା କରିବା ଅଧିକାର କାହାରି ନଥିଲା ।

ସାଙ୍ଗ୍ ରାଜବଂଶର ରାଜାମାନେ ସମରବିଳାସୀ ଥିବାରୁ ତାଙ୍କ ରାଜୁତି କାଳରେ ସୈନ୍ୟମାନଙ୍କର ପ୍ରାଧାନ୍ୟ ଅଧିକ ଥିଲା । ସେମାନେ କେତେକ ବିଶେଷ ସୁବିଧାସୁଯୋଗ ପାଉଥିଲେ । ଚିନୀୟ ସମାଜରେ ପଣ୍ଡିତ ଓ ବିଦ୍ୱାନ୍‌ମାନଙ୍କର ମଧ୍ୟ ଅଧିକ ପ୍ରାଧାନ୍ୟ ରହିଥିଲା । ସେମାନେ ଉଚ୍ଚ ବର୍ଗରେ ସମ୍ମିଳିତ ହେଉଥିଲେ ଏବଂ ଅଧିକ ସମ୍ମାନ ମଧ୍ୟ ପାଉଥିଲେ ।

ଅର୍ଥନୈତିକ ଜୀବନ

ପ୍ରାଚୀନ କାଳରେ କୃଷି ଓ ପଶୁପାଳନ ଉପରେ ଚୀନ୍‌ର ଅର୍ଥନୀତି ପର୍ଯ୍ୟବସିତ ଥିଲା । ଲୋକମାନେ ମାଂସ ଓ ଚମଡା ପାଇଁ ବନ୍ୟଜନ୍ତୁ ଶିକାର କରୁଥିଲେ । ସେମାନେ ଘୋଡା, କୁକୁର, ଘୁଷୁରି, ଛେଳି, ମେଣ୍ଢା, ଗାଈ, ହରିଣ ଆଦି ଜୀବଙ୍କୁ ଘରେ ପାଳନ କରୁଥିଲେ । ବିଶେଷ ରୂପରେ ସେମାନେ ଘୁଷୁରିକୁ ବଳି ଦେଉଥିଲେ । ଗୃହପାଳିତ ପଶୁଙ୍କଠାରୁ ସେମାନେ ମାଂସ, ଚମଡା ଏବଂ ପଶମ ପାଉଥିଲେ । ଗୃହପାଳିତ ପଶୁଗୁଡ଼ିକୁ ଭାରବହନ, ଜମିରେ ହଳ କରିବା, ଗାଡି ଟାଣିବା ଆଦି କାର୍ଯ୍ୟରେ ନିଯୁକ୍ତ କରୁଥିଲେ । ସେମାନେ ବାଜ୍ରା, କୁଟେ, କୋଡୋନ୍ ଆଦି ଶସ୍ୟ ଚାଷ କରୁଥିଲେ । ସେମାନେ ପନିପରିବା, ମାଛ ଓ ମାଂସ ଆଦି ଖାଉଥିଲେ । ସେମାନେ ଜମିରୁ ବର୍ଷକୁ ଦୁଇରୁ ତିନି ପ୍ରକାର ଶସ୍ୟ ଉତ୍ପାଦନ କରୁଥିଲେ । ଜମିରେ ସାର ପ୍ରୟୋଗ ଏବଂ ଜଳସେଚନ ସମ୍ବନ୍ଧରେ ସେମାନେ ଜାଣିଥିଲେ ।

ସେମାନେ ସୂକ୍ଷ୍ମ ବସ୍ତ୍ର ବୁଣିବାରେ ସିଦ୍ଧହସ୍ତ ଥିଲେ । ବୟନ ଏବଂ ରେଶମ ଶିଳ୍ପ ଥିଲା ଚୀନ୍‌ମାନଙ୍କ ଜୀବିକା ନିର୍ବାହର ଅନ୍ୟତମ କର୍ମ । ପ୍ରାଚୀନ କାଳରେ ଚୀନ୍‌ର ରେଶମ ଶିଳ୍ପ ଥିଲା ଗୁରୁତ୍ୱପୂର୍ଣ୍ଣ । ମହିଳାମାନେ ରେଶମ କୀଟ ପାଳନ, ରେଶମ ଉତ୍ପାଦନ ଏବଂ ରେଶମ ସୂତା ବାହାର କରି ବସ୍ତ୍ର ବୁଣିବା କାର୍ଯ୍ୟ କରୁଥିଲେ । ରେଶମ ଉତ୍ପାଦନ ଥିଲା ଚୀନ୍‌ର ଶ୍ରେଷ୍ଠ ଏବଂ ସର୍ବବୃହତ୍ କୁଟୀର ଶିଳ୍ପ । ଲୁଗାବୁଣା ସହିତ କାଠକାମ, କାଠକୁ କୁନ୍ଦିକରି ସୁନ୍ଦର ଆସବାବପତ୍ର ତିଆରି, ପାପୋଛ ସିଲେଇ, ମାଟିପାତ୍ର ତିଆରି, ତମ୍ବା ପିତ୍ତଳ ଆଦିର ବାସନ ତିଆରି, ମୂଲ୍ୟବାନ ପଥରରେ ଗହଣା ତିଆରି, ଧନୁତୀର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ତିଆରି, ପଶୁପକ୍ଷୀଙ୍କ ପରି ଖେଳଣା ତିଆରି ମଧ୍ୟ କରୁଥିଲେ ।

ବ୍ୟବସାୟ ବାଣିଜ୍ୟ ପାଇଁ କଉଡ଼ି ଥିଲା ବିନିମୟର ମାଧ୍ୟମ । ଐତିହାସିକ ସମୟରେ ରୋମ୍, ପାର୍ସିଆ ଆଦି ଅନେକ ଦେଶ ସହିତ ଚୀନ୍‌ର ବହିର୍ବାଣିଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଚୀନ୍‌ର ରପ୍ତାନୀର ମୁଖ୍ୟ ଜିନିଷ ଥିଲା ରେଶମ ବସ୍ତ୍ର । ବହିର୍ବାଣିଜ୍ୟଦ୍ୱାରା ବଣିକମାନେ ବିଶେଷ ଧନୀ ହୋଇପାରୁଥିଲେ । ହାନ୍ ରାଜବଂଶର ରାଜୁତି କାଳରେ ରାଜ୍ୟ ଜୟଦ୍ୱାରା ଚୀନ୍‌ର ସୀମାବୃଦ୍ଧି ସହିତ ଅନ୍ୟାନ୍ୟ ଅନେକ ଦେଶ ସହିତ ଚୀନ୍‌ର ବାଣିଜ୍ୟିକ ସମ୍ପର୍କ ମଧ୍ୟ ସ୍ଥାପିତ ହୋଇଥିଲା । ପୁନଶ୍ଚ ଜଳ ଓ ସ୍ଥଳ ଭାଗରେ ଅନେକ ବାଣିଜ୍ୟ ପଥ ନିର୍ମାଣ କରାଯାଇଥିଲା । ଫଳସ୍ୱରୂପ ବ୍ୟବସାୟ ବାଣିଜ୍ୟରେ କ୍ଷିପ୍ର ବୃଦ୍ଧି ଘଟିଥିଲା । ଚୀନାମାନେ ଚା, କାଚ, ରେଶମ ବସ୍ତ୍ର, ଅଫିମ, ତମାଖୁ ଚୀନାମାଟିର ବାସନକୁସନ ତିଆରି କରି ରପ୍ତାନି କରୁଥିଲେ ।

ଏହିପରି ଭାବରେ ବ୍ୟବସାୟ ବାଣିଜ୍ୟ ଥିଲା ଚୀନ୍ ସଭ୍ୟତାର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଓଟ ଓ ଖଚ୍ଚର ସାହାଯ୍ୟରେ ଚୀନାମାନେ ଦୂରଦେଶଗୁଡ଼ିକୁ ଜିନିଷ ପଠାଉଥିଲେ । ଫଳରେ ସେହି ଦେଶଗୁଡ଼ିକ ସହିତ ଚୀନ୍‌ର ବାଣିଜ୍ୟିକ ସମ୍ପର୍କ ଗଢ଼ି ଉଠୁଥିଲା । ଦିଗ ନିର୍ଣ୍ଣୟ ଯନ୍ତ୍ରର ଉଦ୍ଭାବନ ସାମୁଦ୍ରିକ ବାଣିଜ୍ୟ ପାଇଁ ବିଶେଷ ସହାୟକ ହୋଇଥିଲା । ବାଣିଜ୍ୟ ବ୍ୟବସାୟରେ ବୃଦ୍ଧି ସହିତ ଚୀନ୍‌ର ଆର୍ଥିକ ଅବସ୍ଥାରେ ମଧ୍ୟ ଉନ୍ନତି ହୋଇଥିଲା ।

ଚୀନ୍ ସଭ୍ୟତାର ଅବଦାନ

ବାହ୍ୟ ପ୍ରଭାବରୁ ମୁକ୍ତ ରହି ଗଢ଼ି ଉଠିଥିଲା ଚୀନ୍ ସଭ୍ୟତା ନିଜସ୍ୱ ଶୈଳୀରେ । ଅନ୍ୟାନ୍ୟ ପ୍ରାଚୀନ ସଭ୍ୟତା ପରି ଚୀନ୍ ସଭ୍ୟତା ମଧ୍ୟ ବିଶ୍ୱ ସଂସ୍କୃତିକୁ ଋଦ୍ଧିମନ୍ତ ଓ ପରିପୁଷ୍ଟ କରିଥିଲା । ମାନବ ଜାତିର ବିକାଶ ନିମନ୍ତେ ଏବଂ ବିଶ୍ୱକୁ ଉନ୍ନତ ସଭ୍ୟତା ଆଡ଼କୁ ଆଗେଇ ନେବା ଦିଗରେ ଚୀନ୍ ସଭ୍ୟତାର ଅବଦାନ ଅନନ୍ୟ ଅଟେ ।

ଲିଖନ ପ୍ରଣାଳୀ

ପ୍ରାକ୍ ଐତିହାସିକ ଯୁଗରୁ ଚୀନ୍‌ରେ ଛବିଲିପିର ବ୍ୟବହାର ଆରମ୍ଭ ହୋଇଥିଲା । ନିଜ ମନର ଭାବକୁ ପ୍ରକାଶ କରିବା ପାଇଁ ସେମାନେ କ୍ଷୁଦ୍ର କ୍ଷୁଦ୍ର ଛବିଗୁଡ଼ିକ ଅଙ୍କନ କରୁଥିଲେ; ଯାହାକୁ ଛବି ସଙ୍କେତ ଅଥବା ଛବିଲିପି କୁହାଯାଉଥିଲା । ପରବର୍ତ୍ତୀ ସମୟରେ ସେମାନେ ମନର ଭାବକୁ ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରକାରର ଚିହ୍ନ ବ୍ୟବହାର କରୁଥିଲେ, ଯାହାକୁ ଭାବ ସଙ୍କେତ କୁହାଯାଉଥିଲା । ତା'ପରେ ମନର ଭାବ ବ୍ୟକ୍ତ କରିବା ପାଇଁ ସେମାନେ ବିଭିନ୍ନ ଧ୍ୱନିର ସାହାଯ୍ୟ ନେଉଥିଲେ ଏବଂ ପଶୁପକ୍ଷୀଙ୍କ ପରି ବିଭିନ୍ନ ଧ୍ୱନି ସୃଷ୍ଟି କରି ଅନ୍ୟମାନଙ୍କୁ ନିଜର ଚିନ୍ତା ଓ ଭାବ ସମ୍ବନ୍ଧରେ ଅବଗତ କରାଉଥିଲେ । ଏହାକୁ ଧ୍ୱନି ସଙ୍କେତ କୁହାଯାଉଥିଲା । ମନର ଭାବକୁ ପ୍ରକାଶ କରିବା ପାଇଁ ସେମାନେ ହଜାର ହଜାର ସଙ୍କେତ ଆଙ୍କୁଥିଲେ, ଯାହାକି ଲିଖନ ପ୍ରଣାଳୀକୁ ଜନ୍ମ ଦେଇଥିଲା । ଅନୁସନ୍ଧିତ୍ସୁମାନଙ୍କର ଗଣନା ଅନୁଯାୟୀ ଚୀନାମାନେ ଭାବ ପ୍ରକାଶ କରିବା ପାଇଁ ପ୍ରାୟ ୫୫,୦୦୦ ସଙ୍କେତ ବ୍ୟବହାର


ଚୀନ୍‌ର ପ୍ରାଚୀନ ଲିପି

କରୁଥିଲେ । ଏତେବେଶି ସଂଖ୍ୟକ ସଙ୍କେତ ମନେରଖିବା ଜଣେ ମଣିଷ ପକ୍ଷେ ଅସମ୍ଭବ ଥିଲା । ଏବେ ମଧ୍ୟ ଚୀନ୍‌ରେ ଉକ୍ତ ସଙ୍କେତଗୁଡ଼ିକ ମଧ୍ୟରୁ ପ୍ରାୟ ୪୦୦୦ ସଙ୍କେତ ପ୍ରଚଳିତ ଥିବାର ଜଣାଯାଏ । ପରବର୍ତ୍ତୀ ସମୟରେ ଏହି ସଙ୍କେତଗୁଡ଼ିକ ଚୀନ୍‌ବାସୀଙ୍କ ଲିପି ଉଦ୍ଭାବନରେ ବିଶେଷ ସହାୟକ ହୋଇଥିଲା ।

କଲମ, କାଳି ଓ ଦୁଆତ

ଲିଖନ ପ୍ରଣାଳୀ ଉଦ୍ଭାବନ ସହିତ ଓତପ୍ରୋତ ଭାବରେ କଲମ, କାଳି, ଦୁଆତ ଆଦି ଜଡ଼ିତ । ଲେଖିବା ପାଇଁ ସେମାନେ ପ୍ରଥମେ ବାଉଁଶ କଣି ଅଥବା ବାଉଁଶକୁ ଗୋଜିଆ କରି କଲମ ତିଆରି କରିଥିଲେ । ବାଉଁଶପାତ ଓ କାଠ ପଟାରେ ସେମାନେ ପ୍ରାଥମିକ ଅବସ୍ଥାରେ ଲେଖୁଥିଲେ । ରୋଷେଇ ପାଇଁ ବ୍ୟବହାର କରାଯାଉଥିବା ମାଟିହାଣ୍ଡି ତଳର କଳାରେ ଚୀନାମାନେ ପାଣି ଓ ଅଠା ମିଶାଇ କାଳି ପ୍ରସ୍ତୁତ କରୁଥିଲେ । ସେହି କାଳିରେ ବାଉଁଶ କାଠିକୁ ବୁଡେଇ ସେମାନେ କାଠପଟା ଓ ବାଉଁଶ ଫଳକରେ ଚିତ୍ର ଆଙ୍କିବା ପରି ଲିପିଗୁଡ଼ିକୁ ଲେଖୁଥିଲେ । ସମୟକ୍ରମେ ସଭ୍ୟତା ଆଗେଇ ଚାଲିଲା ଏବଂ ତା' ସହିତ ପରିବର୍ତ୍ତନ ହେଲା ଲିଖନ ଶୈଳୀ ଓ ଉପକରଣରେ । ଓଟଲୋମରେ ତୁଳୀ ତିଆରି କରିବା ସେମାନେ ଶିକ୍ଷା କରିଥିଲେ । ତା'ପରେ ଓଟଲୋମର ତୁଳୀକୁ କାଳିରେ ବୁଡାଇ ବାଉଁଶପାତ ଓ କାଠପଟା ପରିବର୍ତ୍ତେ ରେଶମ ବସ୍ତ୍ର ଉପରେ ଲେଖିବା ଆରମ୍ଭ କରିଦେଇଥିଲେ, ଯାହାକି ସହଜସାଧ୍ୟ, ସୁନ୍ଦର ଓ ଦୀର୍ଘସ୍ଥାୟୀ ହୋଇଥିଲା । କାଳିକୁ ସେମାନେ ଏକପ୍ରକାର ଛୋଟ ମୁହଁ ବିଶିଷ୍ଟ ପାତ୍ରରେ ରଖୁଥିଲେ, ଯାହାକୁ ଦୁଆତ କୁହାଯାଉଥିଲା । ପରବର୍ତ୍ତୀ ସମୟରେ କାଳି ଅଥବା କଳାପାଣିକୁ ଶୁଖାଇ ଖଣ୍ଡ ଖଣ୍ଡ କରି ରଖୁଥିଲେ, ଯାହା ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଥିଲା । ଆବଶ୍ୟକ ସମୟରେ ଏହି କଳା ଖଣ୍ଡଗୁଡ଼ିକୁ ଦୁଆତରେ ଭର୍ତ୍ତିକରି ଆବଶ୍ୟକ ଅନୁଯାୟୀ ପାଣି ମିଶେଇ ପୁନଶ୍ଚ କାଳିରେ ପରିଣତ କରୁଥିଲେ । ସୁଗନ୍ଧ ପକାଇ କାଳିକୁ ସୁଗନ୍ଧିତ ମଧ୍ୟ କରୁଥିଲେ ।

କାଗଜ

ଆବଶ୍ୟକତା ହିଁ ହେଉଛି ଯୁଗେଯୁଗେ ଉଦ୍ଭାବନର ଜନନୀ । ଆବଶ୍ୟକତା ପୂରଣ କରିବା ପାଇଁ ଚୀନାମାନେ ଅନେକ ଜିନିଷ ଉଦ୍ଭାବନ କରିଥିଲେ । ତନ୍ମଧ୍ୟରେ ଥିଲା କାଗଜ । ବିଶ୍ୱରେ ସର୍ବପ୍ରଥମେ ଚୀନାମାନେ କାଗଜ ଉଦ୍ଭାବନ କରିଥିଲେ । ବାଉଁଶ, କାଠ ଏବଂ ରେଶମ ବସ୍ତ୍ର ଉପରେ ଲେଖିକରି ସେଗୁଡ଼ିକୁ ସାଇତି ରଖିବା କଷ୍ଟକର ଥିଲା । ତେଣୁକରି ସେମାନଙ୍କ ମସ୍ତିଷ୍କ ନୂତନ ଚିନ୍ତାଧାରା ଆଡକୁ ଆଗେଇଥିଲା । ତା'ପରେ ସେମାନେ ଛିଣ୍ଡାବସ୍ତ୍ର, ଗଛର ବଲ୍‌କଲ, ଛଣ, ଘାସ ଆଦିକୁ ଚୂର୍ଣ୍ଣକରି ପାଣି ଓ ଅଠା ସହିତ ମିଶ୍ରଣ କରି ନିଆଁରେ ଫୁଟାଇ ଏକ ପ୍ରକାରର ଦ୍ରବଣ ତିଆରି କରୁଥିଲେ । ସେହି ଦ୍ରବଣକୁ ସୂର୍ଯ୍ୟକିରଣ ପଡୁଥିବା ସମତଳ ସ୍ଥାନରେ ଢ଼ାଳିକରି ସମାନ ଭାବରେ ଖେଳେଇ ଦେଉଥିଲେ । ଶୁଖିଗଲା ପରେ ଉଠେଇ ଆଣୁଥିଲେ ତାହାହିଁ ଥିଲା ପୃଥିବୀର ପ୍ରଥମ କାଗଜ । ସମ୍ଭବତଃ ଖ୍ରୀ.ପୂ. ୧୦୫ ସୁଦ୍ଧା ଚୀନାମାନେ କାଗଜ ଉଦ୍ଭାବନ କରିଥିଲେ ।

ସାହିତ୍ୟ

ପ୍ରାଚୀନ କାଳରେ ଚୀନରେ ଲିଖନ ପ୍ରଣାଳୀ ସହିତ ଯୁଗାନ୍ତକାରୀ ସାହିତ୍ୟ ମଧ୍ୟ ସୃଷ୍ଟି କରାଯାଇଥିଲା । ରାଜା ଚିନ୍-ସିଂ-ହ୍ୱାଂ ତି ପ୍ରାଚୀନ ସାହିତ୍ୟ ସବୁକୁ ଧ୍ୱଂସ କରିଥିଲେ ମଧ୍ୟ ନୂତନ ସାହିତ୍ୟ ସର୍ଜନା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ଚାଉ ରାଜବଂଶର ଶାସନକାଳରେ ଚୀନ୍‌ରେ ସାହିତ୍ୟ ସାଧନା ଏବଂ ସର୍ଜନା ଆରମ୍ଭ ହୋଇଥିଲା । ଚାଉ ବଂଶର ପ୍ରତିଷ୍ଠାତା ରାଜା ଜଣେ ସାମନ୍ତ ରାଜା ଶାଓଙ୍କୁ ଲେଖିଥିବା ଚିଠି ସ୍ୱରୂପରେ ଏକ ସରକାରୀ ଦଲିଲ୍ ଏବଂ ତାମ୍ର ପାତ୍ରରେ ଖୋଦିତ ହୋଇଥିବା ଏକ ପୁସ୍ତକ ଆବିଷ୍କୃତ ହେବାପରେ ଏହା ସ୍ପଷ୍ଟ ହୋଇଛି ଯେ, ଚୀନ୍ ଅଧିବାସୀମାନେ ଦୈନନ୍ଦିନ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣା, ସାମ୍ରାଜ୍ୟ ଓ ରାଜାଙ୍କ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକୁ ଲିପିବଦ୍ଧ କରି ସାଇତି

ରଖୁଥିଲେ । ନଥିପତ୍ର, ସରକାରୀ ଦଲିଲ ଆଦିକୁ ସଂଗ୍ରହ କରି ସୁରକ୍ଷିତ ରଖିବାକୁ ସେମାନେ ପବିତ୍ର ଓ ଧାର୍ମିକ କାର୍ଯ୍ୟ ରୂପରେ ବିବେଚନା କରୁଥିଲେ । ଖ୍ରୀ.ପୂ. ୨୯୬ରେ ସମାଧି ଦିଆଯାଇଥିବା ଜଣେ ରାଜାଙ୍କ ସମାଧି ମଧ୍ୟରୁ ସରକାରୀ ଦଲିଲ୍ ଓ ଆଦେଶ ଲେଖାଥିବା ବାଉଁଶ ଫଳକ ଏବଂ ଦଣ୍ଡନୀତି ଖୋଦିତ ପିତ୍ତଳ ପାତ୍ରର ଆବିଷ୍କାରରୁ ପ୍ରମାଣିତ ହୁଏ ଯେ, ଚୀନ୍ ଅଧିବାସୀମାନେ ସେମାନଙ୍କର ନଥିପତ୍ର, ଦଲିଲ ଆଦିକୁ ସୁରକ୍ଷିତ ରଖୁଥିଲେ । ଆବିଷ୍କୃତ ହୋଇଥିବା କେତୋଟି ସାହିତ୍ୟ କୃତି ବାବଦରେ ନିମ୍ନରେ ପ୍ରଦତ୍ତ ହେଲା ।

(କ) ଇ-ଚିଙ୍ଗ୍ : ଏହି ପୁସ୍ତକକୁ ଧାର୍ମିକ ମାନ୍ୟତା ଦିଆଯାଉଥିଲା । ଏହି ବହିରେ ରହିଥିବା ସରଳରେଖାଗୁଡ଼ିକ ସାହାଯ୍ୟରେ ୬୪ଗୋଟି ଚିତ୍ର କରାଯାଇ ଭବିଷ୍ୟତରେ ଘଟିବାକୁ ଥିବା ଘଟଣାଗୁଡ଼ିକ ସମ୍ବନ୍ଧରେ କୁହାଯାଇ ପାରୁଥିଲା ।

(ଖ) ଶାଂ-ସୁ : ଚାଉମାନଙ୍କ ରାଜତ୍ୱକାଳରେ ପ୍ରାୟ ଖ୍ରୀ.ପୂ. ୬୦୦ରେ ଏହି ପୁସ୍ତକ ରଚନା କରାଯାଇଥିଲା ।

(ଗ) ଶିଃ-ଚିଙ୍ଗ୍ : ଏହା ସମ୍ପୂର୍ଣ୍ଣ ରୂପରେ ଏକ ସାହିତ୍ୟକୃତି ଥିଲା । କନ୍‌ଫୁସିଅସ୍‌ଙ୍କ ଦ୍ୱାରା ସମ୍ପାଦିତ ୩୧୧ଗୋଟି ଧାର୍ମିକ ସଙ୍ଗୀତ ଏହି ବହିରେ ରହିଥିଲା ।

(ଘ) କୁ-ୟୁ : ଏହା ଗଦ୍ୟାକାରରେ ଲିଖିତ ଏକ ପୁସ୍ତକ ଥିଲା । ଏହି ପୁସ୍ତକରେ ଖ୍ରୀ.ପୂ. ୧୦ମ ଶତାବ୍ଦୀରୁ ଖ୍ରୀ.ପୂ. ୬୦୦ ପର୍ଯ୍ୟନ୍ତ ଘଟିଥିବା ଘଟଣାବଳୀ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିଲା । ଏହି ସବୁ ଘଟଣାକୁ ପୁଷ୍ଟି କରୁଥିଲା ତାମ୍ର ପାତ୍ରରେ ଉତ୍କୀର୍ଣ୍ଣ କରାଯାଇଥିବା ଦଲିଲରୂପୀ ପୁସ୍ତକ ।

(ଙ) ଇ-ଲି ଚୀନ୍‌ରେ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣିଗୁଡ଼ିକର ପାଳନବିଧି, ନୀତିନିୟମ ଏହି ପୁସ୍ତକରେ ଲେଖାଯାଇଥିଲା ।

ଲିଓ-ବାଇ-ଚି, ଅର୍ଥାତ୍ ଅଦ୍ଭୁତ ଗଳ୍ପଗୁଚ୍ଛ । ସାନ୍-କିଓ-ଚି-ୟେନ୍ ଅର୍ଥାତ୍ ତିନୋଟି ରାଜ୍ୟର ଉପକଥା । ଏତଦ୍‌ବ୍ୟତୀତ ବୃଦ୍ଧ କୃଷକର ସଙ୍ଗୀତ, ସମ୍ବର୍ଦ୍ଧିତ ବାଦଲର ସଙ୍ଗୀତ, ପଞ୍ଚମହାକାବ୍ୟ ଆଦି ମଧ୍ୟ ପ୍ରସିଦ୍ଧ ସାହିତ୍ୟକୃତି ଥିଲା । କବି ଲି-ତାଇ-ପୋ ୩୦ ଖଣ୍ଡ କାବ୍ୟ ରଚନା କରିଥିଲେ । ତୁ-ଫୁ ଙ୍କ କବିତାଗୁଡ଼ିକ ଥିଲା ସବୁଜିମାମୟୀ ଚିନ୍ତାଧାରାରେ ପରିବ୍ୟାପ୍ତ । ସୁ-ମା-ଚିନ୍ ସର୍ବପ୍ରଥମେ ଚୀନ୍ ଦେଶର ଇତିହାସ ରଚନା କରିଥିଲେ । ସୁନ୍‌କୁ ଲେଖିଥିଲେ ପୃଥିବୀର ପ୍ରଥମ ଯୁଦ୍ଧବିଦ୍ୟା ସମ୍ବନ୍ଧୀୟ ପୁସ୍ତକ । ଆହୁରିମଧ୍ୟ ଚୀନାମାନେ ଧର୍ମ, ଦର୍ଶନ, ବିଜ୍ଞାନ, ସାହିତ୍ୟ, ଇତିହାସ ଆଦି ସମସ୍ତ ବିଷୟରେ ଅନେକ ପୁସ୍ତକ ରଚନା କରି ଚୀନ୍ ତଥା ବିଶ୍ୱ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଉପଲବ୍ଧ ହୋଇଥିବା ଅନେକଗୁଡ଼ିଏ ପ୍ରାଚୀନ ସାହିତ୍ୟକୃତି ଚୀନ୍‌ର ଇମ୍ପେରିଆଲ୍ ସଂଗ୍ରହାଳୟରେ ସଂଗୃହୀତ ହୋଇ ରହିଛି ।

ଇତିହାସ

ଇତିହାସ ରଚନା କରିବାରେ ମଧ୍ୟ ଚୀନାମାନେ ଥିଲେ ସିଦ୍ଧହସ୍ତ । ସେମାନେ ସରଳ ସାବଲୀଳ ଭାଷାରେ ଚୀନ୍‌ର ଇତିହାସକୁ ସୁନ୍ଦର ଭାବରେ ଉପସ୍ଥାପନା କରିପାରିଥିଲେ । ବିଶିଷ୍ଟ ଚିନ୍ତାନାୟକ କନ୍‌ଫୁସିଅସ୍‌ଙ୍କ ସୁ-ଚିଙ୍ଗ୍ ପୁସ୍ତକ ଥିଲା ସମସାମୟିକ ଐତିହାସିକ ଘଟଣାବଳୀର ଏକ ବିଶିଷ୍ଟ କୃତି । ଚୀନ୍‌ର ବିଶିଷ୍ଟ ଐତିହାସିକ ସୁମା-ଚିନ୍‌ଙ୍କ ସମୟକାଳ ଥିଲା ଖ୍ରୀ.ପୂ. ୨ୟ ଶତାବ୍ଦୀ । ତାଙ୍କଦ୍ୱାରା ରଚିତ ଚୀନ୍‌ର ଇତିହାସ ଥିଲା କାଳଜୟୀ । ଏହା ପାଞ୍ଚ ଭାଗରେ ବିଭକ୍ତ ଅଟେ; ଯଥା- (୧) ଚୀନ୍ ସମ୍ରାଟମାନଙ୍କ ଜୀବନର ଘଟଣାବଳୀ (୨) ଘଟଣାବଳୀର ସମୟ ନିରୂପଣ ପାଇଁ ନିର୍ଘଣ୍ଟ ଓ ସୂଚୀ (୩) ସାମାଜିକ ପ୍ରଥା, ଧାର୍ମିକ ଚଳଣି, ଜ୍ୟୋତିଷ ଶାସ୍ତ୍ର ଆଦି (୪) ସାମନ୍ତ ରାଜାମାନଙ୍କ ସମ୍ବନ୍ଧୀୟ ବିବରଣୀ ଏବଂ (୫) ୩୦୦୦ ବର୍ଷର ଘଟଣାବଳୀ । ଜୁମା ଥିଲେ ଅନ୍ୟ ଜଣେ ବିଖ୍ୟାତ ଐତିହାସିକ ।

ଶିକ୍ଷା

ପ୍ରାଚୀନ ଚୀନ୍‌ର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ବିଶେଷ କିଛି ଉପାଦାନ ଆମର ହସ୍ତଗତ ହୋଇନାହିଁ । ଯାହା ଜଣାଯାଏ ଯେ, ଚୁ ବଂଶର ରାଜାମାନେ ଶିକ୍ଷାର ବିଶେଷ ଉନ୍ନତି ସାଧନ କରିଥିଲେ । ଅନ୍ୟାନ୍ୟ ଉସରୁ ଜଣାଯାଏ ଯେ, ସେ ସମୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦି ସ୍ଥାପନା କରାଯାଇ ଶିକ୍ଷାଦାନ କରାଯାଉଥିଲା । ସାହିତ୍ୟ, ଇତିହାସ, ବିଜ୍ଞାନ, ଯୁଦ୍ଧବିଦ୍ୟା, ଗଣିତ ଏବଂ ସର୍ବୋପରେ ଧାର୍ମିକ ଓ ନୈତିକ ଶିକ୍ଷା ପ୍ରଦାନ କରାଯାଉଥିଲା ।

କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ

କଳା ସ୍ଥାପତ୍ୟ କ୍ଷେତ୍ରରେ ଚୀନାମାନଙ୍କ କୃତିତ୍ୱ ଉଲ୍ଲେଖନୀୟ ଅଟେ । ସ୍ଥାପତ୍ୟଗୁଡିକ ମଧ୍ୟରେ ପ୍ରଣିଧାନଯୋଗ୍ୟ ଅଟନ୍ତି ଗ୍ରାମ, ଘର, ମନ୍ଦିର, ରାଜପ୍ରାସାଦଗୁଡିକର ଚତୁଃପାର୍ଶ୍ୱରେ ନିର୍ମିତ ପ୍ରାଚୀର । ଗମ୍ବୁଜ, ପାଗୋଡା ଓ ରାଜପ୍ରାସାଦଗୁଡ଼ିକର ନିର୍ମାଣଶୈଳୀ ମଧ୍ୟ ଚୀନା ସ୍ଥପତିମାନଙ୍କ ସ୍ଥାପତ୍ୟ ଜ୍ଞାନ, ଉନ୍ନତଶୈଳୀ ଓ କୌଶଳର ପରିଚୟ ଦେଇଥାଏ । ସ୍ଥାପତ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ, ସୁପ୍ରସିଦ୍ଧ ଏବଂ ଯୁଗାନ୍ତକାରୀ ଅଟେ ରାଜା ସି-ହ୍ୱାଂ-ତିଙ୍କ ସମୟରେ ଖ୍ରୀ.ପୂ. ୩ୟ ଶତାବ୍ଦୀରେ ନିର୍ମିତ ସୁଦୀର୍ଘ ପ୍ରାଚୀର । ବାହ୍ୟଶତ୍ରୁ ଆକ୍ରମଣରୁ ଚୀନବାସୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସେ ଏହି ପ୍ରାଚୀର ନିର୍ମାଣ କରାଇଥିଲେ । ଏହାର ଦୈର୍ଘ୍ୟ ଥିଲା ୨୨୫୦ ମାଇଲ୍, ପ୍ରସ୍ଥ ୨୦ ଫୁଟ ଏବଂ ଉଚ୍ଚତା ୨୩ ଫୁଟ । ଏହି ପ୍ରାଚୀରର ସ୍ଥାପତ୍ୟ ଶୈଳୀ ତାକୁ ପ୍ରାଚୀନ ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ରୂପରେ ପ୍ରତିଷ୍ଠିତ କରିପାରିଛି ।

ବୌଦ୍ଧଧର୍ମର ପ୍ରସାର ପରେ ଚୀନ୍‌ରେ କାଠ, ପଥର, ଇଟା ଆଦିଦ୍ୱାରା ଅନେକ ପାଗୋଡା (ମନ୍ଦିର) ନିର୍ମାଣ କରାଯାଇଥିଲା । ପାଗୋଡାଗୁଡିକ ଭାରତୀୟ ସ୍ତୁପ ଆକାରରେ ଅଥବା ଗମ୍ବୁଜ ଆକାରରେ ନିର୍ମିତ ହୋଇଥିଲା । ବହୁତଳବିଶିଷ୍ଟ ଏହି ପାଗୋଡାଗୁଡିକର ନିର୍ମାଣ ଶୈଳୀ ସ୍ଥପତିଙ୍କ ଦକ୍ଷତାର ପରିଚାୟକ ଅଟନ୍ତି । ପାଗୋଡାଗୁଡିକ ମଧ୍ୟରୁ ପେକିଂସ୍ଥିତ ଜେଡ୍ ପାଗୋଡା ଏବଂ ଗ୍ରୀଷ୍ମ ପ୍ରାସାଦସ୍ଥିତ ପାଗୋଡା ସୁପ୍ରସିଦ୍ଧ ଅଟନ୍ତି ।

ଶାନତୁଙ୍ଗ ପ୍ରଦେଶରୁ ଆବିଷ୍କୃତ ବିଭିନ୍ନ ସମାଧି ଓ ସୌଧରାଜିରୁ ଚୀନ୍ ସଭ୍ୟତାର ଭାସ୍କର୍ଯ୍ୟ ସମ୍ବନ୍ଧରେ ଜଣାଯାଇଥାଏ । ସମାଧି ଓ ସୌଧଗୁଡିକର କାନ୍ଥଗୁଡିକରେ ଖୋଦିତ ହୋଇଛି ଅନେକ ଯୁଦ୍ଧ, ଶିକାର, ରାଜାରାଣୀଙ୍କ ମୂର୍ତ୍ତି, ପଶୁପକ୍ଷୀ, ରଥଚାଳନା ଏବଂ ବିବିଧ ଦୃଶ୍ୟରାଜି । ବ୍ରୋଞ୍ଜ୍ ପାତ୍ରଗୁଡିକରେ, ଅନ୍ୟାନ୍ୟ ପାତ୍ର, ସଙ୍ଗୀତ ଉପକରଣ ମୃତ୍ତିକା ନିର୍ମିତ ପାତ୍ରଗୁଡିକରେ ଖୋଦିତ ଲତାବଲ୍ଲୀର, ପତ୍ର, ପୁଷ୍ପ, ଜୀବଜନ୍ତୁ, ପକ୍ଷୀ ଏବଂ ଦୃଶ୍ୟରାଜିର ଚିତ୍ରାବଳୀ ଅତ୍ୟନ୍ତ ମନୋଜ୍ଞ ଅଟେ ତଥା ଶିଳ୍ପୀର ଶିଳ୍ପନୈପୁଣ୍ୟତାର ଗାଥା ଗାନ କରୁଛି । ଟାଙ୍ଗ ସମ୍ରାଟ ମିଙ୍ଗ-ହ୍ୱାଙ୍ଗ ଥିଲେ ଅତ୍ୟନ୍ତ କଳାପ୍ରିୟ । ତାଙ୍କରି ପୃଷ୍ଠପୋଷକତାରେ ଚୀନ୍‌ରେ ଚିତ୍ରକଳାର ଅତ୍ୟନ୍ତ ବିକାଶ ଓ ସମୃଦ୍ଧି ହୋଇଥିଲା । ରାଜ ପୃଷ୍ଠପୋଷକତା ପାଇ ଚିତ୍ରକରମାନେ ଆଙ୍କି ଦେଇଥିଲେ ଜୀବନ୍ତ ଚିତ୍ରରାଜି । ଚିତ୍ରକରମାନଙ୍କ ମଧ୍ୟରେ ସୁପ୍ରସିଦ୍ଧ ଥିଲେ ୱାଙ୍ଗ୍-ସି-ଚି, କ୍ୱା-କାଇ-ଚି ଏବଂ କ୍ୱ-ସି ଆଦି । ତୁଳୀ ସାହାଯ୍ୟରେ ସେମାନେ ଆଙ୍କିଦେଇ ଯାଇଛନ୍ତି ରଙ୍ଗୀନ୍ ଦୃଶ୍ୟରାଜି ଏବଂ ଐତିହାସିକ ଘଟଣାବଳୀ ।

କାଚପାତ୍ର, ମାଟିପାତ୍ର ଏବଂ ରେଶମବସ୍ତ୍ର

ଖ୍ରୀ.ପୂ. ୨ୟ ଶତାବ୍ଦୀ ସୁଦ୍ଧା ସେମାନେ କାଚ ପ୍ରସ୍ତୁତି କରିବା ଜ୍ଞାନ ଅର୍ଜ୍ଜିଆର କରି ସାରିଥିଲେ । କାଚ ସାହାଯ୍ୟରେ ସେମାନେ ଅନେକ ଉପକରଣ ତିଆରି କରୁଥିଲେ । କାଚବାସନ, କାଚର ବିଭିନ୍ନ ସାମଗ୍ରୀ ନିର୍ମାଣ କରି ପରବର୍ତ୍ତୀ ସମୟରେ ସେମାନେ ବିଭିନ୍ନ ଦେଶକୁ ରପ୍ତାନୀ କରୁଥିଲେ, ଯାହାକି ଅନ୍ୟାନ୍ୟ ଦେଶରେ ବିଶେଷ ଆଦୃତ ହେଉଥିଲା ।

ଚୀନାମାଟିରେ ସେମାନେ ଘରେ ବ୍ୟବହାର କରିବା ପାଇଁ ବିଭିନ୍ନ ପ୍ରକାରର ପାତ୍ର ନିର୍ମାଣ କରୁଥିଲେ । ପାତ୍ରଗୁଡ଼ିକ ମଧ୍ୟରୁ ଘର ସଜେଇବା ପାଇଁ ମଧ୍ୟ କେତେକ ବ୍ୟବହୃତ ହେଉଥିଲା । ମାଟିପାତ୍ରକୁ ସୁନ୍ଦର କରିବା ପାଇଁ ତହିଁରେ ବିଭିନ୍ନ ପଶୁପକ୍ଷୀ, ଗଛଲତା, ଫୁଲଫଳର ଚିତ୍ର ଆଙ୍କୁଥିଲେ ।

ରେଶମ ବସ୍ତ୍ର ଉତ୍ପାଦନରେ ଚୀନାମାନେ ପୃଥିବୀରେ ଥିଲେ ଅଦ୍ୱିତୀୟ । ଚୀନ୍‌ର ରେଶମ ବସ୍ତ୍ର ଉଜ୍ଜ୍ୱଳତା ଓ ମସୃଣତା ପାଇଁ ସମଗ୍ର ବିଶ୍ୱରେ ଆଦୃତ ହେଉଥିଲା । ରୋମ୍, ଗ୍ରୀସ୍ ଆଦି ଦେଶରେ ଚୀନ୍ ତିଆରି ରେଶମ ବସ୍ତ୍ରର ବିଶେଷ ଚାହିଦା ଥିଲା ।

ନାବିକ କମ୍ପାସ୍, ବାରୁଦ ଓ ଚା

ସମୁଦ୍ର ଯାତ୍ରା ଏବଂ ସାମୁଦ୍ରିକ ବ୍ୟବସାୟକୁ ସୁଚାରୁ କରିବା ପାଇଁ ଚୀନାମାନେ ବିଶ୍ୱର ସର୍ବପ୍ରଥମ ନାବିକ କମ୍ପାସ ଅଥବା ଦିଗବାରେଣୀ ଯନ୍ତ୍ରର ଉଦ୍ଭାବନ କରିଥିଲେ । ଏହାଦ୍ୱାରା ସମୁଦ୍ର ଯାତ୍ରା ସମୟରେ ନାବିକମାନେ ଦିଗ ନିର୍ଣ୍ଣୟ କରିପାରୁଥିଲେ ଏବଂ ସଠିକ୍ ଦିଗକୁ ଯାଇ ପାରୁଥିଲେ ।

ବାରୁଦ ମଧ୍ୟ ଚୀନାମାନଙ୍କର ଏକ ଅନନ୍ୟ ଉଦ୍ଭାବନ ଥିଲା । ହାନ୍ ବଂଶର ରାଜତ୍ୱକାଳରେ ଚୀନ୍‌ବାସୀ ସର୍ବପ୍ରଥମେ ତାହାର ଆବିଷ୍କାର ଓ ବ୍ୟବହାର କରିଥିବାର ଜଣାଯାଏ । ଏତଦ୍‌ଭିନ୍ନ ସେମାନେ ସୁନା, ରୁପା ଆଦି ଧାତୁର ବ୍ୟବହାର ମଧ୍ୟ ଜାଣିଥିଲେ ।

ବ୍ୟବସାୟ ବାଣିଜ୍ୟ

ପ୍ରାଚୀନ କାଳରେ ଚୀନ୍‌ର ବାଣିଜ୍ୟ ବ୍ୟବସାୟ ସୁଦୂରପ୍ରସାରୀ ଥିଲା ତଥା ଅଶେଷ ଉନ୍ନତି କରିଥିଲା । ସ୍ଥଳ ପଥରେ ଓଟ ଓ ଖଚର ସାହାଯ୍ୟରେ ଏବଂ ଜଳପଥରେ ନୌକା ସାହାଯ୍ୟରେ ସେମାନେ ମାଲପତ୍ର ନେବା ଆଣିବା କରୁଥିଲେ । ଦିଗବାରେଣୀ ଯନ୍ତ୍ରର ଉଦ୍ଭାବନ ପରେ ଚୀନାମାନେ ସମୁଦ୍ରବାଣିଜ୍ୟ ଆରମ୍ଭ କରିଥିଲେ । ଚୀନ୍‌ର ରପ୍ତାନୀ ଦ୍ରବ୍ୟଗୁଡ଼ିକ ମଧ୍ୟରେ ରେଶମ ବସ୍ତ୍ର, ଚିନାମାଟି ପାତ୍ର, କାଚପାତ୍ର, ବାରୁଦ, ଚାହା, ଅଙ୍ଗୁର, ମଦ୍ୟ ଆଦି ପ୍ରଧାନ ଥିଲା । ବାଣିଜ୍ୟ ବ୍ୟବସାୟ ଯୋଗୁଁ ଅର୍ଥନୈତିକ ଦୃଷ୍ଟିକୋଣରୁ ଚୀନ୍ ସମୃଦ୍ଧ ଥିଲା ।

ଶାସନ ପଦ୍ଧତି

ଚୀନ୍‌ର ରାଜା ଥିଲେ ଶାସନର ସର୍ବମୟ କର୍ତ୍ତା । ସେ ନିଜକୁ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରତିପାଦିତ କରୁଥିଲେ । ରାଜାଙ୍କ ଶାସନ ଥିଲା ଏକଛତ୍ରବାଦୀ ଏବଂ ନିରଙ୍କୁଶ । ତାଙ୍କ ଆଦେଶ ହିଁ ଥିଲା ରାଜ୍ୟର ଆଇନ୍ । ରାଜାଙ୍କ ସ୍ୱେଚ୍ଛାଚାରୀ ଶାସନ ସମ୍ବନ୍ଧରେ ମତବ୍ୟକ୍ତ କରିବା ପାଇଁ କୌଣସି ସଂସଦ ଅଥବା ମନ୍ତ୍ରିମଣ୍ଡଳ ନଥିଲା; ତଥାପି ମଧ୍ୟ ରାଜାମାନେ ଉପକାରୀ ଏବଂ ନୈତିକତା ସମ୍ପନ୍ନ ଥିଲେ ।

ବିଜ୍ଞାନ

ଶାଙ୍ଗ ରାଜବଂଶର ଶାସନ କାଳରେ ଚୀନ୍ ନୂତନ ପ୍ରସ୍ତର ଯୁଗରୁ ତାମ୍ର ଯୁଗରେ ପ୍ରବେଶ କରିଥିଲା । ତେଣୁ ଏହି ଯୁଗରେ ପ୍ରସ୍ତର, ମାଟି, ହାଡ ସହିତ ତମ୍ବା ଏବଂ କାଠର ବ୍ୟବହାର ମଧ୍ୟ ଆରମ୍ଭ ହୋଇଥିଲା । ମାଟିପାତ୍ରଗୁଡ଼ିକ କୁମ୍ଭାରଚକଦ୍ୱାରା ନିର୍ମାଣ କରାଗଲା ଏବଂ ଚିତ୍ରିତ ମଧ୍ୟ କରାଗଲା । ତମ୍ବାର ବାସନଗୁଡ଼ିକରେ ମଧ୍ୟ ସୁନ୍ଦର ଚିତ୍ର ଖୋଦନ କରାଗଲା । ତାମ୍ର ଅଳଙ୍କାର ତିଆରି ମଧ୍ୟ ଆରମ୍ଭ ହୋଇଯାଇଥିଲା ।

ବିଜ୍ଞାନ କ୍ଷେତ୍ରରେ ଚୀନାମାନେ ଅନେକ ଉନ୍ନତି ଓ ଅଗ୍ରଗତି କରିଥିଲେ । ଗଣିତ ଏବଂ ଜ୍ୟାମିତିରେ ପାରଦର୍ଶିତା ଲାଭ କରିଥିଲେ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ ସୁଦ୍ଧା ଗ୍ରହ ନକ୍ଷତ୍ରର ଚଳନ ଓ ଗତିବିଧି ଲକ୍ଷ୍ୟ କରି ଜ୍ୟୋତିଷ ଶାସ୍ତ୍ରରେ

ଅନେକ ଅଗ୍ରଗତି କରିଥିଲେ । ଏତଦ୍‌ବ୍ୟତୀତ ସେମାନେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମ୍ବନ୍ଧରେ ଶିକ୍ଷାଲାଭ କରିଥିଲେ । ତା'ପରେ ଚନ୍ଦ୍ରଙ୍କ ଗତିବିଧିର ଗଣନା କରି ଚାନ୍ଦ୍ରମସି ଦିନପଞ୍ଜି ଅଥବା କ୍ୟାଲେଣ୍ଡର ଉଦ୍ଭାବନ କରିଥିଲେ । ପ୍ରତ୍ୟେକ ମାସର ଅବଧି ଥିଲା ୨୯ ରୁ ୩୦ ଦିନ ପର୍ଯ୍ୟନ୍ତ । ବର୍ଷର ଅବଧି କିନ୍ତୁ ଥିଲା ୩୬୫ $\frac{୧}{୪}$ ଦିନ । ଢୋଲକ, ଘଣ୍ଟ ଏବଂ ବୀଣା ଆଦି ବାଦ୍ୟଯନ୍ତ୍ର ମଧ୍ୟ ଉଦ୍ଭାବନ କରିଥିଲେ । ମାପ, ଓଜନ, ମୁଦ୍ରା, ଖାଦ୍ୟଶସ୍ୟକୁ ଗୋଦାମରେ ସୁରକ୍ଷିତ ରଖିବା ଉପାୟ, ପରିବହନ ପଦ୍ଧତି ଆଦି ବିକଶିତ କରିଥିଲେ । ପ୍ରାୟ ଖ୍ରୀ.ପୂ. ୫୧୨ ସୁଦ୍ଧା ଚୀନାମାନେ ଲୁହା ବ୍ୟବହାର କରୁଥିବାର ପ୍ରମାଣ ମିଳିଛି । ସେମାନେ ଲୁହାପଥରକୁ ତରଳାଇ ତାକୁ ଏକ ବଡ଼ ଚଟକା ପାତ୍ରରେ ଢାଳି ଥଣ୍ଡା କରିବା ଦ୍ୱାରା ଲୁହା ତିଆରି ହେଉଥିଲା । ଏହିପରି ବିଶାଳ ଓ ଚଟକା ପାତ୍ର ମଧ୍ୟ ଚୀନ୍‌ରୁ ଆବିଷ୍କାର କରାଯାଇଛି ।

ମୁଦ୍ରଣ ଯନ୍ତ୍ର

ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଥିଲା ଚୀନ୍ ସଭ୍ୟତାର ବିଶ୍ୱବାସୀଙ୍କୁ ଏକ ମହାନ୍ ଅବଦାନ । ତମ୍ବା ଓ ସୀସାରେ ତିଆରି ଛାଞ୍ଚ ସାହାଯ୍ୟରେ ଚୀନରେ ସର୍ବପ୍ରଥମେ ପୁସ୍ତକ ମୁଦ୍ରଣ କରାଯାଇଥିଲା । ଚୀନର ଟୁନ୍-ହ୍ୱାନ୍‌ସ୍ଥିତ ସହସ୍ରବୁଦ୍ଧ ଗୁମ୍ଫାରୁ ସାର୍ ଅରେଲ୍ ଷ୍ଟେନ୍‌ଙ୍କଦ୍ୱାରା ଆବିଷ୍କୃତ 'ହୀରକ ସୂତ୍ର' ବହିକୁ ପୃଥିବୀର ସର୍ବପ୍ରଥମ ମୁଦ୍ରିତ ପୁସ୍ତକର ମର୍ଯ୍ୟାଦା ଦିଆଯାଏ । ଏତଦ୍‌ବ୍ୟତୀତ କୃଷି, ଭୂଗୋଳ, ତୁତ୍‌ପୋକ ପାଳନ, ବୀଜଗଣିତ, ଜ୍ୟାମିତି ଆଦିରେ ଅନେକ ପୁସ୍ତକ ରଚିତ ହୋଇଥିଲା ।

ଭେଷଜ ଓ ଶଲ୍ୟ ବିଜ୍ଞାନ

ପ୍ରାଚୀନ ଚୀନବାସୀ ମଣିଷ ଶରୀରର ଗଠନ, ଅଙ୍ଗପ୍ରତ୍ୟଙ୍ଗର ରୋଗ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ । ରୋଗ ଚିହ୍ନି ତା'ର ନିଦାନ କରିପାରୁଥିଲେ । କେତେକ ପଶୁଙ୍କ ହାଡକୁ ଚୂର୍ଣ୍ଣକରି କେତେକ ରୋଗରୁ ଆରୋଗ୍ୟଲାଭ କରିବା ପାଇଁ ବ୍ୟବହାର କରୁଥିଲେ ।

ମଣିଷ ଶରୀରରେ ଅସ୍ତ୍ରୋପଚାର ପାଇଁ ନିଶ୍ଚେତକର ବ୍ୟବହାର ମଧ୍ୟ ଚୀନାମାନେ ଶିକ୍ଷା କରିଥିଲେ । ସେମାନେ ରୋଗୀକୁ ଚେତାଶୂନ୍ୟ କରି ଅସ୍ତ୍ରୋପଚାର ପାଇଁ ସର୍ବପ୍ରଥମେ ନିଶ୍ଚେତକ ଔଷଧ ବ୍ୟବହାର କରିଥିଲେ । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନିଶ୍ଚେତକ ଥିଲା ଚୀନାମାନଙ୍କର ଏକ ଶ୍ରେଷ୍ଠ ଅବଦାନ ।

ଧର୍ମ ଓ ଦର୍ଶନ

ଚୀନର ଲୋକମାନେ ଧାର୍ମିକ ଓ ଧର୍ମ ବିଶ୍ୱାସୀ ଥିଲେ । ଅନ୍ୟାନ୍ୟ ସଭ୍ୟତାର ମଣିଷଙ୍କ ପରି ପ୍ରଥମେ ପ୍ରଥମେ ଚୀନାମାନେ ମଧ୍ୟ ପ୍ରକୃତିର ଉପାସକ ଥିଲେ । ସେମାନେ ଭୂତପ୍ରେତ ଆଦିରେ ବିଶ୍ୱାସ କରୁଥିଲେ । ସେମାନେ ପୂର୍ବପୁରୁଷଙ୍କ ପୂଜା ଅର୍ଚ୍ଚନା କରୁଥିଲେ । ପୃଥିବୀକୁ 'ସି' ଦେବତା ରୂପରେ ଏବଂ ଶସ୍ୟ ଦେବତାଙ୍କୁ 'ଚି' ରୂପରେ ଆରାଧନା କରୁଥିଲେ । ସାଙ୍ଗ୍‌ଟି ଥିଲେ ଏକ ପ୍ରମୁଖ ଦେବତା ।

ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଚୀନ୍‌ରେ ଦେଖା ଦେଇଥିଲା ଧାର୍ମିକ ବିପ୍ଳବ । ଏହି ସମୟକାଳରେ କେତେଜଣ ମନୀଷୀଙ୍କ ଆବିର୍ଭାବ ଫଳରେ ଚୀନର ଧର୍ମଧାରା ଏବଂ ଲୋକଙ୍କ ଧାର୍ମିକ ଭାବନାରେ ଆସିଥିଲା ଅନେକ ପରିବର୍ତ୍ତନ । ଧର୍ମ ଓ ଦର୍ଶନ କ୍ଷେତ୍ରରେ ପରିବର୍ତ୍ତନର କର୍ଣ୍ଣଧାର ଥିଲେ ମହାନ୍ ଦାର୍ଶନିକ ଓ ସଂସ୍କାରକ ଲାଓ-ସିଁ ଏବଂ କନ୍‌ଫୁସିଅସ୍ । ଏହି ମନୀଷୀମାନେ ସମଗ୍ର ଚୀନ୍ ପରିଭ୍ରମଣ କରି ସବୁବର୍ଗର ଲୋକଙ୍କ ମନରେ ମାନବିକ ଗୁଣାବଳୀର ପରିପ୍ରକାଶ ପାଇଁ ପଥ ପ୍ରଦର୍ଶନ କରିଥିଲେ । ନୈତିକତାର ମହତ୍ତ୍ୱ ବୁଝାଇଥିଲେ । ତେଣୁ ଚୀନବାସୀଙ୍କର ଧର୍ମ ଥିଲା ନୈତିକତା ଏବଂ ମାନବୀୟ ସଦ୍‌ଗୁଣାବଳୀ ଆଧାରିତ । ଏହି ସମୟକାଳରେ ତାଓବାଦ ଅଥବା ଧର୍ମ ରାଜାମାନଙ୍କର ପ୍ରିୟ ଥିବାବେଳେ କନ୍‌ଫୁସିଅସ୍‌ଙ୍କ ଦର୍ଶନ ସର୍ବସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ଥିଲା ।

ଲାଓ-ସି

ପ୍ରାଚୀନ ଚୀନ୍‌ର ସୁପ୍ରସିଦ୍ଧ ଦାର୍ଶନିକ ଓ ସଂସ୍କାରକ ଥିଲେ ଲାଓ-ସି । ଚୀନ୍‌ର 'ଚୁ' ରାଜ୍ୟର 'କୁ' ଜିଲ୍ଲାସ୍ଥିତ ଲିସିୟଙ୍ଗଠାରେ ଖ୍ରୀ.ପୂ. ୬୦୪ରେ ଲାଓ-ସି ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାଲ୍ୟନାମ ଥିଲା ଲି । କର୍ମମୟ ଜୀବନରେ ସେ ଲାଓ-ସି ଅର୍ଥାତ୍ ଜ୍ଞାନବୃଦ୍ଧ ଗୁରୁ ନାମରେ ପରିଚିତ ହୋଇଥିଲେ । ସେ ଥିଲେ କନ୍‌ଫୁସିଅସ୍‌ଙ୍କ ସମସାମୟିକ । ଚୀନ୍‌ରେ ପ୍ରଚଳିତ ତଦାନୀନ୍ତନ ଅନ୍ୟାୟ, ଅତ୍ୟାଚାର, ଅସହିଷ୍ଣୁତା, ଅମାନବିକତା, ଶୋଷଣ, ପୀଡନ ଆଦିରେ ସେ ଅତିଷ୍ଠ ହୋଇପଡ଼ିଥିଲେ । ସତ୍ୟ, ଆଦର୍ଶ, ନୈତିକ ଏବଂ ଧାର୍ମିକ ଜୀବନଯାପନ କରିବା ପାଇଁ ସେ ଲୋକଙ୍କ ମଧ୍ୟରେ ପ୍ରଚାର କରୁଥିଲେ । ମଣିଷକୁ ତା'ର ଅଧୋପତନରୁ ଊର୍ଦ୍ଧ୍ୱକୁ ଉଠି ପୂଣ୍ୟମାର୍ଗରେ ଚାଲିବା ପାଇଁ ଯେଉଁ ମତବାଦର ପ୍ରଚାର କରିଥିଲେ ତାହା 'ତାଓ ମତବାଦ' ନାମରେ ବିଦିତ ଅଟେ । ତାଙ୍କଦ୍ୱାରା ରଚିତ ପୁସ୍ତକ ତାଓ ତେ-ଚିଙ୍ଗ ପୁସ୍ତକରେ ସତ୍‌ମାର୍ଗ ଓ ସତ୍‌ଗୁଣ ପାଳନପନ୍ଥାଗୁଡ଼ିକ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । 'ତାଓ' ଶବ୍ଦର ଅର୍ଥ ମାର୍ଗ ଅଥବା ପନ୍ଥା । ତେଣୁ ତାଓବାଦ ହେଉଛି 'ମାର୍ଗଦର୍ଶିକା' । ତାଙ୍କ ମତବାଦର ସାରମର୍ମ ନିମ୍ନରେ ପ୍ରଦତ୍ତ ହେଲା ।

୧ । ନିତିଦିନିଆ ଜୀବନଶୈଳୀରେ କେବଳ ନମ୍ରତା ଓ ବିନୟତା ମାଧ୍ୟମରେ ସାଧାରଣ ମଣିଷ 'ତାଓ' ଅଥବା ମାର୍ଗପ୍ରାପ୍ତ ହୋଇପାରିବ ।

୨ । କେବଳ ଜ୍ଞାନାର୍ଜନ ଅଥବା ବିଦ୍ୟାର୍ଜନଦ୍ୱାରା ସଦ୍‌ଗୁଣ ଲାଭ ହୋଇପାରିବ ।

୩ । ପୁସ୍ତକଲବ୍ଧ ବିଦ୍ୟାଠାରୁ ପ୍ରତ୍ୟକ୍ଷ ଅନୁଭୂତିଲବ୍ଧ ଜ୍ଞାନ ମଣିଷକୁ ବିଜ୍ଞ କରାଏ ।

୪ । ପ୍ରକୃତି ସହିତ ଖାପଖୁଆଇ ଚଳିବା ଜୀବନର ପ୍ରଧାନ ଲକ୍ଷ୍ୟ ।

୫ । ସରଳ ନିରାଡମ୍ବର ମାର୍ଗରେ ମହତ ଜୀବନଯାପନ କରିବା ଉଚିତ ।

୬ । ସମାଜରେ ସମସ୍ତଙ୍କ ପ୍ରତି ଏପରିକି ନିଜର ପରମ ଶତ୍ରୁ ପ୍ରତି ଉଦାର ଓ ସତ୍ ମନୋଭାବ ପୋଷଣ ଏକାନ୍ତ ଆବଶ୍ୟକ ।

୭ । ମଣିଷ ଅଳ୍ପକେ ସନ୍ତୁଷ୍ଟ ରହିବା ବିଧେୟ । ଏହା ତାକୁ କାମନାଶୂନ୍ୟ କରାଇ ଏକ ସରଳ ଜୀବନଯାପନ ପାଇଁ ପ୍ରବର୍ତ୍ତାଇ ଥାଏ ।

୮ । ଦାନ, ପୁଣ୍ୟ, ସତ୍‌ଚିନ୍ତା, ନୈତିକତା, ସହିଷ୍ଣୁତା ପରୋପକାର ତଥା ଦାୟିତ୍ୱବୋଧ ଆଦି ଗୁଣରେ ଭୂଷିତ ହେଲେ ମଣିଷର ଜୀବନ ସାର୍ଥକ ହୋଇଥାଏ ।

୯ । କ୍ଷମତା, ଅର୍ଥ ଓ ପ୍ରତିପତ୍ତିର ବଶବର୍ତ୍ତୀ ହେବା ମଣିଷ ପାଇଁ ଅନୁଚିତ ଅଟେ ।

୧୦ । ସର୍ବଦା ଜନସାଧାରଣଙ୍କ ହିତ ସାଧନ କରିବା ଉଚିତ ଅଟେ ।

ଦର୍ଶନର ଗଭୀରତା ପାଇଁ ଲାଓ-ସି ଚୀନ୍‌ର 'ପ୍ଲାଟୋ' ଏବଂ ବୁଦ୍ଧଙ୍କ ବାଣୀ ସହିତ ତାଙ୍କ ଉପଦେଶର ସାମଞ୍ଜସ୍ୟ ଥିବାରୁ ତାଙ୍କୁ 'ଚୀନ୍‌ର ବୁଦ୍ଧ' ବୋଲି କୁହାଯାଏ ।

ଲାଓ-ସିଙ୍କ ଦର୍ଶନ ଚୀନ୍‌ର ଧର୍ମଧାରାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ତାଓବାଦରେ ଉଦ୍‌ବୁଦ୍ଧ ଚୀନ୍ ଜନତା ସଂସାରତ୍ୟାଗୀ ହୋଇ ନୈତିକ ଓ ଧାର୍ମିକ ଜୀବନଯାପନ ଆରମ୍ଭ କରି ଦେଇଥିଲେ । ସମୟକ୍ରମେ ତାଓବାଦରେ ପ୍ରବେଶ କରିଥିଲା ଅନ୍ଧବିଶ୍ୱାସ । ଲାଓ-ସି ହୋଇଯାଇଥିଲେ ଚଳନ୍ତି ଭଗବାନ୍ । ଫଳସ୍ୱରୂପ ତାଓବାଦର ମହତ୍ତ୍ୱ କମିଯାଇଥିଲା ।

କନ୍‌ଫୁସିଅସ୍

ଦାର୍ଶନିକ ଏବଂ ନୀତି ପ୍ରବର୍ତ୍ତକ ରୂପରେ କନ୍‌ଫୁସିଅସ୍ ଥିଲେ ଚୀନ୍ ସଭ୍ୟତାର ଅନନ୍ୟ ବ୍ୟକ୍ତିତ୍ୱ । ଚୀନ୍‌ର 'ଲୁ' ପ୍ରଦେଶସ୍ଥିତ ଏକ କ୍ଷୁଦ୍ର ଗ୍ରାମରେ ସେ ଖ୍ରୀ.ପୂ. ୫୫୧ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାଲ୍ୟନାମ ଥିଲା

କୁଂ-ଫୁ-ସି । ବାଲ୍ୟାବସ୍ଥାରେ ସେ ପିତାଙ୍କୁ ହରାଇଥିଲେ ଏବଂ ମାତାଙ୍କ ତତ୍ତ୍ୱାବଧାନରେ ବଡ଼ ହୋଇଥିଲେ । ୧୯ ବର୍ଷ ବୟସରେ ସେ ବିବାହ କରିଥିଲେ ଏବଂ ଚାରିବର୍ଷପରେ ପତ୍ନୀଙ୍କୁ ହରାଇଥିଲେ । ତା'ପରେ ସେ ସାଂସାରିକ ଜୀବନରୁ ନିଜକୁ ଦୂରେଇ ଦେଇଥିଲେ । ଏକ ବିଦ୍ୟାଳୟ ପ୍ରତିଷ୍ଠା ପୂର୍ବକ ସେ ଛାତ୍ରମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିଦେଇଥିଲେ । ଛାତ୍ରମାନଙ୍କୁ ସେ ଇତିହାସ, ସାହିତ୍ୟ, ସାଧୁତା, ଧାର୍ମିକତା, ନିଷ୍ଠା ଓ ନୈତିକତା ଆଦି ଶିକ୍ଷା ଦେଉଥିଲେ । ତାଙ୍କ ନୈତିକତା ଏବଂ ସତ୍‌କର୍ମରେ ବିମୁଗ୍ଧ ହୋଇ ଚୀନ୍‌ର ସମ୍ରାଟ ତାଙ୍କୁ ଲୁ ପ୍ରଦେଶର ପ୍ରଶାସକ ରୂପରେ ନିଯୁକ୍ତ କରିଥିଲେ । ସେ ସମୟରେ ଚୀନ୍‌ର ରାଜକର୍ମଚାରୀ ଏବଂ ସମ୍ଭ୍ରାନ୍ତମାନଙ୍କ ନୀତିଭ୍ରଷ୍ଟ ଏବଂ ବିଳାସପୂର୍ଣ୍ଣ ଜୀବନଯାପନ ଦେଖି କନ୍‌ଫୁସିଅସ୍ ବ୍ୟଥିତ ହୋଇଥିଲେ । ସେ ନିଜେ ଏକାନ୍ତ ଭାବରେ ତଲ୍ଲୀନ ହୋଇ ଲୋକଙ୍କର ସେବା କରିଥିଲେ । ସୁଶାସନର ପ୍ରଚଳନ ଯୋଗୁଁ ଲୁ ପ୍ରଦେଶରେ ଶାନ୍ତି ବିରାଜମାନ କରିଥିଲା । ତେଣୁକରି ତାଙ୍କୁ ପ୍ରଧାନ ବିଚାରପତି ଏବଂ ପରେ ପରେ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରାଯାଇଥିଲା । କନ୍‌ଫୁସିଅସ୍‌ଙ୍କ ଉନ୍ନତିରେ ସମ୍ଭ୍ରାନ୍ତମାନେ ଈର୍ଷାନ୍ୱିତ ହୋଇପଡ଼ିଥିଲେ । ପରିଶେଷରେ ପଦପଦବୀଦ୍ୱାରା ସେ ବିଷର୍ଣ୍ଣ ହୋଇ ତ୍ୟାଗପତ୍ର ଦେଇଥିଲେ ଏବଂ ସମଗ୍ର ଉତ୍ତର-ପୂର୍ବ ଚୀନ୍ ଭ୍ରମଣ କରି ନିଜର ନୀତିବାଣୀ ପ୍ରଚାର କରିଥିଲେ । କନ୍‌ଫୁସିଅସ୍ ୭୨ ବର୍ଷ ବୟସରେ ଖ୍ରୀ.ପୂ. ୪୭୯ରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ରଚିତ ପୁସ୍ତକ 'ପଞ୍ଚ ମହାକାବ୍ୟ'ରେ ତାଙ୍କ ବାଣୀଗୁଡ଼ିକ ସନ୍ନିବେଶିତ ହୋଇଛି । ଏହି ପାଞ୍ଚଗୋଟି ଗ୍ରନ୍ଥ; ଯଥା-

କନ୍‌ଫୁସିଅସ୍

୧ । ଲି-ଚି : ସାମାଜିକ ତଥା ଧାର୍ମିକ ଆଚାରବ୍ୟବହାର, ଶାନ୍ତିଶୃଙ୍ଖଳା ଓ ବିଧିବିଧାନ ସମ୍ବନ୍ଧୀୟ ପୁସ୍ତକ ।

୨ । ଇ-ଚିଙ୍ଗ୍ : ପରିବର୍ତ୍ତନ ସମ୍ବନ୍ଧୀୟ ପୁସ୍ତକ ।

୩ । ସି-ଚିଙ୍ଗ୍ : ଗୀତିକଥାର କାବ୍ୟ ପୁସ୍ତକ ।

୪ । ଚୁନ୍-ଚିଉ : ଶରତ ଓ ବସନ୍ତ ଋତୁର ଇତିବୃତ୍ତ ।

୫ । ସୁ-ଚିଙ୍ଗ୍ : ଇତିହାସ ପୁସ୍ତକ ।

ସାଧାରଣ ଭାବରେ କହିବାକୁ ଗଲେ କନ୍‌ଫୁସିଅସ୍‌ଙ୍କ ବାଣୀସମୂହ ନିର୍ମଳ ଓ ଶୁଦ୍ଧ ଚରିତ୍ର ଗଠନ, ପବିତ୍ର ଓ ମହତ୍ ଜୀବନଯାପନ, ଆଦର୍ଶ ଓ ନୈତିକ ଶାସନ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିଲା । ତାଙ୍କ ମତରେ ଉପରୋକ୍ତ ଗୁଣଗୁଡ଼ିକ ଅର୍ଜ୍ଜିଆର କରିବା ପାଇଁ ଉପଯୁକ୍ତ ଶିକ୍ଷା ହିଁ ଆବଶ୍ୟକ ଅଟେ । ନୈତିକତା ଏବଂ ନିଷ୍ଠାପର ଅଧ୍ୟବସାୟ ହିଁ ସମାଜରେ ସଂସ୍କାର ଆଣିଥାଏ । କନ୍‌ଫୁସିଅସ୍‌ଙ୍କ ନୀତିବାଣୀର ସାରମର୍ମ ନିମ୍ନରେ ପ୍ରଦତ୍ତ ହେଲା ।

୧ । ଚରିତ୍ର ମଣିଷର ଅମୂଲ୍ୟ ସମ୍ପଦ ହୋଇଥିବାରୁ ଏହାର ବିକାଶ ପାଇଁ ନୈତିକ ଆଦର୍ଶ ଓ କର୍ତ୍ତବ୍ୟପରାୟଣତା ଏକାନ୍ତ ଆବଶ୍ୟକ ଅଟେ ।

୨ । ବ୍ୟକ୍ତିଗତ ଶୃଙ୍ଖଳା ଫଳରେ ଶୃଙ୍ଖଳିତ ସାମାଜିକ ଜୀବନ ପ୍ରତିଷ୍ଠିତ ହୋଇପାରିବ ।

୩ । ନିର୍ଦ୍ଦୟତାକୁ ଦୟା, ଅନ୍ୟାୟକୁ ନ୍ୟାୟ, କୁନୀତିକୁ ସୁନୀତି ମାଧ୍ୟମରେ ଜୟ କରାଯାଇ ପାରିବ ।

୪। ଆତ୍ମବିକାଶ ହିଁ ସାମାଜିକ ବିକାଶର ଭିତ୍ତିଭୂମି ଅଟେ । ଆତ୍ମବିକାଶ ପାଇଁ ଆବଶ୍ୟକ ଜ୍ଞାନ, ବିଦ୍ୟା, ବୁଦ୍ଧିମତ୍ତା, ସାହସ ଓ ଉତ୍ତମ ଚରିତ୍ର ।

୫। ଶାସକଙ୍କର ଧର୍ମ ହେଲା ନିଜର ଶୁଦ୍ଧ ଆଚରଣ ଓ ଚରିତ୍ର ମାଧ୍ୟମରେ ଶାସିତମାନଙ୍କ ସମ୍ମୁଖରେ ନିଜକୁ ଉପସ୍ଥାପିତ କରିବା ।

୬। ନିଜର ସାଧୁତା, ସତ୍ୟନିଷ୍ଠତା ଓ ନିର୍ଲୋଭପଣିଆ ବଳରେ ଶାସକ ଉତ୍ତମ ରାଷ୍ଟ୍ର ଗଠନ କରିପାରିବେ ।

୭। ଯାହା ମଣିଷ ନିଜପାଇଁ ପ୍ରଯୁଜ୍ୟ ମନେକରେ ନାହିଁ ତାହା ଅନ୍ୟ ପାଖରେ ପ୍ରୟୋଗ କରିବା ଉଚିତ ନୁହେଁ ।

୮। ଆଇନ ଓ ଦଣ୍ଡର ଭୟ ଦେଖାଇ ପ୍ରଜାମାନଙ୍କୁ ଭୟଭୀତ କରିବା ଅପେକ୍ଷା ସେମାନଙ୍କୁ ପୁଣ୍ୟମାର୍ଗରେ ପରିଚାଳିତ କରାଇବା ହେଉଛି ରାଷ୍ଟ୍ରର ପ୍ରକୃତ କର୍ତ୍ତବ୍ୟ ।

୯। ପୂର୍ବପୁରୁଷଙ୍କୁ ପୂଜା କରିବା ଉଚିତ ।

୧୦। ପ୍ରତ୍ୟେକ ବ୍ୟକ୍ତି ସତ୍‌କର୍ମଦ୍ୱାରା ଯଶ ଅର୍ଜନ କରିବା ଉଚିତ ।

୧୧। ଯତ୍ନବାନ୍ ମଣିଷ କ୍ୱଚିତ୍ ଭୁଲ୍ କରିଥାଏ ।

ଧାର୍ମିକତା ଓ ଦାର୍ଶନିକତା ସହିତ କନ୍‌ଫୁସିଅସ୍‌ଙ୍କ ବାଣୀ ଥିଲା ଏକ ଆଦର୍ଶ ସମାଜ ଏବଂ ଜନମଙ୍ଗଳକାରୀ ରାଷ୍ଟ୍ର ଗଠନ ପାଇଁ ଉଦ୍ଦିଷ୍ଟ । ଏହାକୁ ଧର୍ମ ନାମରେ ଅଭିହିତ କରିବା ଅପେକ୍ଷା ନୈତିକ ସଂହିତା କହିବା ଅଧିକ ସମୀଚୀନ ଅଟେ । କନ୍‌ଫୁସିଅସ୍‌ଙ୍କ ବାଣୀ ଏତେବେଶି ସାରଗର୍ଭକ ଏବଂ ପ୍ରଭାବଶାଳୀ ଥିଲା ଯେ, ଅଦ୍ୟାବଧି ଜନମାନସରେ ଆନ୍ଦୋଳିତ ହେଉଛି, ଯେଉଁଥିପାଇଁ ତାଙ୍କୁ ଚୀନର 'ମୁକୁଟବିହୀନ ସମ୍ରାଟ' କୁହାଯାଏ ।

ମେନ୍‌ସିଅସ୍

ମହାନ୍ ଦାର୍ଶନିକ କନ୍‌ଫୁସିଅସ୍‌ଙ୍କ ଶିଷ୍ୟ ମେନ୍‌ସିଅସ୍ ଖ୍ରୀ.ପୂ. ୩୭୨ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଉପଦେଶ ମୁଖ୍ୟତଃ ରାଜ୍ୟଶାସନ ଓ ଅର୍ଥନୀତି ଉପରେ ପର୍ଯ୍ୟବସିତ ଥିଲା । ଆହୁରି ମଧ୍ୟ କନ୍‌ଫୁସିଅସ୍‌ଙ୍କ ନୀତିବାଣୀଗୁଡ଼ିକୁ ଗ୍ରହଣ କରିବା ପାଇଁ ସେ ଲୋକଙ୍କୁ ଉପଦେଶ ଦେଉଥିଲେ । ତାଙ୍କ ମତ ଥିଲା ଯେ, ରାଜା ପ୍ରଜାମାନଙ୍କୁ ପୁତ୍ର ପରି ପାଳନ କରିବା ଉଚିତ । ରାଜା ନୀତିନିଷ୍ଠ ଏବଂ ଜଣେ ଉତ୍ତମ ଶାସକ ହେବା ଏକାନ୍ତ ବିଧେୟ । ରାଷ୍ଟ୍ରମୁଖ୍ୟ ଭାବରେ ନିଜର କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କରୁନଥିବା ରାଜାଙ୍କୁ ପ୍ରଜାମାନେ ବିଦ୍ରୋହ ମାଧ୍ୟମରେ ବିତାଡ଼ିତ କରିବା ଉଚିତ ଏବଂ ପ୍ରଜା ତାହା କରିପାରିବେ ମଧ୍ୟ । ରାଜା, ପ୍ରଜାମାନଙ୍କୁ ଶୋଷଣ କରିବା, ବେଠି ଖଟାଇବାରୁ ନିବୃତ୍ତ ହେବା ଉଚିତ । ଜଣେ ଉତ୍ତମ ରାଜା ଯୁଦ୍ଧ ପରିବର୍ତ୍ତେ ଅଜ୍ଞତା ଓ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବା ଉଚିତ । ମେନ୍‌ସିଅସ୍ ନୀତିନିଷ୍ଠ ଜୀବନଯାପନ କରୁଥିଲେ ତଥା ଲୋକଙ୍କୁ ଉତ୍ତମ ଶିକ୍ଷା ଦେଉଥିଲେ । ସେ ଖ୍ରୀ.ପୂ. ୨୮୯ରେ ଦେହତ୍ୟାଗ କରିଥିଲେ ।

ଏହିପରି ଭାବରେ ଚୀନ୍ ସଭ୍ୟତା ପ୍ରାଚୀନ ବିଶ୍ୱର ସଭ୍ୟତାଗୁଡ଼ିକ ମଧ୍ୟରେ ଅନ୍ୟତମ ଏବଂ ବହୁମୁଖୀ ଥିଲା । ସମଗ୍ର ବିଶ୍ୱକୁ ଚୀନ୍ ସଭ୍ୟତାର ଦାନ ଅତୁଳନୀୟ ଅଟେ । ଅନେକ ନୂତନ ଜିନିଷ ଯଥା- କଲମ, କାଳି, କାଗଜ, ବାରୁଦ, ଦିନପଞ୍ଜି, ଦିଗବାରେଣୀ ଯନ୍ତ୍ର ଆଦିର ଉଦ୍ଭାବନ ହୋଇଥିଲା । ଲାଓ-ସି, କନ୍‌ଫୁସିଅସ୍ ଆଦି ମହାମନୀଷୀମାନେ ତାଙ୍କ ଧାର୍ମିକ ନୀତିବାଣୀରେ ମାନବ ସଭ୍ୟତାକୁ ଋଦ୍ଧିମନ୍ତ କରିଥିଲେ ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ପ୍ରାଚୀନ ଚୀନ୍‌ରେ ଝିଅ ପାଇଁ ______ ଏବଂ ପୁଅ ପାଇଁ ______ ବର୍ଷ ବୟସକୁ ବିବାହ ପାଇଁ ଯୋଗ୍ୟ ବୟସ ରୂପରେ ଧାର୍ଯ୍ୟ କରାଯାଇଥିଲା ।

୨ । ସିଂ-ହ୍ୱାଂ-ତି ନିର୍ମାଣ କରିଥିବା ସୁଦୀର୍ଘ ଓ ବିଶାଳ ପ୍ରାଚୀରର ଦୈର୍ଘ୍ୟ ______ ମାଇଲ୍ ଥିଲା ।

୩ । ପ୍ରାଚୀନ ଚୀନ୍ ସଭ୍ୟତାର ଲୋକେ ______ ଦିନପଞ୍ଜିର ଉଦ୍ଭାବନ କରିଥିଲେ ।

୪ । ଲଗାଶ ରାଜବଂଶର ପ୍ରତିଷ୍ଠାତା ______ ଥିଲେ ।

୫ । ବିଶ୍ୱରେ ଆଇନ୍ ସଂହିତା ପ୍ରଣୟନ କରିବାରେ ______ ଥିଲେ ପ୍ରଥମ ସମ୍ରାଟ ।

ଉତ୍ତରମାଳା

(୧) ୧୭, ୨୦ (୨) ୨୨୫୦, (୩) ସୂର୍ଯ୍ୟସିଦ୍ଧାନ୍ତ, (୪) ଉର୍-ନାନ୍‌ସେ, (୫) ହାମ୍ମୁରାବୀ ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ତମ୍ବା ଓ ଟିଣର ମିଶ୍ରଣରେ କେଉଁ ଧାତୁ ତିଆରି ହୁଏ ?

୨ । ବିଭିନ୍ନ ଅଞ୍ଚଳରେ ରହୁଥିବା ଭିନ୍ନ ଭିନ୍ନ ସମ୍ପ୍ରଦାୟର ସମାଜ ବ୍ୟବସ୍ଥା ଅଥବା ସାମାଜିକ ପଦ୍ଧତି କିପରି ଥିଲା ?

୩ । ନୀଳନଦୀର ଦୈର୍ଘ୍ୟ କେତେ କିଲୋମିଟର ଅଟେ ?

୪ । ତଳ ମିଶର ରାଜ୍ୟର ଦୈର୍ଘ୍ୟ କେତେ ମାଇଲ ଥିଲା ?

୫ । ପୁରାତନ ମିଶର ରାଜ୍ୟ ପ୍ରତିଷ୍ଠିତ ହେବା ପୂର୍ବରୁ ମିଶରରେ କେତେଗୋଟି ବଂଶର ରାଜାମାନେ ଶାସନ କରିଥିଲେ ?

୬ । ମିଶରର ପୁରୁଣା ରାଜ୍ୟର ତୃତୀୟ ବଂଶର ରାଜାମାନେ କେଉଁ ଉପାଧି ଧାରଣ କରିଥିଲେ ?

୭ । ମଧ୍ୟବର୍ତ୍ତୀ ରାଜ୍ୟର ପୂଜକ ଓ ଧର୍ମଯାଜକମାନେ ଭ୍ରଷ୍ଟାଚାରରେ ଲିପ୍ତ ହୋଇ କାହାକୁ ସମର୍ଥନ କରୁଥିଲେ ?

୮ । ହ୍ୟାକୋମାନଙ୍କୁ ବିତାଡ଼ିତ କରି କେଉଁମାନେ ମିଶରରେ ନୂତନ ରାଜ୍ୟ ଗଠନପୂର୍ବକ ବିଂଶତମ ରାଜବଂଶର ପ୍ରତିଷ୍ଠା କରିଥିଲେ ?

୯ । ହ୍ୟାକୋ ଶବ୍ଦର ଅର୍ଥ କ'ଣ ଅଟେ ?

୧୦ । ପ୍ରାଚୀନ ମିଶରର ପ୍ରଦେଶଗୁଡ଼ିକୁ କ'ଣ କୁହାଯାଉଥିଲା ?

୧୧ । ପ୍ରାଚୀନ ମିଶରୀୟ ସମାଜ କେତେ ଭାଗରେ ବିଭକ୍ତ ହୋଇଥିଲା ?

୧୨ । ବେବିଲୋନିଆର ଦକ୍ଷିଣରେ ଅବସ୍ଥିତ ସୁମେର ଠାରୁ କେଉଁ ସଭ୍ୟତାର ଉତ୍ପତ୍ତି ହୋଇଥିଲା ?

୧୩ । ଆସିରୀୟ ସଭ୍ୟତାର ଲୋକେ କେଉଁ ଭଗବାନ୍‌ଙ୍କୁ ପୂଜା କରୁଥିଲେ ?

୧୪ । ଚୀନ୍‌ରେ ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ଖ୍ରୀ:ପୂ: ୨୮୫୨ରେ କିଏ ପ୍ରଥମ ରାଜ୍ୟ ଗଠନ କରିଥିଲେ ?

୧୫ । ପ୍ରାଚୀନ ଚୀନ୍‌ର ସମାଜ କେତୋଟି ବର୍ଗରେ ବିଭକ୍ତ ହୋଇଥିଲା ?

ଉତ୍ତରମାଳା

(୧) କଂସା, (୨) ସମାନ, (୩) ୬୪୦୦, (୪) ୧୬୦, (୫) ଦୁଇଗୋଟି, (୬) ଫାରୋ, (୭) ଭ୍ରଷ୍ଟ ସାମନ୍ତମାନଙ୍କୁ, (୮) ଅହମୋସ୍, (୯) ମେଷପାଳକ ରାଜା, (୧୦) ନାମ୍, (୧୧) ସାତ, (୧୨) ମେସୋପୋଟାମିଆ, (୧୩) ଅସୁର, (୧୪) ପାନ୍-କୁ, (୧୫) ତିନୋଟି ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । ମିଶର ଦେଶର ଅବସ୍ଥିତି ସମ୍ବନ୍ଧରେ ଉଲ୍ଲେଖ କର ।

୨ । ପୁରୁଣା ରାଜ୍ୟର ରାଜାମାନେ କେଉଁ ଉପାଧି ଧାରଣ କରିଥିଲେ ? ପରବର୍ତ୍ତୀ ସମୟରେ ତାହା କାହାର ସଙ୍କେତ ଚିହ୍ନ ହୋଇଯାଇଥିଲା ?

୩ । ଖାଫ୍ରେଙ୍କ ନିର୍ମାଣଗୁଡ଼ିକ କ'ଣ ଥିଲା ?

୪ । ତୁତ୍‌ମୋସ୍-୪ର୍ଥଙ୍କ ସମ୍ବନ୍ଧରେ ଲେଖ ।

୫ । ପ୍ରାଚୀନ ମିଶର ଦେଶରେ ବିକଶିତ ରସାୟନ ବିଦ୍ୟା ସମ୍ବନ୍ଧରେ ଟିପ୍ପଣୀ କର ।

୬ । ଗିଲ୍‌ଗାମେଶ କାହାଣୀ କ'ଣ ଥିଲା ?

୭ । ଆସିରୀୟ ସଭ୍ୟତାରେ ବିକଶିତ ବିଜ୍ଞାନ ଏବଂ କାରିଗରି ଜ୍ଞାନକୌଶଳ କିପରି ଥିଲା ?

୮ । ଚୀନ୍ ସଭ୍ୟତାରେ ପୂର୍ବପୁରୁଷଙ୍କ ଉପାସନା କିପରି କରାଯାଉଥିଲା ?

୯ । ଲାଓ-ସି କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

୧୦ । ଚୀନ୍‌ବାସୀଙ୍କ ମୁଦ୍ରଣଯନ୍ତ୍ରର ଉଦ୍ଭାବନ ସମ୍ବନ୍ଧରେ ଲେଖ ।

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧ । କାଂସ୍ୟଯୁଗୀୟ ସଭ୍ୟତା ସମ୍ବନ୍ଧରେ ଟିପ୍ପଣୀ ଲେଖ ।

୨ । ପୁରାତନ ମିଶରୀୟ ସଭ୍ୟତାର ଚାରିତ୍ରିକ ବୈଶିଷ୍ଟ୍ୟ ଉଲ୍ଲେଖ କର ।

୩ । ମିଶରୀୟ ସଭ୍ୟତାର କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ ସମ୍ବନ୍ଧରେ ବର୍ଣ୍ଣନା କର ।

୪ । ମେସୋପୋଟାମିଆ ସଭ୍ୟତାର ରାଜନୈତିକ ସଂଗଠନ ଏବଂ ଧାତବ ସଂସ୍କୃତିର ଏକ ବିବରଣୀ ପ୍ରଦାନ କର ।

୫ । ସୁମେରୀୟ ସଭ୍ୟତାର ରାଜନୈତିକ ଇତିହାସ ଲେଖ ।

୬ । ହାମ୍ମୁରାବୀଙ୍କ ସରକାର ଏବଂ ଆଇନ୍ ସଂହିତା ସମ୍ବନ୍ଧରେ ଉଲ୍ଲେଖ କର ।

୭ । ଆସିରୀୟ ସଭ୍ୟତାର ଜୀବନଶୈଳୀ ଚିତ୍ରଣ କର ।

୮ । ଚୀନ୍ ସଭ୍ୟତାର ଚାଓ ରାଜବଂଶ ସମ୍ବନ୍ଧରେ ଉଲ୍ଲେଖ କର ।

୯ । ଚୀନ୍ ସଭ୍ୟତାର ଅର୍ଥନୈତିକ ଜୀବନ ସମ୍ବନ୍ଧରେ ଆଲୋଚନା କର ।

୧୦ । କନ୍‌ଫୁସିଅସ୍‌ଙ୍କ ଜୀବନୀ ଓ କୃତିତ୍ୱ ଓ ସମ୍ବନ୍ଧରେ ଲେଖ ।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧ । ମିଶରର ପିରାମିଡ୍ ଯୁଗର ବୈଶିଷ୍ଟ୍ୟ ପ୍ରତିପାଦନ କର ।

୨ । ସୁମେରୀୟ ସଭ୍ୟତା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କର ।

୩ । ବେବିଲୋନୀୟ ସଭ୍ୟତାର ମହତ୍ତ୍ୱ ପ୍ରତିପାଦନ କର ।

୪ । ଚୀନ୍ ସଭ୍ୟତାର ଅବଦାନଗୁଡ଼ିକର ଏକ ବିଶଦ ବିବରଣୀ ପ୍ରଦାନ କର ।

ଚତୁର୍ଥ ଏକକ
UNIT - IV

ପ୍ରାଚୀନ ଗ୍ରୀସ୍‌ର ସଭ୍ୟତା
(Ancient Greece)

(କ) ଏଥେନ୍‌ସ ଏବଂ ସ୍ପାର୍ଟା

(ଖ) ରାଜନୀତି, ଅର୍ଥନୀତି

(ଗ) ସଂସ୍କୃତି

୪

ପ୍ରାଚୀନ ଗ୍ରୀସ୍‌ର ସଭ୍ୟତା (ଏଥେନ୍‌ସ ଏବଂ ସ୍ପାର୍ଟା)
(Ancient Greece)

ମାତୃଗର୍ଭରେ ଶିଶୁଟିଏ ପରି ଗ୍ରୀସ୍ ବକ୍ଷରେ ଦିନେ ବିକଶିତ ହୋଇଥିଲା ଇଉରୋପୀୟ ସଭ୍ୟତା । ତେଣୁକରି ଦିନେ ଆର୍‌ନୋଲ୍ଡ଼ ଟୟନ୍‌ବି ପ୍ରାଚୀନ ଗ୍ରୀସ୍‌କୁ "ସକଳ ଇଉରୋପୀୟ ସଭ୍ୟତାର ଜନନୀ" ବୋଲି କହିଥିଲେ ।

ଗ୍ରୀସ୍‌ର ଭୌଗୋଳିକ ଅବସ୍ଥିତି ଏବଂ ସ୍ଥଳାକୃତି

ପ୍ରାଚୀନ ଗ୍ରୀସ୍‌ର ଖ୍ରୀ.ପୂ. ୩୦୦୦ ସମୟର ରାଜନୈତିକ ଏବଂ ସାଂସ୍କୃତିକ ସୀମାରେଖା ଆଧୁନିକ ଗ୍ରୀସ୍‌ର ସୀମାରେଖାଠାରୁ ଭିନ୍ନ ଥିଲା । ପ୍ରାଚୀନ ସମୟରେ ଗ୍ରୀସ୍‌ର ଉତ୍ତର ସୀମା ଥ୍ରେସ୍ ମାସିଡୋନିଆ ଏବଂ ଏପିରସ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ପୂର୍ବ ସୀମା ଟ୍ରୟ ଏବଂ ରୋଡ଼େସ୍ ଦ୍ୱୀପ ପର୍ଯ୍ୟନ୍ତ, ଦାକ୍ଷିଣାତ୍ୟ ସୀମା କ୍ରେଟ୍ ଏବଂ ପଶ୍ଚିମ ସୀମା ଆଇଓନୀୟ ସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ସମୟ ସମୟରେ ରାଜନୈତିକ ସୀମାରେଖାରେ ଯଦିଓ ପରିବର୍ତ୍ତନ ଘଟିଛି, ହେଲେ ଏହି ସମଗ୍ର ଅଞ୍ଚଳରେ ପ୍ରାଚୀନ ଗ୍ରୀସ୍‌ର ସଂସ୍କୃତି ବିକଶିତ ଏବଂ ପ୍ରଚଳିତ ଥିଲା ।

ଗ୍ରୀସ୍‌ର ମୁଖ୍ୟ ଭୂମି ଏବଂ ଦ୍ୱୀପଗୁଡ଼ିକୁ ଉତ୍ତରରୁ ଦକ୍ଷିଣକୁ ଚୂନ ପ୍ରସ୍ତରପୂର୍ଣ୍ଣ ପାହାଡ଼ ପର୍ବତ ଘେରି ରହିଛି । ଏହାସତ୍ତ୍ୱେ ମଧ୍ୟ ମାସିଡୋନିଆ ଏବଂ ଥେସେଲିରେ ବିସ୍ତୀର୍ଣ୍ଣ ସମତଳଭୂମି ରହିଛି । ଆହୁରି ମଧ୍ୟ ବୟୋସିଆ, ପେଲ୍ଲୋପୋନେସେ, ଆର୍ଗୋସ୍, ସ୍ପାର୍ଟା ଏବଂ ମେସୋନିଆଠାରେ ଉର୍ବର ସମତଳ ଭୂମି ରହିଛି । ଭାରତରେ ଶୀତଋତୁ ସମୟରେ ଗ୍ରୀସ୍‌ରେ ବର୍ଷାଋତୁ ହୋଇଥାଏ । ବର୍ଷାଋତୁରେ ପାଶ୍ଚାତ୍ୟ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଚୁର ବର୍ଷା ହୁଏ । ଶୀତଋତୁରେ ପର୍ବତ ଶିଖରଗୁଡ଼ିକରେ ବରଫ ଜମିଯାଏ ଏବଂ ସେଠି ଗ୍ରୀଷ୍ମଋତୁ ଅତ୍ୟନ୍ତ ଶୁଷ୍କ ଓ ଗରମ ଅଟେ । ଗ୍ରୀସ୍‌ର ଅଧିକାଂଶ ଅଞ୍ଚଳ ପାହାଡ଼, ପର୍ବତ, ପ୍ରସ୍ତରମୟ ଅଟେ; ମାତ୍ର ୨୦% ଜମି ଚାଷୋପଯୋଗୀ ଅଟେ । କୃଷିକ୍ଷେତ୍ରଗୁଡ଼ିକ କ୍ଷୁଦ୍ର ଏବଂ ଉପତ୍ୟକା ଅଥବା ପାହାଡ଼ ଉପରେ ଅବସ୍ଥିତ । ପାହାଡ଼କୁ ପାହାଚ ପାହାଚ କରି କଟାଯାଇ ଜମି ପ୍ରସ୍ତୁତ କରି ଚାଷ କରାଯାଏ । ପାର୍ବତ୍ୟ ଅଞ୍ଚଳଗୁଡ଼ିକ ଛେଳି ଓ ମେଣ୍ଢାଗୁଡ଼ିକର ଚାରଣ ଭୂମିପାଇଁ ଉପଯୁକ୍ତ ଅଟେ । ସେଠି ଚାଷ କରାଯାଉଥିବା ମୁଖ୍ୟ ଶସ୍ୟ ହେଉଛି ମକା, ଅଙ୍ଗୁର ଏବଂ ଅଲିଭ । ମାଛ ଧରିବା ଥିଲା ସମୁଦ୍ରତଟବର୍ତ୍ତୀ ଲୋକଙ୍କର ମୁଖ୍ୟ ଜୀବିକା । ସେ ସମୟରେ ତମ୍ବା, ଲୁହା ଏବଂ ରୁପା ଆଦି ଧାତୁର ଅଳ୍ପ କେତୋଟି କ୍ଷୁଦ୍ର ଖଣି ରହିଥିଲା । ଗୃହ ନିର୍ମାଣ ପାଇଁ ପ୍ରଚୁର ପରିମାଣରେ ଚୂନ ପଥର ଏବଂ ଶଙ୍ଖ ମର୍ମର (ମାର୍ବଲ) ପଥର ଉପଲବ୍ଧ ଥିଲା । ପାର୍ବତ୍ୟାଞ୍ଚଳ ଯୋଗୁଁ ଉତ୍ତରରୁ ଦକ୍ଷିଣକୁ ଯିବାପାଇଁ ଚାରିଗୋଟି ପାଦଚଲା ରାସ୍ତା ବ୍ୟତୀତ କୌଣସି ସଡ଼କ ନ ଥିଲା । ତେଣୁ ସାମଗ୍ରୀ ପରିବହନ ଏବଂ ଗମନାଗମନ ଆଦି ସମୁଦ୍ର ପଥରେ କରାଯାଉଥିଲା ।

ପ୍ରାଚୀନ ଗ୍ରୀସ୍ କିମ୍ବା ହେଲ୍ଲାସ୍ ଏକ ଉପଦ୍ୱୀପ ଅଟେ । ଏହାର ପରିଧି ୨୫୦୦୦ ବର୍ଗ କି.ମି. ଅଟେ । ଏହା ଇଉରୋପର ମୁଖ୍ୟ ଭୂମିଠାରୁ ଭୂମଧ୍ୟସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଛି; ହେଲେ ଏହାର ଭୂମି ଅନୁର୍ବର

ଅଟେ । ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ତଥା ପାହାଡ଼ ପର୍ବତଭରା ଗ୍ରୀସ୍‌କୁ ସମୁଦ୍ର ମଧ୍ୟ ଘେରି ରହିଛି । ତେଣୁ ସ୍ଥଳପଥରେ ସଡ଼କର ସ୍ୱଚ୍ଛତା ଯୋଗୁଁ ସେମାନେ ଗମନାଗମନ ଓ ବ୍ୟବସାୟ ବାଣିଜ୍ୟ ପାଇଁ ଜଳପଥକୁ ଆଶ୍ରୟ କରିଥିଲେ । ପ୍ରକୃତି ଦ୍ୱାରା ସୃଷ୍ଟ ଅନେକଗୁଡ଼ିଏ ଜଳବେଷ୍ଟିତ ଖାଲି ସ୍ଥାନ, ଉପରକୁ ଉଠିଥିବା ପାହାଡ଼ ପର୍ବତର ସଂକୀର୍ଣ୍ଣ ଧାର ଗ୍ରୀସ୍‌ର ରାଜନୈତିକ ଜୀବନକୁ ବିଶେଷ ରୂପରେ ପ୍ରଭାବିତ କରିଥିଲା ।

ଅଧିକାଂଶ ଅଞ୍ଚଳ ପାହାଡ଼, ପର୍ବତ ଓ ପଥରରେ ପରିପୂର୍ଣ୍ଣ ହୋଇଥିବା ଯୋଗୁଁ ଗ୍ରୀସ୍‌ବାସୀ ଆବଶ୍ୟକ ମୁତାବକ ଶସ୍ୟ ଉତ୍ପାଦନ କରିପାରୁ ନ ଥିଲେ, ତେଣୁ ସେମାନେ ଅନ୍ୟାନ୍ୟ ଦେଶରୁ ଖାଦ୍ୟଶସ୍ୟ ଆମଦାନୀ କରୁଥିଲେ । ଲୋକମାନେ ଅନ୍ୟାନ୍ୟ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିଲେ । ସେମାନେ ଖଣିରୁ ଖଣିଜ ପଥର ଉତ୍ତୋଳନ କରିବା, ମାଛ ଧରିବା, ଛେଳି ଓ ମେଣ୍ଢା ପାଳିବା, ମାଟିପାତ୍ର ନିର୍ମାଣ ଆଦି କାର୍ଯ୍ୟ କରୁଥିଲେ । କୃଷି ପାଇଁ ପର୍ଯ୍ୟାପ୍ତ ଜମି ନ ଥିବାରୁ ଗ୍ରୀସ୍‌ର କୃଷକମାନଙ୍କର ଅବସ୍ଥା ଅତୀବ ଦୟନୀୟ ଥିଲା ତଥା ସେମାନେ ଧନିକମାନଙ୍କ ପାଖରେ ଦାସ ରୂପରେ ଜୀବନଯାପନ କରୁଥିଲେ । ଗ୍ରୀସ୍‌ର ମୁଖ୍ୟ ବନ୍ଦର ଥିଲା କୋରିନ୍ଥ, ଯାହା ମାଧ୍ୟମରେ ସେମାନେ ଆମଦାନୀ ଓ ରପ୍ତାନୀ କରୁଥିଲେ । ରପ୍ତାନୀର ମୁଖ୍ୟ ଦ୍ରବ୍ୟ ଥିଲା ଅଙ୍ଗୁରରୁ ପ୍ରସ୍ତୁତ ମଦ, ଅଲିଭ ତେଲ, ପଶମ ବସ୍ତ୍ର ଏବଂ ଭଡ଼ାଟିଆ ସୈନ୍ୟ ଭାବରେ ଯୁଦ୍ଧ କରିବା ପାଇଁ ଦାସ । ଆମଦାନୀର ମୁଖ୍ୟ ସାମଗ୍ରୀ ଥିଲା ଖାଦ୍ୟଶସ୍ୟ, ଯାହାକି ସେମାନେ ମିଶର ଏବଂ ମେସୋପୋଟାମିଆରୁ ଏବଂ ରେଶମ ବସ୍ତ୍ର ଚୀନ୍‌ରୁ ଆଣୁଥିଲେ ।

ନାଗରିକମାନେ ଛୋଟ ଛୋଟ ଏକକରେ ବିଭାଜିତ ହୋଇ ପଡ଼ୋଶୀମାନଙ୍କଠାରୁ ଅଲଗା ଅଲଗା ହୋଇ ରହୁଥିଲେ । ଫଳସ୍ୱରୂପ ଅନେକଗୁଡ଼ିଏ ନଗର-ରାଜ୍ୟ ଗଢ଼ି ଉଠିଥିଲା । ସେଠାରେ ପ୍ରକାରଗତ ଉଦାହରଣ ସଦୃଶ ସରକାର ଗଢ଼ି ଉଠିଥିଲା ।

ଜଳବାୟୁ

ଗ୍ରୀସ୍‌ର ଜଳବାୟୁ ବିଭିନ୍ନତାବିହୀନ ନାତିଶୀତୋଷ୍ଣ ଅଟେ । ସମୁଦ୍ର ପତ୍ତନଠାରୁ ଉଚ୍ଚତାରେ ଭିନ୍ନତା ଯୋଗୁଁ ମାତ୍ର ଅଳ୍ପ କେତେ ମାଇଲ୍ ପରେ ଜଳବାୟୁ ଏବଂ ଉଷ୍ଣତାରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହୁଏ ।

ଜନସାଧାରଣ

ପ୍ରାଚୀନ ଗ୍ରୀସ୍‌ରେ ଅନେକ ସଂପ୍ରଦାୟର ଲୋକେ ବସତି ସ୍ଥାପନ କରିଥିଲେ । ଗ୍ରୀସ୍‌ରେ ବିଭିନ୍ନ ସଂପ୍ରଦାୟର ମିଶ୍ରଣର ଫଳସ୍ୱରୂପ ଏକ ସଂଯୁକ୍ତ ସମାଜ ଗଢ଼ି ଉଠିଥିଲା, ଯହିଁରେ ଭାରତୀୟ ଏବଂ ଇଉରୋପୀୟ ସଂପ୍ରଦାୟ ମଧ୍ୟ ରହିଥିଲେ । ଗ୍ରୀସ୍‌ରେ ଗଢ଼ି ଉଠିଥିଲା ଏକ ମିଶ୍ରିତ ସଂସ୍କୃତି, ଯହିଁରେ କ୍ରେଟେ, କ୍ଷୁଦ୍ର ଏସିଆ ଆଦି ଦେଶର ଲୋକ ସଂସ୍କୃତିର ପ୍ରଚ୍ଛନ୍ନ ପ୍ରଭାବ ରହିଥିଲା । ଡୋରୀୟ ଏବଂ ଆଚାଇନୀୟମାନେ ଗ୍ରୀସ୍ ଆକ୍ରମଣ କରିଥିଲେ । ତା'ପରେ ସେମାନେ ଗ୍ରୀସ୍ ଲୋକଙ୍କ ସହିତ ସଂଯୁକ୍ତ ହୋଇ ଆଇଓନୀୟ ଗ୍ରୀସ୍ ସଭ୍ୟତାର ବିକାଶ କରିଥିଲେ । ସେମାନେ ଥିଲେ ଗ୍ରୀସ୍‌ରେ ହେଲ୍ଲେନୀୟ ସଂସ୍କୃତିର ଜନକ । ପୁନଶ୍ଚ ଅରାଜକତା ଓ ଦ୍ୱନ୍ଦ୍ୱ ଦୀର୍ଘ ସମୟ ଧରି ଗ୍ରୀସ୍‌ରେ କାୟା ବିସ୍ତାର କରିଥିଲା, ଯାହାକୁ ଗ୍ରୀସ୍‌ର ''ତମସାଚ୍ଛନ୍ନ ଯୁଗ'' କୁହାଯାଏ । ମିନୋଆନୀୟ ସଂସ୍କୃତି ଧ୍ୱଂସ ପାଇଯାଇଥିଲା । ଏହାର ପ୍ରଭାବ କିନ୍ତୁ ଟ୍ରୟ ଉପରେ ପଡ଼ି ନ ଥିଲା, ତେଣୁ ତାହା ଆଗପରି ରହିଥିଲା । ଡୋରୀୟମାନେ ଟ୍ରୟକୁ ଜୟକରି ନେଇଥିଲେ ଏବଂ ଆଚାଇନୀୟମାନଙ୍କୁ ଦମନ କରିଥିଲେ । ଖ୍ରୀ.ପୂ. ୮ମ ଶତାବ୍ଦୀର ଆରମ୍ଭ ବେଳକୁ ଗ୍ରୀସ୍‌ର ଲୋକମାନେ ତିନୋଟି ଭାଗରେ ବିଭକ୍ତ ହୋଇଥିଲେ; ଯଥା- ଡୋରୀୟ, ଏଓଲିଆନ୍ ଏବଂ ଆଇଓନୀୟ । ସ୍ପାର୍ଟା, କୋରିନ୍ଥ, ଏଇଗୋ, ଏଥେନ୍‌ସ, ଥେବୀୟ ଏବଂ ମିଲେଟସ୍ ଆଦି ସମୃଦ୍ଧିଶାଳୀ ଏବଂ ବିକାଶୋନ୍ମୁଖୀ ନଗର-ରାଜ୍ୟ ଥିଲେ ।

(କ) ଏଥେନ୍‌ସ ଏବଂ ସ୍ପାର୍ଟା

ଏଥେନ୍‌ସ ଥିଲା ଗ୍ରୀସ୍‌ର ଏକ ଅଗ୍ରଗଣ୍ୟ ନଗର-ରାଜ୍ୟ । ଏହାକୁ ତଦାନୀନ୍ତନ ଗ୍ରୀସ୍‌ର ସାଂସ୍କୃତିକ ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ । ଗ୍ରୀସ୍‌ର ସଭ୍ୟତା ପ୍ରତି ଏହି ରାଜ୍ୟର ଅବଦାନ ଅତୁଳନୀୟ ଅଟେ ।

ରାଜତନ୍ତ୍ର

ଏଥେନ୍‌ସ ଶବ୍ଦଟି ଗ୍ରୀସ୍‌ର ପ୍ରାଚୁର୍ଯ୍ୟ ଓ ସମୃଦ୍ଧିର ଦେବୀ ଏଥେନାଙ୍କ ନାମରୁ ନିଷ୍ପନ୍ନ ହୋଇଛି । ଏଥେନ୍‌ସର ସର୍ବପ୍ରଥମ ରାଜା ଥିଲେ ଥେସେଅସ୍ । ସେ ଆଟ୍ଟିକାକୁ ଅଧିକାର କରି ଅନ୍ୟ ନଗର-ରାଜ୍ୟ ପରି ଏକ ନଗର-ରାଜ୍ୟ ପ୍ରତିଷ୍ଠା କରିଥିଲେ; ହେଲେ ବର୍ଷକ ପରେ ତାଙ୍କର ସମସ୍ତ କ୍ଷମତାକୁ ଜମିଦାରମାନେ (ନୋବଲ) ଛଡ଼େଇ ନେଇଥିଲେ । ପ୍ରାୟ ଚାରିଶହ ବର୍ଷ ପର୍ଯ୍ୟନ୍ତ (ଖ୍ରୀ.ପୂ. ୧୨୦୦ ରୁ ଖ୍ରୀ.ପୂ. ୮୦୦) ଏଥେନ୍‌ସରେ ରାଜତନ୍ତ୍ର ପ୍ରତିଷ୍ଠିତ ହୋଇ ରହିଥିଲା । ଖ୍ରୀ.ପୂ. ୮୦୦ ପରେ ଜମିଦାରମାନେ ନିଯୁକ୍ତି ଦେଇଥିବା ''ଆର୍କନ୍''ଙ୍କ ହାତକୁ ସମସ୍ତ କ୍ଷମତା ଚାଲିଯାଇଥିଲା ।

ଜମିଦାରୀ (ସମ୍ଭ୍ରାନ୍ତ) ଶାସନ

ଜମିଦାରମାନଙ୍କ ପରିଷଦ ଏବଂ ପ୍ରାଦେଶିକ ଶାସକ ଅଥବା ରାଜ୍ୟପାଳ ଥିବା ଆର୍କନମାନେ ଲୋକଙ୍କର ମଙ୍ଗଳ ଚିନ୍ତା କରୁନଥିଲେ । ଲୋକାଭିମୁଖୀ ଶାସନ ପରିବର୍ତ୍ତେ ସେମାନେ ଏକଛତ୍ରବାଦୀ ଶାସନ ଚଳେଇଥିଲେ । ରାଜ୍ୟର ସମସ୍ତ ଜମିରେ ସେମାନେ ଅଙ୍ଗୁର ଏବଂ ଅଲିଭ ଚାଷ କରାଉଥିଲେ; ଫଳସ୍ୱରୂପ ଖାଦ୍ୟଶସ୍ୟ ବିଦେଶରୁ ଆମଦାନୀ କରୁଥିଲେ । ଅତ୍ୟନ୍ତ ଅଶାନ୍ତ ଏବଂ କ୍ଷୁବ୍ଧ ନିମ୍ନବର୍ଗ ଏବଂ ମଧ୍ୟବିତ୍ତ ବର୍ଗର ଲୋକେ ଏହି ଏକଛତ୍ରବାଦୀ ପ୍ରଜାପୀଡ଼କ ସରକାର ବିରୁଦ୍ଧରେ ବିଦ୍ରୋହ କରିଥିଲେ । ସେମାନଙ୍କର ମୁଖ୍ୟ ଦାବି ଥିଲା ଖଜଣାର ପରିମାଣ କମ୍ କରିବା ଏବଂ ଏକ ଲିଖିତ ଆକାରରେ ଆଇନ୍‌ସମ୍ବନ୍ଧୀୟ ନିୟମାବଳୀ ବିଧିବଦ୍ଧ କରିବା ।

ଡ୍ରାକୋ

ଏଥେନ୍‌ସରେ ନିୟମାବଳୀ ବିଧିବଦ୍ଧ ହୋଇନଥିଲା । ସମ୍ଭ୍ରାନ୍ତମାନେ ବିଚାରପତି ଥିଲେ । ସେମାନେ ନିଜ ସ୍ୱାର୍ଥ ଏବଂ ଇଚ୍ଛାମୁତାବକ ଆଇନ୍‌କାନୁନ୍‌ର ବ୍ୟାଖ୍ୟା କରୁଥିଲେ । ଲୋକେ ନ୍ୟାୟ ପାଇ ପାରୁ ନ ଥିଲେ । ତେଣୁ ପ୍ରଥମେ କୃଷକମାନେ ଏକ ଲିଖିତ ଆଇନ୍‌ପଦ୍ଧତି ପାଇଁ ଦାବି କରିଥିଲେ; ଫଳସ୍ୱରୂପ ଖ୍ରୀ.ପୂ. ୬୨୧ରେ ଡ୍ରାକୋ ନାମକ ଏଥେନ୍‌ସର ଜଣେ ଜମିଦାରଙ୍କୁ ନିୟମାବଳୀ ବିଧିବଦ୍ଧ କରିବା ଦାୟିତ୍ୱ ଦିଆଯାଇଥିଲା । ସେ ପ୍ରଣୟନ କରିଥିବା ଆଇନ୍ ବ୍ୟବସ୍ଥା ଓ ନୀତିନିୟମ ଅତୀବ କଠୋର, ପ୍ରଜାପୀଡ଼କ ଏବଂ ଶୋଷଣକାରୀ ଥିଲା । ସାଧାରଣ ଜନତାଙ୍କ ସମସ୍ୟା ସମାଧାନ କରିବାରେ ଏବଂ ଆଶାଆକାଂକ୍ଷା ପୂରଣ କରିବାରେ ଏହି ବିଧିବ୍ୟବସ୍ଥା ବିଫଳ ହୋଇଥିଲା । ଲୋକଙ୍କ ପାଇଁ ଏହା ଅତୀବ କଠୋର, ନିର୍ଦ୍ଦୟ ଏବଂ ଅମାନବୀୟ ଥିଲା । ଆଇନ୍‌ରେ କଠୋରତା ଏତେ ବେଶି ଥିଲା ଯେ, ଜନସାଧାରଣଙ୍କ ଧାରଣା ହୋଇଥିଲା ଯେ, ବିଧିଗୁଡ଼ିକ ଶ୍ରମିକ ଓ କୃଷକମାନଙ୍କ ରକ୍ତରେ ଲିଖିତ । ସେହି ଦିନରୁ ନିର୍ଦ୍ଦୟ ଏବଂ କଠୋର ନିୟମର ପ୍ରତୀକ ହୋଇଗଲା ''ଡ୍ରାକୋନୀୟ'' ଶବ୍ଦ । ଏହିପରି ଭାବରେ ଡ୍ରାକୋଙ୍କ ପ୍ରଣୀତ ବିଧିବଦ୍ଧ ଶାସନ ବ୍ୟବସ୍ଥା ଅନୁଯାୟୀ ଶାସନ ପରିଚାଳନା କରିବା ଦିଗରେ ପ୍ରଥମ ପଦକ୍ଷେପ ଥିଲା ।

ସୋଲୋନ୍

ସୋଲୋନ୍ ଥିଲେ କୋଡ୍ରସ୍ ପରିବାରର ମଣିଷ । କର୍ମମୟ ଜୀବନରେ ସେ ଏଥେନ୍‌ସର ଖ୍ୟାତିସଂପନ୍ନ ସାମ୍ବାଦିକ ଥିଲେ । ସେ ଖ୍ରୀ.ପୂ. ୬୩୮ରେ ଜନ୍ମଗ୍ରହଣ କରିଥିଲେ । ଖ୍ରୀ.ପୂ. ୫୯୪ରେ ସେ ଏଥେନ୍‌ସର ଆର୍କନ୍

ଭାବରେ ନିର୍ବାଚିତ ହୋଇଥିଲେ । ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ଜଣେ ସାଧାରଣ ନାଗରିକଭଳି ଜୀବନଯାପନ କରୁଥିଲେ । ସାଧାରଣ ଜନତା ଏବଂ ଗରିବ ଲୋକଙ୍କ ଦୁଃଖରେ ସେ ସମଦୁଃଖୀ ଥିଲେ । ସେ ଥିଲେ ଦରଦୀ ମଣିଷଟିଏ ଏବଂ ଡ୍ରାକୋଙ୍କ ନିୟମାବଳୀ ଯୋଗୁଁ ଗରିବ ଲୋକେ ଭୋଗ କରୁଥିବା ଦୁଃଖଦୁର୍ଦ୍ଦଶା ପାଇଁ ତାଙ୍କ ହୃଦୟ ବିଦ୍ରୁତ ହେଉଥିଲା । ଗରିବ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିବା ପାଇଁ ତାଙ୍କୁ ପୂର୍ଣ୍ଣ କ୍ଷମତା ଦିଆଯାଇଥିଲା । ଜଣେ ପ୍ରଶାସକ ଭାବରେ ତାଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ଡ୍ରାକୋଙ୍କ ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ଏବଂ ଏଥେନସ୍‌କୁ ଗଣତନ୍ତ୍ର ଆଡ଼କୁ ଆଗେଇ ନେବା । ଗରିବ ଲୋକଙ୍କର ଦୁଃଖ ଲାଘବ କରିବା ପାଇଁ ସେ ଅନେକ ସଂସ୍କାର ଆଣିଥିଲେ । ଏହା ଏକ ପରମ୍ପରା ଥିଲା ଯେ, କୌଣସି ଚାଷୀ ଋଣ ନେଇ ପରିଶୋଧ କରି ନ ପାରିଲେ ଋଣର ଚୁକ୍ତିପତ୍ର ଅନୁଯାୟୀ ତାକୁ ସାହୁକାରଙ୍କ ନିକଟରେ ଦାସ ହେବାକୁ ପଡୁଥିଲା । ଏହି ସବୁ ନିୟମକୁ ସୋଲୋନ୍ ଅବୈଧ ଘୋଷଣା କରି ରଦ୍ଦ କରିଦେଇଥିଲେ ତଥା ଋଣ ପରିଶୋଧ କରିଥିବା ଚାଷୀଙ୍କର ସଂପତ୍ତିକୁ ପୁନଃ ଥଇଥାନ କରିଦେଇଥିଲେ । ରାଜ୍ୟରେ ସର୍ବାଧିକ ସଂପତ୍ତି ରଖିବାର ଏକ ସୀମା ନିର୍ଦ୍ଧାରଣ କରିଥିଲେ । ଯେଉଁ ଦାସମାନଙ୍କୁ ବିଦେଶରେ ବିକ୍ରି କରିଦିଆଯାଇଥିଲା, ସେମାନଙ୍କୁ ଫେରେଇ ଆଣିବା ଖର୍ଚ୍ଚ ରାଜ୍ୟ ବହନ କରିଥିଲା । ନିମ୍ନବର୍ଗ ସହିତ ସମସ୍ତ ବର୍ଗର ଲୋକଙ୍କୁ ମତଦାନ ଅଧିକାର ପ୍ରଦାନ କରାଯାଇଥିଲା । ସମସ୍ତ ସ୍ୱାଧୀନ ମଣିଷ ଆଇନ ଆଗରେ ସମାନ ବୋଲି ଧାର୍ଯ୍ୟ କରାଯାଇଥିଲା । ଏକ ଜନପ୍ରିୟ ବିଧାନସଭା ଗଠନ କରିବା ପାଇଁ ସମ୍ବିଧାନରେ ସଂଶୋଧନ କରିବାକୁ ସେ ପରାମର୍ଶ ଦେଇଥିଲେ; ଫଳସ୍ୱରୂପ ସରକାର ଚଳେଇବାରେ ସାଧାରଣ ଜନତା ମଧ୍ୟ ଅଂଶୀଦାର ହୋଇପାରିବେ । ଏହାଫଳରେ ସାଧାରଣ ଜନତାଙ୍କ ପ୍ରତି ଜମିଦାରମାନଙ୍କ ମନରେ ଥିବା ବିଦ୍ୱେଷ ଏବଂ ଘୃଣାଭାବର ଅନ୍ତ ଘଟିଥିଲା । ଏଥେନସର ଦୁଃଖଦ ଗୃହଯୁଦ୍ଧ ପରିସ୍ଥିତିର ପରିବର୍ତ୍ତନ ହୋଇ ଶାନ୍ତି ଓ ସମୃଦ୍ଧିର ଯୁଗରେ ପରିଣତ ହୋଇଥିଲା ।

ପିସିଷ୍ଟ୍ରାଟସ୍

ସୋଲୋନ୍‌ଙ୍କ ସଂସ୍କାର ସତ୍ତ୍ୱେ ମଧ୍ୟ ଏଥେନସରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଉଚ୍ଚନୀଚ ଭାବଧାରା ପ୍ରଚଳିତ ଥିଲା । ସୋଲୋନ୍‌ଙ୍କ ପୁତୁରା ପିସିଷ୍ଟ୍ରାଟସ୍‌ଙ୍କ ସମୟରେ ପରିସ୍ଥିତିରେ ଉନ୍ନତି ଆସିଥିଲା । ସେ ଖ୍ରୀ.ପୂ. ୫୪୬ରେ ଏଥେନ୍‌ସର ପ୍ରଶାସକ ଭାବରେ ନିର୍ବାଚିତ ହୋଇଥିଲେ । ସେ ଜଣେ ଉଚ୍ଚବୁଦ୍ଧିସଂପନ୍ନ ତଥା ଉଚ୍ଚାଭିଳାଷୀ ମଣିଷ ଥିଲେ । ସେ ଥିଲେ ଜଣେ ପ୍ରଜାବତ୍ସଳ ଏବଂ ଉପକାରୀ ପ୍ରଶାସକ ଏବଂ ୩୦ ବର୍ଷ କାଳ ଶାସନ କରିଥିଲେ । ତାଙ୍କ ଶାସନ କାଳରେ ଏଥେନ୍‌ସର କଳା, ସ୍ଥାପତ୍ୟ, ସାହିତ୍ୟ, ବିଜ୍ଞାନ ଏପରିକି କୃଷି ଏବଂ ଶିଳ୍ପୋଦ୍ୟୋଗ ଆଦି ସବୁ କ୍ଷେତ୍ରରେ ସର୍ବବିଧ ଉନ୍ନତି ସାଧିତ ହୋଇଥିଲା । ଅତ୍ୟାଚାରୀ ଜମିଦାରମାନଙ୍କୁ ସେ ଏଥେନ୍‌ସରୁ ବିତାଡ଼ିତ କରି ସେମାନଙ୍କ ସଂପତ୍ତିକୁ ବାଜ୍ୟାପ୍ତ କରି ସରକାରୀ ସଂପତ୍ତି ରୂପରେ ଘୋଷଣା କରିଥିଲେ ତଥା ଭୂମିହୀନଙ୍କ ମଧ୍ୟରେ ଆବଣ୍ଟନ କରିଥିଲେ । ଅତି କୋହଳ ସର୍ତ୍ତରେ ଏବଂ କମ୍ ସୁଧରେ ସରକାରୀ ଖଜଣାରୁ ଗରିବ ଚାଷୀମାନଙ୍କୁ ଋଣ ଦେବାର ବ୍ୟବସ୍ଥା କରିଥିଲେ । ତାଙ୍କ କାକା ସୋଲୋନ୍‌ଙ୍କ ପ୍ରଣୀତ ସମ୍ବିଧାନକୁ ପରିବର୍ତ୍ତନ ନ କରି ପ୍ରଚଳନ କରିଥିଲେ । ରାଜ୍ୟରେ ସେ କୃଷି ବିପ୍ଳବ ଆଣିଥିଲେ । ରାଜ୍ୟ ତରଫରୁ ଅନେକ ଧାର୍ମିକ ଅନୁଷ୍ଠାନ ଓ ପର୍ବପର୍ବାଣିକୁ ପ୍ରୋତ୍ସାହନ ଦେଇଥିଲେ ତଥା ଆର୍ଥିକ ସହାୟତା କରିଥିଲେ । ସେ ଅତୀବ ଆଡମ୍ବର ସହକାରେ ମୁଖ୍ୟ ଦେବୀ ଏଥେନାଙ୍କର ଧର୍ମବିଧି ଅନୁଷ୍ଠାନ ''ପାନାଥେନାଇଆ''ର ପାଳନ କରାଇଥିଲେ ତଥା ପୃଷ୍ଠପୋଷକତା ପ୍ରଦାନ କରିଥିଲେ; ଫଳରେ ଦେବୀ ଏଥେନାଙ୍କ ସମ୍ମାନାର୍ଥେ ଉକ୍ତ ଧର୍ମୀୟ ବିଧି ପ୍ରତିବର୍ଷ ପାଳନ କରାଯାଉଥିଲା । ଖ୍ରୀ.ପୂ. ୫୨୭ରେ ସେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ଦେହାନ୍ତ ପରେ ଏଥେନ୍‌ସରେ ପୁନର୍ବାର ଅରାଜକତା ବ୍ୟାପୀ ଯାଇଥିଲା ।

କ୍ଲେଇସ୍‌ଥେନିସ୍

କ୍ଲେଇସ୍‌ଥେନିସ୍‌ଙ୍କୁ ଯଥାର୍ଥରେ ''ଗ୍ରୀସ୍ ଗଣତନ୍ତ୍ରର ଜନକ'' କୁହାଯାଇଛି । ସେ ଥିଲେ ବାସ୍ତବ କ୍ଷେତ୍ରରେ ସଂସ୍କାରକ । ସେ ପ୍ରକୃତ ସମସ୍ୟା ହୃଦୟଙ୍ଗମ କରିଥିଲେ ଏବଂ ଲୋକମାନଙ୍କୁ ଅଧିକ କ୍ଷମତାଶାଳୀ କରିବା ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ଅତ୍ୟାଚାରକୁ ବନ୍ଦକରି ଗଣତନ୍ତ୍ରର ସୁରକ୍ଷା ପାଇଁ ସେ ଦୃଢ଼ ପଦକ୍ଷେପ ନେଇଥିଲେ । ଏଥେନୀୟ ସମାଜ ବ୍ୟବସ୍ଥାର ଚାରିବର୍ଗଙ୍କୁ ସେ ଦଶଗୋଟି ''ଡେମେ'' ଅଥବା ସଂପ୍ରଦାୟରେ ବିଭକ୍ତ କରିଥିଲେ । ପାଞ୍ଚଶହ ସଭ୍ୟବିଶିଷ୍ଟ ପରିଷଦର ଗଠନ କରିବା ପାଇଁ ପ୍ରତ୍ୟେକ ସଂପ୍ରଦାୟ ପ୍ରତିବର୍ଷ ୫୦ ଜଣଙ୍କୁ ନିର୍ବାଚିତ କରିବା ବିଧି ପ୍ରଚଳନ କରାଯାଇଥିଲା । ପ୍ରତ୍ୟେକ ସ୍ୱାଧୀନ ମଣିଷର ମତଦାନ ଅଧିକାର ରହିଥିଲା । ପରିଷଦ ଥିଲା ପ୍ରଶାସନର ସର୍ବୋଚ୍ଚ ଅଧିକାରୀ । ବିଧାନ ସଭା କିମ୍ବା ''ଏକ୍ଲେସିଆ'' ପରିଷଦର ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରୁଥିଲେ । ଏହି ସଂସ୍କାର ଫଳରେ ଏଥେନ୍‌ସ ଏକପ୍ରକାରର ପ୍ରତ୍ୟକ୍ଷ ଗଣତନ୍ତ୍ରରେ ପରିଣତ ହୋଇଯାଇଥିଲା । ଗଣତନ୍ତ୍ରର ସୁରକ୍ଷା ପାଇଁ ସେ ଏକ ଅଭିନବ ପଦ୍ଧତି ଗ୍ରହଣ କରିଥିଲେ, ଯାହାକୁ ''ଓଷ୍ଟ୍ରାସିଜମ୍'' (ସମାଜଚ୍ୟୁତ ଅଥବା ବାସନ୍ଦ କରିବା) କୁହାଯାଉଥିଲା । ଏହି ପଦ୍ଧତିରେ ଜନସାଧାରଣଙ୍କୁ ଅଧିକାର ଦିଆଯାଇଥିଲା ଯେ, ସେମାନେ ଯେକୌଣସି ଅନ୍ୟାୟୀ ଅଥବା ଅତ୍ୟାଚାରୀ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ରାଷ୍ଟ୍ରପାଇଁ ବିପଦପୂର୍ଣ୍ଣ ବୋଲି ମତଦାନ କରିପାରିବେ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ମତଦାନ କରାଯାଉଥିଲା । ସେହିପରି କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ୬୦୦୦ ରୁ ଅଧିକ ମତଦାନ କରାଗଲେ ସେହି ବ୍ୟକ୍ତିଙ୍କୁ ୧୦ ବର୍ଷପାଇଁ ରାଜ୍ୟରୁ ନିର୍ବାସିତ କରାଯାଉଥିଲା । ଏହି ପଦ୍ଧତି ଦୁଷ୍ଟ ଏବଂ ଅତ୍ୟାଚାରୀ ଅଧିକାରୀମାନଙ୍କୁ ରାଜ୍ୟରୁ ନିର୍ବାସିତ କରିବା ପାଇଁ ନାଗରିକମାନଙ୍କୁ ଅଧିକାର ପ୍ରଦାନ କରିଥିଲା । ବାସ୍ତବିକ ଏହା ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହାକି ନାଗରିକମାନଙ୍କୁ ପ୍ରଶାସନ ସହିତ ଜଡ଼ିତ କରିଥିଲା । ସାମରିକ ଏବଂ ବୈଦେଶିକ ବ୍ୟାପାର ପରିଚାଳନା ପାଇଁ ୧୦ ଜଣ ସାମରିକ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ସମିତି ଗଠନ କରାଯାଇଥିଲା । ସେମାନଙ୍କୁ ବିଧାନସଭା (ପରିଷଦ)ର ସଭ୍ୟମାନେ ନିର୍ବାଚିତ କରୁଥିଲେ । ପ୍ରଶାସନର ଦୈନନ୍ଦିନ ଶାସନ ପରିଚାଳନା ପାଇଁ ଏକ ରାଜ୍ୟ ପରିଷଦ ଗଠନ କରାଯାଉଥିଲା । ନ୍ୟାୟପାଳିକା ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସମସ୍ତଙ୍କୁ ଉପଯୁକ୍ତ ଭାବରେ ନ୍ୟାୟ ମିଳିପାରୁଥିଲା । ଏଠି ବିଶେଷ ଦ୍ରଷ୍ଟବ୍ୟ ଅଟେ ଯେ, ସମସ୍ତ ସିଦ୍ଧାନ୍ତଗୁଡ଼ିକ ବିଚାରାଳୟରେ କୌଣସି ମକଦ୍ଦମାରେ ନିଜର ସିଦ୍ଧାନ୍ତ ଦେବା ନିମନ୍ତେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଚୟନ ହୋଇଥିବା ଶପଥ ଗ୍ରହଣକାରୀ ବ୍ୟକ୍ତିବୃନ୍ଦଙ୍କ ବହୁମତ ମାଧ୍ୟମରେ ନିଆଯାଉଥିଲା ।

ନାଗରିକମାନଙ୍କର କର୍ତ୍ତବ୍ୟ

ଏଥେନୀୟ ଗଣତନ୍ତ୍ର ନାଗରିକମାନଙ୍କୁ ସମାନ ଅଧିକାର ଏବଂ ସୁଯୋଗ ପ୍ରଦାନ କରିଥିବା ସହିତ ସେମାନଙ୍କଠାରୁ ରାଜ୍ୟପ୍ରତି ବିଶ୍ୱସନୀୟ ଏବଂ ଐକାନ୍ତିକ ସେବା ମଧ୍ୟ ଆଶା କରୁଥିଲା । ସରକାରୀ ନିର୍ମାଣଗୁଡ଼ିକରେ ନାଗରିକମାନଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ, ପରିଷଦର ସଭା ସମିତିରେ ଯୋଗଦାନ, ଖେଳକୁଦରେ ଯୋଗଦାନ କରିବା ଆଦି ଥିଲା ରାଜ୍ୟ ପ୍ରତି ବିଶ୍ୱସନୀୟ ଓ ଐକାନ୍ତିକ ସେବା । ଏଥେନୀୟ ଗଣତନ୍ତ୍ରରେ ରହିଥିବା ସୀମାବଦ୍ଧନଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

(କ) ତାଲିମପ୍ରାପ୍ତ ହୋଇନଥିବାରୁ ଗଣତନ୍ତ୍ରର ଶାସନ ପରିଚାଳନାରେ ଗରିବ ଶ୍ରେଣୀର ଲୋକେ ଭାଗ ନେଇ ପାରୁ ନ ଥିଲେ ।

(ଖ) ବିଧାନ ପରିଷଦର ଆଲୋଚନାଗୁଡ଼ିକରେ ଆନ୍ତରିକତା ଓ ସଙ୍କୋଚତା ଥାଉ ବା ନ ଥାଉ କେବଳ ଜ୍ଞାନୀ ଏବଂ ବାକ୍‌ପଟୁ ବ୍ୟକ୍ତିମାନେ ହିଁ ଆଗରୁ ଭାଗନେଇ ପାରୁଥିଲେ । ଏହି ନିୟମକୁ ରଦ୍ଦ କରାଯାଇ ଆଲୋଚନାରେ ସମସ୍ତ ନାଗରିକ ଭାଗ ନେଇପାରିବା ବ୍ୟବସ୍ଥା କରାଯାଇଥିଲା ।

(ଗ) ପରିଷଦର ସଭାରେ ଯୋଗଦେଲେ ଗସ୍ତଖର୍ଚ୍ଚ ଆଦି ବାବଦରେ ଅର୍ଥ ମିଳୁଥିଲା । ତେଣୁ ଯେଉଁ ବ୍ୟକ୍ତିମାନେ ସଭାରେ ଯୋଗଦାନକୁ ଅର୍ଥ ଉପାର୍ଜନର ଏକ ମାଧ୍ୟମ ରୂପରେ ଗ୍ରହଣ କରୁଥିଲେ, ସେମାନଙ୍କୁ ଆଲୋଚନାରେ ଭାଗନେବାକୁ ବାରଣ କରାଯାଇଥିଲା ।

(ଘ) ଜମିଦାରମାନେ ପ୍ରଶାସନ ସମ୍ବନ୍ଧରେ ଅଧିକ ପ୍ରଶିକ୍ଷଣ ପାଇଥିଲେ । ସେମାନେ ଜ୍ଞାନୀ ମାନୀ ଏବଂ ଧନୀ ଥିଲେ । ତେଣୁ ଶାସନ କ୍ଷମତାକୁ ନିଜ ହାତକୁ ନେବାପାଇଁ ସେମାନେ ସତତ ଚେଷ୍ଟିତ ଥିଲେ, ଯାହାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଥିଲା ତଥା ଅନେକ ଜମିଦାରଙ୍କୁ ନିର୍ବାସିତ ମଧ୍ୟ କରାଯାଇଥିଲା ।

ପାରସ୍ୟର ଏଥେନ୍‌ସ ଆକ୍ରମଣ

ଖ୍ରୀ.ପୂ. ୫ମ ଶତାବ୍ଦୀ ବେଳକୁ ପାରସୀୟମାନେ ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକୁ ଆକ୍ରମଣ କରିବା ମୂଳରେ ଅନେକ କାରଣ ରହିଥିଲା । ସାଇରସ୍ ଏବଂ ଡାରିଅସ୍‌ଙ୍କ ରାଜତ୍ୱ କାଳରେ ପାରସ୍ୟର ଶକ୍ତି ଓ କ୍ଷମତାରେ ଅହେତୁକ ବୃଦ୍ଧି ହୋଇଥିଲା । ସେମାନଙ୍କର ଆକ୍ରମଣର ମୌଳିକ ଉଦ୍ଦେଶ୍ୟ ଥିଲା ରାଜ୍ୟଜୟ ଏବଂ କ୍ଷମତାରେ ବୃଦ୍ଧି କରିବା । ସେମାନେ ବ୍ୟବସାୟିକ ଦୃଷ୍ଟିକୋଣରୁ ଆକ୍ରମଣ କରି ନ ଥିଲେ । ପାରସ୍ୟର ଇଉରୋପ୍ ଆଡ଼କୁ ସାମ୍ରାଜ୍ୟ ବିସ୍ତାର ଆରମ୍ଭ କରିବା ଜାଣିଲା ପରେ ଗ୍ରୀସ୍‌ବାସୀଙ୍କ ମନରେ ଭୟ ସଂଚାର ହୋଇଥିଲା । ଏହି ସମୟରେ ଗ୍ରୀସ୍ ତା'ର ବର୍ଦ୍ଧିଷ୍ଣୁ ଜନତାଙ୍କ ଥଇଥାନ ପାଇଁ ନୂତନ ଉପନିବେଶର ସନ୍ଧାନ କରୁଥିଲା । ତେଣୁକରି ଉଭୟ ପାରସ୍ୟ ଏବଂ ଗ୍ରୀସ୍ ରାଜ୍ୟ ବିସ୍ତାର କରିବାରେ ନିୟୋଜିତ ଥିଲେ । ଗ୍ରୀସ୍ ନୂତନ ଉପନିବେଶ ପାଇଁ ଏବଂ ପାରସ୍ୟ ଯଶ ଓ କୀର୍ତ୍ତି ପାଇଁ ଯୁଦ୍ଧ ଏବଂ ରାଜ୍ୟବିସ୍ତାର ଆରମ୍ଭ କରି ଦେଇଥିଲେ ବି ଏହି ପରିପ୍ରେକ୍ଷୀରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା । ପାରସୀୟମାନେ ତାଙ୍କ ରାଜା ସାଇରସ୍‌ଙ୍କ ନେତୃତ୍ୱରେ ଗ୍ରୀସ୍‌ର ଅନେକ ନଗର-ରାଜ୍ୟକୁ ଜୟକରି ନେଇଥିଲେ; ଫଳସ୍ୱରୂପ କ୍ଷୁଦ୍ର ନଗର-ରାଜ୍ୟଗୁଡ଼ିକ ସାହାଯ୍ୟ ପାଇଁ ଏଥେନ୍‌ସ ଏବଂ ସ୍ପାର୍ଟାକୁ ଅନୁରୋଧ କରିଥିଲେ । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମଧ୍ୟ ଏଥେନ୍‌ସ ପାରସ୍ୟକୁ ପ୍ରତିରୋଧ କରିଥିଲା । ଏଥେନୀୟ ଏବଂ ଇରେଟ୍ରୀନୀୟ ଯୁଦ୍ଧ ଜାହାଜଗୁଡ଼ିକ ମିଳିତ ଭାବରେ ଆକ୍ରମଣ କରି ପାରସ୍ୟର ସର୍ଡିସ୍ ସହରକୁ ଧ୍ୱଂସ କରିଦେଇଥିଲେ । ଏଥେନ୍‌ସକୁ ପ୍ରତିରୋଧ କରିବା ପାଇଁ ତଦାନୀନ୍ତନ ପାରସୀୟ ରାଜା ତାଙ୍କ ଜାମାତା ମାର୍ଡୋନୀୟସ୍‌ଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ନୌସେନା ପଠେଇଥିଲେ; ହେଲେ ଏହି ଅଭିଯାନ ଏକ ବାତ୍ୟାଦ୍ୱାରା ଧ୍ୱଂସ ହୋଇଯାଇଥିଲା । ତା'ପରେ ଖ୍ରୀ.ପୂ. ୪୯୦ରେ ଏଥେନ୍‌ସ ବିରୁଦ୍ଧରେ ଦ୍ୱିତୀୟ ଅଭିଯାନ କରାଯାଇଥିଲା; ଫଳରେ ମାରାଥନ୍‌ଠାରେ ଏକ ଭୟାବହ ଏବଂ ରକ୍ତାକ୍ତ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ସାହାଯ୍ୟ କରିବା ପାଇଁ ଏଥେନ୍‌ସବାସୀ ସ୍ପାର୍ଟାକୁ ଅନୁରୋଧ କରିଥିଲେ । ଏହି ଖବର ଫିଲିପ୍ପିଡେସ୍‌ଙ୍କ ହାତରେ ପ୍ରେରଣ କରାଯାଇଥିଲା, ଯିଏକି ପାର୍ବତ୍ୟାଞ୍ଚଳର ବନ୍ଧୁର ରାସ୍ତା ମଧ୍ୟରେ ଆଶ୍ଚର୍ଯ୍ୟାନ୍ୱିତ ଭାବରେ ଧାବମାନ ହୋଇ ୧୫୦ ମାଇଲ୍ ଦୂରତାକୁ ଦୁଇ ଦିନରେ ଅତିକ୍ରମ କରିଥିଲେ । ପାରସ୍ୟ ବିରୁଦ୍ଧରେ ଏଥେନ୍‌ସକୁ ସାହାଯ୍ୟ କରିବା ପାଇଁ ସ୍ପାର୍ଟାର ନାଗରିକମାନେ ଶପଥ ନେଇଥିଲେ; ହେଲେ ସୈନ୍ୟଚାଳନା ଆରମ୍ଭ କରିବା ପାଇଁ ଛଅଦିନ ସମୟ ନେଇଥିଲେ । ସ୍ପାର୍ଟାବାସୀ ରାଜି ହୋଇଥିବା ଖବର ଏଥେନ୍‌ସରେ ପହଞ୍ଚେଇବା ପାଇଁ ଫିଲିପ୍ପିଡେସ୍ ଠିକ୍ ଆଗପରି ଧାବମାନ ହୋଇ ଦୁଇଦିନ ମଧ୍ୟରେ ଏଥେନ୍‌ସରେ ପହଞ୍ଚିଥିଲେ । ଏଥେନୀୟମାନେ କିନ୍ତୁ ନିଜେ ଏକାକୀ ଲଢ଼ି ଯୁଦ୍ଧରେ ବିଜୟୀ ହୋଇଥିଲେ । ଫିଲିପ୍ପିଡେସ୍ ମଧ୍ୟ ଯୁଦ୍ଧରେ ଭାଗ ନେଇଥିଲେ ଏବଂ ବୀରତ୍ୱର ସହ ଲଢ଼ିଥିଲେ । ଯୁଦ୍ଧ ପରେ ସ୍ପାର୍ଟାକୁ ଏଥେନ୍‌ସର ବିଜୟବାର୍ତ୍ତା ଦେବାପାଇଁ ଫିଲିପ୍ପିଡେସ୍‌ଙ୍କୁ ପୁନର୍ବାର ପଠାଯାଇଥିଲା । ସେ ପୂର୍ବପରି ଆଶ୍ଚର୍ଯ୍ୟାନ୍ୱିତ ଭାବରେ ଧାବମାନ ହୋଇ ସ୍ପାର୍ଟାବାସୀଙ୍କୁ ବିଜୟ ଖବର ପ୍ରଦାନ କରିବା ପରେ ମୃତ୍ୟୁବରଣ କରିଥିଲେ । ଆଧୁନିକ ଖେଳକୁଦ ପ୍ରତିଯୋଗିତାରେ ସମ୍ମିଳିତ ମାରାଥନ୍ ଦୌଡ଼ ଫିଲିପ୍ପିଡେସ୍‌ଙ୍କ ସ୍ମୃତି ଓ ସମ୍ମାନରେ ଏକ ଶ୍ରଦ୍ଧାଞ୍ଜଳି ଅଟେ ।

ପୁନର୍ବାର ଖ୍ରୀ.ପୂ. ୪୮୦ରେ ପାରସ୍ୟର ରାଜା ଏବଂ ଡାରିଅସ୍‌ଙ୍କ ପୁତ୍ର ଜାରନୋସ୍ ଗ୍ରୀସ୍ ଆକ୍ରମଣ କରିଥିଲେ । ଏଥର ଏଥେନ୍ସ ସହିତ ରାଜା ଲିଓନିଦାସ୍‌ଙ୍କ ନେତୃତ୍ୱରେ ସ୍ପାର୍ଟା ଯୋଗ ଦେଇଥିଲା । ଏଥେନ୍ସ ଏବଂ ସ୍ପାର୍ଟାର ମିଳିତ ବାହିନୀ ପାରସୀୟମାନଙ୍କୁ ଥର୍ମୋପାଇଲ ଯୁଦ୍ଧରେ ପରାସ୍ତ କରି ତାଙ୍କ ଅଭିଯାନକୁ ପ୍ରତିରୋଧ କରିଥିଲେ । ପରିଶେଷରେ ସଲାମିସ୍ ଏବଂ ପ୍ଲାଟାଇଆ ଯୁଦ୍ଧ ଦ୍ୱୟରେ ପାରସ୍ୟ ସଂପୂର୍ଣ୍ଣ ରୂପରେ ପରାଜିତ ହୋଇଥିଲା । ଏହି ବିଜୟ ପରେ ଏଥେନ୍ସର ପ୍ରସିଦ୍ଧି ଚାରିଆଡ଼େ ବ୍ୟାପି ଯାଇଥିଲା ଏବଂ ଏଥେନୀୟ ନେତୃତ୍ୱକୁ ସମଗ୍ର ଗ୍ରୀସ୍‌ରେ ସ୍ୱୀକୃତି ମିଳିଥିଲା । ତା'ପରେ ଏଥେନ୍ସ ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକୁ ନେଇ ଡେଲୋସ୍ କିମ୍ବା ଡେଲିଆନୀୟ ନାମକ ଏକ ସଂଘ ଗଠନ କରିଥିଲା । ଏଥେନୀୟ ସଭ୍ୟତାର ମହତ୍ତ୍ୱ ଚତୁର୍ଦ୍ଦିଗରେ ପ୍ରସାରିତ ହୋଇଥିଲା ତଥା ପେରିକ୍ଲିସ୍‌ଙ୍କ ଶାସନକାଳରେ ଉନ୍ନତିର ଚରମସୀମାରେ ଉପନୀତ ହୋଇଥିଲା । ପରିଶେଷରେ ଏଥେନ୍ସ ଏକ ସାମ୍ରାଜ୍ୟରେ ପରିଣତ ହୋଇଯାଇଥିଲା । ଏଥେନ୍ସବାସୀ ପାରସ୍ୟ ବିରୁଦ୍ଧରେ ବିଜୟକୁ ଭଗବାନଙ୍କ ଆଦେଶ ଓ ଆଶୀର୍ବାଦ ରୂପରେ ଗ୍ରହଣ କରିଥିଲେ । ତେଣୁକରି ସେମାନେ ଏହି ବିଜୟର ସ୍ମାରକୀ ସଦୃଶ ଅନେକ ମନ୍ଦିର ଏବଂ ଦେବଦେବୀ ମୂର୍ତ୍ତି ନିର୍ମାଣ କରିଥିଲେ । ଭଗବାନଙ୍କ ସମ୍ମାନାର୍ଥେ ଅନେକ ଭକ୍ତିପୂତ ପ୍ରାର୍ଥନା ରଚନା କରିଥିଲେ । ଆହୁରି ମଧ୍ୟ ପାରସ୍ୟର ପରାଜୟ ଫଳରେ ଗ୍ରୀସ୍‌ର ବହିର୍ବାଣିଜ୍ୟ ଏବଂ ସାମ୍ରାଜ୍ୟବାଦରେ ଅତ୍ୟନ୍ତ ବୃଦ୍ଧି ହୋଇଥିଲା ।

ପେରିକ୍ଲିସ୍ ଯୁଗ

ପେରିକ୍ଲିସ୍ ଯୁଗକୁ ଗ୍ରୀସ୍‌ର ଇତିହାସରେ ସୁବର୍ଣ୍ଣ ଯୁଗ ରୂପରେ ଆଖ୍ୟାୟିତ କରାଯାଇଛି । କୃତିତ୍ୱ, ଉପଲବ୍ଧି ଏବଂ ସୁକୃତର ପରିମାଣ ଦୃଷ୍ଟିରୁ ଏହି ଯୁଗକୁ ରୋମ୍‌ର ଅଗଷ୍ଟସ୍‌ଙ୍କ ଯୁଗ ସହ ସମକକ୍ଷ ବୋଲି ଅଭିହିତ କରାଯାଇଛି । ଭାରତରେ ଗୁପ୍ତ ଯୁଗ, ଇଂଲଣ୍ଡରେ ଏଲିଜାବେଥ୍‌ଙ୍କ ଯୁଗପରି ଏହା ବିଖ୍ୟାତ ଓ ସର୍ବଜନାଦୃତ ଥିଲା । ଏହି କାଳରେ ସାହିତ୍ୟ, ଧର୍ମ, ଦର୍ଶନ, ରାଜନୀତି, ଅର୍ଥନୀତି ଆଦି ସମସ୍ତ କ୍ଷେତ୍ରରେ ଗ୍ରୀସ୍‌ର ଉନ୍ନତି ଚରମସୀମାରେ ଉପନୀତ ହୋଇଥିଲା । ମାନବ ଇତିହାସରେ ସାମଗ୍ରିକ ରୂପରେ ଏହି ଯୁଗ ଥିଲା ଯୁଗାନ୍ତକାରୀ । ସାଧାରଣ ମଣିଷଟିଏ ଜୀବନରେ ଦେଖିଥିବା ସୁଖସମୃଦ୍ଧିର ସୁନେଲି ସ୍ୱପ୍ନଟି ଏହି ଯୁଗରେ ସାକାର ହୋଇଥିଲା । ଏକ ମୁକ୍ତ ବାୟୁମଣ୍ଡଳରେ ସ୍ୱାଧୀନ ମଣିଷଟିଏ ଶାନ୍ତିରେ ନିଃଶ୍ୱାସ ନେଇଥିଲା ଏବଂ ସୁଖରେ ନିଦ୍ରା ଯାଇଥିଲା । ଆଖିରୁ ଦୁଃଖଦୈନ୍ୟର ଲୁହ ଝରି ନ ଥିଲା । ପେଟରୁ ଓଦାକନା ଅନ୍ତର୍ହିତ ହୋଇଯାଇଥିଲା ।

କ୍ଲେଇସ୍ଥେନିସ୍‌ଙ୍କ ବଂଶଧର ପେରିକ୍ଲିସ୍ ଏକ ଜମିଦାର ପରିବାରରେ ଖ୍ରୀ.ପୂ. ୪୯୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଯାନ୍ଥେପାସ୍ ପାରସ୍ୟ ବିରୋଧୀ ଯୁଦ୍ଧରେ ଯୋଗ ଦେଇଥିଲେ । ପେରିକ୍ଲିସ୍ ବ୍ୟାୟାମ, ଶରୀର ଗଠନ, ଦର୍ଶନ, ଗୀତ, ତର୍କ, ସାହିତ୍ୟ, ରାଜ୍ୟଶାସନ ଆଦି ବିଦ୍ୟାରେ ଉତ୍ତମ ରୂପରେ ସଂପୂର୍ଣ୍ଣ ଶିକ୍ଷା ପାଇଥିଲେ । ପୁନଶ୍ଚ ସେ ସାମରିକ ପ୍ରଶିକ୍ଷଣ ମଧ୍ୟ ଗ୍ରହଣ କରିଥିଲେ । ବିଭିନ୍ନ ଶାସ୍ତ୍ର, କଳା, ବିଦ୍ୟା ଏବଂ ସମର କୌଶଳରେ ସେ ନିପୁଣ ଥିଲେ । ସେ ଜଣେ କୋମଳ ହୃଦୟବିଶିଷ୍ଟ ବ୍ୟକ୍ତି ଥିଲେ । ସେ ଥିଲେ ସ୍ୱତନ୍ତ୍ରତାର ଶ୍ରେଷ୍ଠ ସମର୍ଥକ ଏବଂ ପ୍ରବୀଣ ରାଜନୀତିଜ୍ଞ । ଖ୍ରୀ.ପୂ. ୪୬୫ରେ ସେ ଏଥେନ୍ସର ପ୍ରଶାସକ ଭାବରେ ନିର୍ବାଚିତ ହୋଇଥିଲେ । ତାଙ୍କ ସମ୍ବନ୍ଧରେ ଥୁସିଡାଇଡିସ୍ ଲେଖିଥିଲେ ଯେ, "ସେ ଏଥେନ୍ସକୁ ସମସ୍ତ ବିପଦରୁ ସୁରକ୍ଷିତ ରଖିଥିଲେ । ତାଙ୍କ ନେତୃତ୍ୱ ଏବଂ ଦିଗ୍‌ଦର୍ଶନରେ ଏଥେନ୍ସ ମହାନତା ଏବଂ ସମୃଦ୍ଧିର ଶିଖରକୁ ଛୁଇଁ ପାରିଥିଲା ।" ଖ୍ରୀ.ପୂ. ୪୨୯ରେ ସେ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଏଥେନ୍ସରେ ସେ ତାଙ୍କ ପୂର୍ବଜ କ୍ଲେଇସ୍ଥେନିସ୍ ପ୍ରଚଳନ କରିଥିବା ଗଣତନ୍ତ୍ର ପଦ୍ଧତିରେ ସାମାନ୍ୟ ପରିବର୍ତ୍ତନ କରି ଗ୍ରହଣ କରି ନେଇଥିଲେ ତଥା ସେହି ଅନୁଯାୟୀ ଶାସନ ପରିଚାଳନା କରି ବିଖ୍ୟାତ ହୋଇଥିଲେ ।

ପେରିକ୍ଲିସ୍‌ଙ୍କ ସମୟରେ ଏଥେନୀୟ କଳା ସ୍ଥାପତ୍ୟରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ସୌଧ ନିର୍ମାଣରେ ସେ ଶଙ୍ଖମର୍ମର୍ ପ୍ରସ୍ତର (ମାର୍ବଲ) ଏବଂ ସ୍ତମ୍ଭର ବ୍ୟବହାର କରିଥିଲେ । ପାରସୀୟମାନଙ୍କ ଦ୍ୱାରା ବିଧ୍ୱସ୍ତ ଆର୍କୋପୋଲିସ୍ (ରାଜଧାନୀର ଦୁର୍ଗ)କୁ ମରାମତି କରାଇଥିଲେ ତଥା ଦେବୀ ଏଥେନାଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ ।

ତାଙ୍କ ସମୟରେ ବର୍ଷ ମଧ୍ୟରେ ହେଉଥିବା ୬୦ ଗୋଟି ପର୍ବପର୍ବାଣି, ଯାତ୍ରା, ମହୋତ୍ସବ ଆଦିର ଖର୍ଚ୍ଚ ରାଜ୍ୟ ବହନ କରୁଥିଲା । କ୍ରୀଡ଼ା ଏବଂ ନାଟକ ପ୍ରତିଯୋଗିତାଗୁଡ଼ିକର ଆୟୋଜନ ଏବଂ ଖର୍ଚ୍ଚ ରାଜ୍ୟ କରୁଥିଲା ।

ତାଙ୍କ ସମୟରେ ସେ ଗ୍ରୀସ୍‌ର ସାହିତ୍ୟକୁ ସମୃଦ୍ଧ କରିଥିଲେ କବି ସୋଫୋକ୍ଲିସ୍, ଇଉରିପାଇଡ଼ିସ୍ ଏବଂ ଆଏସ୍କିଲସ୍, ହାସ୍ୟ ଏବଂ ବ୍ୟଙ୍ଗକାର ଆରିଷ୍ଟୋଫେନେସ୍ ଆଦି । ଐତିହାସିକ ନାଟକଗୁଡ଼ିକ ମଧ୍ୟ ମଞ୍ଚସ୍ଥ କରାଯାଉଥିଲା । ଇତିହାସର ଜନକ ହେରୋଡୋଟସ୍, ଅନ୍ୟ ଐତିହାସିକ ଯେନୋଫୋନ, ପ୍ରଥମ ବୈଜ୍ଞାନିକ ପଦ୍ଧତିର ଐତିହାସିକ, ପ୍ରଥମ ନାରୀକବି ସାଫୋ ଆଦି ତାଙ୍କ ସମସାମୟିକ ଥିଲେ । ପେରିକ୍ଲିସ୍ ଯୁଗର ଅବଦାନଗୁଡ଼ିକ ଦ୍ୱାରା ସାରା ବିଶ୍ୱ ଉପକୃତ ହୋଇଥିଲା ।

ପେଲୋପୋନେସୀୟ ଯୁଦ୍ଧ ଅଥବା ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଯୁଦ୍ଧ

ଏଥେନ୍ସର ସର୍ବବିଧ ଉନ୍ନତି ଏବଂ ସମୃଦ୍ଧିରେ ଗ୍ରୀସ୍‌ର ଅନ୍ୟାନ୍ୟ ନଗର-ରାଜ୍ୟଗୁଡ଼ିକ ଈର୍ଷାପରାୟଣ ହୋଇଉଠିଥିଲେ । ସ୍ପାର୍ଟାର ଉଦ୍ୟମକ୍ରମେ କେତେକ ନଗର-ରାଜ୍ୟ ଏଥେନ୍ସ ବିରୁଦ୍ଧରେ ପେଲୋପୋନେସୀୟ ସଂଘ ଗଠନ କରିଥିଲେ । ଏହି ସଂଘ ଏଥେନ୍ସ ବିରୁଦ୍ଧରେ ଖ୍ରୀ.ପୂ. ୪୬୦ରେ ଯୁଦ୍ଧ ଘୋଷଣା କରିଥିଲା । ଏହାକୁ ପ୍ରଥମ ପେଲୋପୋନେସୀୟ ଯୁଦ୍ଧ କୁହାଯାଏ । ଏହି ଯୁଦ୍ଧର ଅବସାନ ହୋଇଥିଲା ଖ୍ରୀ.ପୂ. ୪୪୫ରେ ଏବଂ ଏକ ଶାନ୍ତି ସନ୍ଧି ସ୍ୱାକ୍ଷର କରାଯାଇଥିଲା; ହେଲେ ଖ୍ରୀ.ପୂ. ୪୩୧ରେ ପୁନର୍ବାର ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ଏହି ଯୁଦ୍ଧର ପରିସମାପ୍ତି ହୋଇଥିଲା ଖ୍ରୀ.ପୂ. ୪୨୧ରେ । ଏହାକୁ ଦ୍ୱିତୀୟ ପେଲୋପୋନେସୀୟ ଯୁଦ୍ଧ କୁହାଯାଏ । ଏହି ଯୁଦ୍ଧର ସମାପ୍ତି ପରେ ନିସିୟାସ୍ ଶାନ୍ତି ସନ୍ଧି ସ୍ୱାକ୍ଷର କରାଯାଇଥିଲା । ଖ୍ରୀ.ପୂ. ୪୦୫ରେ ତୃତୀୟଥର ପାଇଁ ଏହି ଯୁଦ୍ଧ ପୁନର୍ବାର ଆରମ୍ଭ ହୋଇଯାଇଥିଲା । ପାରସ୍ୟର ସାହାଯ୍ୟରେ ସ୍ପାର୍ଟା ଏଥେନ୍ସକୁ ପଦାନତ କରିଥିଲା । ଏହି ଦୁଃଖଦ ସମୟରେ ଭାଙ୍ଗି ନ ପଡ଼ି ଧୈର୍ଯ୍ୟ ଧରିବା ଆବଶ୍ୟକ ଥିଲା । ଏଥେନ୍ସରେ ମଧ୍ୟ ପ୍ଲେଗ୍ ବ୍ୟାପିଯାଇଥିଲା ଏପରିକି ଏହି ରୋଗରେ ପେରିକ୍ଲିସ୍ ମଧ୍ୟ ପ୍ରାଣ ହରାଇଥିଲେ । ଏଥେନ୍ସକୁ ହରାଇ ସ୍ପାର୍ଟା ଗ୍ରୀସ୍‌ର ପ୍ରମୁଖ ଶକ୍ତିଶାଳୀ ରାଜ୍ୟ ହୋଇଯାଇଥିଲା ।

ଖ୍ରୀ.ପୂ. ୩୭୧ରେ ଥେବେସ୍‌ର ଇପେମିନୋଣ୍ଡାମାନେ ସ୍ପାର୍ଟାକୁ ଯୁଦ୍ଧରେ ପରାଜିତ କରି ତା'ର ପ୍ରାଧାନ୍ୟ କ୍ଷୁଣ୍ଣ କରିଥିଲେ । ଥେବେସ୍ ହୋଇଯାଇଥିଲା ଗ୍ରୀସ୍‌ର ସର୍ବଶକ୍ତିଶାଳୀ ରାଜ୍ୟ । ପୁନଶ୍ଚ ଖ୍ରୀ.ପୂ. ୩୬୨ରେ ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକ ଏକତ୍ରିତ ହୋଇ ଥେବେସ୍‌କୁ ଆକ୍ରମଣ କରି ତାକୁ ମେଣ୍ଟୋନିଆ ଯୁଦ୍ଧରେ ପରାସ୍ତ କରିଥିଲେ । ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକ ନିଜ ମଧ୍ୟରେ ଏହିପରି ତୀବ୍ର ଅସହିଷ୍ଣୁ ଏବଂ ଈର୍ଷାଭାବରେ ବ୍ୟାପୃତ ରହିଥିବା ବେଳେ ମାସିଡୋନିଆର ରାଜା ଫିଲିପ୍ସ ଗ୍ରୀସ୍ ଆକ୍ରମଣ କରି ଏହାକୁ ଅଧିକାର କଲେ ।

ସ୍ପାର୍ଟା

ପ୍ରାଚୀନ ଗ୍ରୀସ୍‌ର ଏଥେନ୍ସ ପରେ ଅନ୍ୟତମ ମୁଖ୍ୟ ନଗର-ରାଜ୍ୟ ଥିଲା ସ୍ପାର୍ଟା । ଅର୍ଥନୈତିକ ଦୃଷ୍ଟିକୋଣରୁ ଏହା ସୁଦୃଢ଼ ଥିଲା; ହେଲେ ଏହା ଦୁର୍ଭାଗ୍ୟପୂର୍ଣ୍ଣ ଅଟେ ଯେ, ଏହି ରାଜ୍ୟ ସର୍ବଦା ଏଥେନ୍ସ ପ୍ରତି ଈର୍ଷାପରାୟଣ ଏବଂ ଅସହିଷ୍ଣୁ ଥିଲା, ଯାହାକି ତା'ର ପତନର ମୁଖ୍ୟ କାରଣ ଥିଲା ।

ରାଜନୈତିକ ସଂଗଠନ

ଏଥେନ୍ସ ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ବେଳେ ସ୍ପାର୍ଟାରେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠିତ ଥିଲା । ସେ ଜଣେ ଆକ୍ରମଣକାରୀ ଭାବରେ ପେଲୋପୋନେସିଆକୁ ପ୍ରବେଶ କରିଥିଲା; ହେଲେ ମୈସେନୀୟ ସଂସ୍କୃତିକୁ ଅଙ୍ଗୀକାର

କରିପାରି ନ ଥିଲା ଏବଂ ସାମରିକ ଶକ୍ତି ଉପରେ ବିଶ୍ୱାସ କରି ଆକ୍ରମଣକାରୀ ଭାବରେ ନିଜକୁ ଦୃଢ଼ କରିଥିଲା । ଯୁଦ୍ଧ ଓ ଆକ୍ରମଣ ପାଇଁ ନିଜସ୍ୱ ସା..ରିକ ଶକ୍ତି ବୃଦ୍ଧି ନିମିତ୍ତ ସମସ୍ତ ଶକ୍ତି ଓ ସାଧନ ବିନିଯୋଗ କରିଥିଲା ।

ସ୍ପାର୍ଟାର ସମ୍ବିଧାନ ଅନୁଯାୟୀ ସେଠି ଦୁଇଜଣ ରାଜା ରାଜୁତି କରୁଥିଲେ । ରାଜା ଥିଲେ ପୂଜକ ଏବଂ ସର୍ବୋଚ୍ଚ ସେନାପତି । ପରବର୍ତ୍ତୀ ସମୟରେ ସେମାନେ ୨୮ଜଣ ସଭ୍ୟବିଶିଷ୍ଟ ଏକ ପରିଷଦ ଗଠନ କରିଥିଲେ, ଯେଉଁମାନେ କି ଜମିଦାରମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ ! ବିଧାନସଭାରେ ଆଲୋଚନା କରିବା ପାଇଁ ପରିଷଦ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଥିଲା । ବିଧାନସଭାକୁ 'ଆପ୍ପେଲ୍ଲା' କୁହାଯାଉଥିଲା, ଯାହାକି ବର୍ଷକରେ ଥରେ ଆହୂତ ହେଉଥିଲା । ପରିଷଦର ସଭ୍ୟମାନଙ୍କୁ ଏଫୋର୍ କୁହାଯାଉଥିଲା । ଏହି ସମୟ ବେଳକୁ ସ୍ପାର୍ଟାରେ ଗଣତନ୍ତ୍ର ପରି ଏକ ଶାସନ ବ୍ୟବସ୍ଥା ପ୍ରଚଳିତ ଥିଲା । ଏଥିରେ ସର୍ବୋଚ୍ଚ କ୍ଷମତା, ଇଫୋରେଟ୍ କୁହାଯାଉଥିବା ସର୍ବୋଚ୍ଚ ନ୍ୟାୟପାଳିକା ହାତରେ ନ୍ୟସ୍ତ ଥିଲା । ଏଥିରୁ ଜଣାଯାଏ ଯେ, ସ୍ପାର୍ଟାର ରାଜନୈତିକ ସଂସ୍ଥିତି ପାରମ୍ପରିକ ଥିଲା, ଯହିଁରେ ମନୋନୀତ କରାଯାଇଥିବା କେତେଜଣଙ୍କ ଶାସନ କ୍ଷମତା ସହିତ ସାମରିକ କ୍ଷମତା ସଂଯୁକ୍ତ ହୋଇ ରହିଥିଲା ।

ସମାଜ ବ୍ୟବସ୍ଥା

ସ୍ପାର୍ଟାର ସମାଜ ବ୍ୟବସ୍ଥା ବିବିଧତାପୂର୍ଣ୍ଣ ଥିଲା । ଏହା ବିଭିନ୍ନ ଶ୍ରେଣୀ ଯଥା- ସ୍ପାର୍ଟାର ମୂଳ ଅଧିବାସୀ, ପେରିଓକି ଏବଂ ହେଲୋଟ୍ ଆଦି ସଂପ୍ରଦାୟଙ୍କୁ ନେଇ ଗଠିତ ହୋଇଥିଲା । ସ୍ପାର୍ଟାର ଏକ-ଦଶମାଂସ ଥିଲେ ମୂଳ ଅଧିବାସୀ । ସେମାନଙ୍କର ପୂର୍ଣ୍ଣ ନାଗରିକ ଅଧିକାର ରହିଥିଲା । ସେମାନେ ଶାସକ କିମ୍ବା ସାମରିକ ଅଧିକାରୀ ହିଁ ହେଉଥିଲେ । ଦ୍ୱିତୀୟ ଶ୍ରେଣୀରେ ରହିଥିବା ପେରିଓକିମାନେ ଅଧସ୍ତନ କର୍ମଚାରୀ ଥିଲେ । ତୃତୀୟ ଶ୍ରେଣୀରେ ରହିଥିବା ହେଲୋଟମାନେ ଶ୍ରମିକ ଥିଲେ ତଥା ସେମାନଙ୍କୁ ପଶୁତୁଲ୍ୟ ବ୍ୟବହାର କରାଯାଉଥିଲା । ସ୍ପାର୍ଟାରେ ସମସ୍ତ ନାଗରିକଙ୍କର ସମାନ ଅଧିକାର ନ ଥିଲା । ତେଣୁକରି ମଧ୍ୟମ ଏବଂ ନିମ୍ନବର୍ଗର ଲୋକେ ସର୍ବଦା ଅଶାନ୍ତିରେ କାଳାତିପାତ କରୁଥିଲେ ତଥା ସମୟ ସମୟରେ ଶାସକ (ଯିଏକି ସ୍ପାର୍ଟାର ମୂଳ ଅଧିବାସୀ ଥିଲେ)ଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିଲେ ।

ସ୍ପାର୍ଟାର ପ୍ରଶାସନ ସର୍ବଦା ଆଶା କରୁଥିଲା ଯେ, ତା'ର ନାଗରିକମାନେ ବଳିଷ୍ଠ ଏବଂ ସାହସୀ ସୈନିକ ହୁଅନ୍ତୁ । ସ୍ପାର୍ଟାର ଆଇନକାନୁନ୍ ମଧ୍ୟ ଶାରୀରିକ ଶକ୍ତି ବୃଦ୍ଧି ଏବଂ ନାଗରିକମାନେ ବୃତ୍ତିଗତ ସୈନିକ ହେବାପାଇଁ ଗୁରୁତ୍ୱ ଦେଉଥିଲେ । ସେମାନଙ୍କର ନଗର-ରାଜ୍ୟ ବାସ୍ତବରେ ଏକ ସାମରିକ ଛାଉଣୀ ଥିଲା । ନବଜାତ ଶିଶୁମାନଙ୍କୁ ଚିକିତ୍ସକ ଏବଂ ଶାରୀରିକ ଶକ୍ତି ବିଶେଷଜ୍ଞମାନେ ପ୍ରଥମେ ପରୀକ୍ଷା କରୁଥିଲେ । ଯଦି ସେ ଅଯୋଗ୍ୟ ସିଦ୍ଧ ହୁଏ ଅଥବା ବିକଳାଙ୍ଗ ହୋଇଥାଏ ତାକୁ ଏକ ପର୍ବତ ଶିଖରରେ ମରିବା ପାଇଁ ଛାଡ଼ି ଦିଆଯାଉଥିଲା । ସ୍ୱାସ୍ଥ୍ୟବାନ ଏବଂ ବଳିଷ୍ଠ ଶିଶୁକୁ ଗର୍ଭରେ ଧାରଣ କରିବା ପାଇଁ ନାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା ତଥା ସେମାନଙ୍କୁ ସର୍ବବିଧ ଶାରୀରିକ ବ୍ୟାୟାମ ଓ କସରତ କରାଯାଉଥିଲା । ନରଶିଶୁଟିଏ ୭ ବର୍ଷ ବୟସରୁ ୧୯ ବର୍ଷ ପର୍ଯ୍ୟନ୍ତ ସାମରିକ ଛାଉଣୀରେ ରହି ଅତୀବ କଠୋର ସାମରିକ ପ୍ରଶିକ୍ଷଣ ଗ୍ରହଣ କରିବା ବାଧ୍ୟତାମୂଳକ ଥିଲା । ସରଳ ଓ ନିରାଡ଼ମ୍ବର ଜୀବନଯାପନ, କଠୋର ଶୃଙ୍ଖଳାଜ୍ଞାନ ଥିଲା ସାମରିକ ଛାଉଣୀରେ ଶିକ୍ଷାର ଦୁଇ ମୁଖ୍ୟ ସ୍ତମ୍ଭ । ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁକୁ କଷ୍ଟ ସହିଷ୍ଣୁ ରୂପରେ ଗଢ଼ିତୋଳିବା, ତେଣୁ ସେମାନେ ଅତ୍ୟଧିକ ନିର୍ଯାତନା ଏବଂ ଶାରୀରିକ କଷ୍ଟ ଦେଉଥିଲେ । ପ୍ରଶିକ୍ଷଣ ସମୟରେ ମୃତ୍ୟୁଲାଭ କରୁଥିବା ଶିଶୁଙ୍କ ପାଇଁ ଲୁହ ବୁହାଇବା ନିଷିଦ୍ଧ ଥିଲା । ସାଧାରଣ ଶିକ୍ଷାଗ୍ରହଣ ଏବଂ ଆମୋଦପ୍ରମୋଦ ବିବର୍ଜିତ ଶିଶୁମାନଙ୍କଠାରୁ କେବଳ ଶାରୀରିକ ଶକ୍ତି ଏବଂ ସମର ବିଶାରଦ ହେବା ଆଶା କରାଯାଉଥିଲା । ପ୍ରତ୍ୟେକ ବ୍ୟକ୍ତି ୬୦ ବର୍ଷ ବୟସ ପର୍ଯ୍ୟନ୍ତ ସୈନ୍ୟବାହିନୀରେ କାର୍ଯ୍ୟକରିବା ବାଧ୍ୟତାମୂଳକ ଥିଲା ।

ବାସ୍ତବରେ ଦେଖିଲେ ସେମାନଙ୍କର ପାରିବାରିକ ଜୀବନ ବୋଲି କିଛି ନ ଥିଲା । ମାଆମାନଙ୍କଠାରୁ ଆଶା କରାଯାଉଥିଲା ଯେ, ସେମାନେ ନିଜ ସନ୍ତାନକୁ ଖୁସିରେ ଯୁଦ୍ଧଭୂମିକୁ ପଠେଇବେ । ଏହା ସେମାନଙ୍କ ମଧ୍ୟରେ ଏକ ଦାସତ୍ୱ ସଦୃଶ ଏବଂ ନୂତନତାବିହୀନ ମାନସିକତାର ଉଦ୍ରେକ କରାଇଥିଲେ; ଫଳସ୍ୱରୂପ ବୈଦେଶିକ ବ୍ୟବସାୟ ବାଣିଜ୍ୟ, ସାହିତ୍ୟ, କଳାସ୍ଥାପତ୍ୟ ଆଦିରେ କୌଣସି ପ୍ରକାରର ଉନ୍ନତି ହୋଇପାରିନଥିଲା । ସ୍ପାର୍ଟାରେ କଳାସ୍ଥାପତ୍ୟ କହିଲେ କେବଳ ସାମରିକ କଳାକୁ ବୁଝୁଥିଲେ ଏବଂ ଏପରିକି କୃଷିକୁ ମଧ୍ୟ ଦାସମାନଙ୍କ ହାତରେ ଛାଡ଼ି ଦେଇଥିଲେ । ତେଣୁ ମଣିଷର ବାସ୍ତବ ଉନ୍ନତି ପ୍ରତି ସେମାନଙ୍କର କିଛି ଅବଦାନ ନ ଥିଲା । ଏହିପରି ଭାବରେ ଦେଖିଲେ ଜଣାଯାଏ ଯେ, ପ୍ରାଚୀନ ସ୍ପାର୍ଟା ମସ୍ତିଷ୍କ ଓ ହୃଦୟବିହୀନ ଏକ ସାମରିକ ଛାଉଣୀ ମାତ୍ର ଥିଲା । ବୀରତ୍ୱ ଏବଂ ଶୃଙ୍ଖଳା ହିଁ ଥିଲା ସେମାନଙ୍କର ପାରମ୍ପରିକ ସଂସ୍କୃତି ଏବଂ ଜୀବନଦର୍ଶନ ।

ମାସିଡୋନୀୟମାନଙ୍କର ଗ୍ରୀସ୍ ଆକ୍ରମଣ ଏବଂ ଗ୍ରୀକ୍ ନଗର-ରାଜ୍ୟର ପତନ :

ମାସିଡୋନୀୟମାନେ ଗ୍ରୀସ୍‌ର ସଂପ୍ରଦାୟ ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ । ଆକ୍ରମଣର କିଛିଦିନ ପୂର୍ବରୁ ସେମାନେ ମାସିଡୋନିଆରେ ବସବାସ କରୁଥିଲେ । ମାସିଡୋନିଆର ରାଜା ଫିଲପ ଗ୍ରୀସ୍‌ର ଅନେକ ନଗର-ରାଜ୍ୟ ସହିତ ରାଜିନାମା ସ୍ୱାକ୍ଷର କରିଥିଲେ ଏବଂ ବିରୋଧ କରୁଥିବା ନଗର-ରାଜ୍ୟଗୁଡ଼ିକୁ ଜୟ କରିବା ଆରମ୍ଭ କରି ଦେଇଥିଲେ । ଏଥେନ୍ସ ତାଙ୍କ ବିରୋଧୀ ଥିଲା । ଗ୍ରୀସ୍‌ର କେତେକ ନଗର-ରାଜ୍ୟକୁ ନେଇ ଫିଲିପ୍ସ ଏକ ''ଶାଶ୍ୱତ ହେଲ୍ଲେନୀୟ ରାଷ୍ଟ୍ରସଂଘ'' ଗଠନ କରିଥିଲେ ତଥା ଶାନ୍ତି ପ୍ରତିଷ୍ଠା ଏବଂ ପାରସ୍ୟ ଆକ୍ରମଣ ପାଇଁ ପ୍ରତିଜ୍ଞା କରିଥିଲେ । ଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବା ସମୟରେ ସେ ଏକ ହତ୍ୟାକାରୀର ଶିକାର ହୋଇ ମୃତ୍ୟୁବରଣ କରିଥିଲେ । ଫଳରେ ତାଙ୍କ ପୁତ୍ର ଆଲେକଜାଣ୍ଡର ମାସିଡୋନିଆର ସିଂହାସନ ଅଧିକାର କରିଥିଲେ । ସେ ସର୍ବପ୍ରଥମେ ଗ୍ରୀସ୍‌ର ବିଦ୍ରୋହୀଙ୍କୁ ଦମନ କରିଥିଲେ । ତା'ପରେ ପାରସ୍ୟ ଆକ୍ରମଣ କରିଥିଲେ । ଏହିପରି ଭାବରେ ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକ ପରସ୍ପର ମଧ୍ୟରେ ଈର୍ଷା ଓ ଅସହିଷ୍ଣୁତାରେ ଲିପ୍ତ ରହିବା ଯୋଗୁଁ ଆଲେକ୍‌ଜାଣ୍ଡରଙ୍କଠାରୁ ପରାସ୍ତ ହୋଇଥିଲେ । ଗ୍ରୀସ୍ ଆଲେକ୍‌ଜାଣ୍ଡରଙ୍କ ଶାସନାଧୀନ ହୋଇଯାଇଥିଲା । ଖ୍ରୀ.ପୂ. ୩୨୩ରେ ଆଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ପରେ ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକ ମାସିଡୋନିଆ ବିରୁଦ୍ଧରେ ଯୁଦ୍ଧକୁ ଆଗେଇ ନେଇଥିଲେ; ହେଲେ ଖ୍ରୀ.ପୂ. ୩୦ରେ ରୋମୀୟମାନେ ଗ୍ରୀସ୍‌କୁ ଅଧିକାର କରିନେଇଥିଲେ ଏବଂ ସମଗ୍ର ଗ୍ରୀସ୍ ରୋମ୍ ସାମ୍ରାଜ୍ୟର ଅଧୀନ ହୋଇଯାଇଥିଲା ।

(ଖ) ରାଜନୀତି

ଗ୍ରୀସ୍‌ର ବିଭିନ୍ନ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନରୁ ଉପଲବ୍ଧ ଧ୍ୱଂସାବଶେଷ ଗ୍ରୀସ୍‌ର ସଭ୍ୟତାକୁ ଖ୍ରୀ.ପୂ. ୩୦୦୦କୁ ନେଇଯାଇଛି; ପୂର୍ବରୁ ଯାହାକି ଖ୍ରୀ.ପୂ. ୮୦୦ରୁ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଉଥିଲା । ହୋମରଙ୍କ ରଚିତ ଇଲିଆଡ୍ ଏବଂ ଓଡ଼ିସେ ଆଦି ସାହିତ୍ୟକୃତି, କବିତା ଆଦିରୁ ଗ୍ରୀସ୍‌ର ଏକ ସୁଦୀର୍ଘ ତଥା ବହୁ ପ୍ରାଚୀନ ଅତୀତ ଥିଲା ବୋଲି ଲୋକେ ପରିକଳ୍ପନା କରି ନେଇଥିଲେ । ଇଲିଆଡ୍‌ରେ ବର୍ଣ୍ଣିତ ଅଛି ଯେ, ପ୍ରାଚୀନ କାଳରେ ଗ୍ରୀସ୍‌ର ରାଣୀ ହେଲେନ୍‌ଙ୍କୁ ଟ୍ରୟର ଲୋକମାନେ ବଳପୂର୍ବକ ନେଇଯାଇଥିଲେ । ଗ୍ରୀସ୍‌ର ଲୋକେ ପ୍ରତିଶୋଧ ପରାୟଣ ହୋଇ ୧୦ ବର୍ଷ ପରେ ଟ୍ରୟ ନଗରୀକୁ ଧ୍ୱଂସ କରି ଏହି କୁକାର୍ଯ୍ୟର ପ୍ରତିଶୋଧ ନେଇଥିଲେ । ଖ୍ରୀ.ଅ. ୧୮୭୦ରେ ପ୍ରତ୍ନତାତ୍ତ୍ୱିକ ହୋରିକ୍ ଶ୍ଲୋମାନଙ୍କ ଦ୍ୱାରା ଟ୍ରୟରେ ପ୍ରତ୍ନତାତ୍ତ୍ୱିକ ଖନନ ପରେ ଇଲିଆଡ୍ ଗପ କେତେକାଂଶରେ ସତ୍ୟ ବୋଲି ପ୍ରମାଣିତ ହୋଇପାରିଥିଲା । ଖନନ ଦ୍ୱାରା ନବମ ସ୍ତରରେ ପ୍ରାଚୀନତମ ଗ୍ରୀକ୍ ସଂସ୍କୃତିର ପ୍ରତ୍ନତାତ୍ତ୍ୱିକ ଅବଶେଷ

ଉପଲବ୍ଧ ହୋଇଥିଲା ଅର୍ଥାତ୍ ଏହି ନଗର ନଅଥର ପୁନଃନିର୍ମାଣ କରାଯାଇଥିଲା । ଆବିଷ୍କୃତ ଏହି ସଭ୍ୟତାକୁ ପ୍ରତ୍ନତାତ୍ତ୍ୱିକମାନେ ଦେଇଥିବା ନାମ ହେଉଛି ମିନୋଆନୀୟ-ମୈସେନେନୀୟ ସଭ୍ୟତା । ସ୍ଥାନାନ୍ତର ସମୟରେ ଗ୍ରୀସ୍‌ର ଲୋକେ ତାଙ୍କ ଇତିହାସର ଏକ ସ୍ୱଳ୍ପ ଅଂଶ ଲେଖିଥିଲେ, ଯହିଁରେ ଅନେକ ଖାଲିସ୍ଥାନ ରହିଯାଇଥିଲା, ଯାହାକୁ ଗପ ଏବଂ ପୁରାଣଦ୍ୱାରା ପୂରଣ କରାଯାଇଥିଲା । ଏହି ଗପ ଓ ପୁରାଣଗୁଡ଼ିକ କଳ୍ପନାରେ ପରିପୂର୍ଣ୍ଣ ଥିଲା । ମୌଳିକତଃ ଏହି ଗପଗୁଡ଼ିକରେ ରାଜନେତାମାନେ ନିଜକୁ ଭଗବାନ୍‌ଙ୍କ ସ୍ୱରୂପ ଅଥବା ପ୍ରତିନିଧି ରୂପରେ ପ୍ରତିପାଦନ କରିଛନ୍ତି । ତେଣୁକରି ରାଜାମାନଙ୍କ ମଧ୍ୟରେ ଏକତା ରହିଥିଲା । ସେମାନେ ଏକ ସଂଘ ଗଢ଼ିଥିଲେ । ଏଥେନୀୟମାନଙ୍କ କାହାଣୀରେ ଉଲ୍ଲେଖ ଅଛି ଯେ, ତାଙ୍କ ପ୍ରଥମ ରାଜା ଅଧା ମଣିଷ ଓ ଅଧା ସର୍ପବିଶିଷ୍ଟ ଥିଲେ । ଥେବୀୟମାନେ ଦାବି କରୁଥିଲେ ଯେ ସେମାନଙ୍କ ପୂର୍ବଜମାନେ ଡେଣାଯୁକ୍ତ ସରୀସୃପର ଦାନ୍ତରୁ ଉତ୍ପନ୍ନ ହୋଇଛନ୍ତି । ପ୍ରତ୍ୟେକ ନଗର ଏବଂ ପ୍ରତ୍ୟେକ ସଂପ୍ରଦାୟର ଉତ୍ପତ୍ତି ସମ୍ବନ୍ଧରେ ଗୋଟିଏ ଲେଖାଏଁ ଉଦ୍ଭଟ କାହାଣୀ ରହିଛି । ସେଥିରେ ପୁଣି ସେମାନଙ୍କର ପୋଷଣକାରୀ ଦେବଦେବୀଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଛି ।

ପ୍ରଶଂସନୀୟ ଗ୍ରୀସ୍‌ର ସାହିତ୍ୟ ଇଲିଆଦ ଏବଂ ଓଡ଼ିସ୍ସେ ଦ୍ୱୟରେ, ଆଚିଲ୍ଲିସ୍ ନଗରୀକୁ ଅଧିକାର କରିବା ପରେ ସେଠିକାର ଲୋକଙ୍କୁ ଅମାନବୀୟ ଭାବରେ କିପରି ଶୋଷଣ କରାଯାଇଥିଲା, ସେ ବାବଦରେ ବର୍ଣ୍ଣନା କରାଯାଇଛି । ହୋମ୍‌ର ଗ୍ରୀସ୍‌ର ଚାଷକାର୍ଯ୍ୟ, ଶକ୍ତିଶାଳୀ ନଗରୀ ନିର୍ମାଣ, ପ୍ରଚଳିତ ବୃଦ୍ଧ ଲୋକଙ୍କ ପରିଷଦ ଅଥବା ବିଧାନ ପରିଷଦ ଏବଂ ଲୋକସଭା ଆଦି ସମ୍ବନ୍ଧରେ ବିଶଦ ବର୍ଣ୍ଣନା କରିଛନ୍ତି । ଉପଲବ୍ଧ ତଥ୍ୟ ପ୍ରମାଣରୁ ଜଣାଯାଏ ଯେ, ଖ୍ରୀ.ପୂ. ୧୪୦୦ ବେଳକୁ ଲୋକମାନେ ବିପୁଳ ସଂଖ୍ୟାରେ ଦେଶାନ୍ତର ଗମନ କରୁଥିଲେ । ଯଦିଓ ବାସ୍ତବ ସମୟ ପ୍ରଦାନ କରିବା କଷ୍ଟକର ଅଟେ ତଥାପି ମଧ୍ୟ ଜଣାଯାଏ ଯେ, ଗ୍ରୀସ୍‌ର ସଭ୍ୟତା ପ୍ରାୟତଃ ଜୁଦାଃର ସମସାମୟିକ ଥିଲା । ହୋମ୍‌ର ଥିଲେ ଆମୋସ୍‌ଙ୍କ ସମସାମୟିକ ଏବଂ ଗ୍ରୀସ୍‌ର କବି । ଆଷ୍କିଲସ୍ ଥିଲେ ଯୋରାଷ୍ଟରଙ୍କ ସମସାମୟିକ । ଖ୍ରୀ.ପୂ. ୭୦୦ ପୂର୍ବବର୍ତ୍ତୀ କାଳର ଇତିହାସ ସମ୍ବନ୍ଧରେ ଗ୍ରୀସ୍‌ର ଲୋକଙ୍କ ପାଖରେ କିଛି ଗ୍ରହଣଯୋଗ୍ୟ ଲିଖିତ ପ୍ରମାଣପତ୍ର, ସୌଧ ଅଥବା ଶିଳାଲିପି ନାହିଁ । ସ୍ପାର୍ଟାର ଇତିହାସ ସମ୍ବନ୍ଧରେ ଖ୍ରୀ.ପୂ. ୭୫୭ରୁ କିଛି ଐତିହାସିକ ପ୍ରମାଣ ମିଳେ । ସର୍ବପ୍ରଥମ ଅଲିମ୍ପିକ୍ ଖେଳ ପ୍ରତିଯୋଗିତାର ସମୟ ଥିଲା ଖ୍ରୀ.ପୂ. ୭୭୬, ଯାହାକି ଲୋକପ୍ରିୟ ଭାବରେ ଗ୍ରୀସ୍ ଇତିହାସର ଆରମ୍ଭବର୍ଷ ରୂପରେ ଗ୍ରହଣ କରଯାଇଛି ।

ଆଚାଇଆନୀୟମାନେ ପେଲୋପୋନ୍ନେସସ୍‌କୁ ପ୍ରବେଶ କରିଥିବା ଗ୍ରୀସ୍‌ର ପ୍ରଥମ ସଂପ୍ରଦାୟ ଥିଲେ । ସେମାନଙ୍କ ପରେ ଡୋରୀୟ, ଯେଉଁମାନେ କି ଦାକ୍ଷିଣାତ୍ୟ ଆଡ଼କୁ ଗତିକରି କ୍ରେଟ୍‌ଦ୍ୱୀପର ନୋସୋସ୍‌ମାନଙ୍କୁ ପରାସ୍ତ କରିଥିଲେ । ଗ୍ରୀସ୍‌ର ଲୋକମାନେ ଆଜିନୀୟ ସଂସ୍କୃତିକୁ ଗ୍ରହଣ କରିଥିଲେ । ସେମାନେ ହିତ୍ତିତିମାନଙ୍କ ଠାରୁ ଲୁହା ଅର୍ଜନ କରିଥିଲେ; ହେଲେ ସେମାନେ ତାଙ୍କର ନିଜସ୍ୱ ରାଜନୈତିକ ପଦ୍ଧତିର ବିକାଶ କରିଥିଲେ । କିଛି ସମୟ ପାଇଁ ସେମାନେ ତାଙ୍କର ବୟୋଜ୍ୟେଷ୍ଠ ପରିଷଦ ଏବଂ ବିଧାନସଭା (ଲୋକସଭା) ନିମ୍ନ ସଦନ ପଦ୍ଧତିର ଶାସନ ପରିଚାଳନା କରିଥିଲେ । ନଗର-ରାଜ୍ୟଗୁଡ଼ିକର ସାର୍ବଭୌମ କ୍ଷମତା ରହିଥିଲା । ପ୍ରତ୍ୟେକ ନଗର-ରାଜ୍ୟର ସାହସୀ ଓ ବୀର ନାଗରିକ, ସୈନ୍ୟବାହିନୀ ଏବଂ ପୃଷ୍ଠପୋଷକ ଦେବଦେବୀ ରହିଥିଲେ । ପ୍ରତ୍ୟେକ ନଗର-ରାଜ୍ୟରେ ରାଜା ଥିଲେ; କିନ୍ତୁ ସମ୍ଭ୍ରାନ୍ତମାନେ କ୍ରମାନ୍ୱୟରେ ସେମାନଙ୍କଠାରୁ ରାଜ୍ୟ ଛଡ଼େଇ ନେଇଥିଲେ । ତେଣୁକରି ସାର୍ବଭୌମ କ୍ଷମତା ପାଇଁ ଦ୍ୱନ୍ଦ୍ୱ ଲାଗି ରହିଥିଲା ।

ଗ୍ରୀସ୍‌ର ପ୍ରାକ୍-ଐତିହାସିକ ସଭ୍ୟତା କ୍ରେଟ ନଗରୀଠାରୁ ପ୍ରାୟ ଖ୍ରୀ.ପୂ. ୩୦୦୦ରେ ଉତ୍ପତ୍ତି ହୋଇଥିଲା । କ୍ରେଟ ସଭ୍ୟତା ନୋସୋସ୍, ଫେଷ୍ଟୋସ୍ ଏବଂ କାଟେ, ଜେକ୍ରୋସ୍ ଆଦି ସହରରେ ବିକଶିତ ହୋଇଥିଲା ।

ପ୍ରତ୍ନତାତ୍ତ୍ୱିକମାନେ ଏକ ବିଶାଳ ରାଜପ୍ରାସାଦ ଆବିଷ୍କାର କରିଛନ୍ତି, ଯେଉଁଠି ୨୫୦ ଗୋଟି କୋଠରି ଥିଲା । କ୍ରେଟ ଲେକ୍‌ସ୍ଥାରେ ସନ୍ତରଣ ନିମିତ୍ତ ଏକ ପୋଖରୀ ରହିଥିଲା । ଖ୍ରୀ.ପୂ. ୧୪୫୦ରେ ଏକ ଆଗ୍ନେୟଗିରିର ଉଦ୍‌ଗୀରଣ ଯୋଗୁଁ ରାଜପ୍ରାସାଦଟି ଧ୍ୱଂସ ହୋଇଯାଇଥିଲା । ନୋସୋସ୍ ଏବଂ ଫେଷ୍ଟୋସ୍ ନଗରୀଦ୍ୱୟ ପୁନଃନିର୍ମାଣ କରାଯାଇଥିଲା । ତଦାନୀନ୍ତନ କ୍ରେଟର ରାଜା, ସମଗ୍ର ଆଜିଆନୀୟ ସମୁଦ୍ର ଉପକୂଳ ଅଞ୍ଚଳ ଏବଂ ଗ୍ରୀସ୍‌ର ମୁଖ୍ୟ ଭୂମିକୁ ଜୟକରି ନେଇଥିଲେ । ଏହି ସମୟରେ ସ୍ପାର୍ଟାର ରାଣୀ ହେଲେନ୍‌ଙ୍କୁ ଟ୍ରୟର ରାଜକୁମାର ଅପହରଣ କରି ନେଇଥିଲେ । ତା'ପରେ ଗ୍ରୀସ୍‌ର ରାଜାମାନେ ଏକ ସଂଘ ଗଠନ କରି ଟ୍ରୟକୁ ଆକ୍ରମଣ କରିଥିଲେ । ଦଶବର୍ଷ ଯାଏଁ ଯୁଦ୍ଧ ଚାଲିଥିଲା ଏବଂ ତା'ପରେ ଗ୍ରୀସ୍‌ବାହିନୀ ଟ୍ରୟବାହିନୀଙ୍କୁ ପରାସ୍ତ କରି ଟ୍ରୟ ନଗରୀକୁ ଧ୍ୱଂସ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଟ୍ରୟର ରାଜା ଟ୍ରୟ ନଗରୀର ପୁନଃନିର୍ମାଣ କରାଇଥିଲେ । ଆହୁରି ମଧ୍ୟ କ୍ରେଟର ନେତୃତ୍ୱରେ ଗ୍ରୀସ୍‌ର ବହିଃବାଣିଜ୍ୟ ପରିଚାଳିତ ହେଉଥିଲା । ବାସ୍ତବରେ କ୍ରେଟ ହିଁ ଥିଲା ଗ୍ରୀସ୍‌ର ପ୍ରାକ୍-ଐତିହାସିକ ସଭ୍ୟତାର ନିର୍ମାଣକାରୀ, ଯାହାକୁ ମିନୋଆନୀୟ ଏବଂ ମୈସେନୀୟ ସଂସ୍କୃତି କୁହାଯାଏ ।

ମିନୋଆନୀୟ ଏବଂ ମୈସେନୀୟ ସଂସ୍କୃତିର ଉତ୍ପତ୍ତି

ମିନୋଆନୀୟ ଏବଂ ମୈସେନୀୟ ସଂସ୍କୃତିର ଜନକ କ୍ରେଟର ମୂଳ ଅଧିବାସୀ ନ ଥିଲେ, ବରଂ ଥିଲେ ହିତ୍ତିତେମାନେ । ହିତ୍ତିତେମାନେ କ୍ରେଟକୁ ସିରିଆ ଏବଂ ଆନାତୋଲିଆରୁ ଦେଶାନ୍ତରିତ ହୋଇ ଆସିଥିଲେ । ସେମାନେ ଗ୍ରୀସ୍‌ର ଅଧିବାସୀ ନଥିଲେ; ହେଲେ ଗ୍ରୀସ୍ ସଂସ୍କୃତିର ବିକାଶ କରିଥିଲେ । କ୍ରେଟ୍‌ର ହିତ୍ତିତେ ରାଜାମାନେ 'ମିନୋସ୍' ଉପାଧି ଧାରଣ କରିଥିଲେ, ଯେପରିକି ମିଶରର ରାଜାମାନେ ଫାରୋ ଉପାଧି ଗ୍ରହଣ କରିଥିଲେ । ସେମାନେ ତାଙ୍କ ଭଗବାନ୍ ମିନୋସ୍‌ଙ୍କ ନାମାନୁଯାୟୀ ଏହି ଉପାଧି ଗ୍ରହଣ କରିଥିଲେ ତଥା ରାଜା ନିଜକୁ ଭଗବାନ୍‌ଙ୍କ ପ୍ରତିନିଧି ରୂପରେ ପ୍ରତିପାଦିତ କରି ଶାସନ କରୁଥିଲେ । ଏହି ସଂସ୍କୃତି କାଳକ୍ରମେ ଗ୍ରୀସ୍‌ର ଦକ୍ଷିଣ-ପଶ୍ଚିମାଞ୍ଚଳକୁ ପ୍ରସାରିତ ହୋଇଥିଲା । ଗ୍ରୀସ୍‌ର ଏହି ମୁଖ୍ୟ ଭୂମି ଅଞ୍ଚଳକୁ ମୈସେନେ କୁହାଯାଉଥିଲା । ସେଇଠି ଏହି ସଭ୍ୟତା ଉନ୍ନତିର ଚରମସୀମାକୁ ସ୍ପର୍ଶ କରିଥିଲା । ତେଣୁକରି ପ୍ରାଚୀନତମ ଗ୍ରୀସ୍ ସଭ୍ୟତାକୁ ମିନୋଆନୀୟ ଏବଂ ମୈସେନୀୟ ସଂସ୍କୃତି କୁହାଯାଏ ।

ଆକିଆନ୍

ଗ୍ରୀସ୍‌ର ଉତ୍ତର-ପୂର୍ବାଞ୍ଚଳରେ ବାସ କରୁଥିବା ଅସଭ୍ୟ ଓ ବର୍ବର ପେଲିପୋମ୍‌ସାସ୍ ସଂପ୍ରଦାୟ ଖ୍ରୀ.ପୂ. ୧୬ଶ ଶତାବ୍ଦୀରେ ମୈସେନେ ଆକ୍ରମଣ କରି ଅଧିକାର କରିନେଇଥିଲେ । ଏହି ସଂପ୍ରଦାୟକୁ ପରବର୍ତ୍ତୀ ସମୟରେ ଆକିଆନ୍ କୁହାଯାଉଥିଲା । ଖ୍ରୀ.ପୂ. ୧୪୦୦ ସୁଦ୍ଧା ସେମାନେ ଜୟ କରିଥିବା ଅଞ୍ଚଳର ସଭ୍ୟତାକୁ ଗ୍ରହଣ କରି ନେଇଥିଲେ ! ଗ୍ରୀସ୍‌କୁ ଏକ ଶକ୍ତିଶାଳୀ ସାମୁଦ୍ରିକ ଶକ୍ତି ରୂପରେ ଗଢ଼ି ତୋଳିଥିଲେ । ମୈସେନୀୟମାନେ ଆକିଆନ୍‌ମାନଙ୍କ ବିରୁଦ୍ଧରେ କଠୋର ସଂଘର୍ଷ କରି ଖ୍ରୀ.ପୂ. ୧୩ ଶ ଶତାବ୍ଦୀ ବେଳକୁ ସେମାନଙ୍କୁ ବିତାଡିତ କରି ନିଜ ରାଜ୍ୟକୁ ପୁନର୍ବାର ନିଜ ଅଧୀନକୁ ଆଣିଥିଲେ ।

ଡୋରୀୟ ଏବଂ ଅନ୍ୟାନ୍ୟ ପ୍ରାଚୀନତମ ନଗର-ରାଜ୍ୟ

ମୈସେନୀୟମାନେ ୨୦୦ ବର୍ଷ ପର୍ଯ୍ୟନ୍ତ ରାଜୁତି କରିଥିଲେ । ସେମାନଙ୍କୁ ଡୋରୀୟମାନେ ପରାଜିତ କରି ବିତାଡ଼ିତ କରିଥିଲେ । ଡୋରୀୟମାନେ ବଲ୍‌କାନ୍ ଅଞ୍ଚଳରୁ ଦେଶାନ୍ତରିତ ହୋଇ ଗ୍ରୀସ୍‌କୁ ଆସିଥିଲେ ଏବଂ ଗ୍ରୀସ୍‌ରେ ବସବାସ କରି ଗ୍ରୀସ୍‌ର ଅଧିବାସୀ ଅଥବା ଏକ ବିଖ୍ୟାତ ସଂପ୍ରଦାୟ ହୋଇଯାଇଥିଲେ । ସେମାନେ ଖ୍ରୀ.ପୂ. ୧୧ ଶ

ଶତାବ୍ଦୀରେ ମୈସେନୀୟମାନଙ୍କୁ ଆକ୍ରମଣ କରି ପରାଜିତ କରିଥିଲେ ଏବଂ ବିତାଡ଼ିତ କରି ମୈସେନୀୟ ସଭ୍ୟତାର ଅନ୍ତ କରିଦେଇଥିଲେ । ଡୋରୀୟମାନେ ଏକ ଅସଭ୍ୟ ଏବଂ ବର୍ବର ସଂପ୍ରଦାୟ ଥିଲେ । ସେମାନେ ଲୌହନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ଯୋଗୁ ମୈସେନୀୟମାନଙ୍କୁ ପରାଜିତ କରିପାରିଥିଲେ । ଡୋରୀୟମାନଙ୍କ ଆଗମନ ସହିତ ମୈସେନୀୟମାନଙ୍କ ତାମ୍ରଯୁଗୀୟ ସଭ୍ୟତାର ଅନ୍ତ ହୋଇ ଲୌହଯୁଗୀୟ ସଭ୍ୟତାର ଆରମ୍ଭ ହୋଇଥିଲା । କାଳକ୍ରମେ ଡୋରୀୟମାନେ ସମଗ୍ର ଗ୍ରୀସ୍ ଏବଂ କ୍ଷୁଦ୍ର ଏସିଆସ୍ଥିତ ଆଜିଆନ୍ ସାଗର ଉପକୂଳ ଅଞ୍ଚଳକୁ ଅଧିକାର କରିନେଇଥିଲେ । ମୈସେନୀୟମାନେ ତା'ପରେ ମାସୋନୀୟଭାବରେ ପରିଚିତ ହୋଇଥିଲେ । ଡୋରୀୟମାନେ ଲାକୋନିଆ, ଆର୍ଗୋଲିଦ୍, କୋରିନ୍ଥ, ସିକ୍ୟୋନ୍, କ୍ରେଟ୍, ମେଗାରା, ଆଗିନା ଏବଂ ଦକ୍ଷିଣ-ପୂର୍ବ ପେଲୋପୋନେସିଆ ଆଦିରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ । ଉପରୋକ୍ତ ରାଜ୍ୟଗୁଡ଼ିକ ସାର୍ବଭୌମ ନଗର-ରାଜ୍ୟ ଥିଲେ ତଥା କୌଣସି ଏକ ସାମ୍ରାଜ୍ୟାଧୀନ ନଥିଲେ । ସୁଦୂର ପାଶ୍ଚାତ୍ୟରେ ଏଲିଆନ୍ ନାମକ ଗ୍ରୀସ୍‌ର ଏକ ସ୍ୱତନ୍ତ୍ର ସଂପ୍ରଦାୟ ନିଜସ୍ୱ ନଗର-ରାଜ୍ୟରେ ରାଜୁତି କରୁଥିଲେ । ସେମାନେ ଡୋରୀୟମାନଙ୍କର ସଂପର୍କୀୟ ଥିଲେ । ଗ୍ରୀସ୍‌ର ମୁଖ୍ୟ ଅଞ୍ଚଳରେ ଆଟିକା ସଂପ୍ରଦାୟ ଶାସନ କରୁଥିଲେ । ଉବୋୟ ଦ୍ୱୀପ ନଗର-ରାଜ୍ୟର ଅଧିବାସୀମାନେ ନିଜ ଅଞ୍ଚଳରେ ଡୋରୀୟମାନଙ୍କୁ ପ୍ରବେଶ କରାଇ ଦେଇ ନ ଥିଲେ । ଡୋରୀୟମାନେ ଚାକି, ଏରୋଟ୍ରିଆ, ବୋୟୋଟିଆନ୍ ଏବଂ ଥେବେସ୍ ନଗର-ରାଜ୍ୟକୁ ଅଧିକାର କରିପାରିନଥିଲେ । ସୁଦୂର ଉତ୍ତରରେ ବସବାସ କରୁଥିବା ମାସିଡୋନୀୟମାନେ ଯଦିଓ ଗ୍ରୀସ୍ ଭାଷାଭାଷୀ ଥିଲେ; ହେଲେ ମଧ୍ୟ ଗ୍ରୀସ୍‌ର ଅଧିବାସୀ ରୂପରେ ଗୃହୀତ ହେଉନଥିଲେ । ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ ବେଳକୁ ସେମାନେ ଗ୍ରୀସ୍‌ର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଯାଇଥିଲେ ।

ଗ୍ରୀସ୍‌ର ପଶ୍ଚିମକୁ ଆଟୋଲୀୟ, ଏକ୍ରେନେନୀୟ ଏବଂ ଏପିରଟ ଆଦି ସଂପ୍ରଦାୟ ରହୁଥିଲେ । ରାଜନୈତିକ ଦୃଷ୍ଟିକୋଣରୁ ସେମାନେ ନଗଣ୍ୟ ଥିଲେ । ଉତ୍ତର ଭାଗରେ ଇଲିରେୟ ଏବଂ ପୂର୍ବ ଭାଗରେ ଥ୍ରାସୀୟ ସଂପ୍ରଦାୟ ରହୁଥିଲେ । ସେମାନେ ମଧ୍ୟ ରାଜନୈତିକ ଦୃଷ୍ଟିକୋଣରୁ ପ୍ରଖ୍ୟାତ ଅଥବା ସଂଘବଦ୍ଧ ନ ଥିଲେ ।

ଆଜିଆନ୍ ସାଗରର ଦକ୍ଷିଣରେ ରହିଥିବା ପ୍ରାୟ ସମସ୍ତ ଦ୍ୱୀପ ଡୋରୀୟମାନଙ୍କର ଶାସନାଧୀନ ଥିଲା; ହେଲେ ଉତ୍ତର ଦିଗସ୍ଥ ଏବଂ ମଧ୍ୟଭାଗସ୍ଥିତ ଦ୍ୱୀପଗୁଡ଼ିକ ଯଥାକ୍ରମେ ଆୟୋଲୀୟ ଏବଂ ଆୟୋନୀୟମାନଙ୍କର ଶାସନାଧୀନ ଥିଲା । ଯଦିଓ ଡୋରୀୟ, ଆୟୋଲୀୟ ଏବଂ ଆୟୋନୀୟ ସଂପ୍ରଦାୟଗୁଡ଼ିକର ଉତ୍ପତ୍ତି ଓ ବଂଶ ଅଲଗା ଅଲଗା ଥିଲା ତଥାପି ମଧ୍ୟ ସମୟକ୍ରମେ ସେମାନଙ୍କ ଭିତରେ ଗ୍ରୀସ୍‌ର ଜାତୀୟ ଚେତନା ବିକଶିତ ହୋଇଥିଲା । ସେମାନେ ନିଜକୁ ଗ୍ରୀସୀୟ (ଗ୍ରୀକ୍) ସଂପ୍ରଦାୟ ବୋଲି ଭାବୁଥିଲେ । ଏହି ତିନି ରାଜବଂଶର ରାଜୁତିକାଳରେ ଗ୍ରୀସ୍‌ର ସାମାଜିକ ଏବଂ ରାଜନୈତିକ ସଂଗଠନଗୁଡ଼ିକ ସର୍ବବିଧ ଉନ୍ନତିରେ ବ୍ରତୀ ହୋଇଥିଲେ ତଥା ସେଗୁଡ଼ିକର ଅସୁମାରି ଅବଦାନ ରହିଛି । ପୁନଶ୍ଚ ଏହି ସମୟ ସୁବିଖ୍ୟାତ କବି, ଲେଖକ, ଦାର୍ଶନିକ ଯଥା- ହୋମର, ହେସିଓଦ୍ ଆଦିଙ୍କର ଯୁଗ ଥିଲା । ସେମାନେ ନିଜସ୍ୱ ପ୍ରବନ୍ଧ, କବିତା, ଗପ ଆଦି ମାଧ୍ୟମରେ ତଦାନୀନ୍ତନ ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ଧାର୍ମିକ ଜୀବନଧାରା ସମ୍ବନ୍ଧରେ ପୃଥିବୀବାସୀଙ୍କୁ ଅବଗତ କରାଇଛନ୍ତି । ଗ୍ରୀସ୍‌ରେ ପ୍ରାକ୍-ଐତିହାସିକ ଯୁଗରୁ ନଗର-ରାଜ୍ୟଗୁଡ଼ିକ ଗଢ଼ିଉଠି ବିଭିନ୍ନ ସଂପ୍ରଦାୟ ଦ୍ୱାରା ଶାସିତ ହୋଇଥିଲା । ନଗର-ରାଜ୍ୟଗୁଡ଼ିକରେ ଭିନ୍ନ ଭିନ୍ନ ପ୍ରକାରର ସଭ୍ୟତା ଗଢ଼ି ଉଠିଥିଲା ।

ମିନୋଆନୀୟ-ମୈସେନୀୟ ସଭ୍ୟତା

ମୈସେନୀୟ ଏବଂ ଡୋରୀୟ ସଭ୍ୟତାଦ୍ୱୟ ଗ୍ରୀସ୍‌ର ପ୍ରାକ୍-ଐତିହାସିକ ସଭ୍ୟତା ଥିଲେ; ହେଲେ ସେଗୁଡ଼ିକୁ ଆଦିମ ଏବଂ ବର୍ବର ରୂପରେ ବିବେଚନା କରାଯାଏ ନାହିଁ । ଏହି ଉଭୟ ସଭ୍ୟତା ଉନ୍ନତ ଏବଂ ପ୍ରଗତିଶୀଳ ଥିଲେ

ତଥା ଗ୍ରୀସର ପରବର୍ତ୍ତୀ ସଭ୍ୟତା ଯାହାକୁ ହେଲ୍ଲେନୀୟ ସଭ୍ୟତା କୁହାଯାଏ, ତା'ପ୍ରତି ଉଭୟ ସଭ୍ୟତାର ମହନୀୟ ଅବଦାନ ରହିଥିଲା ।

ମିନୋଆନୀୟ-ମୈସେନୀୟ ସଭ୍ୟତାରେ ରାଜା ଅଥବା ମିନୋସ୍ ଉପକାରୀ ଓ ପ୍ରଜାନୁରାଗୀ ଥିଲେ । ସେମାନଙ୍କର ନୌସେନା ଉନ୍ନତ ଏବଂ ଶକ୍ତିଶାଳୀ ଥିଲା; ହେଲେ ସେମାନେ ଆକ୍ରମଣ ପାଇଁ ନୌସେନାକୁ ବ୍ୟବହାର କରୁନଥିଲେ । ନୌସେନା କେବଳ ତଟରକ୍ଷା ତଥା ବିଦେଶୀ ଆକ୍ରମଣକାରୀମାନଙ୍କୁ ପ୍ରତିରୋଧ କରିବା ପାଇଁ ରହିଥିଲେ । ମିନୋସ୍‌ମାନେ ଅତ୍ୟନ୍ତ ଶିଳ୍ପୋଦ୍ୟୋଗୀ ଥିଲେ । ସେମାନେ ଚୀନାମାଟିର ବାସନ ନିର୍ମାଣ କାରଖାନା ପତିଷ୍ଠା କରିଥିଲେ । ଆହୁରି ମଧ୍ୟ ପୋଷାକ ପରିଚ୍ଛଦ ଏବଂ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବୃହତ୍ କାରଖାନା ସବୁ ପ୍ରତିଷ୍ଠା କରିଥିଲେ । ଏହିସବୁ କଳକାରଖାନା ପ୍ରସ୍ତୁତ ଜିନିଷ ବିଦେଶକୁ ରପ୍ତାନୀ କରୁଥିଲେ । ଲୁଗା କାରଖାନାକୁ ରାଣୀ ନିଜେ ପରିଚାଳନା କରୁଥିଲେ । ସେଠି ନାରୀଶ୍ରମିକ ଓ କଳାନିପୁଣା ଚିତ୍ରକାରିଣୀମାନେ ନିଯୁକ୍ତ ହୋଇଥିଲେ ।

ସମାଜର ବିଭିନ୍ନ ବର୍ଗ, ଜାତି ଓ ସଂପ୍ରଦାୟ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ଏକତା ରହିଥିଲା । ଜାତିଗତ ବିଭେଦ ନ ଥିଲା । ଲୋକେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ରହୁଥିଲେ । ରାଜ୍ୟରେ ଦାସତ୍ୱ ପ୍ରଥା ନ ଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାଯାଇଛି ଯେ, ଦିନ ମଜୁରିଆଙ୍କ ପାଇଁ ନିର୍ମିତ ଘରଗୁଡ଼ିକ ବେଶ୍ ଆରାମଦାୟକ ଥିଲା । ସେ ଘର ଗୁଡ଼ିକରେ ୬ ରୁ ୮ଟି ଲେଖାଏଁ କୋଠରି ଥିଲା । ଲିପି ରହିଥିବା ସାମଗ୍ରୀଗୁଡ଼ିକରୁ ଜଣାଯାଏ ଯେ, ସେମାନେ ଶିକ୍ଷିତ ଥିଲେ ତଥା ଲିଖନ ପଦ୍ଧତି ଜାଣିଥିଲେ । ସମାଜରେ ନରନାରୀ ଉଭୟଙ୍କ ସମାନ ଅଧିକାର ରହିଥିଲା । ନାରୀମାନେ ଯେକୌଣସି ବ୍ୟବସାୟ ଗ୍ରହଣ କରିବା ପାଇଁ ସ୍ୱାଧୀନ ଥିଲେ । ଏପରିକି ସେମାନେ ମୁଷ୍ଟିଯୁଦ୍ଧ ଏବଂ ଷଣ୍ଢଲଢ଼େଇରେ ମଧ୍ୟ ଭାଗ ନେଇପାରୁଥିଲେ । ନିଜକୁ ସୁନ୍ଦରୀ କରି ସଜେଇବା ପାଇଁ ସେମାନେ ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିଲେ ।

ମାତୃକୈନ୍ଦ୍ରିକ ପରିବାର ଗଢ଼ି ଉଠିଥିଲା ତଥା ବୟୋଜ୍ୟେଷ୍ଠା ମହିଳା ପରିବାରର ମୁଖ୍ୟ ହେଉଥିଲେ । ଲୋକମାନେ ମାତ୍ର ଜଣେ ଦେବୀଙ୍କୁ ପୂଜା କରୁଥିଲେ, ଯିଏକି ସାରା ସଂସାରକୁ ଧ୍ୱଂସ କରିପାରିବେ ଅଥବା ପୁନଃନିର୍ମାଣ କରିପାରିବେ । ଏଥିରୁ ଜଣାଯାଏ ଯେ, ସମାଜରେ ନାରୀଶକ୍ତିର ଅତ୍ୟନ୍ତ ସମ୍ମାନ ରହିଥିଲା । ପରବର୍ତ୍ତୀ ସମୟରେ ସେମାନେ ଷଣ୍ଢ, ସାପ, ପାରା ଏବଂ ବୃକ୍ଷପୂଜା ଆରମ୍ଭ କରିଦେଇଥିଲେ । ମନ୍ଦିରଗୁଡ଼ିକରେ ନାରୀ ପୂଜକମାନେ ପୂଜା ଅର୍ଚ୍ଚନା କରୁଥିଲେ । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସମାଜରେ ପଶୁବଳୀ ପ୍ରଥା, ଫଳପୁଷ୍ପ ପ୍ରଦାନ ଆଦି ପର୍ବପର୍ବାଣି ସମୟରେ ପ୍ରଚଳିତ ଥିଲା ।

ଏହି ଯୁଗର ଲୋକମାନେ ଛବିଲିପିକୁ ବିକଶିତ କରି ଅକ୍ଷରରେ ପରିଣତ କରିଥିଲେ । କ୍ରେଟଠାରେ ଖନନରୁ ଏହାର ପ୍ରମାଣ ମିଳିଛି । ଆହୁରି ମଧ୍ୟ ଖନନରୁ ୧୧ ଫୁଟ୍ ଓସାର ରାସ୍ତା ଏବଂ ଜଳନିଷ୍କାସନ ପ୍ରଣାଳୀ ଆବିଷ୍କାର କରାଯାଇଛି । କ୍ରେଟ୍‌ରୁ ଆବିଷ୍କୃତ ଏକ ରାଜପ୍ରାସାଦ କାନ୍ଥରେ କରାଯାଇଥିବା ରଞ୍ଜନଚିତ୍ରରୁ ଜଣାଯାଏ ଯେ, ସେହି ସମୟର ଲୋକଙ୍କର ଚିତ୍ରକଳା ଜ୍ଞାନ ଥିଲା । ପ୍ରାସାଦ ଓ ମନ୍ଦିରଗୁଡ଼ିକର ନିର୍ମାଣ ପଦ୍ଧତିରୁ ସେ ସମୟରେ ଲୋକଙ୍କ ସ୍ଥାପତ୍ୟ ଜ୍ଞାନର ପ୍ରମାଣ ମିଳିଥାଏ ।

ଲୌହଯୁଗରେ ପ୍ରାଥମିକ ପର୍ଯ୍ୟାୟର ଡୋରୀୟ ସଭ୍ୟତା

ଗ୍ରୀସ୍‌ରେ ଡୋରୀୟ ସଭ୍ୟତାର ଆରମ୍ଭ ସହିତ ତାମ୍ରଯୁଗର ସମାପ୍ତି ହୋଇ ପ୍ରାଥମିକ ଲୌହଯୁଗର ଆରମ୍ଭ ହୋଇଥିଲା । ଡୋରୀୟ ସଭ୍ୟତାରେ ରାଜା ଥିଲେ ରାଜ୍ୟର ମୁଖ୍ୟ ସେନାପତି, ପୂଜକ ଏବଂ ନ୍ୟାୟାଧୀଶ । ରାଜାଙ୍କୁ

ପ୍ରଶାସନିକ ସମସ୍ୟା ଉପରେ ଉପଦେଶ ଦେବାପାଇଁ ସମ୍ଭ୍ରାନ୍ତମାନଙ୍କୁ ନେଇ ଏକ ପରିଷଦ ଗଠନ କରାଯାଇଥିଲା । ଅନ୍ୟ ରାଜନୈତିକ ସଂଗଠନଟି ହେଉଛି ଲୋକସଭା, ଯାହାକି ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥିଲା । ଏଥିରେ ଡୋରୀୟମାନଙ୍କଦ୍ୱାରା ଶାସିତ ସମସ୍ତ ନଗର-ରାଜ୍ୟର ପ୍ରତିନିଧି ରହିଥିଲେ । ଏହି ସମୟରେ ଦାସତ୍ୱ ପ୍ରଥା ପ୍ରଚଳିତ ଥିଲା । ଦାସମାନେ ଲୋକସଭାର ସଦସ୍ୟ ହୋଇପାରୁନଥିଲେ । ସରକାରୀ ଖର୍ଚ୍ଚଗୁଡ଼ିକ ରାଜାଙ୍କ ନିଜସ୍ୱ ସଂପତ୍ତି ଏବଂ କେତେକ ଅଂଶ ଲୋକଙ୍କଠାରୁ ଆଦାୟ କରାଯାଉଥିବା ଖଜଣାରୁ ବହନ କରାଯାଉଥିଲା ।

ସମ୍ଭ୍ରାନ୍ତମାନଙ୍କୁ ନେଇ ଗଠିତ ପରିଷଦ ସମୟକ୍ରମେ ସଂପୂର୍ଣ୍ଣ କ୍ଷମତାଶାଳୀ ହୋଇ ସମସ୍ତ କ୍ଷମତା ହାତକୁ ନେଇଯାଇଥିଲା, ଯାହାଫଳରେ ପରିଷଦ ପାଖରେ ରାଜାଙ୍କୁ ବହିଷ୍କାର କରିବା କ୍ଷମତା ମଧ୍ୟ ରହିଥିଲା । ଅର୍ଥାତ୍ ପରିଷଦ ଯେତେବେଳେ ଚାହିଁବ ରାଜାଙ୍କୁ ସିଂହାସନଚ୍ୟୁତ କରିପାରିବ । ଭିନ୍ନ ଭିନ୍ନ ନଗର ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାରର ସରକାର ରହିଥିଲେ । କେତେକ ନଗର-ରାଜ୍ୟରେ ଏକଚ୍ଛତ୍ରବାଦୀ ରାଜା ଶାସନ କରୁଥିବା ବେଳେ କେତେକ ନଗର ରାଜ୍ୟରେ ସମ୍ଭ୍ରାନ୍ତମାନେ ମିଳିତ ଭାବରେ ଶାସନ କରୁଥିଲେ । ସାମାଜିକ ସ୍ତରରେ କିନ୍ତୁ ମିନୋଆନୀୟ-ମୈସେନୀୟ ଶାସନ ସମୟରେ ସମାଜ ବ୍ୟବସ୍ଥାରେ ବିଶେଷ କିଛି ଉଲ୍ଲେଖନୀୟ ପରିବର୍ତ୍ତନ ଘଟି ନ ଥିଲା । ସମାଜ ବ୍ୟବସ୍ଥା ପ୍ରାୟତଃ ଆଗଭଳି ରହିଥିଲା । ସମ୍ଭ୍ରାନ୍ତ ଏବଂ ପୂଜକମାନେ ବର୍ଗ ଭିତ୍ତିରେ ସଂଗଠିତ ହୋଇଥିବା ବେଳେ ଜନସାଧାରଣ ସଂପ୍ରଦାୟ ଭିତ୍ତିରେ ସଂଗଠିତ ହୋଇଥିଲେ । ଏହି ବର୍ଗ (କୁଳ) ଓ ସଂପ୍ରଦାୟଗୁଡ଼ିକ ସୈନ୍ୟବାହିନୀର ଏକକ ରୂପରେ କାର୍ଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ଏହା ପ୍ରଶାସନିକ ଏକକରେ ମଧ୍ୟ ପରିଣତ ହୋଇପାରୁଥିଲା । ଏହି ସଭ୍ୟତାର ଲୋକେ ସାଧାରଣତଃ ନିରକ୍ଷର ଏବଂ ଗରିବ ଥିଲେ । ସେମାନଙ୍କର ପ୍ରଧାନ ଜୀବିକା ଥିଲା କୃଷି । ଏହି ସମୟ ବେଳକୁ ପୁନଶ୍ଚ ବୈଦେଶିକ ବାଣିଜ୍ୟ, ଚିତ୍ରକଳା, ଶିଳ୍ପ, ଉଦ୍ୟୋଗ ଆଦିର ଅଧୋଗତି ହୋଇଥିଲା ।

ଏହି କାଳର ମୁଖ୍ୟ ଦେବଦେବୀ ଅଲିମ୍ପିଆ ପରିବାରର ଥିଲେ । ଅଲିମ୍ପସ ପର୍ବତ ଥିଲା ଦେବଦେବୀଙ୍କ ବାସସ୍ଥାନ । ସମଗ୍ର ଗ୍ରୀସ୍‌ରେ ଅନେକ ଦେବଦେବୀଙ୍କୁ ପୂଜା କରାଯାଉଥିଲା । ଯେପରିକି-

'ଯେଅସ୍' ଥିଲେ ସମଗ୍ର ମାନବ ସମାଜ ଏବଂ ଦେବଦେବୀଙ୍କର ଜନକ । ସେ ସ୍ୱର୍ଗରେ ରହୁଥିଲେ । ତାଙ୍କ ସ୍ତ୍ରୀ ଥିଲେ ହୀରା । ଜ୍ଞାନ ଓ ବୌଦ୍ଧିକତାର ଦେବତା ଥିଲେ ଆଥେନା; ଆଲୋକ, ସ୍ୱାସ୍ଥ୍ୟ ଓ କବିତାର ଦେବତା ଥିଲେ ଆପୋଲ୍ଲୋ, ଚନ୍ଦ୍ରମାର ଦେବୀ ଥିଲେ ଆର୍ଟେମିସ୍, ସମୁଦ୍ରର ଦେବତା ଥିଲେ ପୋଜିଡନ୍, ଖାଦ୍ୟଶସ୍ୟର ଦେବୀ ଥିଲେ ଦିମେତର୍, କୌମାରୀତ୍ୱର ଦେବୀ ଥିଲେ ପାର୍ସେଫୋନ୍, କାରିଗରମାଙ୍କର ଦେବୀ ଥିଲେ ହେଫାଇଷ୍ଟସ୍, ପବିତ୍ରତା ଓ ପ୍ରେମର ଦେବୀ ଥିଲେ ଆଫ୍ରୋଦିତେ, ଯୁଦ୍ଧର ଦେବତା ଥିଲେ ଆରେସ୍, ଚୁଲି ଓ ରନ୍ଧନର ଦେବୀ ଥିଲେ ହେଷ୍ଟିଆ, ଚୋର ଓ ଲୁଣ୍ଠନକାରୀଙ୍କ ଦେବତା ଥିଲେ ହାଡେସ୍ ।

ଏଥିରୁ ଜଣାଯାଏ ଯେ, ଗ୍ରୀସ୍‌ର ଲୋକମାନେ ପ୍ରକୃତିର ଉପାସକ ଥିଲେ । ସେମାନେ ଅନେକ ଦେବଦେବୀରେ ବିଶ୍ୱାସ କରୁଥିଲେ । ଏହି ସମୟକାଳ ବେଳକୁ ଲୋକେ ସାଧାରଣତଃ ନିରକ୍ଷର ଥିଲେ, ତେଣୁ ସାହିତ୍ୟକୃତିରେ ପ୍ରାୟତଃ ପ୍ରଗତି ହୋଇ ନଥିଲା । ହୋମର୍ ଏବଂ ହେସିଅଡ୍‌ଙ୍କ କୃତିଗୁଡ଼ିକୁ ମନେରଖି ସେମାନେ ବଂଶାନୁକ୍ରମିକ ଭାବରେ ମୌଖିକ ରୂପରେ ପ୍ରଦାନ କରି ଆସୁଥିଲେ । ପ୍ରାୟ ଖ୍ରୀ.ପୂ. ୮ମ ଶତାବ୍ଦୀ ବେଳକୁ ଆଦିମ ସଭ୍ୟତାର ପୃଷ୍ଠ ଦେଶରେ ଦଣ୍ଡାୟମାନ ହୋଇଥିଲା ଐତିହାସିକ ଯୁଗୀୟ ସଭ୍ୟତା ।

ଖ୍ରୀ.ପୂ. ୮୦୦ରେ ଲୌହଯୁଗର ସମାପ୍ତି ପରେ ପ୍ରାଚୀନ ଗ୍ରୀସ୍‌ର ଇତିହାସ (ଐତିହାସିକ କାଳ) ଆରମ୍ଭ ହୋଇଛି । ଏହି କାଳ ସୁଦ୍ଧା ସୁସଂଗଠିତ ଗ୍ରୀସ୍ ସଂପ୍ରଦାୟଗୁଡ଼ିକ ସେମାନଙ୍କର ନଗର-ରାଜ୍ୟ ପାହାଡ଼ର ଶୀର୍ଷଦେଶଗୁଡ଼ିକରେ

ପ୍ରତିଷ୍ଠା କରି ସୁରକ୍ଷା ପାଇଁ ଦୁର୍ଗଗୁଡ଼ିକ ନିର୍ମାଣ କରିଥିଲେ । ସେହି କାଳର ମୁଖ୍ୟ ନଗର-ରାଜ୍ୟଗୁଡ଼ିକ ଥିଲେ ଏଥେନ୍ସ, ଥେବ୍ସ, ମେଗାବା, ସ୍ପାର୍ଟା, କୋରିନ୍ଥ, ମିଲେଟସ୍, ମିତାଇଲେନ୍ ଓ ସାମୋସ୍ ଆଦି । ସର୍ବବୃହତ୍ ଏବଂ ଶକ୍ତିଶାଳୀ ନଗର-ରାଜ୍ୟ ଥିଲେ ଏଥେନ୍ସ ଏବଂ ସ୍ପାର୍ଟା । ସେଗୁଡ଼ିକର କ୍ଷେତ୍ରଫଳ ଯଥାକ୍ରମେ ୩୦୦୦ ଏବଂ ୧୦୦୦ ବର୍ଗ ମାଇଲ ତଥା ଲୋକସଂଖ୍ୟା ୪,୦୦,୦୦୦ ମଧ୍ୟରେ ଥିଲା । ସାର୍ବଭୌମତ୍ୱ ପାଇଁ ଉଭୟ ନଗର-ରାଜ୍ୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲା ।

ନଗର-ରାଜ୍ୟ

ଗ୍ରୀସ୍‌କୁ ଦେଶାନ୍ତରିତ ହୋଇ ଆସିବା ପରେ ବିଭିନ୍ନ ସଂପ୍ରଦାୟଗୁଡ଼ିକ ବିକ୍ଷିପ୍ତ ଭାବରେ ରହିଥିବା ଗ୍ରାମଗୁଡ଼ିକରେ ବସତି ସ୍ଥାପନ କରିଥିଲେ । ଯୋଗାଯୋଗର ଅଭାବ ଯୋଗୁଁ ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମ ବିଚ୍ଛିନ୍ନ ହୋଇ ରହୁଥିଲା । ସମୟକ୍ରମେ ବିଭିନ୍ନ ଉପତ୍ୟକାଞ୍ଚଳର ଲୋକେ ଆଞ୍ଚଳିକ ଗୋଷ୍ଠୀ ଗଠନ କରି ଏକ ରାଜନୈତିକ ସଂଗଠନ କରିଥିଲେ । ରାଜନୈତିକ ଏକତାର ମୂଳ ଲକ୍ଷ୍ୟ ଥିଲା ଏକ ଭଗବାନ୍‌ଙ୍କୁ ପୂଜା କରିବା, ଜିନିଷପତ୍ର କିଣାବିକା କରିବା, ସମସ୍ତେ ଏକ ସର୍ବସାଧାରଣ ସରକାର ଏବଂ ସୁରକ୍ଷା ବ୍ୟବସ୍ଥା ପାଇଁ ଚିନ୍ତା କରିବା ଆଦି । ପରିଶେଷରେ ସେମାନେ ଏକତ୍ର ହୋଇପାରିଥିଲେ । ଏକତ୍ରିତ ସାମ୍ପ୍ରଦାୟିକ କେନ୍ଦ୍ର ନିର୍ମାଣର ଯୋଜନା କରାଯାଇ ଉପତ୍ୟକାର ସର୍ବୋଚ୍ଚ ସ୍ଥାନକୁ ନିର୍ଦ୍ଧାରଣ କରାଗଲା । କାରଣ ଏହି କେନ୍ଦ୍ର ହିଁ ଥିଲା ଦୁର୍ଗୀଭୂତ ରାଜଧାନୀ । ରାଜଧାନୀର ଚତୁଃପାର୍ଶ୍ୱରେ ବସତିଗୁଡ଼ିକ ସ୍ୱତଃପ୍ରବୃତ୍ତ ଭାବରେ ଗଢ଼ି ଉଠିଥିଲା, ଯାହାକୁ ଗ୍ରୀକ୍ ଭାଷାରେ 'ପୋଲିସ୍' କିମ୍ବା ନଗର-ରାଜ୍ୟ କୁହାଯାଏ । କେନ୍ଦ୍ରୀୟ ଦୁର୍ଗ କିମ୍ବା ରାଜଧାନୀକୁ ''ଆକ୍ରୋପୋଲିସ୍'' କୁହାଯାଏ । ଏଥେନ୍ସଠାରେ ସୁପ୍ରସିଦ୍ଧ ଆକ୍ରୋପୋଲିସ୍ ପ୍ରତିଷ୍ଠିତ ହୋଇଥିଲା । ରାଜା ଏହି ରାଜଧାନୀରେ ରହୁଥିଲେ । ପ୍ରତ୍ୟେକ ନଗରୀ, ଚାରିପଟରେ ନିର୍ମିତ ପ୍ରାଚୀର ଦ୍ୱାରା ସୁରକ୍ଷିତ ଥିଲା । ପ୍ରତ୍ୟେକ ନଗର-ରାଜ୍ୟରେ ଲୋକପ୍ରିୟ ଲୋକସଭା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଥିଲା, ଯେଉଁଠାରେ କି ରାଜା ଏବଂ ରାଜ୍ୟର ବୟୋଜ୍ୟେଷ୍ଠ ପରିଷଦ ବସି ବିଚାରବିମର୍ଷ ପରେ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେଇପାରିବେ । ବୟୋଜ୍ୟେଷ୍ଠ ପରିଷଦ ଏବଂ ଲୋକସଭାର ସଦସ୍ୟମାନେ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ବସି ସାଧାରଣ ଶାସନ ପରିଚାଳନା କରୁଥିଲେ । ସମ୍ଭ୍ରାନ୍ତ ଏବଂ ପୂଜକ (ଇଉପାଟ୍ରିଡ୍)ମାନଙ୍କ ଦ୍ୱାରା ପରିଷଦ ଗଠିତ ହୋଇଥିଲା । ସାଧାରଣ ପ୍ରଜା ଓ ଗରିବ ନାଗରିକଙ୍କୁ ନେଇ ଲୋକସଭା ଗଠିତ ହୋଇଥିଲା । ପ୍ରତ୍ୟେକ ନଗର-ରାଜ୍ୟ ସାର୍ବଭୌମ ଥିଲେ, ଖଜଣା ଆଦାୟ କରୁଥିଲେ । ଏହା ଯୁଦ୍ଧ ଘୋଷଣା କରୁଥିଲା ଏବଂ ଶାନ୍ତି ପ୍ରସ୍ତାବ ମଧ୍ୟ ଦେଉଥିଲା । ପ୍ରତ୍ୟେକ ନଗର-ରାଜ୍ୟ ପ୍ରଜାଙ୍କ ହୃଦୟରେ ତାଙ୍କ ରାଜ୍ୟ ଏକ ସାର୍ବଭୌମ ଗଣତନ୍ତ୍ର ହେବାର ଅଭୀପ୍ସା ବଳବତ୍ତର ହୋଇ ରହିଥିଲା । ଗ୍ରୀସ୍‌ର ଅନୁସନ୍ଧିତ୍ସୁମାନେ ନଗର-ରାଜ୍ୟ ସମ୍ବନ୍ଧରେ ସମସ୍ତ ତଥ୍ୟ ପାଇବା ପାଇଁ ବଡ଼ଧରଣର ପରୀକ୍ଷା ଆରମ୍ଭ କରିଛନ୍ତି, ଯାହାକୁ ସ୍ୱରାଜ୍ୟ ଅନୁସନ୍ଧାନ କୁହାଯାଏ ।

ପ୍ରତ୍ୟେକ ନଗର ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାରର ସାମାଜିକ ଏବଂ ଧାର୍ମିକ ବ୍ୟବସ୍ଥା ବିକାଶଲାଭ କରିଥିଲା । ନାଗରିକମାନେ ନିଜ ନିଜ ନଗର-ରାଜ୍ୟ ପ୍ରତି ଏକାନ୍ତ ଅନୁଗତ ଥିଲେ । ନଗର-ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରାଧାନ୍ୟ ପ୍ରତିଷ୍ଠା ପାଇଁ ସର୍ବଦା ଯୁଦ୍ଧ ଲାଗି ରହିଥିବାରୁ ଗ୍ରୀକ୍ ଜାତୀୟତାବାଦ ଅଥବା ସମଗ୍ର ଗ୍ରୀସ୍‌ର ଏକତ୍ରୀକରଣ ପ୍ରତି କେହି ଚିନ୍ତିତ ଅଥବା ଚେଷ୍ଟିତ ନ ଥିଲେ । ଏହାସତ୍ତ୍ୱେ ମଧ୍ୟ ଗ୍ରୀସସ୍ଥିତ ନଗର-ରାଜ୍ୟଗୁଡ଼ିକ ମଧ୍ୟରେ ଅନେକ ବିଷୟରେ ସାମଞ୍ଜସ୍ୟ ରହିଥିଲା, ଯେପରିକି ସେମାନେ ଗ୍ରୀସ୍‌ର ଭାଷା ବ୍ୟବହାର କରୁଥିଲେ । ଦ୍ୱିତୀୟତଃ, ସେମାନେ ସାର୍ବଜନୀନ ଏବଂ ସମାନ ଧର୍ମବିଶ୍ୱାସ ଓ ଉପାସନାରେ ଆବଦ୍ଧ ଥିଲେ । ନଗର-ରାଜ୍ୟଗୁଡ଼ିକରେ ସମାନ ଧାର୍ମିକ ପରିଷଦ, ଧର୍ମାନୁଷ୍ଠାନ, ଧାର୍ମିକ ପର୍ବପର୍ବାଣି ଆଦି ପ୍ରଚଳିତ ଥିଲା । ତୃତୀୟତଃ, ଅଲମ୍ପିକ ଖେଳ ପ୍ରତିଯୋଗିତା ପ୍ରତି ଚାରିବର୍ଷରେ

ଅନୁଷ୍ଠିତ ହେଉଥିଲା । ଏହି ଖେଳରେ ସମସ୍ତ ନଗର-ରାଜ୍ୟର ତଥା ଗ୍ରୀସ୍‌ର ସମସ୍ତ ନାଗରିକ ଭାଗ ନେଉଥିଲେ । ଏହା ଥିଲା ଏକତା ଏବଂ ଜାତୀୟତାର ପ୍ରତୀକ । ଚତୁର୍ଥତଃ, ପ୍ରତ୍ୟେକ ନଗର-ରାଜ୍ୟର ବୀରଗାଥାଗୁଡ଼ିକ ସମାନ ଥିଲା । ହୋମରଙ୍କ ସୃଷ୍ଟ ଗପ, ସାହିତ୍ୟ ଆଦି ପ୍ରତ୍ୟେକ ନଗର-ରାଜ୍ୟର ସଂପତ୍ତି ଥିଲା ତଥା ସମପରିମାଣରେ ଆଦୃତ ହେଉଥିଲା । ଗ୍ରୀସ୍‌ର ସମସ୍ତ ନାଗରିକଙ୍କ ଅନ୍ତରରେ ଅଣଗ୍ରୀସୀୟ ଲୋକଙ୍କଠାରୁ ଶ୍ରେଷ୍ଠତ୍ୱର ବିଚାରଧାରା ରହିଥିଲା ।

ଏତେସବୁ ସାମଞ୍ଜସ୍ୟ ସତ୍ତ୍ୱେ ମଧ୍ୟ ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକ ଏକ ଜାତୀୟ ରାଜ୍ୟ ଗଠନ କରିବା ପାଇଁ ମିଳିତ ହୋଇପାରିନଥିଲେ । ଏହା ଥିଲା ଗ୍ରୀସ୍‌ର ଭାଗ୍ୟରେ ଏକ ବିଡ଼ମ୍ବନା ଏବଂ ଐତିହାସିକ ଦୃଷ୍ଟିକୋଣରୁ ଆଶ୍ଚର୍ଯ୍ୟଜନକ ।

ଅର୍ଥନୀତି

ଗ୍ରୀସୀୟମାନେ ଫୋଇନିସିଆନ୍‌ମାନଙ୍କର ପଦାଙ୍କ ଅନୁସରଣ କରି ବାଣିଜ୍ୟିକ ଏବଂ ଔପନିବେଶିକରେ ପରିଣତ ହୋଇଯାଇଥିଲେ । ଗ୍ରୀସୀୟମାନେ କୃଷ୍ଣସାଗର ଏବଂ କ୍ଷୁଦ୍ର ଏସିଆର ଦାକ୍ଷିଣାତ୍ୟରେ ଉପନିବେଶଗୁଡ଼ିକ ସ୍ଥାପନ କରିଥିଲେ । ଏତଦ୍‌ବ୍ୟତୀତ ସେମାନେ ଇଟାଲୀ ଓ ସିସିଲିର ଦକ୍ଷିଣାଞ୍ଚଳରେ ମଧ୍ୟ ଉପନିବେଶ ସ୍ଥାପନ କରିଥିଲେ । ସର୍ବପ୍ରଥମେ କୋରିନ୍ଥ ଏକ ଇଚ୍ଛାଧୀନ ବାଣିଜ୍ୟର ବିକାଶ କରିଥିଲେ; ହେଲେ ଅଳ୍ପ ସମୟ ମଧ୍ୟରେ ଏଥେନ୍ସ ତାକୁ ପ୍ରଭାବାଧୀନ କରି ନେଇଥିଲା । ଏଥେନୀୟ ଜାହାଜଗୁଡ଼ିକ ଗୃହପାଳିତ ପଶୁ ଏବଂ ଦାସମାନଙ୍କୁ ନେଇ ଯାଉଥିଲେ, ତା'ରି ପ୍ରତିବଦଳରେ ସେମାନେ ମାଟିପାତ୍ର ଏବଂ ମଦ ଆଣୁଥିଲେ । ଗ୍ରୀସ୍‌ର ବଣିକମାନେ ମିଶର ଏବଂ ମେସୋପଟାମିଆରୁ ଗାଲିଚ୍ଛ, ଜରି, ମୂଲ୍ୟବାନ ପଥର, ରେଶମ, ସୁଗନ୍ଧିତ ଝୁଣା ଓ ମସଲା ଆଦି ଆମଦାନୀ କରୁଥିଲେ । ଭୂମଧ୍ୟ ସାଗରର ପଶ୍ଚିମାଞ୍ଚଳରେ ରହୁଥିବା ବ୍ୟବସାୟୀମାନେ ଖାଦ୍ୟଶସ୍ୟ, ଦୁଗ୍ଧରୁ ପ୍ରସ୍ତୁତ ସାମଗ୍ରୀ, ସୁନା ଓ ରୁପା ଆଦି ରପ୍ତାନୀ କରି ତା' ବଦଳରେ ମଦ ଓ ମାଟିପାତ୍ର ଆଦି ଆମଦାନୀ କରୁଥିଲେ । ସାଧାରଣତଃ ଗ୍ରୀସୀୟମାନେ ପାରମ୍ପରିକ କୃଷକ ଥିଲେ । ସେମାନେ ସର୍ବଦା ଜୀବନ ସହିତ ସଂଗ୍ରାମ କରି ବଞ୍ଚୁଥିଲେ । ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଯୋଗୁଁ ଗ୍ରୀସ୍‌ରେ ବର୍ଷ ତମାମ୍ ବିଭିନ୍ନ ଫସଲ ଚାଷ କରାଯାଉଥିଲା । ଗହମ ଏବଂ ବାର୍ଲି ଚାଷର ମୁଖ୍ୟ ଶସ୍ୟ ଥିଲା । ମଟର, ଛୁଇଁ ଏବଂ ଡାଲିଜାତୀୟ ଶସ୍ୟ ଚାଷ କରାଯାଉଥିବା ମୁଖ୍ୟ ପରିବା ଥିଲା । ଏତଦ୍‌ବ୍ୟତୀତ ଅଲିଭ, ଅଙ୍ଗୁର ଓ ଡିମିରି ମୁଖ୍ୟ ରୂପରେ ସର୍ବତ୍ର ଚାଷ କରାଯାଉଥିଲା । ସମଗ୍ର ଗ୍ରୀସ୍‌ରେ ଅଲିଭ ବଗିଚ୍ଛ ପରିପୂର୍ଣ୍ଣ ହୋଇ ରହିଥିଲା । ପଶୁପାଳନ, ପ୍ରଜନନ, ଅଲିଭ ଏବଂ ଡିମିରି ଉତ୍ପାଦନ ଚାଷର ମୁଖ୍ୟ ଅଙ୍ଗ ଥିଲା । ଚାଷ କରାଯାଉଥିବା ଅଲିଭ ଓ ଅଙ୍ଗୁର ପରି ଅର୍ଥକରୀ ଫସଲରୁ ଚାଷୀମାନେ ପର୍ଯ୍ୟାପ୍ତ ଲାଭ ପାଉଥିଲେ । ତେଣୁକରି ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ସ୍ୱଚ୍ଛଳ ଥିଲେ । ସାମଗ୍ରିକ ରୂପରେ ଚାଷରୁ ଅଧିକ ଉତ୍ପାଦନ ଏବଂ ବାଣିଜ୍ୟିକ ଲାଭ ଯୋଗୁଁ ଗ୍ରୀସ୍‌ର ଅର୍ଥନୀତି ସୁଦୃଢ଼ ଥିଲା ।

ଲୋକସଂଖ୍ୟା ବୃଦ୍ଧି ହେବାରୁ ଅନେକ ଲୋକ ଉପନିବେଶଗୁଡ଼ିକୁ ଚାଲିଯାଉଥିଲେ; ହେଲେ ଗ୍ରୀସ୍ ସରକାର ଏହି ସମସ୍ୟାର ସମାଧାନ କରିବା ପାଇଁ ତାତ୍କାଳିକ ଭିତ୍ତିରେ ଶିଳ୍ପ ଏବଂ ଉତ୍ପାଦନରେ ଅତ୍ୟଧିକ ମାତ୍ରାରେ ବୃଦ୍ଧି କରିଥିଲେ; ଫଳସ୍ୱରୂପ ଶ୍ରମିକ, କାରିଗର, ବ୍ୟବସାୟୀ ଆଦି ନିଜ ଦେଶର କଳକାରଖାନାରେ କାମ କରିଥିଲେ । ବ୍ୟବସାୟୀମାନେ ନିଜ ଦେଶର କଳକାରଖାନାରୁ ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟବସାୟ କରିଥିଲେ । ଏହିପରି ଭାବରେ ଦେଶାନ୍ତରିତ ଗମନ ପ୍ରାୟତଃ ବନ୍ଦ ହୋଇଯାଇଥିଲା । ସାମରିକ ଶକ୍ତି, ରାଜନୈତିକ ଇଚ୍ଛାଶକ୍ତି ଏବଂ ବାଣିଜ୍ୟିକ ଅଭୀପ୍ସା ଯୋଗୁଁ ଗ୍ରୀସୀୟମାନେ ଅନ୍ୟ ଦେଶର ଅନେକ ଅଞ୍ଚଳ ଜୟ କରି ଉପନିବେଶ ସ୍ଥାପନ କରିଥିଲେ । ଗ୍ରୀସ୍‌ର ବଣିକମାନେ ଶିଳ୍ପ ଉତ୍ପାଦନଗୁଡ଼ିକୁ ବିଭିନ୍ନ ଦେଶକୁ ରପ୍ତାନୀ କରି ମୁଖ୍ୟତଃ ଖାଦ୍ୟଶସ୍ୟ ଏବଂ କଞ୍ଚାମାଲ୍ ଆମଦାନୀ

କରୁଥିଲେ । ବେବିଲୋନିଆ ପରି ଗ୍ରୀସ୍‌ର ବ୍ୟବସାୟୀମାନେ ମଧ୍ୟ ବ୍ୟବସାୟିକ ପରିଚାଳନା ପାଇଁ ଏକ ପ୍ରକାରର ମୁଦ୍ରା ପ୍ରଚଳନ କରିଥିଲେ । ଏଥେନ୍‌ସରେ ରାଜନୀତି ଏବଂ ସାମାଜିକ କ୍ଷେତ୍ରରେ ବ୍ୟବସାୟୀମାନେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ । ବ୍ୟବସାୟୀମାନେ ଶାରୀରିକ ପରିଶ୍ରମ ଆବଶ୍ୟକ କରୁଥିବା କାର୍ଯ୍ୟଗୁଡ଼ିକୁ ମୁଖ୍ୟତଃ ଦାସମାନଙ୍କଦ୍ୱାରା କରାଉଥିଲେ । ଅର୍ଥନୀତି ଦୃଷ୍ଟିରୁ ପ୍ରାଚୀନ ଗ୍ରୀସ୍ ସ୍ୱଚ୍ଛଳ ଏବଂ ଶିଳ୍ପସମୃଦ୍ଧ ଥିଲା ।

(ଗ) ସଂସ୍କୃତି

ପ୍ରାଚୀନ ଗ୍ରୀସ୍‌ର ଐତିହାସିକ ସମୟର ଆରମ୍ଭ ପ୍ରାୟ ଖ୍ରୀ.ପୂ. ୮୦୦ରେ ହୋଇ ଖ୍ରୀ.ପୂ.୩୦ରେ ରୋମୀୟମାନଙ୍କର ଶାସନାଧୀନ ହେବା ପର୍ଯ୍ୟନ୍ତ ବିକଶିତ ସଭ୍ୟତାର ସମଗ୍ର ବିଶ୍ୱପ୍ରତି ଏକ ମହନୀୟ ଅବଦାନ ରହିଛି । ଏହି କାଳ ମଧ୍ୟରେ ମାନବ ସଭ୍ୟତାର ସର୍ବବିଧ ଏବଂ ସମସ୍ତ ବିଭାଗରେ ଗ୍ରୀସ୍ ଉନ୍ନତିର ଶିଖର ଛୁଇଁପାରିଛି ।

ଗ୍ରୀସ୍‌ର ରାଜନୈତିକ ସଂଗଠନ ଏବଂ ଦର୍ଶନ

ଗ୍ରୀସ୍‌ସ୍ଥିତ ନଗର-ରାଜ୍ୟଗୁଡ଼ିକର ରାଜନୈତିକ ବ୍ୟବସ୍ଥାର ତର୍ଜମା କରି ଏକ ସାମଗ୍ରିକ ବ୍ୟାଖ୍ୟାନ କଲେ ଜଣାଯାଏ ଯେ, ତାହା ନାଗରିକମାନଙ୍କୁ ଆଂଶିକ ଭାବରେ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରିପାରିଥିଲା । ଗ୍ରୀସ୍‌ର ମୁଖ୍ୟ ରାଜନୈତିକ ଅନୁଷ୍ଠାନ ଥିଲା ନଗର-ରାଜ୍ୟ, ଯାହାକି ଏହାର ବିଚିତ୍ର ଭୌଗୋଳିକ ଅବସ୍ଥିତି ଏବଂ ସ୍ଥଳାକୃତି ଯୋଗୁଁ ବିକଶିତ ହୋଇଥିଲା । ଏଥେନ୍‌ସ କେବଳ ସର୍ବପ୍ରଥମେ ଗଣତାନ୍ତ୍ରିକ ଶାସନ ପଦ୍ଧତି ପ୍ରଚଳନ କରିଥିଲା, ଯାହାକୁ ପରବର୍ତ୍ତୀ ସମୟରେ ସ୍ପାର୍ଟା ବ୍ୟତୀତ ସମସ୍ତ ନଗର-ରାଜ୍ୟ ଗ୍ରହଣ ଏବଂ ପ୍ରଚଳନ କରିଥିଲେ । ଏଥେନ୍‌ସରେ ଗଣତାନ୍ତ୍ରିକ ଶାସନ ପଦ୍ଧତି ପ୍ରତିଷ୍ଠା କରିବା ଦିଗରେ ଦାର୍ଶନିକ ପ୍ଲାଟୋ ଏବଂ ଆରିଷ୍ଟୋଟଲଙ୍କ ପ୍ରଚ୍ଛନ୍ନ ପ୍ରଭାବ ରହିଥିଲା । ଆଗରୁ ଆମେ ଏଥେନ୍‌ସର ଗଣତାନ୍ତ୍ରିକ ପଦ୍ଧତିର ସ୍ୱରୂପ ସମ୍ବନ୍ଧରେ ଆଲୋଚନା କରିସାରିଛୁ । ଗଣତାନ୍ତ୍ରିକ ବିଚାରଧାରା ଏବଂ ପଦ୍ଧତି ହେଉଛି ବିଶ୍ୱ ସଭ୍ୟତା ପ୍ରତି ଗ୍ରୀସୀୟମାନଙ୍କର ଅନନ୍ୟ ଅବଦାନ ।

ଗ୍ରୀସ୍‌ର ରାଜନୈତିକ ସିଦ୍ଧାନ୍ତ

"ପୋଲିଟିକ୍‌ସ" ଶବ୍ଦଟି ଗ୍ରୀକ୍ ଶବ୍ଦ "ପୋଲିସ୍"ରୁ ନିଷ୍ପନ୍ନ ହୋଇଛି । ଦାର୍ଶନିକ ପ୍ଲାଟୋ ଏବଂ ଆରିଷ୍ଟୋଟଲ୍ ଯେଉଁମାନେ କି ଗ୍ରୀସ୍‌ର ରାଜନୈତିକ ସିଦ୍ଧାନ୍ତର ପ୍ରମୁଖ ପ୍ରବକ୍ତା ଅଟନ୍ତି, ସେମାନେ ସରକାରଙ୍କ ଶାସନ ସମସ୍ୟାକୁ ନଗର-ରାଜ୍ୟ ଦୃଷ୍ଟିକୋଣରୁ ବିଚାର କରିଥିଲେ । ସେମାନେ ଏକ ବୃହତ୍ତର ରାଜନୈତିକ ରାଜ୍ୟର ଚିନ୍ତା କରି ନ ଥିଲେ । ପ୍ଲାଟୋ ବ୍ୟବହାର କରିଥିବା "ରାଜନୀତି" ଶବ୍ଦ ମାନବୀୟ ଆଚାରବ୍ୟବହାରର ମୌଳିକ ନୀତିନିୟମ ଉପରେ ଆଧାରିତ ଥିଲା । ତହିଁରେ ରାଜନୈତିକ ଦର୍ଶନ ପରିବର୍ତ୍ତେ ନୈତିକ ଦର୍ଶନ ହିଁ ରହିଥିଲା । "ସମସ୍ତ ମଣିଷ ସମାନ ଭାବରେ ଶାସିତ ହେବା ଉଚିତ ନୁହେଁ" ଓ "ମଣିଷର କର୍ତ୍ତବ୍ୟ ସଂପାଦନର ବିବିଧତା ପରି ସରକାର ମଧ୍ୟ ବିଭିନ୍ନ ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରେ ଉପସ୍ଥାପିତ ହେବ" ଆଦି ବିଚାରଧାରାକୁ ସ୍ୱୀକୃତି ଦେଇଥିଲେ । ତଥାପି ମଧ୍ୟ ତାଙ୍କ ଲିଖିତ ପୁସ୍ତକ "ରିପବ୍ଲିକ୍"ରେ ସେ ଏଥେନ୍‌ବାସୀଙ୍କୁ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରିଥିଲେ ତଥା ପ୍ରବର୍ତ୍ତାଇ ଥିଲେ ।

ଆରିଷ୍ଟୋଟଲ୍ ଥିଲେ ଗ୍ରୀସ୍‌ର ଅନ୍ୟତମ ଦାର୍ଶନିକ, ରାଜନୈତିକ ଚିନ୍ତନକାରୀ ଏବଂ ପ୍ଲାଟୋଙ୍କ ଶିଷ୍ୟ । ସେ ଅଧିକ ରକ୍ଷଣଶୀଳ ଏବଂ ସମ୍ଭ୍ରାନ୍ତୀୟ ଥିଲେ । ସେ ଥିଲେ ବିଶ୍ୱବିଜୟୀ ବୀର ଆଲେକ୍‌ଜାଣ୍ଡରଙ୍କ ଶିକ୍ଷକ । ତାଙ୍କ ସିଦ୍ଧାନ୍ତ ଅନୁଯାୟୀ ଶାରୀରିକ ପରିଶ୍ରମ ମସ୍ତିଷ୍କ ଓ ମଣିଷର ବୁଦ୍ଧିକୁ ମାନ୍ଦା କରିଦିଏ ତଥା ବୌଦ୍ଧିକ ଶକ୍ତିରେ ଏତେଦୂର ଅଧୋପତନ

ଘଟାଇଥାଏ ଯେ, ତାହା ଏକ ଦାସର ବୌଦ୍ଧିକ ଶକ୍ତି ସହିତ ସମାନ ହୋଇଯାଇଥାଏ । ତାଙ୍କ ବିଚାରରେ ଗୋଟିଏ ରାଜ୍ୟର ଭୌଗୋଳିକ ସୀମାରେଖା ଏବଂ ନାଗରିକମାନଙ୍କର ପରିଚୟୋକ୍ତି ଓ ସ୍ଥିତି ସମ୍ବନ୍ଧରେ ଅତ୍ୟନ୍ତ ଧାରଣା ଥାଏ । ପ୍ଲାଟୋଙ୍କ ପରି ତାଙ୍କର ମଧ୍ୟ ସିଦ୍ଧାନ୍ତ ଥିଲା ଯେ, ଏପରି କୌଣସି ପ୍ରକାରର ସରକାର ନାହିଁ, ଯାହାକି ସବୁ ପ୍ରକାରର ଲୋକଙ୍କ ପାଇଁ ଉପଯୋଗୀ ହୋଇପାରିବ । ତାଙ୍କ ମତରେ ଯଦି ଜଣେ ଉତ୍ତମ ଏବଂ ପ୍ରଜାବତ୍ସଳ ଉପକାରୀ ରାଜା ଶାସନ କରନ୍ତି, ତେବେ ରାଜତନ୍ତ୍ର ହେଉଛି ସର୍ବୋତ୍ତମ ଶାସନ ପଦ୍ଧତି । ପୁନଶ୍ଚ ସେ କହିଥିଲେ ମଧ୍ୟମ ବର୍ଗର ଶାସନ ମଧ୍ୟ ଉତ୍ତମ ଶ୍ରେଣୀର ଅଟେ । ସେ କିନ୍ତୁ ଶୋଷଣ, ପସନ୍ଦ କରାଯାଇଥିବା ଲୋକଙ୍କ ଶାସନ ଓ ଗଣତନ୍ତ୍ର ସମ୍ବନ୍ଧରେ ବହୁତ କମ୍ କହିଛନ୍ତି । ଏସବୁ ସତ୍ତ୍ୱେ ମଧ୍ୟ ତାଙ୍କ ପୁସ୍ତକ "ପୋଲିଟିକ୍‌ସ"ରେ ସେ ଏଥେନ୍‌ବାସୀଙ୍କୁ ଗଣତନ୍ତ୍ର ଶାସନ ପଦ୍ଧତି ପାଇଁ ପ୍ରବର୍ତ୍ତାଇଥିଲେ ।

କଳାସ୍ଥାପତ୍ୟ

ମିଶରୀୟ ଏବଂ ଆଜିଆନୀୟ ସଂପାଦିତ କଳାସ୍ଥାପତ୍ୟର ବଳିଷ୍ଠ ଭିତ୍ତିଭୂମି ଉପରେ ବିକଶିତ ହୋଇଥିଲା ଗ୍ରୀସ୍‌ର କଳାସ୍ଥାପତ୍ୟ । ଗ୍ରୀସ୍‌ର କଳାକାର ପାଇଁ କଳା ଥିଲା ଏକ ପ୍ରକୃତିର ପରିପ୍ରକାଶ, ଯହିଁରେ ସେମାନେ ଆଙ୍କି ଦେଉଥିଲେ ସୌନ୍ଦର୍ଯ୍ୟର ରଙ୍ଗ । କଳାର ଫସଲ ଯେତେ ଫୁଟେଇ ଦେଉଥିଲେ ମନଲୋଭା ସୁନ୍ଦର ଫୁଲ ସବୁ, କଳା ହୋଇଉଠିଥିଲା ଜୀବନ୍ତ ଓ ମନୋଜ୍ଞ । ଗ୍ରୀସ୍‌ରେ କଳାର ବିକାଶକୁ ତିନିଗୋଟି ସ୍ୱତନ୍ତ୍ର ପର୍ଯ୍ୟାୟରେ ବିଚାର ଅଥବା ଚିହ୍ନିତ କରାଯାଏ; ଯଥା- ପୁରାତନ କାଳ ସମ୍ବନ୍ଧୀୟ, ହେଲ୍ଲେନୀୟ (ଗ୍ରୀସ୍ ଦେଶର ଲୋକ ସମ୍ବନ୍ଧୀୟ) ଏବଂ ଗ୍ରୀସ୍ (ଖ୍ରୀ.ପୂ. ୪ର୍ଥରୁ ୧ମ ପର୍ଯ୍ୟନ୍ତ) ଦେଶର ଭାଷା ଓ ସଂସ୍କୃତି ସଂକ୍ରାନ୍ତୀୟ କଳାସ୍ଥାପତ୍ୟ । ପୁରାତନ କାଳ ଅର୍ଥାତ୍ ଗ୍ରୀସ୍‌ର କଳାସାହିତ୍ୟର ଆଦିମକାଳ, ଯେଉଁ ସମୟରେ ଆଦିମ ବର୍ବରମାନଙ୍କ ବିଚାରଧାରାସଂପନ୍ନ କଳା ସହିତ ଅନ୍ୟାନ୍ୟ ସାଂପ୍ରଦାୟିକ କଳାର ମିଶ୍ରଣ ସମ୍ଭବ ହୋଇଥିଲା । ଗ୍ରୀସ୍ ଲୋକଙ୍କ କଳା ସମ୍ବନ୍ଧୀୟ ସୃଜନଶକ୍ତି ଏବଂ ବିଚାରଧାରାର ସର୍ବୋତ୍କୃଷ୍ଟ ସୃଜନ ହେଉଛି ହେଲ୍ଲେନୀୟ କଳା । ଗ୍ରୀସ୍ ଦେଶର ଭାଷା ଓ ସଂସ୍କୃତି ସମ୍ବନ୍ଧୀୟ କଳା ବିକାଶଲାଭ କରିଥିଲା ଆଲେକ୍‌ଜାଣ୍ଡରଙ୍କ ଗ୍ରୀସ୍ ଆକ୍ରମଣ ପରେ । ଏହି ପର୍ଯ୍ୟାୟରେ ଗ୍ରୀସ୍‌ର କଳା ସଂସ୍କୃତି ସହିତ ନିକଟ ପୂର୍ବସ୍ଥିତ ଲୋକଙ୍କ କଳାସ୍ଥାପତ୍ୟର ମିଶ୍ରଣ ସମ୍ଭବ ହୋଇଥିଲା ।

ସ୍ଥାପତ୍ୟ

ଗ୍ରୀସ୍‌ର ନାଗରିକମାନଙ୍କର ଗର୍ବ ଓ ଗୌରବ ସନ୍ନିହିତ ଥିଲା ସେମାନଙ୍କ ସ୍ଥାପତ୍ୟ ଶୈଳୀରେ । ନଗର-ରାଜ୍ୟଗୁଡ଼ିକର ଦେବଦେବୀ ମନ୍ଦିରଗୁଡ଼ିକ ଭବ୍ୟ, ମନୋଜ୍ଞ ଏବଂ ଉନ୍ନତ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯାଇଥିଲା; ହେଲେ ଲୋକଙ୍କ ବାସଗୃହଗୁଡ଼ିକ ନିମ୍ନମାନରେ ଏବଂ ସାଧାରଣ ଭାବରେ ନିର୍ମାଣ କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିରଗୁଡ଼ିକ ଖରାରେ ଶୁଖାଯାଇଥିବା ଇଟାରେ ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ମନ୍ଦିରଗୁଡ଼ିକ ପ୍ରସ୍ତରରେ ନିର୍ମିତ ହୋଇଥିଲା । କୋରିନ୍ଥଠାରେ ଡୋରୀୟମାନେ ତାଙ୍କ ନିଜସ୍ୱ ଶୈଳୀର ପ୍ରଥମ ମନ୍ଦିର ନିର୍ମାଣ କରିଥିଲେ ।

ପାର୍ଥେନନ୍ ମନ୍ଦିର

ପାର୍ଥେନନ୍ ମନ୍ଦିରଟି ଏଥେନ୍‌ସର ମୁଖ୍ୟ ଦେବୀ ଏଥେନାଙ୍କ ପାଇଁ ନିର୍ମିତ ହୋଇଥିଲା । ମନ୍ଦିରଟି ଶୁଭ୍ର ଶଙ୍ଖ ମର୍ମର୍ ପ୍ରସ୍ତରରେ ଡୋରୀୟ ସ୍ଥାପତ୍ୟଶୈଳୀ ସହିତ ଗ୍ରୀକ୍ ଶୈଳୀର ମିଶ୍ରଣରେ ଖ୍ରୀ.ପୂ. ୪୪୭-୪୩୮ ମଧ୍ୟରେ, ଏଥେନ୍‌ସର ଦୁର୍ଗ ଭିତରେ ନିର୍ମିତ ହୋଇଥିଲା । ଏହି ମନ୍ଦିରଟି ଗ୍ରୀସୀୟ-ଡୋରୀୟ ସ୍ଥାପତ୍ୟ କଳା ଉତ୍କର୍ଷତାର ଚରମ

ସୀମାରେ ଉପନୀତ ହୋଇଥିବାର ଜୀବନ୍ତ ପ୍ରମାଣ ଅଟେ । ଏହା ଏକ ସ୍ତମ୍ଭଯୁକ୍ତ ମନ୍ଦିର ଥିଲା । ସ୍ତମ୍ଭଗୁଡ଼ିକ ଗାଣିତିକ ପଦ୍ଧତିରେ ଭାଗମାପ କରାଯାଇ ନିର୍ମାଣ କରାଯାଇଥିଲା ।

ଏଥେନ୍ସ ଦୁର୍ଗ ମଧ୍ୟରେ ଏହି ମନ୍ଦିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଏହାର ବର୍ଗାକୃତି ନିର୍ମାଣ ନିକଟସ୍ଥ ପାହାଡ଼ ଶିଖର ଆକୃତି ସହିତ ସୁସଂଗତ ଅଟେ । ଭିତରେ ରହିଥିବା ସୀମିତ ସ୍ଥାନ ମଧ୍ୟରେ ଉପାସ୍ୟ ମୂର୍ତ୍ତିଙ୍କ ପାଇଁ ଏକ ପ୍ରଶସ୍ତ ବଖରା, କୋଷାଗାର, ପୂଜକ ଏବଂ ତାଙ୍କ ପରିଚାରକମାନଙ୍କ ପାଇଁ ସ୍ଥାନ ରହିଛି । ମନ୍ଦିରର ରହିଥିବା ମଞ୍ଚର ଦୈର୍ଘ୍ୟ ୨୨୯ ଫୁଟ୍ ଏବଂ ପ୍ରସ୍ଥ ୧୦୦ ଫୁଟ୍ ଅଟେ ତଥା ମନ୍ଦିରର ପ୍ରବେଶ ଦ୍ୱାରରେ ୨୦ ଇଞ୍ଚ ଉଚ୍ଚତାବିଶିଷ୍ଟ ତିନୋଟି ପାହାଚ ରହିଛି । ମନ୍ଦିରରେ ରହିଛି ୩୪ ଫୁଟ୍ ଉଚ୍ଚତାବିଶିଷ୍ଟ ୪୬ ଗୋଟି ଡୋରୀୟ ପଦ୍ଧତିର ସ୍ତମ୍ଭ । ସ୍ତମ୍ଭ ମୂଳର ଗୋଲେଇ ଛଅଫୁଟ୍ ତିନି ଇଞ୍ଚ ହୋଇଥିବା ବେଳେ ଏହା କ୍ରମାନ୍ୱୟରେ ସରୁ ହୋଇ ଶୀର୍ଷଦେଶର ଗୋଲେଇ ହେଉଛି ୪ ଫୁଟ୍ ୧୦ ଇଞ୍ଚ । ସ୍ତମ୍ଭଗୁଡ଼ିକ ଉପରେ ଛାତ ରହିଛି ତଥା ମନ୍ଦିରର ବାହ୍ୟରୂପ ଉପରେ ଆଧିପତ୍ୟ ବିସ୍ତାର କରିଛି । ପ୍ରତ୍ୟେକ ସ୍ତମ୍ଭ (ଖମ୍ବ)ର ଲମ୍ବାଦଣ୍ଡ କାନ୍ଥ ସହିତ ସଂଯୋଜିତ ହୋଇ ଛନ୍ଦମୟ କ୍ଷୀଣ ଛାୟା ସୃଷ୍ଟି କରୁଛି, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ମନୋଜ୍ଞ ଅଟେ । ସ୍ତମ୍ଭଗୁଡ଼ିକର ଶୀର୍ଷଦେଶ ସମତଳ ଅଟେ ଏବଂ ସନ୍ନିବେଶିତ ଲମ୍ବା ଦଣ୍ଡ ଓ ଦ୍ୱାରବନ୍ଧ ମଧ୍ୟରେ ଉତ୍ତମ ଭାରସାମ୍ୟ ରକ୍ଷାକରୁଛି । ଘରର ଉପରିଭାଗରେ ସଜ୍ଜିତ ହୋଇ ରହିଥିବା ମୂର୍ତ୍ତିଗୁଡ଼ିକ ଶୋଭାବର୍ଦ୍ଧନ କରୁଛନ୍ତି । ଏହିସବୁ ମୂର୍ତ୍ତି ନିର୍ମାଣ କରିଛନ୍ତି ଗ୍ରୀସ୍‌ର ମହାନ୍ ଭାସ୍କର୍ଯ୍ୟ ଶିଳ୍ପୀ ଫିଡ଼ିଆସ୍ । କାନ୍ଥ ଓ ଛାତର ମିଳନ ସ୍ଥଳର କେତେକାଂଶରେ ତ୍ରୟକୁ ଅଧିକାର କରିବା ଦୃଶ୍ୟରାଜି ଚିତ୍ରଣ ହୋଇଛି । କୋଠାର ଶୋଭାବର୍ଦ୍ଧନକାରୀ ଏକ ତ୍ରିକୋଣାକାର ସ୍ଥାନରେ ଭଗବାନ୍ ଯେଅସ୍‌ଙ୍କ ଭ୍ରୂଲତାରୁ ଦେବୀ ଏଥେନା ଜନ୍ମହେବା ଦୃଶ୍ୟ ଚିତ୍ରିତ କରାଯାଇଛି । ପୁନଶ୍ଚ ଅନ୍ୟ ଚିତ୍ରଟିରେ ଦେବୀ ଏଥେନା ଏବଂ ପୋସେଡନ୍‌ଙ୍କ ମଧ୍ୟରେ ମନ୍ଦିରସ୍ଥିତ ଆଟୁଘରକୁ ନିୟନ୍ତ୍ରଣ ପାଇଁ କଳହ କରିବା ଦୃଶ୍ୟ ରହିଛି ।

ଭୂଗର୍ଭସ୍ଥ ପ୍ରକୋଷ୍ଠର ବାହ୍ୟ କାନ୍ଥରେ ୫୦୦ ଫୁଟ୍ ଲମ୍ବ ଏବଂ ୩ ଫୁଟ ଉଚ୍ଚତାବିଶିଷ୍ଟ ଏକ ଚିତ୍ରରେ ପାନାଥେନୀୟ ଉତ୍ସବର ଦୃଶ୍ୟ ଚିତ୍ରଣ କରାଯାଇଛି । ମହାନ୍ ସ୍ଥପତି ଫିଡ଼ିଆସ୍‌ଙ୍କ ମାନସସମ୍ଭୂତ ଚିତ୍ରରାଜି ତାଙ୍କ ତୂଳୀସ୍ପର୍ଶରେ ଜୀବନ୍ତ ହୋଇଉଠିଛନ୍ତି । ମନ୍ଦିରର ଗର୍ଭଗୃହରେ ରହିଛନ୍ତି ଦେବୀ ଏଥେନାଙ୍କ ୪୨ ଫୁଟ୍ ଉଚ୍ଚତାବିଶିଷ୍ଟ ଏକ ମୂର୍ତ୍ତି । ଗାତ୍ରସ୍ଥିତ ଅତି ସୂକ୍ଷ୍ମ ଚାରୁକଳା ମନ୍ଦିରର ଶୋଭା ବୃଦ୍ଧି କରୁଛି, ଯାହାକି ମନୋମୁଗ୍ଧକର ଅଟେ ତଥା ଦର୍ଶକର ଆଖି ଲାଖି ଯାଏ । ଏବେକାର ସମୟରେ ଅର୍ଦ୍ଧଭଗ୍ନ ମନ୍ଦିରଟି ଗାଇଚାଲିଛି ଅତୀତର ମହନୀୟତା, କଳାଚାତୁର୍ଯ୍ୟର ଉତ୍କର୍ଷତା ଏବଂ ମହାନ୍ ଶିଳ୍ପୀମାନଙ୍କର ଶିଳ୍ପନୈପୁଣ୍ୟତାର ପରାକାଷ୍ଠାର ଗୀତ । ଅର୍ଦ୍ଧଭଗ୍ନ ହେଲେ ମଧ୍ୟ ମନ୍ଦିରଟି ଭବ୍ୟ, ସୁନ୍ଦର ଏବଂ ମନଲୋଭା ଅଟେ ।

ଇରେକ୍‌ଥେଅସ୍ ମନ୍ଦିର

ପ୍ରାଚୀନ ଗ୍ରୀସ୍‌ର ସ୍ଥାପତ୍ୟ କଳା ଚାରୋଟି ଶୈଳୀବିଶିଷ୍ଟ ଥିଲା; ଯଥା- ଡୋରୀୟ, ଆଇଓନୀୟ, କୋରିନ୍ଥୀୟ ଏବଂ ହେଲ୍ଲେନୀୟ ଶୈଳୀ । ଡୋରୀୟ ଶୈଳୀ ପରି ଆଇଓନୀୟ ଶୈଳୀର ସ୍ଥାପତ୍ୟ ମଧ୍ୟ ଅନ୍ୟତମ ପ୍ରମୁଖ ଶୈଳୀ ଥିଲା । ସ୍ଥାପତ୍ୟ ନିର୍ମାଣରେ ବାରମ୍ବାର ବ୍ୟବହାର କରାଯାଉଥିବା ଆଇଓନୀୟ ଶୈଳୀର ବୈଶିଷ୍ଟ୍ୟ ଥିଲା ସ୍ତମ୍ଭ ନିର୍ମାଣ । ଡୋରୀୟମାନଙ୍କ ସ୍ତମ୍ଭ ସହିତ ତୁଳନା କଲେ ଦେଖାଯାଏ ଯେ, ଆଇଓନୀୟ ସ୍ତମ୍ଭର ମୂଳ ବହୁଳଭାବେ ଅଳଙ୍କୃତ ହୋଇଥାଏ ତଥା ଅଳ୍ପ ମୋଟା ଦଣ୍ଡ (ଏକ ସରୁ ମହମବତୀ ପରି) ମନୋହର ପ୍ରଭାବ ପକାଇଥାଏ । ଆଇଓନୀୟ ସ୍ତମ୍ଭ, ସ୍ୱାଧୀନ ଭାବରେ ରହିଥିବା ଏକ ଭିତ୍ତି ଉପରେ ଛିଡ଼ା ହୋଇଥାଏ ଏବଂ ଶୀର୍ଷଦେଶ ଗୋଟିର ଯୋଡ଼ିଦ୍ୱାରା ବହୁଳ ଭାବରେ ଅଳଙ୍କୃତ ହୋଇଥାଏ । ସ୍ତମ୍ଭର ଦେହରେ ଧାଡ଼ି ଧାଡ଼ି ଏବଂ ଲଗାଲଗି ହୋଇ ଅନେକଗୁଡ଼ିଏ ମୂର୍ତ୍ତି

ରହି ଶୋଭାବର୍ଦ୍ଧନ କରୁଥାନ୍ତି; ହେଲେ ଏହାର ଚାରିପଟେ ବିଭିନ୍ନ ଘଟଣାବଳୀ ଏକ ସରୁ ଦଉଡ଼ିରେ ବନ୍ଧା ହେଲାପରି ଖୋଦେଇ ହୋଇଥାଏ । ଦ୍ୱାରବନ୍ଧ ଏବଂ କାନ୍ଥଗୁଡ଼ିକ ବେଣୀ ଆକୃତିରେ ଖୋଦେଇ ହୋଇଥାଏ ।

ଏକ ଅତି ଉତ୍ତମ ଏବଂ ସର୍ବଜନବିଦିତ ଆଇଓନୀୟ ସ୍ଥାପତ୍ୟ ଶୈଳୀର ନିର୍ମାଣ ହେଉଛି ଇରେକ୍‌ଥେଅସ୍ ମନ୍ଦିର । ଏହା ଏଥେନ୍‌ସ ଦୁର୍ଗ ଭିତରେ ପାର୍ଥେନନ୍ ମନ୍ଦିର ପାର୍ଶ୍ୱରେ ଅବସ୍ଥିତ । ଏହା ଗ୍ରୀସୀୟ ସ୍ଥାପତ୍ୟ ଶୈଳୀର ଏକ ଉତ୍କୃଷ୍ଟ ନମୁନା ଅଟେ ତଥା ଉତ୍କୃଷ୍ଟତାରେ ପାର୍ଥେନନ୍ ମନ୍ଦିରର ଠିକ୍ ପଛକୁ ରହିବ । ଏହା ଦ୍ୱିସ୍ତରବିଶିଷ୍ଟ ଅଟେ । ଉପର ସ୍ତରରେ ଦେବୀ ଏଥେନାଙ୍କ ଆଡ଼କୁ ମୁହଁକରି ରହିଛି ଏକ ଆଇଓନୀୟ ବାରଣ୍ଡା । ତଳ ସ୍ତରରେ ଉତ୍ତରକୁ ମୁହଁକରି ରହିଛି ଛଅଗୋଟି କାରୁକାର୍ଯ୍ୟପୂର୍ଣ୍ଣ ଆଇଓନୀୟ ସ୍ତମ୍ଭ । ଏହି ସ୍ତମ୍ଭଗୁଡ଼ିକ ଉପରେ ଛାତ ରହିଛି ।

କୋରିନ୍ଥୀୟ ଶୈଳୀ

ପ୍ରଶଂସନୀୟ କୋରିନ୍ଥୀୟ ଶୈଳୀ ଗ୍ରୀସୀୟ ସ୍ଥାପତ୍ୟର ତୃତୀୟ ଶ୍ରେଣୀବିଶିଷ୍ଟ ଅଟେ । ଏହି ଶୈଳୀବିଶିଷ୍ଟ ସର୍ବୋତ୍କୃଷ୍ଟ ଉଦାହରଣ ହେଉଛି ଏଥେନ୍‌ସ୍ଥିତ ଲିସିକ୍ରେଟଙ୍କର ତୋରାଗୀୟ ସୌଧ । ଏହାକୁ ଖ୍ରୀ.ପୂ. ୩୩୦ରେ ନିର୍ମାଣ କରାଯାଇଥିଲା । ଏହା ଅତ୍ୟନ୍ତ ଭାବରେ ଅଳଙ୍କୃତ ଏକ ଯୁଗାନ୍ତକାରୀ ସୌଧ ଅଟେ ।

ହେଲ୍ଲେନୀୟ ସ୍ଥାପତ୍ୟ

ହେଲ୍ଲେନୀୟ ସ୍ଥାପତ୍ୟର ମୁଖ୍ୟ ନିର୍ମାଣ ହେଉଛି ବିଭିନ୍ନ ପ୍ରକାରର ସୌଧରାଜି । ସେମାନେ ଅଳ୍ପ କେତୋଟି ମନ୍ଦିର ମଧ୍ୟ ନିର୍ମାଣ କରିଥିଲେ । ତାଙ୍କ ନିର୍ମାଣର ମୁଖ୍ୟ ଅଂଶ ଯଥା– ରାଜପ୍ରାସାଦ, ଖେଳପଡ଼ିଆ ପାର୍ଶ୍ୱରେ ଦର୍ଶକମାନଙ୍କ ଆସ୍ଥାନ, ସରକାରୀ କାର୍ଯ୍ୟାଳୟ, ଗ୍ରନ୍ଥାଗାର, ସଂଗ୍ରହାଳୟ, ବ୍ୟାୟାମଶାଳା ଇତ୍ୟାଦି ଥିଲା । ସେମାନେ ଅତି ଯତ୍ନ ସହକାରେ ଅନେକ ନଗର ମଧ୍ୟ ପ୍ରତିଷ୍ଠା କରିଥିଲେ; ଯଥା- ମେରଗାମମ୍, ପ୍ରେିନ, ଆଲେକ୍‌ଜାଣ୍ଡ୍ରିଆ ଇତ୍ୟାଦି । ଉପରୋକ୍ତ ସମସ୍ତ ନିର୍ମାଣ ହେଲ୍ଲେନୀୟ ସ୍ଥାପତ୍ୟଶୈଳୀର ବାର୍ତ୍ତାବହ ଅଟନ୍ତି । ଏହି ଶୈଳୀର ଚାରିତ୍ରିକ ବୈଶିଷ୍ଟ୍ୟ ହେଉଛି ସ୍ତମ୍ଭଗୁଡ଼ିକର ଶୀର୍ଷଦେଶରେ ବିସ୍ତାରିତ ଏବଂ ଭବ୍ୟ କାରୁକାର୍ଯ୍ୟ । ବିଚାରାଳୟର ଚଟାଣକୁ ବିଭିନ୍ନ ପ୍ରକାର ରଙ୍ଗର ଗୋଡ଼ିରେ ଚିତ୍ରିତ (ମୋଜାଇକ୍) କରାଯାଇଛି । ଘରର କାନ୍ଥଗୁଡ଼ିକରେ ମଧ୍ୟ ମୋଜାଇକ୍ କରାଯାଇଛି । କେତେକ ସ୍ଥଳରେ ରଙ୍ଗ ଲଗାଯାଇଥିବା ବେଳେ କେତେକ ସ୍ଥାନରେ ବିଭିନ୍ନ ପ୍ରକାର ରଞ୍ଜନ ଚିତ୍ର କରାଯାଇ ଘରକୁ ସୁନ୍ଦର ଓ ସୁଦୃଶ୍ୟ କରାଯାଇଛି । ଏତଦ୍‌ବ୍ୟତୀତ ପ୍ରତ୍ନତାତ୍ତ୍ୱିକ ଖନନରୁ ଦୁର୍ଗ, ବତୀଖୁଣ୍ଟ (ଖ୍ରୀ.ପୂ. ୪୦୦), ରଙ୍ଗଶାଳା ଆଦିର ଧ୍ୱଂସାବଶେଷ ମଧ୍ୟ ଆବିଷ୍କାର କରାଯାଇଛି ।

ଭାସ୍କର୍ଯ୍ୟ

ପ୍ରାଚୀନ ଗ୍ରୀସ୍‌ର ସ୍ଥାପତ୍ୟ ଶୈଳୀକୁ "ସର୍ବୋତ୍କୃଷ୍ଟ ରୀତିବାଦୀ" ଶୈଳୀ କୁହାଯାଏ । ଶ୍ରୀଯୁକ୍ତ ଆର୍. କାର୍ପେଣ୍ଟର୍‌ଙ୍କ ମତରେ, "ସାଧାରଣତଃ ଏଥେନୀୟ ଭାସ୍କର୍ଯ୍ୟକଳା ପ୍ରକୃତି ଆଧାରିତ ଥିଲା; କିନ୍ତୁ ସେମାନେ ମଣିଷ ମୂର୍ତ୍ତି ଏବଂ ଜୀବନଶୈଳୀ ଉପରେ ବିଶେଷ ଧ୍ୟାନ ଦେଇଥିଲେ ।" ପ୍ରାଥମିକ ପର୍ଯ୍ୟାୟରେ ଯଦିଓ ଅନୁନ୍ନତ ଥିଲା ପରବର୍ତ୍ତୀ ସମୟରେ ମହାନ୍ ଭାସ୍କର୍ଯ୍ୟଶିଳ୍ପୀବୃନ୍ଦ ଯଥା- ଏକ୍‌ଯେକିଆସ୍, ମୈରନ୍, ଫିଡ଼ିଆସ୍, ପ୍ରାକ୍‌ସିଟାଇଲସ୍ ଏହାକୁ ଜୀବନ୍ତ ଓ ଭବ୍ୟ ରୂପରେ ଉପସ୍ଥାପନା କରିଥିଲେ । ପ୍ରାଚୀନ ଗ୍ରୀସ୍‌ର ଭାସ୍କର୍ଯ୍ୟଗୁଡ଼ିକ ରୁଚିହୀନ ଏବଂ ଅମାର୍ଜିତ ଥିଲା । ମଣିଷ ମୂର୍ତ୍ତିଗୁଡ଼ିକ ସଂକୁଚିତ ଭଙ୍ଗୀବିଶିଷ୍ଟ ଏବଂ ଅବୟବଗୁଡ଼ିକର ଭାଗମାପରେ ଅସମାନତା ରହିଥିଲା । ମୁହଁରେ ଥିଲା ଅର୍ଦ୍ଧଗୋଲାକୃତି ହସ । ଆବିଷ୍କୃତ ମୂର୍ତ୍ତିଗୁଡ଼ିକ ମଧ୍ୟରେ ରହିଛି ଲୁଗା ଘୋଡ଼େଇ ହୋଇଥିବା ଏକ ନାରୀ, ଯିଏକି ଆଗକୁ ହାତ ସଂପ୍ରସାରଣ କରି ଦିଅଁଙ୍କ ପାଇଁ ଉପହାର ଧରିଛି । ମୂର୍ତ୍ତିଟି ସଂକୁଚିତ ହୋଇ ରହିବା ପରି ହୋଇଛି । ପ୍ରାଚୀନ ମୂର୍ତ୍ତିଗୁଡ଼ିକ ଛିଦ୍ରଯୁକ୍ତ କୋମଳ ପ୍ରସ୍ତରରେ ନିର୍ମାଣ କରାଯାଉଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଶଙ୍ଖମର୍ମର୍

ପ୍ରସ୍ତରକୁ ଶିଳ୍ପୀମାନେ ମୂର୍ତ୍ତି ନିର୍ମାଣ ପାଇଁ ବିଶେଷଭାବରେ ବ୍ୟବହାର କରିଥିଲେ । ସେମାନେ ଅନେକଗୁଡ଼ିଏ କାଂସ୍ୟ ଏବଂ ତାମ୍ରମୂର୍ତ୍ତି ମଧ୍ୟ ନିର୍ମାଣ କରିଛନ୍ତି । ଡଲ୍‌ଫିଠାରୁ ମିଳିଥିବା ରଥ ଓ ସାରଥି ମୂର୍ତ୍ତି ଏକ ମୌଳିକ କୃତି ଅଟେ । ସାରଥି ତା' ପାଇଁ ଉଦ୍ଦିଷ୍ଟ ବସ୍ତ୍ର ପରିଧାନ କରି ସିଧା ଛିଡ଼ାହୋଇଛି ତଥା ହାତରେ ଘୋଡ଼ାଗୁଡ଼ିକର ଲଗାମ ଧରିଛି ।

ହେଲ୍ଲେନୀୟ ଭାସ୍କର୍ଯ୍ୟ

ହେଲ୍ଲେନୀୟ ଭାସ୍କର୍ଯ୍ୟ କଳାର ସୁପ୍ରସିଦ୍ଧ ଶିଳ୍ପୀ ଥିଲେ ପେରିକ୍ଲିସ୍‌ଙ୍କ ବନ୍ଧୁ ଏବଂ ପାର୍ଥେନନ୍ ମନ୍ଦିରର ସାଜସଜ୍ଜାକାରୀ ତଥା ଭବ୍ୟ ଏଥେନା ଦେବୀଙ୍କ ମୂର୍ତ୍ତି ନିର୍ମାଣକାରୀ ଫିଡ଼ିଆସ୍ (ଖ୍ରୀ.ପୂ. ୫୦୦-୪୩୫) । ଆବିଷ୍କୃତ ମୂର୍ତ୍ତିଗୁଡ଼ିକ ମଧ୍ୟରେ ଦର୍ଶନୀୟ ଅଟେ ଅଧା ବସିଥିବା ତଥା ଡାହାଣକୁ ଅଧା ଢଳି କରି ରହିଥିବା ଉଲଗ୍ନ ମଣିଷ ମୂର୍ତ୍ତି । ଏତଦ୍‌ବ୍ୟତୀତ ଅନେକଗୁଡ଼ିଏ ପଶୁ ଏବଂ ମଣିଷଙ୍କ ପ୍ରସିଦ୍ଧ ମୂର୍ତ୍ତି ରହିଥିଲା ।

ଫିଡ଼ିଆସ୍‌ଙ୍କ ସମସାମୟିକ ମୈରନ୍ ଇଲେଉଥେରେ ପ୍ରକୃତିର ଅଧ୍ୟୟନ ଏବଂ ଜୀବନ୍ତ କରି ଚିତ୍ରଣ କରିବା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ । ପୋଲିକ୍ଲେଟସ୍ ଥିଲେ ଏହି କାଳର ତୃତୀୟ ଶ୍ରେଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ । ସେ ତାଙ୍କଦ୍ୱାରା ନିର୍ମିତ ଖେଳାଳିମାନଙ୍କର କାଂସନିର୍ମିତ ମୂର୍ତ୍ତିଗୁଡ଼ିକ ପାଇଁ ପ୍ରସିଦ୍ଧ ଅଟନ୍ତି । ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ ବେଳକୁ ଗ୍ରୀକ୍ ଭାସ୍କର୍ଯ୍ୟ ଶିଳ୍ପୀମାନେ ମହାନ୍ ବ୍ୟକ୍ତିବାଦ ଏବଂ ଅଧିକ ପ୍ରକାରରର ଭାବପ୍ରବଣତା, ତାଙ୍କ ଦ୍ୱାରା ନିର୍ମିତ ମଣିଷ ମୂର୍ତ୍ତି ମୁହଁରେ ସ୍ପଷ୍ଟ ଦେଖାଯାଏ । ଏହି ମୂର୍ତ୍ତିଗୁଡ଼ିକରେ ପୂର୍ବବର୍ତ୍ତୀ ମୂର୍ତ୍ତିଗୁଡ଼ିକର ସୌନ୍ଦର୍ଯ୍ୟ ଏବଂ ସୌର୍ଯ୍ୟ ପ୍ରକଟିତ ହୋଇନଥିଲା । ଶିଳ୍ପୀ ସ୍କୋପାସ୍ (ଖ୍ରୀ.ପୂ. ୩୯୫-୩୫୦)ଙ୍କ ମୂର୍ତ୍ତିଗୁଡ଼ିକରେ ଅତ୍ୟନ୍ତ କର୍ମଶକ୍ତି, ବଳିଷ୍ଠତା, ସୌଷ୍ଠଭତା ଏବଂ ଚଳତ୍‌ଶକ୍ତି ସଂପନ୍ନତା ପ୍ରଦର୍ଶିତ ହୋଇଛି; ଫଳସ୍ୱରୂପ ମୂର୍ତ୍ତିଗୁଡ଼ିକ ଜୀବନ୍ତ ହୋଇଉଠିଛନ୍ତି । ତାଙ୍କ ମୂର୍ତ୍ତିକଳାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଏକ କୋଠା ସମ୍ମୁଖସ୍ଥ ଶୋଭାବର୍ଦ୍ଧକ ତ୍ରିକୋଣାକାର ସ୍ଥାନସ୍ଥିତ ଏକ ମଣିଷ ମୂର୍ତ୍ତିର ମୁଣ୍ଡ । ମୁହଁଟି ଉପରକୁ ରହିଥିବା ବେଳେ କୋଟରାଗତ ଆଖିଦ୍ୱୟ ମାନବୀୟ ଦୁଃଖକୁ ସଂପୂର୍ଣ୍ଣ ରୂପରେ ପରିସ୍ଫୁଟ କରୁଛି । ଶିଳ୍ପୀ ପ୍ରାକ୍ସିଟେଲେସ୍‌ଙ୍କ ନିର୍ମିତ ''ହେରମେସ୍'' ମୂର୍ତ୍ତି ନବଯୌବନୋଦୀପ୍ତ ଅଟେ । ମୁଖମଣ୍ଡଳରେ ଆନନ୍ଦଲହରୀ ଝଲସି ଉଠୁଥିବା ବେଳେ ଓଠରେ ଲାଖିରହିଛି ଖୁସିର ହସଧାରଟିଏ । ସେ ବାହୁରେ ଶିଶୁ ଡାଇନୋସସ୍‌ଙ୍କୁ ଧାରଣ କରିଛନ୍ତି ତଥା ତଦାନୀନ୍ତନ ଉତ୍କୃଷ୍ଟ ମୂର୍ତ୍ତିକଳାର ସ୍ୱାକ୍ଷର ବହନ କରୁଛନ୍ତି । ଅଲମ୍ପିଆସ୍ଥିତ ତାଙ୍କଦ୍ୱାରା ନିର୍ମିତ ହୋମରଙ୍କ ମୂର୍ତ୍ତି ମଧ୍ୟ ମନୋଜ୍ଞ ହୋଇଛି ।

ହେଲ୍ଲେନୀୟ ସମୟକାଳ ବେଳକୁ ଭାସ୍କର୍ଯ୍ୟକଳାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସଂଘଟିତ ହୋଇଥିଲା । ଏହି କାଳର ଭାସ୍କର୍ଯ୍ୟ ଶିଳ୍ପୀମାନେ ଦୈନନ୍ଦିନ ଜୀବନକୁ ଏବଂ ପ୍ରକୃତିର ପ୍ରତିଟି ସ୍ୱରୂପକୁ ନିଖୁଣ ରୂପରେ ମୂର୍ତ୍ତି ମାଧ୍ୟମରେ ପ୍ରଦର୍ଶିତ କରିପାରିଥିଲେ । ତାଙ୍କ ନିର୍ମିତ ମୂର୍ତ୍ତିଗୁଡ଼ିକର ମୁଖମଣ୍ଡଳରେ ଅତ୍ୟନ୍ତ ଭାବପ୍ରବଣତା, ଦୁଃଖ, ଦୈନ୍ୟ, ଜୀବନ ସଂଘର୍ଷ ଆଦି ଜୀବନ୍ତ ରୂପରେ ପ୍ରକଟିତ ହୋଇଥିଲା । ମୃତ୍ୟୁଲାଭ କରୁଥିବା ସୈନିକ, ଯନ୍ତ୍ରଣାସିକ୍ତ ଈଶ୍ୱର, ମୃତ୍ୟୁଲାଭ କରୁଥିବା ଗଉଲ୍ ଆଦି ମୂର୍ତ୍ତିରେ ତୀବ୍ର ମାନସିକ ଯନ୍ତ୍ରଣା ଓ ବିଷାଦ ପ୍ରସ୍ଫୁଟିତ ହୋଇଛି । ଏକ ମୂର୍ତ୍ତିରେ ଆପୋଲ୍ଲୋର ଜଣେ ପୂଜକ ଏବଂ ତାଙ୍କ ଦୁଇ ପୁଅ ସାପ ଆକ୍ରମଣରେ ଆକ୍ରାନ୍ତ ହୋଇ ଅତ୍ୟନ୍ତ ଯନ୍ତ୍ରଣା ପାଉଛନ୍ତି । ଏହି ମୂର୍ତ୍ତିଟିରେ ଅତୀବ ନିଖୁଣ ଭାବରେ ମୃତ୍ୟୁ ଯନ୍ତ୍ରଣାକୁ ପ୍ରସ୍ଫୁଟିତ କରାଯାଇଛି । ଏହି ମୂର୍ତ୍ତିଗୁଡ଼ିକ ଜନଜୀବନରେ ସ୍ୱ ସଚେତନତା ସମ୍ବନ୍ଧରେ ପ୍ରଭାବ ପକେଇପାରିଥିଲା ।

ରଞ୍ଜନ ଚିତ୍ର

ପ୍ରାଚୀନ ଗ୍ରୀସ୍‌ର ଅଧିକାଂଶ ରଞ୍ଜିତ ଚିତ୍ର ପାତ୍ର, କୁମ୍ଭ ଆଦିରେ କରାଯାଇଛି । କେତେକ ଚିତ୍ରକଳାକୁ ଅତୀବ ସୁନ୍ଦର ଭାବରେ ସଂପାଦନା କରାଯାଇଛି । ହୋମରଙ୍କ ଏକ କାହାଣୀକୁ ଚିତ୍ରକର ଡୁରିସ୍ ଅତି ନିଖୁଣ ଭାବର ଚିତ୍ରିତ

କରିଛନ୍ତି । ଏଥିରେ ଆଚିଲିସ୍‌ଙ୍କ ଅସ୍ତ୍ରଶସ୍ତ୍ର ପାଇଁ ଆଜାକ୍ସ ଏବଂ ଓଡ଼ିସେଅସ୍ ମଧ୍ୟରେ କଳହକୁ ପ୍ରଦର୍ଶନ କରାଯାଇଛି । ଓଡ଼ିସେଅସ୍‌ଙ୍କୁ ବିଜୟୀଭାବରେ ପ୍ରଦର୍ଶିତ କରାଯାଇଥିବା ବେଳେ ପରାଜିତ ଆଜାକ୍ସ ଦୁଃଖର ସହିତ ନତମସ୍ତକ ହୋଇ ଛିଡ଼ା ହୋଇଛନ୍ତି । ଗ୍ରୀସ୍‌ବାସୀ କୁମ୍ଭ ଚିତ୍ରକରମାନଙ୍କୁ ବିଶିଷ୍ଟ ଚିତ୍ରକରର ମାନ୍ୟତା ଦେଉ ନ ଥିଲେ; ହେଲେ ଏହା ମଧ୍ୟ ରଞ୍ଜନ ଚିତ୍ରର ଏକ ମୁଖ୍ୟ ଅଙ୍ଗ ଥିଲା । ଖ୍ରୀ.ପୂ. ୫ମ ଶତାବ୍ଦୀରେ ଗ୍ରୀସ୍‌ର ରଞ୍ଜନ ଚିତ୍ରକଳା ଉତ୍କୃଷ୍ଟତାର ଚରମ ସୀମାରେ ଉପନୀତ ହୋଇଥିଲା । ମହାନ୍ ଚିତ୍ରକର ଏବଂ ଫିଡ଼ିଅସ୍‌ଙ୍କ ସମସାମୟିକ ଥ୍ରେସ୍ ନିବାସୀ ପୋଲିଗ୍ନୋଟସ୍ ଚରିତ୍ରଗତ ପ୍ରଭେଦ ରହିଥିବା ଅନେକ ଜୀବନ୍ତ ଚିତ୍ର କରିଥିଲେ । ତାଙ୍କ ଦ୍ୱାରା କୃତ କଳାରେ ସ୍ୱଚ୍ଛଭାବରେ ଦୃଶ୍ୟମାନ ପବନ ବୋହିବା ଦୃଶ୍ୟର ରଞ୍ଜିତ ଚିତ୍ର ମନୋଜ୍ଞ ଏବଂ ପ୍ରଶଂସନୀୟ ହୋଇଛି । ଚିତ୍ରକର ଆପୋଲୋଡୋରସ୍ (ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ) ସର୍ବପ୍ରଥମେ କାଠରେ ରଞ୍ଜନଚିତ୍ର ଆରମ୍ଭ କରିଥିଲେ । ତାଙ୍କ ଦ୍ୱାରା ଚିତ୍ରିତ ଭକ୍ତି ପ୍ରଦର୍ଶନ କରୁଥିବା ଜଣେ ପୂଜକର ଚିତ୍ର ଜ୍ଞାତବ୍ୟ ଏବଂ ଶ୍ରେଷ୍ଠ କୃତି ଅଟେ ।

ସଂଗୀତ

ଗ୍ରୀସ୍‌ବାସୀଙ୍କର ବିଭିନ୍ନ ମାଧ୍ୟମରେ କଳାତ୍ମକ ଭାବର ପ୍ରକାଶ ମଧ୍ୟରେ ସଂଗୀତ ଥିଲା ଅନ୍ୟତମ । ସେମାନଙ୍କ ଭାବବିଭୋର ପ୍ରକାଶ ସଂଗୀତକୁ ପ୍ରାକୃତିକ ଏବଂ ତାର୍କିକ କରି ଗଢ଼ି ତୋଳିଥିଲା । ପ୍ରାଚୀନତମ ସମୟର କୁହୁକବିଦ୍ୟା ସମ୍ବନ୍ଧୀୟ ଉତ୍ସବରେ ପ୍ରଦର୍ଶନ କରାଯାଉଥିବା ସଂଗୀତ ଧାରାକୁ ଗ୍ରୀସୀୟମାନେ ସୌନ୍ଦର୍ଯ୍ୟବୋଧ ରହିଥିବା ଯୋଗୁଁ ବିକଶିତ କରି ଆଗେଇ ନେଇଥିଲେ । ହୋମର୍ (ଖ୍ରୀ.ପୂ. ୭ମ ଶତାବ୍ଦୀ) ସଂଗୀତ ରଚନା କରି ହେକ୍ସାମିଟରଠାରେ ଗାୟନ କରିଥିଲେ । ଖ୍ରୀ.ପୂ. ୪ର୍ଥ ଶତାବ୍ଦୀଯାଏଁ ଗ୍ରୀସୀୟ ଗାୟନ ଓ ବାଦନ ମୌଖିକ ଥିଲା । କ୍ରମେ କ୍ରମେ ସଂଗୀତ ଛନ୍ଦମୟ ହୋଇଥିଲା । ତା'ପରେ ଯୁଦ୍ଧଯାତ୍ରା, ବିବାହ, ଚିତାଗ୍ନି ଆଦି ସମ୍ବନ୍ଧୀୟ ଛନ୍ଦଯୁକ୍ତ ସଂଗୀତ ଲେଖାଯାଇଥିଲା ।

ବାଦ୍ୟଯନ୍ତ୍ର ମଧ୍ୟରେ ପ୍ରାଥମିକ ପର୍ଯ୍ୟାୟରେ ଗ୍ରୀକ୍‌ମାନେ ଚିଥାରା ଯାହାକି ଚାରୋଟି ତାରରୁ ସାତଗୋଟି ତାରଯୁକ୍ତ ଥିବା ଏବଂ ଔଲୋସ୍ (ବଂଶୀ) ବ୍ୟବହାର କରିଥିଲେ । ଆପୋଲୋଙ୍କ ନବବର୍ଷର ଉପସ୍ଥାପନା ସଂପୂର୍ଣ୍ଣ ରୂପରେ ବାଦ୍ୟଯନ୍ତ୍ର ଦ୍ୱାରା କରାଯାଉଥିଲା ।

ପିଥାଗୋରାସ୍ (ଖ୍ରୀ.ପୂ. ୫୭୦-୫୦୦) ବୈଜ୍ଞାନିକ ପଦ୍ଧତିରେ ସଂଗୀତର ସ୍ୱର ଓ ଧ୍ୱନି ବିକଶିତ କରିବାରେ କୃତକାର୍ଯ୍ୟ ହୋଇଥିଲେ । ଖ୍ରୀ.ପୂ. ୪୮୩ରେ ସର୍ବପ୍ରଥମେ ଗ୍ରୀସ୍‌ରେ ଏକକ ନୃତ୍ୟ ଅଥବା ନାଟକ ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା, ଯାହାକି ପରବର୍ତ୍ତୀ ସମୟରେ ସଂପୂର୍ଣ୍ଣ ନାଟକ (ଅପେରା)ର ସ୍ୱରୂପ ଗ୍ରହଣ କରିଥିଲା । ଖ୍ରୀ.ପୂ. ୪୧୫ରେ ମଞ୍ଚସ୍ଥ କରାଯାଇଥିବା ସର୍ବପ୍ରଥମ ଅପେରା ଥିଲା ''ଦି ଟ୍ରୋଜନ୍ ଓମେନ୍'' । ହେଲେନୀୟ କାଳରେ ସଂଗୀତ, ବାଦ୍ୟଯନ୍ତ୍ର ଏବଂ ଗୀତ, ନାଟକ ଆଦିର ଅଶେଷ ଉନ୍ନତି କରାଯାଇଥିଲା ।

ସାହିତ୍ୟ

ଗ୍ରୀସ୍‌ର ସାହିତ୍ୟ ସର୍ଜନା ମୂଳରେ ରହିଥିଲା ଏକ ସ୍ୱର୍ଣ୍ଣିମ ଅତୀତ । ସେମାନଙ୍କ ସାହିତ୍ୟର ଗୁଣବତ୍ତା ଏବଂ ସୌନ୍ଦର୍ଯ୍ୟ ପ୍ରଶଂସନୀୟ ଅଟେ । ସେମାନଙ୍କ ଐତିହ୍ୟ, ପରମ୍ପରା, ଲୋକଗୀତ ଏବଂ ସେ ମାଟିରେ ଜନ୍ମିତ ମହାନ୍ ସାହିତ୍ୟିକ ଗୋଷ୍ଠୀ ଭାଷା ସାହିତ୍ୟର ବିକାଶରେ ବିଶେଷ ଯୋଗଦାନ କରିଥିଲେ ।

ପୁରାଣ ହେଉଛି ଗ୍ରୀସ୍‌ର ପ୍ରାଚୀନତମ ସାହିତ୍ୟକୃତି । ହୋମର୍ ଥିଲେ ପୌରାଣିକ ଗାଥାର ଅନନ୍ୟ ସ୍ରଷ୍ଟା । ଗୀତ ଛନ୍ଦରେ ଗାନ କରିବା ପାଇଁ ମୌଳିକ ରୂପରେ ସୃଷ୍ଟି କରାଯାଇଥିବା ହୋମରୀୟ ଛନ୍ଦଗୀତଗୁଡ଼ିକ ଅତି ଉତ୍ତମ ଅଟେ । ଇଲିଆଦ୍‌ରେ ଉଲ୍ଲେଖ ଅଛି ଯେ, ଟ୍ରୟକୁ ଜବରଦଖଲ୍ (ଅଧିକାର) କରିବା ଉପାଖ୍ୟାନ ଏବଂ ଗ୍ରୀସୀୟ

ଧର୍ମପୁରାଣର ଏକ ବିଶେଷ ଅଂଶ । ସେଥିରେ ସେ ଆଗାମେମ୍‌ନନ୍ ନାମକ ଜଣେ ବନ୍ଦିନୀ ପ୍ରତି ଆଚିଲ୍ଲିସ୍‌ଙ୍କ କ୍ରୋଧ ପ୍ରକାଶ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ଓଡିସେରେ ସେ ଟ୍ରୟ ଅଧିକାର ଉପାଖ୍ୟାନ ସମ୍ପୂର୍ଣ୍ଣ କରିଛନ୍ତି ଏବଂ ଉଲ୍ଲିସେସ୍‌ଙ୍କ ବିପର୍ଯ୍ୟସ୍ତ ଭାବରେ ଭ୍ରମଣ ବିଷୟ ବର୍ଣ୍ଣନା କରିଛନ୍ତି । ଅନ୍ୟତମ ସୁପ୍ରସିଦ୍ଧ ଧାର୍ମିକ ପୁରାଣ ସୃଷ୍ଟିକର୍ତ୍ତା ଥିଲେ ହେସିଅଡ୍ (ଖ୍ରୀ.ପୂ. ୭୫୦) । ସେ "ୱାର୍କସ୍ ଏଣ୍ଡ ଡେଜ୍" "ଡିସେଣ୍ଟ ଅଫ୍ ଦ ଗଡ୍‌ସ" ଆଦି ଲେଖିଛନ୍ତି । 'ୱାର୍କସ୍ ଏଣ୍ଡ ଡେଜ୍' ପୁସ୍ତକରେ କୃଷକମାନଙ୍କ ନିମିତ୍ତ ଉପଦେଶ ରହିଛି । ଆହୁରି ମଧ୍ୟ ସେ ଯେଅସ୍‌ଙ୍କୁ ଦଣ୍ଡିତ କରିଥିବା ରାଜକୁମାରମାନଙ୍କୁ ଚେତାବନୀ ଦେଇଛନ୍ତି । ସେ ପ୍ରଚଳିତ (ତଦାନୀନ୍ତନ) ସାମାଜିକ ଏବଂ ଅର୍ଥନୈତିକ ପଦ୍ଧତିକୁ ରଦ୍ଦ କରି ଦେଇଛନ୍ତି ।

ଏହି କାଳରେ ଅନେକ ସଂଗୀତ ମଧ୍ୟ ରଚନା କରାଯାଇଥିଲା । ସେଗୁଡ଼ିକୁ ବିଭିନ୍ନ ସମୟରେ ତଥା ପର୍ବପର୍ବାଣିରେ ବଂଶୀ ମାଧ୍ୟମରେ ଗାୟନ କରି ଲୋକଙ୍କ ମନୋରଞ୍ଜନ କରାଯାଉଥିଲା । ପୁରାଣ ଅପେକ୍ଷା ଏଗୁଡ଼ିକ ବେଶି ପରିମାଣରେ ବ୍ୟକ୍ତି ସମ୍ବନ୍ଧୀୟ ଏବଂ ଭାବପ୍ରବଣ ଥିଲା । ଏଥିରେ ରହିଥିଲା ପ୍ରେମଗୀତ, ହୃଦୟ ବିଦାରକ ଶୋକାର୍ତ୍ତ ଗୀତ, ଶ୍ରୁତିମଧୁର ଗୀତ ଆଦି । ଆର୍କିଲୋକସ୍ (ଖ୍ରୀ.ପୂ. ୭ମ ଶତାବ୍ଦୀ) ବ୍ୟଙ୍ଗ କବିତାର ଉଦ୍ଭାବକ ଥିଲେ । ବ୍ୟକ୍ତିବିଶେଷଙ୍କ ମତାମତକୁ ସଂଗୀତ ମାଧ୍ୟମରେ ଉପସ୍ଥାପନା କରିବାରେ ସେ ଥିଲେ ଗ୍ରୀସ୍‌ର ପ୍ରଥମ କବି । ପ୍ରଥମ ନାରୀକବି ସାଫୋ (ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ) ଥିଲେ ହୋମରଙ୍କ ସମତୁଲ୍ୟ । ତାଙ୍କୁ 'ଦି ଟେନ୍‌ଥ ମ୍ୟୁଜ' ଉପାଧି ପ୍ରଦାନ କରାଯାଇଥିଲା । ନାରୀଶିକ୍ଷା ପ୍ରଗତି ପାଇଁ ତାଙ୍କର ବଳିଷ୍ଠ ଅବଦାନ ରହିଥିଲା । ଆନାକ୍ରେଅନ୍ (ପ୍ରାୟ ଖ୍ରୀ.ପୂ. ୫୬୦-୪୭୫) ମାନବୀୟ ଭାବପ୍ରବଣତାକୁ ନିଖୁଣ ଭାବରେ ଉପସ୍ଥାପନା କରିବାରେ ସିଦ୍ଧହସ୍ତ କବି ଥିଲେ । ପିଣ୍ଡାର ଏବଂ ବାଚ୍ଚିଲିଦେସ୍ କଣ୍ଠସଙ୍ଗୀତଗୁଡିକୁ ରଚନା କରିଥିଲେ । ସିସିଲି ନିବାସୀ ଥିଓକ୍ରିଟସ୍ (ଖ୍ରୀ.ପୂ. ୩ୟ ଶତାବ୍ଦୀ)ଙ୍କ ସଂଗୀତର ମୁଖ୍ୟ ବିଷୟବସ୍ତୁ ଥିଲା ମେଷପାଳକ, ସେମାନଙ୍କ ଜୀବନୀ, ଦୁଃଖସୁଖ, ପାରିପାର୍ଶ୍ୱିକ ଅବସ୍ଥା ଆଦି । ତାଙ୍କ ଲେଖାଗୁଡ଼ିକ ପରବର୍ତ୍ତୀ ସମୟରେ ବିଶେଷ ଲୋକପ୍ରିୟ ହୋଇଥିଲା ତଥା ଭବିଷ୍ୟତର କବିମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା ।

ବିୟୋଗାନ୍ତକ ନାଟକ ପାଇଁ ଗ୍ରୀସ୍‌ର ସାହିତ୍ୟ ପ୍ରସିଦ୍ଧ ଅଟେ । ନାଟକର ଉତ୍ପତ୍ତି ହୋଇଥିଲା ଆନନ୍ଦ ଉତ୍ସବରୁ । ମାତୃଦେବୀ ଡାଇଓନିସସ୍ ନାଟକରେ ସଂଳାପ କହିବା ଏବଂ ଉପାଖ୍ୟାନ ଯୋଡ଼ିବା ପାଇଁ ଜଣେ ଲୋକକୁ ନିଯୁକ୍ତ କରାଯାଇଥିଲା । ନାଟକଗୁଡ଼ିକ ମୁଖ୍ୟତଃ ଧର୍ମ ଏବଂ ଜନଜୀବନ ସହିତ ସଂଶ୍ଳିଷ୍ଟ ଥିଲା, ତେଣୁ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ନାଟକ ପ୍ରତି ଆଗ୍ରହ ପ୍ରକାଶ କରୁଥିଲେ । ନାଟକଗୁଡ଼ିକରେ ପୋଷାକ ପରିଚ୍ଛଦ ଏବଂ ନୃତ୍ୟର ବିଶେଷ ଭୂମିକା ରହିଥିଲା । ବୃନ୍ଦଗାନଗୁଡ଼ିକରେ ମେଘ, ପକ୍ଷୀ, ପ୍ରକୃତି, କହୁଡ଼ି ଆଦିର ଉପସ୍ଥାପନା କରାଯାଉଥିଲା । ଅଭିନେତାମାନଙ୍କର ସାଜସଜ୍ଜା ସହିତ ସର୍ବଦା ବିଭିନ୍ନ ପଶୁପକ୍ଷୀଙ୍କର ମୁଖା ବ୍ୟବହାର କରାଯାଉଥିଲା । ଅଭିନୟ କ୍ଷେତ୍ରରେ ପୁରୁଷମାନେ ମଧ୍ୟ ନାରୀ ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ । ଆଶ୍ଚିଲସ୍ (ଖ୍ରୀ.ପୂ. ୫୨୫-୪୫୬)ଙ୍କ ଗୀତ ପରି ନାଟକ ମଧ୍ୟ ଅତ୍ୟନ୍ତ ବିୟୋଗାନ୍ତକ, ଭାବଗର୍ଭକ ଏବଂ ନୈତିକ ଅଟେ । ତାଙ୍କର ନାଟକଗୁଡିକ ମଧ୍ୟରେ ସୁପ୍ରସିଦ୍ଧ ଅଟେ 'ପ୍ରୋମେଥେଅସ୍ ବାଉଣ୍ଡ' ଏବଂ 'ଆଗାମେମ୍‌ନନ' । ଏଥିରେ ଭଗବାନଙ୍କ ନ୍ୟାୟ ଏବଂ ମଣିଷ ମଧ୍ୟରେ ନୈତିକତାର ଭୂମିକା ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି । ସୋଫୋକ୍ଲିସ୍ (ଖ୍ରୀ.ପୂ. ୪୯୬-୪୦୬) ଥିଲେ ଗ୍ରୀସୀୟ ନାଟକର ଯୁଗ ପ୍ରବର୍ତ୍ତକ । ତାଙ୍କର ନାଟକଗୁଡ଼ିକ ଉତ୍କୃଷ୍ଟତାର ଚରମ ସୀମା ସ୍ପର୍ଶ କରିଥିଲା । ସେ ଏକଶହରୁ ଊର୍ଦ୍ଧ୍ୱ ନାଟକ ଲେଖିଥିଲେ, ତା'ମଧ୍ୟରୁ ଅଦ୍ୟାବଧି ସାତଗୋଟି ନାଟକ ରହିପାରିଛି । ଇଉରିପିଡ଼େସ୍ ମଧ୍ୟ ଅନେକ ନାଟକ ଲେଖିଛନ୍ତି ତଥା ମଣିଷର ଧୈର୍ଯ୍ୟ ଏବଂ ଭାବପ୍ରବଣତାକୁ ପ୍ରାଞ୍ଜଳ ଭାବରେ ଦର୍ଶେଇଛନ୍ତି । ତାଙ୍କର ଯୁଗାନ୍ତକାରୀ ଏବଂ ସର୍ବଶ୍ରେଷ୍ଠ ନାଟକ ହେଉଛି ''ଦି ଟ୍ରୋଜନ୍ ଓମେନ୍'' ଯାହାକି ଅଦ୍ୟାବଧି ଗ୍ରୀସ୍‌ର ନାଟକ ଜଗତରେ ଦେଦୀପ୍ୟମାନ ଅଗ୍ନିଶିଖାଟିଏ ପରି

ପ୍ରଜ୍ୱଳିତ ହୋଇ ରହିଛି । ଆରିଷ୍ଟୋଫେନ୍‌ସ (ଖ୍ରୀ.ପୂ. ୪୪୮-୩୮୫) ଥିଲେ ଜଣେ ହାସ୍ୟରସାତ୍ମକ ଏବଂ ରାଜନୈତିକ ବ୍ୟଙ୍ଗାତ୍ମକ ନାଟ୍ୟକାର ।

ଇତିହାସ

ଗ୍ରୀସ୍‌ର ଚିନ୍ତାଶୀଳ ଏବଂ ଜିଜ୍ଞାସୁ ଲେଖକମାନଙ୍କ ମସ୍ତିଷ୍କ ଇତିହାସ ଲିଖନ ଆଡ଼କୁ ଆକୃଷ୍ଟ ହୋଇଥିଲା ଏବଂ ସେମାନେ ସାହିତ୍ୟ ମାଧ୍ୟମରେ ଇତିହାସର ସୃଷ୍ଟି କରିଥିଲେ । ଗ୍ରୀସ୍‌ରେ ଜନ୍ମିତ ହେରୋଡୋଟସ୍ ହେଉଛନ୍ତି ''ଇତିହାସର ଜନକ'' । ସେ ପ୍ରାୟ ଖ୍ରୀ.ପୂ. ୪୮୪ରେ ଜୀବିତ ଥିଲେ । ସେ ଦୂରାଦୂରାନ୍ତକୁ ଭ୍ରମଣ କରି ଯାହା ଦେଖୁଥିଲେ ଏବଂ ଶୁଣୁଥିଲେ, ସବୁଗୁଡ଼ିକୁ ପ୍ରାୟ ଲିଖିତ ଆକାରରେ ସାଇତି ରଖୁଥିଲେ । ସେ ପାରସ୍ୟ ବିଜୟ ଏବଂ ଅନ୍ୟାନ୍ୟ ଐତିହାସିକ ଘଟଣାବଳୀର ତାଲିକା ପ୍ରସ୍ତୁତ କରି ଇତିହାସକୁ ଋଦ୍ଧିମନ୍ତ କରିଛନ୍ତି । ଗ୍ରୀସ୍‌ର ଅନ୍ୟ ଐତିହାସିକ ହେଉଛନ୍ତି ଥ୍ୟୁସିଡାଇଡିସ (ଖ୍ରୀ.ପୂ. ୪୬୦-୪୦୦) । ସେ ତାଙ୍କ ନିଜ ସମୟର ଇତିହାସ ଯଥା- ପେଲୋପୋନେସୀୟ ଯୁଦ୍ଧ ଏବଂ ନିଜସ୍ୱ ଭ୍ରମଣ ବୃତ୍ତାନ୍ତ ବର୍ଣ୍ଣନା କରିଛନ୍ତି । ତାଙ୍କ ଲେଖାରେ ହେରୋଡୋଟସ୍‌ଙ୍କ ଅପେକ୍ଷା ଅଧିକ ସତ୍ୟ ଉପରେ ଆଧାରିତ ତଥ୍ୟ ରହିଥିଲା । ଅନ୍ୟ ଐତିହାସିକ ଥିଲେ ଯେନୋଫୋନ୍ ଯିଏକି ପ୍ରାକୃତିକ ଇତିହାସ ଆଡ଼କୁ ଆକୃଷ୍ଟ ହୋଇଥିଲେ । ତାଙ୍କ ଲିଖିତ ଇତିହାସ ପୁସ୍ତକ ଆନାବାସିସ୍‌ରେ ସେ ଗ୍ରୀସ୍‌ର ପାରସ୍ୟ ଅଭିଯାନ ସମ୍ବନ୍ଧରେ ଲେଖିଛନ୍ତି ।

ଏତଦ୍‌ବ୍ୟତୀତ ଗ୍ରୀସ୍‌ର ଲୋକେ ବାଗ୍ମୀତା ଅଥବା ବାକ୍‌ପଟୁତାକୁ ମଧ୍ୟ ସମ୍ମାନ ଦେଉଥିଲେ । ନ୍ୟାୟାଳୟ ଏବଂ ବିଭିନ୍ନ ସଭାସମିତିଗୁଡ଼ିକ ଜନତାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ବାକ୍‌ପଟୁମାନଙ୍କୁ ସୁଯୋଗ ଦେଉଥିଲେ । ଡେମୋଥେନ୍‌ସ (ଖ୍ରୀ.ପୂ. ୩୮୪-୩୨୨) ଥିଲେ ଗ୍ରୀସ୍‌ର ସର୍ବୋତ୍ତମ ଏବଂ ଅତ୍ୟନ୍ତ ଲୋକପ୍ରିୟ ବାଗ୍ମୀ ।

ଶିକ୍ଷା

ଗ୍ରୀସ୍‌ରେ ଶିକ୍ଷାର ପ୍ରଗତି ପାଇଁ ବିଶେଷ ରୂପରେ ଦାର୍ଶନିକମାନଙ୍କର ଯଥେଷ୍ଟ ଅବଦାନ ଥିଲା । ଯେନୋଙ୍କର ବିଦ୍ୟାଳୟ ଏବଂ ଏପିକୁରୁସ୍‌ଙ୍କ ବିଦ୍ୟାଳୟଦ୍ୱୟ ସାଂସ୍କୃତିକ ଶିକ୍ଷା ଏବଂ ସାଂସ୍କୃତିକ ଅନୁଷ୍ଠାନ ପାଇଁ ପ୍ରସିଦ୍ଧ ଥିଲା । ଉଭୟ ଦାର୍ଶନିକ ଗୁରୁଙ୍କ ଦାର୍ଶନିକ ବିଚାରଧାରା ସମ୍ବନ୍ଧରେ ଏଥେନ୍‌ସବାସୀଙ୍କୁ ସୂଚନା ପ୍ରଦାନ କରାଯାଉଥିଲା । ପେରିକ୍ଲିସ୍ ଯୁଗରେ ଅଧିକାଂଶ ବିଦ୍ୟାଳୟରେ ଶରୀର ବିଜ୍ଞାନ, ଇତିହାସ, ସାହିତ୍ୟ, ବିଜ୍ଞାନ, ଗଣିତ ଆଦି ବିଷୟର ଲିଖନ ଏବଂ ପଠନ ଶିକ୍ଷା ଦିଆଯାଉଥିଲା । କେତେକ ଅନୁଷ୍ଠାନ ଅନୁସନ୍ଧାନ କାର୍ଯ୍ୟରେ ମଧ୍ୟ ଲିପ୍ତ ଥିଲେ । ହେଲ୍ଲେନୀୟ ଯୁଗରେ ସର୍ବସାଧାରଣ ଗ୍ରନ୍ଥାଗାରଗୁଡ଼ିକ ନିର୍ମାଣ କରାଯାଇଥିଲା । ତନ୍ମଧ୍ୟରେ ପ୍ରଖ୍ୟାତ ଥିଲା ''ଆଲେକ୍‌ଜାଣ୍ଡ୍ରିଆ''ର ଗ୍ରନ୍ଥାଗାର । ଏହି ଗ୍ରନ୍ଥାଗାରରେ ସେହି ସମୟରେ ୫୦୦୦୦୦ ପୁସ୍ତକ, ଅଭିଲେଖ ଓ ଅନ୍ୟାନ୍ୟ କୃତି ରହିଥିଲା । ଏତଦ୍‌ବ୍ୟତୀତ ପେର୍ଗାମସ୍, ଏଥେନ୍‌ସ, ଆଣ୍ଟିଓକ୍ ଏବଂ ତାର୍‌ସସ୍‌ଠାରେ ମଧ୍ୟ ପ୍ରସିଦ୍ଧ ଗ୍ରନ୍ଥାଗାରଗୁଡ଼ିକ ରହିଥିଲା ।

କେତେକ କ୍ଷେତ୍ରରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସରକାର ସହାୟତା ପ୍ରଦାନ କରୁଥିଲେ । ସେଠାରୁ ଉତ୍ତୀର୍ଣ୍ଣ ହେବାପରେ ଧନିକ ଶ୍ରେଣୀର ପିଲାମାନେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିଲେ । ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଯାନ୍ତ୍ରିକ ବିଦ୍ୟା, ଭେଷଜ ବିଦ୍ୟା, ଜ୍ୟୋତିଷବିଦ୍ୟା, ଭୂଗୋଳ ଆଦିରେ ଶିକ୍ଷାଗ୍ରହଣର ବ୍ୟବସ୍ଥା ରହିଥିଲା ।

ବିଜ୍ଞାନ

ଗ୍ରୀସ୍‌ରେ ବିଜ୍ଞାନ ଅଧ୍ୟୟନର ପ୍ରାରମ୍ଭ ପାଇଁ ଦାର୍ଶନିକମାନେ ଥିଲେ ପ୍ରେରଣାର ଉତ୍ସ । ପ୍ରକୃତିର ଭିନ୍ନ ଭିନ୍ନ ସ୍ୱରୂପ ଓ ପରିପ୍ରକାଶ ସମ୍ବନ୍ଧରେ ସେମାନଙ୍କର ଯେଉଁ ଧାରଣା ଥିଲା, ତା'ର ସତ୍ୟାସତ୍ୟ ଜାଣିବା ପାଇଁ ସେମାନେ

ତାହାର ପ୍ରମାଣ ଏବଂ ସଂପୂର୍ଣ୍ଣ ସୂଚନା ପାଇବା ପାଇଁ ଉଦ୍ୟମ କରିଥିଲେ । ସେମାନଙ୍କ ଉଦ୍ଦେଶ୍ୟ ଥିଲା କେତେକ ଦାର୍ଶନିକ ଧାରଣାର ସମର୍ଥନ ପାଇଁ ପ୍ରମାଣ ସଂଗ୍ରହ କରିବା । ଏହିସବୁ କଳ୍ପନାର ସତ୍ୟାସତ୍ୟ ଅନୁସନ୍ଧାନରୁ ହିଁ ଗ୍ରୀସ୍‌ରେ ବୈଜ୍ଞାନିକ ଚିନ୍ତାଧାରା ଓ ବିଜ୍ଞାନର ଉଦ୍ଭବ ହୋଇଥିଲା ।

ଆରିଷ୍ଟୋଟଲ୍ ଗ୍ରୀସ୍‌ରେ ପ୍ରକୃତି ଅଥବା ବସ୍ତୁଜଗତ ବିଜ୍ଞାନର ଭିତ୍ତି ସ୍ଥାପନ କରିଥିଲେ । ମତ୍ସ୍ୟତତ୍ତ୍ୱ ଉପରେ ତାଙ୍କରି ଲିଖିତ ପୁସ୍ତକ ଅଦ୍ୟାବଧି ବ୍ୟବହୃତ ହେଉଛି ତଥା ଅତ୍ୟଳ୍ପ ସ୍ଥାନରେ ମାତ୍ର ନଗଣ୍ୟ ସଂଶୋଧନର ଆବଶ୍ୟକତା ହେଉଛି । ଥିଓଫ୍ରାସ୍‌ଟସ୍ ଉଦ୍ଭିଦ ବିଦ୍ୟାକୁ ଏକ ସ୍ୱୀକୃତିପ୍ରାପ୍ତ ବିଜ୍ଞାନ ରୂପରେ ପ୍ରତିଷ୍ଠା କରିଥିଲେ । କୋପରନିକସ୍‌ଙ୍କ ବହୁ ପୂର୍ବରୁ ଗ୍ରୀସ୍‌ର ଆରିଷ୍ଟାର୍‌କସ୍ (ଖ୍ରୀ.ପୂ. ୩୧୦-ଖ୍ରୀ.ପୂ.୨୩୦) ସୌରପଦ୍ଧତିର ସୂର୍ଯ୍ୟ କେନ୍ଦ୍ରୀୟ ସିଦ୍ଧାନ୍ତ ପ୍ରଣୟନ କରିଥିଲେ ତଥା ପୃଥିବୀର ଆକାର ସମ୍ବନ୍ଧରେ ଏକ ଧାରଣା ପ୍ରଦାନ କରିଥିଲେ । ଇରାଟୋସ୍ଥେନସ୍ (ଖ୍ରୀ.ପୂ. ୨୭୬-ଖ୍ରୀ.ପୂ.୧୯୬) ପୃଥିବୀର ପରିଧି ସମ୍ବନ୍ଧରେ ଆକଳନ କରିଥିଲେ, ପୃଥିବୀର ଭୂଗୋଳ ସମ୍ବନ୍ଧରେ ଲେଖିଥିଲେ ତଥା ପୃଥିବୀର ଏକ ମାନଚିତ୍ର ପ୍ରସ୍ତୁତ କରିଥିଲେ । ସେ ସର୍ବପ୍ରଥମେ ମତବ୍ୟକ୍ତ କରିଥିଲେ ଯେ, ସମୁଦ୍ର ପଥରେ ପାଶ୍ଚାତ୍ୟକୁ ଜାହାଜରେ ଗତିକଲେ ଭାରତରେ ପହଞ୍ଚି ପାରିବାର ଯଥେଷ୍ଟ ସମ୍ଭାବନା ଅଛି ।

ଗଣିତ

ଦର୍ଶନଠାରୁ ସଂପୂର୍ଣ୍ଣ ସ୍ୱାଧୀନ ଭାବରେ ଗ୍ରୀସ୍‌ର ବୈଜ୍ଞାନିକମାନେ ପ୍ରୟୋଗ କରିଥିବା ପ୍ରଥମ ବିଜ୍ଞାନ ହେଉଛି ଜ୍ୟାମିତି । ଜ୍ୟାମିତି ସମ୍ବନ୍ଧରେ ମିଶରୀୟମାନଙ୍କ ଜ୍ଞାନକୁ ଅନୁସରଣ ଏବଂ ଉଦ୍ଧୃତ କରି ସେଥିରେ ଶ୍ରୀଯୁକ୍ତ ଥାଲେ କେତେକ ନୂତନ ତଥ୍ୟ ଯଥା- ବିନ୍ଦୁ ଏବଂ ରେଖାକୁ ଯୋଡ଼ି ଦେଇଥିଲେ । ବୃତ୍ତକୁ ବ୍ୟାସରେଖା ଦ୍ୱାରା ସମାନ ଦୁଇଭାଗରେ ବିଭକ୍ତ କରିବା ପଦ୍ଧତି ସେ ବିକାଶ କରିଥିଲେ । ଦୁଇଗୋଟି ସରଳରେଖା ପରସ୍ପରକୁ ଛେଦନ କରିବାଦ୍ୱାରା ଉତ୍ପନ୍ନ କୋଣର ସମାନତା ତଥା ଗୋଟିଏ ପାର୍ଶ୍ୱ ଏବଂ ଦୁଇଗୋଟି କୋଣ ମଧ୍ୟରେ ସାମଞ୍ଜସ୍ୟ ରହିଥିବା ଦୁଇଗୋଟି ତ୍ରିଭୁଜର ସମାନତା ସମ୍ବନ୍ଧରେ ସେ ଜ୍ଞାନ ପ୍ରଦାନ କରିଥିଲେ । ମହାନ୍ ଗଣିତଜ୍ଞ ପିଥାଗୋରାସ୍ (ଖ୍ରୀ.ପୂ. ୫୭୦-୫୦୦) ତାଙ୍କ ଦାର୍ଶନିକ ବିଚାରଧାରାକୁ ଭିତ୍ତି ରୂପେ ଗ୍ରହଣ କରିବା ସହିତ ସେ ବାସ୍ତବ କାର୍ଯ୍ୟକ୍ଷେତ୍ରରେ ସଂଖ୍ୟାଗୁଡ଼ିକୁ ବ୍ୟବହାର କରୁଥିଲେ । ସଂଗୀତର ସ୍ୱରର ସଂଖ୍ୟାଗତ ସଂପର୍କକୁ ସେ ଆବିଷ୍କାର କରିଥିଲେ । ସେ ଗାଣିତିକ ପଦ୍ଧତିରେ ପ୍ରମାଣ କରିଥିଲେ ଯେ, ପୃଥିବୀ ଏକ ଗୋଲାକାର ପିଣ୍ଡ ଅଟେ । ଅନ୍ୟ ଗଣିତଜ୍ଞ ହିପ୍ପାରକସ୍ ଚଟକା ଏବଂ ବର୍ତ୍ତୁଳାକାର ତ୍ରିକୋଣମିତିର ନୀତିନିୟମ ଉପରେ କାର୍ଯ୍ୟ କରି ମାନଚିତ୍ର ତିଆରି ପାଇଁ ଅକ୍ଷାଂଶ ଏବଂ ଦ୍ରାଘିମାର ଉପଯୋଗ କରିଥିଲେ ।

ପ୍ରାଣୀବିଜ୍ଞାନ ଏବଂ ଶରୀରତତ୍ତ୍ୱ

ଆନାକ୍ସିମେଣ୍ଡର୍ ଥିଲେ ଗ୍ରୀସ୍‌ର ପ୍ରଥମ ମଣିଷ, ଯିଏକି ପ୍ରାଣୀତତ୍ତ୍ୱ ବିଜ୍ଞାନ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ, ଅଣୁଜୀବ ସର୍ବପ୍ରଥମେ ଜଳରେ ବିକଶିତ ହୋଇ ରହୁଥିଲେ ଏବଂ ପରବର୍ତ୍ତୀ ସମୟରେ ଭୂମି ଉପରକୁ ଆସୁଥିଲେ । ଏମ୍ପେଡୋକ୍ଲିସ୍ ଉପରୋକ୍ତ ସିଦ୍ଧାନ୍ତରେ ଯୋଗକରି ସୂଚିତ କରିଥିଲେ ଯେ, ଅନୁକୂଳ ଭିନ୍ନତା ବିବର୍ତ୍ତନର ପ୍ରକୃତି (ଚରିତ୍ର) ନିର୍ଦ୍ଧାରଣ କରିଥାଏ । ପାଶ୍ଚାତ୍ୟ ଦେଶରେ ସର୍ବପ୍ରଥମେ ଡାଇଓଗେନ୍‌ସ୍ ଶରୀର ଗଠନ ବିଜ୍ଞାନ ରଚନା କରିଥିଲେ ।

ଚିକିତ୍ସା ବିଜ୍ଞାନ

ଚିକିତ୍ସାବିଜ୍ଞାନ ଏବଂ ଭେଷଜ ବିଦ୍ୟା ଉପରେ ଗ୍ରୀସ୍‌ର ବୈଜ୍ଞାନିକମାନଙ୍କର ଅବଦାନ ଅନନ୍ୟ ଏବଂ ଯୁଗାନ୍ତକାରୀ ଥିଲା । କ୍ରୋଟନ୍ ବିଦ୍ୟାଳୟରେ ରୋଗର ପର୍ଯ୍ୟାୟକୁ ଅଧ୍ୟୟନ କରି ଚିକିତ୍ସା କରାଯାଉଥିଲା ତଥା ଔଷଧ

ଦିଆଯାଉଥିଲା । କୋସ୍ ବିଦ୍ୟାଳୟରେ ରୋଗର କାରଣ ଉପରେ ଅନୁସନ୍ଧାନ କରି ନିଦାନ ବ୍ୟବସ୍ଥା କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ହିପୋକ୍ରେଟିସ୍ (ଖ୍ରୀ.ପୂ. ୪୬୦-୩୭୭) ଗ୍ରୀସ୍‌ରେ ପ୍ରଚଳିତ ଅନ୍ଧବିଶ୍ୱାସ ଯଥା- "ଦୁଷ୍ଟ ଆତ୍ମାଗୁଡିକ ରୋଗସୃଷ୍ଟିର ମୂଳ କାରଣ" ଆଦି ଧାରଣାକୁ ଦୂରୀଭୂତ କରିଦେଇଥିଲେ । ସେ ଥିଲେ ଗ୍ରୀସ୍ ଚିକିତ୍ସା ପଦ୍ଧତି ଓ ଭେଷଜ ବିଦ୍ୟାର ଜନକ । ହେରୋଫିଲସ୍ (ଖ୍ରୀ.ପୂ. ୩ୟ ଶତାବ୍ଦୀ) ଥିଲେ ଶରୀର ଗଠନ ତତ୍ତ୍ୱର ଜନକ । ସେ ମଣିଷ ଶରୀରକୁ ସଂପୂର୍ଣ୍ଣ ରୂପରେ ବ୍ୟବଚ୍ଛେଦ କରି ସବିଶେଷ ବିଶ୍ଳେଷଣ କରି ଧମନୀ ଏବଂ ମାଂସପେଶୀଗୁଡ଼ିକରେ କାର୍ଯ୍ୟକାରିତା ଉପରେ ଟିପ୍‌ପଣୀ କରିଥିଲେ । ଇରାସିଷ୍ଟ୍ରାଟସ୍ ଥିଲେ ଶରୀର ତତ୍ତ୍ୱର ଜନକ । ସେ କହିଥିଲେ ଯେ, ରକ୍ତବାହୀ ନାଡ଼ିରେ ପ୍ରବାହିତ ରକ୍ତ ଶରୀରକୁ ସତେଜ ରଖେ । ଏହିପରି ଭାବରେ ଗ୍ରୀସ୍‌ରେ ସାହିତ୍ୟ, ବିଜ୍ଞାନ ଆଦିର ସର୍ବବିଧ ଉନ୍ନତି ସାଧିତ ହୋଇପାରିଥିଲା ।

ଧର୍ମ ଓ ଦର୍ଶନ

ସଭ୍ୟତାର ଆରମ୍ଭ ସମୟ ସୁଦ୍ଧା ଗ୍ରୀସ୍‌ର ଲୋକମାନେ ବହୁ ଦେବଦେବୀରେ ବିଶ୍ୱାସ କରୁଥିଲେ । ସେମାନଙ୍କର ଭଗବାନ୍ ଥିଲେ ଜଣେ ଗୌରବାନ୍ୱିତ, ଯଶସ୍ୱୀ, ସାଂସାରିକ, ଭୋଗି, ପ୍ରବଳ ଯୌନସମ୍ଭୋଗ ପ୍ରବୃତ୍ତିଧାରୀ ଏବଂ କଳାପ୍ରିୟ ମଣିଷ । ଏପରିକି ତାଙ୍କୁ ଲମ୍ପଟ ରୂପରେ ମଧ୍ୟ ଅଭିହିତ କରାଯାଇଛି । ସେ ମଣିଷଙ୍କ ପରି ଆହାର ବିହାର କରୁଥିଲେ । ସେମାନଙ୍କଠାରେ ମଣିଷଠାରୁ ଭିନ୍ନ ଗୋଟିଏ ବିଶେଷତା ରହିଥିଲା, ଯାହା ହେଉଛି ସେମାନଙ୍କର ଅମରତ୍ୱ ।

ଦେବଦେବୀ

ଏଥେନ୍‌ସ ଓ ସ୍ପାର୍ଟାର ଲୋକମାନେ ଅଯଥାରେ ଭଗବାନ୍‌ଙ୍କ ବିଷୟରେ ଚିନ୍ତା କରୁନଥିଲେ । ସେମାନଙ୍କ ଦେବଦେବୀମାନଙ୍କର ସଂଖ୍ୟା ଅକଳନ ଥିଲା । ଯେଅସ୍ ଥିଲେ ସମସ୍ତ ଦେବଦେବୀଙ୍କ ପରିଚାଳକ ଏବଂ ନିୟନ୍ତ୍ରକ ତଥା ଅଶନିର ଦେବତା । ଡିମେତର୍ ଥିଲେ ପୃଥ୍ୱୀ ଦେବୀ, ହେଡ୍ସ୍ ଥିଲେ ପାତାଳ ଦେବତା, ପୋସେଡନ୍ ଥିଲେ ସମୁଦ୍ର ଏବଂ ଭୂମିକମ୍ପର ଦେବତା, ଏଥେନା ଥିଲେ ଜ୍ଞାନ ଏବଂ ସର୍ବବିଧ କଳାର ଦେବୀ, ଆପୋଲ୍ଲୋ ଥିଲେ ଧନୁ ଦେବତା ଏବଂ ହେରମେସ୍ ଥିଲେ ଦେବଦେବୀଙ୍କର ଖବର ବାହକ ଦେବତା । ଯେଅସ୍ ତାଙ୍କ ପତ୍ନୀ, କର୍ମଚାରୀ ଏବଂ ୧୨ ଜଣ ପିଲାଙ୍କ ସହିତ ତୁଷାରାଚ୍ଛନ୍ନ ପର୍ବତ ଅଲମ୍ପସ୍‌ରେ ରହୁଥିଲେ । ଏତଦ୍‌ଭିନ୍ନ ଅନେକ ଆଞ୍ଚଳିକ ଏବଂ ପାରିବାରିକ ଦେବଦେବୀ ମଧ୍ୟ ଥିଲେ । ଗ୍ରୀସ୍ ଲୋକଙ୍କର ସାଂସ୍କୃତିକ ଜୀବନରେ ଦେବଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେମାନଙ୍କ ସମ୍ବନ୍ଧରେ ଅନେକଗୁଡ଼ିଏ ପୁରାଣ ଲେଖାଯାଇଥିଲା ।

ଗ୍ରୀସର ପୁରାଣଗୁଡ଼ିକରୁ ଉପଲବ୍ଧ ଗପଗୁଡ଼ିକ ତଦାନୀନ୍ତନ ଧର୍ମଧାରା ବ୍ୟାଖ୍ୟା କରିଛନ୍ତି । ପୁରାଣଗୁଡ଼ିକରେ ମଣିଷର ଉତ୍ପତ୍ତି ସମ୍ବନ୍ଧରେ ଭଗବତ୍ ସଂପର୍କିତ ଅନେକ ଅବତାରଣା ଏବଂ ଉପାଖ୍ୟାନର ବର୍ଣ୍ଣନା କରାଯାଇଛି । କେତେକ ସ୍ଥଳରେ ମଣିଷକୁ ଭଗବାନ୍‌ଙ୍କ ଦାୟାଦ ଏବଂ ଅନେକ କ୍ଷେତ୍ରରେ ମୃତ୍ୟୁ ପରେ ମାନବର ଭଗବତ୍ୱ ପ୍ରାପ୍ତି ସଂପର୍କରେ ବର୍ଣ୍ଣିତ ହୋଇଛି । କାହାଣୀ ମାଧ୍ୟମରେ ଉଲ୍ଲେଖ କରାଯାଇଛି ଯେ, ପ୍ରୋମେଥେଅସ୍ ମାଟିପିତୁଳା ତିଆରି କରି ଜୀବନ୍ୟାସ ଦେଇ ମଣିଷ ସୃଷ୍ଟି କରିଥିଲେ ଏବଂ ନିଆଁକୁ ଚୋରିକରି ତାକୁ ଦେଇଥିଲେ । ମଣିଷମାନେ ଖରାପରୁ ଅତି ଖରାପ କାର୍ଯ୍ୟରେ ଲିପ୍ତ ହେବାରୁ ଯେଅସ୍ ଏକ ବନ୍ୟା ସୃଷ୍ଟିକରି ଦୁଇଜଣଙ୍କ ବ୍ୟତୀତ ସମସ୍ତଙ୍କୁ ଧ୍ୱଂସ କରି ଦେଇଥିଲେ । ସେମାନେ ହେଲେ ପ୍ରୋମେଥେଅସ୍‌ଙ୍କ ପୁଅ ଓ ବୋହୂ । କାହାଣୀ ଅନୁଯାୟୀ ଏହି ଦମ୍ପତି ଗ୍ରୀସ୍ ଲୋକଙ୍କର ପୂର୍ବଜ ଥିଲେ ।

ପୂଜାପଦ୍ଧତି

ଦେବଦେବୀଙ୍କର ପୂଜାବିଧି ପାଇଁ ଗ୍ରୀସୀୟମାନେ ଅତ୍ୟଳ୍ପ ସମୟ ମାତ୍ର ବିନିଯୋଗ କରୁଥିଲେ । ସେମାନେ ପ୍ରତ୍ୟେକ ଭୋଜନ ପୂର୍ବରୁ ଦେବଦେବୀଙ୍କୁ ଖାଦ୍ୟ ଓ ମଦ୍ୟ ପ୍ରଦାନ କରୁଥିଲେ ତଥା ପର୍ବପର୍ବାଣିର ସର୍ବସାଧାରଣରେ ବଳିବିଧାନ କରୁଥିଲେ । ସେମାନେ ବିଧାନସଭାର ଆରମ୍ଭ ଦିନ, ଆଇନ ଅଦାଲତର ଆରମ୍ଭ ଦିନ, ବିବାହ, ଜନ୍ମ ଓ ମୃତ୍ୟୁ ଆଦି ସମୟରେ ଦେବଦେବୀଙ୍କ ନିକଟରେ ପଶୁବଳି ଦେଉଥିଲେ । ଯଦିଓ ପୂଜାବିଧିଗୁଡ଼ିକ ପୂଜକମାନେ କରୁଥିଲେ ତଥାପି ମଧ୍ୟ ଗ୍ରୀସ୍‌ରେ ପୂଜକର କର୍ମ କରିବା ଏକ କୌଳିକ ବୃତ୍ତି ନ ଥିଲା । ପୂଜାଗୁଡ଼ିକରେ ସମସ୍ତ ଲୋକେ ଏବଂ ଦୂରଦୂରାନ୍ତ ନଗରରୁ ପ୍ରତିନିଧିମାନେ ଆସି ଜମା ହେଉଥିଲେ । ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଭଗବାନ୍‌ଙ୍କ ଅତି ପ୍ରିୟ ବ୍ୟକ୍ତି ରୂପରେ ସମ୍ମାନ ଦିଆଯାଉଥିଲା । ଅଲିମ୍ପିକ୍ କ୍ରୀଡ଼ାମଧ୍ୟ ଏକ ଧାର୍ମିକ ଅନୁଷ୍ଠାନ ଓ କର୍ମ ଥିଲା । ଧାର୍ମିକ ଅନୁଷ୍ଠାନଗୁଡ଼ିକର ବିଶେଷ ଉଦ୍ଦେଶ୍ୟ ଥିଲା ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକୁ ଏକତା ସୂତ୍ରରେ ବାନ୍ଧିରଖିବା ତଥା ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା କରିବା ।

ହେଲେନୀୟମାନଙ୍କ ସମୟରେ ନୈତିକତା ଏବଂ ମୃତ୍ୟୁ ପରର ଏକ ଜୀବନ ସମ୍ବନ୍ଧୀୟ ଧାରଣା ପୂର୍ବାପେକ୍ଷା ଅଧିକ ରହିଥିଲା । ଏହାର କାରଣ ଥିଲା ପ୍ରାଚ୍ୟ ଦେଶଗୁଡ଼ିକର ପ୍ରଭାବ ଏବଂ ଦାର୍ଶନିକମାନଙ୍କର ଶିକ୍ଷାଦାନ । ଯେପରିକି ଗ୍ରୀସ୍‌ର ନଗର-ରାଜ୍ୟଗୁଡ଼ିକୁ ଆଲେକଜାଣ୍ଡର ନିଜକୁ ଦେବଦେବୀମାନଙ୍କ ସହିତ ତାଲିକାଭୁକ୍ତ କରିବା ପାଇଁ ଏବଂ ଭଗବାନ୍‌ଙ୍କ ପରି ପୂଜା କରିବା ପାଇଁ ଆଦେଶ ଦେଇଥିଲେ ।

ଦର୍ଶନ

ଗ୍ରୀସ୍‌ର ଧର୍ମ ଓ ଦର୍ଶନ ମଧ୍ୟରେ ଏକ ବିଭାଜନକାରୀ ସରଳ ରେଖା ଟଣାଯାଇ ପାରିବ ନାହିଁ । ସର୍ବାଧିକ ଜ୍ଞାନୀମାନେ ହିଁ ଦାର୍ଶନିକ ଥିଲେ ତଥା ନିଜସ୍ୱ ଦାର୍ଶନିକ ଜ୍ଞାନକୁ ସର୍ବସମକ୍ଷରେ ପ୍ରକାଶ କରିବା ପାଇଁ ବିଶେଷ ପସନ୍ଦ କରୁଥିଲେ । ଗ୍ରୀସ୍‌ରେ ସକ୍ରେଟିସ୍‌ଙ୍କ ପୂର୍ବବର୍ତ୍ତୀ ଦର୍ଶନରେ ପୃଥିବୀର ଉତ୍ପତ୍ତି, ପୃଥିବୀର ବିଭିନ୍ନ ସମସ୍ୟାର ବ୍ୟାଖ୍ୟା କରିବା, କିପରି ଭାବରେ ପରିବର୍ତ୍ତନଗୁଡ଼ିକ ଘଟିଥାଏ ଆଦିରେ ପର୍ଯ୍ୟବସିତ ଥିଲା । ଗ୍ରୀସ୍ ଦର୍ଶନର ଉତ୍ପତ୍ତି, କ୍ଷୁଦ୍ର ଏସିଆର ମିଲେସସ୍ ନଗରସ୍ଥିତ ମିଲେସୀୟ ବିଦ୍ୟାଳୟରୁ ହୋଇଥିଲା, ଯାହାର ପ୍ରତିଷ୍ଠାତା ଥିଲେ ଥାଲେସ୍ । ଥାଲେସ୍ (ଖ୍ରୀ.ପୂ. ୬୨୪-୫୪୮) ଥିଲେ ପ୍ରଥମ ପ୍ରକୃତି ସମ୍ବନ୍ଧିତ ଦାର୍ଶନିକ । ସେ ଖ୍ରୀ.ପୂ. ୫୮୫ରେ ସୂର୍ଯ୍ୟୋପରାଗ ସମ୍ବନ୍ଧରେ ଗଣନାକରି ତଥ୍ୟ ପ୍ରଦାନ କରିଥିଲେ । ତାଙ୍କ ମତରେ ସମସ୍ତ ସୃଷ୍ଟିର ମୌଳିକ ଉପାଦାନ ହେଉଛି ଜଳ ।

ଥାଲେସ୍‌ଙ୍କ ସମସାମୟିକ ଆନାକ୍ସିମେଣ୍ଡର (ଖ୍ରୀ.ପୂ. ୬୧୧-୫୪୭)ଙ୍କ ମତରେ ବାୟୁ ହେଉଛି ସମସ୍ତ ସୃଷ୍ଟିର ମୌଳିକ ଉପାଦାନ । ପିଥାଗୋରାସ୍‌ଙ୍କ ମତ ଥିଲା ଯେ, ସମସ୍ତ ନୀତିନିୟମର ଭିତ୍ତି ହେଉଛି ସଂଖ୍ୟା । ସଂଗୀତ ଏବଂ ଗଣିତ ଦ୍ୱାରା ପୃଥିବୀପୃଷ୍ଠର ସମସ୍ତ ଜୀବସତ୍ତା (ଜୀବନ) ନିୟନ୍ତ୍ରିତ ଏବଂ ପରିଚାଳିତ ହୁଏ । ଏମ୍ପେଡୋକ୍ଲେସ୍‌ଙ୍କ ମତରେ ସୃଷ୍ଟିତତ୍ତ୍ୱର ଚାରିଗୋଟି ମୌଳିକ ଉପାଦାନ ହେଉଛନ୍ତି ଭୂମି, ବାୟୁ, ଅଗ୍ନି ଏବଂ ଜଳ । ସେ ଘୋଷଣା କରିଥିଲେ ଯେ, ଏଗୁଡ଼ିକର ଆରମ୍ଭ କିମ୍ବା ଅନ୍ତ ନାହିଁ । ସୃଷ୍ଟି ସର୍ଜନା ଉପରେ ଅନେକଗୁଡ଼ିଏ ପରସ୍ପର ବିରୋଧୀ ମତବାଦ ପ୍ରକାଶ ପାଇଥିଲା । ଏହି କାଳରେ ପୁନଶ୍ଚ କେତେଜଣ ଆବିର୍ଭାବ ହୋଇଥିଲେ, ଯେଉଁମାନେ କି କହିଥିଲେ କୌଣସି ମତବାଦ ଠିକ୍ ନୁହେଁ । କୌଣସି ଜିନିଷ ମଧ୍ୟ ସଂପୂର୍ଣ୍ଣ ରୂପରେ ଅଥବା ବିଶ୍ୱସ୍ତରରେ ସର୍ବଜନଗ୍ରାହ୍ୟ ସତ୍ୟ ନୁହେଁ । ଗୋର୍ଜିଅସ୍‌ଙ୍କ ଦର୍ଶନ ଅନୁଯାୟୀ କିଛି ମଧ୍ୟ ସ୍ଥିତ ନୁହେଁ । ଯଦି କିଛି ରହିଛି ତାହା ଅଜ୍ଞାତ ଅଟେ । ଯଦି ତାହା ଜ୍ଞାତ ଅଟେ ତଥାପି ମଧ୍ୟ ଆମେ ତା'ର ବ୍ୟାଖ୍ୟାକରି ଅନ୍ୟମାନଙ୍କୁ ଜଣେଇପାରିବା ନାହିଁ । ପ୍ରୋଟାଗୋରାସ୍‌ଙ୍କ

ମତରେ, ଥିବା ନ ଥିବା ସମସ୍ତ ଜିନିଷର ପରିମାପକ ହେଉଛି ମଣିଷ । ସେ ଥିଲେ ଭ୍ରାନ୍ତ ଯୁକ୍ତିକାରୀ ଦର୍ଶନ ବିଚାରଧାରାର ଜନକ । ଏମାନଙ୍କ ମତରେ ପୃଥିବୀସ୍ଥିତ ସମସ୍ତ ଜିନିଷର ନିର୍ଣ୍ଣାୟକ ହେଉଛି ମଣିଷ । ସକ୍ରେଟିସ୍, ପ୍ଲାଟୋ ଏବଂ ଆରିଷ୍ଟୋଟଲଙ୍କ ଚିନ୍ତାଧାରା ଉପରେ ଗ୍ରୀସ୍‌ର ସୁବ୍ୟବସ୍ଥିତ ଦର୍ଶନର ଭିତ୍ତି ନିହିତ ଥିଲା ।

ସକ୍ରେଟିସ୍

ସକ୍ରେଟିସ୍ (ଖ୍ରୀ.ପୂ. ୪୭୦-୩୯୯) ଥିଲେ ଗ୍ରୀସ୍‌ର ଜଣେ ସ୍ୱନାମଧନ୍ୟ ଏବଂ ସୁପ୍ରସିଦ୍ଧ ଦାର୍ଶନିକ । ସେ ଗ୍ରୀସ୍‌ର ସୈନ୍ୟବାହିନୀରେ ଯୋଗ ଦେଇଥିଲେ ତଥା ପରବର୍ତ୍ତୀ ସମୟରେ ସେ ଏଥେନ୍‌ସର ୫୦୦ ସଭ୍ୟବିଶିଷ୍ଟ ସଦନର ଜଣେ ସଭ୍ୟ ଥିଲେ । ସେ ଭ୍ରାନ୍ତ ଯୁକ୍ତିକାରୀମାନଙ୍କୁ ବିରୋଧ ଏବଂ ସମାଲୋଚନା କରିଥିଲେ, ତେଣୁ ସରକାର ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ସେ ଚିରନ୍ତନ ସତ୍ୟ ଏବଂ ଜ୍ଞାନ ଉପରେ ବିଶ୍ୱାସ କରୁଥିଲେ । ତାଙ୍କ ମତରେ ପ୍ରତ୍ୟେକ ମଣିଷ ତା'ର ଗୁଣକର୍ମ ଓ ପ୍ରକୃତି (ଚରିତ୍ର) ଅନୁଯାୟୀ ଚିହ୍ନିତ ହୁଏ ।

ପ୍ଲାଟୋ

ସକ୍ରେଟିସ୍‌ଙ୍କ ଶିଷ୍ୟ ପ୍ଲାଟୋ (ଖ୍ରୀ.ପୂ. ୪୨୭-୩୪୭) ଏଥେନ୍‌ସରେ ଜନ୍ମଗ୍ରହଣ କରିଥିଲେ ଏବଂ ୮୧ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ସେ ଅନେକଗୁଡ଼ିଏ ଦାର୍ଶନିକ ପୁସ୍ତକ ରଚନା କରିଥିଲେ । ଅନ୍ୟମାନଙ୍କୁ ନିଜର ବିଚାରଧାରା ସମ୍ବନ୍ଧରେ ଶିକ୍ଷା ଦେବାପାଇଁ ଏଥେନ୍‌ସ ବାହାରେ ଏକ ଅନୁଷ୍ଠାନ ଖୋଲିଥିଲେ । ସେ ଜଣେ ପ୍ରୋତ୍ସାହନଦାତା ଶିକ୍ଷକ ରୂପରେ ଖ୍ୟାତି ଅର୍ଜନ କରିଥିଲେ । ଶିକ୍ଷାଦାନ ପାଇଁ ସୁନ୍ଦର ଗୀତିଛନ୍ଦ ଏବଂ ପ୍ରଦର୍ଶନ ପାଇଁ ଅଭିନୟର ଉପଯୋଗ କରୁଥିଲେ । ତାଙ୍କ ଲେଖାଗୁଡ଼ିକ ସୈଦ୍ଧାନ୍ତିକ ଏବଂ ସତ୍ୟ ଉପରେ ଆଧାରିତ ଥିଲା । ତାଙ୍କ ଦର୍ଶନର ମୂଳମନ୍ତ୍ର ଥିଲା ବସ୍ତୁ, ବିଚାର ଏବଂ ଭଗବାନ୍ । ତାଙ୍କ ମତରେ ଭୌତିକ ପଦାର୍ଥ (ବସ୍ତୁ) ଭଗବାନ୍‌ଙ୍କ ପରି ଚିରନ୍ତନ ଅଟେ । ଭଗବାନ୍ ଭୌତିକ ପଦାର୍ଥରୁ ସମସ୍ତ ସ୍ଥାବର ଜଙ୍ଗମର ସୃଷ୍ଟି କରିଛନ୍ତି । ସେ କର୍ମର ମୂଲ୍ୟ ଏବଂ ତା'ର ଚିରନ୍ତନ ଗୁଣବତ୍ତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ତାଙ୍କ ମତରେ ଆତ୍ମା ହେଉଛି ଭୌତିକ ଜଗତର ସମସ୍ତ ଜିନିଷର ମୌଳିକ ଉପାଦାନ । ସେ କହିଥିଲେ ଯେ, ସମାଜ ଜଣେ ଦାର୍ଶନିକ ରାଜାଙ୍କ ଦ୍ୱାରା ଶାସିତ ହେବା ଉଚିତ, କାରଣ ସେ ସଠିକ୍ ମାର୍ଗ ଦର୍ଶନ କରିପାରିବେ । ଜଣେ ସ୍ୱାଧୀନ ମଣିଷ ମଧ୍ୟ ଜ୍ଞାନ ଆହରଣ କ୍ଷେତ୍ରରେ ସ୍ୱାଧୀନ ନୁହେଁ । ବାଧ୍ୟତାମୂଳକ ଭାବରେ ଆହରଣ କରାଯାଇଥିବା ଜ୍ଞାନକୁ ମସ୍ତିଷ୍କ ଗ୍ରହଣ କରିପାରେ ନାହିଁ । ପ୍ଲାଟୋଙ୍କୁ ସତ୍ୟଯୁଗର ସୃଷ୍ଟିକର୍ତ୍ତା ବୋଲି ମଧ୍ୟ କୁହାଯାଏ । ସେ ପ୍ରଥମେ ଆଦର୍ଶବାଦୀ ଗଣତନ୍ତ୍ର ରାଜ୍ୟର ନୀତିନିୟମ ସମ୍ବନ୍ଧରେ ଘୋଷଣା କରିଥିଲେ ।

ଆରିଷ୍ଟୋଟଲ

ପ୍ଲାଟୋଙ୍କ ଶିଷ୍ୟ ଆରିଷ୍ଟୋଟଲ୍ (ଖ୍ରୀ.ପୂ. ୩୮୪-୩୨୨) ଖ୍ରୀ.ପୂ. ୩୮୪ରେ ଜନ୍ମଗ୍ରହଣ କରିଥିଲେ । ଖ୍ରୀ.ପୂ. ୩୪୩ରେ ସେ ଆଲେକଜାଣ୍ଡରଙ୍କ ଶିକ୍ଷକ ହୋଇଥିଲେ । ତା'ପରେ ସେ ମାସିଡୋନିଆରୁ ଏଥେନ୍‌ସକୁ ଚାଲିଆସି ଲିସେଅମ୍‌ନାମକ ନିଜସ୍ୱ ଅନୁଷ୍ଠାନ ଗଢ଼ିଥିଲେ । ବିଶ୍ୱାସ ଅଥବା ଧାରଣାକୁ ସେ ସମଗ୍ର ସଂସାରର ସୃଷ୍ଟିକର୍ତ୍ତା ରୂପରେ ଗ୍ରହଣ କରିଥିଲେ । ସେ ବାସ୍ତବ ଜଗତ ଏବଂ ଆତ୍ମାକୁ ସମାନ ଗୁରୁତ୍ୱ ଦେଉଥିଲେ । ସେ କିନ୍ତୁ ତାଙ୍କ ଗୁରୁଙ୍କ ପ୍ରଣୀତ ବୌଦ୍ଧିକ ଜଗତର ଦିଗ୍‌ବଳୟରେ ନିଜକୁ ସୀମିତ କରି ରଖିନଥିଲେ । ତାଙ୍କ ତାତ୍ତ୍ୱିକ ଏବଂ ଗୂଢ଼ ଦର୍ଶନର ଫଳ ଥିଲା ତାଙ୍କ ଲିଖିତ ପୁସ୍ତକ ''ହିଷ୍ଟୋରି ଅଫ ଆନିମଲସ୍'' । ତାଙ୍କ ଦ୍ୱାରା ପ୍ରଣୀତ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଦୀର୍ଘ ୨୦୦୦ ବର୍ଷଧରି ଶିକ୍ଷା ଜଗତରେ ପ୍ରଭାବ ବିସ୍ତାର କରିପାରିଥିଲା ।

ସକ୍ରେଟିସ୍‌ଙ୍କଠାରୁ ଆରିଷ୍ଟୋଟଲ୍‌ଙ୍କ ମୃତ୍ୟୁପର୍ଯ୍ୟନ୍ତ ମହାନ୍ ଚିନ୍ତନଶୀଳ ବ୍ୟକ୍ତିଙ୍କ ଯୁଗ ଥିଲା । ହେଲ୍ଲେନୀୟ ଯୁଗରେ ଲୋକେ ସେମାନଙ୍କ ସଂପତ୍ତି ପ୍ରତି ସଚେତନ ଥିଲେ । ସେମାନେ କୌଣସି ଏକ ଅଦେଖା ଅଜଣା ବିଚାରଧାରା ପରିବର୍ତ୍ତେ ନିଜସ୍ୱ ସଂପତ୍ତିକୁ ରାଜା କିମ୍ବା ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ବିଶେଷ ଆଗ୍ରହୀ ଥିଲେ ।

ଏତଦ୍‌ବ୍ୟତୀତ ଗ୍ରୀସ୍‌ର ଅନ୍ୟାନ୍ୟ ଦାର୍ଶନିକ ହେଉଛନ୍ତି ଏପିକ୍ୟୁରସ୍, ଯିଏକି କହିଥିଲେ ଯେ, ବନ୍ଧୁତ୍ୱ ହେଉଛି ଜୀବନର ସର୍ବଶ୍ରେଷ୍ଠ ସତ୍ୟ । ରାଜ୍ୟ ମଣିଷ ପାଇଁ ନିର୍ମିତ ହୋଇଛି; ହେଲେ ମଣିଷ ରାଜ୍ୟପାଇଁ ନୁହେଁ । ଯେନୋ (ଖ୍ରୀ.ପୂ. ୩୫୦-୨୬୦) ଥିଲେ ଭ୍ରାନ୍ତ ଯୁକ୍ତିବାଦୀ ଏବଂ ଷ୍ଟୋଇସୀୟ ମତବାଦର ପ୍ରବକ୍ତା । ଷ୍ଟୋଇସୀୟମାନେ ବସ୍ତୁବାଦୀ, ନୈରାଶ୍ୟବାଦୀ ଏବଂ ସ୍ୱତଃପ୍ରବୃତ୍ତ ଭାବରେ ଯନ୍ତ୍ରଣାଭୋଗୀ ଥିଲେ । ସେ ବିଶ୍ୱଭ୍ରାତୃତ୍ୱ ସମ୍ବନ୍ଧରେ ଶିକ୍ଷା ଦେଉଥିଲେ । ତାଙ୍କ ମତରେ ସାରା ବିଶ୍ୱବ୍ରହ୍ମାଣ୍ଡ ମୌଳିକ ରୂପରେ ସୁନ୍ଦର ଅଟେ । ମଣିଷ ଏକ କ୍ଷୁଦ୍ର ବ୍ରହ୍ମାଣ୍ଡ, ତେଣୁ ଏହି ମହାନ୍ ବ୍ରହ୍ମାଣ୍ଡରେ ସେମାନେ ସୁଖ, ଶାନ୍ତି, ମୈତ୍ରୀ ଏବଂ ଭ୍ରାତୃଭାବରେ ରହିବା ଉଚିତ ଅଟେ । ସିନିକ୍ସ ଥିଲେ ଅନ୍ୟ ଜଣେ ଦାର୍ଶନିକ । ସେ ସାମାଜିକ ପ୍ରଥାକୁ ରଦ୍ଦକରି ଅନେକ ନୀତିନିୟମ ପ୍ରଣୟନ କରିଥିଲେ । ସେ ପ୍ରକୃତିକୁ ପୁନଃ ପ୍ରତ୍ୟାବର୍ତ୍ତନ ସପକ୍ଷରେ ମତ ଦେଇଥିଲେ । ତାଙ୍କ ମତରେ ଜୀବନ ହେଉଛି ସାଧୁତା ଅଥବା ବିଶ୍ୱସନୀୟତା, ସାଧୁତା ହିଁ ଜ୍ଞାନ ଏବଂ ଜ୍ଞାନ ନିଜ ସହ ନିଜେ ହିଁ ସଂପର୍କିତ ଅଟେ ।

ଗ୍ରୀସ୍‌ର ଦାର୍ଶନିକମାନଙ୍କର ଲକ୍ଷ୍ୟ ଥିଲା ମଣିଷ ଏବଂ ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତି ଏବଂ ଲକ୍ଷ୍ୟସ୍ଥଳର ବ୍ୟାଖ୍ୟା କରିବା । ସେମାନେ ଭଗବାନ୍‌ଙ୍କ ଅସ୍ତିତ୍ୱ ଏବଂ ଭଗବତ୍ ସତ୍ତାକୁ ପ୍ରତିଷ୍ଠିତ କରିପାରିଥିଲେ । ସେମାନଙ୍କ ବିଶ୍ୱାସ ଅନୁଯାୟୀ ଭଗବାନ୍ ସର୍ବତ୍ର ବିଦ୍ୟମାନ ଅଛନ୍ତି ତଥା ସର୍ବବ୍ୟାପୀ ଅଟନ୍ତି । ଆତ୍ମାର ସ୍ୱରୂପ ଓ ପ୍ରକୃତି ସମ୍ବନ୍ଧରେ ସେମାନଙ୍କ ବିଶ୍ୱାସ ଅଟେ ଯେ, ଆତ୍ମାର ଏକ ଅତୀତ, ଏକ ବର୍ତ୍ତମାନ ଏବଂ ଏକ ଭବିଷ୍ୟତ ରହିଛି । ସତ୍ୟ ଏବଂ ସୌନ୍ଦର୍ଯ୍ୟ ସେମାନଙ୍କ ପକ୍ଷେ ଆଶ୍ଚର୍ଯ୍ୟଜନକ ଏବଂ ମହତ୍ତ୍ୱପୂର୍ଣ୍ଣ ଥିଲା । ଏହାରି ମାଧ୍ୟମରେ ସେମାନେ ମଣିଷର ବୌଦ୍ଧିକ ବିକାଶ ଏବଂ ଜୀବନରେ ଘଟୁଥିବା ଅସଂଖ୍ୟ ସମସ୍ୟା ସହିତ ଯୁଦ୍ଧ କରିବା ପାଇଁ ଆତ୍ମଶକ୍ତି ସଂଚୟ ସମ୍ବନ୍ଧରେ ଶିକ୍ଷା ଦେଇଛନ୍ତି । ଗ୍ରୀସ୍‌ର ପରିପକ୍ୱ ଦାର୍ଶନିକ ଚିନ୍ତାଧାରା ହେଉଛି ମାନବ ସଭ୍ୟତା ପ୍ରତି ଯୁଗେ ଯୁଗେ ଏକ ମହାର୍ଘ ଅବଦାନ । ପୁନଶ୍ଚ ବିଜ୍ଞାନ ଏବଂ ନୈତିକତାର ଅଧ୍ୟୟନ ଓ ଶିକ୍ଷା ସମ୍ବନ୍ଧରେ ଏହାର ଯୋଗଦାନ ଅତୁଳନୀୟ ଅଟେ ।

ଆଦର୍ଶ ପ୍ରଶ୍ନାବଳୀ

ଶୂନ୍ୟସ୍ଥାନ ପୂରଣ କର ।

୧ । ପ୍ଲାଟୋଙ୍କ ଶିଷ୍ୟ ଆରିଷ୍ଟୋଟଲ ଖ୍ରୀ:ପୂ: ______ ରେ ଜନ୍ମଗ୍ରହଣ କରିଥିଲେ ।

୨ । ଗ୍ରୀସର ଐତିହାସିକ ଯେନେଫୋନଙ୍କ ଇତିହାସ ଗ୍ରନ୍ଥର ନାମ ______ ଅଟେ ।

୩ । ଗ୍ରୀସର କେତେକ ନଗର ରାଜ୍ୟକୁ ନେଇ ______ ଏକ ଶାଶ୍ୱତ ହେଲ୍ଲେନୀୟ ରାଷ୍ଟ୍ରସଂଘ ଗଠନ କରିଥିଲେ ।

୪ । ସୋଲୋନ ଖ୍ରୀ:ପୂ: ______ ରେ ଏଥେନ୍‌ସର ଆର୍କନ୍ ଭାବରେ ନିର୍ବାଚିତ ହୋଇଥିଲେ ।

୫ । ପ୍ରାଚୀନ ଗ୍ରୀସ୍‌ର ସ୍ଥାପତ୍ୟ କଳା ______ ଶୈଳୀ ବିଶିଷ୍ଟ ଥିଲା ।

ଉତ୍ତରମାଳା

(୧) ୩୮୪, (୨) ଆନାବାସିସ୍, (୩) ଫିଲିପ୍, (୪) ୫୯୪, (୫) ଚାରୋଟି ।

ଏକପଦ ଉତ୍ତରମୂଳକ ପ୍ରଶ୍ନୋତ୍ତର ।

୧ । ପ୍ରାଚୀନ ଗ୍ରୀସ୍‌ର ପରିଧି କେତେ ବର୍ଗ କି.ମି. ଥିଲା ?

୨ । ଗ୍ରୀସ୍‌ରେ ବିଭିନ୍ନ ସଂପ୍ରଦାୟର ମିଶ୍ରଣର ଫଳସ୍ୱରୂପ କେଉଁପରି ସମାଜ ଗଢ଼ି ଉଠିଥିଲା ?

୩ । ଗ୍ରୀସ୍‌ର ପ୍ରାକ୍-ଐତିହାସିକ ସଭ୍ୟତା ପ୍ରାୟ ଖ୍ରୀ:ପୂ: ୩୦୦୦ରେ କେଉଁ ନଗରୀଠାରୁ ଉତ୍ପତ୍ତି ହୋଇଥିଲା ?

୪ । ମିନୋଆନୀୟ-ମୈସେନୀୟ ସଭ୍ୟତାରେ ରାଜାଙ୍କୁ କ'ଣ କୁହାଯାଉଥିଲା ?

୫ । ଡୋରୀୟ ସଭ୍ୟତାରେ ରାଜାଙ୍କୁ ପ୍ରଶାସନିକ ଉପଦେଶ ଦେବାପାଇଁ କେଉଁମାନଙ୍କୁ ନେଇ ଏକ ପରିଷଦ ଗଠନ କରାଯାଇଥିଲା ?

୬ । ଗ୍ରୀସ୍‌ରେ ଅଲିମ୍ପିକ୍ ଖେଳ ପ୍ରତିଯୋଗିତା କେତେ ବର୍ଷରେ ଥରେ ଲେଖାଏଁ ଅନୁଷ୍ଠିତ ହେଉଥିଲା ?

୭ । ଗ୍ରୀସ୍ ଗଣତନ୍ତ୍ରର ଜନକ କିଏ ଥିଲେ ?

୮ । ସ୍ପାର୍ଟାରେ କେଉଁ ପ୍ରକାର ଶାସନ ପ୍ରତିଷ୍ଠିତ ଥିଲା ?

୯ । କେଉଁ ନଗର-ରାଜ୍ୟ ଏକ ସାମରିକ ଛାଉଣୀ ଥିଲା ?

୧୦ । ବିଶ୍ୱବିଜୟୀ ବୀର ଆଲେକ୍‌ଜାଣ୍ଡରଙ୍କ ଶିକ୍ଷକ କିଏ ଥିଲେ ?

୧୧ । ଏଥେନ୍‌ସ ଦୁର୍ଗ ମଧ୍ୟରେ କେଉଁ ସୁପ୍ରସିଦ୍ଧ ମନ୍ଦିର ରହିଥିଲା ?

୧୨ । ଗ୍ରୀସ୍‌ର କେଉଁ କବି (ଖ୍ରୀ:ପୂ: ୭ମ ଶତାବ୍ଦୀ) ସଙ୍ଗୀତ ରଚନା କରି ହେକ୍ସାମିଟରଠାରେ ଗାୟନ କରିଥିଲେ ?

୧୩ । କେଉଁଥିପାଇଁ ଗ୍ରୀସ୍‌ର ସାହିତ୍ୟ ପ୍ରସିଦ୍ଧ ଥିଲା ?

୧୪ । ଦର୍ଶନଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଗ୍ରୀସ୍‌ର ବୈଜ୍ଞାନିକମାନେ ପ୍ରୟୋଗ କରିଥିବା ପ୍ରଥମ ବିଜ୍ଞାନ କ'ଣ ଥିଲା ?

୧୫ । ଗ୍ରୀସ୍‌ର କେଉଁମାନେ ଭଗବାନ୍‌ଙ୍କ ଅସ୍ତିତ୍ୱ ଓ ଭଗବତ୍ ସତ୍ତାକୁ ପ୍ରତିଷ୍ଠିତ କରିପାରିଥିଲେ ?

ଉତ୍ତରମାଳା

(୧) ୨୫୦୦୦, (୨) ସଂଯୁକ୍ତ, (୩) କ୍ରେଟ, (୪) ମିନୋସ୍, (୫) ସମ୍ଭ୍ରାନ୍ତମାନଙ୍କୁ, (୬) ଚାରି, (୭) କ୍ଲେଇସ୍‌ଥେନିସ୍, (୮) ଏକଛତ୍ରବାଦୀ ରାଜତନ୍ତ୍ର, (୯) ସ୍ପାର୍ଟା, (୧୦) ଆରିଷ୍ଟୋଟଲ୍, (୧୧) ପାର୍ଥେନନ୍, (୧୨) ହୋମର୍, (୧୩) ବିୟୋଗାନ୍ତକ ନାଟକ, (୧୪) ଜ୍ୟାମିତି, (୧୫) ଦାର୍ଶନିକମାନେ ।

ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଦିଅ ।

୧ । ଗ୍ରୀସ୍‌ରେ ବାସ କରୁଥିବା ଭିନ୍ନ ଭିନ୍ନ ସଂପ୍ରଦାୟଙ୍କ ମଧ୍ୟରେ ସମନ୍ୱୟ କିପରି ଥିଲା ?

୨ । ଗ୍ରୀକ୍ ସାହିତ୍ୟ ଇଲିଆଦ ଏବଂ ଓଡିସେରେ କେଉଁ ନଗରୀକୁ ଧ୍ୱଂସ କରାଯାଇଥିବା ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି ? ବିଜୟୀମାନେ ପରାଜିତ ପ୍ରଜାଙ୍କୁ କିପରି ଅତ୍ୟାଚାର କରିଥିଲେ ?

୩ । ଡୋରୀୟମାନେ କେଉଁ ସମ୍ପ୍ରଦାୟ ଥିଲେ ଏବଂ କେଉଁ ପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ ?

୩ । ଡୋରୀୟ ସଭ୍ୟତାରେ ସାମନ୍ତମାନଙ୍କ କ୍ଷମତା ସମ୍ବନ୍ଧରେ ଲେଖ ।

୫ । ଐତିହାସିକ ଗ୍ରୀକ୍ ସଭ୍ୟତା ସମୟରେ ଭୂମଧ୍ୟସାଗରର ପଶ୍ଚିମାଞ୍ଚଳରେ ରହୁଥିବା ବ୍ୟବସାୟୀମାନେ କେଉଁସବୁ ସାମଗ୍ରୀ ରପ୍ତାନୀ ଓ ଆମଦାନୀ କରୁଥିଲେ ?

୬। ସ୍ପାର୍ଟାର ସମାଜ ବ୍ୟବସ୍ଥାରେ ପ୍ରଶାସନ ସର୍ବଦା ନାଗରିକଙ୍କଠାରୁ କ'ଣ ଆଶା କରୁଥିଲା ?
୭। ଗ୍ରୀକ୍ ନଗର-ରାଜ୍ୟର ପତନ କିପରି ଭାବରେ ହୋଇଥିଲା ?
୮। ପ୍ରାଚୀନ ଗ୍ରୀସ୍‌ର ସ୍ଥାପତ୍ୟ ସମ୍ବନ୍ଧରେ ଲେଖ।
୯। ପ୍ରାଚୀନ ଗ୍ରୀସ୍‌ର ପୁରାଣର ମହନୀୟତା ପ୍ରତିପାଦନ କର।
୧୦। ସ୍ପାର୍ଟାର ପାରିବାରିକ ଜୀବନ ବୋଲି କିଛି ନଥିଲା– ଏହାର ତାତ୍ପର୍ଯ୍ୟ ପ୍ରତିପାଦନ କର।

ଛଅଟି ବାକ୍ୟରେ ଉତ୍ତର ଲେଖ (୭୫ ଶବ୍ଦ ମଧ୍ୟରେ) ।

୧। ଲୌହଯୁଗରେ ପ୍ରାଥମିକ ପର୍ଯ୍ୟାୟର ଡୋରୀୟ ସଭ୍ୟତା ସମ୍ବନ୍ଧରେ ବର୍ଣ୍ଣନା କର।
୨। ନଗର-ରାଜ୍ୟଗୁଡ଼ିକର ଅର୍ଥନୀତି କିପରି ଥିଲା ?
୩। ନଗର-ରାଜ୍ୟଗୁଡ଼ିକରେ ନାଗରିକମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଉଲ୍ଲେଖ କର।
୪। ସ୍ପାର୍ଟାର ସମାଜ ବ୍ୟବସ୍ଥା କିପରି ଥିଲା ?
୫। ପ୍ରାଚୀନ ଗ୍ରୀସ୍‌ରେ ସାହିତ୍ୟିକ ବିକାଶର ଅବତାରଣା କର।
୬। ଏଥେନ୍‌ସ ଓ ସ୍ପାର୍ଟାର ଦେବଦେବୀମାନଙ୍କ ସମ୍ବନ୍ଧରେ ଲେଖ।
୭। ଗ୍ରୀସ୍‌ର ଧର୍ମ ଓ ଦର୍ଶନ ସମ୍ବନ୍ଧରେ ବର୍ଣ୍ଣନା କର।
୮। ପାରସ୍ୟର ଏଥେନ୍‌ସ ଆକ୍ରମଣ ସମ୍ବନ୍ଧରେ ଉଲ୍ଲେଖ କର।
୯। ଗ୍ରୀସ୍‌ର ନଗର-ରାଜ୍ୟ ସମ୍ବନ୍ଧରେ ଟିପ୍ପଣୀ ପ୍ରଦାନ କର।
୧୦। ପେରିକ୍ଲିସ ଯୁଗ ସମ୍ବନ୍ଧରେ ବର୍ଣ୍ଣନା କର।

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (୫୦୦ ଶବ୍ଦ ମଧ୍ୟରେ) ।

୧। ପ୍ରାଚୀନ ଗ୍ରୀସ୍‌ର ରାଜନୀତି ଓ ଅର୍ଥନୀତିର ସ୍ୱରୂପ ଚିତ୍ରଣ କର।
୨। ଡୋରୀୟ ନଗର-ରାଜ୍ୟର ସଭ୍ୟତା ସମ୍ବନ୍ଧରେ ଆଲୋଚନା କର।
୩। ଏଥେନ୍‌ସ ଏବଂ ସ୍ପାର୍ଟା ନଗର-ରାଜ୍ୟଦ୍ୱୟ ସମ୍ବନ୍ଧରେ ଏକ ଆଲେଖ୍ୟ ପ୍ରସ୍ତୁତ କର।
୪। ପ୍ରାଚୀନ ଗ୍ରୀସ୍‌ରେ ବିକଶିତ ସଂସ୍କୃତି ସମ୍ବନ୍ଧରେ ଆଲୋଚନା କର।

●